ପ୍ରଥମ ବର୍ଷ | ଆଷାଢ଼ ସଂଖ୍ୟା | ୧୩୩୩ ସାଲ




Digitized by srujanika@gmail.com

ଉତ୍କଳର ସୁବିଖ୍ୟାତ ଓ ବିଶ୍ୱାସୀ ସୁନାରୁପା ବ୍ୟବସାୟୀ




# ବାଉଚାନ୍ଦ ଏଣ୍ଡ କମ୍ପାନୀ ।



ନୟାସଡ଼କ—କଟକ





ସୁନା ରୂପାର ଯାବତୀୟ ଅଳଂକାର, ଜଡ଼ଉ, ପାଲିସ ଓ କଟକର ପ୍ରସିଦ୍ଧ ତାରକସୀ

କାମ ସୁଲଭ ମୂଲ୍ୟରେ ଏଠାରେ ସର୍ବଦା ପ୍ରସ୍ତୁତଥାଏ । ମୋଫସଲର ଅର୍ଡର

ଅତି ଯତ୍ନରେ ଓ ଶୀଘ୍ର ପ୍ରସ୍ତୁତ କରି ପଠାଯାଏ ।

ଗହଣା ପସନ୍ଦ ନୋହିଲେ ଫେରସ୍ତ ନେଉଁ, ଏହା ଆମ୍ଭ ଦୋକାନର ବିଶେଷତ୍ୱ ।



ଉତ୍କଳର ଅନେକ ରାଜା, ମହାରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରଶଂସାପ୍ରାପ୍ତ

ଏବଂ ଭାରତୀୟ ପ୍ରଦର୍ଶନୀମାନଙ୍କରୁ ସୁପାରସ ପ୍ରାପ୍ତ ।

ସଚିତ୍ର ମୂଲ୍ୟ ତାଲିକା ପାଇଁ ଶୀଘ୍ର ପତ୍ର ଲେଖନ୍ତୁ ।

ମୁଦ୍ରାକର—ଶ୍ରୀ ରାଜକିଶୋର ମହାନ୍ତି
କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ
[illegible]

ପ୍ରକାଶକ—ଶ୍ରୀ [illegible] ମହାନ୍ତି
ବାରୁଣୀମନ୍ଦିର, ବାଙ୍କାବଜାର
[illegible]

Digitized by srujanika@gmail.com

# ଏ, ସୋମଶେଖରମ୍

ଏଣ୍ଡ ସନ୍ସ

ଚୌଧୁରୀବଜାର—କଟକ ।

ଦେଶୀଲୁଗା ବିକ୍ରେତା ଓ ପ୍ରସ୍ତୁତକାରକ, ମାନ୍ଦ୍ରାଜ, ସେଲମ୍, ଓଗାଣ୍ଡ, ମଦୁରା, ଗୋଦାବରୀ, ବ୍ରହ୍ମପୁର ଧୋତି ଯୋଡ଼, ଶାଢ଼ୀମାନ ଅନ୍ୟ କେଉଁଠି ଏତେ ଶସ୍ତା ଓ ସୁବିଧାରେ ମିଳେନାହିଁ । କାରଣ ଆମର ନିଜର କଳ କାରଖାନା ଅଛି ।

ଉତ୍କଳର ମହାରାଜା, ରାଜା, ଜମିଦାରମାନଙ୍କର ପାଟ ପଟଣୀ, ବନାତ, ଦୃଢ଼ ଆଦରରେ ଠିକାନେଇ ଆମ୍ଭେମାନେ ବହୁକାଳରୁ ପ୍ରଶଂସା ପାଇ ଆସୁଛୁଁ ।

## ଖଦଡ଼ ଶାଢ଼ୀ, ଧୋତି, ଚଦର, ଗାମୁଛା

ଆମ୍ଭ ଦୋକାନ ଭଳି କେଉଁଠି ଶସ୍ତା ମିଳେନାହିଁ । ମଫସଲର ଅର୍ଡ଼ରମାନ ଶୀଘ୍ର ଯତ୍ନରେ ପଠାଯାଉଥାଏ—ଥରେ ପରୀକ୍ଷା ପ୍ରାର୍ଥନୀୟ ।

---

କବିରାଜ ହରେକୃଷ୍ଣ ଦାସଙ୍କର

# ଆତୁର ସହାୟ ଔଷଧାଳୟ ।

ଚୌଧୁରୀବଜାର, କଟକ ।

ପ୍ରତ୍ୟକ୍ଷ ଫଳପ୍ରଦ ଶାସ୍ତ୍ରୀୟ ଔଷଧମାନ ପୂର୍ଣ୍ଣମାତ୍ରାରେ ଏବଂ ବିଶୁଦ୍ଧ ଭାବରେ ବାରମ୍ବାର ପ୍ରସ୍ତୁତ କରି ଆମ୍ଭ ଔଷଧମାନଙ୍କର ଯେ ପ୍ରକାର ବିଶିଷ୍ଟତା ଜନ୍ମିଅଛି ତାହା ଅନ୍ୟ କୁତ୍ରାପି ସୁଦୁର୍ଲ୍ଲଭ । ଅର୍ଥାତ୍ ଆତୁର ସହାୟ ଔଷଧାଳୟର ଔଷଧ ପ୍ରସ୍ତୁତ ପ୍ରଣାଳୀ, ପାକ ପ୍ରଣାଳୀ, ଆସ୍ୱାଦନ ବିଶିଷ୍ଟତା ଓ ଉପକାରିତା ଅନନ୍ୟସାଧାରଣ ।

# ମ୍ୟାଲେରିୟାର ସର୍ବଶ୍ରେଷ୍ଠ ଔଷଧ

ଯକୃତ୍ ଓ ପ୍ଲୀହା ସଂଯୁକ୍ତ ସର୍ବପ୍ରକାର ଜ୍ୱର, ଏ ଛଡ଼ା ଚରକ ଓ ସୁଶ୍ରୁତ ଶାସ୍ତ୍ରାନୁମୋଦିତ ସର୍ବବିଧ ରସ, ମୋଦକ, ବଟିକା ଅବଲେହ ଓ ପ୍ରାସ୍ୱାଦ ସର୍ବଦା ଅତି ସୁଲଭ ମୂଲ୍ୟରେ ଆମ୍ଭଠାରେ ବିକ୍ରୟପାଇଁ ବହୁଳ ପରିମାଣରେ ପ୍ରସ୍ତୁତ ଥାଏ ।

ଥରେ ପରୀକ୍ଷା ପ୍ରାର୍ଥନୀୟ ।

Digitized by srujanika@gmail.com

## ବିଷୟ ସୂଚୀ ।


୧ । ଋକ୍ ବେଦରେ ଆର୍ଯ୍ୟ—
ଶ୍ରୀ ଲକ୍ଷ୍ମୀକାନ୍ତ କେଶରୀ ଏମ୍, ଏ ୨୯୧

୨ । ବର୍ଷା (ପଦ୍ୟ)—
ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ ୨୯୬

୩ । ପ୍ରତିମା ବିସର୍ଜନ (ଗଳ୍ପ)—
ଶ୍ରୀ ଜଗନ୍ନାଥ ଦାସ ଏମ୍, ଏ ୨୯୮

୪ । ରାଜଗୃହ—ଶ୍ରୀ ଗୋପାଳଚନ୍ଦ୍ର ଦାସ ୩୦୪

୫ । କୋଣାର୍କ (ପଦ୍ୟ)—ଶ୍ରୀ— ୩୦୯

୬ । ସନ୍ତୋଷ—ଶ୍ରୀ ରତ୍ନାକର ପତି ଏମ, ଏ ୩୧୧

୭ । ସୌନ୍ଦର୍ଯ୍ୟର ଅପମାନ (ପଦ୍ୟ)—
ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି, ଏଲ୍ ୩୧୬

୮ । ବିଶ୍ୱ ବୈଚିତ୍ର୍ୟ—
ନକ୍ଷତ୍ରପାତ ବା ଉଲ୍କା—
ଶ୍ରୀ ରାଜକିଶୋର ମହାନ୍ତି ୩୧୭

୯ । ପ୍ରାଚୀନ ସାହିତ୍ୟରେ ବୌଦ୍ଧଙ୍କ ପ୍ରଭାବ—
ଶ୍ରୀ ନିମାଇଚରଣ ଦାସ ଏମ୍ ଏ ୩୨୦

୧୦ । ବୈଶାଖ ଷଷ୍ଠୀ (ପଦ୍ୟ)—
ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ, ୩୨୪

୧୧ । ଦରିଆ ପାରି—
ବିଚିତ୍ର ଜାପାନ—ଶ୍ରୀ ବଂଶୀଧର ଦାସ ବି, ଏ ୩୨୫

୧୨ । ଶେଷ ଆଶ୍ରୟ (ଗଳ୍ପ)—
ଶ୍ରୀ ରେବତୀରଞ୍ଜନ ମୁଖୋପାଧ୍ୟାୟ ବି, ଏ ୩୩୬

୧୩ । ଧର୍ମପନ୍ଥା—
ପୁରାଣ ବିଜ୍ଞାନ—ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ ୩୩୯

୧୪ । ମଣି ଅପହରଣ—
୧ । ଶ୍ରୀ ନବଘନ ଚଉତିଶା—
୰ ଭକ୍ତ କବି ଦୀନକୃଷ୍ଣ ଦାସ ୩୪୨

୨ । ଦାକ୍ଷିଣାତ୍ୟରେ ଓଡିଆ ଶକ୍ତିର
ଉତ୍ଥାନ ଓ ପତନ—ଶ୍ରୀ ବ୍ରଜବନ୍ଧୁ ଦାସ
ଏମ, ଏ, ବି, ଏଲ୍ ୩୪୭

୧୫ । ବିଡ଼ମ୍ବନା (ଉପନ୍ୟାସ)
ଶ୍ରୀ ବୈଷ୍ଣବଚରଣ ଦାସ ଏମ୍, ଏ ୩୫୬

୧୬ । ପ୍ରାଚୀନ ଭାରତରେ ରସାୟନ ଚର୍ଚ୍ଚା—
ଶ୍ରୀ ପଦ୍ମାନନ୍ଦ ମହାନ୍ତି ବି, ଏ ୩୫୯

୧୭ । ଚଣ୍ଡୀରାକ (ପଦ୍ୟ)
ଶ୍ରୀ ଜଗଦାନନ୍ଦ ମହାନ୍ତି ବି, ଏ ୩୬୨

୧୮ । କାଚ ଓ କାଞ୍ଚନ
୧ । ଲଘୁ—ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ
୩୬୩

୨ । ଖଣ୍ଡର ଗୁଡ଼—ଶ୍ରୀ ଜଗନ୍ନାଥ ଦାସ
ଏମ୍, ଏ ୩୩୬

୩ । ଶିଳ୍ପ ସଂକେତ— ୩୬୮

୧୯ । ମୃତ (ପଦ୍ୟ) ଶ୍ରୀ ବୈଷ୍ଣବଚରଣ ଦାସ ଏମ୍, ଏ
୩୬୮

୨୦ । ରଙ୍ଗମଂଚ—
ସିଦ୍ଧାର୍ଥ—ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ ୩୬୯

୨୧ । ପ୍ରତିବିମ୍ବ—
୧ । ପୃଥିବୀର ସର୍ବାପେକ୍ଷା ବୃହତ୍ତମ
ସୂର୍ଯ୍ୟଘଡ଼ି ୩୭୫


Digitized by srujanika@gmail.com

## ବିଷୟ ସୂଚୀ ।


୨ । ଅନେକ ଚିନ୍ତା— ୩୭୫

୩ । ଆଲୋକଚିତ୍ର ଓ ଧାତବ ଅକ୍ଷରର ବିଲୋପ–– ୩୭୬

୪ । ଅଦ୍ଭୁତକାୟ୍ୟ ପୁଷ୍ପ ୩୭୭

୨୨ । ଲଘୁ ସାହିତ୍ୟ ଓ ଉପନ୍ୟାସ— ଶ୍ରୀ ଜାତଶତ୍ରୁ ୩୭୮

୨୩ । ମଲ୍ଲ-ଜଙ୍ଘ (ଉପନ୍ୟାସ)—ଶ୍ରୀ ଉପେନ୍ଦ୍ରକିଶୋର ଦାସ ୩୮୨

୨୪ । ସଂସ୍କାର ଓ ଅନୁଶୀଳନ—ଶ୍ରୀ ନୃସିଂହଚରଣ ମହାନ୍ତି ୩୯୪


## ଚିତ୍ର ସୂଚୀ ।


୨୫ । ମନ୍ଦୁରଥା (ଗଳ୍ପ)—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି.ଏ. ୩୯୭

୨୬ । ବିଦ୍ୱନ୍ମନ୍ଥ—

ଜିଜ୍ଞାସା— ୪୦୨

ମୀମାଂସା— ୪୦୩

୨୭ । ବୁଢ଼ୀଆଣି ଜାଲ—

୨୮ । ସମାଲୋଚନା ପ୍ରବନ୍ଧ — ଶ୍ରୀ ଶଶିଭୂଷଣ ରାୟ ୪୦୫

୨୯ । ପୁସ୍ତକ ପରିଚୟ— ୪୧୧

୩୦ । ସଂକଳନ— ୪୧୨

୩୧ । ଶେଷ ସାଥୀ (କ୍ଷୁଦ୍ରଗଳ୍ପ) ଶ୍ରୀ— ୪୧୩

୩୨ । ଚିତ୍ରପରିଚୟ— ୪୧୪


## ଚିତ୍ର


ତ୍ରିବର୍ଣ୍ଣ ଚିତ୍ର—

୧ । ଶିବପୂଜା —

ଏକବର୍ଣ୍ଣ ଚିତ୍ର—

୨ । ବୈଭାରଗିରି ଓ ତଦୁପରିସ୍ଥ ମନ୍ଦିର— ୩୦୫

୩ । ଚତୁର୍ମୁଖ ଶିବ ( ରାଜଗୃହ ) — ୩୦୭

୪ । ସୁନାଭଣ୍ଡାର ଗୁମ୍ଫା — ୩୦୭

୫ । ଫୁଜି ପର୍ବତ — ୩୨୬

୬ । ଜାପାନୀ ଚିନୋୟବ — ୩୨୮

୭ । ସ୍ୱଦେଶୀ ପୋଷାକରେ ଜାପାନୀ ତରୁଣୀ — ୩୨୯

୮ । ଜାପାନୀ କୃଷକ — ୩୩୦

୯ । ମନ୍ଦିର ପଥେ ଜାପାନୀ ତରୁଣୀ — ୩୩୧

୧୦ । ପ୍ରସାଧନ — ୩.୩୮

୧୧ । ପୃଥିବୀର ବୃହତ୍ତମ ସୂର୍ଯ୍ୟଘଡ଼ି — ୩୭୫

୧୨ । ମି, ଫିନ୍‌ସେନ୍ ଅଲୋକ··· ୩୭୬

୧୩ । ଆଲୋକଚିତ୍ର ସାହାଯ୍ୟରେ ମୁଦ୍ରଣ — ୩୭୬


୧୪ । ସୁମାତ୍ରାର ଅଦ୍ଭୁତକାୟ୍ୟପୁଷ୍ପ — ୩୭୭


Digitized by srujanika@gmail.com

# THE SUN OPTICAL Co.

## Opthalmic opticians and Dealers in all sorts of optical and scientfic instruments.

24 1 CORNWALIS STREET, CALCUTTA.



**All requirements**

In Scientifically fit Smart Style Eyeglasses, Opera glasses, field glasses, microscopes, and other Scientific instruments.

**Are promptly supplied**

And we stand guarantee for the Scientific accuracy of Specified qualities of Goods made or supplied by us

**For the right thing at the right price Come to us.**

---

ଥରେ ପରୀକ୍ଷା ପ୍ରାର୍ଥନୀୟ ।

ଉତ୍କଳର ବନ୍ଧୁରାଜା ମହାରାଜାଙ୍କ ଠାରୁ ପ୍ରଶଂସାପତ୍ର ପ୍ରାପ୍ତ ଯାବତୀୟ ମନୋହାରୀ ଦ୍ରବ୍ୟର ବିକ୍ରେତା ଏବଂ His master's Voice Gramphone Company ର ଓଡ଼ିଶାରେ ଏକମାତ୍ର

ଏଜେଣ୍ଟ

# କେ, ବି, ମୁଖାର୍ଜି

ଚାନ୍ଦିବଜାର—କଟକ ଦୋକାନକୁ ଥରେ ଆସିଲେ ଆପଣଙ୍କର ଯାହା ଲୋଡ଼ା ତାହା ପାଇପାରିବେ ।

ସୁଗନ୍ଧ ଏସେନ୍ସ, ସାବୁନ, ବାସନାତେଲ, ସିରପ୍, ଗେଞ୍ଜି, କମ୍ଫର୍ଟ ବୁଣା ଉଲସୂତା ଇତ୍ୟାଦି—ଫାଉଣ୍ଟେନ୍ ପେନ୍, କଲମ, କାଳି ଆଉ କେତେ ଜିନିଷମାନ ମିଳେ । ବଜାରର ଦରଠାରୁ କିପରି ଶସ୍ତା ଓ ସୁବିଧା ଥରେ ଦେଖିଲେ ଜାଣିବେ । ମଫସଲର ଅର୍ଡ଼ରମାନ ସୁବିଧାରେ ପଠାଇ ଦିଆଯାଏ ।

ଗ୍ରାମଫୋନ ଏଠାରେ କଲିକତା ଦରରେ ମିଳେ ।

ଡାକନାମ—ମସ୍ତାନବାବୁ



Digitized by srujanika@gmail.com



ଶିବପୂଜା

ଚିତ୍ରକର—ଶ୍ରୀ ଗୋପାଳଚନ୍ଦ୍ର କାନନଗୋ

Digitized by srujanika@gmail.com





# ଋକ୍‌ବେଦର ଆର୍ଯ୍ୟ

ଶ୍ରୀ ଲକ୍ଷ୍ମୀକାନ୍ତ ଟେକଶସି

ସେ ଆଜ ଅନେକ ଦିନର କଥା । ଯେତେବେଳେ ହିମାଳୟର ତୁଷାର ସ୍ୱପ୍ନ ଭାଙ୍ଗି ନାହିଁ । ଗଙ୍ଗା ଯମୁନାର କୂଳେ କୂଳେ ଲକ୍ଷ ଲକ୍ଷ ଲୋକାଳୟର ସୃଷ୍ଟି ହୋଇନାହିଁ, ପରୀରାଜ୍ୟ କାଶ୍ମୀର ଖଣ୍ଡିଏ ଅନାବୃତ ସ୍ୱପ୍ନ ଛବିପରି ପଡିରହିଛି, ଅନନ୍ତ ଦେବଦାରୁ-ପଂକ୍ତିର ନିବିଡ ଛାୟା ତଳେ ତଳେ ସରସ୍ୱତୀ ପଞ୍ଚନଦ ସଙ୍ଗେ ବହିଯାଉଛି, ଶିବଙ୍କର 'ଦେବଦାରୁ-ଦ୍ରୁମ-ବେଦିକା' ବା ରାମଚନ୍ଦ୍ରଙ୍କର ପଞ୍ଚବଟୀର-ପର୍ଣ୍ଣକୁଟୀର ସେତେବେଳକୁ ସୃଷ୍ଟି ହୋଇନାହିଁ । ଖାଲି ଶତଦ୍ରୁଠାରୁ ସିନ୍ଧୁ ପର୍ଯ୍ୟନ୍ତ ଦିଗନ୍ତ-ବ୍ୟାପୀ ଅରଣ୍ୟାନୀ, ମହିମହିରେ କୃଷ୍ଣକାୟ ଅନାର୍ଯ୍ୟମାନଙ୍କର ବାସଭୂମି । ପୈଶାଚିକ-ଭାଷା, ପୈଶାଚିକ କାଣ୍ଡ ଗୁରଅଡ଼େ । ଦିନ ଆସେ; ଦିନ ଯାଏ । ତାରା ଫୁଟେ; 'ମେଘାଲୋକେ' ବନ ଥରଉଠେ । ବର୍ଷା ଶରତ ବସନ୍ତ ଯେନ ବରଷଟା ପାହିଯାଏ—ଯୋହି ଲକ୍ଷ୍ୟକରେ ନା । କେବଳ ଉଦର ପୂର୍ତ୍ତି, କେବଳ ବାସନାତୃପ୍ତି ! ଏହି ଦୁଇଟି କାର୍ଯ୍ୟରେ ଜୀବନଟା ପରିପୂର୍ଣ୍ଣ । ସେହି ଉଚ୍ଛୃଙ୍ଖଳ ଜୀବନର ବିଭତ୍ସଲୀଳା ଦେଖି ଦେଖି 'ସପ୍ତସିନ୍ଧୁ' ବହିଯାଏ, ଦେବଦାରୁବନ ଶିହରି ଉଠେ !

ସୁଦୂର ସିସ୍ତାନରେ ହେଲ୍‌ମଣ୍ଡ୍ ନଦୀ; କୂଳେ କୂଳେ ସୁନ୍ଦର ଗୋଲାପବନ । ବାଲିଶେଯରେ ନୀହାରଝର-ଜଳ ବହିଯାଏ, ସ୍ୱର୍ଣ୍ଣରେଣୁ ଢାଳି ଦେଇଯାଏ । ଆର୍ଯ୍ୟ କନ୍ୟାମାନେ ସକାଳେ ସନ୍ଧ୍ୟାବେଳେ ଜଳ ଆଣିବାକୁ ଯାଇ ସ୍ୱର୍ଣ୍ଣରେଣୁ ଖୁଣ୍ଟି ଆଣନ୍ତି । ସୂର୍ଯ୍ୟ ଅସ୍ତହେଲେ ମେଷ ଓ ଘୋଟକ ପଲ ଘେନି ପୁରୁଷମାନେ ଘରକୁ ଫେରନ୍ତି । କୁଟୀର-ଦୁଆର ମୁହଁରେ କାଠଗଦା କରି ଗୃହିଣୀ ଓ ଯୁବତୀ କନ୍ୟାମାନେ ନିଆଁ ଜାଳନ୍ତି । କିଏ ବସି ପଢ଼ି, ପିତା ବା ଭ୍ରାତାମାନଙ୍କର ପରିଚର୍ଯ୍ୟା କରେ । କିଏ ସେମାନଙ୍କର ଆଣିଥିବା ବନ୍ୟମାଂସ ସିଝାଇକରେ । ତାହା-

Digitized by srujanika@gmail.com

ପରେ ସମସ୍ତେ ବଣର ଫଳ ଓ ଉତ୍ତପ୍ତ ମାଂସ ଆହାର କରନ୍ତି; ନଦୀଜଳ ପାନକରନ୍ତି । ରାତିହେଲେ ଧୀରେ ଧୀରେ କୁଟୀରଗୁଡ଼ିକ ନିସ୍ତବ୍ଧ ହୋଇଯାଏ । ସ୍ୱରଅତେ଼ ଶୁଭୁଥାଏ କେବଳ ପଶୁପଲର ପାକୁଳ ଏବଂ ଜଗୁଆଳ କୁକୁରର ଭୌ ଭୌ ଶବ୍ଦ । ସମଦ୍ରରେ ବାଡ଼ବାଗ୍ନି ପରି ସେହି ନିଶାର ଅନ୍ଧକାରକୁ ଭେଦକରି ପ୍ରତି କୁଟୀରମୁଖରେ ଜଳୁଥାଏ ଖାଲି ଅଗ୍ନିର ଶିଖା ।

ଏହିପରି ଅନେକ ଦିନ ଗ୍ଭଲିଗଲା । ସିନ୍ଧୁନଦର ଅଧିତ୍ୟକା ଓ ଉକ୍ତର ଉପତ୍ୟକାରେ ଆଉ ସ୍ଥାନ ହେଲାନାହିଁ ଲୋକର ସଂଖ୍ୟା ଓ ପଶୁର ସଂଖ୍ୟା ବଢ଼ିବାକୁ ଲାଗିଲା । ଏକେତ ସଂକୀର୍ଣ୍ଣବାସ ବିଚରଣଶୀଳ ଜାତିମାନଙ୍କୁ ଭଲ ଲାଗେ ନାହିଁ, ତହିଁରେ ପୁଣି ଅଦମ-ଆର୍ଯ୍ୟ ମୁକ୍ତ ଆକାଶ, ମୁକ୍ତ ଆଲୋକ ଓ ବାୟୁର ବଡ଼ ବିଳାସୀ । ଦଳବୃଦ୍ଧି ଓ ସ୍ଥାନର ସଂକୀର୍ଣ୍ଣତାହେତୁ ରୋଗବୃଦ୍ଧି ହେବାକୁ ଲାଗିଲା । ବଳିଷ୍ଠ ବୀର୍ଯ୍ୟବାନ୍ ଆର୍ଯ୍ୟ ରୋଗ ଆଗରୁ ପୃଷ୍ଠଭଙ୍ଗ ଦେବା ଶ୍ରେୟସ୍କର ମନେକଲା ।

ସଙ୍ଗେ ସଙ୍ଗେ ଶୁଭ୍ର ସିନ୍ଧୁନଦର ଉପତ୍ୟକା ଓ ଅଧିତ୍ୟକାମାନ ନିର୍ଜ୍ଜନ ହୋଇ ଆସିଲା । ଗୋଲାପକାନନ ଶୂନ୍ୟ ପଡ଼ି ରହିଲା । "ବୁଲ୍ ବୁଲ୍" "ଗୁଲ୍‌ଚମନ" ରେ ଆଉ ଗାଇଲେନାହିଁ । ଝିଲମ୍ଣ୍ଡ ନଦୀର "କନକ-ସିକତାରେ ଲୁଚିଇ ମଣି" ଲୋଡିଲେ ନାହିଁ ଆଉ "କଉରୁକେ ବରବର୍ଣ୍ଣିନୀ" ସେତେବେଳେ ହିମାଳୟର ଗଭୀର ନିଦା ଭଙ୍ଗ ହେଲା ।

ସମ୍ମୁଖରେ ହିନ୍ଦୁକୁଶ ପର୍ବତମାଳା; ତୁଷାରଆବୃତ କୁହୁକାବୃତ ଅଗମ୍ୟଗମ୍ୟସ୍ଥାନ । କେଉଁଠି କଣ୍ଟକାକୀର୍ଣ୍ଣ ଦୁର୍ଭେଦ୍ୟ ଅରଣ୍ୟ, କେଉଁଠି ପ୍ରସ୍ତରକୀର୍ଣ୍ଣ ଦୁର୍ଲଙ୍ଘ୍ୟ ପର୍ବତ । ମଝିରେ ସଂକୀର୍ଣ୍ଣ ନଦୀଟିଏ ବଙ୍କେଇ ବଙ୍କେଇ ବହିଯାଉଛି । ତୀବ୍ର ଶୈତ୍ୟ ଓ ନିରବଚ୍ଛିନ୍ନ ନିର୍ଜ୍ଜନତାରେ ଧରା ଶ୍ମଶାନରାଜ୍ୟପରି ପଡ଼ି ରହିଛି । ଖାଲି ସେହି ନଦୀଟି 'ସହାୟ' । ତାହାର କୂଳେ କୂଳେ ପଥ ଖୋଜି ଖୋଜି ତେଜସ୍ୱୀ ଆର୍ଯ୍ୟ ଭୀଷଣ ଜଙ୍ଗଲ ଭେଦକଲା, ଉତ୍ତୁଙ୍ଗ ପର୍ବତମାଳା ପାରହେଲା, ସମତଳ ପ୍ରଦେଶରେ ପଦାର୍ପଣ କରି ଦେଖିଲା—କୁଭା ( କାବୁଲ ନଦୀ ), ସ୍ୱବାସ୍ତୁ ( ସ୍ୱାତ ନଦୀ ) ଓ ଗୋମତୀ (ଗୋମାଲ ନଦୀ) ନଦୀମାନେ ନିଜର ସଲିଳ ସମ୍ପଦ ଢ଼ାଳିଦେଇ ସିନ୍ଧୁ ସଙ୍ଗେ ସମୃଦ୍ର ଆଡ଼କୁ ବହିଯାଉଛନ୍ତି । ସେତେବେଳେ ପୃଥିବୀରେ ଗୋଟିଏ ନବଯୁଗର ଆରମ୍ଭ, ନୂତନ ସୃଷ୍ଟିର ବିକାଶ ହେଲା । ସେହିଦିନ ଭାରତବର୍ଷର ଉତ୍ପତ୍ତି—ଋକ୍‌ବେଦର ସୂତ୍ରପାତ ।

ଯେତେବେଳେ ଆର୍ଯ୍ୟମାନେ ଉତ୍ତର ଓ ପୂର୍ବ ପାରସ୍ୟ ତ୍ୟାଗ କରନ୍ତି ସେତେବେଳକୁ ସେମାନଙ୍କର ଜୀବନର ଅନେକ ପରିବର୍ତ୍ତନ ହୋଇଯାଇଛି । ଜାତୀୟ ସଂସ୍କାର କେନ୍ଦ୍ରସ୍ଥଳ ପରିବାର କେନ୍ଦ୍ରୀଭୂତ ଓ ସୁବ୍ୟବସ୍ଥ ହୋଇ ଆସିଛି । ଧାତୁମାନଙ୍କର ଉପଯୋଗିତା ବିଷୟରେ ମଧ୍ୟ ଯତ୍କିଞ୍ଚିତ ଜ୍ଞାନ ଲାଭ କରିଅଛନ୍ତି । ନିଜର ହିତାହିତ ବେଶ୍ ଚିହ୍ନି ପାରିଅଛନ୍ତି । ବସ୍ତୁତଃ ସଭ୍ୟତାର ପ୍ରଥମ ସୋପାନ ଅତିକ୍ରମ କରିଥିଲେହେଁ ପଶୁପାଳନ ବ୍ୟବସାୟକୁ ଆର୍ଯ୍ୟମାନେ ଘୃଣ୍ୟ ବା ଅନାବଶ୍ୟକ ବୋଲି ମନେ କରି ନାହାନ୍ତି ।

କିନ୍ତୁ ଭାରତଭୂମିରେ ବା ସିନ୍ଧୁ (ନଦ) ପ୍ରଦେଶରେ ପଦାର୍ପଣ କଲା ଦିନୁଁ ଏହି ଜୀବନରେ ଗୋଟିଏ ନୂତନ ପରିବର୍ତ୍ତନ, ନବୀନ ଜାଗୃତିର ଆରମ୍ଭ ହୁଏ । ସେ ଜାଗୃତି ବଡ଼ ବୈଚିତ୍ର୍ୟମୟ । ତାହାର ଉପାଦେୟତା ଖାଲି ବ୍ୟବସାୟର ଭିନ୍ନତା ଉପରେ ନ୍ୟସ୍ତ ନୁହେଁ । ପଶୁପାଳନ ଛାଡ଼ି କୃଷିର ଅବଲମ୍ବନରେ ନୁହେଁ । ଆର୍ଯ୍ୟମାନେ ଭାରତବର୍ଷକୁ ଆସି ଅବଶ୍ୟ ପଶୁଚାରଣ-ଜୀବନ Nomadic life ଧୀରେ ଧୀରେ ତ୍ୟାଗ କରିଥିବେ ଏବଂ କୃଷିଜୀବନ ଅବଲମ୍ବନ କରିଥିବେ । କିନ୍ତୁ ଖାଲି ଏହି ହେତୁରୁ ଏତେବଡ଼ ଜାଗୃତିର ବିକାଶ ହୋଇ ନଥିବ । ସେ ଜାଗୃତିପାଇଁ ଅନେକଗୁଡ଼ିଏ ଉପାଦାନ ଲୋଡ଼ା ହୋଇଥିବ । ବିଶାଳ ଅରଣ୍ୟ ଓ ପର୍ବତମାଳାର ନିବିଡ଼ ଶାନ୍ତି; ଗଭୀର ଓ ପ୍ରଶସ୍ତ ସିନ୍ଧୁ-ପ୍ରବାହର ଗମ୍ଭୀରତା, ଦିଗନ୍ତବ୍ୟାପୀ ଶ୍ୟାମଳ ସମଭୂମିର ପ୍ରସନ୍ନତା, ଉନ୍ମୁକ୍ତ ଉଜ୍ଜ୍ୱଳ ପ୍ରକୃତିର ଉଦାରତା—ଏହି ସବୁ ଗୋଟିକ ଉପରେ ଗୋଟିଏ ଆସି ଆର୍ଯ୍ୟ ହୃଦୟକୁ ଏକ ଅଭିନବ ରଙ୍ଗରେ ରଞ୍ଜିତ କରି ଦେଇଥିବେ । ସେତେବେଳେ ଆର୍ଯ୍ୟର ହୃଦୟ ଖଣ୍ଡିଏ

Digitized by srujanika@gmail.com

ଚିତ୍ରପଟ ପରି ଅନାବୃତ, ନିର୍ମଳ, ଯହିଁରେ ଲୀଳାମୟୀ ପ୍ରକୃତିର ପ୍ରତିଚ୍ଛାୟା ପଡ଼ିଲାମାତ୍ରକେ ହୃଦୟର ସ୍ତରେ ସ୍ତରେ ନୂତନ ଜ୍ୟୋତି ଫୁଟି ଉଠିଥିବ । ସୁନ୍ଦର ଭାବର ଛାପ ଉଜ୍ଜ୍ୱଳ ପଡ଼ିଥିବ । କଳ୍ପନା ଓ କବିତା ସ୍ୱତଃ ଉଦ୍ରେକ ହୋଇଥିବ । ସରଳ ଭାଷାରେ ସରଳ ହୃଦୟର ମଧୁର ଭାବନାଗୁଡ଼ିକ ଅନାୟାସରେ ଫୁଟି ଉଠିଥିବେ । ସେତେବେଳେ ଋକ୍‌ବେଦର ଆରମ୍ଭ ।

ଋକ୍‌ବେଦ ସେହି ବୈଚିତ୍ର୍ୟମୟ ଜାଗୃତିର ପ୍ରତିଚ୍ଛବି ଅଟେ । ଏହା ଭାରତୀୟ ଆର୍ଯ୍ୟମାନଙ୍କର ପ୍ରଥମ ଛନ୍ଦୋବଦ୍ଧ ସଙ୍ଗୀତ; ସମଗ୍ର ଆର୍ଯ୍ୟଜାତିର ଆଦିମ ସାହିତ୍ୟ, ଗୋଟିଏ ପ୍ରତିଭାଶାଳୀ ଜାତିର ଜୀବନ ବିକାଶର ଇତିହାସ ଅଙ୍କେ ଅଙ୍କେ ଚିତ୍ରିତ ହୋଇଅଛି । ଯହିଁରୁ ଭାରତୀୟ ଆର୍ଯ୍ୟ ବିଷୟରେ ଅନେକ କଥା ଜଣାଯାଏ । ମାନସିକ ଓ ସାମାଜିକ ଅବସ୍ଥାର ବିଶେଷ ଆଭାସ ମିଳେ । ବର୍ତ୍ତମାନ ଏହି ପ୍ରବନ୍ଧରେ କେବଳ ଦୁଇଟି ବିଷୟ ଆଲୋଚିତ ହେବ – ପ୍ରଥମତଃ ମାନସିକ ଓ ଦ୍ୱିତୀୟତଃ ସାମାଜିକ ଅବସ୍ଥା ।

ଅବଶ୍ୟ ସମଗ୍ର ଋକ୍‌ବେଦ ଆର୍ଯ୍ୟର ମାନସିକ ଅବସ୍ଥାର ଛାୟା ଅଟେ । କାରଣ କବିତା ମାତ୍ରକେ ଇ ସେଇଅ; କବିର କଳ୍ପନରେ ଗଢ଼ା, ହୃଦୟର ଉଚ୍ଛ୍ୱାସରେ ରଞ୍ଜିତ । କିନ୍ତୁ କବିତା କେବଳ କଳ୍ପନାର ଇନ୍ଦ୍ରଧନୁ ନୁହେ ବା ନୀହାରଗଢ଼ା ସ୍ୱପ୍ନ ନୁହେ । କବିତାର ସୃଷ୍ଟି ଯେପରି ଭାବନାର ବୈଚିତ୍ର୍ୟ ଓ ଭାଷାର ସୌନ୍ଦର୍ଯ୍ୟ ଉପରେ ସେହିପରି ଭାବନା ଓ ଭାଷାର ଛାୟା ଏବଂ ରୂପ ଅନେକାଂଶରେ ସାମାଜିକ ଅବସ୍ଥା ଉପରେ ନିର୍ଭର କରେ । ବସ୍ତୁତଃ ଏ ସବୁର ଉତ୍ପତ୍ତି ସ୍ଥାନ ସମାଜ ଅଟେ । ସେଗୁଡ଼ିକ ଖାଲି କବିର ନିଜସ୍ୱ ନୁହଁ । ସମାଜର ଅଂଶ, ସମାଜର ବିଶିଷ୍ଟତା ଏବଂ ବ୍ୟକ୍ତିତ୍ୱ ଯହିଁରେ ଅନେକ ଅଧିକ ପରିମାଣରେ ସଂଶ୍ଳିଷ୍ଟ ଥାଏ । ଯଦି ଏହା ପ୍ରତ୍ୟେକ କବିର କବିତା ବିଷୟରେ ସତ୍ୟ ହୁଏ, ତେବେ ଋକ୍‌ବେଦ ବିଷୟରେ ଏହାର ସତ୍ୟତା ଅନିବାର୍ଯ୍ୟ ଅଟେ । କାରଣ ଋକ୍‌ବେଦ ଜଣେ ବା ଦୁଇଜଣ କବିର କିମ୍ବା ଗୋଟିଏ, ଦୁଇଟି ଯୁଗର କାର୍ଯ୍ୟ ନୁହେ—ଏହା ଅନେକ କବିଙ୍କର କବିତାର ସମଷ୍ଟି, ଅନେକ ଯୁଗ ବ୍ୟାପୀ ରଚନାର ଚୟନିକା ଅଟେ । ଅନେକ ବିଦ୍ୱାନଙ୍କ ମତରେ ଏହା ୩୦୦ କି ୪୦୦ ବର୍ଷର ଅଧ୍ୟବସାୟର ଫଳ । ଏହି ସମୟ ଭିତରେ ଆର୍ଯ୍ୟ-ଜୀବନରେ ଅନେକ ପରିବର୍ତ୍ତନ ହୋଇଥିବ; ଅନେକ ବିଷୟରେ ଆର୍ଯ୍ୟ-ସମାଜର ଆକୁଞ୍ଚନ ଏବଂ ସଂପ୍ରସାରଣ ହୋଇଥିବ; ଆର୍ଯ୍ୟ ପ୍ରତିଭାର ବିସ୍ତୃତ ବିକାଶ ହୋଇଥିବ । ସେଥିପାଇଁ ଋକ୍‌ବେଦ ଖାଲି ଆର୍ଯ୍ୟ କବିଙ୍କର ମୂର୍ତ୍ତିମତୀ କଳ୍ପନା ନୁହେ; ହୃଦୟର ମଧୁର ଉଚ୍ଛ୍ୱାସ ନୁହେ । ଅଦୃଷ୍ଟ ଅପୂର୍ବ ପ୍ରତି ବ୍ୟଗ୍ର ଆକାଙ୍କ୍ଷା ନୁହେ—ଯହିଁରେ କବିତାର ଉନ୍ମେଷ, ଯହିଁରେ କବିତାର ଉତ୍କର୍ଷ । ଋକ୍‌ବେଦ ଆର୍ଯ୍ୟର ସାମାଜିକ ଚିତ୍ର ଅଟେ । ଆର୍ଯ୍ୟ ଜୀବନର ଧାରା ଭାରତରେ ପ୍ରବାହିତ ହେଲା ଦିନୁ ଯେଉଁ ସବୁ ବାଧା ବିଘ୍ନ ଯେଉଁ ସବୁ ସୁଖ ଦୁଃଖ ତାହାର ସମ୍ମୁଖୀନ ହୋଇଅଛି, ସେଗୁଡ଼ିକ କଳ୍ପନା ମଧ୍ୟ ଦେଇ ଋକ୍‌ବେଦରେ ପ୍ରତିବିମ୍ବିତ ହୋଇଅଛନ୍ତି । ସେଥିପାଇଁ ଋକ୍‌ବେଦ ଆର୍ଯ୍ୟର ମାନସିକ ଓ ସାମାଜିକ ଜୀବନର ପ୍ରତିବିମ୍ବ ଅଟେ ।

ଋକ୍‌ବେଦ ଆର୍ଯ୍ୟଜୀବନର ଛାୟା ! ଶୁଣି ଅନେକ ଚମକି ପଡ଼ିବେ । ଅନେକେ ଭାବିବେ ଏହା କେବଳ ପାଗଳର ପ୍ରଳାପ ମାତ୍ର । କିଏ ନ ଜାଣେ ବେଦ ବ୍ରହ୍ମାଙ୍କର ମୁଖନିଃସୃତ, କିଏ ନ ଜାଣେ ସ୍ୱୟଂ ପ୍ରଜାପତି ନିଜ ମୁଖରୁ ବ୍ରାହ୍ମଣ ଜାତି ବେଦ ପୋଥି ତାଙ୍କ ହାତରେ ସମର୍ପଣ କରିଦେଇ ଯାଇଥିଲେ ? କିନ୍ତୁ ଯେଉଁମାନେ ଋକ୍‌ବେଦ ପାଠ କରିଅଛନ୍ତି ସେମାନେ ମୋ ସଙ୍ଗେ ଏକମତ ହୋଇ କହିବେ ଏହା ବ୍ରହ୍ମାଙ୍କର ମୁଖ ନିଃସୃତ ବାଣୀ ନୁହେ । ସେତ ବହୁଦୂରର କଥା ଏହା " ସଂସ୍କୃତଂ ନାମ ଦୈବୀବାକ୍ ଅନ୍ୱାଖ୍ୟାତା ମହର୍ଷିଭିଃ " ମଧ୍ୟ ନୁହେ ! ଅର୍ଥାତ୍ ଏହା ବ୍ରହ୍ମବାଣୀ ନୁହେ, କି ଦେବବାଣୀ ସଂସ୍କୃତ ନୁହେ । ଋକ୍‌ବେଦ ତତ୍କାଳୀନ ଆର୍ଯ୍ୟମାନଙ୍କର କଥିତ ଭାଷା ବା Dialect ରେ ଲିଖିତ । ବେଦରଚନାର ଅନେକଦିନ ପରେ ସେହି କଥିତ ଭାଷା ପରିମାର୍ଜିତ ସଂଶୋଧିତ ବା ସଂସ୍କୃତ ହୋଇ ସଂସ୍କୃତ ନାମ ଧାରଣ କଲା । ସେହିଦିନ ଆଧୁନିକ ସଂସ୍କୃତର ଉତ୍ପତ୍ତି । ଅତଏବ ବେଦର ଭାଷା ସଂସ୍କୃତ ନୁହେ । ପୁଣି ଅନେକ ଭାବନ୍ତି ଏଥିରେ ( ବେଦରେ )

Digitized by srujanika@gmail.com

କୌଣସି ଅତ୍ୟନ୍ତ ଗୂଢ଼ତତ୍ତ୍ୱ ସନ୍ନିହିତ ଅଛି, କୌଣସି ଏପରି ରହସ୍ୟ ଅଛି ଯେ "ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମାନସା ସହ" ଯାହା ବୁଦ୍ଧିର ଅଗମ୍ୟ, କଳ୍ପନାର ଅତୀତ; ଏବଂ ସବୁଠୁଁ ବଳି ଯାହା ସାଧାରଣ ଲୋକର ଜାଣିବାର ଆଦୌ ଅଧିକାର ନାହିଁ । ଏହି ଧାରଣା ଯେ କେତେଦୂର ଭ୍ରମାତ୍ମକ ତାହା ଯେତେଦିନଯାଏ ସ୍ୱତଃ ପ୍ରବୃତ୍ତ ହୋଇ କେହି ବେଦପାଠ କରନାହିଁ ସେତେଦିନ ଯାଏ ହୃଦୟଙ୍ଗମ କରପାରିବ ନାହିଁ । ଏହା କୌଣସି ଗୂଢ଼ତତ୍ତ୍ୱର ଆକର ନୁହେ, କି କୌଣସି ଜାତିର ଏକାଧି-ପତ୍ୟ ଅଧିକାର ନୁହେ । ଏଥିରେ ସାଧାରଣ କଥା ସାଧାରଣ ( ଅବଶ୍ୟ ସେ ସମୟର ସାଧାରଣ ) ଭାଷାରେ ଲେଖା ହୋଇଅଛି । ସେ ଭାଷାରେ ଚଳିବା ଭଳି ଜ୍ଞାନ ଥିଲେ ଯେ କେହି ପଢ଼ି ବୁଝିପାରିବେ । ଅବଶ୍ୟ ଅନେକ ଜାଗାରେ ଦୁର୍ବୋଧ ହେବ । ତାର କାରଣ ଅର୍ଥର ଗମ୍ଭୀରତା ନୁହେ, କି ଲେଖକର ପ୍ରଗାଢ଼ ବିଦ୍ୱତ୍ତା ନୁହେ । ବୈଦିକ ଭାଷାରେ ବହୁକାଳ ଅପ୍ରୟୋଗ, ଅତ୍ୟନ୍ତ ପ୍ରାଚୀନତା । ପ୍ରାୟ ତିନିହଜାର ବର୍ଷହେଲା, ଏହା ଭାଷାରେ କିମ୍ବା ଲେଖାରେ ବ୍ୟବହାର ହୋଇନାହିଁ । ଲୋକେ ଅନେକ ଶବ୍ଦର ପ୍ରକୃତ ଅର୍ଥ ଏବଂ ବ୍ୟୁତ୍ପତ୍ତି ଭୁଲିଯାଇ ଅଛନ୍ତି, ସେଥିପାଇଁ ଅନେକସ୍ଥାନରେ ଅର୍ଥ ଦୁର୍ବୋଧ ହୋଇଥାଏ ।

ଉପରେ କହିଅଛୁଁ ଯେ ବେଦ ବ୍ରହ୍ମବାଣୀ ନୁହେ ତେବେ ବେଦର ସୃଷ୍ଟିକର୍ତ୍ତା କିଏ ? ଦେବ ନା ମାନବ ? ଯେଉଁମାନେ ବେଦ ରଚନା କରିଅଛନ୍ତି ସେମାନେ ସାଧାରଣ ମାନବମାତ୍ର । ସେ ସମୟରେ ସେମାନେ ନିଜର ସାଇପଡ଼ିଶାଙ୍କଠାରୁ ବୁଦ୍ଧିମାନ୍ ଓ ବିଦ୍ୱାନ୍ ଥିଲେ ବୋଲି ସେମାନଙ୍କୁ ଋଷିଆଖ୍ୟା ପ୍ରଦତ୍ତ ହୋଇଅଛି । ଏହିପରି ଅନେକ ଋଷି ଅନେକ ଯୁଗଧରି ଏହାକୁ ରଚନା କରି-ଅଛନ୍ତି । ସେମାନଙ୍କ ରଚିତ ମନ୍ତ୍ରଗୁଡ଼ିକ ଏକତ୍ରିତକରି ସୂକ୍ତ ଏବଂ ସୂକ୍ତଗୁଡ଼ିକୁ ଏକତ୍ରିତକରି ମଣ୍ଡଳନାମ ଦିଆ-ହୋଇଅଛି । ଏହିପରି ଋକ୍‌ବେଦରେ ଦଶଗୋଟି ମଣ୍ଡଳ ଏବଂ ୧୦୧୭ ଟି ସୂକ୍ତଅଛି । ଏ ଗୁଡ଼ିକ ଯେ କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ସାଧନପାଇ ରଚିତ ହୋଇଥିଲା ତାହା ନୁହେ, କିମ୍ବା ଆର୍ଯ୍ୟମାନେ କୌଣସି ଅଭିସନ୍ଧିର ପ୍ରେରଣାରେ ପ୍ରବର୍ତ୍ତିତ ହୋଇ ରଚନା କରିଥିଲେ ତାହାନୁହେ । ସବୁଯୁଗରେ କବିତାର ବା ସାହିତ୍ୟର ସୃଷ୍ଟି ଯେପାଇଁ ହୋଇଥାଏ ଋକ୍‌ବେଦର ସୃଷ୍ଟି ମଧ୍ୟ ସେହିପାଇଁ ହୋଇ-ଥିଲା । ଏହା ମଧ୍ୟ ଗୋଟିଏ ଯୁଗର ସାହିତ୍ୟ । ଏହାର ରଚନାରେ କୌଣସି ବିଶେଷ ଉଦ୍ଦେଶ୍ୟ ବା ଅଭିସନ୍ଧାନ-ଥିଲା । ସ୍ୱତଃ ପ୍ରବୃତ୍ତ ହୋଇ ଆର୍ଯ୍ୟଋଷିମାନେ ଅନର୍ଗଳ କବିତା ଲେଖି ଯାଇଅଛନ୍ତି । ଏହି କବିତାର ସମଷ୍ଟି ଦଶଟି ମଣ୍ଡଳଭିତରୁ ଦ୍ୱିତୀୟଠାରୁ ସପ୍ତମ ମଣ୍ଡଳପର୍ଯ୍ୟନ୍ତ ପ୍ରାଚୀନତର । ଶେଷ ମଣ୍ଡଳଗୁଡ଼ିକ ପରବର୍ତ୍ତୀ ସମୟରେ ଲିଖିତ । ଏହି ୨ୟଠାରୁ ୭ମ ପର୍ଯ୍ୟନ୍ତ ମଣ୍ଡଳଗୁଡ଼ିକର ରଚୟିତା ଯଥାକ୍ରମେ ଗୃତ୍ସମଦ, ବିଶ୍ୱାମିତ୍ର, ବାମଦେବ, ଅତ୍ରି, ଭରଦ୍ୱାଜ, ବଶିଷ୍ଠ ଓ ସେମାନଙ୍କର ବଂଶଧରମାନେ ଅଟନ୍ତି । ଅନ୍ୟାନ୍ୟ ମଣ୍ଡଳଗୁଡ଼ିକର ରଚୟିତା ବିଷୟରେ କୌଣସି ସ୍ଥିରତା ନାହିଁ ।

ବର୍ତ୍ତମାନ କିପରି ଜଣାଯିବ ଯେ ଋକ୍‌ବେଦ ଜଣେ ଲୋକର ବା କବିର, ଅଥବା ବ୍ରହ୍ମାଙ୍କର କୃତନୁହେ । ପ୍ରତ୍ୟେକ ମଣ୍ଡଳର ଋଷି ଯେ ଭିନ୍ନ ଭିନ୍ନ ଏହା ସେହି ଋକ୍‌ବେଦରୁ ଜଣାଯାଏ । ଅବଶ୍ୟ ପ୍ରତିମଣ୍ଡଳର ଆରମ୍ଭରେ ଋଷିର ନାମ ଦିଅହୋଇଅଛି । କିନ୍ତୁ ସେଥିରୁ ଏହା କିପରି ଅନୁମିତ ହୋଇପାରେ ଯେ ସେହିମାନେଇ, ସେ କବିତା ବା ସୂକ୍ତ ଓ ମନ୍ତ୍ରଗୁଡ଼ିକର ରଚୟିତା ? ଏହା କଅଣ ବୋଲିଯାଇ ନ ପାରେ ଯେ ବ୍ରହ୍ମା ବା ଆଉକେହି ସେ ଗୁଡ଼ିକ ରଚନାକରି ଉକ୍ତ ଋଷିମାନଙ୍କୁ ସମର୍ପଣ କରି-ଦେଇ ଯାଇଅଛନ୍ତି ? ଟିକିଏ ଚିନ୍ତାକରି ଦେଖିଲେ ଜଣା-ଯାଏ, ନା, ବାସ୍ତବରେ ତାହାନୁହେ । ସେ କଥା ବେଦ-ପାଠ କଲାବେଳେ ସ୍ୱତଃ ମନରେ ଉଦୟ ହୋଇଥାଏ, କାରଣ ସମସ୍ତେ ଜାଣନ୍ତି ବେଦର ମନ୍ତ୍ରଗୁଡ଼ିକ ଦେବଦେବୀମାନଙ୍କର ସ୍ତୁତିଗର୍ଭକ ଅଟେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ପ୍ରତ୍ୟେକ ଦେବତା ଋକ୍‌ବେଦର ବିଭିନ୍ନ ସ୍ଥାନରେ, ବିଭିନ୍ନଭାବରେ ବର୍ଣ୍ଣିତ ଓ ସ୍ତୁତ ହୋଇ ଅଛନ୍ତି । ପ୍ରତ୍ୟେକଙ୍କର ନାନାରୂପ, ନାନାଗୁଣ, ନାନାକାର୍ଯ୍ୟ, ନାନାଶକ୍ତି । ଏପରିକି ପ୍ରତ୍ୟେକର ବର୍ଣ୍ଣନାରେ ବିରୋଧ ବା ବୈପରୀତ୍ୟ ହୋଇଥାଏ । ଉଦାହରଣାର୍ଥ ଅଦିତି ଅନେକେ ଜାଣିଥିବେ

Digitized by srujanika@gmail.com

ଅଦିତିଙ୍କର ପୁତ୍ର ଆଦିତ୍ୟାଃ ବା ଦେବତାଃ । ଦେବତାଙ୍କର ଜନନୀ ବୋଲି ତାଙ୍କର ସବୁଠାରୁ ଉଚ୍ଚ ଆସନ ପାଇବାର କଥା । ବର୍ତ୍ତମାନ ଋକ୍‌ବେଦର ବର୍ଣ୍ଣନାରେ କଅଣ ମିଳେ ଦେଖାଯାଉ । ଏକଯାଗାରେ—

"ଅଦିତିର୍ଦ୍ୟୌରଦିତିରନ୍ତରୀକ୍ଷଂ ଅଦିତିର୍ମାତା ସ ପିତା ସ ପୁତ୍ରଃ । ବିଶ୍ୱେଦେବାଃ ଅଦିତିଃ ପଞ୍ଚଜନାଃ ଅଦିତିର୍ଜାତଂ ଅଦିତିର୍ଜନିତ୍ୱଂ" ୧ ମଃ ୮୯ ସୂ ୧୦ ମନ୍ତ୍ର

ଅର୍ଥାତ୍ ଅଦିତି ସ୍ୱର୍ଗ, ଅନ୍ତରୀକ୍ଷ, ମାତା, ପିତା, ପୁତ୍ର, ବିଶ୍ୱର ଦେବତା, ପଞ୍ଚଲୋକ ଓ ଯାହା ଜନ୍ମିଛି ବା ଜନ୍ମିବ ସବୁ । ମୋଟ ଉପରେ ବିଶ୍ୱର ବିଧାତା, ବା ସଂସାରର ସମଷ୍ଟି । Professor Roth ପ୍ରମୁଖ କେତେକଙ୍କ ମତରେ ଅଦିତି Eternity ବା ସଂସାରରେ ଯାହା ଶାଶ୍ୱତ ତାହାର ନାମାନ୍ତର ମାତ୍ର, ଏ ଗଲା ଗୋଟିଏ ସ୍ଥାନର ବର୍ଣ୍ଣନା । ଅନ୍ୟତ୍ର ୭ମ ମଣ୍ଡଳର ୫୧ ସୂକ୍ତର ୧୧ଶ ମନ୍ତ୍ରରେ ଅଦିତି ଆଉ ବିଶ୍ୱର ଦେବତା, ବା ପଞ୍ଚଲୋକ ( ଦେବଲୋକ, ଗନ୍ଧର୍ବ, ଅପ୍ସରା, ନାଗ ଓ ପିତୃଲୋକ ) ର ସମଷ୍ଟି ନୁହନ୍ତି । ସେ ଅନ୍ୟାନ୍ୟ ଦେବତାଙ୍କ ପରି, କିମ୍ବା ନିଜର ସନ୍ତାନମାନଙ୍କପରି ଜଣେ । ସେଥିପାଇଁ ଯଜମାନ ଉକ୍ତ ମନ୍ତ୍ରରେ ଅଦିତିଙ୍କୁ ଇନ୍ଦ୍ର, ପୃଥିବୀ ଓ ପଞ୍ଚଲୋକ ସହିତ ଆବାହନ କରୁଅଛି । କେଉଁଠିପୁଣି ଅଦିତି ଅନ୍ୟାନ୍ୟ ଦେବତାଙ୍କ ତୁଳନାରେ ନିକୃଷ୍ଟ । ନିଜେ ଦେବତାଙ୍କର ମାତା ହୋଇ ସବିତୃଙ୍କୁ ସ୍ତୁତି କରୁଅଛନ୍ତି ( ୧୦ ମଃ ୩୬ ସୂ: ୩ ମନ୍ତ୍ର ) । କେଉଁଠି ପାପରୁ ମୁକ୍ତିଲାଭ କରିବା ପାଇଁ ଯଜମାନ ମିତ୍ର ଓ ବରୁଣଙ୍କ ସଙ୍ଗେ ଅଦିତିଙ୍କର ଆବାହନ କରୁଅଛି ।

"ନେତ୍ର ନୋ ଅଦ୍ୟ ଅଦିତି ରନାଗାତ୍ ସବିତା ଦେବୋ ବରୁଣାୟ ବୋଚତ୍ । ୩ ମଃ ୯୩ ସୂଃ ୬ ମନ୍ତ୍ର ।

ସେହିପରି ଅନ୍ୟାନ୍ୟ ଦେବତାଙ୍କ ବିଷୟରେ । ଇନ୍ଦ୍ର କେଉଁଠି ଦେବୀମାତାଠାରୁ ଜନ୍ମ । ଦେବୀଂ ଜନିତ୍ରୀଂ ଅଜୀଜନଦ୍ । କେଉଁଠି ପୁଣି ନିଷ୍ଟିଗ୍ରୀର ପୁତ୍ର ।

ନିଷ୍ଟିଗ୍ର୍ୟାଃ ପୁତ୍ରଂ ଆସ୍ତବସ୍ୟ ଉତୟେ ଇନ୍ଦ୍ରଂ

ଅନ୍ୟତ୍ର ପୁଣି ନାରୀ ବା ମାନବୀ ଠାରୁ ଉତ୍ପନ୍ନ । କେଉଁଠି ଇନ୍ଦ୍ର ସବୁ ଦେବତାଙ୍କର ମଉଡ଼ମଣି; କେଉଁଠି ସେମାନଙ୍କର ସହକାରୀ ମିତ୍ର, କେଉଁଠି ଇନ୍ଦ୍ର ସୋମପାନକରି ବୃତ୍ରବଧ ପାଇଁ ଅବତୀର୍ଣ୍ଣ । କେତେବେଳେ ଇନ୍ଦ୍ର "ଶୋଭନ ନାସିକା" "ଶୋଭନ ହନୁମାନ୍" "ହରକେଶ" "ହରିଶ୍ମଶ୍ରୁ" ଏବଂ "ହରିଶିପ୍ର" । କେତେବେଳେ ଇନ୍ଦ୍ରଙ୍କ ହସ୍ତରେ ଅଙ୍କୁଶ, ( ୮ମଃ ୧୭ସୂ: ୧୦ମନ୍ତ୍ର ) କେତେବେଳେ ବଜ୍ର । ସୋମପାନ କରି ଇନ୍ଦ୍ର କେତେବେଳେ ମଦୋନ୍ମତ୍ତ ଅବସ୍ଥାରେ ନିଜକୁ ମହାଶକ୍ତିଶାଳୀ ବୋଲି ମଣୁଅଛନ୍ତି । ସଂସାରକୁ ତୃଣବତ୍ ମନେକରୁ ଅଛନ୍ତି (୧୦ମ: ୧୧୯ ସୂକ୍ତ) । ଦେବଶତ୍ରୁ ବିନାଶରେ କେଉଁଠି ଇନ୍ଦ୍ରଙ୍କର ସହକାରୀ ମରୁତ୍; କେଉଁଠି ବା ବିଷ୍ଣୁ । ଏହିପରି ପ୍ରତ୍ୟେକ ଦେବତାଙ୍କର ବର୍ଣ୍ଣନ ଓ ଆବାହନ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ । ପ୍ରତ୍ୟେକ ଦେବତାଙ୍କର ରୂପ, ଗୁଣ ବା ଶକ୍ତିର ବିଭିନ୍ନ ବର୍ଣ୍ଣନା ଏଠାରେ ନିର୍ଦ୍ଦେଶ କରିବା ଅବିଧେୟ । ପ୍ରବନ୍ଧର କଳେବର ଅଯଥା ବୃଦ୍ଧି ହୋଇ ପାରେ । ଉପରୋକ୍ତ ଦୁଇଟି ଉଦାହରଣରୁ ଜଣାଯିବ ବିଭିନ୍ନ ମଣ୍ଡଳରେ କପରି ଅଦିତି ଓ ଇନ୍ଦ୍ର ବିଭିନ୍ନ ଭାବରେ ଚିତ୍ରିତ ହୋଇଅଛନ୍ତି । ଏହାର କାରଣ କଅଣ ? ଯଦି ଋକ୍‌ବେଦ ଜଣକଦ୍ୱାରା ( ଦେବତା ବା ମାନବର ) ରଚିତ ହୋଇ ଥାନ୍ତା ତେବେ ବର୍ଣ୍ଣନାରେ ଏପରି ବିରୋଧ ବା ବୈଷମ୍ୟ ଆସନ୍ତା କିଆଁ ? ଯଦି ବା ମାନବ କବିର କାବ୍ୟରେ ସମୟ ସମୟରେ ବୈଷମ୍ୟ ସମ୍ଭବ ହୋଇପାରେ ଦେବକବିର କାବ୍ୟରେ ଏହା ଏକାନ୍ତ ଅସମ୍ଭବ । ବସ୍ତୁତଃ ଉଚ୍ଚ ଧରଣର କବିମାନଙ୍କ କାବ୍ୟ ବର୍ଣ୍ଣନାର ବୈଷମ୍ୟ କ୍ୱଚିତ୍ ଲକ୍ଷିତ ହୋଇଥାଏ । ମୋଟଉପରେ ଏଥିରୁ ଏଇଆ ମାନି ନେବାକୁ ହେବ ଯେ ଏହା ମନୁଷ୍ୟ-କବିର କୃତି; ଏବଂ ତାହା ପୁଣି ଜଣେ କବିର ନୁହେ । ଅନେକ ଲୋକେ ଅନେକ ଦିନଧରି ଋକ୍‌ବେଦ ରଚନା କରିଥିବେ । ଏହା କେବଳ ଏହି ଗୋଟିଏ କଥାରୁ ଜଣାଯାଏ ନାହିଁ । ଅନ୍ୟାନ୍ୟ ଅନେକ ପ୍ରମାଣ ଅଛି, ଯାହା ଉଲ୍ଲେଖ କରିବା ଏ ପ୍ରବନ୍ଧରେ ଅନୁଚିତ ଅଟେ ।

କ୍ରମଶଃ—

Digitized by srujanika@gmail.com

# ବର୍ଷା

ରଙ୍କ ଭୂଇଁ ଅଙ୍କ ପୂର୍ଣ୍ଣ କର
ଆସ ବର୍ଷା
ଜୀବନ୍ତର ତପ୍ତ ପ୍ରାନ୍ତରକେ
ମନ୍ଦ୍ରେ ଭରି ଅଧୀର ଉଚ୍ଛ୍ୱାସ
ଆସ ବର୍ଷା ଆସ ।

ଶୀର୍ଣ୍ଣ ଜୀବନେ ଯଉବନ ଅଶ୍ରୁ ଝର
ଝର ଝରେ ଯାଉ ସୃଷ୍ଟି ସଂସାର ଭର ।

ଗଗନ ପବନ ପୁଲକିତ କର
ସିକ୍ତ ଧରଣୀ ବାସରେ
ଆସ ବର୍ଷା ଆସରେ

ଆସ ବର୍ଷା ଆସରେ
ଖରା ମରା କ୍ଷେତ ନଗ୍ନ ଶିରାରେ
ସହଲାଇ ଦେଇ ଶ୍ୱାସରେ ।
ନଈ, ନାଳ, ଝର ଖାଲ, ବିଲ, ସର

ପିଇ ଫେରୁ ଆୟୁ ସତ୍ୱରେ

ପ୍ରାଣ ବିପଞ୍ଚୀରେ
ଝଙ୍କାର ଉଠୁ ଝିଙ୍କାର ସ୍ୱରେ ଗଭୀର ନିଶୀଥରେ ।
ଚଞ୍ଚଳ ନିଶୀଥରେ ଘୋର ତାମସୀରେ
ବଉଦ ବକ୍ଷେ ବିଜୁଳି ଲେଖେ
ପ୍ରଳୟ-ଅଗ୍ନି ଲେଖରେ
ସୁପ୍ତ ବିଶ୍ୱଲୋକ ରେ
ତନ୍ଦ୍ରା ଶିହରି ଚମକି ଉଠୁ
ଘୋର ବଜ୍ର ଘୋଷରେ
ଆସ ବର୍ଷା ଆସରେ ।

Digitized by srujanika@gmail.com

ଭୀମ ପ୍ଲାବନେ ମୁକୁଳାଇ ଦେଇ
ଖର ଚରଣ ବଳାସରେ
ପ୍ରଳୟ ଝଂଜା ପବନେ ଉଡ଼ାଇ
କେଶ ପାଶ ଶେଷରେ
ଆସ ବର୍ଷା ଆସରେ ।

ଅଳକ-ପ୍ରାନ୍ତ କାନ୍ତ ଛବ କଂଜ କବରୀରେ
ମୁକ୍ତ ଝଲମାରେ
ଝପଟାଇ ଦେଇ ବାଜ ରାଜ
ଉଚ୍ଛନ୍ନେ ଉର୍ଦ୍ଧ୍ୱ ଶ୍ୱାସରେ
ଆସ ବର୍ଷା ଆସରେ ।

ଝର ଝର ଝରେ
ଝରୁରେ ବନ୍ଧେ ଧାର
ଗହନ ଗୋପନ ଗଭୀର
ହେଉରେ ପାର ।

ଶ୍ରୀ ନିକୁଞ୍ଜକିଶୋର ଦାସ

Digitized by srujanika@gmail.com

# ପ୍ରତିମା ବିସର୍ଜନ

ଶ୍ରୀଜଗନ୍ନାଥ ଦାସ

( ପୂର୍ବପ୍ରକାଶିତ ପରରୁ )

ଚୁଲ୍ଲିରୁ ଧୂଆଁ ଯାଇଁ ତା ଗୋଡପାଖରେ ମୋଡ-ମୋଡହୋଇ ବାହାରକୁ ଚାଲିଯାଉଥାଏ; ସେ ଚନ୍ଦ୍ର-ଉପରେ ଠିଆହୋଇଥାଏ ମୁଣ୍ଡଠଉଁ ଗୋଡଯାଏ ଆମକୁ ସବୁ ଥରେ ଚାହିଁ ଗଲା, ତା ମୋଡ଼ା ମୋଡ଼ା ନିଶ ଯୋଡ଼ାକ ତଳେ ବଡ଼ ବଡ ହଳଦିଆ ଦାନ୍ତ ଚକ ଚକ ଦିଶୁଥାଏ । ସତକୁ ସତ ତା ଅଙ୍ଗରଖା ବେଶ ବଢ଼ିଆ, ସେଥିରେ ନେଳିଆ ଫୁଲ ପଡଥାଏ । ଲାଲପଥର ବୋତାମ ଚକ୍‌ମକ୍ ଦିଶୁଥାଏ । ସେ ଘଡିଚେନ ପକେଇଥାଏ । ଏ ସିପେଇ ବେଶ ଲୋକ, ବେଶ ଡେଙ୍ଗା ଡେ଼ଙ୍ଗି ମୋଟମାଟ ଲାଲ-ଲାଲ ଗାଲ, ତାର ବଡ଼ ବଡ ଶଫା ଆଖିରେ ବଡ଼ ମିଳାମିଶା ଖୁସିଆ ଚାହାଣି । ସେ ଇସ୍ତିକରା ଧଳାଟୋପି ମୁଣ୍ଡରେ ପିନ୍ଧିଥାଏ, ତାର ଧୋବ 'ଏପ୍ରନ୍' ତଳୁ ସୁନ୍ଦର କଳା ବୁଟ୍‌ଯୋଡା ଆଗ ଦିଶିଯାଉଥାଏ ।

ଆମେ ବଡ଼ ନଉନ ହୋଇ ତାକୁ କବାଟ ବନ୍ଦକରି ଦେବାକୁ କହିଲାରୁ ସେ ଅସ୍ତେ କବାଟ ବନ୍ଦ କରିଦେଇ ଆମକୁ ମୁନିବ କଥା ସବୁ ପଚାରିଲା । ଆମେ ତାକୁ ବୁଝାଇ ଦେଲୁ ଯେ ମୋଟ ଉପରେ ଆମ ମୁନିବଟି ଗୋଟିଏ ଜାନୋୟାର, ଅସଲ ବଦ୍‌ମାସ, ବେଠିଆଙ୍କ ସରଦାର । ଏକ କଥାରେ ଆମେ ଆମ ମୁନିବ କଥା ଯାହା କହିବାର କହିଲୁଁ ସେ ଗୁଡ଼ାକ ପୁଣି ଏଠି କହିବାର ଦରକାର କଅଣ ? ସିପେଇ ସବୁ ଶୁଣିଲା, ନିଶକୁ ଥରେ ମୋଡଦେଇ ଆମକୁ ସଫା ସାଙ୍ଗପରି ଥରେ ଚାହିଁଲା । ହଠାତ୍ ପଚାରିଲା—"ତମର ଏଠି ଚେର ଟୋକା ଅଛନ୍ତି ନା" ? ଆମ ଭିତରୁ କେହି କେହି ଟିକିଏ ଭଦ୍ରଭାବରେ ହସିଲେ ଆଉ କେତେ ଜଣ ଟିକିଏ ଜାଣିଲାପରି ତାକୁ ଦେଖେଇଲେ ଆଉ ଜଣେ କହିଲା "ଏଠି ନାହିଁ ଟୋକା ଅଛନ୍ତି" ।

ସିପେଇ ଟିକିଏ ଆଖି ନଚେଇ ଦେଇ କହିଲା "ତମେ ତାଙ୍କୁଇ ଖୁବ ବଡ ବୋଲିଧରିଥା ନୁହେଁ ? ଆମେ ହସିଲୁ । ଆମ ଭିତରୁ ଅନେକ ସିପେଇଙ୍କୁ ଟୋକାଙ୍କ ସାଙ୍ଗରେ ଆମ ବାହାଦୁରି ଗୁଡାକ ଜଣେଇ ଦେଇଥିଲେ ଖୁସିହୋଇ ଥାଆନ୍ତେ । କିନ୍ତୁ ଜଣେ ଆମ-ଭିତରୁ ଅସ୍ତେ ଅସ୍ତେ କହିଲା ।—

"ଆମେ ସେ ବାଟଦେଇ ଯାଉଁନା"

ସିପେଇ ସେଥିଉତ୍ତାରୁ ଆମକୁ ଅନେଇ ଖୁବ ବିଶ୍ୱାସରେ କହିଲା "ନା ସେ ସବୁ ତମର କାମ ନୁହେ, ତମେତ ସେପରି ଦିଶୁନା ତମର ସେପରି ହେବାକୁ ଢ଼େର ଅଭାବ ଅଛି, ତମର ସେ ଚେହେରା ବା କାହିଁ ! ଆଉ ଟୋକାଏ କଅଣ ଚାହାନ୍ତି ଜାଣ ? ସେ ଚାହାନ୍ତି ସାହସ-ବେଶ ମଜ୍‌ବୁତ ଲୋକ । ତାଙ୍କର ସବୁ ବେଶ ଫିଟ୍-ଫାଟ୍ ଚାହିଁ । ସେଇଥିପାଇଁ ସେ ଜୋରଦାର ଲୋକକୁ ଆଦର କରନ୍ତି । ସେ ଏମିତିଆ ଖଣ୍ଡେ ବାହା ଚାହାନ୍ତି" ।

ସିପେଇ ତା ଡ଼ାହାଣ ହାତଟା ପକେଟରୁ କାଢ଼ିଆଣି ତା ଖୋଲା-ବାହାଟା ଦେଖେଇଦେଲା । ଧୋବ ଖୁବ ଜୋରଦାରଆ ଅସ୍ତିନ-ଟେକା ବାହା ଚକଚକିଆ ହଳଦିଆ ରୁମ ସେ ବାହାଯାକ, "ଗୋଡ ଛାତି ଖୁବ ଶକ୍ତ ହେବା ଦରକାର । ତାପରେ ମଣିଷ ନୂଆ ଫେଶନର ପୋଷାକ ପିନ୍ଧିବା ଦରକାର, ବାହାରକୁ ଧକାଚକ୍‌କଣ ନହେଲେ ସେ କି ଭୁଲନ୍ତି ? ସବୁ ମାଇପେ ମତେ ଆଦର କରନ୍ତି । ମୁଁ ତାଙ୍କୁ ଡାକିଲେ—ଟିକିଏ ଠାରିଦେଲେତ ମୋ ଉପରେ ପୁଞ୍ଜାକୁ ପୁଞ୍ଜା ଆସି ପଡନ୍ତେ ।

ସେ ଗୋଟାଏ ମଇଦା ବସ୍ତା ଉପରେ ବସିପଡିଲା । ମାଇପଙ୍କ ସାଙ୍ଗରେ ତା ପ୍ରେମ କହାଣୀ ଗୁଡାକ ତାଙ୍କ ସାଙ୍ଗରେ

Digitized by srujanika@gmail.com

ତା ବାହାଦୂରି ସବୁ ବଖାଣିଲା ବସି । ସେ ଗୁଲଗଲା, ତା ପଛରେ କବାଟଟା କେଁ କ ବନ୍ଦ ହୋଇଗଲା । ଆମେ ସବୁ ଢେର ବେଳଯାଏ ଚୁପ ହୋଇ ରହିଲୁଁ ତା କଥା ଭାବୁଥାଉଁ, ତା ଉତ୍ତାରୁ ଆମେ ସବୁ ଏକ ସାଙ୍ଗରେ କଥା କହିଲୁଁ — ଜଣାଗଲା ଯେ ଆମେ ସବୁ ତା ଉପରେ ଖୁସି । ସେ ବେଶ ଖୋଲା ମଣିଷ, ବେଶ ସୁନ୍ଦର ଲୋକ, ତାକୁ ନ ଡ଼ାକୁଣୁ ସେ ଆମପାଖକୁ ଆଇଲା—କିଛି ମାନ ମର୍ଯ୍ୟାଦା ଖୋଜିଲା ନାହିଁ । ଆମସାଙ୍ଗରେ ବସି ବେଶ୍ କଥାବାର୍ତ୍ତା କରିଗଲା । ଆମପାଖକୁ ଏପରିତ କେହି ଆପେ ଆପେ ଆସନ୍ତି ନାହିଁ, କେହିତ ଏପରି ନିଜଲୋକ ଭଳି କଥାବାର୍ତ୍ତା କରନ୍ତିନାହିଁ । ଆମେ ତା ବିଷୟରେ କଥାବାର୍ତ୍ତା ହେଉଥାଉଁ, ଆଉ ସେ କିପରି ଜରିଝାଲର କରିବାବାଲା ଟୋକଙ୍କୁ ଜବଦ୍ କରିବ, ଏଇକଥା କହୁଥାଉଁ । ସେ ଟୋକଗୁଡାକ ଆମ୍ଭକୁ ମୋଟେ ମଣିଷ ବୋଲି ଗଣନ୍ତିନାହିଁ । ଅଗଣାରେ ଆମ୍ଭକୁ ଦେଖି ଆମ ପାଖ ଦେଇ ନାକ ଟେକଦେଇ ଗୁଲଯାଆନ୍ତି, ଆମେ ତାଙ୍କ ନଜରରେ ମୋଟେ ପଡୁନା । ଆମେ କିନ୍ତୁ ତାଙ୍କୁ ସବୁବେଳେ ବାହାରେ ଦେଖିଲେ ମାନଥାନ କରୁଁ । ଆମ ଝରକା ବାଟ ଦେଇଗଲେ ତାଙ୍କୁ ଖାତିରକରୁଁ । ଶୀତଦିନେ ଚୁମ କୁର୍ତ୍ତା ପିନ୍ଧି ଚୁମ ଟୋପି ମୁଣ୍ଡରେ ଦେଇଁ ବା ଖରାଦିନେ ଫୁଲପକା ବଡ ବଡ ଟୋପି ମଣ୍ଡରେ ଦେଇ ରଙ୍ଗ ବେରଙ୍ଗର ଛତା ଧରି ସେ ବାହାରିଲେ ତାଙ୍କୁ ଆମେ କେତେ ମାନଥାନ କରୁଁ, କିନ୍ତୁ ଏ ଟୋକଙ୍କୁ ଆମେ ନିଜ ଭିତରେ ଯାହା କହୁଁ ତା ସେ ଶୁଣୁଥିଲେ ଲାଜରେ ଚାଲିଯାଉଥାଆନ୍ତେ, ରାଗରେ ମୁଣ୍ଡକୋଡ ମରୁଥାଆନ୍ତେ ।

ହଠାତ୍ କି ଆମ ଚୁଟିକାରିଗର ଆବେଗରେ କହିଲା "ଥାନିଆକୁ ଏକା ଫାନ୍ଦରେ ନ ପକେଇଲେ ହେଲା" ଆମେ ସବୁ ଚୁପ ହୋଇଗଲୁଁ, ଏକଥା ଶୁଣି ଆମ ମନ ଖରାପ ହୋଇଗଲା । ଏ ଡେଙ୍ଗା ଚଉଡା ସିପେଇକୁ ଦେଖି ଆମର ଥାନିଆ କଥା ମୋଟେ ମନରେ ନଥିଲା ।

ତା ପରେ ଆମ ଭିତରେ ଏ ବିଷୟରେ କେତେକଥା ହେଲା । ଆମଭିତରୁ କେହି କହିଲେ ଯେ ଥାନିଆ ସେମିତ ଦୁଷ୍ଟ ନୁହେଁ, ଆଉମାନେ କହିଲେ ଯେ ସେ ସମ୍ଭାଳି ନପାରି ତା ଫାନ୍ଦରେ ପଡିଯିବ—ଆଉ ଥୋକେ ପ୍ରସ୍ତାବ କଲେ ଯେ ସିପେଇ ଥାନିଆ ସାଙ୍ଗରେ ଲାଗିଲେ ତାକୁ ଅଚ୍ଛା କ ମାଡେ ଦେବେ । ସବା ଶେଷରେ ଆମ ଭିତରେ ଠିକ୍ ହେଲା ଯେ ଥାନିଆ ଓ ସିପେଇ ଦୁହିଁଙ୍କ ଆମେ ନଜରରେ ରଖିବା, ଆଉ ସେ ଟୋକକୁ ଏକଥା ଚେତେଇ ଦବା, ଏଥିକିରେ ଆମର କଥା ବାର୍ତ୍ତା ବନ୍ଦ ହେଲା ।

ମାସେ ବିତିଗଲା, ଏଥି ମଧ୍ୟରେ ସିପେଇ ଧଳାରୁଚି ସେକୁଥାଏ, ଝାଲର କରିବାବାଲା ଟୋକଙ୍କ ସାଙ୍ଗରେ ବୁଲୁଥାଏ, ଆମ୍ଭକୁ ଅନେକଥର ଦେଖିବାକୁ ଆଇଲା, ଆଉ ମାଇପଙ୍କ ସାଙ୍ଗରେ ତାର ବାହାଦୂରୀ କଥା ବେଶି ଆମ ପାଖରେ କହୁ ନଥାଏ । ବରାବର ନଶଯୋଡାକ ମୋଡୁଥାଏ, ଓଠ କାମୁଡୁ ଥାଏ ।

ଥାନିଆ ବରାବର ଆଗପରି ଷ୍ଟେଟ ରୁଟିପାଇ ଦିନ୍ ସକାଳୁ ଆସେ । ସବୁଦିନ ପରି ସୁନ୍ଦର, ହସ ହସ ମେଳା-ମିଶା ଭାବ, ଆମେ ଥରେ ଦୁଇଥର ତାକୁ ସିପେଇ ସମ୍ବନ୍ଧରେ କହିଥିଲୁ, ସେଥିରେ ସେ ତାକୁ "ଡିମା ଆଖିଆ ବଳଦ" ବୋଲି ଥଟାକଲା । ଆମେ ନିଶ୍ଚିନ୍ତ ରହିଲୁଁ ଯେ ସିପେଇ ସ୍ମାର କିଛି କରିପାରିବନାହିଁ । ଆମେ ଦେଖୁଥାଉଁ ସିପେଇ କିପ୍ରକାର ଝାଲରବାଲା ଟୋକଙ୍କ ସାଙ୍ଗରେ ଜେଇ ବୁଲୁଥାଏ, ଆମର ଥାନିଆ ପାଇଁ ଛାତି ଫୁଲି ଉଠୁଥାଏ । ଥାନିଆର ଏ ଆଚରଣରେ ଆମ ଯଶ ବଢୁଥାଏ । ଆମେବି ଥାନିଆପରି ସେ ସିପେଇକୁ ଷ୍ଟେଟ ନଜରରେ ଦେଖିବାକୁ ଲାଗିଲୁଁ । ଦିନକୁ ଦିନ ଥାନିଆ ଆଡେ ଆମ ସ୍ନେହ ଅଧିକ ଅଜାଡ ହୋଇ ପଡୁଥାଏ, ଦିନ ସକାଳୁ ସେ ଆଇଲେ ତାକୁ ବେଶି ବେଶି ଆଦର ଯତ୍ନ କରୁଥାଉଁ ।

ଦିନେ ସେ ସିପେଇ ଠିକଏ ମାତାଲ ହୋଇ ଆମ୍ଭକୁ ଦେଖିବାକୁ ଆଇଲା । ବସି ପଡ ହସୁଥାଏ । କାହିଁକି ସେ ହସୁଛି ତାକୁ ପଚାରିଲାରୁ ସେ କହିଲା:—

"କାହିଁକି ? ସେ ଦୁଇଟା ଟୋକା—ସେ ଲଙ୍କ ଆଜି ମୃଷା—ମୋ ଲାଗି ଯୋଉ ଲଟା ପଟା ଲଗାଇଛନ୍ତି ଭୁଲୁହନା । ତମେସବୁ ଦେଖନ୍ତ କି ସେ ଦୁହେଁ କିପରି ଧରା


Digitized by srujanika@gmail.com

ଧରି ହେଉଛନ୍ତି । ଜଣେ ଜଣଙ୍କ ଚୁଟି ଧରି ତାକୁ ବାଡଘରେ ପକେଇ ଦେଇ ତା ଛାତି ଉପରେ ଚଢ଼ି ବସିଚି । ଦୁହେଁ ଦୁହିଁଙ୍କ ମୁହଁ ଆମ୍ପୁଡ଼ି ଝାମ୍ପୁଡ଼ି ଲୋହୁ ଲୁହାଣ କଲେଣି । ହସି ହସି ତ ମଣିଷ ମଲା । ମାଇପେଗୁଡାକ କି କଳି କରନ୍ତି ରେ ଭାଇ ! ଇମିତି ଆମ୍ପୁଡ଼ା ଝାମ୍ପୁଡ଼ା ହୁଅନ୍ତି କାହିଁକି ?

ସେ ବେଞ୍ଚ୍ ଉପରେ ବସିଥାଏ, ଦେଖିବାକୁ ଯେମିତି ଗୋଲ ଗାଲ ସେମିତି ଖୁସିବାସୀ । ସେ ସେଠି ବସି କି ହସୁଥାଏ । ଆମେ ସବୁ ଚୁପ ମାରିଥାଉଁ । ଏଥର ସେ ଆମକୁ ଭଲ ଲାଗିଲାନାହିଁ ।

"ବେଶ ମଜା ଏକା, ମାଇପଙ୍କ ପାଖରେ ମୋ କପାଳ ଠେକ୍ ! ନୁହେଁ ? ମୁଁ ତ ହସି ହସି ବେରାମ ହୋଇଯିବି ! ଟିକିଏ ଠାରି ଦେଲେତ ତାଙ୍କର ସବୁ ଗଇଲା, ଯିମିତି ଭୂତ ଲାଗେ !"

ସେ ତା ଚୁମା ଚୁମା ଧଳା ହାତଟା ଉଠେଇ ଆଣ୍ଠୁ ଉପରେ ଦୁଇଟା ଫୁଟ୍କି ମାରିଦେଲା । ଏମିତି ଆଶ୍ଚର୍ଯ୍ୟ ହୋଇ ଅନାଇଥାଏ ଯେ ଜଣା ଯାଉଥାଏ ଯିମିତି ସେ ତା ନିଜ କପାଳ ସୁଭାଗ୍ୟରୁ ନିଜେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ତା ମୋଟା ଲାଲ ମୁହଁଟା ଖୁସିରେ ପୁରି ଫାଟି ଯାଉଥାଏ, ଆଉ ଲଗ୍ ଲଗ୍ କି ଓଠ କାମୁଡୁଥାଏ ।

ଆମ ଚୁଟି କାରିଗର ଖୁବ ଜୋରରେ ଖଣ୍ଡିଟାକୁ ଚୁଲି ଉପରେ ଝଣ କି କରିଦେଇ ଥଟ୍ଟା କରି କହିଲା—

"କିଁଉରିଆ କାଠି ଭାଙ୍ଗେ ଆଉ ବେଶି ଦେଖେଇ ହେଲେ କ'ଣ ? ଶାଳ ପିଆଶାଳ ସିନା ଭାଙ୍ଗିଲେ ବାହାଦୁରି"

ସିପେଇ ପଚାରିଲେ "କାହିଁକି ଏକଥା ମତେ କହିବାର ମାନେ କଅଣ"

"ଆଚ୍ଛା ହଁ

"କଅଣ ସେ କଥା

"ନା କିଛି ନୁହେଁ, ମୋ ଭୁଣ୍ଡ ଖସି ଗଲା

"ନା କୁହ । କଥାଟା କଅଣ ? କିଏ ଶାଳ ପିଆଶାଳ ? ଆମ ଚୁଟି କାରିଗର ଆଉ ଉତ୍ତର ଦେଲାନାହିଁ, ଖଣ୍ଡି ଧରି ଝଟ ଝଟ କାମ କରି ଯାଉଥାଏ । ଅଧାସିଝା ଚୁଟିଗୁଡ଼ାକ ତଳ ଉପରକୁ ଫୋପାଡି ଦେଉଥାଏ । ଆଉ ଯୋଉଁ ଚୁଟିଗୁଡାକ ତିଆରି ହୋଇ ଯାଇଥାଏ ତାକୁ ଦୁମ୍ଦାମ୍ କି ତଳେ ଜମା କରି ଦେଉଥାଏ । ଟୋକାଏ ସବୁ ସେ ଚୁଟି ଗୁଡାକ ଗୁନ୍ଥି ଝୁଲେଇ ଦେଉଥାଆନ୍ତି । ଜଣା ଯାଉଥାଏ ଯେମିତି ସେ ସିପେଇକୁ ତା କଥା ବାର୍ତ୍ତାକୁ ସବୁ ଭୁଲିଗଲାଣି । ସିପେଇ ଆଉ ସମ୍ଭାଳି ପାରିଲାନାହିଁ । ଖୁବ ଜୋରରେ ଆଉ ଜଲ୍ଦି ଜଲ୍ଦି ଟାଣିକି ଗୁଲୁଥାଏ, କେହି ପାଖକୁ ଗଲେ ନିଶ୍ଚୟ ତା ଧଅରେ ବାଜନ୍ତା । କିନ୍ତୁ ସିପେଇ ଠିଆ ହୋଇ ଛଟି କିଛୁ ନ ମାନି ଏକଦମ୍ ଚୁଲି ପାଖକୁ ଗୁଲି ଯାଇଁ କହିଲା "କୁହ ଭଲା-ସେ କିଏ ? ତମେ ମତେ ଅପମାନ କରୁଛ । ମୁଁ ପାରିବି ନାହିଁ ନା ? ମତେ ଦେଖି କିଏ ନ ଢୁଲିବ ଏପରି କେହି ଜଣେ ନାହାନ୍ତି । ତମେ ମତେ ଇମିତି କଥାଟାଏ କହୁଛ ?"

ବାସ୍ତବିକ ତାକୁ ଏକଥା ଭାରି ବାଧିଲା । ତାର ନିଶ୍ଚୟ ଏଇ ଟୋକାଙ୍କି ଭୁଲେଇବା ଛଡା ଆଉ କିଛି ଗୁଣ ନ ଥିଲା—ଯେଉଁଥିରେ ସେ ବାହାଦୁରି କରିବ ।

ତା ଦେହରେ ଏତିକି ଥିଲା ସଭି ତାର ଗୁଣ, ଆଉ ସବୁତକ ତାର ରକ୍ତ ମାଉଁସ ସାଙ୍ଗରେ ମିଳେଇ ଯାଇଥିଲା ।

ଅନେକ ଲୋକ ଅଛନ୍ତି, ଯେ ତାଙ୍କ ଜୀବନରେ ଦେହର ବା ମନର ଗୋଟାଏ ରୋଗକୁ ସବୁଠୁଁ ଅମୂଲ୍ୟ ମଣି ଭଲ ଠେକି ଧରିଥାନ୍ତି । ସେ ସାରାଜୀବନଟା ଏଇଥିରେ କଟେଇ ଦିଅନ୍ତି ଏତିକି ଯେମିତି ବଞ୍ଚିଥାଆନ୍ତି । ଏଥିରେ କଷ୍ଟ ପାଆନ୍ତି, ହେଲେ ଏହାର ଉପରେ ତାଙ୍କର ସବୁ ନିର୍ଭର । ସେ ଏ ଦୁଃଖ ଅନ୍ୟକୁ ଜଣେଇ ତାଙ୍କ ନଜରରେ ଆସନ୍ତି । ଏଥିରେ ସେ ଲୋକଙ୍କ ମାୟା ମମତା ବଳେ ଟାଣି ଆଣନ୍ତି, ଯା ଛଡା ତାଙ୍କର ଆଉ କିଛି ନ ଥାଏ । ତାଙ୍କର ସେ ରୋଗ ଭଲ କରିବା ଦୋଷ ସଳଖେଇ ଦେଲେ ସେ ବିଚରା ବଡ ବେହାଲ ହୋଇଯିବେ, ତାଙ୍କ ଜୀବନରୁ ଏକମାତ୍ର ଆଶ୍ରା ଖସିଯିବ । ସେ ଏକାବେଳେକେ ଫମ୍ପା ହୋଇଯିବେ । ମଣିଷ ଜୀବନ

Digitized by srujanika@gmail.com

ଏତେ ନଦେଖି ଯେ ସେ ବେଳେବେଳେ ଆପଣା ପାପ-ଗୁଡାକୁ ଆପେ ପ୍ରଶଂସା କରେ, ଆଉ ସେଇଥି କରି ବଞ୍ଚି ରହେ । କେହି କହନ୍ତି ଯେ ଲୋକେ ଜୀବନ ପ୍ରତି ବିରକ୍ତ ହୋଇ ଏପରି ଅଚଳ ହୋଇ ପଡନ୍ତି ।

ସିପେଇ ଭାରି ଚିଡିଲା, ଗର୍ଜି ଉଠି ଆମ ରୁଟିକାରି-ଗରକୁ କହିଲା—

" କିହୋ ମତେ-ସେ କିଏ ?

ଆମ ରୁଟି କାରିଗର ତା ଆଡକୁ ଫେରି ପଡି କହିଲା—

" ତତେ କହିବି ?

" ହଁ ମତେ

" ତୁ ଟାନିଆକୁ ଜାଣୁ

" ଆଚ୍ଛା ତାପରେ

" ତାପରେ ଆଉ କଅଣ ? ଭୁଲେଇଲୁ ତାକୁ ?

" କିଏ ! ମୁଁ

" ହଁ ତୁ

" ତାକୁ ? ଇସ୍—ଏ କାମ ମତେ କାହିଁ ନୁହେଁ

" ଆଚ୍ଛା ଦେଖିବା

" ହଉ ଦେଖିବ

" ସେ

" ମତେ ମାସେ ସମୟ ଦିଅ "

" ସିପେଇ ତୁ ଏତେ ଫିସାଦିଆ ?

" ଆଚ୍ଛା ହେଲା—ପନ୍ଦର ଦିନ ! ମୁଁ ଦେଖେଇଦେବି । କିଏ ? ସେ, ଟାନିଆତ ! ଫୁସ୍ ! "

" ଆଚ୍ଛା ଏଇଛଣି ତୁ ସିବୁନି, ମୁଁ କାମ କରେଁ "

" ପକ୍ଷେ, ପକ୍ଷକ ଭିତରେ ମୁଁ କାମ ଫତେ କରିବି

" ଯା, ମୁଁ କହୁଛି "

ଆମ ରୁଟିକାରିଗର ହଠାତ୍ କି ରାଗି ଖଣ୍ଡିଏ ଧରି ବୁଲେଇବାକୁ ଲାଗିଲା । ସିପେଇ ଚମକି ପଡି ପଛକୁ ହଟି ଗଲା, ଆମକୁ ସବୁ ଅନେଇ ଥିରହୋଇ ଠିଆ-ହେଲା—ଅସ୍ତେ ଅସ୍ତେ ଦାଢ଼ି ହସି ଭଙ୍ଗୀ କରି କହିଲା "ଆଚ୍ଛା, ଆଚ୍ଛା, ହଉ ତେବେ ଯା କହି ଚାଲିଗଲା ।

କାଲି ବେଳେ ଆମେ ସବୁ ଚୁପ ହୋଇ ଏକାଧ୍ୟାନରେ ଶୁଣୁଥାଉଁ, ନିମିତ୍ତ ସିପେଇ ଚାଲିଗଲା—ଆମ ଭିତରେ ବଡ଼ ଆଗ୍ରହରେ ବଡ଼ ପାଟିରେ କଥା ବାର୍ତ୍ତା ଲାଗିଲା ।

ଜଣେ ପାଟି କରି କହିଲା " ଏ ବଡ଼ ଖରାପ ବେପାର ଲଗେଇଲୁ ତୁ ସ୍ୟାହେଲ୍

ରୁଟି କାରିଗର ରାଗି କି କହିଲା "ଚୁପ୍, ତୋ କାମ ତୁ କର ଆମେ ସବୁ ବୁଝିଲୁଁ ସିପେଇ ଭାରି ଚିଡିଛି । ଟାନିଆର ବଡ଼ ବିପଦ । ଆମେ ଏକଥା ସମସ୍ତେ ଜାଣିଲୁଁ, କିନ୍ତୁ ଫଳଟା କଅଣ ହେବ ଜାଣିବାକୁ ଆମର ଭଲ ଆଗ୍ରହ ହେଲା—ମଜା ଦେଖିବାକୁ ଯେଉଁ ଆନନ୍ଦ ଆମର ସେ ଆନନ୍ଦ ହେଉଥାଏ । କଅଣ ହେବ ? ଟାନିଆ କଅଣ ଠିକ ହୋଇ ରହିପାରିବ ? ସମସ୍ତେ ଏକ ସାଙ୍ଗରେ ଖୁବ ଭରସା କରି କହି ପକାଇଲୁଁ " ଟାନିଆ ? ହଁ ସେ ଠିକ ହୋଇ ରହିବ । ତାକୁ କେବେ କେହି ଫାନ୍ଦରେ ପକେଇ ପାରିବନାହିଁ ? "

ଆମେ ସବୁ ଆମ ପୂଜା-ପ୍ରତିମାଟିର ବଳ ପରୀକ୍ଷା କରିବାକୁ ବଡ ଆଗ୍ରହୀ ହୋଇ ରହିଲୁଁ " ଆମେ ଆମ ଭିତରେ ଜୋର କରି ପ୍ରମାଣ କରୁଥାଉଁ ଯେ ଆମ ଠାକୁରାଣୀ ଖୁବ୍ ଟାଣୁଆ, ସେ ପରୀକ୍ଷାରୁ ନିଶ୍ଚୟ ଉଧୁରି ଆସିବ " ଶେଷରେ ଆମର ଧାରଣା ହେଲା ଯେ ସିପେ-ଇକୁ ଆମେ ବେଶି ଚିଡେଇ ନାହୁଁ ଯେ ସେ ଏ ଝଗଡା କଥା ଭୁଲିଯିବ, ତାକୁ ଆହୁରି ବେଶି କି ଚିଡ଼େଇ ଦବା ଦରକାର ଥିଲା । ସେଇ ଦିନୁଁ ଆମର ଜୀବନ ନୂଆ ପ୍ରକାର ଆରମ୍ଭ ହେଲା, ଗୋଟାଏ ଭୟଙ୍କର ଆଗ୍ରହରେ ଆମ ଦେହ ମନ ଟଣ୍ ଟଣ୍ ହେଉଥାଏ । ଏପରି ଭାବ ଆମକୁ କେବେ ଜଣା ନ ଥିଲା । ଆମେ ଏହି କଥା ନେଇ ସାରାଦିନଟା ଯୁକ୍ତି ତର୍କ କରୁଥାଉଁ । ଆମକୁ ଜଣା ଯାଉ-ଥାଏ ଯେପରି ଆମେ ଟିକିଏ ଚାଲାଖ ହୋଇଗଲୁଣି । ଆମେ ବେଶି ବେଶି ଭଲ କଥାବାର୍ତ୍ତା କରୁଥାଉଁ । ଆମକୁ ଜଣା ଯାଉଥାଏ ଯେପରି ସଇତାନ ସାଙ୍ଗରେ ଖେଳ-ଖେଳୁଛୁଁ—ଆଉ ଟାନିଆ ସେ ଖେଳର ବାଜି । ଆମେ ଶୁଣିଲୁଁ ଯେ ଟାନିଆ ପଛରେ ସେ ସିପେଇଟା ଗୋଡେଇ-ଲାଣି । ଆମକୁ ଡର ମାଡୁଥାଏ ଏଣେ ମଜାଟା ଦେଖିବାପାଇଁ ଟିକିଏ ଖେପିବା ହେଉଥାଉଁ । ଜୀବନଟା ଆମକୁ ବଡ ଭଲ ଲାଗୁଥାଏ, ଆମେସବୁ ଏଥିରେ ଏତେ ମାତିଥାଉଁ ଯେ ଆମର ଖିଆଲ ବି ନଥାଏ—ଆମ ମୂନିବ ଆମଠୁଁ

Digitized by srujanika@gmail.com

ଚଉଦବର୍ଷର ବେଶି ମଇଦା ଦଳେଇ ନେଉଥାଏ । ଆମ କାମ ଆମ୍ଭକୁ କାମପରି ଲାଗୁ ନଥାଏ । ଝାଳିଆ ନାହିଁ । ଆମ ପାଖରେ ଦିନରାତି ଲାଗି ରହିଥାଏ । ଦିନ୍ ତାକୁ ଅଧୈର୍ଯ୍ୟ ହୋଇ ଅତି ଆଗ୍ରହରେ ଦେଖୁଥାଉଁ । ଆମେ ବେଳେ ବେଳେ ମନେ ମନେ ଦେଖୁଁ ଯେ ଝାଳିଆ ଆମ-ପାଖକୁ ଆସିବ, କିନ୍ତୁ ସେ ପୂର୍ବ ଝାଳିଆ ନୁହେଁ କିଛି ବଦଳି-ଯାଇଛି । ତା ବିଷୟରେ ଆମ ଝଗଡ଼ାକଥା ତାକୁ କିଛି-ଆମେ କହୁଁନା । ତାକୁ କିଛି ପଚାରୁଁନା, ସବୁଦିନେ ତାକୁ ଯେପରି ଆଦର ଯତ୍ନ କରୁଥିଲୁଁ, ସେଇପରି କରୁଁ । ତଥାପି ଝାଳିଆ ପ୍ରତି ଆମ ପୂର୍ବଭାବର ଗୋଟାଏ ପରିବର୍ତ୍ତନ ଅନୁଭବ କରୁଥାଉଁ । ନିଷ୍ଠୁର ତୀବ୍ର କୌତୁହଳ ଆମର ଜୀବନଟାକୁ ଭୂତ ଲଗାଇ ଦେଇଥାଏ ।

ଦିନେ ସକାଳେ ଆମ ରୁଟିକାରିଗର କାମ ଆରମ୍ଭ କରିବା ବେଳେ କହିଲା— " ଶୁଣୁଛ ! ଆଜିତ ସେ ମିଆଦ ପୁରିଯାଉଛି " ତା କହିବାପୂର୍ବରୁ ଆମେସବୁ ଏ କଥା ଜାଣିଥିଲୁଁ, ତଥାପି କାହିଁକି କେଜାଣି ଆମ ଧିଅ ଥରିଉଠିଲା । ଆମ ରୁଟି କାରିଗର କହିଲା ଅନେଇ ଥା, ସେ ଏଇକ୍ଷଣି ଏଠିକି ଆସିବ ।

ଆମ ଭିତରୁ ଜଣେ କହିଲା " କି, ଆଇଲା କଅଣ-ହେଲା ତାର କଅଣ ହୋଇଛି କି ?

ଆମେ ପୁଣି ଆଗ୍ରହରେ ତା ସମ୍ବନ୍ଧରେ ବଜାପାଟିରେ ବିତଣ୍ଡା ଆରମ୍ଭ କଲୁଁ । ଆଜି ଆମେ ପରୀକ୍ଷା କରିବସିଛୁଁ କେତେ ଶୁଦ୍ଧସ୍ୱର୍ଣ୍ଣ ସେ ପାତ୍ର, ଯେଉଁଥିରେ ଆମର ଯାହା କିଛି ମଧୁର ସବୁ ଢାଳିଦେଇଛୁଁ । ଆଜି ସକାଳୁ ପ୍ରଥମେ ଆମକୁ ଲାଗିଲା ବାସ୍ତବିକ ଆମେ କେତେବଡ ଖେଳ ଖେଳୁଛୁଁ । ଆଜି ଯାଇଁ ଜାଣିଲୁଁ ଯେ ଆମ ପ୍ରତି-ମାର ଖାଁଟି, ଭେଜାଲ ପରୀକ୍ଷା କରୁଁ କରୁଁ ଆମେ ପ୍ରତିମାକୁ ମୂଳରୁ ହରେଇବାକୁ ବସିଛୁଁ । ପ୍ରତିମାଟିକୁ ପରୀକ୍ଷା କରୁଁ କରୁଁ ତାକୁ ଏକାବେଳେ ବିସର୍ଜ୍ଜନ ଦେବାକୁ ବସି-ଲୁଣି ।

ଏଇ ଗଲା ପନ୍ଦରଦିନଯାକ ଆମେ ଶୁଣୁଥାଉଁ ଯେ ସିପେଇ ଜଟେଇଲାଗେଇ ଝାଳିଆ ପଛରେ ଗୋଡ଼େଇଛି କିନ୍ତୁ ଦିନେହେଲେ ଆମ ମନେ ହୋଇନାହିଁ ତାକୁ ପଚାରିବାକୁ ଯେ ସେ ସିପେଇକୁ କି ଜବାବ ଦେଇଛି । ଏଣେ ସେ ବରାବର ସକାଳୁ ଆମପାଖକୁ ଆସୁଥାଏ ଦିନ୍ ଯେପରି ଆମେ ତାକୁ ସେଇପରି ଦେଖୁଥାଉଁ ।

ଆଜି ସକାଳୁ ମଧ୍ୟ ଆମ୍ଭକୁ ତା କଥା ଶୁଭିଲା, ସେ କହିଲା " ହେଇ ମୁଁ ଆଇଲିଣି "— ଆମେ କବାଟ ଖୋଲିଦେଲୁଁ, ସେ ଯେତେବେଳେ ଭିତରକୁ ଆଇଲା ଆମେ ସବୁଦିନପରି କଥା ନକହି ଚୁପହୋଇ ରହିଲୁଁ । ଆମେ ସବୁ ତାକୁ ଅନେଇଥାଉଁ ତାକୁ କଅଣକହିବୁ ବା କଅଣ ପଚାରିବୁ । ଆମ୍ଭକୁ କିଛି ଆଇଲାନାହିଁ ।— ତା ଆଗରେ ମୂକଙ୍କପରି ଚୁପହୋଇ ଠିଆ ହୋଇଥାଉଁ ।

ସେ ଆମ୍ଭକୁ ସବୁ ଏପରି ଚୁପ୍‌ଚାପ୍ ଦେଖି ଥକାହି ଠିଆହେଲା । ହଠାତ୍ କି ଆମେ ଦେଖିଲୁଁ ତା ମୁହଁ ଶୁଖି-ଗଲା ସେ ବଡ ବ୍ୟସ୍ତହୋଇ ପଡି କାନ୍ଦ କାନ୍ଦହୋଇ ପଚାରିଲା " ତମେସବୁ ଏମିତି କାହିଁକି ହୋଇଛ? "

ରୁଟିକାରିଗର ତାକୁ ଅନେଇକି ଫୋପଡ଼ାକରି କହିଲା

" ଆଉ ରୁ
ମୋର କଅଣ ହୋଇଛି ?
" ନା କି-ଛି—ନା
" ଆଚ୍ଛା ଜଲଦି ରୁଟି ଦିଖଣ୍ଡ ମତେ ଦେଲ

ଆଗରୁ କେବେ ସେ ଆମକୁ ତରତର କରୁନଥିଲା, ଆମ ରୁଟିକାରିଗର ସେଇପରି ତାକୁ ଅନେଇ ଥାଏ ସେଇପରି ଗଛଟାପରି ଠିଆହୋଇ କହିଲା—

ଏତେ ତରତର କାହିଁକି ଢେର୍ ବେଳ ଅଛି

ତା ପରେ ସେ ଫେରିପଡି କବାଟ ଦେଇ ଚାଲିଗଲା, ରୁଟି କାରିଗର ଖଣ୍ଡି ଧରି ଚୁଲିଆଡ଼କୁ ଫେରି କହିଲା— ଏଥର ସବୁ ଜଣାଗଲା, କିନ୍ତୁ ସିପେଇଟାଏ, ତା ପରି ପଶୁଟାଏ—କୁତ୍ତାଟାଏ !

ମେଞ୍ଚା ପଲାପରି ଆମେସବୁ ଟେବୁଲ୍ ଗୃହଆଡେ ସେଇଯାଇଁ ଚୁପହୋଇ ବସିଲୁଁ, ଅଧୀରହୋଇ କଥାବାର୍ତ୍ତା ହେଉଥାଉଁ । ଆମଭିତରୁ ଜଣେ କହିଲା—

" ମୋଟ ଉପରେ—

Digitized by srujanika@gmail.com

ଏତିକି କହୁଛି, ଆମ ଗାଁ ର କାରିଗର ଚିତ୍ରକାର କଳା "ରୂପକର

ଆମର ସମସ୍ତଙ୍କର ବିଶ୍ୱାସ ଯେ ଆମକାରିଗର ବିବେଚକ ଲୋକ—ଢ଼େର ଦେଖିଛି, ଢେର ଜାଣିଛି, ତା କଥାରେ ଆମର ପରତେ ହେଲା ଯେ ସିଏପେଇ ଜାଣିଛି । ଆମ ମନ ଦମି ଗଲା ଅମେ ସବୁ ଚିନ୍ତାରେ ନଇଁଗଲୁଁ । ବାରଟାବେଳେ ଅମେ ସବୁ ଖାଇ ବସିଛୁଁ ସିଏପେଇ ଆଇଲା । ସେ ସବୁଦିନ ପରି ସାଫ୍ ସୁତର ଫିଟ୍ ଫାଟ୍ ହୋଇଥାଏ, ସେ ଆସି ବରାବର ଯେପରି ଅନାଏଁ ସେପରି ଅନେଇଲା, କିନ୍ତୁ ଅମେ ତାକୁ ଚାହିଁ ପାରିଲୁ-ନାହିଁ । ସେ କହିଲା "ବାବୁମାନେ ଦେଖିବ ଏଇକ୍ଷଣି ସିଏପେଇର ବାହାଦୂରୀ ?"

ବାଟଘରକୁ ଯାଇ ଫାଟରେ ସବୁ ଅନେଇଲ ଦେଖିବ ! ଅମେ ସବୁ ବାଟ ଘରକୁ ଯାଇଁ ଗୋଟାକ ଉପରେ ଗୋଟାଏ ପଡ଼ି କାନ୍ଥରେ ନେଶି ହୋଇ ଗଳାପରି ଅଗଣାକୁ ଅନେଇ ଥାଉଁ । ଅମକୁ ବେଶି ବେଳ ଯାଏ ସେଠି ଚାହିଁବାକୁ ହେଲନାହିଁ, ଖୁବ ତରତରରେ ଟୋନିଆ ମୁଁହଟି ବିରସ କରି ତରତର ହୋଇ ଭିଜା ବରଫରେ କାଦୁଅ ଅଗଣାକୁ ଡେଇଁ ଅଗଣା ପାର ହୋଇ ଭଣ୍ଡାର କୋଠରୀକୁ ଚାଲିଗଲା । ତା ପରେ ସିଏପେଇ ଶୁଣ୍ଣର ମାର୍-ମାରକା ଆସ୍ତେ ଆସ୍ତେ ଯେଇ ଆଡ଼କୁ ଗଲା । ତା ହାତ ଦୁଇଟା ପକେଟରେ ପୂରେଇ ଥାଏ, ନିଶ ଯୋଡ଼ାକ ନବଉ ଥାଏ ।

ବର୍ଷା ପଡୁଥାଏ, ଅମେ ଦେଖୁଁଥାଉଁ, କପରି ଟୋପାକୁ ଟୋପା ପାଣି ପଡ଼ି ଛୋଟ ଛୋଟ ଫୋଟକାଟିମାନ ହୋଇ ଯାଉଥାଏ, ପୁଣି ଫୋଟକା ଉପରେ ଟୋପାଏ ପାଣି ପଡ଼ି ଫୋଟକା ଭିତର ପାଣି କପରି କୁଅକୁଅ ହୋଇ ଯାଉ-ଥାଏ । ସେ ଦିନଟା ସନ୍ତ ସନ୍ତିଆ, କାଉଁଳିଆ—ବଡ଼ ଶୁନ୍ ଲାଗୁଥାଏ । ଏତେଦିନ ଯାଏଁ ବି ବରଫ ଘର ଛାତ ଉପରେ ଜମି କି ଥାଏ, କିନ୍ତୁ ଭୂଇଁରେ ଥାନେ ଥାନେ ବରଫ ତରଳି କଳା କାଦୁଅ ଭଳି ଦିଶୁଥାଏ । ଛାତ ଉପର ବରଫରେ ଧୂଳି ପଡ଼ି ମାଟିଆ ଦିଶୁଥାଏ । ବର୍ଷା ଟପ୍ ଟପ୍ କି ପଡ଼ୁଥାଏ କେମିତିଆ ଖରାପଟା ଶୁଭୁଥାଏ—ସେ ଟପ୍ ଟପ୍ ଶବ୍ଦ । ସେ ଥଣ୍ଡାରେ ଅପେକ୍ଷା କରିବାକୁ ଆମକୁ ଭାରି ବିରକ୍ତ ଲାଗୁଥାଏ ।

ଏହିଲେ ସିଏପେଇ ସେ ଭଣ୍ଡାର କୋଠରୀ ଭିତରୁ ବାହାରିଲା, ସେ ହାତ ଦୁଇଟା ପକେଟରେ ପୂରେଇ ନିଶକୁ ନଚେଇ ନଚେଇ ଧୀରେ ୨ ଅଗଣା ପାର ହୋଇ ଚାଲିଗଲା

ତା ପରେ ଟୋନିଆ ମଧ୍ୟ ସେଠୁଁ ବାହାରିଲା । ତା ଆଖି ଆନନ୍ଦରେ ଜଳ୍ ଜଳ୍ ଦିଶୁଥାଏ, ତା ଓଠ ହସ ହସ,ସେ ଆନନ୍ଦରେ ଚାଲିଲାପରି ଢ଼ଳି ଢ଼ଳି ଚାଲୁଥାଏ ।

ଅମେ ଆଉ ଚୁପ ହୋଇ ରହିପାରିଲୁ ନାହିଁ, ଏକ ସାଙ୍ଗରେ ସମସ୍ତେ ଅଗଣାକୁ ବାହାରି ପଡ଼ି ତାକୁ ଢ଼େର ଛି ଛି କାର କଲୁଁ, ବନ୍ଦ ପାଟିରେ ପାଗଳଙ୍କ ପରି ତାକୁ ଢ଼େର ବଦ ଗାଳି ଦେଲୁଁ ।

ସେ ଆମକୁ ଦେଖି ଚମକି ପଡ଼ିଲା; ସେଇ କାଦୁଅରେ ଚେର ଲାଗିଗଲା ପରି ଠିଆ ହୋଇଥାଏ । ଅମେ ସବୁ ତାକୁ ଘେରିକି ଠିଆ ହୋଇ ଗାଳି ଦେଉଥାଉଁ । ଆମ ପାଟିରେ ଲଗାମ ନ ଥାଏ ତାକୁ ଅସଭ୍ୟ ବେହିଆ କଥାରେ ଗାଳିଦିଆରେ ଲାଗିଥାଉଁ ।

ଅମେ ତାକୁ ଚାରି ପାଖରୁ ଘେରି ଥାଉଁ, ତାରିତ ସିବାର ଉପାୟ ନାହିଁ । ମନ ଇଚ୍ଛା ତାକୁ ଗାଳି ଦେଉ ଥାଉଁ । ଅମେ ଯେ ତାକୁ କାହିଁକି ନ ମାଇଲୁଁ, ତା ଆମକୁ ଅଜଣା । ସେ ଆମ ମଝିରେ ଠିଆ ହୋଇଥାଏ ଏ ଆଡ଼େ ସେ ଆଡ଼େ ଅନଉ ଥାଏ, ଆମ ଗାଳି ସବୁ ଶୁଣୁଥାଏ ଆଉ ଅମେ ମନ ଇଚ୍ଛା ତା ଉପରେ ଆମର ବିଷ ଢାଳି ଦେଉଥାଉଁ ।

ତା ମୁଁହ ଶୁଖିଗଲା, ତା ହସ ହସ ଆଖି ଦୁଇଟି ଝାଉଁଳି ପଡ଼ିଲା, ତା ଛାତି ଉଠୁଥାଏ,ପଡୁଥାଏ । ତା ଓଠ ଥରୁଥାଏ ଅମେ ତାକୁ ଘେରି କି ଚାରିଆଡ଼େ ଆମ ରାଗ ପୁରେଇ ନେଉଥାଉଁ । ସେ ଯେମିତି ଆମର କିଛି ଚୋରେଇ-ନେଇଛି । ସେ ଯେତେ ହେଲେ ଆମର ନିଜର ? ଅମେତ ତାର ଉପରେ ଆମର ସ୍ନେହ ମମତା ସବୁ ଓଜାଡ଼ିଦେଇଥିଲୁଁ । ତୁଳର ଖଣ୍ଡ ଖଣିକାଏ ହେଉ ପଛେ ଅମେ ଯେ ଛବିଶଜଣ ଆଉ ସେ ଏକଲା

Digitized by srujanika@gmail.com

ଆମ ଛବିଶଜଣଙ୍କ ମନ ଯେପରି ପୋଡଜଳା ଘରଖାର ହୋଇ ଯାଉଥାଏ, ତାକୁ କଅଣ ସେଥିପାଇଁ ଶାସ୍ତି ଅଣ୍ଟିବନା ? କି ଅପମାନ ତାକୁ ଅମେ ଦେଲୁଁ ! ସେ ତଥାପି ମୂକଟିପରି ଠିଆ ହୋଇଥାଏ, ସେହିପରି ବଙ୍କାଙ୍କପରି ଅନେଇଥାଏ, ତା ମୁଣ୍ଡରୁ ଗୋଡଯାଏ ଥରୁଥାଏ ।

ଅମେ ହୋ ହୋ ହୋଇ ହସୁଥାଉଁ, ଚିତ୍କାର କରୁଥାଉଁ, ଗର୍ଜୁଥାଉଁ ଆମ ପାଟିଶୁଣି ଆଉ ମଣିଷ ସେଠି ଜମା ହେଇଗଲେ । ସେମାନେବି ଆମପାଖରେ ଯୋଗଦେଇ ତାକୁ ଗାଳିଦେଉ ଥାଆନ୍ତି । ଆମଭିତରୁ ଜଣେ ଟାଣିଆ ଲୁଗା କାନିଧରି ଟାଣିଦେଲା ।

ହଠାତ୍ କି ଟାଣିଆ ଆଖି ଦୁଇଟା ନିଆଁପରି ଜଳି ଉଠିଲା ସେ ମୁଣ୍ଡଉପରକୁ ହାତନେଇ ବାଳ ସଜାଡିଦେଲା, ଆଉ ଧୀରେ ୨ ଆମ ମୁହଁଉପରେ କହିଲା—"ଆହା, ବଗିର ଗୋଲାମ ଗୁଡିକ ସେ ଆମଆଡ଼କୁ ସିଧା ଚାଲିଆଇଲା ଆମ ଭିତର୍‌ଦେଇ ଚାଲିଗଲା ଯେପରି କି ଅମେ ତାକୁ ଦିଶୁନୁଁ । ଅମେ ବି କେହି ତାକୁ ଅଟକାଇଲୁ ନାହିଁ ।

ସେ ଯେତେବେଳେ ଆମ ଭିତରୁ ବାହାରିଗଲା ସେତେବେଳେ ଆମଆଡ଼କୁ ନ ଅନେଇ ଅଧ ତାଚ୍ଛିଲ୍ୟ ଭାବରେ ପାଟିକରି କହିଲା "ତମେ ସୁସଭ୍ୟ ମଣିଷ ନୁହଁ, ତମେ ସବୁ ପଶୁ" ଯା କହିଦେଇ ଚାଲିଗଲା ।

ଅମେ ସବୁ ବର୍ଷାରେ ସେହି ପାଉଁସିଆ ସରଗତଳେ ଅଗଣାରେ ଠିଆହୋଇଥାଉଁ । ଖରା ସେଦିନ ଲୁଚିଯାଇଁଥାଏ କୁଆଡେ ।

ଆମେ ସବୁ ପୁଣି ଆମର ସେହି ସନ୍ତସନ୍ତିଆ ଅନ୍ଧାରିଆ ପଥରଗୁମ୍ଫା ଭିତରକୁ ଚାଲିଆଇଲୁଁ । ଖରା ଆଉ ଦିନେହେଲେ ଆମ ଝରକା ଫାଙ୍କରେ ଆମକୁ ଅନେଇ ଯାଏନାହିଁ । ଆଉ ଆମ ପୂଜା ପ୍ରତିମା ଟାଣିଆ, ତାକୁତ ବିସର୍ଜନ ଦେଇଆସିଲୁଁ ।

---

# ରାଜଗୃହ

ଶ୍ରୀ ଗୋପାଳଚନ୍ଦ୍ର ଦାସ ।


ଶିଳ୍ପ ଦେଶର ଅଜ୍ଞାତ ଇତିହାସ । କାଳର କରାଳ କବଳରୁ ରକ୍ଷାପ୍ରାପ୍ତ ପୁରାତନର ଆଦର୍ଶ ସ୍ୱରୂପ ଭଗ୍ନମୂର୍ତ୍ତି-ଖଣ୍ଡ ପର୍ଯ୍ୟନ୍ତ ଭାବୀ ବଂଶଧର ନିକଟରେ ତତ୍‌କାଳୀନ ଇତିହାସର ମୂକସାକ୍ଷୀରୂପେ ଦଣ୍ଡାୟମାନ ହୋଇଥାଏ । ସୁନିପୁଣ ଶିଳ୍ପୀ ଦେବଦେବୀମୂର୍ତ୍ତିରେ, ମନ୍ଦିର ଓ ପ୍ରାଙ୍ଗଣରେ ତାହାର ଅଦ୍ଭୁତ ଶିଳ୍ପନୈପୁଣ୍ୟ ଓ କୌଶଳ ପ୍ରଭାବରେ ସେ ଜାତିର ବିକାଶ, ଉପନିବେଶ ସ୍ଥାପନ, ବ୍ୟକ୍ତିଗତ ବା ଜାତିଗତ ସ୍ୱଭାବ ପ୍ରଭୃତି ତାବତୀୟ ବିଷୟର ଯେଉଁ ମାନଚିତ୍ର ଅଙ୍କନ କରିଯାଇଥାଏ ତାହା ତାହାର ଉତ୍ତରାଧିକାରୀଙ୍କୁ ଅବ୍ୟକ୍ତ ମଧୁର ଭାଷାରେ କେତେ ଯୁଗ ଯୁଗାନ୍ତରର ଇତିହାସ କହିଯାଉଥାଏ । ଏହି ଶିଳ୍ପର ଗୋଟିଏ କ୍ଷୀଣରଶ୍ମି କି ଘୋର ଅନ୍ଧକାର ଭେଦକରି ମାନବର ଜ୍ଞାନାନ୍ବେଷଣ ବର୍ଦ୍ଧନ କରେ ! ଭାରତର ପୂର୍ବଗୌରବର ଚିହ୍ନସ୍ୱରୂପ କେତେ ଭଗ୍ନମନ୍ଦିର, ଦେବଦେବୀର ମୂର୍ତ୍ତି, ମୃଣ୍ମୟ ଓ ଧାତବପାତ୍ର, ସ୍ୱର୍ଣ୍ଣରୌପ୍ୟ ମୁଦ୍ରା ତମସାଚ୍ଛନ୍ନ ଗିରିଗହ୍ୱରଠାରୁ ଆରମ୍ଭକରି ଶୂନ୍ୟ, ନିର୍ଜନପ୍ରାନ୍ତର ପର୍ଯ୍ୟନ୍ତ କେଉଁ ଅଜ୍ଞାତଦେଶରେ କିପରି ଅରକ୍ଷିତ ଭାବରେ ପଡି ରହିଅଛି ତାହା କିଏ କହିପାରିବ !

ଇତିହାସ ପ୍ରସିଦ୍ଧ ବୌଦ୍ଧକୀର୍ତ୍ତି-ବିମଣ୍ଡିତ ଭାରତ-ଗୌରବ ମଗଧ ରାଜଧାନୀ ରାଜଗୃହର ଭଗ୍ନାବଶେଷ ଏହି ବହୁମୂଲ୍ୟ ରତ୍ନମଧ୍ୟରୁ ଏକତମ । ପୁରାତନର ସେ ସମୃଦ୍ଧିଶାଳୀ ରାଜଗୃହ ଧୂଳିସାତ୍ ହୋଇଥିଲେହେଁ ତାହାର ପୁଣ୍ୟ, ମଧୁରସ୍ମୃତି ଆଜି ମଧ୍ୟ ଜାଜ୍ଜ୍ୱଲ୍ୟମାନ ରହିଅଛି । ତେଣୁ ଅବସରବାସରେ ପୁଣ୍ୟକୀର୍ତ୍ତି ରାଜଗୃହ ଦର୍ଶନ ନିମିତ୍ତ ଅମ୍ଭେମାନେ କେତେଜଣ ପ୍ରବାସୀ ଓଡ଼ିଆ-ଯୁବକ ପାଟନାରୁ ରାଜଗୃହ ଯାଇଥିଲୁଁ ।

Digitized by srujanika@gmail.com

ରାମାୟଣ ଓ ମହାଭାରତ ଯୁଗରେ ଏହି ରାଜଗୃହ ଗିରିବ୍ରଜ ଓ କୁଶାଗରପୁର ନାମରେ ପ୍ରସିଦ୍ଧି ଲାଭକରିଥିଲା । ବୌଦ୍ଧଯୁଗର ପ୍ରାରମ୍ଭରେ ଗିରିବ୍ରଜ ନଗରୀ ରାଜଗୃହ ନାମରେ ପରିଚିତ ହେବାକୁ ଲାଗିଲା । ରାଜା ବିମ୍ବିସାର ପ୍ରଥମେ ଏଠାରେ ବସତି ସ୍ଥାପନ କରିଥିବା ହେତୁ ଏହା ରାଜଗୃହ ନାମ ଲାଭ କରିଅଛି । ବର୍ତ୍ତମାନ ଏଠାରେ ଦୁଇଟି ନଗରୀର ଭଗ୍ନାବଶେଷ ପରିଦୃଷ୍ଟ ହୁଏ, ଗୋଟିଏ ପୁରାତନ ଓ ଅନ୍ୟଟି ନୂତନ ରାଜଗୃହ ନାମରେ ଅଭିହିତ ।

ଏହି ବାଲଗଙ୍ଗା ତଟରେ କେତେ ନାଗଧର୍ମାବଲମ୍ବୀ ରାଜପୁତ ବୀରଙ୍କ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଅଧୁନା ପ୍ରାଚୀର ପରିବେଷ୍ଟିତ ଏହି ଯୁଦ୍ଧ ଭୂମିର ପ୍ରସ୍ତରଗାତ୍ରରେ କେତେଗୁଡ଼ିଏ ଅସ୍ପଷ୍ଟ ଲିପି ପରିଦୃଷ୍ଟ ହୁଏ । ସ୍ଥାନୀୟ ଲୋକେ ଏହାକୁ ଜରାସନ୍ଧଙ୍କର ମୃତ୍ୟୁକାଳୀନ ହସ୍ତ ପଦ ସଞ୍ଚାଳନର ଫଳ ବୋଲି ଅନୁମାନ କରନ୍ତି, କିନ୍ତୁ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଏହାକୁ ବୌଦ୍ଧଯୁଗର ଲିପି ବୋଲି ସ୍ଥିର କରିଅଛନ୍ତି । ଫାହିଆନ ଏହି ପଞ୍ଚପର୍ବତକୁ ନଗରର ପ୍ରାଚୀର ସ୍ୱରୂପ ଗୋଟିଏ ବେଷ୍ଟନୀ ସହିତ ତୁଳନା କରିଅଛନ୍ତି, ଫାହି-



ବୈଭାରଗିରି ଓ ଜୈନ ମନ୍ଦିର ।

ଚୀନପରିବ୍ରାଜକ ଫାହିଆନ ବର୍ଣ୍ଣିତ ଇତିହାସରୁ ଜଣାଯାଏ ଯେ ପୁରାତନ ରାଜଗୃହ ନୂତନ ରାଜଗୃହର ଦକ୍ଷିଣରେ ପାଞ୍ଚଟି ପର୍ବତ ମଧ୍ୟସ୍ଥ ଉପତ୍ୟକା ଉପରେ ଅବସ୍ଥିତ । ହୁଏନ୍‌ସାଂ ତାଙ୍କର ଭ୍ରମଣ କାହାଣୀରେ ରାଜଗୃହକୁ କୁଶାଗରପୁର ଓ ଗିରିବ୍ରଜ ଆଖ୍ୟା ପ୍ରଦାନ କରିଅଛନ୍ତି । ଶେଷୋକ୍ତ ଗିରିବ୍ରଜ ନଗରୀ ପ୍ରସିଦ୍ଧ ମଲ୍ଲ-ଯୋଦ୍ଧା ଜରାସନ୍ଧଙ୍କର ରାଜଧାନୀ ଥିବାର ରାମାୟଣ ଓ ମହାଭାରତରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଏହିଠାରେ ମହାଭାରତ ବର୍ଣ୍ଣିତ ଭୀମ ଜରାସନ୍ଧଙ୍କର ମଲ୍ଲଯୁଦ୍ଧ ହୋଇଥିଲା । ରାଜଚକ୍ରବର୍ତ୍ତୀ ଜରାସନ୍ଧଙ୍କ ମଲ୍ଲଯୁଦ୍ଧରେ ଧରାସ୍ତକରି ଭୀମ

ଆନଙ୍କ ବର୍ଣ୍ଣନା ସହିତ ଏ ସ୍ଥାନର ଯଥେଷ୍ଟ ସାମଞ୍ଜସ୍ୟ ଥିବାରୁ ଜେନେରାଲ୍ କନିଂହାମ ପ୍ରଭୃତି ମନୀଷିମାନେ ଏହାକୁ ପୁରାତନ ରାଜଗୃହ ବୋଲି ସ୍ୱୀକାର କରନ୍ତି । ଲଙ୍କାର ପାଲି ଇତିହାସରୁ ଟରନର୍ ସାହେବ ମଧ୍ୟ ରାଜଗୃହର ଠିକ୍ ଏହିପରି ଗୋଟିଏ ବିବରଣୀ ସଂଗ୍ରହ କରିଅଛନ୍ତି । ପାଲି ଇତିହାସରେ ଏହି ପଞ୍ଚପର୍ବତ ଗୃଧ୍ରକୂଟ, ଇସିଗିଲି, ବେଭାରୋ, ବେପୁଲ୍ଲୋ ଓ ପାଣ୍ଡାଓ ନାମରେ ପରିଚିତ । ମହାଭାରତରେ ଏହା ବୈଭାର, ବରାହ, ବୃଷଭ, ଋଷିଗିରି, ଓ ଚୈତ୍ୟକ ବୋଲି ବର୍ଣ୍ଣିତ ହୋଇଅଛି । ଏହି ପର୍ବତ-ମାନଙ୍କ ମଧ୍ୟରୁ ଗୋଟିକୁ କେତେ ଐତିହାସିକ ଗିରିବ୍ରଜ

Digitized by srujanika@gmail.com

ଆଖ୍ୟା ପ୍ରଦାନ କରଥାନ୍ତି, କାରଣ – ଜରାସନ୍ଧଙ୍କର ରାଜଧାନୀ ସେହି ପର୍ବତର ନାମାନୁସାରେ ହୋଇଥିବାର ସେମାନେ ସନ୍ଦେହ କରନ୍ତି । କୌଣସି ପର୍ବତର ନାମ ଗିରିବ୍ରଜ ହୋଇଥିଲେ ତାହା ଅବଶ୍ୟ ତତ୍କାଳୀନ ପୁରାଣ ଇତିହାସରେ ଉଲ୍ଲେଖ ହୋଇଥାନ୍ତା । ତେଣୁ କୌଣସି ପର୍ବତର ନାମାନୁସାରେ ଗିରିବ୍ରଜ ଆଖ୍ୟା ପ୍ରଦାନ କରା ନ ହୋଇ ବହୁ ଗିରିପରିବେଷ୍ଟିତ ହୋଇଥିବାରୁ ଏ ନଗରୀର ଏହିପରି ନାମ କରଣ ହୋଇଥିଲା । ଅଧୁନା ଏତଦସ୍ଥ ପଞ୍ଚ ପର୍ବତ—ରତ୍ନଗିରି, ଉଦୟଗିରି, ସୁନାଗିରି, ବିପୁଳଗିରି ଓ ବୈଭାରଗିରି ନାମରେ ପ୍ରସିଦ୍ଧ । ଏହା ବ୍ୟତୀତ ଆହୁରି ଦୁଇଟି ପର୍ବତମଧ୍ୟ ଏଠାରେ ଦୃଶ୍ୟମାନ ହୁଏ । ତନ୍ମଧ୍ୟରୁ ଗୋଟିଏ ଛୋଠଗିରି ବା ଗୃଧ୍ରକୂଟ ଓ ଅନ୍ୟଟି ଗିରିଅକ୍ । ଗିରିଅକ୍ ଗୃଧ୍ରକୂଟ ଓ ରତ୍ନଗିରି ମାଳାର ଅଂଶ ବିଶେଷ ହେଲେ ମଧ୍ୟ ତାହା ପୁରାତନ ରାଜଗୃହଠାରୁ ସାତ ମାଇଲ୍ ଦୂରରେ ଅବସ୍ଥିତ ।

ପୂର୍ବୋକ୍ତ ପର୍ବତଗୁଡ଼ିକର ଶିଖରଦେଶରେ ପ୍ରାୟ ୧୯ଟି ଜୈନମନ୍ଦିର ଅଛି । ବିପୁଳଗିରିର ସର୍ବୋଚ୍ଚ-ଶିଖରରେ ଗୋଟିଏ ସ୍ତୂପ ବା ଚୈତ୍ୟର ଭଗ୍ନାବଶେଷ ରହିଅଛି । ବୈଭାର ଗିରିର ମସ୍ତକୋପରି ପାଞ୍ଚଟି ଜୈନ-ମନ୍ଦିର ସହିତ ଗୋଟିଏ ଶୈବମନ୍ଦିରର ଭଗ୍ନାବଶେଷ ଅଦ୍ୟାପି ବର୍ତ୍ତମାନ । ପୌରାଣିକ ଯୁଗର ଏହି ରାଜଗୃହ ଭିନ୍ନ ଭିନ୍ନ ଯୁଗରେ ଯେ ଭିନ୍ନ ଭିନ୍ନ ଜାତି ବା ଧର୍ମର ବିଜେତାମାନଙ୍କର ଅଧୀନତା ସ୍ୱୀକାର କରିଥିଲା ତାହାର ଜ୍ୱଳନ୍ତ ନିଦର୍ଶନ ଭିନ୍ନ ଭିନ୍ନ ଜାତିର ଦେବମନ୍ଦିରରୁ ପ୍ରତ୍ୟକ୍ଷ ହେଉଅଛି । ବୌଦ୍ଧଧର୍ମ ଯେତେବେଳେ ମହାଯାନ ଓ ହୀନଯାନ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇ ତନ୍ତ୍ରର ପ୍ରଭାବରେ ଭାରତବର୍ଷରୁ ଲୋପପ୍ରାପ୍ତ ହୁଏ ସେତେବେଳେ ବ୍ରାହ୍ମଣଧର୍ମର ପ୍ରାବଲ୍ୟବଶତଃ ବୌଦ୍ଧ ସ୍ତୂପ ଓ ବିହାରର ଭଗ୍ନାବଶେଷ ଉପରେ ହିନ୍ଦୁ ମନ୍ଦିର ମସ୍ତକୋତ୍ତୋଳନ କରିଥିଲା, ପରେ ମୁସଲମାନ ବିଜେତାମାନେ ଯେତେବେଳେ କାଫେରର ମନ୍ଦିର ଓ ଦେବ, ଦେବୀ ମୂର୍ତ୍ତି ବିଧ୍ୱଂସ କରିବାରେ ବିପୁଳ ଆନନ୍ଦ ଲାଭ କରନ୍ତି ସେତେବେଳେ ହିନ୍ଦୁମନ୍ଦିର ପରିବର୍ତ୍ତେ କେତେଗୁଡ଼ିଏ କବର ଓ ମସଜିଦ୍ ନିର୍ମିତ ହୁଏ । ଫଳତଃ ରାଜଗୃହ ବୌଦ୍ଧ, ଜୈନ, ହିନ୍ଦୁ, ମୁସଲମାନ ସମ୍ପ୍ରଦାୟଙ୍କର ତୀର୍ଥସ୍ଥାନ ରୂପେ ଗୃହୀତ ହେଉଅଛି, ରାଜଗୃହସ୍ଥ ସରସ୍ୱତୀ ନଦୀରେ ସ୍ନାନ କଲେ ହିନ୍ଦୁର ମହାପୁଣ୍ୟଲାଭର ବିଶ୍ୱାସ ଅଦ୍ୟାବଧି ରହିଅଛି । ଏହା ବ୍ୟତୀତ ପ୍ରସ୍ରବଣ ଗୁଡ଼ିକର ଜଳ ପର୍ବତ ମଧ୍ୟସ୍ଥ ନାନାଧାତବ ଦ୍ରବ୍ୟର ସମ୍ପର୍କରେ ଆସୁଥିବାରୁ ତାହା ଅତ୍ୟନ୍ତ ସ୍ୱାସ୍ଥ୍ୟକର । ଏହି ହେତୁ ବର୍ଷରେ ହଜାର, ହଜାର ଲୋକେ ବାୟୁ ପରିବର୍ତ୍ତନ ନିମିତ୍ତ ରାଜଗୃହ ଯାଇଥାନ୍ତି । ଆଉ ମଧ୍ୟ ଶୁଣିଲୁଁ ପ୍ରତି ତିନିବର୍ଷରେ ଏଠାରେ ଗୋଟିଏ ପ୍ରକାଣ୍ଡ ମେଳା ହୁଏ । ଏହିମେଳା ଚୈତ୍ରମାସରେ ଆରମ୍ଭ ହୁଏ । ଭାରତର ପ୍ରତ୍ୟେକ ଅଞ୍ଚଳର ଧର୍ମପ୍ରାଣ ହିନ୍ଦୁ ସେତେବେଳେ ଉଷ୍ଣ ପ୍ରସ୍ରବଣରେ ସ୍ନାନାନ୍ତେ ଶିବଦର୍ଶନ କରିବା ନିମିତ୍ତ ସେଠାକୁ ଆସନ୍ତି । ଗୃଧ୍ରକୂଟର କୃଷ୍ଣବର୍ଣ୍ଣ ଗାତ୍ରରେ ଗୋଟିଏ ଭଗ୍ନସ୍ତୂପର ଚିହ୍ନମାତ୍ର ରହିଅଛି । ଏହିଠାରେ ବହୁଶିଷ୍ୟ ପରିବେଷ୍ଟିତ ବୁଦ୍ଧଦେବ ତାଙ୍କର ସାମ୍ୟ ମୈତ୍ରୀବ୍ରତ ପ୍ରଚାର କରି ଅବଶେଷରେ ମହାନିର୍ବାଣ ପ୍ରାପ୍ତ ହୋଇଥିଲେ ବୋଲି କଥିତ ।

ନୂତନ ରାଜଗୃହ ପ୍ରାୟ ଖ୍ରୀଷ୍ଟ ପୂର୍ବ ୫୬୦ ଅବ୍ଦରେ ଶ୍ରେଣିକ ବା ବିମ୍ବିସାରଙ୍କ ଦ୍ୱାରା ନିର୍ମିତ ହୋଇଥିଲା । କେତେ ଐତିହାସିକମାନଙ୍କ ମତରେ ନୂତନ ରାଜଗୃହ ବିମ୍ବିସାର କିମ୍ବା ଅଜାତଶତ୍ରୁ କାହାରିଦ୍ୱାରା ନିର୍ମିତ ହୋଇନାହିଁ । କିଏ କେବେ ଏହି ନଗରୀଟି ନିର୍ମାଣ କରିଥିଲା ସେ ସମ୍ବନ୍ଧରେ କେହି ଏ ପର୍ଯ୍ୟନ୍ତ କୌଣସି ସ୍ଥିର ନିଶ୍ଚିନ୍ତ ସିଦ୍ଧାନ୍ତରେ ଉପନୀତ ହୋଇ ପାରିନାହାନ୍ତି । ନୂତନ ରାଜଗୃହ ଆକୃତିରେ ଗୋଟିଏ ପଞ୍ଚକୋଣ ବିଶିଷ୍ଟ କ୍ଷେତ୍ର ତୁଲ୍ୟ ପ୍ରତୀୟମାନ ହେଲା । ଏହି ନଗରୀର ଚତୁର୍ଦ୍ଦିଗରେ ଯେଉଁ ପ୍ରଶସ୍ତ ପ୍ରାଚୀରଟି ଥିଲା ତାହାର ଭଗ୍ନାବଶେଷ ମାତ୍ର ରହିଅଛି, ପ୍ରାଚୀରଟି ମୃତ୍ତିକା ଓ ଇଷ୍ଟକ ନିର୍ମିତ, କିନ୍ତୁ ଏହାର କେତେକ ଅଂଶ ପ୍ରସ୍ତର ଦ୍ୱାରା ନିର୍ମିତ ହୋଇଥିବାର ବର୍ତ୍ତମାନ ଦେଖାଯାଉଅଛି । ପ୍ରତ୍ନତତ୍ତ୍ୱବିଦ୍‌ମାନେ ଅନୁମାନ କରନ୍ତି ଯେ ଏହି ଅଂଶ ଗୁଡ଼ିକ କାଳକ୍ରମେ ସଂଯୁକ୍ତ କରାହୋଇଥିଲା । ତେଣୁ ଅନେକ ସ୍ଥାନରେ ଅକ୍ଷତ ରହିଅଛି । ଶତ୍ରୁପକ୍ଷୀୟ ସୈନିକ ମାନଙ୍କ ଆକ୍ରମଣରୁ ରାଜଧାନୀକୁ ରକ୍ଷା କରିବା ନିମିତ୍ତ

Digitized by srujanika@gmail.com


ଯେତେବେଳେ ଗୋଟିଏ ସୁଦୃଢ଼ ପ୍ରସ୍ତର ପ୍ରାଚୀରର ପ୍ରୟୋଜନୀୟତା ଅନୁଭୂତ ହୁଏ, ସେତେବେଳେ ତାହା ବହୁ ଅର୍ଥ ଓ ସମୟ ସାପେକ୍ଷ ଦେଖି ଭଗ୍ନାଂଶଗୁଡ଼ିକୁ ପ୍ରସ୍ତରଦ୍ୱାରା ନିର୍ମାଣ କରାହୋଇଥିଲା । ନୂତନ ରାଜଗୃହର ପରିମାଣ ପ୍ରାୟ ତିନମାଇଲ । ଏହି ବିସ୍ତୃତ ପ୍ରାନ୍ତରମଧ୍ୟରେ ଦେବ ଦେବୀ ମୂର୍ତ୍ତିହୀନ ଦୁଇଟି ଭଗ୍ନ ମନ୍ଦିର କେବଳ ଦେଖିବାକୁ ମିଳେ । ଏହିଠାରେ ପିତୃହତ୍ୟା-ପ୍ରବୃତ୍ତି ଅଜାତଶତ୍ରୁ ବିଫଳମନୋରଥ ହୋଇଥିଲେ ।



ଚତୁର୍ମୁଖ ଶିବ ( ରାଜଗୃହ )

ଜୈନଧର୍ମ ପ୍ରଚାରକ ମହାମୁନି ମହାବୀର ବହୁକାଳ ଏହି ନଗରୀରେ ବସତି ସ୍ଥାପନ କରି ମଧ୍ୟ ବିମ୍ବିସାରଙ୍କୁ ସ୍ୱଧର୍ମରେ ଦୀକ୍ଷିତକରି ପାରିନଥିଲେ ।

ରାଜଗୃହରେ ବୌଦ୍ଧଯୁଗର ଯେ କେତୋଟି ମୂର୍ତ୍ତି ଅଛି ସେଗୁଡ଼ିକ ସମସ୍ତ ବିକଳାଙ୍ଗ । ମୁସଲମାନମାନେ ଦେବଦେବୀଙ୍କୁ ବିକଳାଙ୍ଗ କଲାବେଳେ ନାସିକାଟି ପ୍ରଥମେ ଭଗ୍ନ କରିଥାନ୍ତି, ତେଣୁ ପ୍ରତ୍ୟେକ ବିକଳାଙ୍ଗ ମୂର୍ତ୍ତି ନାସିକାବିହୀନ ଓ ଶ୍ରୀହୀନ । ଆମ୍ଭେମାନେ ଯଷ୍ଟୀବନ ଓ ବେଣୁବନ ସ୍ଥାନ ନିର୍ଦ୍ଦେଶ କରି ନପାରି ତାହାର ଦର୍ଶନ ସୁଖରୁ ବଞ୍ଚିତ ହୋଇଥିଲୁଁ । ଯଷ୍ଟୀବନ ସମ୍ବନ୍ଧରେ ଯେଉଁ ମଧୁର କିମ୍ବଦନ୍ତୀ ପ୍ରଚଳିତଅଛି ତାହା ରାଜଗୃହ ଯାତ୍ରୀମାନେ କାହାକୁ ଅବିଦିତ ନାହିଁ । ଏହି ଯଷ୍ଟୀବନରେ ବୁଦ୍ଧଦେବ ତପସ୍ୟାକରି ବହୁସମୟ କଟାଇଅଛନ୍ତି । ବୌଦ୍ଧଧର୍ମବିଦ୍ୱେଷୀ ଜଣେ ବ୍ରାହ୍ମଣ ବୁଦ୍ଧଦେବଙ୍କର ଶରୀର ଦଶହସ୍ତ ପରିମିତ ଲମ୍ବ, ଏହି ଉକ୍ତିରେ ସନ୍ଦେହକରି ଯଷ୍ଟୀହସ୍ତେ ବୁଦ୍ଧଦେବଙ୍କର ଶରୀର ମାପ କରିବାକୁ ଯାଇଥିଲେ; କିନ୍ତୁ ମହାଚେତା ଶାକ୍ୟମୁନି ସ୍ୱଶରୀରକୁ ଏପରି ବର୍ଦ୍ଧନ କରିବାକୁ ଲାଗିଲେ ଯେ ସେ ବ୍ରାହ୍ମଣ ଅବଶେଷରେ ବିରକ୍ତ ହୋଇ ସେହିଠାରେ ଯଷ୍ଟୀଖଣ୍ଡି ପରିତ୍ୟାଗକରି ଚାଲିଆସିଲେ । ତଦବଧି ଏହା ଯଷ୍ଟୀବନ ନାମରେ ପରିଚିତ । ବେଣୁବନ ବୁଦ୍ଧଦେବଙ୍କର ବଡ



ସୁନାଭଣ୍ଡାର ଗୁହା

ପ୍ରିୟସ୍ଥଳୀ ଥିଲା । ସେ ଦିନର ଅଧିକାଂଶ ସମୟ ଏହି ବେଣୁବନରେ ତପସ୍ୟାକରି ଅତିବାହିତ କରୁଥିଲେ । ଏହା ବ୍ୟତୀତ ରାଜଗୃହରେ ସୁନାଭଣ୍ଡାର, ନିର୍ମଳକୂଅ, ଉଷ୍ଣ ପ୍ରସ୍ରବଣ, ଜରାସନ୍ଧ ଆଖଡ଼ା, ଚତୁର୍ମୁଖ ଶିବ ପ୍ରଭୃତି ଅନେକଗୁଡ଼ିଏ ଦ୍ରଷ୍ଟବ୍ୟ ପଦାର୍ଥ ଅଛି ।

ସୁନାଭଣ୍ଡାର ଗୁହା ବୈଭାର ଗିରିର ଦକ୍ଷିଣ ପଦଦେଶରେ ଅବସ୍ଥିତ । ଏହି ଗୁହାର ଗୋଟିଏ ବହିର୍ଦ୍ୱାର ଓ ଗୋଟିଏ ଝରକା ଅଛି । ଏହାମଧ୍ୟରେ ଗୋଟିଏ ସୁନ୍ଦର ପ୍ରସ୍ତର ମୂର୍ତ୍ତି ବ୍ୟତୀତ ଅନ୍ୟ କିଛି ଦେଖିବାକୁ ମିଳେନାହିଁ, କେବଳ ପ୍ରାଚୀର ଦେହରେ କେତେଗୁଡ଼ିଏ ଅସ୍ପଷ୍ଟ ଅକ୍ଷରର ଚିହ୍ନମାତ୍ର ରହିଅଛି । ଗୁହାମଧ୍ୟରେ ଗୋଟିଏ ଅନ୍ତର୍ଦ୍ୱାର ଖଣ୍ଡିଏ ସୁବୃହତ୍ ପ୍ରସ୍ତରଦ୍ୱାରା ବନ୍ଦ ହୋଇଥିବାର ଦେଖିବାକୁ ପାଇଲୁଁ । ଶୁଣାଯାଏ କେତେ ଧନଲୋଲୁପ



Digitized by srujanika@gmail.com

ବ୍ୟକ୍ତି ଲୁପ୍ତ ରତ୍ନୋଦ୍ଧାର ନିମିତ୍ତ ବହୁଚେଷ୍ଟାକରି ମଧ୍ୟ ଏହି ଦ୍ୱାରଟି ଉନ୍ମୁକ୍ତ କରିପାରିନାହାନ୍ତି । ଏହା ସହିତ ଅନେକ ମଧୁର ସ୍ମୃତି ଜଡିତ ରହିଅଛି । ବୁଦ୍ଧଦେବ ମଧ୍ୟାହ୍ନ ଭୋଜନପରେ ଏହି ଗୁହାରେ ନିତ୍ୟ ତପସ୍ୟା ରତ ରହୁଥିଲେ ବୋଲି ବୌଦ୍ଧ ଇତିହାସରେ ଲିଖିତ ଅଛି । ଆଉ ମଧ୍ୟ ଭୈରବଦେବ ନାମକ ଜଣେ ଋଷି ଏହିଠାରେ ତପସ୍ୟାକରି ମୁକ୍ତିଲାଭ କରିଥିଲେ ବୋଲି ଏହା ଏକ ମଙ୍ଗଳମୟ ଗୁହା ବୋଲି ପରିଗଣିତ ହୋଇ ଆସୁଅଛି । ଏହାର ସମ୍ମୁଖରେ ଗୋଟିଏ ପ୍ରଶସ୍ତ ପ୍ରାଙ୍ଗଣ ଦେଖିବାକୁ ମିଳେ ।

ପାଞ୍ଚଗଙ୍ଗତର ମଧ୍ୟ ସ୍ଥଳରେ ଗୋଟିଏ ପ୍ରଶସ୍ତ କୂପ ଅଛି । ଜରାସନ୍ଧ ଏହି କୂପରୁ ଜଳପାନ କରୁଥିଲେ ବୋଲି କଥିତ । ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଯେ ଏହି କୂପଟି ସ୍ୱର୍ଣ୍ଣ ରୌପ୍ୟ ପ୍ରଭୃତି ନାନା ରତ୍ନରେ ପରିପୂର୍ଣ୍ଣ । ବର୍ତ୍ତମାନ ମୃତ୍ତିକା, କଙ୍କର ପରିପୂର୍ଣ୍ଣ ଏହିକୂପରେ ବିନ୍ଦୁମାତ୍ର ଜଳ ପରିଦୃଷ୍ଟ ହୁଏନାହିଁ ।

ବୈଭର ଗିରିର ଦକ୍ଷିଣ ପଦଦେଶରେ ସୁନା-ଭଣ୍ଡାର ଗୁହାର ଅଳ୍ପଦୂରରେ କଙ୍କରମୟ ଭୂମିମଧ୍ୟରେ ଗୋଟିଏ ସୁବୃହତ୍ ସମତଳ କ୍ଷେତ୍ର ଦେଖିବାକୁ ମିଳେ । ଏସ୍ଥାନକୁ ଜରାସନ୍ଧର ଆଖେଡା କହନ୍ତି । ଏହାର ମୃତ୍ତିକା ପ୍ରତିଦିନ ଗୋଦୁଗ୍ଧରେ ବିଧୌତ ହୋଇ ଲଢ଼ାଇ ଶିକ୍ଷା ନିମିତ୍ତ ଉପଯୁକ୍ତ ହୋଇ ରହୁଥିଲା ଓ ଜରାସନ୍ଧ ତାଙ୍କର ଦୈନନ୍ଦିନ କୁସ୍ତି କସରତ୍, ଏହିଠାରେ କରୁଥିଲେ । ଏତଦସ୍ଥ ମୃତ୍ତିକା ଅନ୍ୟାନ୍ୟ ସ୍ଥାନର ମୃତ୍ତିକା ଅପେକ୍ଷା ଈଷତ୍ ଶୁଭ୍ର ଅଟେ । କଙ୍କରମୟ ପର୍ବତୋପତ୍ୟକାରେ ଏସ୍ଥାନଟି ଦେଖିଲେ ଏହା ଯେ ଦିନେ ଗୋଟିଏ ଆଖେଡା ଥିଲା ତାହା ବେଶ ବିଶ୍ୱାସ ହୁଏ ।

କ୍ଷୁଦ୍ର ଗିରିନଦୀ ସରସ୍ୱତୀର ଉଭୟ ପାର୍ଶ୍ୱରେ କେତେ ଗୁଡିଏ ଉଷ୍ଣ ପ୍ରସ୍ରବଣ ଦେଖିବାକୁ ମିଳେ । ରାଜ-ଗୃହରେ ପୂର୍ବେ ଅନେକଗୁଡିଏ ଉଷ୍ଣ ପ୍ରସ୍ରବଣ ଥିଲା, କିନ୍ତୁ ଅଧୁନା ତନ୍ମଧ୍ୟରୁ ଅଧିକାଂଶ ପଥରୁଦ୍ଧ ହୋଇଗଲଣି । ବୈଭର ଗିରିର ପୂର୍ବ ପାର୍ଶ୍ୱରେ ବର୍ତ୍ତମାନ ଗଙ୍ଗା ଯମୁନା, ଅନନ୍ତଧାରା, ସପ୍ତଧାରା, ବ୍ରହ୍ମକୁଣ୍ଡ, କାଶ୍ୟପକୁଣ୍ଡ, ବ୍ୟାସକୁଣ୍ଡ, ମାର୍କଣ୍ଡକୁଣ୍ଡ, ଓ ବିପୁଳ ଗିରିର ପଶ୍ଚିମ ପାର୍ଶ୍ୱରେ ସୀତାକୁଣ୍ଡ, ସୂର୍ଯ୍ୟକୁଣ୍ଡ, ଗଣେଶକୁଣ୍ଡ, ଚନ୍ଦ୍ରମାକୁଣ୍ଡ, ରାମକୁଣ୍ଡ, ଋଷିକୁଣ୍ଡ ବିରାଜିତ । ଏହା ବ୍ୟତୀତ ନିକଟରେ ଆହୁରି ଅନେକଗୁଡିଏ କୁଣ୍ଡ ଅଛି । ସେଗୁଡିକର ପୂର୍ବକାଳର ମୁନି ଋଷିମାନଙ୍କ ନାମାନୁସାରେ ନାମକରଣ ହୋଇଅଛି । ଏହି ୨୨ଟି କୁଣ୍ଡ ମଧ୍ୟରୁ ୧୭ଟିରେ ଗରମ ଜଳ ଆସେ ଓ ଅନ୍ୟ ୫ଟିରେ ଥଣ୍ଡା ଜଳ ଆସେ । ସପ୍ତଧାରାର ଜଳ ସମସ୍ତଙ୍କ ଅପେକ୍ଷା ଅଧିକ ଗରମ ଅଟେ । ବିପୁଳ ଗିରି ସନ୍ନିକଟସ୍ଥ କୁଣ୍ଡମାନଙ୍କ ମଧ୍ୟରୁ ଗୋଟିଏ ମୁସଲମାନ-ମାନଙ୍କ ଦ୍ୱାରା ଅଧିକୃତ ହୋଇଅଛି । ମୁସଲମାନ ଧର୍ମର ପ୍ରସିଦ୍ଧ ଚିଲ୍ଲି ଶାହାଙ୍କ ସ୍ମୃତିରକ୍ଷା ନିମିତ୍ତ ସେ କୁଣ୍ଡର ନାମ ମକ୍ଦମ୍ କୁଣ୍ଡ ହୋଇଅଛି । ଏହି କୁଣ୍ଡ ନିକଟରେ ଚିଲ୍ଲି ଶାହାଙ୍କର କବର ମଧ୍ୟ ପରିଦୃଷ୍ଟ ହୁଏ । ଅଳ୍ପ ଦୂରରେ ଗୋଟିଏ ମୁସଲମାନ ପାନ୍ଥନିବାସ ନିର୍ମିତ ହୋଇଅଛି ।

ପୂର୍ବୋକ୍ତ ପ୍ରସ୍ରବଣଗୁଡିକ ନିକଟରେ କେତେଗୁଡିଏ ହିନ୍ଦୁ ଦେବ ଦେବୀଙ୍କର ମନ୍ଦିର ଅଛି । ଏହି ମନ୍ଦିର-ଗୁଡିକରେ ଗଣେଶ, ବଳରାମ, ଗରୁଡ଼, ଭୈରବ, ହର, ପାର୍ବତୀ, କାର୍ତ୍ତିକ, ବ୍ରହ୍ମା, ଯକ୍ଷିଣୀ, ଲକ୍ଷ୍ମୀ, ସରସ୍ୱତୀ ପ୍ରଭୃତି ଦେବ ଦେବୀଙ୍କର ମୂର୍ତ୍ତି ବିରାଜିତ । ବ୍ରହ୍ମକୁଣ୍ଡରେ ଗଙ୍ଗାଦେବୀଙ୍କର ଗୋଟିଏ ମୂର୍ତ୍ତି ଅଛି । ସ୍ନାନାନ୍ତେ ଲୋକେ ସେହି ଦେବୀ ମୂର୍ତ୍ତିଙ୍କୁ ଜଳଦାନ କରୁଥିବାର ଦେଖାଯାଏ । ବ୍ରହ୍ମକୁଣ୍ଡ ଉପରେ ଯେଉଁ ଚତୁର୍ମୁଖ ଶିବମୂର୍ତ୍ତିଟି ଦେଖାଯାଏ ତାହା ସଚରାଚର ପରିଦୃଷ୍ଟ ହୁଏନାହିଁ । ଭାରତରେ ଏପରି ମୂର୍ତ୍ତିର ସଂଖ୍ୟା ଅତି ଅଳ୍ପ ଅଟେ ।

ତତ୍ପରେ ରାଜଗୃହର ପ୍ରାକୃତିକ ଶୋଭା । ରାଜଗୃହର ପ୍ରକୃତି ଏପରି ରମଣୀୟ ଆଉ ହୃଦୟସ୍ପର୍ଶୀ ଯେ ତାହା ବର୍ଣ୍ଣନା କରିବା ସହଜସାଧ୍ୟ ନୁହେଁ । କ୍ଷୁଦ୍ର ଗିରି-ନଦୀର କଳକଳ ନାଦରେ, ପକ୍ଷୀର ଡାକରେ, ପବନର ମର୍ମର ଶବ୍ଦରେ ଯେଉଁ ଅମୃତମୟ ସଙ୍ଗୀତ ସ୍ୱର ଲହରୀ ଭାସି ଆସେ ତାହା ଅତ୍ୟନ୍ତ ଆନନ୍ଦଦାୟକ । ସେ ମଧୁର କଳକଳ ଧ୍ୱନି ଜୀବନରେ ଭୁଲିବାର ନୁହେଁ; କାରଣ ତାହା ସହିତ ଯେ ବହୁ ପୁରାତନର କେତେ ମଧୁମୟ

Digitized by srujanika@gmail.com

ସ୍ଫୁଟ ଜଡ଼ିତ ରହିଅଛି । ବାଲଗଙ୍ଗା ତଟସ୍ଥ ପର୍ବତଶ୍ରେଣୀ ସଜୀବ ତୁଲ୍ୟ ବୋଧ ହୁଏ । କବିକଳ୍ପନା ନିଜସ୍ୱହିଁର ପ୍ରକୃତି ନିକଟରେ ପରାସ୍ତ; ଲେଖକର ତୁଳନା ଶକ୍ତି ହୀନ । ପର୍ବତଗୁଡ଼ିକର ସେ ପ୍ରଶାନ୍ତତା ଓ ଗମ୍ଭୀରତା ନିକଟରେ ମାନବ ନିଜର କ୍ଷୁଦ୍ରତା ଓ ନୀଚତା ହୃଦୟଙ୍ଗମ କରେ । ଦିଗ୍‌ବଳୟ ସହିତ ସେ ଦୂର ନୀଳ ତୁଙ୍ଗ ଶିଖର ମିଶି-ଯାଉଥିବାର ଦେଖିଲେ ପ୍ରାଣରେ କି ଏକ ସାତ୍ତ୍ୱିକ ଭାବର ଆବେଶ ହୁଏ ! ମନେ ହୁଏ ଯେପରି ତାହା ସ୍ୱର୍ଗ, ମର୍ତ୍ତ୍ୟର ଅଦ୍ଭୁତ ମିଳନ, ପ୍ରଣୟର ଉଚ୍ଚ ଆଦର୍ଶ !

ରାଜଗୃହର ଚିରସୁନ୍ଦର, ଉନ୍ମୁକ୍ତ ପ୍ରକୃତିର ଶୋଭା ବହୁକାଳ ଅନୁଭବ କରିବା ଆମ୍ଭମାନଙ୍କ ଭାଗ୍ୟରେ ଘଟି ନ ଥିଲା, କାରଣ କର୍ତ୍ତବ୍ୟାନୁରୋଧରେ ଆମ୍ଭମାନଙ୍କୁ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଶୀଘ୍ର ବନ୍ଧୁଜନାକୀର୍ଣ୍ଣ ପାଟଳିପୁତ୍ର ନଗରୀକୁ ଫେରି ଆସିବାକୁ ହୋଇଥିଲା ।

---

# କୋଣାର୍କ

ଶ୍ରୀ—

ହେ କୋଣାର୍କ ବିଗତ ଯୌବନା
ମୁହେଁ ବିଶ୍ୱ ଚକିତ ଉନ୍ମନା

ତୋର ଏହି ଜୀର୍ଣ୍ଣ ଦେହେ ଅଦ୍ୟାପି ଗୋ ବିମୁଗ୍ଧ ନୟନେ
ଶୁଣଇ ତୋ ସ୍ୱପ୍ନମୟ ଅପାର୍ଥିବ ସଙ୍ଗୀତ ଉତ୍କଣ୍ଠେ
ଆଜି ବି ମର୍ତ୍ତ୍ୟ କବି ଅମର୍ତ୍ତ୍ୟର ଦେଖି ତୋ'ଠାରେ
ଚିର ଆଲିଙ୍ଗନ ଇଚ୍ଛେ ତୃଷ୍ଣା ଦେହେ ଶୋଭା ପିପାସାରେ
ଅଙ୍ଗେ ଅଙ୍ଗେ ଚୁମ୍ବିବାକୁ ନିରବଧି ପୁଣି ତା' ଭାବନା
ତୋହରେ ଗୋ ଗତ ଯଉବନା ।

—୨—

ଅନାଦିତେ ହେ ବିଶ୍ୱଶୋଭନେ
ଯେବେ ତୁମ୍ଭେ ଉଠିଲ ଗଗନେ
ଦେଖିଣ ସହସା ନଦୀ-ନୀଳବେଣୀ-ଦୀପ୍ତିସଇକତ
ନୀରେଦ-ପ୍ରଶାନ୍ତ ଚକ୍ଷୁଁ ବିଶ୍ୱରମା ବିସ୍ମୟ-ପ୍ରଦୀପ୍ତ ।
ଅତର୍କିତେ ଫିଟିଥିବ ଜଗତର ଅଭୂତ ଲୋଚନ
କୋଟିହସ୍ତ ବଦ୍ଧହୋଇ କରିଥିବ ତୁମ୍ଭର ବନ୍ଦନ
"ଜୟ ସ୍ୱର୍ଗନିବାସିନୀ ଅବତୀର୍ଣ୍ଣା ମର୍ତ୍ତ୍ୟ ବିଭୂଷଣେ
ଜୟ ବିଶ୍ୱ ଶୋଭା ବିବରଣେ ।"

—୩—

ବାରଶତ କବି କଳ୍ପନାରେ
ଜଗତର ବୁଦ୍ଧି ଅଜଣାରେ
ଅବୋଧ ରହସ୍ୟମୟୀ ଶଇଶବ ଯାପିଛ ତୁମ୍ଭର
ଯେଦିନ ଚକିତ ଦୃଷ୍ଟି ଦେଖିବ ଗୋ ପଡ଼ିଲା ତୋ'ପର
ଯୌବନ ଲାବଣ୍ୟ-ଲୀଳା ଖେଳୁଅଛି ଅଙ୍ଗେ ଅଙ୍ଗେ ତବ
ଫୁଟି ଉଠେ ଦେହେ ଦେହେ ପୁଲକିତ ଅଙ୍ଗ-ସଉଷ୍ଠବ
ମନ୍ତ୍ର ଶିଖି ଆସିଥିଲ ବିଶ୍ୱଜୟୀ ବୀର ସେ ପାରେ
ବାରଶତ କବି କଳ୍ପନାରେ ।

—୪—

ସହସା ହୋଇଲା ବିମଳିନ
ଅଭ୍ରେ ଅଭ୍ରେ ହୋଇଗଲା ଲୀନ
ଅଗଣିତ ତାରକାର ଚିତ୍ର ଜ୍ୟୋତି ରଜତଧବଳ
ଲାଜେ ଲାଜେ ବ୍ୟୋମପଟେ ଲୁଚିଗଲେ ଶୀତାଂଶୁ ଶୀତଳ
ଦୂର ନଗମାଳା ହେଲେ ଭକ୍ତି-ଭୟେ ଚକିତ-ପୁଲକ
ପଦଚୁମ୍ବି ମହାସିନ୍ଧୁ ଗାଏ ସ୍ତବ-ଲହରୀ-ଅଳକ
"ହେ ଗୁରୁ-ଭୈରବ କୀର୍ତ୍ତି ମନୁଷ୍ୟର ମର୍ତ୍ତ୍ୟ ମୋ ପୁଳିନ
ଧନ୍ୟ ହୁଏ ତୋହରେ ସେବିଣ ।"

Digitized by srujanika@gmail.com

—୫—

ପୂର୍ଣ୍ଣିମା ରଜନୀ ହାସ୍ୟତଳେ
ଧବଳିତ ସମୁଦ୍ର-ଲହରେ
ଚାଲେ ୨ ଲାସ୍ୟେ ମାତି ଜଳଦେବୀ ଗାଇଲେ ତୋ'ଗୀତ
ଓଷଧୀଶ ତୋର ଶିରେ ଢାଳିଦେଲେ କୌମୁଦୀ, ଅମିତ
ତୋ ଉତ୍ତୁଙ୍ଗ କଣ୍ଠାସ୍ତରେ ବ୍ୟୋମଚାରୀ ମାର୍ଗେ ହୋଇ ମୂଢ଼
ଅଚିତର କଣ୍ଠେ କଣ୍ଠେ କହିଗଲେ ବାରତା ନିଗୂଢ଼
ଅପ୍ସରୀ ବନ୍ଦିଲେ ତୋତେ ସ୍ୱର୍ଗୁଁ ଆସି କୌମୁଦୀ କଲ୍ଲୋଳେ
ପାରିଜାତ ପୁଷ୍ପ ଉପହାରେ ।

—୬—

ଜୀବନର ଯେତେ ଖେଳା ଲୀଳା
ଅଙ୍ଗେ ତୋର ଧରିଲ ଛବିଳା
ଶିଖିଲା ତୋହଠୁଁ ରାଜା ଶତ୍ରୁ ମୁଖେ ଯୁଦ୍ଧ ଅଭିଯାନ
ପାତ୍ରମନ୍ତ୍ରୀ ରାଜାପାଶେ କରିବାକୁ ଯୁକ୍ତ ମନ୍ତ୍ରଦାନ ।
ପ୍ରେମିକ ପ୍ରେମିକା ଦୁହେଁ ଶିଖିଲେ ଗୋ ନିବିଡ଼ ଅଶ୍ଳେଷ
ବୀର ପୁଣି ଯୁଦ୍ଧଭୂମେ ଅସିସଂଗେ କୌଶଳ ବିଶେଷ
ବେତହସ୍ତ ଅବଧାନ ଚାଟଶାଳେ ସୁଶାସନେ ପିଲା
ତୋହଠାରୁ ପାଷାଣୀ-ପ୍ରମିଳା ।

—୭—

ଋତୁହାସ୍ୟ ଗୁଚ୍ଛ ଅବଳୀର
ଗଗନରେ ଅରୁଣ ବିହାର
ଉଷାର ମଧୁର ଛବି, ପ୍ରାବୃଟର ଦେବେନ୍ଦ୍ର-ଧନୁକ
ପ୍ରକୃତିରେ ଯାହା ଯାହା ଅଭିରାମ-ବାଙ୍ମୟ ବା ମୂକ
ତୋ ଠହଁ ପାଷାଣୀ, କବି, ଅତିସ୍ନେହେ ନିରେଖିଲା ବସି
ଅନନ୍ତ କବିତା ଧାରା ଲଭିଲା ସେ ତୋ ଦେହ ପରଶି
ପ୍ରସ୍ତରେ ପ୍ରସ୍ତରେ ତବ ସୁନିହିତ କବିତା-ଭଂଡାର
କବି ତେଣୁ ଦେଲା ଉପସ୍କର ।

—୮—

ସଉଧ କୁଟୀର ଶତ ଶତ
ଉପହାର ପୁଷ୍ପହାର ଇତ
ତୋତେ ଘେରି ତୁଙ୍ଗଶିର ଗର୍ବେ ଧର୍ବେ ଟେକିଲେ କ୍ଷଣକେ
ବିଶାଳ ନାଗରୀ-ସିଂଧୁ ଭାଲଟୀକା ହସିଲା ପୁଲକେ ।
ଦିଗ୍ବିଦିଗୁଁ ସିଂଧୁ ଡେଇଁ ଭକ୍ତିଭରେ ନୁଆଁଇଣ ପାଲ
ଆସିଲେ ବହିବନ୍ତେ ଧ୍ୱଜ ତୋତେ ଉଡ଼ାଇ ଚଗଲ
ଆନୀତ ମାଣିକ୍ୟରତ୍ନେ ତୋର ଅଙ୍କ ହେଲା ଆଲୋକିତ
ଅହର୍ନିଶ ଉଜ୍ଜ୍ୱଳ ସତତ ।

—୯—

ରାଜା ତେଜି ପ୍ରାସାଦ ବିଭବ
ତୃଣତଳ୍ପେ ସୁଖ ଅନୁଭବ,
ଜାନୁପାତି ତୋର ମୁଖେ ଗୁହେଁ ଗୁହେଁ କଟାଇଲେ ଦିନ
ସନ୍ନ୍ୟାସୀ ତୋ ପଦତଳେ ତପକରି ତନୁ କଲେ କ୍ଷୀଣ
ଦେଶ ଦେଶ ସମାଗତା ନାରୀ, ପଦ କିଙ୍କିଣୀ କଂପନେ
କଲେ ମୁଖରିତ ବନେ ବକ୍ଷ ତୋର, ଲାସ୍ୟରସବର୍ଷେ
ରଂଜିଲେ ମଧୁର ଭଙ୍ଗେ ତୋ ବରାଙ୍ଗ ଶୋଭାର ଉତ୍ସବ
ଘନୀଭୂତ ସ୍ୱର୍ଗ ଶୋଭୋତ୍ସବ ।

—୧୦—

କ୍ରୂରହେଲା କୀର୍ତ୍ତିକାଠ କାଳ
ହେଲା କ୍ରମେ ପ୍ରକୃତି କରାଳ
ଏସନ୍ତାନ ଅପହସ୍ତି, ଭୁଲାଇଲେ ନୟନ ରକ୍ତିମ
ସୁକୋମଳ ଗ୍ରୀବା ତୋର ଏବେ ଭୟେ ହୋଇଲା ବଙ୍କିମ
ଯାଦୁକରୀ ହାସ୍ୟ ତୋର ସେ ନିଷ୍ଠୁରେ କରୁଣାର କଣ
ନପାରିଲା ଉପୁଜାଇ; ଚୂର୍ଣ୍ଣକଲେ କ୍ରୂର-ପ୍ରହରଣ ।
ହାୟ, ଦେଖେ ଆଜମାଏ ସେ ଶୋଭାର ଖଣ୍ଡିତ କଂକାଳ
ଲାବଣ୍ୟର ନଷ୍ଟ ଅସ୍ଥିମାଳ ।

—୧୧—

ତେବେହେଁ ସେ ଅସ୍ଥି ଭେଦ ଆଜ
ଜୀବନ୍ତତା ଉଠଇ ବିରାଜ
ପକ୍ୱକେଶେ ଜୀର୍ଣ୍ଣବେଶେ ତେବେହେଁ ଗୋ ଯୌବନର ବିଭା
ଫୁଟି ଉଠେ, ସାମୁନ୍ନତ ଘନପରେ ଅସ୍ତରାଗ କିବା
ବିମୁଗ୍ଧ ସଂସାର ତୋର ପାଦତଳେ ଅଦ୍ୟାପି ସୁନ୍ଦର
ସମଦୁଃଖେ କାନ୍ଦଥାଏ ପ୍ରାଣଭରି ଆପଣାର ପରି
କଲ୍ୟାଣ ଦୀର୍ଘାୟୁ ପାଇଁ ଲଭେ ବିଧି ସୁଆଶିଷ ରାଜି
ତେବେହେଁ ସେ ଅସ୍ଥିରାଜି ଆଜି ।

Digitized by srujanika@gmail.com

# ସନ୍ତୋଷ

ଶ୍ରୀ ରତ୍ନାକର ପତି

କଥିତ ଅଛି "ସନ୍ତୁଷ୍ଟସ୍ୟ ସଦା ସୁଖଂ" । ଏଣୁ ସନ୍ତୋଷ ଜୀବନର ସୁଖ ଶାନ୍ତିର ପ୍ରଧାନ କାରଣ ବୋଲି ବିବେଚିତ ହୋଇଥାଏ । ସ୍ୱଭାବତଃ ମାନବ ନିଜର ସୁଖ, ଶାନ୍ତି ସମ୍ପାଦନ କରିବାନିମିତ୍ତ ନାନା ପ୍ରଯତ୍ନ କରି ଆସୁଅଛି । ମାତ୍ର ବଡ଼ କ୍ୱଚିତ୍ ସେ ଉକ୍ତ ସୁଖ ସମୃଦ୍ଧିରେ ଶାନ୍ତିଲାଭ କରୁଅଛି । ସେ ଯେ କୌଣସି ଅବସ୍ଥାର ଅଧୀନ ହେଲେହେଁ, ତାହାର ଆଶା ସର୍ବଦା ଉଜ୍ଜୀବିତ ରହିଥାଏ । ଭିକ୍ଷାଶନ ନିର୍ଭର କୁଟୀର-ବାସୀ ଓ ଧନ-ଧାନ୍ୟ-ପରିବୃତ ପ୍ରାସାଦ-ବିହାରୀ ଉଭୟେ ଏହି ଆଶା-କୁହୁକିନୀର ଆପାତ ମଧୁର ଆହ୍ୱାନରେ ମୁଗ୍ଧ । ଫଳତଃ କାହାର ଜୀବନରେ ସୁଖ ଶାନ୍ତିର ସ୍ଥାନ ନାହିଁ—କାହାର ଜୀବନ-ଯାତ୍ରାରେ ବିଶ୍ରାମର ଅବକାଶ ନାହିଁ । ଏହି ଅଶାନ୍ତିରୁ ମାନବକୁ ରକ୍ଷା କରିବାନିମିତ୍ତ, ଏହି ଅବିଶ୍ରାନ୍ତ ଜୀବନ-ଯାତ୍ରାରୁ ତାହାକୁ ବିଶ୍ରାମ ଦାନ କରିବା ସକାଶେ, ନାନା ପ୍ରକାର ଉପାୟ ଅନ୍ୱେଷଣ କରାଯାଇଅଛି । ଏହି ଉପାୟମାନଙ୍କ ମଧ୍ୟରେ ଅନେକେ ସନ୍ତୋଷକୁ ଶୀର୍ଷ ସ୍ଥାନ ଦେଇଥିବାର ଦେଖାଯାଏ । ସେମାନଙ୍କର ମତ, ସନ୍ତୋଷ ବଳରେ ମାନବ-ଜୀବନ ଯଥାର୍ଥ ସୁଖ ଶାନ୍ତି ଉପଲବ୍ଧି କରିପାରେ । ଏହାର ଅବଲମ୍ବନରେ ଦୀନ-ହୀନ ଭିକ୍ଷୁକ ମଧ୍ୟ ସମ୍ପଦର କ୍ରୋଡ଼ରେ ଦେଦୀପ୍ୟମାନ ରାଜ-ମୁକୁଟ ଅପେକ୍ଷା ଅଧିକତର ସୁଖସ୍ୱାଚ୍ଛନ୍ଦ୍ୟ ଅନୁଭବ କରିପାରେ । ଏହି ପ୍ରକାର ସେମାନେ ସନ୍ତୋଷର ବହୁ ପ୍ରଶଂସାବାଦ କରିଥାଆନ୍ତି । ସେମାନେ କହନ୍ତି—'ମନର ମୂଳରେ ଏ ଜଗତ୍ । ମନ ଯଦି ପ୍ରଫୁଲ୍ଲ, ତାହାହେଲେ ଏ ଜଗତ୍ ସାରା ଆନନ୍ଦମୟ, ମାତ୍ର ମନ ଯଦି ବିଷଣ୍ଣ ତାହାହେଲେ, ଜଗତର ଯାବତୀୟ ସୁଖସମ୍ପଦ କେବଳ ନୀରସ ଓ ନିରର୍ଥକ । ମନର ପ୍ରସନ୍ନତା କେବଳ ସନ୍ତୋଷ-ଜନିତ । ସୁତରାଂ ସନ୍ତୋଷ ସକଳ ସୁଖ ଶାନ୍ତିର ମୂଳ ନିଦାନ ।

ବାସ୍ତବିକ୍, ସ୍ଥିର ଚିତ୍ତରେ ଦେଖିବାକୁ ଗଲେ ଉଲ୍ଲିଖିତ ଉକ୍ତିର ଯାଥାର୍ଥ୍ୟ ଏକାବେଳକେ ଅସ୍ୱୀକାର କରିହୁଏନାହିଁ । କାରଣ, ଜୀବନର ଅନେକ ଅବସ୍ଥାରେ ମାନବ ସନ୍ତୋଷର ଆଶ୍ରୟରେ ବହୁତ ଶାନ୍ତିଲାଭ କରିଥାଏ । ଯେତେବେଳେ ଧନଲିପ୍ସୁ ବିପୁଳ ଧନ-ଲାଭର ଆଶାରେ ଅହରହଃ ଇତସ୍ତତଃ ଧାବମାନ ହୋଇ ଜୀବନକୁ ନାନାବିଧ କଳହ ଓ ଅଶାନ୍ତିର କ୍ଷେତ୍ର କରିଥାଏ, ଯେତେବେଳେ ପ୍ରବଳ ଯଶଲିପ୍ସା ମାନବକୁ ନାନା ଆକର୍ଷଣ ଓ ପ୍ରତିକର୍ଷଣ ମଧ୍ୟରେ ନିକ୍ଷେପକରି, ତାହାକୁ ନିର୍ବିଘ୍ନର ଭାବରେ କାର୍ଯ୍ୟ କରିବାକୁ ବାଧାକରେ, ଏବଂ ଯେତେବେଳେ ରାଜ୍ୟଲିପ୍ସୁ ରାଜ୍ୟର ସୁଖଶାନ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ ପ୍ରକୃତିବର୍ଗଙ୍କୁ ସୁନିୟନ୍ତ୍ରିତ ଓ ରାଜ୍ୟକୁ ସୁରକ୍ଷିତ କରିବାରେ ଅନବରତ ନିଯୁକ୍ତ ରହି ନିତ୍ୟ ଅଶାନ୍ତି ଅନୁଭବ କରୁଥାଏ, ସେତେବେଳେ କିଏ ଅସ୍ୱୀକାର କରିବ ଯେ, ସନ୍ତୋଷ ଜୀବନ-ଶାନ୍ତିର ମୂଳମନ୍ତ୍ର ? ମାତ୍ର ସନ୍ତୋଷ ସମ୍ବନ୍ଧରେ ଏତିକି କହି ସ୍ଥଗିତ ରହିଲେ ଯଥେଷ୍ଟ ହେଲନାହିଁ । ତେଣୁ ଏହାର ପ୍ରକୃତ କ'ଣ ଓ ଏହା କି ଅର୍ଥରେ ଜୀବନର ସୁଖ-ଶାନ୍ତି-ବିଧାୟକ ଏହାର ଆଲୋଚନା ଆବଶ୍ୟକ ମନେକରୁଁ ।

ଭାବିଲେ ଜଣାପଡ଼େ, ସନ୍ତୋଷ ମନର ଗୋଟିଏ ଅବସ୍ଥା ମାତ୍ର । ଅଭାବ-ବୋଧ ଏହି ଅବସ୍ଥାର ବିରୋଧୀ । ସୁତରାଂ ଅଭାବ-ବୋଧର ଅଭାବ ସନ୍ତୋଷ ନାମରେ ଅଭିହିତ ହୋଇପାରେ । ଏହି ଅଭାବ-ବୋଧ ପୁଣି ମନର ପ୍ରବଳ କାମନା ବା ଆକାଂକ୍ଷା ରୂପରେ ଜୀବନରେ ପ୍ରକାଶିତ ହୋଇଥାଏ । ତେଣୁ କାମନା ବା ଆକାଂକ୍ଷା ଏହି ଅଭାବ-ବୋଧର ରୂପାନ୍ତର ମାତ୍ର । ଯେଉଁ ଜୀବନରେ ଅଭାବର ବୋଧ ଯେତେ ବେଶୀ, ସେହି ଜୀବନରେ କାମନାର ପ୍ରଭାବ ସେତେ ପ୍ରବଳ । ଅତଏବ ଅଭାବ-ବୋଧ ଓ କାମନା ଘନିଷ୍ଠ ଭାବରେ ସମ୍ବଦ୍ଧ ।

Digitized by srujanika@gmail.com

ତେଣୁ କାମନାର ଉପସ୍ଥିତିରେ ସନ୍ତୋଷର ଅନୁପସ୍ଥିତି ଅବଶ୍ୟମ୍ଭାବୀ, ଅର୍ଥାତ୍—ଯେଉଁଠି କାମନା, ସେଇଠି ଅସନ୍ତୋଷ, ଏବଂ ଯେଉଁଠି କାମନା ନାହିଁ ସେଠାରେ ସନ୍ତୋଷ ବିଦ୍ୟମାନ । ଉଲ୍ଲିଖିତ ଅଭାବ-ବୋଧ ଦୂରୀଭୂତ ହେଲେ, ମନ ଯେଉଁ ଅବସ୍ଥାରେ ଉପନୀତ ହୁଏ, ତାହାହିଁ ସନ୍ତୋଷ । ଶବ୍ଦଟିର ଅକ୍ଷରିକ ଅର୍ଥ ପ୍ରତି ଦୃଷ୍ଟି ଦେଲେ, ଏହାହିଁ ଜଣାଯିବ, ସମ୍ୟକ୍ ତୋଷ ସନ୍ତୋଷ । ମାତ୍ର ଏହି 'ସମ୍ୟକ୍ ତୋଷ' କ'ଣ ? ଏହା କେବଳ ପ୍ରାଣ-ପୂର୍ତ୍ତି (Fullness of Life) ଛଡ଼ା ଅନ୍ୟ କିଛି ନୁହେ । ଏହି ପ୍ରାଣ-ପୂର୍ତ୍ତି ଜୀବନର ଉତ୍କୃଷ୍ଟତମ ଅବସ୍ଥା । ଏହି ଅବସ୍ଥାରେ ମାନବ ଅଭାବବୋଧ ନକରି, କେବଳ ପ୍ରାଣର ପୂର୍ଣ୍ଣତା ଉପଲବ୍ଧି କରୁଥାଏ । ତାହାର ସମସ୍ତ ଅଛି—ଆଉ କିଛି ଅବଶ୍ୟକ ନାହିଁ, ଇତ୍ୟାଦି ଭାବ ଏହି ପ୍ରାଣ-ପୂର୍ତ୍ତିର ପରିଚାୟକ । ସୁତରାଂ ସନ୍ତୋଷର ଅଭାବ କେବଳ ପ୍ରାଣର ଅଭାବ ଛଡ଼ା ଆଉ କିଛି ନୁହେ । ଅସନ୍ତୋଷ ସେଥିପାଇଁ ପ୍ରାଣ-ହୀନତାର ଚିହ୍ନ । ଯେଉଁ ବ୍ୟକ୍ତି ଯେତେ ପରିମାଣରେ ପ୍ରାଣର ପୂର୍ଣ୍ଣତା ଅନୁଭବ କରିଅଛନ୍ତି, ସେହି ବ୍ୟକ୍ତି ସେତେ ପରିମାଣରେ ସନ୍ତୋଷର ନିକଟବର୍ତ୍ତୀ । ମନର ଶାନ୍ତି ସମ୍ପାଦନ କରିବା ସକାଶେ ଯେଉଁ ଯେଉଁ ବସ୍ତୁ ବା ଉପାୟ ଆବଶ୍ୟକ ସେ ଗୁଡ଼ିକ ଲାଭକଲେ, ପ୍ରାଣରେ ଚରିତାର୍ଥତାର ଯେଉଁ ଅବବୋଧ ହୋଇଥାଏ, ତାହାକୁହିଁ ଆମ୍ଭେମାନେ ସନ୍ତୋଷ ନାମ ଦେଇଥାଉଁ । ମନର ଏହି ଅବସ୍ଥା ବହୁ-ସାଧନା ସାପେକ୍ଷ ଏହି ଅବସ୍ଥାରେ ମନ କୌଣସି ଦିଗରେ ଧାବମାନ ହୁଏନାହିଁ—କୌଣସି ଆଶାରେ ଆଶାନ୍ୱିତ ହୋଇ, ଇତସ୍ତତଃ ଗତି କରେନାହିଁ । ଏହି ଅବସ୍ଥାରେ ମନହିଁ ମାନବର ସର୍ବସ୍ୱ । ସେଥିପାଇଁ ଏହା ସଂଯମର ଚରମ ସୋପାନ, କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହି ଅବସ୍ଥାରେ ମାନବ ପ୍ରବୃତ୍ତିମାନଙ୍କର ପ୍ରଭାବରୁ ସ୍ୱାଧୀନ ରହି ମନର ଶାନ୍ତି ଉପଭୋଗ କରୁଥାଏ । ଏହି ପ୍ରବୃତ୍ତିମାନଙ୍କର ଅଧୀନ ରହିଥିବା ସମୟରେ ଅଭାବବୋଧ ମନର ଏକମାତ୍ର ଅବସ୍ଥା ହୋଇଥାଏ । ମାତ୍ର ଯେତେବେଳେ ମାନବ ପ୍ରାଣର ପୂର୍ଣ୍ଣତା ଉପଲବ୍ଧି କରେ, ସେତେବେଳେ ସେମାନଙ୍କର ପ୍ରଭାବ ଆଦୌ ଅନୁଭୂତ ହୁଏନାହିଁ—ସେତେବେଳେ ସେ ସମସ୍ତ ଅଭାବର ବାହାରେ । ଏହି ଅବସ୍ଥାହିଁ ପ୍ରାଣପୂର୍ତ୍ତି ବା ସନ୍ତୋଷ । ଆହୁରି ବିଶ୍ଳେଷଣ କଲେ, ଜଣାଯାଏ—ଏହି ପ୍ରାଣ-ପୂର୍ତ୍ତି କ୍ଷଣିକ ନୁହେ—ନିତ୍ୟ, ଅର୍ଥାତ୍ କ୍ଷଣିକ ତୃପ୍ତି ସନ୍ତୋଷ ନୁହେ । କୌଣସି ଆକାଙ୍କ୍ଷିତ ବସ୍ତୁଲାଭ କରି ଆମ୍ଭେମାନେ କିଛି ସମୟ ତୃପ୍ତି-ଅନୁଭବ ପୂର୍ବକ ପ୍ରାଣର ଶୀତଳତା ଉପଲବ୍ଧି କରିଥାଉଁ । ଏହି ସମୟତକ ସାଧାରଣତଃ ଆମ୍ଭମାନଙ୍କର ସନ୍ତୋଷର ସମୟ ବୋଲି କଥିତ ହୋଇଥାଏ । ମାତ୍ର ଏହା ଭ୍ରମମୂଳକ ଅଟେ । ଏହି ଅବସ୍ଥାରେ ଲୋକକୁ ସନ୍ତୁଷ୍ଟ କହିବା ଉଚିତନୁହେ । ମନେପଡ଼େ, ଶିଶୁ କ୍ରୀଡ଼ନକଟି ପାଇବା ପର୍ଯ୍ୟନ୍ତ କ୍ରନ୍ଦନ କରୁଥାଏ, ମାତ୍ର ତାହା ପାଇଲାକ୍ଷଣି, ତୃପ୍ତହୋଇ, କ୍ରନ୍ଦନରୁ ବିରତ ହୁଏ । ପୁଣି ଯେତେବେଳେ ସେ ଆଉ ଗୋଟିଏ ଭିନ୍ନ କ୍ରୀଡ଼ନକ ବା ଚିତ୍ତାକର୍ଷକ ବସ୍ତୁ ଦେଖେ, ସେତେବେଳେ ସେ ପୂର୍ବତୃପ୍ତି ଭୁଲିଯାଇ, ଅଧିକତର ଅଭାବ-ଅନୁଭବ ପୂର୍ବକ, ସେହି ବସ୍ତୁଟି ଲାଭକରିବା ନିମିତ୍ତ ଅବିରତ କ୍ରନ୍ଦନକରେ । ଏହି ବସ୍ତୁଟି ପାଇଲା ମାତ୍ରକେ, ସେ ପୁଣି କିଛିକ୍ଷଣ ତୃପ୍ତରହି, ଅନ୍ୟ କୌଣସି ବସ୍ତୁ ଦେଖିଲେ, ପୂର୍ବବତ୍ କ୍ରନ୍ଦନ କରିବାକୁ ଲାଗେ । ଶିଶୁ ଜୀବନରେ ଏହିପରି କ୍ଷଣିକ ତୃପ୍ତି ଓ ଅଭାବ-ବୋଧ ପୁନଃ ପୁନଃ ଚାଲିଥାଏ । ଶିଶୁଜୀବନ ସେଥିପାଇଁ ସନ୍ତୁଷ୍ଟ ବୋଲି କୁହାଯାଇ ନପାରେ । ମାନବର ଉଲ୍ଲିଖିତ କ୍ଷଣିକ ତୃପ୍ତି ଶିଶୁର ଏହି କ୍ଷଣିକ ତୃପ୍ତିରୁ ପୃଥକ୍ ବୋଲି କହିଲେ, ଅସମୀଚୀନ ହେବନାହିଁ । ଏହି ଅବସ୍ଥାରେ ମାନବ ତାହାର କାମନା ଚରିତାର୍ଥ କରେ ନାହିଁ ଯେ, କେବଳ ତାହାର ପ୍ରାବଲ୍ୟ ସମ୍ପାଦନ କରୁଥାଏ । କୌଣସି ବିଷୟରେ କିଛି ସମୟ ତୃପ୍ତ ରହି, ପୁନର୍ବାର ଆକାଙ୍କ୍ଷା ଅନୁଭବ କରିବା କେବଳ ସେହି ଆକାଙ୍କ୍ଷାର ବୃଦ୍ଧି ଓ ସ୍ୱାଧୀନ-ବିହାର ନିମିତ୍ତ ପଥ ପରିଷ୍କାର କରିବା ସଙ୍ଗେ ସମାନ । ମନେକର, ଜଣେ ପଥିକ ଗୋଟିଏ ବହୁଦୂର ସ୍ଥାନକୁ ଯିବାକୁ ଇଚ୍ଛା କରିଅଛି । ସେ ଏକାଥରକେ ନିର୍ଦ୍ଦିଷ୍ଟ ସ୍ଥାନରେ ପହୁଞ୍ଚି ପାରିବନାହିଁ । ତେଣୁ ଗତି କରୁ କରୁ, ସେ ପଥଶ୍ରାନ୍ତ ହୋଇ ବିଶ୍ରାମ କରେ; ଓ ବଳସଞ୍ଚୟ କରି, ପୂର୍ବବତ୍ ସେହି ଦିଗରେ ଗତି

Digitized by srujanika@gmail.com

କରିବାକୁ ଲାଗେ । ଏହି କ୍ଷଣିକ ବିଶ୍ରାମ ତାହାର ଆକାଙ୍କ୍ଷା ପୂରଣର ଚିହ୍ନ ନୁହେ । କାରଣ, ଏହି ବିଶ୍ରାମ ତାହାର ପରବର୍ତ୍ତୀ ଗମନ କାର୍ଯ୍ୟର ଉପାୟ ମାତ୍ର—ତାହାର ଗମନ କାମନାର ସିଦ୍ଧିନିମିତ୍ତ କେବଳ ପ୍ରସ୍ତୁତ-କରଣ ମାତ୍ର । ସେହିପରି କ୍ଷଣିକ ତୃପ୍ତିଲାଭ ମାନବର କାମନା ବୃଦ୍ଧିର ଗୋଟିଏ ଉପାୟ ମାତ୍ର । ସନ୍ତୋଷ ସେଥିପାଇଁ ଏହି କ୍ଷଣିକ ତୃପ୍ତିରୁ ପୃଥକ୍ । ଏହା ଜୀବନର ପୂର୍ଣ୍ଣ ଅବସ୍ଥା—ନିତ୍ୟ ତୃପ୍ତି । ଏହି ଅବସ୍ଥାରେ ମାନବ କୌପୀନବାନ୍ ହୋଇ ସୁଦ୍ଧା ନିଜକୁ ଭାଗ୍ୟବାନ ମନେକରିପାରେ । ସୁଖ, ଦୁଃଖ, ମାନ, ଅପମାନ, ସକଳ ଅବସ୍ଥାରେ ଅଟଳ ରହିପାରେ ।

ଏହି ସନ୍ତୋଷ ଦୁର୍ବଳଠାରେ ଉପଲବ୍ଧି ହୁଏନାହିଁ । ଦୁର୍ବଳ ବ୍ୟକ୍ତି ଅନେକ ସମୟରେ ଅଭୀଷ୍ଟ ସିଦ୍ଧି କରି-ନପାରି, ଶକ୍ତିର ସହିତ କହି ପକାଇଥାଏ—ଯତ୍କିଞ୍ଚିତ୍ ଅଛି, ସେଥିରେ ସନ୍ତୁଷ୍ଟ ରହିବା ଉଚିତ । ଏହିଭାବ କିନ୍ତୁ ମାନବର ସନ୍ତୋଷର ପରିଚାୟକ ନୁହେ । ସନ୍ତୋଷ ତେଣୁ ଅଳ୍ପରେ ତୁଷ୍ଟି ନୁହେ । ଅଳ୍ପରେ ତୁଷ୍ଟି କେବଳ ଦୁର୍ବଳ ବା ଶକ୍ତିହୀନର ଅବଲମ୍ବନ । ମାତ୍ର ସନ୍ତୋଷ ସବଳ ବା ଶକ୍ତିଶାଳୀର ସମ୍ପଦ । ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣତା ଲାଭକରି ନପାରି, ମନକୁ ସାନ୍ତ୍ୱନା ଦିଏ ଓ ଧନଲିପ୍ସୁ ଯଥାସାଧ୍ୟ ଚେଷ୍ଟାକରି, ଅଭିଳଷିତ ଧନ ନପାଇଲେ ନୈରାଶ୍ୟରେ ଅବଶ ହୋଇପଡ଼ି, ସାମାନ୍ୟ ଧନରେ ତୁଷ୍ଟ ରହିବାକୁ ଚେଷ୍ଟାକରେ । ଏହିପରି କିଛିକାଳ ଚେଷ୍ଟାକରି, କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହେଲେ; ମାନବର ଏକମାତ୍ର ଆଶ୍ୱାସନା ସନ୍ତୋଷ ହୋଇଥାଏ । ମାତ୍ର ଏହା ପ୍ରକୃତ ସନ୍ତୋଷ ନୁହେ । ଏହାକୁ ଆମ୍ଭେମାନେ କ୍ଷଣିକ ତୋଷ କହିପାରୁଁ—ମାତ୍ର ସନ୍ତୋଷ ନାମ ଦେଇ-ନପାରୁଁ କାରଣ, ମାନବ କେବଳ ଦୁର୍ବଳତାବଶତଃ ବାଧ୍ୟ ହୋଇ ଏହିପରି ଆଶ୍ୱାସନାର ଆଶ୍ରୟ ନେଇଥାଏ । ଏହି ଅବସ୍ଥାରେ ତାହାର ଅଭାବ-ବୋଧ ଦୂରୀଭୂତ ନହୋଇ ବରଂ ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ ଥାଏ । ଏପରିକି, ଯଦି ପରେ ସେ ଉକ୍ତ ଉଦ୍ଦେଶ୍ୟ ସାଧନ କରି ନେବାର କୌଣସି ସୁବିଧା ପାଏ, ତାହାହେଲେ ତାହାର ଏହି ଆଶ୍ୱାସନା ତତ୍‌କ୍ଷଣାତ୍ ବିସ୍ମୃତିଗର୍ଭରେ ଲୀନ ହୋଇ ଯିବ ଓ ସେ ପୂର୍ବବତ୍ କାମନାର ପ୍ରେରଣାରେ ମୋହ-ବଶରେ ଗତି ନକରି ରହିପାରିବନାହିଁ । ଯେତେବେଳେ ମାନବ ସମସ୍ତ ଶକ୍ତି-ସାମର୍ଥ୍ୟ ପ୍ରୟୋଗକରି, ପରି-ଶେଷରେ ଏପରି ଏକ ଅବସ୍ଥାରେ ଉପନୀତ ହେବ ଯେ ସେ କୌଣସି ଅଭାବ ଅନୁଭବ ନକରି, ପୂର୍ଣ୍ଣ-ପ୍ରାଣତା ଉପଲବ୍ଧି କରିବ, ସେତେବେଳେ ସେ ସନ୍ତୋଷାବସ୍ଥା ଲାଭ କରିଅଛି ବୋଲି କହିବାକୁ ହେବ । ତେଣୁ କହୁଁ, ବଳହୀନତାର ଅବଲମ୍ବନ ସନ୍ତୋଷ ନୁହେ—ସନ୍ତୋଷ ବଳଶାଳିତାର ଫଳ । ମାତ୍ର ଅନେକେ ଏହାର ପ୍ରକୃତ ଅର୍ଥ ବୁଝି ନପାରି, ଏହାକୁ କେବଳ ଦୁର୍ବଳର ଆଶ୍ୱାସନାରେ ପର୍ଯ୍ୟବସିତ କରିପକାନ୍ତି । ସନ୍ତୋଷ ଅକୃତ-କାର୍ଯ୍ୟତା ଓ ନୈରାଶ୍ୟରୁ ଉତ୍ପନ୍ନ ବିତୃଷ୍ଣା ନୁହେ । କାରଣ ଏହି ବିତୃଷ୍ଣା ସଙ୍ଗେ ସଙ୍ଗେ ମାନବର ଯେଉଁ ମନଃ-ସଙ୍କୋଚ ଜାତହୋଇ ତାହାର ମୁଖ-ଦର୍ପଣରେ ପ୍ରତି-ବିମ୍ବିତ ହୁଏ, ତାହା କେବେହେଁ ସନ୍ତୋଷର ଚିହ୍ନ ନୁହେ । ଅଙ୍ଗୁର ଫଳର ଆସ୍ୱାଦରେ ପ୍ରାଣର ତୃପ୍ତି ସାଧନ କରିବା ନିମିତ୍ତ ନାନା ପ୍ରକାର ଚେଷ୍ଟାକରି, ଯେତେବେଳେ କୋକିଶିଆଳ ନିରାଶ ହୃଦୟରେ ଫେରିଆସିବାକୁ ବାଧ୍ୟ ହେଲା, ସେତେବେଳେ ତାହାର ପ୍ରାଣରେ ଯେଉଁ ସଙ୍କୋଚ ଓ ବିତୃଷ୍ଣା ଜାତ ହେଲା, ତାହା ଭାବିଲେ ଉଲ୍ଲିଖିତ ଉକ୍ତିର ସତ୍ୟତା ଅସ୍ୱୀକାର କରି ହୁଏ-ନାହିଁ ।

ଉପରେ ସନ୍ତୋଷର ଯେପରି ବ୍ୟାଖ୍ୟା ଦିଆଗଲା, ତାହାର ଦୃଷ୍ଟିରେ କେହି ପଚାରିପାରନ୍ତି, ସନ୍ତୋଷ କ'ଣ ଏହି ଅର୍ଥରେ ଜୀବନରେ ଉପଲବ୍ଧ ହୋଇପାରେ ? ସଂସାରରେ କ'ଣ ଏପରି ବ୍ୟକ୍ତି ଅଛନ୍ତି, ଯାହାଙ୍କ ଜୀବନରେ ଏହି ପୂର୍ଣ୍ଣପ୍ରାଣତା ପରିଦୃଷ୍ଟ ହୋଇଅଛି ? ଏହାର ଉତ୍ତରରେ କୁହାଯାଇପାରେ, ସନ୍ତୋଷ କାହାରି ଜୀବନରେ ଘଟିନାହିଁ—କେହି ଏ ପୂର୍ଣ୍ଣପ୍ରାଣତା ଉପଲବ୍ଧ କରିପାରିନାହାନ୍ତି । ମାନବ-ଜୀବନ ମାତ୍ରକେ ନାନା ଅଭାବ ଓ ଅଶାନ୍ତିର ଲୀଳା-କ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅଭାବ ଓ ଅଶାନ୍ତି ଭୂୟୋଭୂୟଃ ତାହାର ଜୀବନରେ ଅନୁଭୂତ ହେଉଅଛି । କଥିତ ଅଛି, "ପୂର୍ଣ୍ଣେଷ୍ୱ ପୂର୍ଣ୍ଣେଷୁ ମନୋରଥାନାମୁତ୍ପତ୍ତୟଃ ସନ୍ତି

Digitized by srujanika@gmail.com

ପୂର୍ଣ୍ଣବାନାଂ ।''ବାସ୍ତବକ ଗୋଟିଏ ମନୋରଥ ପୂର୍ଣ୍ଣହେଲା ମାତ୍ରକେ ଆଉ ଗୋଟିଏ ଆସି ଜୀବନକୁ ଆଲୋଡ଼ିତ କରୁଥାଏ । ଏହି ଆଲୋଡ଼ନ ମଧ୍ୟରେ ମାନବର ଚେଷ୍ଟା ସର୍ବଦା ମନକୁ ସନ୍ତୁଷ୍ଟ ରଖିବା । କେହି ସନ୍ତୋଷର ଅବସ୍ଥାରେ ଉପନୀତ ହୋଇନାହିଁ, ତଥାପି କେହି ତାହାର ଉପଲବ୍ଧି ନିମିତ୍ତ ଚେଷ୍ଟାରୁ ବିରତ ନୁହେ । ଏହି ବିଚିତ୍ର ସଂସାରରେ ମାନବ-ଜୀବନ ଏପରି ଭାବରେ ଅବସ୍ଥିତ ଯେ,ସେ ନାନାଭାବରେ ମନଃପ୍ରାଣ ପ୍ରୟୋଗ କରି ଜୀବନର ପୂର୍ଣ୍ଣତା ଅନୁଭବ କରିବାକୁ ଚେଷ୍ଟାକଲେ ସୁଦ୍ଧା ଶେଷରେ ସମସ୍ତ ବ୍ୟାକୁଳତା ସହକାରେ ଚିତ୍କାର କରୁଅଛୁ, 'ଏ ଜୀବନେ ନାହିଁ ସୁଖଶାନ୍ତି' । ସେ ସର୍ବଦା 'ପ୍ରାଣାରାମ'ର ଚିନ୍ତାରେ ବ୍ୟତିବ୍ୟସ୍ତ । ମାତ୍ର 'ପ୍ରାଣାରାମ'ର ଦେଖାନାହିଁ । ନିଉଟନ୍ ଭାବିଥିଲେ, ବିଶ୍ୱର ସତ୍ୟ ଆବିଷ୍କୃତ ହେଲେ, ତାଙ୍କର ପ୍ରାଣ ସନ୍ତୋଷର ନିକେତନ ହେବ । ମାତ୍ର ଶେଷରେ ତାଙ୍କର ବିଜୟ-ବାଣୀ ତାଙ୍କୁ ଅସନ୍ତୁଷ୍ଟ ବୋଲି ପରିଚିତ କରାଇଦେଲା । ସକ୍ରେଟିସ୍ ଭାବିଥିଲେ, ଜ୍ଞାନହିଁ ଜୀବନର ସମସ୍ତ ଉତ୍କର୍ଷର ମୂଳ । ମାତ୍ର ଦିନେ ସେ କହିବାକୁ ବାଧହେଲେ, ମୁଁ ଏତିକି ଜାଣେ ଯେ ମୁଁ କିଛି ଜାଣେନାହିଁ । ବୁଦ୍ଧ ଭୋଗ ସମ୍ପଦର କୋଳରେ ଜନ୍ମଗ୍ରହଣ କରି ସୁଦ୍ଧା ଭିକ୍ଷାପାତ୍ର ହସ୍ତରେ ଦିନେ ସନ୍ତୋଷର ପଛରେ ଧାବମାନ ହୋଇଥିଲେ ଏବଂ ନିର୍ବାଣକୁ ସନ୍ତୋଷର ହେତୁ ବୋଲି ଭାବି, ତାହାର ଲାଭ ନିମିତ୍ତ ସଂସାର ପରିତ୍ୟାଗ କରିଥିଲେ । ନେପୋଲିୟନ୍ ସନ୍ତୋଷ ଲାଭପାଇଁ 'ଅସମ୍ଭବ'କୁ ହେୟ ଜ୍ଞାନ କରି, ଚତୁର୍ଦ୍ଦିଗରେ ନିଜର ଶୌର୍ଯ୍ୟ ଓ ବୀର୍ଯ୍ୟ ପ୍ରତିଷ୍ଠିତ କରିବାକୁ ଲାଗିଲେ । ମାତ୍ର ପ୍ରାଣ ତୃପ୍ତିତା ଅନୁଭୂତ ହେଲନାହିଁ । ଶେଷରେ ଦେଶବାସୀଙ୍କର ବ୍ୟବହାରରେ ସନ୍ତୋଷ ସୁଦୂର-ପରାହତ ହୋଇଗଲା । ରାମଚନ୍ଦ୍ର ଭାବିଥିଲେ, ପିତାଜ୍ଞା ପାଳିତ ହେଲେ, ତାଙ୍କର ପ୍ରାଣ ସନ୍ତୁଷ୍ଟ ହେବ; ମାତ୍ର ତାହା ହେଲନାହିଁ । ପିତାଜ୍ଞା ପାଳନରେ ଶାନ୍ତିଲାଭ କରିବା ସମୟରେ, ତାଙ୍କ ଜୀବନ ଯେ କି ଅଶାନ୍ତିର ନିକେତନ ହେଲା, ତାଙ୍କ ଜୀବନ ଯେ କି ଅଭାବର ଅଧୀନ ହେଲା, ତାହା ପ୍ରତ୍ୟେକ ରାମାୟଣପାଠକଙ୍କ ସୁବିଦିତ । ଏହିପରି ଜ୍ଞାନରେ ଜ୍ଞାନବାନ୍, ଧନରେ ଧନବାନ, ଯଶରେ ଯଶବାନ୍ ଓ ଚରିତ୍ରରେ ଚରିତ୍ରବାନ୍ ହୋଇ ସୁଦ୍ଧା ମାନବ ସନ୍ତୋଷ ଉପଲବ୍ଧି କରିପାରିନାହିଁ ।

ତେବେ କ'ଣ ସନ୍ତୋଷଲାଭର ପ୍ରୟାସ ନିରର୍ଥକ ? ମାନବ ତେବେ ସନ୍ତୋଷଲାଭ ନିମିତ୍ତ ଏତେ ବ୍ୟାକୁଳ କାହିଁକି ? ସନ୍ତୋଷର ଅନୁପଲଭ୍ୟତା ଦୃଷ୍ଟିରେ ମନେହୁଏ, ମାନବ ସନ୍ତୋଷଲାଳସା ପରିତ୍ୟାଗ କଲେହିଁ ତା'ର ଜୀବନ ଶାନ୍ତିର ସ୍ଥଳ ହେବ । କାରଣ, ଯାହା ମିଳିନାହିଁ ବା ମିଳିବନାହିଁ, ଯାହାର ଉପଲବ୍ଧି ଅସମ୍ଭବ, ସେଥିରେ ବ୍ୟସ୍ତ ହେବା ମୂଢ଼ତା ମାତ୍ର । ସନ୍ତୋଷ ତାହାହେଲେ କଳ୍ପନା-ସମ୍ଭୂତ ଆକାଶକୁସୁମବତ୍ ଗୋଟିଏ ବସ୍ତୁ ! ତେବେ କ'ଣ କହିବାକୁ ହେବ, ଏହି ଆକାଶ କୁସୁମର ଲାଭାଭିଳାଷ ମାନବ ଜୀବନର ଗୋଟିଏ ନିରର୍ଥକ କାର୍ଯ୍ୟ ? ମାନବ ତେବେ କ'ଣ ଅଶାନ୍ତି ଓ ଅସନ୍ତୋଷକୁ ବରଣକରି, ଜୀବନରେ ଗତି କରିବାକୁ ବାଧହେବ । ଅସନ୍ତୋଷ ତାହାହେଲେ ଜୀବନର ମୋକ୍ଷ ଦାତା—ଜୀବନର ଅପରିହାର୍ଯ୍ୟ ସହାୟ ! କିନ୍ତୁ ଅସନ୍ତୋଷର ମୂଳରେ କାମନାର ପ୍ରାବଲ୍ୟ ବିଦ୍ୟମାନ । ଅତଏବ ଯଦି ସନ୍ତୋଷ ଅନୁପଲଭ୍ୟ ହୁଏ, ଯଦି ମାନବ-ଜୀବନରେ ସନ୍ତୋଷଲାଭ ଅସମ୍ଭବ ହୁଏ, ତା'ହେଲେ, କାମନାର ଅଧୀନ ରହି, ମାନବ ନିତ୍ୟ ଅଶାନ୍ତିରେ ପଡ଼ି ରହିବାକୁ ବାଧହେବ ! ଏପରି ସ୍ଥଳରେ କହିବାକୁ ହେବ, କାମନାର ଚରିତାର୍ଥତା ଜୀବନର ଉଦ୍ଦେଶ୍ୟ ଓ ଅଭାବ-ବୋଧ ଜୀବନର ଅସ୍ଥିମଜ୍ଜା !

ଏହି ସବୁ ପ୍ରଶ୍ନ ସନ୍ତୋଷର ଉଲ୍ଲିଖିତ ବ୍ୟାଖ୍ୟାରୁ ଉଠିବା ସ୍ୱାଭାବିକ । ମାତ୍ର ଆମ୍ଭମାନଙ୍କ ମତରେ ସନ୍ତୋଷ ଅନୁପଲଭ୍ୟ ହେଲେ ସୁଦ୍ଧା ଅନଭିଳଷ୍ୟ ନୁହେ । ମାନବ ମାତ୍ରକେ କେତେଗୁଡ଼ିଏ ଆଦର୍ଶର ସାହାଯ୍ୟରେ ଜୀବନ ନିୟନ୍ତ୍ରିତ କରିଥାଏ । ଏହି ଆଦର୍ଶ ଦିଗରେ ଧାବମାନ ମାନବଜୀବନ କ୍ରମୋନ୍ନତି ଲାଭକରି, ତାହାର ନିକଟବର୍ତ୍ତୀ ହେବାକୁ ଲାଗେ । ଏହି ଆଦର୍ଶ କେବଳ ମାନବର ଚିନ୍ତାରୁ ପ୍ରସୂତ ଗୋଟିଏ ଉତ୍କୃଷ୍ଟ-ତମ ଅବସ୍ଥା । ଯେପରି ଆଲୋକ-ସ୍ତମ୍ଭ ଏକ ସ୍ଥାନରେ ଦଣ୍ଡାୟମାନ ହୋଇ ନୌ-ଯାତ୍ରୀର ଗତି ନିୟମିତ କରେ, ସେହିପରି ଆଦର୍ଶ ମାନବର ମନଶ୍ଚକ୍ଷୁର ସମ୍ମୁଖରେ ଦେଦୀପ୍ୟମାନ

Digitized by srujanika@gmail.com

ରହି, ତାହାର ଜୀବନର ଗତି ନିର୍ଦ୍ଦେଶ କରେ । ଅର୍ଥାତ୍ ସେ ଏହି ଆଦର୍ଶକୁ ମନମଧ୍ୟରେ ଧରିରଖି, ତାହାର ଉପଲବ୍ଧି ନିମିତ୍ତ ନାନାବିଧ କର୍ମ ସମ୍ପାଦନ କରିବାକୁ ଲାଗେ । ଏହାର ପ୍ରକୃତି ଏପରି ଯେ, ଏହାର ଦିଗରେ ଯେତେ ଅଗ୍ରସର ହେଲେ ସୁଦ୍ଧା, ଏହାର ପୂର୍ଣ୍ଣ ଉପଲବ୍ଧି ହୋଇପାରେନାହିଁ । ତଥାପି ଏହା ଜୀବନର କର୍ମସ୍ପୃହା ଉଦ୍ରିକ୍ତ କରିଥାଏ । ବାସ୍ତବିକ, ମାନବ ଜୀବନରେ ଆଦର୍ଶର ପ୍ରଭାବ ଆଶ୍ଚର୍ଯ୍ୟଜନକ । ଆଦର୍ଶ ବ୍ୟତିରେକେ ମାନବ ଜୀବନରେ ଉନ୍ନତି ଏକାବେଳକେ ଅସମ୍ଭବ ହୋଇଥାନ୍ତା । ସଂସାରରେ ଯେତେ ଅନୁଷ୍ଠାନ ଦେଖିବାକୁ ମିଳେ, ସେସବୁ ମାନବର ଏହି ଆଦର୍ଶ ଦିଗରେ ଗତିକରିବାର ଫଳମାତ୍ର । ଅବଶ୍ୟ ଆଦର୍ଶ ସସୀମ ଭାବରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଜୀବନରେ ପ୍ରକାଶ ପାଇଥାଏ । ମାତ୍ର ବାସ୍ତବ ଜୀବନରେ ଏହାର ଏହି ସସୀମ ପ୍ରକାଶ ଏହାର ପୂର୍ଣ୍ଣ ଉପଲବ୍ଧି ନୁହେଁ । ଏଣୁ ଏହାର ଅନୁକରଣ କରିବାକୁ ହେଲେ, ଆମ୍ଭମାନଙ୍କୁ କ୍ରମେ କ୍ରମେ ଏହାର ସସୀମ ବା ଅପୂର୍ଣ୍ଣ ଉପଲବ୍ଧିର ମଧ୍ୟଦେଇ ଗତି କରିବାକୁ ହୁଏ । ଏହି ଗତିର କୌଣସି ସୀମା ନାହିଁ । କାରଣ ଆଦର୍ଶ ପ୍ରକୃତରେ ସସୀମ ନୁହେ । ଆଦର୍ଶର ଏହି ଅସୀମତାବଶତଃ ମାନବ ଜୀବନ କର୍ମମୟ ହୋଇଅଛି । ନଚେତ୍ ଏହା ଏକ ସମୟରେ ଆଦର୍ଶକୁ ଉପଲବ୍ଧି କରିସାରି, କର୍ମହୀନ ହୋଇପଡନ୍ତା । ଆଦର୍ଶର ପୂର୍ଣ୍ଣ ଉପଲବ୍ଧି ନିମିତ୍ତ ମାନବ କେତେ ପ୍ରଯତ୍ନ କରି ଆସୁଅଛି । ମାତ୍ର ତାହା ନିଜର ସ୍ୱଭାବ ପୂର୍ଣ୍ଣତା ସହ ମାନବର ସମ୍ମୁଖରେ ବିଦ୍ୟମାନ ରହିଅଛି । ବର୍ତ୍ତମାନ ସନ୍ତୋଷ ମନର ଗୋଟିଏ ଆଦର୍ଶ ଅବସ୍ଥା ମାତ୍ର । ଏହି ଆଦର୍ଶର ଉପଲବ୍ଧି ମାନବଜୀବନରେ ହୋଇପାରୁନାହିଁ । ସଂସାରରେ ଆଦର୍ଶ କେବଳ ମାନବକୁ ତଦନୁରୂପ କାର୍ଯ୍ୟରେ ଅନୁପ୍ରାଣିତ କରେ ମାତ୍ର । ଏହା ସମ୍ପୂର୍ଣ୍ଣ-ରୂପେ ଉପଲବ୍ଧି ନ ହୋଇ କେବଳ କ୍ରମିକ ଭାବରେ ଉପଲବ୍ଧ ହୋଇଥାଏ । ତେଣୁ ସନ୍ତୋଷନାମକ ଆଦର୍ଶର ଉପଲବ୍ଧି ଏହିପରି କ୍ରମିକ ଭାବରେ ଘଟିଥାଏ । ଏହି କ୍ରମିକ ଉପଲବ୍ଧି ଆମ୍ଭମାନଙ୍କର ଉତ୍କୃଷ୍ଟତର ଅବସ୍ଥା ଆଡକୁ ନେଇଯାଏ । ଅବଶ୍ୟ କେହି ଏପର୍ଯ୍ୟନ୍ତ ଶେଷ ସୀମାରେ ପହୁଞ୍ଚିପାରିନାହିଁ । ତଥାପି କେହି ସେଥିପାଇଁ ଏହାପ୍ରତି ଅବମାନନା ପ୍ରଦର୍ଶନ କରୁନାହିଁ । ଅର୍ଥାତ୍ ମାନବ ଯଥାର୍ଥ ଚେଷ୍ଟାକରି ସନ୍ତୋଷ ଲାଭକରି ନପାରିଲେ ସୁଦ୍ଧା ଉକ୍ତ ଅବସ୍ଥା ପ୍ରତି ବୀତସ୍ପୃହ ହୋଇ ପଡୁନାହିଁ । ତେଣୁ ସେ ଏହା ଲାଭ କରିବାନିମିତ୍ତ ପ୍ରାଣର ପୂର୍ଣ୍ଣତା ଦିଗରେ କ୍ରମଶଃ ଅଗ୍ରସର ହେଉଅଛି, କ୍ରମଶଃ ମନର ସକଳ ଅଭାବ ଦୂରକରିବାରେ ନିଯୁକ୍ତ ରହିଅଛି । ଯେତେବେଳେ ତାର ସମସ୍ତ ଅଭାବ ଦୂରୀଭୂତ ହେବ, ଯେତେବେଳେ ତାହାର ଅଭିଳାଷ ସମ୍ପୂର୍ଣ୍ଣରୂପେ ଚରିତାର୍ଥ ହେବ, ସେତେବେଳେ ଯାଇଁ ତାହାର ପ୍ରାଣ ସନ୍ତୋଷର ନିକେତନ ହେବ, ସେତେବେଳେ ଯାଇଁ ତାହାର ପ୍ରାଣପୂର୍ତ୍ତି ସମ୍ପାଦିତ ହେବ । ମାତ୍ର ମାନବ ପୂର୍ଣ୍ଣ ନହେଲେ ତାହାର ଅଭାବ ଓ ଅଶାନ୍ତି ସର୍ବଦା ବିଦ୍ୟ-ମାନ ରହିଥିବ ଓ ତେଣୁ ସେ ସର୍ବଦା ଅସନ୍ତୁଷ୍ଟ ରହିଥିବ । ସୁତରାଂ ସନ୍ତୋଷ ମାନବର ପୂର୍ଣ୍ଣାବସ୍ଥା । ଯେଉଁଠାରେ ପୂର୍ଣ୍ଣତା, ସେହିଠାରେ ସନ୍ତୋଷ । ମାତ୍ର ମାନବର କ୍ଷଣ-ସ୍ଥାୟିତ୍ୱ ଓ ସସୀମତା ପ୍ରତି ଦୃଷ୍ଟିଦେଲେ ଜଣାଯାଏ, ସେ ଇହ ଜୀବନରେ ସନ୍ତୋଷ ଉପଲବ୍ଧ କରି ପାରିବନାହିଁ । ତଥାପି ସନ୍ତୋଷ ଦିଗରେ ଧାବମାନ ହେବାଦ୍ୱାରା ତାହାର ଏତିକି ଲାଭ ହେବ ଯେ, ସେ ପୂର୍ବାପେକ୍ଷା କ୍ରମଶଃ ଉନ୍ନତ-ତର ଅବସ୍ଥା ଲାଭକରି, ଜୀବନକୁ ସନ୍ତୋଷର ନିକଟତର କରିପାରିବ । ଏହି ପ୍ରକାର ଉପଲବ୍ଧି ଅପୂର୍ଣ୍ଣ ହେଲେହେଁ, ଆଦର୍ଶର ଅନୁରୂପ; ତେଣୁ ସ୍ପୃହଣୀୟ ଓ ଶ୍ରେୟସ୍କର । ସନ୍ତୋଷର ଏହି ଆକର୍ଷଣ ମାନବର ସକଳ ସୁଖସମ୍ପଦର ମୂଳକାରଣ । ଏହା ବ୍ୟତୀତ ସେ ଅଳ୍ପରେ ତୁଷ୍ଟରହି, କର୍ମହୀନ ହୋଇପଡନ୍ତା । ସୁତରାଂ ଜୀବନର ମହାର୍ଘତା ଓ କମନୀୟତା, ଏବଂ ସେଥି ସଙ୍ଗେ ସଙ୍ଗେ ମାନବ ସମାଜର ମୂଲ୍ୟ, ଏକାବେଳକେ ନଷ୍ଟ ହୋଇଯାଆନ୍ତା । ମାତ୍ର ସୁଖର କଥା, ତାହା ହୋଇନାହିଁ । ସନ୍ତୋଷର ଉପଲବ୍ଧି ଆଶାରେ ମାନବ ଜୀବନ ଅହରହଃ ଯତ୍ନ କରିବାରେ ବ୍ୟସ୍ତ । ଏହାର ଫଳରେ ଜୀବନର ଶକ୍ତି ବିକଶିତ ହୋଇ, କ୍ରମେ କ୍ରମେ ତାହାକୁ ପ୍ରାଣବାନ୍ କରୁଅଛି—କ୍ରମେ କ୍ରମେ ତାହାକୁ ସନ୍ତୋଷ ଦିଗରେ ନେଇ ଯାଉଅଛି । ଏହି ସନ୍ତୋଷର ପୂର୍ଣ୍ଣ-ପ୍ରାପ୍ତି କେବଳ

Digitized by srujanika@gmail.com

ବ୍ୟକ୍ତିଗତ ଜୀବନରେ ନୁହେଁ, ସମାଜର ମଧ୍ୟ ସମୃଦ୍ଧପର-ନୁହେ । ତଥାପି ଏମିତି ଅସନ୍ତୋଷବଶତଃ ସମାଜର ସମୃଦ୍ଧି ସମ୍ପାଦିତ ହେବାର ଲାଗିଅଛି । ସନ୍ତୋଷର ଉପଲବ୍ଧି କିମ୍ବା ଏହାପର ଚରମସୀମାରେ ଉପନୀତ ହୋଇ ପାରୁନଥିବାରୁ, ଅଭାବବୋଧ ସର୍ବଦା ବିଦ୍ୟମାନ ରହିଅଛି, ସୁତରାଂ ମାନବର ଉନ୍ନତି ସକଳ ଦିଗରେ ସମ୍ପାଦିତ ହେଉଅଛି । ଏହି ଅଭାବବୋଧ-ବଶତଃ ମାନବ ଧର୍ମ, ଜ୍ଞାନ, ବିଜ୍ଞାନ ପ୍ରଭୃତି ସବୁ ବିଭାଗରେ ଉନ୍ନତି ଲାଭ କରି ଆସୁଅଛି । ନଚେତ୍ ସେ ସେହି ଆଦିମ ଅବସ୍ଥାରେ ପଡି ରହି, ଇତର ପ୍ରାଣିମାନଙ୍କଠାରୁ ଉତ୍କୃଷ୍ଟ ବୋଲି ବିବେଚିତ ହେଉନଥାନ୍ତା । ଆମ୍ଭେମାନେ ସନ୍ତୋଷର ଆହ୍ୱାନକୁ ଉଦ୍‌ଗ୍ରୀବ ହୋଇ ଅନାଇ ରହିଅଛୁଁ । ଏହା ଏହାପର 'ଅନନ୍ତ'ର ସେହି ପୂର୍ଣ୍ଣତାର ସହଗାମୀ ହୋଇ, ଆମ୍ଭମାନଙ୍କୁ ଉତ୍ତେଜିତ, ଉତ୍ତୋଳିତ ଓ ଉଦବୁଦ୍ଧ କରୁଥାଉ ଓ ଆମ୍ଭେମାନେ ଏହାର ଉପଲବ୍ଧି ନିମିତ୍ତ ଉପାୟମାନ ଉଦ୍ଭାବନ କରି ଜୀବନର ସକଳ ଦିଗରେ ଉନ୍ନତି ବିଧାନ କରୁଥାଉଁ ।

ଅତଏବ ମାନବ ! ସନ୍ତୋଷକୁ ସହଜଲଭ୍ୟ ମନେକର, ତାହାକୁ ଭ୍ରମରେ କ୍ଷଣିକତୃପ୍ତି ବୋଲି ଭାବନାହିଁ । ମନେରଖ, ସନ୍ତୋଷ ଜୀବନର ଆଦର୍ଶ—ଏହି ଜୀବନର ପୂର୍ଣ୍ଣତା ମାତ୍ର । ଦୁର୍ବଳ ପ୍ରାଣରେ ଅଳ୍ପରେ ତୁଷ୍ଟହୋଇ କର୍ମହୀନ ହୋଇପଡିଲେ ପ୍ରକୃତ ସନ୍ତୋଷ ମିଳିବନାହିଁ, ବରଂ ତୁମ୍ଭେ ଜୀବନର ନିକୃଷ୍ଟ ଅବସ୍ଥାରେ ପଡିରହିଥିବ । ଅତଏବ ସନ୍ତୋଷ, ଏହି ଆଦର୍ଶର ଏମିତି ଉପଲବ୍ଧିରେ ବ୍ରତୀହୁଅ; ଦେଖିବ, ପ୍ରାଣ ପ୍ରସାରିତ ହେବ, ଶାନ୍ତି ବିକଶିତ ହେବ ଓ ପ୍ରାଣର ପୂର୍ଣ୍ଣତା କ୍ରମଶଃ ଉପଲବ୍ଧି ହେବ । ଏହି ପ୍ରକାରେ ଗତି କଲେ, କେବଳ ବ୍ୟକ୍ତିଗତ ଭାବରେ ନୁହେ, ଜାତିଗତ ଭାବରେ ନୁହେ; ଜାତିଗତ ଭାବରେ ମଧ୍ୟ ତୁମ୍ଭେ ସନ୍ତୋଷର ନିକଟବର୍ତ୍ତିତା ଉପଲବ୍ଧି କରିବ । ସେଥିପାଇଁ କହୁ—ଅଭାବ ଅନୁଭବ କର, ତାହାର ଦୂରୀକରଣ ନିମିତ୍ତ ଉପାୟ ଅବଲମ୍ବନ କର; ଏବଂ ସେଥିସଙ୍ଗେ, ଜୀବନର ବିଭିନ୍ନ ବିଭାଗର ଉତ୍କର୍ଷ ସାଧନକରି କ୍ରମେ ବଳୀୟାନ ହୁଅ ।

---

# ସୌନ୍ଦର୍ଯ୍ୟର ଅପମାନ

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

କେଉଁ କୂଳ ମୂଳ କାଟି ଆସିଛୁ ଏ କୂଳେ ଆଜ !
ବସିଛୁ ଏ ଦେଶେ ତୁହି କେତେ ବେଶେ ଅଙ୍ଗ ସାଜ !
ହସିଲେ ତୋ ସଙ୍ଗେ ସିନା ହସୁଥାନ୍ତେ ଚନ୍ଦ୍ର ତାରା,
ତୋ ଶୋଭା ମାଧୁରୀ ପିଇ ଘୂରୁଥାନ୍ତା ସାରା ଧରା,
ନାଚୁଥାନ୍ତା କେତେ ପ୍ରାଣ ତୋ ପ୍ରାଣ ଅମୃତ ଲଭି,
ଲଭୁଥାନ୍ତା କାନ୍ତ ଶାନ୍ତ ହେଉ ତୋ ମୋହିନୀ-ଛବି
ଶ୍ରୀକର ବଢ଼ାଇ ଦେଲେ ଆସନ୍ତା ସାନ୍ତ୍ୱନା ଝରି,
ଗୁହାଁଲେ ତୋ ମୁହେଁ ମୋହେ ପରାଣ ଯାଆନ୍ତା ଝରି,
ଚରଣରେ ଲାଗୁଥାନ୍ତା ପଲକେ ଚପଳା ଖେଳ,
ଜୀବନରେ ଭୋଗୁଥାନ୍ତୁ ଭକ୍ତି ପ୍ରୀତି ମଧୁ ମେଳ,
ପୂଜା ନୈବେଦ୍ୟର ଡାଲି ଆସୁଥାନ୍ତା ନିତି ପାଶେ,
ଶାନ୍ତିର କୁଟୀର ତେଜି ଅସିଲୁ ଏ ଦୀନ ବାସେ !
ଏ ବୟସେ ବିପଣୀରେ ଆହା ତୁ ଲଭିଲୁ ସ୍ଥାନ !
କି ଶୋଭା ସମ୍ପଦ ତୋର କିବା ଆଜ ହୀନମାନ !

---

Digitized by srujanika@gmail.com




## ନକ୍ଷତ୍ରପାତ ବା ଉଲ୍କା

ଶ୍ରୀ ରାଜକିଶୋର ମହାନ୍ତି

ସନ୍ଧ୍ୟା ସମୟରେ ମେଘନିର୍ମୁକ୍ତ ନୀଳାକାଶକୁ ଚାହିଁଲେ ବେଳେ ବେଳେ ନକ୍ଷତ୍ରଭଳି ଗୋଟିଏ ଗୋଟିଏ ଆଲୋକ-ରେଖା ମେଘ ଦେହରୁ ବାହାରି ଆସିଲା ଭଳି ଜଣାପଡ଼େ । ପୁଣି ଦଣ୍ଡକେ ଦେଖୁ ଦେଖୁ ଟୋଟିଏ ଅତି କ୍ଷୀଣ ଆଲୋକ ରେଖା ଛାଡ଼ିରେ ରଶ୍ମି କାହିଁ ଲିଭିଯାଏ । ଯେଉଁମାନେ ଏ ବିଷୟର ସାମୟିକ ସଂବାଦ ରଖନ୍ତି ବା ନକ୍ଷତ୍ରମାନଙ୍କ ବିଷୟରେ ଅଗ୍ରହୀ, ସେମାନେ ନକ୍ଷତ୍ରପାତ ବିଷୟ ଜାଣନ୍ତି ଜଣା ଅଧିକେ । ତେବେ ଏଇଟା ଠିକ୍ ଯେ ଚନ୍ଦ୍ର ଅପେକ୍ଷା ସେମାନେ ଆମ୍ଭମାନଙ୍କ ପାଖରୁ ସହସ୍ରଗୁଣ ନିକଟରେ ପ୍ରାୟ ଥାଆନ୍ତି । ଏ ବିଷୟରେ ଜ୍ୟୋତିଷୀ ଭଲରୂପେ ଅନୁସନ୍ଧାନ କରିବା ଉଚିତ । ସେହି ନକ୍ଷତ୍ରମାନେ ( ବର୍ତ୍ତମାନ ତାଙ୍କୁ ନକ୍ଷତ୍ର ବୋଲି କହିବାକୁ ହେଉଚି ) ଗୋଟିଏ ଗୋଟିଏ କ୍ଷୁଦ୍ର ବସ୍ତୁ (matter) ଆଉ ସେମାନେ ବିନା ବାଧାରେ ସହସ୍ର ଯୁଗ ହେଲା ବାୟୁହୀନ ସୌରଜଗତରେ ନିଜର ପଥ ଖୋଜି ଖୋଜି ବାହାରୁଛନ୍ତି ।

କିନ୍ତୁ ଆଦର ସେମାନେ ପୃଥିବୀ ଆଡ଼କୁ ଧାଇଁ ଆସନ୍ତି ଶେଷକୁ । ତେବେ ଆମ ପୃଥିବୀର ବାୟୁମଣ୍ଡଳର ପାର୍ଶ୍ୱବର୍ତ୍ତୀ ହେବା ସଙ୍ଗେ ୨ ଏମିତି ସଂଘର୍ଷ ହୁଏ ଯେ ସେଥିରେ ସେମାନେ ଅଲୋକ ଭଳି ବାଷ୍ପରେ ପରିଣତ ହୋଇ କାହିଁ କୁଆଡ଼େ ଉଡ଼ିଯାଆନ୍ତି ।

ମଣିଷ ଜୀବନରେ ଥରେ ଅଧେ ଗୋଟିଏ ଗୋଟିଏ ଜିଅଁପେଣ୍ଡୁଲା ବା ବଡ଼ ଉଲ୍କା ଦେଖିବା ସୁଯୋଗ ସମ୍ଭବେ । ସେ ଉଲ୍କାଟି ପୃଥିବୀକୁ ଚନ୍ଦ୍ରଭଳି ବା ବେଳେ ବେଳେ ତା ଠାରୁ ଅଧିକ ବେଶୀ ଉଜ୍ଜ୍ୱଳ କରିଥାଏ । ଏହି ଜିଅଁପେଣ୍ଡୁଲା ଚାଲି ଆସିବାକୁ କେତେ ସେକେଣ୍ଡ ବା ଲାଗେ ! ( ତେବେ ନକ୍ଷତ୍ରପାତଟା ଅଧ ସେକେଣ୍ଡରେ ପ୍ରାୟ ସରିଥାଏ ) ପୁଣି ତା ପଛେ ପଛେ ସେଇଁ ଆଲୋକ-ରେଖାଟି ରହିଯାଏ ସେଟା କେତେବେଳ ଯାଏ ଖୁବ୍ ଉଜ୍ଜ୍ୱଳ ଓ ପରିଷ୍କାର ଭାବରେ ଦେଖାଯାଉଥାଏ ।

ବହୁଠାରୁ ଲୁଚିଛି ଓ ମନୋହାରୀ ( ଯେଉଁଟା ଆମ ବେଳକୁ ରହିପାରିନାହିଁ ବୋଲି ଦୁଃଖ ହୁଏ ) ୧୭୯୯, ୧୮୩୩, ଓ ୧୮୬୬ ସାଲର ପ୍ରବଳ ନକ୍ଷତ୍ର-ପାତର ବୃଷ୍ଟି ବା ଉଲ୍କାପାତର ମହୋତ୍ସବ । ୧୮୩୩ ସାଲରେ ଏ ଭଳି ଭାବରେ ଦିନେ ରାତିରେ ନକ୍ଷତ୍ର ଓ ଉଲ୍କାପାତ ହେଲା ଯେ ଘଣ୍ଟା ଘଣ୍ଟା ଅପେକ୍ଷା କରି ସବୁ ତାଙ୍କୁ ଗଣିବାର ଉପାୟ ନାହିଁ । ତେବେ ପଣ୍ଡିତମାନେ ଅଭାବ ନଥିଲେ । ସେମାନେ ଚେଷ୍ଟାକରି ଠିକ୍ କରିଛନ୍ତି ଯେ ଘଣ୍ଟାକେ ୨୦୦,୦୦୦ ( ଦୁଇ ଲକ୍ଷ ) ବା ପ୍ରତି ସେକେଣ୍ଡରେ ୫୦ ( ପଚାଶ ) ରୁ ବେଶି ଉଲ୍କାପାତ ବା ନକ୍ଷତ୍ରପାତ ହୋଇଥିଲା ।

Digitized by srujanika@gmail.com

ତେବେ ଏ ଗୁଡ଼ାକ ସାମୟିକ ଦର୍ଶନଯୋଗ୍ୟ । ଆଜି କାଲି ନକ୍ଷତ୍ରପାତରେ ମଧ୍ୟ ଏ ଭଳି କେତେଟା କାରଣ ଥିଲା ଭଳି ଜଣାପଡ଼େ । ଗୋଟିଏ ନିଆଁପେଣ୍ଡୁଲା ଅବଶ୍ୟ ଗୋଟାଏ କିଛି ବଡ଼ ଜିନିଷ ନିଶ୍ଚୟ—ଏବଂ ହେଇଟା ପୃଥିବୀ ଉପରେ ଉଲ୍କାପିଣ୍ଡ ଭଳି ଖୁବ୍ ବଡ଼ ହୋଇ ଦେଖାଯାଏ, କିନ୍ତୁ ଉଲ୍କାବୃଷ୍ଟିରେ ହୁଏ କଣ-ନା ଗୋଟିଏ ନ ପଡ଼ି ଖୁବ୍ ଗହଳିଆ ହୋଇ ହଜାର ହଜାରଟା ଏକାବେଳକେ ପୃଥିବୀ ଉପରେ ପଡ଼େ ।

ସ୍ଥୂଳ ଦୃଷ୍ଟିରେ ଦେଖିଲେ ଜଣାଯାଏ ଯେ ଏ ଭଳି ଅବସ୍ଥାରେ ସୂର୍ଯ୍ୟ ପାଖରେ ଗୋଟାଏ ନିର୍ଦ୍ଦିଷ୍ଟ କକ୍ଷ ଉପର ଦେଇ ଏ ମେଳା ବାଟ ଖୋଜେ, ପୁଣି ଅନ୍ୟ କେତେ ଅବସ୍ଥାରେ ମଧ୍ୟ ଦେଖାଯାଏ ଯେ ଧୂମକେତୁର କକ୍ଷ ସହିତ ଏ କକ୍ଷଟି ପ୍ରାୟ ମେଳ ଖାଏ । ଏମିତି ପ୍ରାୟ ଛଅଟି ଧୂମକେତୁ ବଦ୍ଧ ହୋଇ ଦେଖା ଯାଇଛନ୍ତି—ସେମାନେ ଟିକିଏ କ୍ଷୀଣ ଦେଖାଯାନ୍ତି । କିନ୍ତୁ Halley's ଧୂମକେତୁର ଉଲ୍କାମାନେ ଅଛନ୍ତି (Aquarius ନକ୍ଷତ୍ର-ପୁଞ୍ଜ ମଧ୍ୟରେ ଏ ପ୍ରାୟ ମଇ ମାସରେ ଦେଖାଯାଏ )। ଧୂମକେତୁ କକ୍ଷ ପୃଥିବୀ କକ୍ଷ ଠାରୁ ସ୍ତୁରକୋଟି ମାଇଲ ଦୂର—ତଥାପି ପ୍ରାୟ ପ୍ରତି ବର୍ଷ ଗୋଟାଏ ସଂଘର୍ଷ ଘଟିଥାଏ । ତେବେ କକ୍ଷଟା ପାଖକୁ ଆସିପାରିଲେ ବା ଗୋଟାଏ ଭାରି ମଜା ହୁଅନ୍ତା ।

ଦେଖାଯାଉଛି ଯେ ଏଇ ବଡ଼ ବଡ଼ ଉଲ୍କାମାନଙ୍କ (Meteors) ସୌରଜଗତର କୁଟୁମ୍ବ ଅଟନ୍ତି । ସବୁଠଉଁ ବେଶୀ ଆଶ୍ଚର୍ଯ୍ୟର କଥା ଯେ ସେମାନେ ବାୟୁମଣ୍ଡଳ ପାଖରେ ମିଶି ଜଳଯାଉ ନ ଥିଲେ ଆମେତ କିଛି ଜାଣିପାରନ୍ତୁ ନାହିଁ ? ତେବେ ଗୋଟିଏ କ୍ଷୀଣ ଧୂମକେତୁ ଭଳି ଉଲ୍କାମେଳ ( Swarm ) ଟା ବା ଆମକୁ ଦେଖା ନ ଯିବ କାହିଁକି ? ଏହାର ଉତ୍ତରରେ ସବୁଠାରୁ ବଡ଼ ଉଲ୍କାମେଳଟି ମଧ୍ୟ ଶେଷରେ ଅବଶ୍ୟ ଚରମ ସୀମାରେ ପହଞ୍ଚିବ ।

୧୮୩୩ ଖ୍ରୀଷ୍ଟାବ୍ଦର ଉଲ୍କାପାତ କଥା ଧରାଯାଉ—ସେ ଦିନ ଗୋଟିଏ ବଡ଼ବଡ଼ ବରଫ ଖଣ୍ଡପରି ଅସଂଖ୍ୟ ଉଲ୍କା ପ୍ରାୟ ପ୍ରତି ସେକେଣ୍ଡରେ ଶଏ କି ପଚାଶ ଆକାଶରେ ଦେଖାଯାଉଥିଲେ । ସେ ସବୁ ବାୟୁମଣ୍ଡଳକୁ ଛୁଇଁବାର ୫୦ ମାଇଲ ଦୂରରୁ ଜ୍ୟୋତିଷୀ ଯନ୍ତ୍ର ସାହାଯ୍ୟରେ ଭଲରୂପେ ଦେଖିପାରୁଥାନ୍ତେ—ଅର୍ଥାତ୍ ଯେତେକ ଶହେମାଇଲ ବ୍ୟାସ ପରିମିତ ବୃତ୍ତ ଭିତରେ ବା ୮୦୦୦ ବର୍ଗ ମାଇଲ ପରିମାଣ ସ୍ଥାନ ଅବୋରି ପଡୁଥିଲେ । ଯେପରି ଗତିରେ ସେମାନେ ବାୟୁମଣ୍ଡଳକୁ ଧାଉଁଥିଲେ ସେ ପ୍ରାୟ ସେକେଣ୍ଡକେ ତିରିଶମାଇଲ ହବ । ଏଣୁ ଗୋଟିଏ ସେକେଣ୍ଡରେ ବାୟୁମଣ୍ଡଳକୁ ସ୍ପର୍ଶ କରୁଥିବା (୨୦୦,୦୦୦) ଦୁଇଲକ୍ଷ ଘନ ମାଇଲ ପରିମିତ ଉଲ୍କାମେଳ ବେଶ୍ ଭଲରୂପେ ଦେଖାଯାଉଥିଲା । ଏଥିରେ ପ୍ରାୟ ଖୁବ୍ ବେଶୀ ଶହେଟି ଉଲ୍କା ହିସାବରେ ଥିବାର କଥା । ତେବେ ପ୍ରତ୍ୟେକ ଉଲ୍କା ତା ନିଜ ଶରୀରପାଇଁ ( ୨୦୦୦ ) ଦୁଇ ସହସ୍ର ଘନ ମାଇଲ ସ୍ଥାନ ଘେରି ରଖିଥିଲା !

ଏ ସବୁ ଉଲ୍କାମାନେ ତ ଖୁବ୍ ଛୋଟ ! କହିହେବନାହିଁ ତାଙ୍କ ଆକାର କେଡ଼େବଡ଼ ତେବେ ଆଲୋକ ରୂପେ ସେମାନେ କେତେଶକ୍ତି ବ୍ୟୟ କରନ୍ତି ସେଟା କଷି ନିଆଯାଇପାରେ । କୃତ୍ରିମ ଆଲୋକ-ଆଧାର ସହିତ ତୁଳନାକରି ସେମାନଙ୍କର ତେଜ ନିପୁଣତା ଧରିନେଇ ତାଙ୍କର ମୋଟଶକ୍ତି କଷି ଦେଖାଯାଏ—ଏବଂ ତାଙ୍କର ଗତିର ବେଗ ଜାଣିପାରିଲେ ତାଙ୍କ ପିଣ୍ଡଟାର ଆକାର ବୁଝାଯାଏ । ଏହିପ୍ରକାରେ ଦେଖାଯାଏ ଯେ ଗୋଟିଏ ଖୁବ୍ ଉଜ୍ଜ୍ୱଳ ନକ୍ଷତ୍ର ( Starting star ) ପାତ ପ୍ରାୟ କେତେ ରତି ତୁଲରେ ହବ—ଅର୍ଥାତ୍ ଗୋଟିଏ ମୃଗକ ତା'ଠାରୁ ଟିକିଏ ବଡ଼ । ଏମିତି ଖୁବ୍-ଛୋଟ ବାଲିରୁଆ ଭଳି ଜିନିଷଟିଏ ସହସ୍ର ସହସ୍ର ମାଇଲ-ଦୂରରେ ଶୂନ୍ୟରେ କି ଭଳି ପ୍ରଭା ବିକାଶୁଥିବ ତା ଏପର୍ଯ୍ୟନ୍ତ ଦେଖାଯାଏନାହିଁ । ଏ ଭଳି ଦଶକୋଟି ମାଇଲ ସ୍ତରର ମେଘଖଣ୍ଡ ଅବଶ୍ୟ ଖୁବ୍ ସ୍ୱଚ୍ଛ ଏବଂ ଖୁବ୍ ତେଜସ୍କର ଆଲୋକରେ ମଧ୍ୟ ଅଦୃଶ୍ୟ ହେବାରକଥା । ଏଥିରୁ ଅନୁମିତ ହୁଏ ବଡ଼ ଧୂମକେତୁର ଆକାର ଖୁବ୍ ଘନହେବାର ସମ୍ଭବ ।

ଅନ୍ଧାରରାତିରେ ଯେଉଁ ଉଲ୍କାମାନେ ପଥଭୁଲି କିଏ କେତେବେଳେ କୁଆଡ଼ୁ ଆସି ଦେଖାଯାନ୍ତି, ତାଙ୍କ କଥା

Digitized by srujanika@gmail.com

କଣ ? ହାରାହାରି ଏମାନେ ପ୍ରାୟ ଘଣ୍ଟାକେ ଅଠରୁ ଦଶଟିଯାଏ ଆସନ୍ତି । ସେଥିରୁ ଜଣାପଡୁଛି ଉଲ୍ଲିଖିତ ଉଲ୍କାମେଳଠାରୁ ସ୍ଥୁଳଶହଜାର ଗୁଣ ଯାଗାରେ ସେମାନେ ବିଛିହୋଇ ପଡଥାନ୍ତି । ପ୍ରତିଉଲ୍କା ନିଶ୍ଚୟ ତାର ପାଖ-ଠାରୁ ସ୍ଥୁରଶଂ ମାଇଲ ଦୂରରେ ଥିବ । ଏମାନେ ସୌର ଜଗତରେ ଥାନ୍ତି—ନା କାହିଁ କେଉଁ ଅଜଣା ରାଇଜରୁ ଅତିଥି ହୋଇଆସନ୍ତି ?

ଗୋଟିଏ ଉପାୟରେ ଏହାର ପ୍ରକୃତ ପରୀକ୍ଷା କରା-ଯାଇପାରେ; ସେମାନେ ଯେବେ କେଉଁ ଦୂରରାଜ୍ୟରୁ ଆସୁଥିବେ ତେବେ ସୌର ଜଗତର ଅନ୍ତର୍ଗତ ଉଲ୍କା-ଠାରୁ ସେମାନେ ନିଶ୍ଚୟ ବେଶୀ ବେଗରେ ଗତି କରୁ-ଥିବେ । କିନ୍ତୁ ଏ ଭଳି ପରୀକ୍ଷା କରିବାଠାରୁ ନିରାଶ-ହୋଇ ରହିବା ଭଲ—କାହିଁକି ନା ଉଲ୍କା ଏତେ-ବେଗରେ ମେଘଦେହରେ ଗତିକରେ ଯେ କେହି-ହେଲେ ତାର ଗତି ଠିକ୍ କରିପାରିବେ ନାହିଁ । But there is safety in numbers i.e. in statistical methods of study

ଦର୍ଶକ ସୂର୍ଯ୍ୟାସ୍ତ ପରେ ଠିକ୍ ପୃଥିବୀର ଗୋଟିଏ-ପାଖରେ ଥାଏ ଅର୍ଥାତ୍ କକ୍ଷର ଗତି ପଛରେ ଥାଏ କିନ୍ତୁ ସୂର୍ଯ୍ୟୋଦୟ ପୂର୍ବରୁ ସେ ସେହି କକ୍ଷର ଠିକ୍ ସମ୍ମୁ-ଖରେ ଥାଏ । ପ୍ରଥମତଃ ଉଲ୍କାମାନେ ଯେବେ ପୃଥିବୀ-ଭଳି ସେହି କକ୍ଷ ଉପରେ ପୃଥିବୀକୁ ବଳିପଡିବାପାଇଁ ଦ୍ରୁତ ଗତିରେ ଚାଲନ୍ତି ତେବେ ସେମାନେ ନିଶ୍ଚୟ ବାୟୁ ମଣ୍ଡଳରେ ପଶିପିବେ କିନ୍ତୁ ପରୋକ୍ଷରେ ଯେଉଁମାନେ ଅନ୍ୟବାଟେ ବା ସେହିବାଟେ ଚାଲନ୍ତି ( ପୃଥିବୀକୁ ଧୀରେ ବଳିପଡିବାକୁ ) ସେମାନେ ନିଶ୍ଚୟ ଧରାପଡିବେ । ଅତଏବ ସୂର୍ଯ୍ୟାସ୍ତ ଅପେକ୍ଷା ବରଂ ଖୁବ୍ ଭୋର ସୂର୍ଯ୍ୟୋ-ଦୟ ପୂର୍ବରୁ ଅନେକ ଉଲ୍କା ଦେଖାଯିବେ ଯେବେ ଉଲ୍ଲିଖିତ କଥା ଠିକ୍ ହୁଏ ।

ପୁଣି ଉଲ୍କାମାନେ ପୃଥିବୀଠାରୁ ଯେବେ ଅଧିକ ଧୀରେ ଧୀରେ ଗତି କରନ୍ତି ତେବେ ଆମେ ସଞ୍ଜବେଳେ କିଛି ଦେଖିପାରିବୁ ନାହିଁ । ହାରାହାରି ସେମାନେ ଯେବେ ବେଶୀ ବେଗରେ ଚାଲିବେ ଘଣ୍ଟାକେ ତାଙ୍କ-ସଂଖ୍ୟା ଟିକିଏ ଅଳପ ବିଭିନ୍ନ ହେବାର କଥା । Hest meister ଏ ବିଷୟରେ ବିଶେଷ ଚେଷ୍ଟା-କରି ଅନୁସନ୍ଧାନ କରିଅଛନ୍ତି ଯେ ଉଲ୍କାମାନଙ୍କର ହାରାହାରି ବେଗ ନିଶ୍ଚୟ ବେଶୀ, ତା'ହେଲେ ତାହାରୁ ସୌର ଜଗତକୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତିଥି ହୋଇ ଆସୁଥିବା ସମ୍ଭବେ ।

ଶରତ୍‌କାଳରେ କକ୍ଷର ଗତି ଦିଗରେ ପୃଥିବୀର ଉତ୍ତର ମେରୁ ଆଗକୁ ଢଳି ଯାଇଥାଏ, କିନ୍ତୁ ବସନ୍ତ କାଳରେ ସେଇ ଭଳି ପଛକୁ ଯାଏ । ତେଣୁ ଢଳି ଯାଇ-ଥିବା ଅବସ୍ଥାରେ ବରଂ ବସନ୍ତ କାଳ ଅପେକ୍ଷା ଘଣ୍ଟାକେ ବେଶୀ ଉଲ୍କା ଦେଖାଯାଇଥାନ୍ତି ।

ବଡ ବଡ ଉଲ୍କମାନଙ୍କ କଥା ସ୍ୱତନ୍ତ୍ର । ସେମାନେ ମଳିନ ନ ହୋଇ ବାୟୁ ମଧ୍ୟରେ ଖୁବ୍ ପରିଷ୍କାର ଦେଖା-ଯାନ୍ତି—ଏଣୁ ଏହାଙ୍କ ଅବସ୍ଥିତି Distribution ସଂପୂର୍ଣ୍ଣ ବିପରୀତ ।

ସକାଳ ପାହାନ୍ତା ପହର ଅପେକ୍ଷା ସଞ୍ଜ ପହରରେ ଏମାନେ ବେଶୀ ପଡନ୍ତି, ପୁଣି ଶରତ୍‌କାଳ ଅପେକ୍ଷା ବସନ୍ତ କାଳରେ ଅଧିକ ବେଶୀ । ଅଧିକାଂଶ ଉଲ୍କା ପୃଥିବୀକୁ ବଳି ପଡଥାନ୍ତି ଏବଂ ଗ୍ରହମାନଙ୍କ ଗତି ଭଳି ଏକ ଦିଗରେ ସୂର୍ଯ୍ୟ ଚାରିଆଡେ ବୁଲନ୍ତି ।

ତେବେ କ'ଣ ବୁଝିବାକୁ ହେବ ଯେ ଏହି ଛୋଟ ବଡ ପିଣ୍ଡମାନେ ସୌର ଜଗତର କୁଟୁମ୍ବ ? ଗୋଟାଏ କିଛି ଧରି-ନେବାକୁ ହେଲେ ସେଇଆ ଜଣାପଡେ, କିନ୍ତୁ ଏତେ ତର-ତର ହୋଇ ଲାଭ କ'ଣ ? ଯେଉଁସବୁ ପିଣ୍ଡ ପୃଥିବୀକୁ ଭେଟନ୍ତି ସେମାନେ ବାୟୁମଣ୍ଡଳରେ ଅତିଶୀଘ୍ର ବୁଡିଯାନ୍ତି ଏବଂ ତାଙ୍କର ଖୁବ୍ ବେଶୀ ପରିମାଣରେ ଶକ୍ତିବ୍ୟୟ ହୋଇଥାଏ ବେଳେ ବେଳେ ଏତେ ତାପ ଜାତ ହୋଇଥାଏ ଯହିଁରେ ସେମାନେ ଉଡିଯାନ୍ତେ—ମାତ୍ର ଅଳ୍ପ ଗତିଶୀଳ ପିଣ୍ଡମାନେ ଦରଖଣ୍ଡିଆ ଲଣ୍ଡଭଳି ପୃଥିବୀ ଉପରେ ପଡଯାନ୍ତି ।

କ୍ଷୁଦ୍ର ନକ୍ଷତ୍ର ପାତ ( shooting star ) ଅପେକ୍ଷା ମହାଣ ସଂଖ୍ୟା ଭୁଲ ହେଇପାରିବା ପିଣ୍ଡମାନଙ୍କର ବାୟୁମଣ୍ଡଳରେ ତାପତାତ୍ତ କରାଇବା ପାଇଁ କୋଟି କୋଟି-

Digitized by srujanika@gmail.com

ଟାଣ ଶକ୍ତି ବ୍ୟୟ ହୋଇଥାଏ । ଏଭଳି ଦେଖିବସିଲେ ଯେଉଁ ପୁରୁଣା ପଣ୍ଡିତମାନେ କେତେ କେତେ ରାତି ବସି ବସି ମେଘକୁ ଚାହିଁ ଚାହିଁ ରାତି ପାହାଇଛନ୍ତି ସେମାନେ କାହିଁକି ଉଲ୍କାମାନଙ୍କର ଉପଯୁକ୍ତ ଶକ୍ତି ଆଲୋକ ଜାତ କରାଇବାରେ ବ୍ୟସ୍ତ ହୋଇ ବେଳେ ବେଳେ କାହିଁ ଚନ୍ଦ୍ରଙ୍କୁ ଢେଡାଇ ପକାଇ ଦିନଭଳି ପୃଥିବୀ ବକ୍ଷ ଆଲୋକିତ କରୁଥିଲା ( ନିଶ୍ଚୟ ବିଶ୍ୱାସ କରିବାକୁ ହେବ )

ଏଭଳି ପିଣ୍ଡ କିନ୍ତୁ ଦୂରରୁ ଦେଖିଯାଉଲେ ତାଙ୍କର ପ୍ରକୃତ ବାଟଟା କଷି ନେଇହେବ—ଆଉ ଯେବେ ତାଙ୍କ ସଂଘର୍ଷ ବେଳ ଜଣାପଡେ ତେବେ ତାଙ୍କ ଗତିବେଗ velocity ଠିକ୍ ନୋହିବ ବା କାହିଁକି ? ଏଭଳି ସାମୟିକ ବୈଚିତ୍ର୍ୟପୂର୍ଣ୍ଣ ଦୃଶ୍ୟ ବା କେତେସେକେଣ୍ଡ ରହେ ତାର ଗତିବିଧି ଠିକ୍‌କରିବା ବଡ଼ କଷ୍ଟକର କଥା ନିଶ୍ଚୟ ।

ଏବିଷୟରେ ପଣ୍ଡିତମାନଙ୍କ ଗବେଷଣା ଫଳରେ ଯେଉଁ ଲିପିମାନ ମିଳେ—ସେଥିରୁ ଜଣାପଡେ ଯେ ଉଲ୍କାପିଣ୍ଡ ଓ fireballs ବାୟୁମଣ୍ଡଳକୁ ସ୍ପର୍ଶ କଲାବେଳକୁ ଖୁବ୍ ଦ୍ରୁତଭାବରେ ବୁଲୁଥାଏ । ବେଳେ ବେଳେ କାହିଁ ଶୂନ୍ୟ ପ୍ରଦେଶର (interstellar) ବକ୍ର hyperbolic ବକ୍ଷ ଉପରେ । ଏବିଷୟର ଗୋଟାଏ ସ୍ଥିର ଉପାୟ ଠିକ୍ କରିବାକୁ ହେଲେ ସାମୟିକ ବୈଚିତ୍ର୍ୟପୂର୍ଣ୍ଣ-ଦୃଶ୍ୟର ହିସାବରେ ପ୍ରକୃତ ସତ୍ୟ ଅପେକ୍ଷା ଏଥିରେ କେତେବେଳେ ଅଧିକ, ପୁଣି କେତେବେଳେ ଊଣା ଭ୍ରମ ରହିଯିବ ତେବେ ଭ୍ରମରହିବ ନିଶ୍ଚୟ । ଖୁବ୍ ଧୀର ସନ୍ତର୍ପଣରେ ଏହାର ଫଳାଫଳ ଧରାଯାଇପାରେ ଯେବେ ଭବିଷ୍ୟରେ ବା ନିକଟରେ ଆଲୋକ ( Flight ) ବେଗର ହିସାବ ଠିକ୍ କରିବାପାଇଁ କୌଣସି ସ୍ଥିରନିଶ୍ଚିତ ଉପାୟ ଉଦ୍ଭାବିତ ହୁଏ । ଯେଉଁ ସବୁ ଉଲ୍କାପିଣ୍ଡ (meteorities ) ମାନଙ୍କୁ କାହିଁ ଗୋଟେଇଆଣି ଆମ ଯାଦୁଘରମାନଙ୍କରେ ସଞ୍ଚୟ କରାଯାଇଛି, ସେମାନଙ୍କୁ କାଳଗର୍ଭର ଗୋଟିଏ ଗୋଟିଏ ଅଜଣା ରାଇଜର ପର୍ଯ୍ୟଟକ ବୋଲି କୁହାଯିବ ସିନା ! ସେମାନଙ୍କ ଶରୀର-ଗଠନର ଉପାଦାନ ପୁଣି ଅଦ୍ଭୁତ ବିଚିତ୍ର ଓ ମନୋହର । କେତେ ଯେ ତା ଭିତରୁ ଲୁହା ପଥରପିଣ୍ଡ ପୁଣି କେତେ ମୁଣ୍ଡାଲୁହା । ଯେଉଁଠି ଯେ ଅବସ୍ଥାରେ ସେମାନେ ଆସନ୍ତୁ ପଛକେ ଏମାନଙ୍କ ପ୍ରକୃତି ଯେ ଏକସମାନ ଏଇଟା ବେଶି କୌତୁକାବହ !

---

# ପ୍ରାଚୀନ-ସାହିତ୍ୟରେ ବିହଙ୍ଗ ପ୍ରଭାବ

ଶ୍ରୀ ନିମାଇଚରଣ ଦାସ

( ୧ )

ମାନବ ସଭ୍ୟତାର ଆରମ୍ଭରୁ ବିହଙ୍ଗ ଜାତି ସହିତ ତା'ର ଘନିଷ୍ଠ ସମ୍ବନ୍ଧର ସୂତ୍ରପାତ ହୋଇଅଛି । ମନୁଷ୍ୟର ଭାଗ୍ୟ ଓ ଭବିତବ୍ୟତା ଉପରେ ବିଭିନ୍ନ ଶ୍ରେଣୀର ବିହଙ୍ଗମାନଙ୍କର ଆବିର୍ଭାବ ବା ଚେଷ୍ଟା ଯେ ବିଭିନ୍ନ ପ୍ରକାର ଫଳଦାୟକ ଏକଥା ପ୍ରାଚୀନ ବ୍ୟାବିଲନ ଓ ମିଶରବାସୀମାନେ ସ୍ୱୀକାର କରୁଥିଲେ । ଛଞ୍ଚାଣ (Hark) ପକ୍ଷୀ ଦର୍ଶନ ସମର ଜୟ ବିଷୟରେ ଯଥେଷ୍ଟ ଅନୁକୂଳ ବୋଲି ରୋମର ସମରପ୍ରିୟ ନରପତିଗଣଙ୍କର ଦୃଢ଼ ପ୍ରତ୍ୟୟ ଥିଲା । ପ୍ରାଚୀନ ମିଶରୀୟମାନେ ଚିଲ୍ଲ ଓ ଶକୁନାର ପ୍ରତିମୂର୍ତ୍ତି ଦେବସ୍ଥାନମାନଙ୍କରେ ସ୍ଥାପନକରି ପୂଜା କରୁଥିଲେ । ଆରବରେ ମୟୂର ଓ ପାରସର ପକ୍ଷ, ଚଞ୍ଚୁ ସୌଭାଗ୍ୟର ଚିହ୍ନ ସ୍ୱରୂପ ଦେହରେ ଧାରଣ କରିବା ରୀତି ବହୁ ଦିନ

Digitized by srujanika@gmail.com

ପ୍ରଚଳିତ ଥିଲା । ଏପରି କି ଦକ୍ଷିଣ ଅଫ୍ରିକାର ଅର୍ଦ୍ଧସଭ୍ୟ କାଫ୍ରୀ ବନବାସୀଗଣ ସ୍ୱାମୀ ସେଣ୍ଟ୍ରେଲିଆନ୍ ଆଶାରେ ଯୁଦ୍ଧଦେଶରେ ହଂସ-ରବ ଲକ୍ଷିତ କରୁଥିବାର ସୁନ୍ଦର ପ୍ରମାଣ ମିଳେ । କିନ୍ତୁ ଭାରତୀୟ ସଭ୍ୟତା ଉପରେ ବିହଙ୍ଗ ଗୋଷ୍ଠୀ କିପରି ପ୍ରଭାବ ବିସ୍ତାର କରିପାରିଥିଲେ, ହିନ୍ଦୁର ସୁପ୍ରାଚୀନ ଗ୍ରନ୍ଥମାନ ଅଧ୍ୟୟନ କଲେ ତା'ର କିଛି କିଛି ପ୍ରମାଣ ମିଳେ । ମନୁଷ୍ୟର ଭାଗ୍ୟଚକ୍ର ସଙ୍ଗେ ବିହଙ୍ଗ ଜାତି କିପରି ଘନିଷ୍ଠ ଭାବରେ ବିଜଡ଼ିତ ଆର୍ଯ୍ୟ ଋଷିଗଣ ସ୍ୱରଚିତ ଗ୍ରନ୍ଥମାନଙ୍କରେ ନାନାଭାବରେ ତାର ଭୂରି ଭୂରି ଦୃଷ୍ଟାନ୍ତ ଦର୍ଶାଇ ଯାଇଅଛନ୍ତି । ବସନ୍ତରାଜ ପ୍ରଣୀତ ଶକୁନ ଶାସ୍ତ୍ର ଏ ବିଷୟରେ ବରିଷ୍ଠ ପ୍ରାମାଣିକ ପୁସ୍ତକ । ଗ୍ରୀଷ୍ମ କଟିବନ୍ଧରେ ଆବଦ୍ଧ ଯାବତୀୟ ପକ୍ଷୀଙ୍କର ଚେଷ୍ଟାଦି ମାନବର ଭାଗ୍ୟକୁ କିପରି ଭାବରେ ସାକ୍ଷାତ୍ ଓ ପରୋକ୍ଷ ଭାବରେ ପ୍ରଭାବିତ କରେ ତାହାର ଅସଂଖ୍ୟ ପ୍ରମାଣ ଏଥିରେ ଲିପିବଦ୍ଧ ହୋଇଅଛି । ବିଶେଷ ବିଶେଷ ଜାତି ପକ୍ଷୀର ଆବିର୍ଭାବ ଓ ଦର୍ଶନରେ କି କି ଫଳ ଲାଭ ଅବଶ୍ୟଂଭାବୀ ତାହା ମଧ୍ୟ ଶାସ୍ତ୍ରକାର ପୂର୍ଣ୍ଣ ଭାବରେ ଦେଖାଇବାରେ କାର୍ପଣ୍ୟ କରି ନାହାନ୍ତି । ଏପରିକି ତାତ୍-କାଳୀନ କାବ୍ୟ ପୁରାଣମାନଙ୍କରେ ମଧ୍ୟ ଏହି ପ୍ରଭାବ ଅଳ୍ପ ବିସ୍ତର ପ୍ରଶସ୍ତି ଲାଭ କରିଅଛି, ଆଜ ସେହିପରି କେତୋଟି ଦୃଷ୍ଟାନ୍ତ ଦେଇ ଏ ପ୍ରବନ୍ଧର ଉପସଂହାର କରିବାକୁ ଚେଷ୍ଟା କରିବି ।

ମହାଭାରତର ସମଗ୍ର ଅଷ୍ଟାଦଶ ପର୍ବ ମଧ୍ୟରେ ଏତେ ପ୍ରକାର ପକ୍ଷୀର ପରିଚୟ ମିଳେ ଯେ ସେ ସମସ୍ତ ନାମ ଲେଖିବାକୁ ଗଲେ ଖଣ୍ଡେ ସ୍ୱତନ୍ତ୍ର ପୁସ୍ତକ ହେବ । ବାହୁଲ୍ୟ ଭୟରେ ଖାଲି କେତୋଟି ସାମାନ୍ୟ ଦୃଷ୍ଟାନ୍ତ ଦେବାକୁ ହେଲା ।

ପେଚକର ଶବ୍ଦ ବା ଚକ୍ଷୁ (ମାଟିଅଟଳ) ଦେଖିଲେ ଆଜକାଲି ଯେପରି ଅମଙ୍ଗଳ ବା ଅନନୁକୂଳର ଆଶଙ୍କା କରାଯାଏ ପୂର୍ବକାଳରେ ମଧ୍ୟ ସେହିପରି ଥିଲା । ଆଦିପର୍ବୋକ୍ତ ଦୁର୍ଯ୍ୟୋଧନାଦି ଶତଭ୍ରାତାଙ୍କର ଜନ୍ମ କାଳରେ କୌରବଗଣଙ୍କର ଅଧଃପତନ ସୂଚିତ ହୋଇଥିଲା—

ସଞ୍ଜାତ ମାତ୍ର ଏ ବାଥ ଧୃତରାଷ୍ଟ୍ର ସୁତୋ ନୃପ !
ରାସଭାରାବସଦୃଶଂ ରୁରାବ ଚ ନନାଦ ଚ ।
ତଂ ଖରାଃ ପ୍ରତ୍ୟଭାଷନ୍ତ ଗୃଧ୍ର ଗୋମାୟୁ ବାୟସାଃ ॥
(ଆଦିପର୍ବ ୧୧୭ ଅଧ୍ୟାୟ)

ପୂର୍ବଗଣ ଜନ୍ମହେବାମାତ୍ରେ ଗର୍ଦ୍ଦଭପରି ଚିତ୍କାର କରିଥିଲେ ଓ ତହିଁ ସଙ୍ଗେ ଗୃଧ୍ର ଶୃଗାଳ ଓ କାକଗଣଙ୍କ ରବ ଶୁଣା ହୋଇଥିଲା ।

କୁରୁ ପାଣ୍ଡବମଧ୍ୟରେ ମହାଯୁଦ୍ଧ ଆସନ୍ନ ପ୍ରାୟ । ଯୁଦ୍ଧର ପୂର୍ବାହ୍ନରେ କ୍ଷତ୍ରିୟ-କୁଳାନ୍ତକାରୀ ଏହି ମହା-ସମରରୁ ଦୁର୍ଯ୍ୟୋଧନଙ୍କୁ ନିବର୍ତ୍ତାଇବାକୁ ଭୀଷ୍ମ ଓ ଦ୍ରୋଣ କହୁଅଛନ୍ତି—

ଅଲଂ ଯୁଦ୍ଧେନ ରାଜେନ୍ଦ୍ର ! ସୁହୃଦାଂ ଶୃଣୁ କାରଣଂ
ଧ୍ରୁବଂ ବିନାଶୋ ଯୁଦ୍ଧେ ହି କ୍ଷତ୍ରିୟାଣାଂ ପ୍ରଦୃଶ୍ୟତେ ।
ଜ୍ୟୋତୀଂଷି ପ୍ରତିକୂଳାନି ଦାରୁଣା ମୃଗପକ୍ଷିଣଃ
ଉତ୍ପାତାଃ ବିବିଧା ବୀର, ଦୃଶ୍ୟନ୍ତେ କ୍ଷତ୍ରନାଶନାଃ ॥

ଅନ୍ୟତ୍ର—

ବାହନାନି ପ୍ରହୃଷ୍ଟାନି ରୁଦନ୍ତୀବ ବିଶାମ୍ପତେ ।
ଗୃଧ୍ରାସ୍ତ୍ୱେ ପର୍ଯ୍ୟୁପାସନ୍ତେ ସୈନ୍ୟାନି ତ ସମନ୍ତତଃ ॥

ହେ ରାଜେନ୍ଦ୍ର, ବିବିଧ ଉତ୍ପାତ ଦୃଷ୍ଟିଗୋଚର ହେଉଅଛି । ଆପଣଙ୍କ ସୈନ୍ୟସଂଘର ଚତୁଃପାର୍ଶ୍ୱରେ ଗୃଧ୍ରଗଣ ପରିକ୍ରମଣ କରୁଅଛନ୍ତି ।

ଦୁର୍ମ୍ମତି କୁରୁରାଜ କାହାର ହିତବାକ୍ୟରେ କର୍ଣ୍ଣ-ପାତ କଲେନାହିଁ । ମହାଯୁଦ୍ଧ ଆରମ୍ଭ ହେଲା । ପ୍ରଥମ ସମରରେ ମହାମତି ଭୀଷ୍ମଦେବ ସେନାପତି । ତୃତୀୟ ଦିନ ଅନ୍ତେ ଅର୍ଜ୍ଜୁନଙ୍କର ଶରାଘାତରେ ନରଶୋଣିତ-ନଦୀ ପ୍ରବହମାନା । ମାନୁଷ ମଜ୍ଜା ମାଂସ ସେଥିର ପଙ୍କ, ମୃତ ଅଶ୍ୱ ଗଜର ଦେହ ସ୍ତୂପ ସେ ନଦୀର ତଟ ଭୂମି । ନରକପାଳ-କେଶ ସେହି ତୀରଭୂମିର ଶୈବାଳ । ସେଠାରେ କ୍ରବ୍ୟାଦ ଗୃଧ୍ରଗଣ ସମୁପସ୍ଥିତ ।

ଯୁଦ୍ଧର ଦଶଦିନ ଅତୀତପ୍ରାୟ । ହସ୍ତ୍ୟଶ୍ୱରଥ ସାରଥିର ଦେହସ୍ତୂପରେ ସମରସ୍ଥଳୀ ସମାକୀର୍ଣ୍ଣ । ବାୟସ ଗୃଧ୍ର ଗୋମାୟୁ ପ୍ରଭୃତି ଅପର୍ଯ୍ୟାପ୍ତ ଭୋଜନ ପ୍ରାପ୍ତିରେ ଆନନ୍ଦରେ ରବ କରୁଅଛନ୍ତି ।

Digitized by srujanika@gmail.com

ଭୀଷ୍ମଙ୍କ ପତନାନ୍ତେ ମହାମତି ଆଚାର୍ଯ୍ୟ ଦ୍ରୋଣ ଆଦି କୌରବ ପକ୍ଷରେ ସେନାପତି । ଦ୍ୱିତୀୟ ଦିନ ସେ କର୍ଣ୍ଣଙ୍କ ସହିତ ବିଚିତ୍ର ପରାକ୍ରମଶାଳୀ ଧନଞ୍ଜୟଙ୍କର ତୁମୁଳ ସମର ସମୁପସ୍ଥିତ । ଆକାଶ ଅନଭ୍ର, ମେଘପରି ଶୂନ୍ୟ, ତଥାପି ଅନବରତ ମାଂସ ଓ ରୁଧିର ବୃଷ୍ଟି ହେବା ଦେଖି କୌରବର ଜୟାଶା ପରିତ୍ୟାଗ କରି ସୂତ ସଞ୍ଜୟ ମନ୍ତ୍ରୀ ଧୃତରାଷ୍ଟ୍ରଙ୍କୁ କହୁଅଛନ୍ତି—

ହେ ରାଜା, ତୁମ୍ଭ ସେନାମାନଙ୍କ ଉପରେ ସହସ୍ର ୨ ଗୃଧ୍ର, ଶ୍ୟେନ, ବକ, କଙ୍କ ଓ ବାୟସ ନିପତିତ ହେଉଅଛନ୍ତି ଦେଖ ! ଅନ୍ୟତ୍ର, କର୍ଣ୍ଣଙ୍କ ସେନାପତିତ୍ୱରେ ଭାରତସମର ପରିଚାଳିତ ହେଉଥିବେଳେ, ଭଗବାନ୍ ଶ୍ରୀକୃଷ୍ଣ ଯେତେବେଳେ କର୍ଣ୍ଣଙ୍କ ଆସନ୍ନ ସମରରୁ ପରିନିବୃତ୍ତ ହେବାକୁ କହିଲେ, କର୍ଣ୍ଣ ଧୀର ଭାବରେ ଉତ୍ତର କଲେ—

ଭୂମଣ୍ଡଳରେ ଏହି ଯେ ସମ୍ୟକ୍ ବିନାଶ ସମୁପସ୍ଥିତ, ଏହାର କାରଣ କେବଳ ଶକୁନି, ମୁଁ, ଦୁଃଶାସନ ଓ ରାଜା ଦୁର୍ଯ୍ୟୋଧନ ।

ପୁଣି—

ମୟୂରାଃ ପୁଣ୍ୟଶକୁନା ହଂସ-ସାରସ-ଚାତକାଃ
ଜୀବଞ୍ଜୀବକସଂଘାଶ୍ଚାପ୍ୟନୁଗଚ୍ଛନ୍ତି ପାଣ୍ଡବାନ୍
ଗୃଧ୍ରାଃ କଙ୍କା ବକାଃ ଶ୍ୟେନା ଯାତୁଧାନାସ୍ତଥା ବୃକାଃ
ମକ୍ଷିକାଣାଞ୍ଚ ସଂଘାତା ଅନୁଧାବନ୍ତି କୌରବାନ୍ ।
( କର୍ଣ୍ଣପର୍ବ ୨୦୫ ଅଧ୍ୟାୟ )

ପବିତ୍ର ପକ୍ଷୀ—ମୟୂର, ହଂସ, ସାରସ, ଚାତକ ଓ ଚକୋରଗଣ ପାଣ୍ଡବମାନଙ୍କ ଅନୁଗାମୀ ହେଉଅଛନ୍ତି; କିନ୍ତୁ କୌରବମାନଙ୍କ ପଛରେ ଗୃଧ୍ର, କାକ, ବକ, ଶ୍ୟେନମାନେ ଅନୁସରଣ କରୁଅଛନ୍ତି । ଏହି ଶ୍ଳୋକରୁ କେବଳ ଯେ ଗୃଧ୍ରାଦିପକ୍ଷୀ ଅମଙ୍ଗଳସୂଚକ ତାହା ବିବୃତ ହୋଇନାହିଁ—ମୟୂରାଦି ପକ୍ଷୀଗଣ ସେହିପରି ଅନୁକୂଳ ବୋଲି ମଧ୍ୟ ବିବେଚିତ ହୋଇଅଛି ।

ଅନ୍ୟତ୍ର ମହାବଳ ପରାକ୍ରାନ୍ତ ପାର୍ଥ ସୂତପୁତ୍ରର ବିନାଶରେ ବଦ୍ଧପରିକର ହୋଇ କର୍ଣ୍ଣଙ୍କ ଆଡ଼କୁ ପ୍ରଧାବିତ ହେଲେ । ହେ ରାଜେନ୍ଦ୍ର ! ସେ ସମୟରେ ଦିଗମାନେ ସମସ୍ତେ ନିର୍ମ୍ମଳ ହୋଇ ଉଠିଲେ ଏବଂ ବୃଷ, ଶତପତ୍ର, କୌଞ୍ଚ ପ୍ରଭୃତି ଶୁଭ ଓ ଶିବ ପକ୍ଷୀ ନିକର ପାଣ୍ଡୁନନ୍ଦନମାନଙ୍କୁ ପରିଭ୍ରମଣ କରିବାକୁ ଲାଗିଲେ । ହେ ବିଶାମ୍ପତେ ! ଶୁଭକର, ଶୋଭନ ପୁନ୍ନାମକ ବହୁ ସଂଖ୍ୟକ ବିହଙ୍ଗମ ଯେପରି ଅର୍ଜ୍ଜୁନଙ୍କୁ ସଂଗ୍ରାମରେ ତ୍ୱରାନ୍ୱିତ କରି ଆନନ୍ଦରେ ଶବ୍ଦ କରିବାକୁ ଲାଗିଲେ ଏବଂ କାକ ଗୃଧ୍ର ବକ ଓ ଶ୍ୟେନାଦି ଭୟାନକ ପକ୍ଷୀ ସମସ୍ତ ଭୋଜନ ଲାମ୍ପଟ୍ୟରେ ଆଗେ ଆଗେ ଉଡ଼ିବାକୁ ଲାଗିଲେ ।

ପୂର୍ବକାଳରେ ଆର୍ଯ୍ୟଗଣ ପକ୍ଷୀମାନଙ୍କର ଆବିର୍ଭାବ ତିରୋଭାବରେ ଯେ କେବଳ ଶୁଭାଶୁଭ ଆଶଙ୍କା କରୁଥିଲେ ତାହା ନୁହେଁ ସେମାନଙ୍କ ଚେଷ୍ଟାଦିଦ୍ୱାରା ମଧ୍ୟ ଭବିଷ୍ୟତ କାର୍ଯ୍ୟକ୍ରମର ନିର୍ଦ୍ଧାରଣ କରୁଥିଲେ । ଯେପରି—

କୃପାଚାର୍ଯ୍ୟଙ୍କ ପରାଜୟରେ କ୍ଷତ୍ର-କୁଳାନ୍ତକାରୀ ମହାହବ ଅବସାନପ୍ରାପ୍ତ । ଭୀମଙ୍କର ବିପୁଳ ଗଦାଘାତରେ ଦୁର୍ଯ୍ୟୋଧନ ଭଗ୍ନଜାନୁ ନିରସ୍ତ୍ରଜଙ୍ଘ ଗଳଦନ୍ତ ଲାଟେଜ ହୋଇ ଜୀବନ୍ମୃତପରି ରଣାଙ୍ଗନରେ ଅବସ୍ଥିତ ହୋଇ ଅଶ୍ୱତ୍ଥାମାଙ୍କୁ ସେନାପତି ପଦରେ ଅଭିଷିକ୍ତ କଲେ । ସୂର୍ଯ୍ୟାସ୍ତ ପୂର୍ବେ କୃତବର୍ମା ଓ କୃପାଚାର୍ଯ୍ୟ ଅରଣ୍ୟରେ ପ୍ରବେଶକରି ସହସ୍ରଶାଖା ବିଶିଷ୍ଟ ମହାବାହୁ ନ୍ୟଗ୍ରୋଧ ବୃକ୍ଷ ଦେଖି ତାହାତଳେ ବିଶ୍ରାମ କଲେ । କୃତବର୍ମା ଓ କୃପାଚାର୍ଯ୍ୟ ନିଦ୍ରାଭିଭୂତ ହେଲେ କିନ୍ତୁ ଅଶ୍ୱତ୍ଥାମାଙ୍କ ଚକ୍ଷୁରେ ନିଦ୍ରା ନାହିଁ କ୍ଷୁବ୍ଧ ସର୍ପପରି ସେ ନିଶ୍ୱାସ ତ୍ୟାଗ କରିବାକୁ ଲାଗିଲେ । ସେହି ବୃକ୍ଷଶାଖାରେ ସହସ୍ର ୨ କାକ ନିଦ୍ରାମଗ୍ନ । ସହସା ଗୋଟିଏ ଘୋରଦର୍ଶନ, ମହାକାୟ ହର୍ଯ୍ୟକ୍ଷ ବଭ୍ରୁପିଙ୍ଗଳ ଉଲ୍ଲୁକ ସେହି ବଟବୃକ୍ଷ ଶାଖାରେ ନିପତିତ ହୋଇ, ସୁପ୍ତ-ବାୟସକୁଳ ନିପାତ କରିବାକୁ ଲାଗିଲେ । ତଦ୍ଦର୍ଶନରେ ଦ୍ରୋଣପୁତ୍ରଙ୍କ ମନରେ ନୂତନ ସଂକଳ୍ପ ଜାଗ୍ରତ ହେଲା । ଏହି ଉଲ୍ଲୁକ ପକ୍ଷୀ ଶତ୍ରୁ ନିପାତ ବିଷୟରେ ତ ମୋତେ ଉପଦେଶ ପ୍ରଦାନକଲା । ସମ୍ମୁଖଯୁଦ୍ଧରେ ପାଣ୍ଡବମାନଙ୍କୁ ବିନଷ୍ଟ କରି ହେବନାହିଁ ।

କପଟ ବ୍ୟବହାରରେ କାର୍ଯ୍ୟ ସିଦ୍ଧିକରିବାକୁ ହେବ, ଶିବିରରେ ନିଦ୍ରାମଗ୍ନ ପାଣ୍ଡୁପୁତ୍ରମାନଙ୍କର ବିନାଶ ଏହିପରି ସମ୍ଭାବିତ ହୋଇଥିଲା ।

Digitized by srujanika@gmail.com

ବାରୁଙ୍କୀ



[illegible] ଶ୍ରୀ ଶ୍ରୀ [illegible] ଦେବ

Digitized by srujanika@gmail.com

ଏହାପରେ ମହାକବି ଶ୍ରୀଯୁକ୍ତ କୃଷ୍ଣ ତୁଳକାରେ କୁରୁ-ସମରର ଛବି ଯେପରି ପରିସ୍ଫୁଟ କରିଅଛନ୍ତି ସେଥିରେ ଅମଙ୍ଗଳସୂଚକ କେତେକ ଜାତିର ପକ୍ଷୀ ଅଶୁଭ ଶକୁନରୂପେ କୁରୁପକ୍ଷରେ ଉଦିତ ହୋଇ ଦୃଶ୍ୟମାନ, ଯଥେଷ୍ଟ ଚିତ୍ତାକର୍ଷକ ହୋଇଅଛି ।

ଏହି ଗଳ୍ପ ପୁରାଣୋକ୍ତ ବିହଙ୍ଗ ଚେଷ୍ଟାଦ୍ୱାରା ଶୁଭାଶୁଭ ନିର୍ଣ୍ଣୟ କଥା । ବସନ୍ତରାଜ ଭଟ୍ଟପ୍ରଣୀତ ବିରାଟ ଶକୁନ-ଶାସ୍ତ୍ରରେ ଗୋଟିଏ ବିଶେଷ ଜାତି ବିହଙ୍ଗର ଶବ୍ଦ ଚେଷ୍ଟାଦିଦ୍ୱାରା ମନୁଷ୍ୟର ଶୁଭାଶୁଭ ନିର୍ଣ୍ଣୟ କରିବାକୁ ଏହିରୂପେ ଚେଷ୍ଟା କରିଅଛନ୍ତି । ଉକ୍ତ ଶାସ୍ତ୍ରର ପ୍ରଥମରେ —

"ଶୁଭାଶୁଭ ଜ୍ଞାନ ବିନିର୍ଣ୍ଣୟାୟ
ହେତୁର୍ନୃଣାଂ ଯଃ ଶକୁନଃ ସ ଉକ୍ତଃ ।
ଗତି-ସ୍ୱରାଲୋକନ-ଭାବ-ଚେଷ୍ଟାଂ
ସର୍ବାତ୍ମ୍ୟମୋ ଦ୍ୱିପଦାଦିକାନାମ୍ ॥
ଲୋକୋତ୍ତମନା ଶାକୁନ ସଂଜ୍ଞକେନ
ଜ୍ଞାନେନ ବିଜ୍ଞାତସମସ୍ତକାର୍ଯ୍ୟଃ ।
ନାପାୟ କୂପେ ପତିତ ପ୍ରସର୍ପନ୍
ଶାସ୍ତ୍ରଂ ହି ଦିବ୍ୟା ଦୃଗତୀନ୍ଦ୍ରିୟେଷୁ ।"

( ବସନ୍ତରାଜ ଶକୁନ ୧ ସର୍ଗ )

ଶୁଭାଶୁଭ ଜ୍ଞାନଲାଭ କରିବା ନିମିତ୍ତ ଯେ ଶାସ୍ତ୍ର ତାହାକୁ ଶକୁନ-ଶାସ୍ତ୍ର ବୋଲାଯାଏ । ପକ୍ଷୀମାନଙ୍କର ଗତି, ସ୍ୱର, ଦୃଷ୍ଟିଭାବ ଓ ଚେଷ୍ଟାଦ୍ୱାରା ଶକୁନଶାସ୍ତ୍ରଜ୍ଞ ବ୍ୟକ୍ତି ସମସ୍ତ କାର୍ଯ୍ୟ ଅନାୟାସରେ ଜାଣିପାରେ, ଇତ୍ୟାଦି···

ବସନ୍ତରାଜ ପକ୍ଷୀମାନଙ୍କର ଏହି ଗତି ଚେଷ୍ଟାଦିରୁ ମନୁଷ୍ୟର ଶୁଭାଶୁଭ ସୂଚନା ଏପରି ଅଭ୍ରାନ୍ତ ମନେ କରନ୍ତି ଯେ ପରବର୍ତ୍ତୀ ଶ୍ଳୋକମାନଙ୍କରେ ସେ ଏହି ଶାସ୍ତ୍ରକୁ "ଶାସ୍ତ୍ରଂ ହି ଦିବ୍ୟ ଦୃଗତୀନ୍ଦ୍ରିୟେଷୁ" ବୋଲି ପ୍ରମାଣ କରିବାକୁ ସୁଦ୍ଧା ପଶ୍ଚାତ୍ପଦ ହୋଇନାହାନ୍ତି । ସେ ଯାହାହେଉ ବସନ୍ତରାଜୋକ୍ତ ଏହି ଶକୁନ-ଶାସ୍ତ୍ରରେ "କାକ ଚରିତ" ଶୀର୍ଷକ ଅଧ୍ୟାୟରେ କାକମାନଙ୍କୁ ପାଞ୍ଚ ଶ୍ରେଣୀରେ ବିଭକ୍ତ କରି ସେମାନଙ୍କର ସ୍ୱର, ପ୍ରହର, ଦିଗ ଶବ୍ଦ ଓ ଚେଷ୍ଟାଦି-ଦ୍ୱାରା ମନୁଷ୍ୟର ସମସ୍ତ ପ୍ରକାର ଶୁଭାଶୁଭ ପ୍ରତି ମୁହୂର୍ତ୍ତରେ ସୂଚିତ ହେଉଥିବା କଥା ଲେଖିଅଛନ୍ତି—

ପୂର୍ବାହ୍ନ ଯାମେ ପ୍ରଥମେ ସଶବ୍ଦଃ
କାକୋ ଭବେଚ୍ଛିନ୍ତିତ କାର୍ଯ୍ୟସିଦ୍ଧ୍ୟୈ ।
ଅଶ୍ୱିଷ୍ଟଲାଭା ଗମନଂ ତଥାସ୍ୟା—
ନ୍ନଷ୍ଟାର୍ଥଲାଭେ ନିୟତଂ ନରାଣାଂ ॥
× × ×
ଯଦ୍‌ଭାଷିତଃ ଶାକୁନିକୈର୍ବିମିଶ୍ରଂ
ଶୁଭାଶୁଭଂ ଦିକ୍‌ପ୍ରହରକ୍ରମେଣ ।
ତଦ୍‌ବା ଶୁଭଂ ଯଚ୍ଛତି ଦୀପ୍ତ ଶବ୍ଦଃ
ଶ୍ରେୟସ୍କରଃ ଶାନ୍ତରବଶ୍ଚ କାକଃ ॥

ସ୍ୱର ପ୍ରକରଣରେ ଯଥା—

କକାମିତି କ୍ଷେମବିଧୌ ବିରାବଃ
କୋକାମିତିଷ୍ଟାଶୁନିୟାନହେତୁଃ ।
କଟେତି କୁଂ କୁମିତି ଗୃର୍ଥଲାଭଂ
କ୍ଲଂ କ୍ଲଂ ଧ୍ୱନିଃ କାଞ୍ଚନଲାଭମାହ ॥
× × ×
କ୍ରୌଂ କୋମିତୀଦଂ ଶୁଭଲାଭକାରୀ
କୁଂ କୁଂ ନିନାଦଃ ପ୍ରିୟସଙ୍ଗମାୟ ।

ଇତ୍ୟାଦି—

ଏହାପରେ ୧୬୧ ଶ୍ଳୋକରେ ଶାକୁନଶାସ୍ତ୍ରାନ୍ତର୍ଗତ ଏହି ବିରାଟ ପ୍ରସଙ୍ଗର ଅବତାରଣା କରାଯାଇଅଛି ।

ଆଧୁନିକ ପାଶ୍ଚାତ୍ୟାଲୋକପ୍ରାପ୍ତ ଯୁବକଗଣ ଏହାକୁ ପାଗଳର ପ୍ରଳାପ ବୋଲି ମନେକରିବେ, ସନ୍ଦେହ ନାହିଁ-- କିନ୍ତୁ ଭାରତପରି ପ୍ରାଚୀନ ସଭ୍ୟ ଦେଶର ଋଷି ମହାତ୍ମାଗଣ କି କାରଣରୁ ଏଥିରେ ବିଶ୍ୱାସ ସ୍ଥାପନ କରିଥିଲେ, ବିଶ୍ୱାସ ନ କରନ୍ତୁ ଏଥକୁ ମନେ ଯୋଗ ଦେଇ ଥରେ ଅନୁ-ସନ୍ଧାନ କରିବା ଆଧୁନିକ ଯୁବକମାନେ ଏହାକୁ ଏକାନ୍ତ ଉପେକ୍ଷଣୀୟ ବସ୍ତୁ ମନେକରିବା ଉଚିତ ନୁହେଁ

ଏତ ଗଲା ମନୁଷ୍ୟର ଶୁଭାଶୁଭ ଶକୁନାନ୍ତର୍ଗତ ଚଢ଼େଇ ପରିଚୟ, ଯାହା ପୁରାଣ ଶାସ୍ତ୍ରାଦିରୁ ଉଦ୍ଧୃତ କରାଯାଇପାରେ, କିନ୍ତୁ ମହାଭାରତାଦି ଅମୂଲ୍ୟ ଗ୍ରନ୍ଥମାନଙ୍କରେ ଚଢ଼େଇ ଜାତି କଣ କେବଳ ମନୁଷ୍ୟର ଶୁଭାଶୁଭ ସୂଚନା ବ୍ୟାପାରରେ ନିବଦ୍ଧ ? ବିଶ୍ୱ ପ୍ରକୃତିର ବିଚିତ୍ର ପ୍ରାଙ୍ଗଣରେ ସେ କଣ ତା'ର ମନୋହର ରୂପ ଓ ଶବ୍ଦଦ୍ୱାରା କାନ୍ତି ମାଧୁର୍ଯ୍ୟର ସୃଷ୍ଟି କରି ନ ଥିବ ? ପୁଂସ୍କୋକିଳର କଣ୍ଠସ୍ୱର, କଳାପୀର କଳାପବିନ୍ୟାସ ବନ ଭୂମିର ସ୍ନିଗ୍ଧତା ସମ୍ପାଦନ କରିନାହିଁ ? ଖାଲି କଣ ଗ୍ରନ୍ଥପରେ ଗ୍ରନ୍ଥ କ୍ରବ୍ୟାଦ ଗୃଧ୍ରବାୟସଙ୍କ କଥାରେ ନିଃଶେଷିତ ହୋଇଅଛି ? କଦାପି ନୁହେଁ, କିନ୍ତୁ କାବ୍ୟ ହିସାବରେ ଚଢ଼େଇଙ୍କର ଆଲୋଚନା କଲେ ଏ ପ୍ରବନ୍ଧର କଳେବର ଆଉ ଦୀର୍ଘ କରି ହେବ ନାହିଁ । କାଳିଦାସ, ଭବଭୂତି ଆଦି ବିଶ୍ୱ ବରେଣ୍ୟ କବିଗଣଙ୍କ କାବ୍ୟୋକ୍ତ ବିହଙ୍ଗ ପରିଚୟ ଆଉ ଥରେ ବିଶେଷ ଭାବରେ ଲେଖିବାର ବାସନା ରହିଲା ।

## ବୈଶାଖୀ ଶଶୀ

ଜାଣି ନୋହିଲା କେବେ
ବୈଶାଖର ସାରା ଖରା ସାରି
ବଜେଇଲା କୁହୁଡ଼ିଆ ଘଂଟା
ପ୍ରଥମାର ଅଭିରୂଷା ଶଶୀ
ସରଗର ଧୂପଛାୟା ମେଲେ
ପଞ୍ଚାମୃତେ ପୂରିଭିଲା ମଂଚ
ଲଭିଅ ଗୋ ଦୀପାବଳି
ନୂରଙ୍କର ମାୟାର ବିଳାସ
ସରଗର ସୁରଭି ପ୍ଲାବନେ
ମଉଳାକୁ ଫେରୁ ଗୋ ବିକାଶ
ଫଗୁଣ ଲୁଚାଇ ଗଲା କାନନଶିରୀ
ଚଇତ ଜଳାଇ ଦେଲା ଲକ୍ଷଦୀପାଳୀ
ଏତେଦିନେ ଦକ୍ଷିଣ ଋଷି
ନଆସିଲା ଫେରି
ଅସିଛୁରେ ଜହ୍ନ ରାତି— ସପନ ଶିରୀ ।
ଛାଇ ଆଲୁଅର ଅଜ୍ଞ ଅଂଜନ ଗୋଳା
ସରଗମଂଚର ମହା ପ୍ରଣୟ ଲୀଳା
ସତ୍ୟକର ଗଲା ଚହ୍ଲ ଆସିବ ନତ
ଜଡ଼ର ଜୀବନ ଯେନ ଆସିବ ସାଥି
ଆସିବରେ ଜହ୍ନରାତି କଉତୁକ ଭରି
ବୁଣିବରେ ମାୟାଜାଲ ଚରାଚର ସାରି
ଘୂମଘୋରେ—
ସପନ ଦେଖିବେ ଯେବେ ନଦୀ ପର୍ବତ
ଶରତର ପୌର୍ଣ୍ଣମାସୀ ଶଶୀ
ଦୁଇଜଣ ବସି ନଈ ଶେଯେ
ଗୃହେଁ ଥିବା କ୍ଷୀଣ ଚନ୍ଦ୍ରମାସୀ

ଶ୍ରୀ ନିକୁଞ୍ଜକିଶୋର ଦାସ

Digitized by srujanika@gmail.com



# ବିଚିତ୍ର ଜାପାନ

ଶ୍ରୀ ବଂଶୀଧର ଦାସ

ଦୂର ଗହ୍ୱରର ଶ୍ୟାମଳ ଜୀବନ୍ତତା ଦହରୁ ଶୀତ-ଶେଷର ଫୁଲ-ଫୁଟା ଶିମିଳି ଯେପରି ବାରି ହୋଇ ଦିଶେ—ଲକ୍ଷ ଲୋକଙ୍କର ବିପୁଳ ଜନତାଭିତରୁ ବର୍ଣ୍ଣ-ବୈଚିତ୍ର୍ୟ-ପ୍ରିୟ ଜାପାନବାସୀ ସେହିପରି ଚିହ୍ନି ହୋଇଯାଏ । ଏଭଳି ଉଜ୍ଜ୍ୱଳ ବର୍ଣ୍ଣ-ସଂଯୋଜନ-କୁଶଳ ଭାବରେ ଜାପାନ ସଙ୍ଗରେ ସାରା ପୃଥିବୀରେ କେଉଁ ଦେଶ ସମକକ୍ଷ ନୁହେଁ । ତାଙ୍କର ପ୍ରଜାପତି-କାନ୍ତ 'କିମୋନା', ତାଙ୍କର ବିଚିତ୍ର-ଚିତ୍ରିତ କାଗଜର ଛତା, ମୟୂର ପୁଚ୍ଛ-ସମାନ ତାଙ୍କର ହାତପଙ୍ଖା, ତାଙ୍କର ସାଜସଜ୍ଜା, ଗୃହସ୍ଥଲୀର ଉପକରଣ, ସାମାନ୍ୟ ନିତ୍ୟ-ବ୍ୟବହାର୍ଯ୍ୟ ପଦାର୍ଥ-ଠାରୁ ଆରମ୍ଭକରି ତାଙ୍କର ଦେବତା-ମନ୍ଦିର ଇତ୍ୟାଦି ସାଧାରଣ ସଂସ୍ଥାନମାନଙ୍କର ରୁଚିକର ଚିତ୍ରଣ ଦେଖିଲେ ପ୍ରତ୍ୟୟ ହୁଏ ଜାପାନର ସଭ୍ୟତା ଅତି ପ୍ରାଚୀନ ଏବଂ ସେମାନେ ଯୁଗ ଯୁଗାନ୍ତର-ବ୍ୟାପୀ ସେମାନଙ୍କର ସଭ୍ୟତାର ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରଖିଆସନ୍ତି । ପୂର୍ବ ଗୋଲାର୍ଦ୍ଧରେ ଜାପାନ ଏକମାତ୍ର ଦେଶ ଯେ କି ଅତି ପ୍ରାଚୀନ ଯୁଗରୁ ଆଜଯାଏ ନିଜରସ୍ୱାଧୀନତା ବଜାୟ ରଖି ଦେଶ ଦେଶାନ୍ତରର ସର୍ବାଙ୍ଗୀନ ଉନ୍ନତି ସଙ୍ଗରେ ସମାନ-ସ୍କନ୍ଧ ହୋଇ ଅଗ୍ରସର ହେଉଅଛି । ଆଜି ନିରଳସ ହାସ୍ୟମୁଖରେ ଜାପାନ ଯେ ୟୁରୋପ, ଆମେରିକା ଇତ୍ୟାଦି ସଭ୍ୟତମ ଦେଶମାନଙ୍କୁ ନିଜର ସାମର୍ଥ୍ୟ ଓ ସମୃଦ୍ଧିରେ ଚକିତ କରିପାରୁଛି, ବିଜୟ-ଲିପ୍ସୁ ରଣୋଲ୍ଲାସୀ ଜାତି-ମାନଙ୍କୁ ଯେ ଆଜି ସୁଦ୍ଧା ରକ୍ତ ଚକ୍ଷୁ ଦେଖାଇ ଭୀତି ଉପୁଜାଇ ପାରୁଛି—ତା'ର ମୂଳ କାରଣ କିଏ ନିର୍ଣ୍ଣୟ କରି ପାରିବ ? ନିଜର ପ୍ରତିବେଶୀ ଭାରତ ଓ ମିଶରପରି ଜାପାନର ସାମର୍ଥ୍ୟ, ସମୃଦ୍ଧି, ସ୍ୱାଧୀନତା-ସୂର୍ଯ୍ୟ କାହିଁକି ଯେ ଅସ୍ତମିତ ନ ହୋଇଛି—ବିଜୟୀର ବନ୍ଧନରେ ବା ଔପନିବେଶିକର ଶଠ ଷଡ଼ଯନ୍ତ୍ରରେ ଜାପାନ କାହିଁକି ଯେ ହୃତ-ସର୍ବସ୍ୱ ନ ହୋଇଛି ତା'ର ମୂଳ ତଥ୍ୟ କିଏ ସ୍ଥିର କରିପାରିବ ? ଜାପାନ ଆଜି ପୃଥିବୀର ଶକ୍ତି-ସମ୍ପନ୍ନ କେତେକ ଜାତିମଧ୍ୟରେ ପରିଗଣିତ । ଅପରପର କ୍ଷୁଦ୍ର ଦ୍ୱୀପ ସାମ୍ରାଜ୍ୟ ଜାପାନରେ ପ୍ରାୟ ଛଅକୋଟି ଲୋକଙ୍କର ବାସ—ନିଜର ଜୀବନ ସଂସ୍ଥାନ କରିବାପାଇଁ ପରସ୍ପର ପରସ୍ପର ମଧ୍ୟରେ ଅନବରତ ଯୁଦ୍ଧ ଏବଂ ପ୍ରତିଯୋଗିତା ଲାଗିରହିଛି । ଏହି Struggle for existance ଜାପାନ-ବାସୀଙ୍କର ଅଳସ ବିଳାସ ହଟାଇ ଦେଇଛି—ପ୍ରାଣ ନିମନ୍ତେ ଏହି ଦୈନନ୍ଦିନ ଯୁଦ୍ଧ ସେମାନଙ୍କୁ ସଜାଗ ଓ ସଚେଷ୍ଟ କରିରଖିଛି । Law of Evolutionର ଐତିହାସିକ

Digitized by srujanika@gmail.com

ଅର୍ଥ ବିଶ୍ୱାସ କରିବାକୁ ହେଲେ ଜାପାନ ଏହି ଅନାଦ୍ୟନ୍ତକାଳ ମଧ୍ୟରେ ନିଶ୍ଚୟ ଦିନେ ସବୁ ସୌଭାଗ୍ୟ ସମୃଦ୍ଧି ହଜାଇ ଭାରତପରି 'ଅଭିଶପ୍ତ' ହୋଇଥାନ୍ତା—ତେବେ ଜାପାନ କ'ଣ ପ୍ରକୃତିର ଏହି ଚିରନ୍ତନ ନିୟମରୁ ବହି-ର୍ଭୂତ ? ତେବେ କ'ଣ ଜାପାନୀମାନଙ୍କର ବିଶ୍ୱାସରେ ଆସ୍ଥା ରଖି ବୋଲିବାକୁ ହେବ ଯେ ଜାପାନ ଦେବତାର ଅଖଣ୍ଡ ଅନୁଗ୍ରହରୁ ଆଜିଯାଏ ଅକ୍ଷୁଣ୍ଣ ରହିଛି—ବିଶ୍ୱାସ କରିବାକୁ ହେବ ଯେ ସୂର୍ଯ୍ୟ ଦେବତାଙ୍କର ବଂଶ ପରଂପରା



ଫୁଜି ପର୍ବତ

ଜାପାନବାସୀଙ୍କର ଗର୍ବ ଓ ଧର୍ମନାଶର କାରଣ

ଏ ଦେଶରେ ରାଜତ୍ୱ କରି ଆସୁଥିବାରୁ ଏ ଦେଶର ସୌଭାଗ୍ୟ-ସୂର୍ଯ୍ୟ କେବେ ହେଲେ ଅସ୍ତମିତ ହୋଇ-ନାହିଁ । ବିଶ୍ୱ—ଚିତ୍ରକର ଅମର-ତୂଳିକା ସଂସ୍ପର୍ଶରେ ଏଦେଶ ଆଜିଯାଏ ନିଜର ଉଜ୍ଜ୍ୱଳତାରେ ଦେଶ ଦେଶାନ୍ତରକୁ ଚକିତ କରୁଛି ? କେତେଥର କେତେ ଭୂମିକମ୍ପ, ଜଳପ୍ଲାବନ—ପ୍ରକୃତିର କେତେ ପ୍ରଳୟ, ବିପର୍ଯ୍ୟ ସତ୍ତ୍ୱେ ମଧ୍ୟ ଏଦେଶ ପୃଥିବୀର ବହୁଦୀପ୍ତି ବିଜେତାମାନଙ୍କ ମଧ୍ୟରେ ମସ୍ତକ ଉତ୍ତୋଳନ କରିରହିଛି ଏ ରହସ୍ୟ ଉଦ୍‌ଘାଟନ କରିବା ମନୁଷ୍ୟର ସାଧ୍ୟାତୀତ ।

ଯେତେବେଳେ ବିଶ୍ୱସ୍ରଷ୍ଟା ଅନନ୍ତପ୍ରଳୟ ମଧ୍ୟରୁ ଭୂଗୋଳକୁ ଉଦ୍ଧାର କଲେ ସେତେବେଳେ ଅଖଣ୍ଡ ବିଶୃଙ୍ଖଳା ଭିତରେ ସର୍ବ ପ୍ରଥମେ ଜାପାନ ଦ୍ୱୀପ ନିର୍ଦ୍ଦିଷ୍ଟ ଆକାର ଘେନି ମସ୍ତକ ଉତ୍ତୋଳନ କଲା । କ୍ରମେ ବିଶ୍ୱ-ସୃଷ୍ଟିର ସମସ୍ତ କ୍ରିୟା ପରିସମାପ୍ତ ହେଲାପରେ, ବିଶ୍ୱସ୍ରଷ୍ଟାଙ୍କର କନ୍ୟା ଅନିନ୍ଦ୍ୟସୁନ୍ଦରୀ ଉଜ୍ଜ୍ୱଳ-ବର୍ଣ୍ଣା ଅଂଶୁମାଳୀ ନିଜର ପୌତ୍ରଙ୍କୁ ଜାପାନଦେଶ ଶାସନ କରିବାପାଇଁ ସ୍ୱର୍ଗରୁ ପ୍ରେରଣ କଲେ—କହିଲେ " ହେ ଦୌହିତ୍ର ମୋ'ର ଆତ୍ମଜମାନେ ବଂଶ ପରଂପରା ଶାସନ କରିବେ । ଏହିଦେଶ ସ୍ୱର୍ଗ ଓ ମର୍ତ୍ତ୍ୟପରି ନିତ୍ୟ ସନାତନ ହେଉ ।" ଅଂଶୁମାଳୀ-ଙ୍କର ପୌତ୍ର ଅନେକ ଦେବଦେବୀଙ୍କ ସଙ୍ଗରେ ଘେନି ସ୍ୱର୍ଗର ଭାସମାନ ସେତୁ ଅବଲମ୍ବନରେ ମର୍ତ୍ତ୍ୟକୁ ଅବତ-ରଣ କଲେ ଏବଂ Kiushiu ର ଦକ୍ଷିଣରେ Taka-chiho ପର୍ବତରେ ବାସ କରିବାକୁ ଲାଗିଲେ । ସେହି ପର୍ବତରେ Jimmu ଜନ୍ମଗ୍ରହଣ କଲେ । Jimmu ସୂର୍ଯ୍ୟଙ୍କ ପୌତ୍ରଙ୍କର ମୂଳ ବଂଶୋଦ୍ଭୂତ ଚତୁର୍ଥ ସନ୍ତତି ଏବଂ ଜାପାନର ସର୍ବ ପ୍ରଥମ ସମ୍ରାଟ । Jimmu ତାଙ୍କର ଅମର ପୂର୍ବପୁରୁଷମାନଙ୍କ ଆରବ୍ଧ ସାମ୍ରାଜ୍ୟ ଭାର

Digitized by srujanika@gmail.com

ନିଜସ୍କନ୍ଧରେ ବହନ କଲେ ଏବଂ ଦେଶକୁ ଶିଷ୍ଟ ଏବଂ ଶାନ୍ତ କରିବାରେ ଉଦ୍‌ଯୋଗୀ ହେଲେ । ବହୁବର୍ଷ ଦେଶବିଜୟରେ ବ୍ୟାପୃତ ହେଲେ । ପରିଶେଷରେ ଖ୍ରୀଷ୍ଟପୂର୍ବ ୬୦୦ ଶତାବ୍ଦୀରେ ସେ ଜାପାନ-ବାସୀ ବନ୍ୟ ଅସଭ୍ୟ ଜାତିମାନଙ୍କୁ ଯୁଦ୍ଧରେ ପରାସ୍ତକରି ମଧ୍ୟ ଜାପାନ Yamato ପ୍ରଦେଶ ଯାଏ ନିଜର ସାମ୍ରାଜ୍ୟ ବିସ୍ତାର-କଲେ ଏବଂ ସେଠାରେ ଅଭିଷିକ୍ତ ହେଲେ ।

ଜାପାନ ସୃଷ୍ଟି ବିଷୟରେ ଜାପାନୀ ଧର୍ମ ଗ୍ରନ୍ଥରେ ଏହିପରି ଉଲ୍ଲେଖ ଅଛି; ପ୍ରତ୍ୟେକ ଜାପାନବାସୀଙ୍କର ଏକଥାରେ ଅଟଳ ବିଶ୍ୱାସ । ଏହି ପୁରାଣ ଆଖ୍ୟାୟିକାର ରହସ୍ୟ ଅନୁସନ୍ଧାନ କଲେ ଜଣାଯାଏ ଯେ ଏସିଆ ମହାଦେଶରୁ Jimmu ଏବଂ ଅନ୍ୟ ଜଣକେତେ ଦେଶ ବିଜୟଲିପ୍ସୁ ସାହସିକ ଅନୁଚର ଅନେକ ପଥ ଅତିକ୍ରମ କରି ପରିଶେଷରେ ଜାପାନ-ଦ୍ୱୀପରେ ଉପସ୍ଥିତ ହେଲେ ଏବଂ ନିଜର ବାହୁବଳରେ ସେଠାକାର ପର୍ବତୀୟ ଓ ଆରଣ୍ୟ ଅସଭ୍ୟ ଜାତିମାନଙ୍କୁ ଦମନ କରି ସେମାନଙ୍କ ଦେଶକୁ ନିଜ କରଗତ କଲେ । Jimmu ଖ୍ରୀଷ୍ଟପୂର୍ବ ୬୦୦ ଅବ୍ଦରେ ଏହି ଦେଶ ବିଜେତାମାନଙ୍କର ସମ୍ରାଟରୂପେ ଗୃହୀତ ହୋଇ ଅଭିଷିକ୍ତ ହେଲେ ।

Jimmu ପଚସ୍ତରି ବର୍ଷ ଯାଏ ରାଜତ୍ୱକରି ଏକଶତ ସତାଇଶ ବର୍ଷ ବୟଃକ୍ରମ କାଳରେ ଖ୍ରୀଷ୍ଟପୂର୍ବ ୫୮୫ ଅବ୍ଦରେ ମାନବଲୀଳା ସମ୍ବରଣ କଲେ । ତାଙ୍କର ପରଲୋକ ଗମନ ଉତ୍ତାରୁ ବାରଶତ ବର୍ଷମଧ୍ୟରେ ତେବିଶ ସମ୍ରାଟ ଏବଂ ସାମ୍ରାଜ୍ଞୀ ଜାପାନ ସିଂହାସନ ଅଧିରୋହଣ କରିଥିଲେ । ଏହି ଦୀର୍ଘକାଳ ମଧ୍ୟରେ ଜାପାନ-ସାମ୍ରାଜ୍ୟ ବିସ୍ତୃତ ହେବାକୁ ଲାଗିଲା । Yamato ର ଉତ୍ତର ଏବଂ ପଶ୍ଚିମାଂଶମାନ କ୍ରମେ ସାମ୍ରାଜ୍ୟଭୁକ୍ତ ହେଲା । ଖ୍ରୀଷ୍ଟପୂର୍ବ ୨୦୧—୨୬୯ ଅବ୍ଦ ମଧ୍ୟରେ ସାମ୍ରାଜ୍ଞୀ Jargs ତାଙ୍କର ବୈଧବ୍ୟ କାଳରେ Korea ପ୍ରଦେଶ ବିଜୟ କରିଥିବା ସର୍ବାପେକ୍ଷା ଉଲ୍ଲେଖଯୋଗ୍ୟ । ଖ୍ରୀଷ୍ଟପୂର୍ବ ୨୦୨ ଅବ୍ଦରେ ଉକ୍ତ ସମ୍ରାଜ୍ଞୀ ବିରାଟ-ବାହିନୀ ସଜ୍ଜୀଭୂତ କରି ଜଳପଥରେ Korea ରେ ପ୍ରବେଶ କଲେ, Korea ରାଜ୍ୟ ସମ୍ରାଜ୍ଞୀଙ୍କର ବିପୁଳ ସାଜସଜ୍ଜାର ଭୟ-ବିହ୍ୱଳିତ ହୋଇ ବଶତା ସ୍ୱୀକାର କଲା ଏବଂ ଚିରଦିନ ସୂର୍ଯ୍ୟ ପଶ୍ଚିମରେ ଉଦିତ ହେବାଯାଏ—ନଦୀ ସ୍ରୋତ ଉଜାଣି ବହିବା ଯାଏ—ନଦୀଗର୍ଭର ଉପଲଖଣ୍ଡ ସ୍ୱର୍ଗ-ଆରୋହଣ କରି ଆକାଶର ତାରା ହେବାଯାଏ—ଜାପାନ ସାମ୍ରାଜ୍ଞୀଙ୍କର କରଦ ରାଜ୍ୟ ହେବାକୁ ପ୍ରତିଶ୍ରୁତ ହେଲା । ସେହିଦିନରୁ ଜାପାନ ଓ କୋରିୟା ମଧ୍ୟରେ ନିର-ବଚ୍ଛିନ୍ନ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହେଲା । ଜାପାନବାସୀ ସେତେବେଳକୁ ଲିଖନ କରିବାକୁ ଶିଖି ନ ଥିଲେ—ସୁସଭ୍ୟ କୋରିୟାର ସଂଘର୍ଷରେ; ଚୀନଦେଶରୁ ଗୃହୀତ ସଭ୍ୟତା ଜାପାନରେ ଶାଖା ପଲ୍ଲବ ବିସ୍ତାର କଲା ଏବଂ ଦ୍ୱାଦଶ ଶତାବ୍ଦୀ ବ୍ୟାପୀ ଜାପାନର ସାମାଜିକ ଏବଂ ରାଜନୈତିକ ଉନ୍ନତିର ଭିତ୍ତି ସ୍ଥାପନ କଲା ।

ସାମାଜିକ ଉନ୍ନତି-ପୂର୍ବରୁ ଧର୍ମଭାବ ଲୋକଙ୍କ ମନରେ ଜାଗରିତ ହେଲା । ଚୀନଦେଶ ଏବଂ କୋରିୟାଦେଶରୁ ବୌଦ୍ଧ ପରିବ୍ରାଜକ ଏବଂ ଧର୍ମ-ପ୍ରଚାରକମାନେ ଦଳେ ଦଳେ ହୋଇ ମହା ଆଗ୍ରହରେ ଜାପାନରେ ପହଞ୍ଚିଲେ । ଜାପାନର ସମଗ୍ର ଜାତି ସମ୍ରାଟ ଏବଂ ତାଙ୍କର କର୍ମଗୃସ୍ତ-ମାନଙ୍କଠାରୁ ଆରମ୍ଭକରି ଦରିଦ୍ର କୃଷକ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷ ସମସ୍ତେ ବୌଦ୍ଧ ଧର୍ମରେ ଦୀକ୍ଷିତ ହେଲେ । ବିଦେଶୀୟ ପୃଥିବୀର କେଉଁ ସ୍ଥାନରେ କେଉଁଯୁଗରେ ହେଲେ ଏପରି ନିର୍ବୋଧ ପ୍ରଭାବ ବିସ୍ତାର କରିନାହିଁ । ବୌଦ୍ଧ-ଧର୍ମର ଉଦ୍ଦୀପନା ପ୍ରଭାବରେ ଏସିଆ ମହାଦେଶର ସଭ୍ୟତା ଏବଂ ଶିଳ୍ପ ଜାପାନରେ ପଲ୍ଲବିବାକୁ ଲାଗିଲା ।

ସପ୍ତମ ଶତାବ୍ଦୀ ଶେଷହେବା ପୂର୍ବରୁ ଜାପାନ ରାଜ୍ୟରେ ଚୀନଦେଶ ଆଦର୍ଶରେ ଗୋଟିଏ ଶୃଙ୍ଖଳାନ୍ୱିତ ରାଜ୍ୟ-ଶାସନ-ପ୍ରଣାଳୀ ପ୍ରତିଷ୍ଠିତ ହେଲା ଏବଂ ଜାପାନର ସମ୍ରାଟ ତହିଁର ଅପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣଧାରରୂପେ ନିର୍ଦ୍ଦିଷ୍ଟ ହେଲେ । ଜାପାନବାସୀ ପ୍ରତ୍ୟେକ କାର୍ଯ୍ୟ କଳାପରେ ସଂସ୍କୃତ-ସଭ୍ୟତାର ସୂଚନା ଦେବାକୁ ଲାଗିଲେ । ଜାପାନ ଭାଗ୍ୟରେ ଏହି ପରିବର୍ତ୍ତନ ସର୍ବପ୍ରଥମ ଏବଂ ଅଶେଷ କଲ୍ୟାଣକର । ପ୍ରାୟ ତିନ ଶତାବ୍ଦୀ ବ୍ୟାପୀ ଏହି ମହାପରିବର୍ତ୍ତନ ସଂଘଟିତ ହୋଇଥିଲା—ଏହି ଦୀର୍ଘକାଳ ମଧ୍ୟରେ ଜାପାନର ତାମସୀ ରାତ୍ରୀ ପ୍ରଭାତ ହେଲା ଏବଂ ପ୍ରାମାଣିକ ଇତିହାସର ସୂଚନା ହେଲା ।

Digitized by srujanika@gmail.com

ଏତେଦିନ ଯାଏ ଜାପାନର ସମ୍ରାଟମାନେ ନାମରେ ଏବଂ କାର୍ଯ୍ୟରେ ଉଭୟତଃ ଏକଚ୍ଛତ୍ରପତି ଥିଲେ । ରାଜନୈତିକ ଏବଂ ସାମରିକ ସମସ୍ତ ଅଧିକାରର ମୂଳାଧାର-ରୂପେ ଗୃହୀତ ହେଉଥିଲେ । କ୍ରମେ ଗୋଟାଏ ପରିବର୍ତ୍ତନର ଅଭ୍ୟାସ ଦେଖିଲା—ଦୁର୍ବଳ ସମ୍ରାଟମାନଙ୍କ ପର ସାମରିକ ବୈଜୟନ୍ତୀ ଲମ୍ବାଇବା ଏମାନଙ୍କୁ ଆଉ ରୁଚିଲା-ନାହିଁ । ଜାପାନର ସମ୍ରାଟମାନେ ଧର୍ମ ଏବଂ କବିତା ଆଡ଼କୁ ମନ ବଳାଇଲେ; କେତେକ ମଧ୍ୟ ଐଶ୍ୱର୍ଯ୍ୟ-



ଜାପାନୀ ଗିଅନ ରଥ

ପ୍ରତିବର୍ଷ ଏହି ଶୋଭାଯାତ୍ରା ଦିନ ଲାଗି ରାସ୍ତାରୁ ବିଜୁଳି ଓ ଟ୍ରାମ ତାର କାଟି ଦିଆଯାଏ, ରଥ ଚଳିବାରେ ଅସୁବିଧା ହେବନାହିଁ ବୋଲି

ସୁଲଭ ଆଳସ୍ୟ ଏବଂ ସ୍ୱେଚ୍ଛାଗ୍ରହତାର ଅଧୀନ ହୋଇ ଗୀତ ବାଦ୍ୟ ନୃତ୍ୟାଦିରେ ଗର୍ହିତ-ତର କାମନା ନିବୃତ୍ତିରେ ସୁଖାନୁଭବ କଲେ । ଜାପାନର ସମ୍ରାଟ ହୀନବଳ ହୋଇ ପଡ଼ିଲେ—ରାଜ୍ୟ-ଶାସନ-ସଂକ୍ରାନ୍ତ ସମସ୍ତ ଅଧିକାର କ୍ରମେ Fujiwara ସନ୍ତତି ମାନଙ୍କ କରରେ ଅର୍ପିତ ହେଲା । ଏହି ବଂଶର ପ୍ରଥମ ପୁରୁଷ Pujiwara ସୂର୍ଯ୍ୟ ଦେବଙ୍କର ପୌତ୍ର Jimmu ଙ୍କ ପାରିଷଦ ବା ଅନୁଚର ରୂପେ ତାଙ୍କ ସଙ୍ଗରେ ସ୍ୱର୍ଗରୁ ଆସିଥିଲେ । ଅଭିଯାତ୍ୟରେ, ତେଣୁ ଏମାନେ ସମ୍ରାଟଙ୍କ ଠାରୁ ଅଳ୍ପ ନ୍ୟୂନ ବୋଲି ବିବେଚିତ ହେଉଥିଲେ ।

ପଞ୍ଚ ଶତାବ୍ଦୀ ବ୍ୟାପୀ Pujiwara ଶାସନ ଓ ଅଧିକାର ଜାପାନରେ ବିରାଜ କଲା । ଏମାନଙ୍କ ମଧ୍ୟରୁ ଅନେକେ ପୂର୍ବ ସମ୍ରାଟ ମାନଙ୍କ ପର ପ୍ରତିଭାଶାଳୀ ଏବଂ ସାମର୍ଥ୍ୟ-ସଂପନ୍ନ ଥିଲେ । ଜାପାନ ସମ୍ରାଟମାନଙ୍କର ଏହି ବଂଶରୁ ପତ୍ନୀ ଗ୍ରହଣ କରିବା ସନାତନ ପ୍ରଥା ହୋଇ ଯାଇଥିଲା—ଏବଂ ରାଜ୍ୟର ସମସ୍ତ ରାଜନୈତିକ କର୍ମ୍ମ ଏହି ବଂଶର ସନ୍ତତିମାନଙ୍କର ଏକାୟତ୍ତ ଥିଲା । ଏହି ସମସ୍ତ କାରଣରୁ ଏମାନଙ୍କର ପ୍ରଭାବ ଅଧିକତର ସୁଦୃଢ଼ ହେବାକୁ ଲାଗିଲା । ସେମାନଙ୍କ ମଧ୍ୟରୁ କେତେକ ସ୍ୱେଚ୍ଛାଗ୍ରହୀ ହୋଇପଡ଼ିଲେ—ସମଗ୍ର ଜାପାନ ସାମ୍ରାଜ୍ୟରେ ଜଣେ କେହି ନ ଥିଲା ଯେ କି ସାହସ କରି ସେମାନଙ୍କ କଥାର ପ୍ରତିବାଦ କରିବ ।

Digitized by srujanika@gmail.com

ଜାପାନ ସାମ୍ରାଜ୍ୟ ପ୍ରଥମ ରାଜଧାନୀ ନାରାର ରାଜସଭା ପ୍ରାୟ ସମଗ୍ର ଅଷ୍ଟମ ଶତାବ୍ଦୀ ବ୍ୟାପୀ ଏବଂ ତାହା ପରେ Kyoto ର ରାଜସଭା ବିଳାସ ଓ ଉଜ୍ଜ୍ୱଳ ସଭ୍ୟତାର ପ୍ରଧାନ କେନ୍ଦ୍ର ହେଲା । ଚିତ୍ର-ଶିଳ୍ପ, କବିତା, ଗାନ୍ଧର୍ବ ବିଦ୍ୟା, ନୃତ୍ୟକଳା ଏବଂ ଧର୍ମ୍ମ, ବୌଦ୍ଧ ଧର୍ମ୍ମର ବାହ୍ୟାଡମ୍ବର-ସମନ୍ୱିତ ସମସ୍ତ ଉତ୍ସବ-ପାଳନ ସହିତ ମହା ଆଗ୍ରହରେ ଆଲୋଚିତ ଏବଂ ଉନ୍ନୀତ ହେବାକୁ ଲାଗିଲା ।

ଜାପାନୀ ସାହିତ୍ୟର ଏ ହିଁ 'Golden age' । ଏହି ସମୟର ଉତ୍କୃଷ୍ଟ କବିତା ଏବଂ ଗଦ୍ୟ-ରଚନା କେତେକ ଆଜ-ଯାଏ ସୁରକ୍ଷିତ ଏବଂ ସମ୍ମାନିତ ହୋଇ ଅଛି । ଏହି ସମୟର ସାହିତ୍ୟ ଆଲୋଚନା କଲେ ଅନୁମାନ ହୁଏ ସେ ସମୟରେ ଦୁଃଖ ଓ କଷ୍ଟ ଅଜ୍ଞାତ ଥିଲା—ଜୀବନ ଶାନ୍ତିପୂର୍ଣ୍ଣ, ଦୀପ୍ତିପୂର୍ଣ୍ଣ ଓ ଉଲ୍ଲାସପୂର୍ଣ୍ଣ ଥିଲା; ସୁରୁଚି-ସଂଗତ ଆମୋଦ ପ୍ରମୋଦରେ ଜାପାନ ଦେଶସାରା ଉତ୍ଫୁଲ୍ଲ ଥିଲା ।



ସ୍ୱଦେଶୀ ପୋଷାକରେ ଜାପାନୀ ତରୁଣୀ—ଉନ୍ନେସ୍ୱର ନବ୍ୟସଂସ୍କାରଶୀଳ ଗାତ୍ରାବରଣ ମୁକ୍ତ ଯାହା ପାଶରେ ପ୍ରଚଳିତ

ରାଜଧାନୀରେ ରାଜସଭା - ସଂକ୍ରାନ୍ତ ଜୀବନ ସୁଖାବହ ଥିଲା—ସତ୍ୟ, ପଶ୍ଚାନ୍ତରେ ରାଜ-ସଭାରୁ ଦୂରବର୍ତ୍ତୀ ପ୍ରଦେଶମାନଙ୍କରେ ଲୋକେ ଏହି ଅଳସ, ବିଳାସ-ପ୍ରିୟ ନିର୍ବୀର୍ଯ୍ୟ ରାଜ କର୍ମ୍ମଚାରୀମାନଙ୍କୁ ଭିନ୍ନ ଚକ୍ଷୁରେ ସଂଦର୍ଶନ କରୁଥିଲେ । ଜାପାନର ଆଦିମ-ନିବାସୀ Ainu ମାନେ ଜାପାନୀ ଉପନିବେଶିକମାନଙ୍କର ବଂଶ ଏବଂ ସଂଖ୍ୟା ବୃଦ୍ଧି ସଙ୍ଗେ ଉତ୍ତରରୁ ଅଧିକ ଉତ୍ତରକୁ ଅପସାରିତ ହେବାକୁ ଲାଗିଲେ—ତଥାପି [ସେମାନେ ବିଜେତାମାନଙ୍କୁ

Digitized by srujanika@gmail.com

ଯଥେଷ୍ଟ ପ୍ରଭାବବନ୍ଧକ ଦେଉଥିଲେ—ଏବଂ ଉତ୍ତର ସୀମାନ୍ତ ପ୍ରଦେଶମାନଙ୍କରେ ଅବଶ୍ରାନ୍ତ ଯୁଦ୍ଧ ଲାଗି ରହିଥିଲା ।

ଏହି ଅବଶ୍ରାନ୍ତ ଯୁଦ୍ଧ ଯୋଧୃଜାତିର ସୃଷ୍ଟି କଲା—ତାହାଙ୍କ ଅଧିକାଂଶ Taira ଏବଂ Minamoto ଏହି ଦୁଇ ପ୍ରଧାନ ବଂଶସଂଭୂତ । ଏହି ବଂଶର ଅଧି-



ଜାପାନୀ କୃଷକ

ନାୟକ ଦୁଇଜଣ ରାଜବଂଶ-ସଂଭୂତ—ଯୁଦ୍ଧ କୌଶଳ-ନିପୁଣ ମଧ୍ୟ ।


Fujiwara ବଂଶର ଏକାଧିପତ୍ୟ ଚୂର୍ଣ୍ଣ କରିବା ପାଇଁ ଏ ଦୁଇଜଣ ବିଖ୍ୟାତ ସେନା-ନାୟକ ଏକାଧିକ ବାର ପ୍ରୟାସ କରି ଶେଷରେ କୃତକାର୍ଯ୍ୟ ହେଲେ ସତ୍ୟ, କିନ୍ତୁ ଅତି ଅଳ୍ପକାଳ ମଧ୍ୟରେ ଏ ଦୁଇଜଣଙ୍କ ମଧ୍ୟରେ ବିରୋଧ ଉପସ୍ଥିତ ହେଲା । ଭାଗ୍ୟ-ଲକ୍ଷ୍ମୀ ବଡ଼ ଚଂଚଳା । କିଛୁକାଳ Taira ବଂଶୋଦ୍ଭବ ଯୁଦ୍ଧ-ନିପୁଣ Kiyonari ବିଜୟ ପତାକା ଉଡ଼ାଇଲେ । ୧୧୩୫ ଖ୍ରୀଷ୍ଟାବ୍ଦରେ ସେ ଉପରତ ହୁଅନ୍ତେ, ରଣ-ବିଶାରଦ, ରାଜନୀତି-ପଣ୍ଡିତ Minamoto ବଂଶର Yoritomo ନାମକ ବିଚକ୍ଷଣ ସୈନିକଙ୍କ କୌଶଳରେ Taira ବଂଶର ଭାଗ୍ୟ ବିପର୍ଯ୍ୟୟ ସୂଚିତ ହେଲା । ପରିଶେଷରେ ୧୧୮୫ ଖ୍ରୀଷ୍ଟାବ୍ଦରେ Dar-no--ura ର ଜଳ ଯୁଦ୍ଧରେ Taira ଙ୍କର ସମସ୍ତ ଗର୍ବ ପରାକ୍ରମ ଏକାବେଳେକେ ଚୂର୍ଣ୍ଣିତ ହେଲା ।

ରଣ-ନିପୁଣ ଶକ୍ତିଶାଳୀ Yoritomo ଜାପାନ ଦେଶର ଅନନ୍ୟାଧୀନ ନିୟନ୍ତା ହେଲେ । ଜାପାନର ତଦାନୀନ୍ତନ ସମ୍ରାଟ Yoritomo ଙ୍କର ପରାକ୍ରମକୁ ପ୍ରମାଦ ଗଣି ସନ୍ତୁଷ୍ଟ କରିବା ନିମନ୍ତେ ତାଙ୍କୁ Sei-i-tai-Shogun ଉପାଧିରେ ଭୂଷିତ କଲେ । ଏ ଉପାଧିର ଅର୍ଥ ବର୍ବର-ଦମନ-ସୈନ୍ୟାଧ୍ୟକ୍ଷ । ଜାପାନର ସମ୍ରାଟ ତାଙ୍କୁ ଏପରି ଉଚ୍ଚ ଉପାଧିରେ ଭୂଷିତ କରିବାର ଅର୍ଥ ଲୋକେ ବୁଝିଲେ, ପ୍ରକାରାନ୍ତରେ ତାଙ୍କର ଆଧିପତ୍ୟକୁ ସ୍ୱୀକାର କରିନେବା । ଉକ୍ତ Yoritomo ଦୁର୍ବଳ ସମ୍ରାଟଙ୍କର ପ୍ରଶ୍ରୟ ପାଇଁ Kamakura ଠାରେ ସ୍ୱୀୟ ନୂତନ ରାଜଧାନୀ ସ୍ଥାପନ କଲେ ଏବଂ ସେହି-ଠାରେ ରହି ସମଗ୍ର ରାଜ୍ୟ ପରିଚାଳନା କରିବାକୁ ଲାଗିଲେ । Kamakura ଅଳ୍ପକାଳ ମଧ୍ୟରେ ସମୃଦ୍ଧିମନ୍ତ ନଗରରେ ପରିଣତ ହେଲା ।

ରାଜ୍ୟର ଭିତ୍ତି ନାମମାତ୍ର ସମ୍ରାଟଙ୍କ କରରେ ରହିଲା—Yoritomo ରାଜ୍ୟର ହର୍ତ୍ତା କର୍ତ୍ତା ବୋଲି ପୂଜା ପାଇବାକୁ ଲାଗିଲେ । ସୈନ୍ୟମାନଙ୍କର ବୃତ୍ତି ଭୋଗ ପ୍ରଥା ଏହି ଦିନଠାରୁ ସୂତ୍ରପାତ ହେଲା । Yoritomo ଉପରୋକ୍ତ ଉପାଧି ପାଇବା ଦିନଠାରୁ ଜାପାନର ପ୍ରାମାଣିକ ଇତିହାସର ଦ୍ୱିତୀୟ ଯୁଗ ଆରମ୍ଭ । ରାଜନୈତିକ କ୍ଷେତ୍ରରେ ସମ୍ରାଟଙ୍କର ସତ୍ତା କ୍ଷୀଣବଳ ହୋଇପଡ଼ିଲା—ଧନ ନଥିବାରୁ ସାରଶୂନ୍ୟ ହୋଇଗଲା । ଜାପାନର ତଦାନୀନ୍ତନ ସମ୍ରାଟ ଦେଶଲୋକଙ୍କର ସମସ୍ତ ସମ୍ମାନର

Digitized by srujanika@gmail.com

ଅଧିକାଂଶ ଏବଂ ନିୟମ-ତନ୍ତ୍ର-ଶାସନ-ପ୍ରଣାଳୀର ଏକମାତ୍ର ଉଦ୍ଭବ-ସ୍ଥଳ ବୋଲି ବିବେଚିତ ହେଉଥିଲେହେଁ ଜାତୀୟ ଶାସନକାର୍ଯ୍ୟ ପରିଚାଳନାରେ ନିର୍ଜୀବ ପୁତ୍ତଳ ବୋଲି ବିବେଚିତ ହେଲେ ।



ମନ୍ଦିରପଥେ ଜାପାନୀ ତରୁଣୀ

ସପ୍ତଶତାବ୍ଦୀବ୍ୟାପୀ ଜାପାନ-ସାମ୍ରାଜ୍ୟ ରଣ-ନିପୁଣ ନିୟନ୍ତାମାନଙ୍କଦ୍ୱାରା ବଂଶ ପରଂପରା ଶାସିତ ହେଲା —ତରବାରି ଅଗ୍ରରେ ସେମାନେ ଆଧିପତ୍ୟ ବିସ୍ତାର କଲେ ଏବଂ ଶୃଙ୍ଖଳା ସ୍ଥାପନା କଲେ, Minamoto ବଂଶର ଅଧଃପତନ ପରେ Hojo ବଂଶ ୧୧୯୯ ଠାରୁ ୧୩୩୩ ପର୍ଯ୍ୟନ୍ତ ରାଜ୍ୟ ପରିଚାଳନା କଲେ — ସେମାନେ କେହି ଉପରୋକ୍ତ ସମ୍ରାଟ-ଦତ୍ତ ଉପାଧି ଗ୍ରହଣ କଲେନାହିଁ । ୧୩୩୩—୧୫୭୩ ଯାଏ Ashikaga ମାନେ ରାଜ୍ୟର ଶାସନ ନିୟନ୍ତ୍ରିତ କଲେ । ଏହି ବଂଶରୁ ଚତୁର୍ଦ୍ଦଶ ବ୍ୟକ୍ତି ଉକ୍ତ ଉପାଧି ଗ୍ରହଣ କରିଥିଲେ ।

୧୫୭୩-୧୫୯୮ ପର୍ଯ୍ୟନ୍ତ Nobunaga ଏବଂ Hideyoshi ନାମରେ ଦୁଇଜଣ ଯୁଦ୍ଧ-କୁଶଳ, ରାଜନୀତି-ନିପୁଣ ବୀର ଏକ ପରେ ଅନ୍ୟ ଜାପାନ-ସାମ୍ରାଜ୍ୟର ନିୟନ୍ତା ହେଲେ, ଉକ୍ତ Shogun ଉପାଧିକଙ୍କର ଶାସନର ଧାରା କିଛି କାଳଯାଏ ପ୍ରତିହତ ହେଲା । ଉକ୍ତ ବୀର ଦୁଇଜଣ ସେ ଉପାଧି ଗ୍ରହଣ କଲେ ନାହିଁ । Hideyoshi ଙ୍କ ମରଣ ଅନ୍ତେ Tokujuru ବଂଶର Iyeyasu ନାମକ ଜଣେ ବ୍ୟକ୍ତି ଅଶେଷ ବିଚକ୍ଷ୍ୟ ଖ୍ୟାତି ଅର୍ଜ୍ଜନ କରି ୧୬୦୩ ଖ୍ରୀଷ୍ଟାବ୍ଦରେ Yedo ଠାରେ ତାଙ୍କର ବିପୁଳ ରାଜଧାନୀ ସ୍ଥାପନ କଲେ । ୧୮୬୮ ରେ ଜାପାନ ସମ୍ରାଟଙ୍କର ସିଂହାସନ ଅଧିରୋହଣ ଯାଏ, ସେହି ରାଜଧାନୀ ଶାସନକର୍ତ୍ତା ଓ ସରକାରର ଆବାସ ଭୂମି ବୋଲି ବିବେଚିତ ହେଉଥିଲା ।

ସୈନ୍ୟ-ବିଭାଗୀୟ ଏହି ପରାକ୍ରମଶାଳୀ ନିୟନ୍ତାମାନଙ୍କର ଶାସନ କାଳରେ କେତୋଟି ଉଲ୍ଲେଖ-ଯୋଗ୍ୟ ଘଟଣା ଘଟିଥିଲା । ୧୨୮୧ ରେ ଅଜେୟ Kublai Khanଙ୍କ ନେତୃତ୍ୱରେ ପରିଚାଳିତ Mongol ଆକ୍ରମଣକାରୀ ପରାଜିତ ହୋଇଥିଲେ, Hojo ବଂଶର ଅଧଃପତନ ସଙ୍ଗେ Kamakura ର ଧ୍ୱଂସ ସାଧିତ ହୋଇଥିଲା, ୧୫୪୨ ରେ ୟୁରୋପୀୟମାନେ ଏ ଦେଶକୁ ପ୍ରଥମେ ଆସିଥିଲେ, ଫଳରେ ବିଦେଶ ବାଣିଜ୍ୟ ଏବଂ ଖ୍ରୀଷ୍ଟଧର୍ମର ପ୍ରସାର ହୋଇଥିଲା, ୧୫୪୫ ଠାରୁ ୧୬୩୫ ପର୍ଯ୍ୟନ୍ତ ଜାପାନର ଶାସନକର୍ତ୍ତା ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ ଅତି ନିର୍ଦ୍ଦୟ ଓ ନିଷ୍ଠୁର ଭାବରେ ଦଣ୍ଡଭାଗୀ କରିଥିଲେ । Hideyoshi ୧୫୯୨-୯୮ ପର୍ଯ୍ୟନ୍ତ ବହୁଅର୍ଥ ବ୍ୟୟ କରି ଚୀନ ସାମ୍ରାଜ୍ୟ ଜୟ କରିବାର ପ୍ରଥମ ସୋପାନ ସ୍ୱରୂପ Korea ଆକ୍ରମଣ କରିଥିଲେ, ଫଳରେ ଜାପାନ



Digitized by srujanika@gmail.com

ସାମରିକ ଯଶ ଅର୍ଜ୍ଜନ କଲା, ସତ୍ୟ—କିନ୍ତୁ Korea ର ଯେଉଁ ନୈତିକ ଏବଂ ଭୌତିକ ଉଚ୍ଛେଦ ସାଧିତ ହେଲା ତହିଁରୁ ପୁନର୍ଗଠନ ଅସମ୍ଭବ ହୋଇପଡିଲା।

Iyeyasu ଙ୍କ ପ୍ରତିଷ୍ଠିତ Yedo ରାଜଧାନୀ କ୍ରମେ ସମୃଦ୍ଧିମନ୍ତ ହେଲା । ସେହି ବଂଶର Iyenitsu ନାମରେ ଜଣେ ଶାସକ ୧୬୩୬ରେ ବୈଦେଶିକ ସହବାସ ଏକାବେଳକେ ନିରୋଧ କରିଦେଲେ ଏବଂ ଦୃଢ଼ଭାବରେ ଜାତୀୟ-ବିଚ୍ଛେଦ ନୀତି ଅବଲମ୍ବନ କଲେ। ୧୮୫୩ରେ ଆମେରିକାର ଯୁଦ୍ଧ ଜାହାଜ ଘେନି Commondore peny ଆସି ଉପସ୍ଥିତ ହେଲେ, ଜାତୀୟ-ବିଚ୍ଛେଦ ନୀତିର ଉଚ୍ଛେଦ ସାଧିତ ହେଲା ଏବଂ ଦେବତା-ଶାସିତ ପୁଣ୍ୟଭୂମି ଜାପାନ ସେହି ଦିନଠାରୁ ବୈଦେଶିକ ବାଣିଜ୍ୟ ଓ ଉପନିବେଶ ନିମନ୍ତେ ମୁକ୍ତ ରହିଲା। 'Red-Head Barbarians ଇତ୍ୟାଦି ଶ୍ଳେଷୋକ୍ତି ନ ଶୁଣି ବିଦେଶାଗତମାନେ ଦଳେ ଦଳେ ଆସି ବସତି ସ୍ଥାପନ କଲେ

୧୮୬୭ରେ ସମ୍ରାଟ Meiji ସିଂହାସନ ଆରୋହଣ କରିବା ପରେ ପରେ Shogun ମାନଙ୍କର ଆଧିପତ୍ୟ ନ୍ୟୂନ ହୋଇଗଲା। ଅଭ୍ୟନ୍ତରିକ ବିରୋଧ ଯୋଗେ ଉକ୍ତ ଆଧିପତ୍ୟ କାଣ୍ଡ-ଧ୍ୱସ୍ତ ହୋଇ ସାରିଥିଲା—ଇଉରୋପୀୟ ମାନଙ୍କର ଆଗମନରେ ସେ ଆଧିପତ୍ୟ ଏକାବେଳକେ ଭାଙ୍ଗି ପଡିଲା। ପ୍ରାୟ ବର୍ଷ ୨୩୦ ଯାଏ ଜାପାନ ପୃଥିବୀର ଅନ୍ୟାନ୍ୟ ଦେଶରୁ ବିଚ୍ଛିନ୍ନ ହୋଇଥିଲା Nagasaki ଠାରେ ଯେଉଁ ଗୋଟିଏ Dutch କାରଖାନା ଥିଲା ତହିଁର ବ୍ୟବସାୟ—ସ୍ୱାଧୀନତା ଅତି ସଂକୀର୍ଣ୍ଣ ସୀମାବଦ୍ଧ ଥିଲା। ଜାପାନ ଦେବତାଙ୍କର ପୁଣ୍ୟଭୂମି, ତେଣୁ ଦେବତାଙ୍କର ସନ୍ତତିମାନେହିଁ କେବଳ ତହିଁରେ ବାସ କରିପାରନ୍ତି । ତଦାନୀନ୍ତନ Shogun ବିଶ୍ୱାସଘାତକତା ଅବଲମ୍ବନକରି ୟୁରୋପୀୟମାନଙ୍କୁ ପୁଣ୍ୟଭୂମି ଅପବିତ୍ର କରିବାକୁ ଅନୁମତି ଦେଲେ—ଜାପାନର ଲୋକେ ଏହି ଧାରଣାକୁ ଦୃଢ଼କରି ସମ୍ରାଟଙ୍କ ପକ୍ଷନେଲେ, Shogun ଙ୍କର ସାମରିକ ଶକ୍ତି ସେତେବେଳକୁ ଯେ କ୍ଷୟପ୍ରାପ୍ତ ଏବଂ ୟୁରୋପୀୟମାନଙ୍କୁ ନିରୋଧ କରିବାକୁ ଯେ ସେ ଅକ୍ଷମ—ଏ ସତ୍ୟକଥା କେହି ବୁଝିଲେନାହିଁ।

ସୁଦୀର୍ଘ କାଳଯାଏ ଜାପାନ ଦେଶ ଦେଶାନ୍ତରରୁ ବିଚ୍ଛିନ୍ନ ରହିଲା—ପୃଥିବୀର ଅନ୍ୟାନ୍ୟ ଦେଶମାନ ଇତ୍ୟବସରରେ ବାଣିଜ୍ୟ, ସମର ଏବଂ ବିଜ୍ଞାନ – କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧନ କରିସାରିଥିଲେ, ତେଣୁ ଯେତେବେଳେ ଆମେରିକାର ଯୁଦ୍ଧ-ପୋତ ବିଶାଳ କମାଣ-ବିଭୂଷିତ ହୋଇ Yedo ବନ୍ଦରରେ ପ୍ରବେଶକରି ଦାବୀକଲା ଯେ ଜାପାନର ବିଚ୍ଛେଦ-ନୀତି ଆଜିଠାରୁ ଶେଷହେବ ଏବଂ ଜାପାନ ପୃଥିବୀର ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗରେ ନିଜର ଆସନ ଗ୍ରହଣ କରିବ—ସେତେବେଳେ ଜାପାନର ଦ୍ୱିଶତାବ୍ଦୀପୁରାତନ ଅସ୍ତ୍ର ଶସ୍ତ୍ର ବ୍ୟଗତ ଶତ୍ରୁକୁ ନିରୋଧ କରିବାର ଗତ୍ୟନ୍ତର ନାହିଁ, ଜାପାନର ଆଉ ବିଗ୍ରହ କରିବାର ସ୍ୱାଧୀନତା ବା ଅବସରନଥିଲା—ସମ୍ମତ ହେବାକୁ ପଡିଲା । କିନ୍ତୁ ସେ Shogun ଯାହାର ଅନଭିଜ୍ଞ ନୀତିରୁ ଏପରି ଫଳିଲା—ଏ ଦଣ୍ଡ ଏଡାଇ ପାରିଲାନାହିଁ, ଜାପାନର ସମ୍ରାଟଙ୍କ ହାତକୁ ରାଜ୍ୟରଶ୍ମି ଛାଡି ଦେବାକୁ ପଡିଲା।

ଜାପାନ ବର୍ତ୍ତମାନ ନିଜର ସଭ୍ୟତା ଇତିହାସର ତୃତୀୟ ସୋପାନ ଆରୋହଣ କଲା। ପୃଥିବୀର ବରିଷ୍ଠ ଶକ୍ତି ମଧ୍ୟରେ ଏକତମରୂପେ ପରିଗଣିତ ହେବାର ପ୍ରଥମ ଅବକାଶ ଏହି ସମୟରେ ସୂଚିତ ହେଲା। Shogunର ଅଧଃପାତ ସଙ୍ଗେ ସଙ୍ଗେ ଜାପାନର ବୃତ୍ତି-ଭୋଗ-ପ୍ରଥା ତିରୋହିତ ହେଲା। ଏହି ପ୍ରଥା ଏତେଦିନଯାଏ ଜାପାନବାସିଙ୍କୁ ଲୌହ ଶୃଙ୍ଖଳରେ ଅବରୋଧକରି ରଖିଥିଲା। ବୃତ୍ତିଭୋଗୀ Baron ବା ଜମିଦାରମାନେ ସେମାନଙ୍କର ବୃତ୍ତି ପରିହାର କଲେ—ତାହା ସମ୍ରାଟଙ୍କ ନାମରେ ସେ ସବୁ ଜାତୀୟ ସଂପତ୍ତି ଭୁକ୍ତ ହେଲା, Samurai ମାନେ ସେମାନଙ୍କର ବିଶେଷ କ୍ଷମତାରୁ ବିଚ୍ୟୁତ ହୋଇ ସାଧାରଣ ଜାପାନବାସୀଙ୍କ ସହିତ ମିଶ୍ରିତ ହେଲେ, ପୁରାତନ ଚାରି ଶ୍ରେଣୀର ବିଭାଗ ଲୋପ ପାଇଲା—ସେ ସ୍ଥାନରେ ସମ୍ଭ୍ରାନ୍ତ ବଂଶଜ, ଭଦ୍ରବ୍ୟକ୍ତି ଏବଂ ସାଧାରଣ ବ୍ୟକ୍ତି ଏହି ତିନିଗୋଟି ମାତ୍ର ବିଭାଗ ରହିଲା ? ଅଧମ ଜାତିମାନଙ୍କର ଅସ୍ପୃଶ୍ୟତା ଆଉ ରହିଲାନାହିଁ—ସେମାନେ ଆଇନତଃ ସାଧାରଣ ଲୋକଶ୍ରେଣୀରେ ପରିଗଣିତ ହେଲେ । ଚକ୍ଷୁ ପଲକରେ ଜାପାନ-ସାମ୍ରାଜ୍ୟର ସମଗ୍ର ଅଧିବାସୀ

Digitized by srujanika@gmail.com

ଆଇନଚକ୍ଷୁରେ ଏକସମାନ ହୋଇଗଲେ । ସାମ୍ରାଜ୍ୟ ବା ବିରାଟର ସମସ୍ତ ନିୟୋଗ ସାମରିକ ଏବଂ ନୌଯୁଦ୍ଧ-ସଂକ୍ରାନ୍ତ ସମସ୍ତ କର୍ମ୍ମ ଜାତି ବା ଉଚ୍ଚପଦ ନିର୍ବିଶେଷରେ ସମସ୍ତଙ୍କ ପ୍ରାପ୍ୟସକ୍ଷମ ହୋଇଗଲା । ଯେତେବେଳେ ସପ୍ତମ ଶତାବ୍ଦୀରେ ଚୀନଦେଶ ସଭ୍ୟତାର ବନ୍ୟା ଜାପାନକୁ ମାଡ଼ ଆସିଲା—ସେତେବେଳେ ଜାପାନର ପ୍ରଥମ ପରିବର୍ତ୍ତନ । ଦ୍ୱାଦଶ ଶତାବ୍ଦୀପାଏ ଏହି ସଭ୍ୟତା ପ୍ରବେଶରେ ଜାତୀୟ ସର୍ବାଙ୍ଗୀନ ଉନ୍ନତି ସାଧନର ବିବିଧ ଧାରମାନ ଜଣାପଡ଼ିଗଲା । ନୂତନ ସଭ୍ୟତା ପୁରାତନ ଚୀନ ସଭ୍ୟତାକୁ ସ୍ଥାନଚ୍ୟୁତ କଲା ।

ଜାପାନ-ସାମ୍ରାଜ୍ୟ ପାଶ୍ଚାତ୍ୟ-ବିଜେତାର ପରାକ୍ରମକୁ ଶଙ୍କାକରି ସେମାନଙ୍କୁ ଘୃଣା ଓ ଅବମାନନା ଏବଂ ପରେ ଭୟ କରୁଥିଲେ ହେଲେ ସ୍ୱାଧୀନ ବାଣିଜ୍ୟ ଏବଂ ବସତି-ସ୍ଥାପନ ନିମନ୍ତେ ଅନୁମତି ଦେବାକୁ ବାଧ୍ୟହେଲା । କିଛି କାଳପରେ ପରାକ୍ରମଶାଳୀ କରଦ ରାଜ୍ୟ Satsuma ଏବଂ Choshiu ମଧ୍ୟ ଅବରୋଧ ଭିନ୍ନ ହୋଇ ବିଦେଶୀର ଦାବୀରେ ସ୍ୱୀକୃତ ହେଲେ ।

ଭାରତ ବିଜୟ ଏବଂ ଚୀନର ଅବମାନନାରେ ଜାପାନଦେଶ ପାଶ୍ଚାତ୍ୟର ଅସୀମ ସମର ଶକ୍ତି-ଏବଂ ଅପରିମିତ ଧନଲାଳସାର ଯଥେଷ୍ଟ ପ୍ରମାଣ ପାଇଥିଲେ । ଅତିଶୀଘ୍ର ଆତ୍ମରକ୍ଷଣକ୍ଷମ ନୋହିଲେ ତାଦୃଶ ଦୁର୍ଭାଗ୍ୟ ଯେ ନିଶ୍ଚୟ ଜାପାନକୁ ଘଟିବ ଏକଥା ଜାପାନବାସୀ ସାକ୍ଷାତ ଭାବରେ ଦେଖିପାରିଲେ ।

ସ୍ଥିର ହେଲା ପୁରାତନ ରୀତି ଓ ବ୍ୟବସ୍ଥାମାନ ପରିହାର କରିବାକୁ ହେବ ଏବଂ ପାଶ୍ଚାତ୍ୟ-ସଭ୍ୟତାର ସମସ୍ତ ଭୌତିକ ଏବଂ ଆଧ୍ୟାତ୍ମିକ ଉପାଦାନମାନ ସଦୃଶ ପଦାର୍ଥରେ ପରିଣତ କରିବାକୁ ହେବ, ତାହାହେଲେ କାଳକ୍ରମେ ଜାପାନ ପୃଥିବୀର ଶ୍ରେଷ୍ଠତମ ଜାତିର ସମାନ ହେବ ଏବଂ ପୃଥିବୀବ୍ୟାପୀ ତାର ଦୀପ୍ତି ବିକାଶିବ । ଜାପାନର ସମ୍ରାଟ କୁଳୀନମାନଙ୍କ ସମକ୍ଷରେ ଏହିପରି ଶପଥ କରିବାର ପ୍ରଥା ଅଛି ।

Shogun ମାନଙ୍କ ପରେ ଯେଉଁ ସମ୍ରାଟ ଜାପାନର ସିଂହାସନ ଅରୋହଣ କଲେ ତାଙ୍କର ବୟଃକ୍ରମ ଚତୁର୍ଦ୍ଦଶମାତ୍ର—ରାଜସଭାର ପ୍ରବୀଣ ମନ୍ତ୍ରୀଙ୍କ କରରେ ସେ ସହଜରେ ଲଇଁଗଲେ । ଏହି ମନ୍ତ୍ରୀମାନେ ଇତି ପୂର୍ବେ ସ୍ୱକୀୟ ସାହସିକତା ଏବଂ କାର୍ଯ୍ୟକ୍ଷମତା ପରିଚୟ ଦେଇଥିଲେ ସତ୍ୟ—କିନ୍ତୁ ତାଙ୍କ ମଧ୍ୟରେ ଯେଉଁ କର୍ତ୍ତବ୍ୟ ଉପସ୍ଥାପିତ ହେଲା, ତହିଁରେ ଯୋଗ୍ୟତମ ଏବଂ ଅତି ନିର୍ଭୟ ବ୍ୟକ୍ତିର ମଧ୍ୟ ସାହସ କ୍ଷୀଣ ହୋଇଯିବ ।

ନୂତନ-ପ୍ରବର୍ତ୍ତିତ ନୀତି ବିଷୟରେ ଜାପାନବାସୀ ସମସ୍ତେ ଏକମତ ବା ଏକାଗ୍ର ନୁହନ୍ତି । ଆଭ୍ୟନ୍ତରିକ ବିରୋଧ ଏବଂ ଆନ୍ତର୍ଜାତିକ ଯୁଦ୍ଧର ବହ୍ନି ସେତେବେଳକୁ ସ୍ତବ୍ଧ ଲଭିନାହିଁ । ପରବର୍ତ୍ତୀ ଦଶବର୍ଷ ମଧ୍ୟରେ ଜାପାନ ସରକାର ତିନିଗୋଟି ବିଦ୍ରୋହ ଦମନ କଲେ—ଶେଷରେ ସରକାର ନିଜର ସାମରିକ ଉପକରଣ ଏବଂ ସମସ୍ତ ଅର୍ଥ ନିୟୋଗ କରି Satsuma କରଦ ରାଜ୍ୟର ବିଦ୍ରୋହ ଦମନ କଲେ ସତ୍ୟ—କିନ୍ତୁ ସରକାର ବିଶେଷ ଭାବରେ ହୃଦୟଙ୍ଗମ କଲେ ଯେ ଆତ୍ମରକ୍ଷାର ଉପକରଣ ଯାହା ତାଙ୍କପାଖରେ ଅଛି ତାହା ଅତି ତୁଚ୍ଛ ଏବଂ ହେୟ !

ଅଳସ, ଗର୍ବୀ ଏବଂ ସ୍ୱାର୍ଥପର କୁଳୀନ ଏବଂ ପଦଦଳିତ, ଅସ୍ପୃଶ୍ୟ ସମସ୍ତଙ୍କୁ ଏକତ୍ର ସଂଯୋଜନା କରି ଗୋଟାଏ କାର୍ଯ୍ୟକ୍ଷମ ସମଷ୍ଟିର ସୃଷ୍ଟି କରିବାକୁ ହେଲା । ଅସ୍ପୃଶ୍ୟର ସ୍ଥାନ ଉନ୍ନୀତକରି ଶକ୍ତିଶାଳୀ ଜାତିରେ ଏକତମ ହେବାର ଯୋଗ୍ୟ କରିବାକୁ ହେଲା ଏବଂ କୁଳୀନମାନଙ୍କୁ ଶିଖାଇବାକୁ ପଡ଼ିଲା ଯେ ସେମାନେ ଜୀବନର ରକ୍ଷାପାଇଁ ପରିଶ୍ରମ କରିବା ଆବଶ୍ୟକ—ଏବଂ ଦୁଇଶ୍ରେଣୀଙ୍କ ଭିତରେ ଆଧୁନିକ ବିଜ୍ଞାନ ଏବଂ ସେମାନଙ୍କ ଅଜ୍ଞାତ ପ୍ରୟୋଜନୀୟ ପଦାର୍ଥମାନଙ୍କ ବିଷୟରେ ସମ୍ୟକ୍‌ଜ୍ଞାନ ରୋପଣ କରିବାକୁ ପଡ଼ିଲା । ସେତେବେଳକୁ ରାଜକୋଷ ଶୂନ୍ୟ, ଲୋକେ କେହି ରାଜସ୍ୱ ଦେଉନଥିଲେ । ଜାତୀୟ ପ୍ରଚଳିତ ମୁଦ୍ରା ମହାବିଶୃଙ୍ଖଳା ଉପସ୍ଥିତ-ଅଳ୍ପମୂଲ୍ୟର ଧାତୁମୁଦ୍ରା ବା କାଗଜର ପ୍ରଚଳନ ହେଉଥାଏ । ସୈନ୍ୟ, ସାମନ୍ତ, ଯୁଦ୍ଧ-ପୋତ ବାଣିଜ୍ୟ-ପୋତ କିଛି ନଥାଏ । ରେଲପଥ, ଡାକ କିମ୍ବା ତାର-ସମ୍ବାଦ

Digitized by srujanika@gmail.com

ନଥାଏ । ଜାପାନୀୟ ବ୍ୟବସାୟ ଗୃହର ସଂକୀର୍ଣ୍ଣତାରେ ସୀମାବଦ୍ଧ—ଏବଂ ବ୍ୟକ୍ତିଗତ ଗୃହସ୍ଥଳୀର ଆବଶ୍ୟକ ବ୍ୟତୀତ ଅନ୍ୟ କିଛି ଉତ୍ପାଦନ କରିବାରେ ଅନଭ୍ୟସ୍ତ ଥିବାରୁ ଏକପ୍ରକାର ଅକ୍ଷମ । ଆଭ୍ୟନ୍ତରିକ ବନ୍ଧନ ଆଦି କାର୍ଯ୍ୟ ବ୍ୟୟ ସମୟ ଏବଂ ବିପଦ ସାପେକ୍ଷ ହେଲେ ମଧ୍ୟ ଘୋଡ଼ା ଦ୍ୱାରା ସଂପାଦିତ ହେଉଥାଏ । Shogun ଶାସନର ଶେଷ ଅବଧିକୁ ଗୋଟିଏ ବିଦେଶୀ ବାଣିଜ୍ୟର ଆରମ୍ଭ ହୋଇଥାଏ, ତାହାର ସମଗ୍ର ଉପକରଣର ଆନୁମାନିକ ମୂଲ୍ୟ ଏକକୋଟି ପାଉଣ୍ଡ ହେବ — କିନ୍ତୁ ତହିଁରେ ଏତେ ପ୍ରତିବନ୍ଧକ ପରିଦୃଷ୍ଟ ହେଉଥାଏ ଯେ ଭବିଷ୍ୟତର ବିଶେଷ ଆଶା ନଥାଏ । ଲୋକଙ୍କର ଅଧିନାୟକରୂପେ ଯେ ସମ୍ରାଟ ବା ସଭାସଦ ପ୍ରତିଷ୍ଠିତ ସେମାନଙ୍କର କାହାରି ବୈଦେଶିକ ବହୁଦର୍ଶିତା ନଥାଏ । ଆନ୍ତର୍ଜାତିକ ଆଇନ ବା ବାଣିଜ୍ୟାଦି ସେମାନଙ୍କୁ ଅଜ୍ଞାତ—ସେମାନଙ୍କ ବୁଦ୍ଧିବୃତ୍ତି ଓ ଦୂରଦର୍ଶିତା ଜାପାନର ଚତୁଃସୀମାରେ ଆବଦ୍ଧ ସେମାନଙ୍କୁ ବର୍ତ୍ତମାନ ଗୁରୁତର ଆନ୍ତର୍ଜାତିକ ସମସ୍ୟାମାନ ସମାଧା କରିବାକୁ ପଡ଼ିଲା ।

ଦେଶର ରାଜନୀତିଜ୍ଞମାନଙ୍କର ଏଥି ଗୁରୁତର କର୍ତ୍ତବ୍ୟ ସମ୍ମୁଖୀନ ହେବାର ଇତିହାସରେ ଉଲ୍ଲେଖ ନାହିଁ, କେହି କେବେ ଏପରି ଗୁରୁତର କର୍ତ୍ତବ୍ୟରେ ହସ୍ତକ୍ଷେପ କରିବାକୁ ଜାପାନୀମାନଙ୍କଠାରୁ ଅଧିକ ସାହସ ବାନ୍ଧିନାହିଁ ଏବଂ ପୃଥିବୀରେ କେହି କେବେ ଏତେ ଦୁଃସାହସ କରି ସଫଳକାମ ହୋଇନାହିଁ । ଏ କ୍ଷୁଦ୍ର ପ୍ରବନ୍ଧରେ ତହିଁରେ କ୍ରମିକ ଉନ୍ନତି ଦେଖାଇବା ଅସମ୍ଭବ, ତେବେ ଏତିକି ବୋଲି ଯାଇପାରେ ଯେ ଏହି ଉନ୍ନତିମାର୍ଗ ଜାପାନ ପକ୍ଷରେ ବିଶେଷ ସୁଗମ ଓ ସୁଚିକ୍କଣ ହୋଇନାହିଁ । ଦୂର ପ୍ରାଚ୍ୟଭୂମିରେ ଯେ ଗୋଟିଏ ନବୀନ ଶକ୍ତିର ଅଭ୍ୟୁତ୍ଥାନ ହେଉଅଛି ଏହି କଥା ଉପଲବ୍ଧି କରାଇବା ନିମନ୍ତେ ୟୁରୋପୀୟ ଶକ୍ତିମାନଙ୍କୁ ଅନେକ ହେନାଇବାକୁ ପଡ଼ିଲା । ଜାପାନ ପାଶ୍ଚାତ୍ୟ-ସଭ୍ୟତାର ଶିକ୍ଷଣୀୟ ବିଷୟମାନ ଅତିଶୀଘ୍ର ସୁନିଶ୍ଚିତ ଭାବରେ ଶିକ୍ଷିଲା ଏବଂ ନିଜର ବୁଦ୍ଧି ପ୍ରୟୋଗକରି ତହିଁର ଉତ୍କର୍ଷ ସାଧନ କଲା ସତ୍ୟ — କିନ୍ତୁ ସେ ଶିକ୍ଷା ପାଇବା ପାଇଁ ତାକୁ ଗୁରୁତର ପାରିଶ୍ରମିକ ଦେବାକୁ ହେଲା ।

ଶିକ୍ଷାଦାତାମାନେ ଜାପାନରୁ ପ୍ରଭୂତ ଅର୍ଥ ଶୋଷଣ କଲେ ସତ୍ୟ— କିନ୍ତୁ ଯାହା ଶିଖାଇଦେଇଗଲେ ତହିଁରେ ଜାପାନର ଆଧୁନିକ ସମୃଦ୍ଧିର ମୂଳଭିତ୍ତି ଗଠିତ ହୋଇଗଲା । ଜାପାନବାସୀ ମଧ୍ୟ ବିଚକ୍ଷଣ ଭାବରେ ପ୍ରାପ୍ତ ଶିକ୍ଷାକୁ କାର୍ଯ୍ୟରେ ଲଗାଇଲେ ଏବଂ ସେହି ଫଳରେ ଆଧୁନିକ ଜାପାନର ମହାଶକ୍ତି ସୃଷ୍ଟିହେଲା । ପଚିଶବର୍ଷ ତଳେ ଜାପାନର ଅବସ୍ଥା ବୋଲିଯାଇଛି — ଆଧୁନିକ ଜାପାନ ଆଜିକୁ ସ୍ୱହିଁ ଦେଖାଯାଉ ।

ପ୍ରତ୍ୟେକ ଜାପାନୀ ପ୍ରାଣରେ ସ୍ୱଦେଶ-ଭକ୍ତି ବଦ୍ଧମୂଳ । ଜାପାନର ଏକ ସୀମାରୁ ଅନ୍ୟ ସୀମାଯାଏ ସମସ୍ତେ ଦେଶର କାର୍ଯ୍ୟରେ ତତ୍ପର ଏବଂ ଏକମନ । ସେମାନେ ନିଜର ସମ୍ରାଟଙ୍କ ପ୍ରତି ସର୍ବଦା ଶ୍ରଦ୍ଧାବାନ୍ । ପୁରୁଷ, ସ୍ତ୍ରୀ, ବାଳକ, ବାଳିକା ନିର୍ବିଶେଷରେ ସମସ୍ତଙ୍କର ବଦ୍ଧମୂଳ ଧାରଣା ଯେ ସ୍ୱଦେଶ ପାଇଁ ଜୀବନ ଦେବାଠାରୁ ଗୌରବାବହ ଏ ମର୍ତ୍ତ୍ୟରେ ଆଉ କିଛି ନାହିଁ ।

ଜାପାନର ପ୍ରତ୍ୟେକ ଲୋକ ନିଜର ସ୍ୱାଧୀନତା, ବ୍ୟକ୍ତିତ୍ୱ ଏବଂ ରାଜନୈତିକ ଅଧିକାର ବିଶଦରୂପରେ ହୃଦୟଙ୍ଗମ କରିଅଛନ୍ତି— ଶ୍ରମଜୀବୀମାନେ ମଧ୍ୟ ନିଜର ଅଧିକାର ଉପସ୍ଥାପିତ କରିବା ବିଷୟରେ ପଶ୍ଚାତ୍‌ପଦ ନୁହନ୍ତି ।

ଜାପାନ ପୂର୍ଣ୍ଣ-ସ୍ୱାଧୀନ ସ୍ୱାୟତ୍ତ-ଶାସନ ଭୋଗକରୁଛି, ତେଣୁ ସେ ସର୍ବସମ୍ମତିକ୍ରମେ ପୃଥିବୀର ସମସ୍ତ ଖ୍ରୀଷ୍ଟିୟାନ ଶକ୍ତିମାନଙ୍କ ସଙ୍ଗରେ ସମକକ୍ଷ ଏବଂ ସମ-ଆସନ-ଯୋଗ୍ୟ ପୃଥିବୀର ଇତିହାସ ସମୀକ୍ଷଣ କଲେ ଅନ୍ୟ କୌଣସି ଅଖ୍ରୀଷ୍ଟ ଶକ୍ତି ଏପରି ଉନ୍ନତ ସ୍ଥାନ କେବେ ହେଲେ ପାଇନାହିଁ । ଜପାନର ବାର୍ଷିକ ରାଜସ୍ୱ ୧୩ କୋଟି ୫୦ ଲକ୍ଷ ପାଉଣ୍ଡ—ଜାପାନବାସୀ ଅମ୍ଳାନ ବଦନରେ ବେଶିକରି ଦେଇଥାଏ । ବିଦେଶ ବାଣିଜ୍ୟରୁ ଜାପାନ ୪୩ କୋଟି ପାଉଣ୍ଡ ପାଏ ଏବଂ ସମଗ୍ର ପୃଥିବୀର ବାଣିଜ୍ୟରେ ସେ ଇଂଲଣ୍ଡ, ଜରମ୍ୟାନି ଏବଂ ଆମେରିକା ସଙ୍ଗରେ ସମାନ ପ୍ରତିଯୋଗୀ ବୋଲି ବିବେଚିତ ହୁଏ ।

Digitized by srujanika@gmail.com

ଜାପାନର ଜାତୀୟ ଋଣ ପ୍ରାୟ ୨୮ କୋଟି ପାଉଣ୍ଡ ହେଲେ ମଧ୍ୟ ଉକ୍ତ ଋଣକୁ ଶୁଝାଇବାକୁ ଜାପାନ ଅନେକ ସ୍ୱର୍ଣ୍ଣ ଏବଂ ମୂଲ୍ୟବାନ୍ ଦ୍ରବ୍ୟମାନ ସଂଚୟ କରଛି । ଦିନେ ଇଂଲଣ୍ଡ ଜାପାନକୁ ଅଧମର୍ଣ୍ଣ କରିବାକୁ ଇଚ୍ଛା ପ୍ରକାଶ କରୁଥିଲା—ଜାପାନର ଆର୍ଥିକ ଅବସ୍ଥା ଏଡ଼େ ବିଶୃଙ୍ଖଳ ଥିଲା—ବର୍ତ୍ତମାନ ଜାପାନ ଇଂଲଣ୍ଡକୁ ପ୍ରଭୂତ ଅର୍ଥ ଦେଇ ଅଧମର୍ଣ୍ଣ ସୂତ୍ରରେ ଆବଦ୍ଧ କରଛି । ଜାପାନର ବାହିନୀ ସଂଖ୍ୟା ପ୍ରାୟ ୫୦ ଲକ୍ଷ । ଏ ଦିଗରେ କ୍ରମେ ଉନ୍ନତି ଲାଗି ରହିଛି । ଅଳ୍ପକାଳପରେ ଜାପାନ ଆଶା କରେ ଯେ ତା'ର ବାହିନୀ ସୁଶିକ୍ଷିତ ଚାରକୋଟି ସୈନ୍ୟରେ ପରିଗଣିତ ହେବ (ପୃଥିବୀର ଅନ୍ୟ କୌଣସି ଜାତିର ସୈନ୍ୟ ସଂଖ୍ୟା ଏଠୁ ବେଶି ନୁହେଁ) । ଜାପାନୀ ସୈନ୍ୟମାନଙ୍କର କାର୍ଯ୍ୟକ୍ଷମତା ଚୀନ-ଯୁଦ୍ଧ ଏବଂ ଋଷ-ଯୁଦ୍ଧରେ ପରୀକ୍ଷିତ ହୋଇସାରିଛି । ସେମାନେ ସ୍ଥଳ ଏବଂ ଜଳଯୁଦ୍ଧରେ ସବୁ ସମୟରେ ଜୟୀ ହୋଇଅଛନ୍ତି ।

ଜାପାନର ନୌ-ସେନା ସେହିପରି ବିରାଟ ଏବଂ ପରାକ୍ରାନ୍ତ । washington Pact ଅନୁସରଣରେ ଜାପାନ ତା'ର ନୌ-ସେନା ସ୍ୱାଧୀନଭାବରେ ବଢ଼ାଇପାରୁନାହିଁ ସତ୍ୟ—କିନ୍ତୁ ବର୍ତ୍ତମାନ ତା'ର ଯାହା ଅଛି ତହିଁରେ ସେ ପୃଥିବୀର ଶ୍ରେଷ୍ଠ ନୌ-ସେନା ବିଶାରଦମାନଙ୍କର ସମକକ୍ଷ ।

ପୃଥିବୀର ସବୁ ବନ୍ଦରମାନଙ୍କରେ ଜାପାନୀ ବାଣିଜ୍ୟ-ପୋତର ପତାକା ଉଡ୍ଡୀନ । ସବୁ ପୋତଗୁଡ଼ିକ ଆଧୁନିକ ଧରଣର । ଜାପାନ ରେଲପଥରେ ପୂର୍ଣ୍ଣ ଏବଂ ଅନେକ ସ୍ଥାନରେ ବାଷ୍ପୀୟ-ପୋତର ଗମନାଗମନ ଅଛି । ଜାପାନର ବିଶାଳ କଳକାରଖାନାମାନ, ଆଧୁନିକ କଳ ଇତ୍ୟାଦିରେ ସଂପୂର୍ଣ୍ଣ । ପଥର କୋଇଲା ପ୍ରଭୃତି ପରିମାଣରେ ମିଳେ—ଜଳର ସୁବିଧା ଥିବାରୁ କଳକାରଖାନାମାନଙ୍କରେ ବୈଦ୍ୟୁତିକ ଶକ୍ତି ନିୟୋଗ କରିବା ମଧ୍ୟ ଅଳ୍ପ-ବ୍ୟୟ-ସାଧ୍ୟ । ଆବଶ୍ୟକ ଅନୁସାରେ ଭିନ୍ନ ସ୍ଥାନରେ ବିଶ୍ୱବିଦ୍ୟାଳୟ, ସ୍କୁଲ, ଚିକିତ୍ସାଳୟ ଏବଂ ବନ୍ଦୀଶାଳାର ବ୍ୟବସ୍ଥା କରାଯାଇଅଛି ।

ଜାପାନର ଶିକ୍ଷାଦାନ-ପ୍ରଣାଳୀ ଯେପରି ବ୍ୟାପକ ସେହିପରି ସଂପୂର୍ଣ୍ଣ । ଜାପାନୀମାନଙ୍କର ଧାରଣା ଯେ ଯେ କୌଣସି ନର-ନାରୀର ଶିକ୍ଷା ସଂପୂର୍ଣ୍ଣ ଓ ସର୍ବବ୍ୟାପକ ନ ହେଲେ ତା'ର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ । ବନ୍ଦୀଶାଳାମାନଙ୍କରେ ଦୟା ଗୋଟିଏ ପ୍ରଧାନ ବିବେଚନା । ଦୟା ପ୍ରଦର୍ଶାଇଲେ ବନ୍ଦୀର ଚରିତ୍ର ଉନ୍ନୀତ ହୁଏ—ଅଧଃଗମନର ପଥ ନିରୋଧ ହୁଏ, ଏହି ଆଦର୍ଶ ଅନୁସରଣରେ ଏବଂ ଅନ୍ୟାନ୍ୟ ହିତକର କାର୍ଯ୍ୟମାନଙ୍କରେ ଜାପାନ ଅନ୍ୟାନ୍ୟ ଜାତିର ଉଦାହରଣ ସ୍ୱରୂପ । ଊନବିଂଶ ଶତାବ୍ଦୀର ଅର୍ଦ୍ଧଭାଗରେ ଜାପାନ ଗୋଟିଏ ସାଧାରଣ ନଗଣ୍ୟ, ଦୁର୍ବଳ ଦେଶ ଥିଲା—ୟୁରୋପୀୟ ଶକ୍ତିମାନେ ଜାପାନକୁ ଅନିର୍ଦ୍ଦିଷ୍ଟ ଭୌଗୋଳିକପଦ ବୋଲି ଜ୍ଞାନ କରୁଥିଲେ । ବର୍ତ୍ତମାନ ନିଃସନ୍ଦେହ ଭାବରେ ପୃଥିବୀରେ ସେ ଗୋଟିଏ ବିଶାଳ ସାମରିକ ଏବଂ ବାଣିଜ୍ୟ-ଶକ୍ତି ବସ୍ତୁତଃ ପୃଥିବୀର ସର୍ବଶ୍ରେଷ୍ଠ ତିନିଗୋଟି ଶକ୍ତି ମଧ୍ୟରେ ଜାପାନ ନିଜର ସ୍ଥାନ ସୁନିଶ୍ଚିତ କରିନେଇଛି । ଆଜି ଆନ୍ତର୍ଜାତିକ ମହାସଭାରେ ଜାପାନର କଥା ଲୋକେ ମନଦେଇ ଶୁଣନ୍ତି ଏବଂ ଜାପାନର ପ୍ରଭାବ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରନ୍ତି । ଆଜି ଜାପାନର ସଦ୍ଭାବ ଅର୍ଜ୍ଜନ କରିବାନିମିତ୍ତ ଦେଶ-ଦେଶାନ୍ତର ଉଦ୍‌ଗ୍ରୀବ ।

ଚୀନ ଯୁଦ୍ଧରେ ଜାପାନ Formosa ଅଧିକାର କରେ । ଋଷଯୁଦ୍ଧରେ Sakhalien ଏବଂ Lian-tung ଏବଂ ବସ୍ତୁତଃ Korea ସମସ୍ତ ସାମ୍ରାଜ୍ୟ ତା'ର ହସ୍ତଗତ ହୁଏ । ପୃଥିବୀବ୍ୟାପୀ ମହାସମରରେ ଜାପାନ ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜ ଜର୍ମ୍ମାନମାନ କବଳରୁ ଉଦ୍ଧାର କରିଅଛି । ଜାପାନ ନିଜ ଚେଷ୍ଟାରେ ଏବଂ କୌଶଳରେ Manchuria ଏବଂ Mongolia ମୁଷ୍ଟିଗତ କରିଛି ।

ପୃଥିବୀର କେଉଁ ଶକ୍ତି ତାକୁ ତାର ଅଧିକାରରୁ ବଞ୍ଚିତ କରିବାକୁ ସାହସ କରିବ—ଏସିଆ ମହାଦେଶ ଆଡ଼କୁ ତାହାର ସ୍ଥିର ନିଶ୍ଚିତ ଅଗ୍ରସର କିଏ ନିରୋଧ କରିବ ? କିଏ କହିପାରେ ଜାପାନର ବହୁଦିନର ସ୍ୱପ୍ନ Hideyoshi ଙ୍କର ଚୀନଦେଶ ଅଧିକାର କରିବାର ବହୁ ପ୍ରାଚୀନ ଆକାଂକ୍ଷା ଦିନେ ସତ୍ୟରେ ପରିଣତ ନ ହେବ ?

ପଚାଶବର୍ଷ ମଧ୍ୟରେ ଜାପାନର ଏ ସମସ୍ତ ପରିବର୍ତ୍ତନ ସଂଘଟିତ ହୋଇଛି । ସମ୍ରାଟ Meiji ଙ୍କ ଶାସନ କାଳରେ

Digitized by srujanika@gmail.com

ଜାପାନ ଏତେଦୂର ଅଗ୍ରସର ହୋଇଛି । ଉକ୍ତ ସମ୍ରାଟ ୧୯୧୨ ଖ୍ରୀଷ୍ଟାବ୍ଦରେ ପରଲୋକଗମନ କଲେ ।

Meiji ଙ୍କ ପରେ ତାଙ୍କର ଏକମାତ୍ର ପୁତ୍ର Prince Yoshihito ସିଂହାସନ ଅଧିରୋହଣ କଲେ । Jimmu ୨୫୦୦ ବର୍ଷ ପୂର୍ବେ ଜାପାନ ଶାସନ କରୁଥିଲେ । ବର୍ତ୍ତମାନ ସମ୍ରାଟ ତାଙ୍କର ସନ୍ତତି ଦୁଇଜଣଙ୍କ ମଧ୍ୟରେ ୧୨୧ଗୋଟି ବଂଶର ପ୍ରଭେଦ । ଆଧୁନିକ ସମ୍ରାଟ ତାଙ୍କର ପିତାଙ୍କର ପଦାଙ୍କାନୁସରଣ କରି ଅଗ୍ରସର ହେଉଅଛନ୍ତି ଏବଂ ଦେଶବାସିଙ୍କୁ ଭୌତିକ ଏବଂ ନୈତିକ କ୍ଷେତ୍ରରେ ଅଗ୍ରସର ହେବାରେ ଯଥେଷ୍ଟ ଉତ୍ସାହ ଦେଉଅଛନ୍ତି ।

ଜାପାନର ରାଜପରିବାର ପୃଥିବୀର ଅନ୍ୟ ସମସ୍ତ ରାଜପରିବାରଠାରୁ ପ୍ରାଚୀନତର । ସେମାନେ ମଧ୍ୟ ଅନ୍ୟାନ୍ୟ ରାଜପରିବାରଙ୍କ ତୁଳନାରେ ଯଥେଷ୍ଟ ସମୃଦ୍ଧି-ସଂପନ୍ନ । ରାଜ ପରିବାରର ସ୍ୱତନ୍ତ୍ର ସମ୍ପତ୍ତିରୁ ବାର୍ଷିକ ୫ କୋଟି ପାଉଣ୍ଡ ରାଜସ୍ୱ ଲଭ୍ୟ ହୁଏ । ଏହି ବଂଶର ସନ୍ତତି ଜାପାନର ସମ୍ରାଟ ସାହସୀ, ଅଧ୍ୟବସାୟୀ, ସମୃଦ୍ଧି-ମନ୍ତ, ଏବଂ ଉଚ୍ଚାଭିଳାଷୀ ୫୬ କୋଟି ଜାପାନବାସୀ ଏବଂ ଅନ୍ୟାନ୍ୟ ଉପନିବେଶମାନଙ୍କରେ ପ୍ରାୟ ୨୦ କୋଟି ଲୋକଙ୍କର ହର୍ତ୍ତା କର୍ତ୍ତା ।

ଜାପାନ ସବୁ ବିଷୟରେ ଶକ୍ତି, ସାମର୍ଥ୍ୟ, ସମୃଦ୍ଧି, ଐଶ୍ୱର୍ଯ୍ୟ, ସମ୍ମାନ ଓ ଗୌରବରେ ପୂର୍ବ ଗୋଲାର୍ଦ୍ଧରେ ଅଦ୍ୱିତୀୟ ଓ ଆଦର୍ଶ ସ୍ଥାନୀୟ । ଅତି ପ୍ରାଚୀନକାଳରୁ— ଖ୍ରୀଷ୍ଟପୂର୍ବ ୬୦୦ ଶତାବ୍ଦୀରୁ ସେ ତା'ର ଟେକ, ତା'ର ସ୍ୱାଧୀନତା, ତା'ର ସମୃଦ୍ଧି ଅକ୍ଷୁଣ୍ଣ ରଖିଛି । ଶତ୍ରୁର କବଳକୁ ସେ ଅନାୟାସରେ ଏଡ଼ାଇ ଯାଇଛି—

ଜାପାନର ଅଖଣ୍ଡ ସୌଭାଗ୍ୟ ଦେଖି କିଏ ବିଶ୍ୱାସ ନ କରିବ ଯେ ଜାପାନ ଦେବତାଙ୍କର ପୁଣ୍ୟଭୂମି ସୂର୍ଯ୍ୟଙ୍କର ପୌତ୍ର ସ୍ୱର୍ଗରୁ ଆସି ପ୍ରଥମେ ଜାପାନର ସମ୍ରାଟ୍ ହୋଇ, ତାଙ୍କର ଅସୀମ ଶକ୍ତି—ଅମିତ ପ୍ରତିଭା ଓ ନୈସର୍ଗିକ ରୂପ ବଂଶ ପରମ୍ପରା ବର ଦେଇଯାଇଅଛନ୍ତି ! କିଏ ବିଶ୍ୱାସ ନ କରିବ ଯେ ଯେଉଁ ସୂର୍ଯ୍ୟରଶ୍ମି ପୃଥିବୀସାରା ଉର୍ବରତା ଓ ଚୈତନ୍ୟ ବାଣ୍ଟିଦେଇ ଯାଉଛି ସେଇ ଖର ପ୍ରସନ୍ନ କିରଣ ପକ୍ଷପାତୀ ଭାବରେ ପକ୍ଷପାତୀ ହୋଇ ନିଜର ବଂଶଜମାନଙ୍କ ଧମନୀରେ ଅନନ୍ତ ଶକ୍ତି, ମୁଖ ମଣ୍ଡଳରେ ଅତୁଳ ତେଜ ଫୁଟାଇ ନ ଦେଉଛି !

---

## ଶେଷ ଆଶ୍ରୟ

( ସତ୍ୟମୂଳକ କ୍ଷୁଦ୍ରଗଳ୍ପ )

ଶ୍ରୀ ଶରତ୍‌ଚନ୍ଦ୍ର ମୁଖୋପାଧ୍ୟାୟ

ଦଶବର୍ଷ ପୂର୍ବର କଥା । ମୁଁ ସେଥର କାକଟପୁର ଅଞ୍ଚଳରେ ରିଲିଫ୍ ଅଫିସର୍ ଥାଏଁ । ଦୁର୍ଭିକ୍ଷ ହାଉରେ ଅନେକଙ୍କ ଦେହରେ ଖାଲି ହାଡ ରହିଥିଲା—ମୁଠିଏ ମୁଠିଏ ଚାଉଳ ଦେଇ ସେ ହାଡରେ ମାଉଁସ ଲଗାଇବାର ଭାର ଥାଏ ମୋ ଉପରେ । ସାରାଦିନ ଖରାରେ ତରାରେ ଏଗାଁ ସେଗାଁ ବୁଲି ସଞ୍ଜବେଳକୁ ଥକାହୋଇ ଗୋଟାଏ ଗାଁରେ ପହଞ୍ଚିଗଲି—ସେ ଗାଁରେ ସାହାଯ୍ୟ ପାଉଥିବା ଲୋକଙ୍କୁ ଦେଖିବାଲାଗି । ଗାଁଟା ନାଁ ମନେନାହିଁ, ତେବେ ଦୁର୍ଭିକ୍ଷ କୃପାରୁ ସେଥର ଗାଁର ରୂପ ଯା ହୋଇଥିଲା, ତାହା ମୁଁ କଦାପି ଭୁଲିବିନାହିଁ । ଅନ୍ନାଭାବ ସାଥିରେ ବସନ୍ତ ଓ କଲେରା ଲୋକଙ୍କର ସଂସାର-ଯାତନା ଲାଘବ କରିନେଉଥାଏ । ଗାଁ ବାଟରେ ଦିନ ଦିପହରେ ବିଲୁଆ ପଲପଲ ।

ଚୌକିଦାରର ଡାକ ଶୁଣି କେତୋଟି ଚଳନ୍ତ କଙ୍କାଳ ମୋ ନିକଟକୁ ଆସିଲେ । ସେଥିମଧ୍ୟରେ ଗୋଟିଏ ସାନଝିଅ ଥିଲା—ବୟସ ସାତ କିମ୍ବା ଆଠ । ଶୀର ପଞ୍ଜ-

Digitized by srujanika@gmail.com

ବର୍ଷ ପୂର୍ବେ ଭଗବାନ ମୋ କୋଳରୁ ଏମିତି ଗୋଟିଏ ସାନଝିଅକୁ ଚିରକାଳ ପାଇଁ ଛଡ଼ାଇ ନେଇଥିଲେ । ସେ ଝିଅଟିକୁ ଦେଖି ମୋର ନିଜ ଝିଅଟି କଥା ମନେ ପଡ଼ିଲା । ମୁଁ ସସ୍ନେହରେ ତା'ମୁଣ୍ଡରେ ହାତ ବୁଲାଇ ପଚାରିଲି "ଆଜି ସକାଳେ କଣ ଖାଇଛୁ ?" ମୋର ବେଶଭୂଷା ଦେଖି ସେ ପ୍ରଥମେ ଭୀତ ହୋଇଥିଲା, ମୋର କଅଁଳ କଥାରେ ନିର୍ଭୟ ହୋଇ କହିଲା । "ଜାଉ" ମୁଁ ପଚାରିଲି କାହିଁକି ? ଜାଉ କାହିଁକି ଖାଇଲୁ ? ଭାତ ଖାଇନଉଁ ? "ବାଳିକା କାନ୍ଦପକାଇ କହିଲା 'ଭାତ କିଏ ଆଣିଦବ ?'" ମୁଁ ପରେ ବୁଝିଲି ବାଳିକାଟିର କେହିନାହିଁ—ସେ ଦୁର୍ଭିକ୍ଷ ସାହାଯ୍ୟରୂପେ ଯେଉଁ ଚାଉଳ ଆଣେ, ତାହା ଏକ ପଡ଼ୋଶୀ ଘରେ ଦେଇ ବିନିମୟରେ ପ୍ରତିଦିନ ସାମାନ୍ୟ ଟିକିଏ ଜାଉ ପାଏ ।

ଗାଁର ଜଣେ ମୁଖିଆ ଲୋକ ପାଖରେ ଛିଡ଼ା ହୋଇ-ଥିଲା—ଦୁର୍ଭିକ୍ଷ ସତ୍ତ୍ୱେ ତାଙ୍କ ଦେହ ବେଶ୍ ଚକ୍କଣ–ଗ୍ଳକ୍ଷଣ । ପରେ ଶୁଣିଲି ସେ ଗ୍ରାମର ମହାଜନ । ସ୍ୱତଃ-ପ୍ରବୃତ୍ତ ହୋଇ ବାଳିକାଟିର ସବିଶେଷ ବୃତ୍ତାନ୍ତ ସେ ମୋତେ କହିବାକୁ ଲାଗିଲେ —

"ଏ ଝିଅଟି ନାଁ ରୂପା । ଯାର ବାପ ମା ଦୁହେଁଯାକ ପାଞ୍ଚବର୍ଷତଳେ ହଇଜାରେ ମରିଗଲେ । ବାକି ଥିଲା ଗୋଟିଏ ଭଉଣୀ—ତା ନାଁ ସୁନା । ବାପ ମା ମଲାବେଳକୁ ସୁନାର ବୟସ ବାର ତେର ବର୍ଷ ହୋଇଥିଲା । ସେ ଗୋବର ସାଉଁଟି ପତର ଗୋଟେଇ ଯାହାଘରେ ପାଇଟି କରି ତାଘରେ ପାଇଟିକରି ରୂପାକୁ ଖୁଆଏ ପିଆଏ, ଆପେ ଖାଏ । ହ' ତିନିବର୍ଷ ତଳେ ଯେତେବେଳେ ଦୁର୍ଭିକ୍ଷ ହେଲା, ସେତେ-ବେଳେ କାମପାଇଟି କିଛି ମିଳିଲାନାହିଁ—ଖାଇବା ବିନା ରୂପା ଶୁଖିଗଲା—ଚଢ଼େଇଭଳି ଚିଁ ଚିଁ ହଉଥାଏ—ଆଜି ମରିବ କି କାଲି ମରିବ ?"

"ମୁଁ ଅସହିଷ୍ଣୁ ହୋଇ ପଚାରିଲି । ସେତେବେଳେ ସୁନା କେଉଁଠି ଥିଲା ?"

ମହାଜନ କପାଳରେ ହାତମାରି କହିଲେ "କ'ଣ କହିବି—ସେ ଚଣ୍ଡାଳୀଟା କଥା, ହଜୁର ! କେତେ ଲୋକତ ଦୁର୍ଭିକ୍ଷରେ ମରୁଅଛନ୍ତି—ନ ହୁଏ ରୂପା ମରିଥାନ୍ତା । ଆମେ ସବୁ କେତେ ବୁଝେଇଲୁ । କେତେ ମନାକଲୁ । ସୁନା କାହାରି କଥା ମାନିଲାନାହିଁ । ଭୁଆସୁଣୀ ଟୋକୀଟା—କୁଳଛାଡ଼ି ବାହାରିଗଲା । ଆରଗାଁ ସାନ୍ତରଘରେ ଗାଈ ଜଗିବାକୁ । ଗାଈଜଗି ଯେଉଁ ଚାଉଳ ଗଣ୍ଡାକ ପାଇଲା; ତାକୁ ଫୁଟେଇ ଖାଇ ହ' ପ୍ରାଣୀ ବଞ୍ଚିଲେ । ସୁନାପ୍ରତି ଶ୍ରଦ୍ଧାରେ ମୋର ହୃଦୟ ପୂର୍ଣ୍ଣହୋଇ ଆସୁଥିଲା—କିନ୍ତୁ ମହାଜନ ପରକ୍ଷଣରେ ଯାହା କହିଲା; ତା ଶୁଣି ମୁଁ ସ୍ତମ୍ଭିତ ହୋଇ-ଗଲି ।

"ଦୁର୍ଭିକ୍ଷସିନା ଛାଡ଼ିଦେଲା, ବାବୁ ଜାତି କାହିଁକି ଛାଡ଼ିବ ? ଜାତିଆଗରେ ହାତ ଯାଇପାରେ ନା—ସୁନା-ଭଳି ଗଣ୍ଡ ଅରକ୍ଷିତଟାଏ ଜାତିକୁ ଅମାନ୍ୟକରିବ ? ତା ଆରବର୍ଷ ପଞ୍ଚ ଆଉ ବସିଲା—ସୁନା ଅଜାତି ହେଲା । ପାଞ୍ଚଗାଁ ସାଇଭାଇ କହିଲେ, ଜାତିଭାତ ଦେଲେ ସୁନା ଜାତିହେବ । ତା'ରତ ଘରେ କଣା କଉଡ଼ି ନ ଥିଲା—ଜାତିଭାତ ଦବ କଉଠୁଁ ? ତାକୁ ଗାଁରେ ନିଆଁପାଣି ବନ୍ଦ-ହେଲା । ଗାଁରେ ସେ କାହାରି ଘରକୁ ଯାଇଆସି ପାରେ-ନା । ଭଲଲୋକ—କୁଳରୁ ହଟ୍‌କରି ଗୋଡ଼କାଟି ଯିମିତି ଯାଇଥିଲା ସେମିତି ଶାସ୍ତି ଭୋଗିଲା । କିଛିଦିନ ପରେ ପରେ ସେ ପାଗଳ ହୋଇଗଲା—ଗାଁରେ ଯାହାକୁ ଦେଖେ ତାକୁ କାମୋଡ଼ିବାକୁ ଗୋଡ଼ାଏ । ତା ଭୟରେ ଗାଁରେ ହନାକେତେ ତାଟିକବାଟ ପଡ଼ିଗଲା । ଆମେ ସବୁ ଗାଁବାଲା ମିଳି ମେଜେଷ୍ଟ୍ରଟରେ ଦରଖାସ୍ତ ଦେଲୁଁ । ପୁଲିଶ ଆସି ତାକୁ ବାନ୍ଧିନେଇ ପାଗଳା ଗାରଦକୁ ପଠେଇ-ଦେଲା ।

ମୁଁ ପଚାରିଲି—"ସୁନା କଣ ଆଜିକାଲି ପାଗଳା ଗାରଦରେ ଅଛି ?

"ନା ବାବୁ । ପାଗଳା ଗାରଦରେ କିଛିଦିନ ରହିଲା ପରେ ସେ ଭଲ ହୋଇଗଲା । ତାକୁ ଛାଡ଼ିଦେଲେ । କଟକରେ କିଛିଦିନ ଏ ବଜାର ସେ ବଜାର ବୁଲି ଶେଷକୁ ଗୋଟାଏ ପଠାଣ ଟୋକା ସାଙ୍ଗରେ ସେ କଲିକତା ପଳେଇଗଲା । ତାର ଗୋଟାଏ ଝିଅ ହବାରୁ ସେ ପଠାଣ ଟୋକାଟା ତାକୁ ଛାଡ଼ି କୁଆଡ଼େ ପଳେଇଗଲା । ଏବେ କଲିକତାରୁ ଫେରିଆସି 'ସୁନା' ଢେଲେଙ୍ଗା ବଜାରରେ

Digitized by srujanika@gmail.com

ଗୋଟାଏ ବସା ନେଇଛି—କୁବ୍ୟବସ୍ଥା କରି ପେଟ ପୋଷୁଛି । ଗାଁର ମୁରବିମାନଙ୍କ କଥା ନ ମାନି ଯେ କୁଳରୁ ବାହାରିଯିବ, ତାହାର ଆଉ କି ଦଶା ହେବ !"

"ମୁଁ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ପଚାରିଲି, ଗାଁ ମୁରବିମାନେ କ'ଣ ସେତେବେଳେ ପାଣିଟିଏ ଦେଇଥିଲେ ।"

"ନିଜରକ୍ଷଣ ଅସମ୍ଭବ—ସେ କାହୁଁ ପରକୁ ରଖିବ । ସେତେବେଳେ ତ ଭେଣ୍ଡିଆମାନେ କାମପାଇଟି ପାଉ-ନଥିଲେ—ସେ ଟୋକିଟାକୁ କିଏ ଡାକୁଛି କାମ କରି-ବାକୁ ?"

ସେତେବେଳକୁ ଜୋରରେ ହାଉଆ ବହୁଥିଲା । ରୂପାର ଅଜାଣ ତୈଳବିହୀନ କେଶରାଶି ଝୋଟପରି ଫର୍ ଫର୍ ହୋଇ ଉଡୁଥିଲା । ମୁଁ ସେହି ଧୂଳିଧୂସର କେଶମଧ୍ୟରେ ହାତ ବୁଲାଉ ବୁଲାଉ ମହାଜନଙ୍କୁ ପଚାରିଲି, "ଆଚ୍ଛା ଏ ରୂପାର କ'ଣ ହେବ ?"

ଅମ୍ଳାନକଣ୍ଠରେ ଉତ୍ତର ପାଇଲି—"ସେଇଟା କୁକୁର ବିରାଡ଼ିପରି ଏ ପିଣ୍ଡା ସେ ପିଣ୍ଡା ବୁଲୁଛି—ଦୁର୍ଭିକ୍ଷ ଚାଉଳ ଖାଉଛି । ମରିଗଲେତ ତରିଯିବ—ନଇଲେ ବଡ଼ ହେଲେ ତାକୁ କ'ଣ କିଏ ବାହାହେବ, ନା ଘରେ ସ୍ଥାନ ଦେବ ? ସେଇଟା ଦୁର୍ଭିକ୍ଷ ଚାଉଳ ଖାଇ ଜାତିକୁଳ ହରାଇଲାଣି । ବଡ଼ ହେଲେ କ'ଣ ତାକୁ କେହି ଜାତରେ ପୂରେଇବେ ? ସେ ସେମିତି ଧୁନାଭଳି ବାରଦ୍ୱାର ଶୁଣ୍ଡି ପିଣ୍ଡା ହେବ—ଶେଷକୁ ଚେଲେଙ୍ଗା ବଜାରର ଆଶ୍ରା-ନେବ । ଆମେତ ଆଉ ତା' ପାଇଁ ଆମ ଜାତି, କୁଳ, ଧର୍ମ ନଷ୍ଟ କରିବୁନାହିଁ" ।

ମୁଁ ନିବିଷ୍ଟ ଭାବରେ ମହାଜନର କଥା ଶୁଣୁଥିଲି । ସେତେବେଳକୁ ଗୃହଆଡ଼େ ମେଘ ଘୋଟି ଆସିଲାଣି—ମୋତେ ଜଣାନାହିଁ । ପରକ୍ଷଣରେ ବଜ୍ରନାଦରେ ଧରଣୀ କମ୍ପିତ ହେଲା । ମୋର ନିକଟବର୍ତ୍ତୀ ଗୋଟାଏ ତାଳଗଛ ଉପରେ ଭୀଷଣ ବଜ୍ରପାତ ହେଲା—ସ୍ୱହୁଁ ଗୃହୁଁ ତାଳ-ଗଛଟା ମଡ ମଡ ହୋଇ ଭାଙ୍ଗି ପଡ଼ିଲା । ରୂପା ଭୟରେ ମୋତେ କୁଣ୍ଢାଇ ପକାଇଲା—କଙ୍କାଳଗୁଡ଼ାକ କମ୍ପି-ଉଠିଲେ । ମୁଁ ରୂପାର କ୍ଷୁଦ୍ର ମସ୍ତକଟି ବକ୍ଷରେ ଚାପିଧରି ବିହ୍ୱଳ ଭାବରେ କହିଲି ! "ପ୍ରଭୁ ! ପ୍ରଭୁ ! ସମାଜର ଏହି ନିଷ୍ଠୁରତା ଚୂର୍ଣ୍ଣ କରିବାପାଇଁ ତୁମର କ'ଣ ଗୋଟାଏ ସୁଦ୍ଧା ବଜ୍ର ନାହିଁ !!!"



Digitized by srujanika@gmail.com




## ପୁରାଣ-ବିଜ୍ଞାନ

ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ

### ହିନ୍ଦୁଧର୍ମ ଓ ତାହାର ଶାସ୍ତ୍ର ସକଳ

( ୧ )

ହିନ୍ଦୁଧର୍ମର ଆଲୋଚନା କରିବାକୁ ଗଲେ ପ୍ରଥମରେ ଦୁଇଗୋଟି ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ସେହି ଦୁଇ ସଙ୍କଟ କିନ୍ତୁ ଜଗତର ଅନ୍ୟାନ୍ୟ ମତ ବା ଧର୍ମସମୂହରେ ଦେଖାଯାଏନାହିଁ । ପ୍ରଥମ ସଙ୍କଟ ତାହାର ନାମ ସମ୍ବନ୍ଧରେ; ଦ୍ୱିତୀୟଟି ତାହାର ଆଶ୍ରୟ-ସ୍ଥଳ—ଧର୍ମ-ଶାସ୍ତ୍ର ସକଳ ବିଷୟରେ ।

ଅନ୍ୟାନ୍ୟ ସମସ୍ତ ଧର୍ମ ମଧ୍ୟରୁ ପ୍ରତ୍ୟେକଟି କୌଣସି ଜଣେମାତ୍ର ମହାତ୍ମାଦ୍ୱାରା ପ୍ରତିଷ୍ଠିତ, କିନ୍ତୁ ହିନ୍ଦୁଧର୍ମର ପ୍ରତିଷ୍ଠାତା ଅନେକ । ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ନାମାନୁସାରେ ଖ୍ରୀଷ୍ଟିଆନ୍ ମତର, ଏବଂ ମହାତ୍ମା ମହମ୍ମଦଙ୍କ ନାମାନୁଯାୟୀ ଇସ୍‌ଲାମ୍ ଧର୍ମର ନାମକରଣ ହୋଇଅଛି । ସେହିପରି ଗୌତମ ବୁଦ୍ଧଙ୍କ ଯୋଗୁଁ ବୌଦ୍ଧମତ, ଜୋରୋଆଷ୍ଟରଙ୍କ ଯୋଗୁଁ ଜୋରାଷ୍ଟ୍ର ଇତ୍ୟାଦି । ଅତଏବ ପ୍ରତିଷ୍ଠାତାଙ୍କ ନାମାନୁସାରେ ମତକୁ ନାମିତ କରିବା ସହଜ-ସାଧ୍ୟ—କିନ୍ତୁ ହିନ୍ଦୁମତ ପକ୍ଷରେ ସେହି ସୁବିଧା ନାହିଁ । କାରଣ, ପ୍ରତିଷ୍ଠାତା ଅସଂଖ୍ୟ ।

ବେଦସମ୍ବନ୍ଧରେ ମଧ୍ୟ ସେହି କଥା । ବେଦର ଦ୍ରଷ୍ଟା—ସଂଖ୍ୟା ଏକ ବା ଦୁଇ ନୁହେଁ—ଅନେକ । ବିଭିନ୍ନ ଋକ୍ ବା ବେଦ-ମନ୍ତ୍ର ବିଭିନ୍ନ ଦ୍ରଷ୍ଟାଦ୍ୱାରା ପ୍ରଣୀତ, ଏଣୁ କୌଣସି ଜଣେ ମହାତ୍ମାଙ୍କ ନାମ ନେଇ ବେଦକୁ ଆଖ୍ୟାତ କରି ଯାଇପାରିବନାହିଁ । 'ହିନ୍ଦୁ ପଦଟି ପ୍ରାଚୀନ ଗ୍ରନ୍ଥସମୂହରେ ଦେଖିବାକୁ ମିଳେନାହିଁ—ତାହାର ଉତ୍ପତ୍ତି କେବଳ ଆଧୁନିକ ଯୁଗରେ । ଏହି ପଦର ବ୍ୟୁତ୍ପତ୍ତି ସମ୍ବନ୍ଧରେ ନାନା ଲୋକଙ୍କର ନାନା ମତ । କେତେଜଣ କହନ୍ତି, 'ସିନ୍ଧୁ' ନଦୀରୁ 'ହିନ୍ଦୁ' ହୋଇଅଛି । ଆଉ କେତେକ ଜଣଙ୍କ ମତରେ, ତାହା ଦୁଇଗୋଟି ମୂଳ ପଦର ମିଶ୍ରଣ; ଯଥା,—'ହି' ଅର୍ଥାତ୍ ସୂର୍ଯ୍ୟ, ଏବଂ 'ଇନ୍ଦୁ' ଅର୍ଥାତ୍ ଚନ୍ଦ୍ର, କାରଣ—ଭାରତରେ



Digitized by srujanika@gmail.com

ସୂର୍ଯ୍ୟ ଓ ଚନ୍ଦ୍ରବଂଶ ପ୍ରତିଷ୍ଠିତ ହୋଇଥିଲା । ସୂର୍ଯ୍ୟବଂଶୀୟ ରାଜାମାନେ ଅଯୋଧ୍ୟାରେ, ଚନ୍ଦ୍ରବଂଶର ରାଜାମାନେ ହସ୍ତିନାପୁର ଓ ଇନ୍ଦ୍ରପ୍ରସ୍ଥ (Delhi) ରେ ଶାସନ କରୁଥିଲେ ।

ଯାହାଙ୍କର ନାମାନୁସାରେ ଏହି ଦେଶ ଭାରତବର୍ଷ ନାମ ଧରିଅଛି, ସେହି ମହାପୁରୁଷଙ୍କ ନାମ ଅବଲମ୍ବନରେ ହିନ୍ଦୁ-ମତ ଆଖ୍ୟାତ ହୋଇ ନ ପାରେ । ପୁରାଣ ସମୂହରେ ଏହି ଦେଶ ଭାରତବର୍ଷ ବା ଭାରତଖଣ୍ଡ ନାମରେ ଅଭିହିତ । ପ୍ରିୟବ୍ରତଙ୍କ ବଂଶଧର, ଭରତଙ୍କ ନାମାନୁସାରେ ଏହି ଦେଶ 'ଭାରତ' ଆଖ୍ୟାରେ ପରିଚିତ । କିନ୍ତୁ ହିନ୍ଦୁ ଧର୍ମ ସମ୍ଭବତଃ ଭରତଙ୍କ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । ସୁତରାଂ ତାଙ୍କର ନାମାବଲମ୍ବନରେ ଏହି ମତର ନାମ ରଖା ଯାଇପାରିବନାହିଁ । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ—ହିନ୍ଦୁମତର ପ୍ରଣେତା ଭରତ ନୁହନ୍ତି । ଏଣୁ କେନ୍ଦ୍ରିକ ହିନ୍ଦୁ କଲେଜର (Central Hindu College) କର୍ତ୍ତୃପକ୍ଷଗଣ ହିନ୍ଦୁମତକୁ ନାମ ଦେଇଛନ୍ତି—ସନାତନ ଧର୍ମ । ଏହି ନାମଟି ଉପଯୁକ୍ତ ହୋଇଅଛି । ଦୁଇଗୋଟି କାରଣରୁ ଏହି ଧର୍ମକୁ ସନାତନ ଧର୍ମ ବୋଲାଯାଇ ପାରେ । ପ୍ରଥମତଃ, ଜଗତର ଅନ୍ୟାନ୍ୟ ମତ ପ୍ରବର୍ତ୍ତିତ ହେବାର ବହୁକାଳପୂର୍ବେ ହିନ୍ଦୁମତର ପ୍ରତିଷ୍ଠାନ ହୋଇଥିଲା । ଦ୍ୱିତୀୟରେ, ଏହି ମତର ଅବଧାରିତ ମହାନୀତି ସକଳ ସନାତନ—ଚିରସତ୍ୟ ।

ହିନ୍ଦୁ-ଧର୍ମରେ ଅସଂଖ୍ୟ ଧର୍ମ-ଶାସ୍ତ୍ର ପ୍ରଚଳିତ । କିନ୍ତୁ ଅନ୍ୟାନ୍ୟ ସକଳ ଧର୍ମ ମଧ୍ୟରୁ ଅଧିକାଂଶରେ—ପ୍ରତ୍ୟେକର କେବଳ ଗୋଟିଏ ଲେଖାଁ ଧର୍ମ-ଶାସ୍ତ୍ର ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ—ଖ୍ରୀଷ୍ଟିୟାନ ମତର ବାଇବେଲ, ମୁସଲମାନର କୋରାନ, ଜୌରାଷ୍ଟ୍ରମତର ଜେନ୍ଦାବସ୍ତା, ବୌଦ୍ଧ ମତର ତ୍ରିପିଟକ ଇତ୍ୟାଦି । ହିନ୍ଦୁଧର୍ମର ଗ୍ରନ୍ଥସକଳ ଦୁଇ ବୃହତ୍‌ଭାଗରେ ବିଭକ୍ତ—ଶ୍ରୁତି ଓ ସ୍ମୃତି । ଯାହା ଶୁଣାଯାଏ ତାହା ଶ୍ରୁତି । ଯାହା ସ୍ମରଣ କରାଯାଏ, ତାହା ସ୍ମୃତି—ପୂର୍ବଜ୍ଞାନ ଭୂତ ବିଷୟର ଜ୍ଞାନ । ଚାରିବେଦ ଶ୍ରୁତିର ଅନ୍ତର୍ଗତ । ଅଠର ଖଣ୍ଡ ପୁରାଣକୁ ସ୍ମୃତି କହାଯାଏ ।

ହିନ୍ଦୁ-ଧର୍ମରେ ୪୬ ଖଣ୍ଡି ଉତ୍କୃଷ୍ଟ ଶ୍ରେଣୀର ନିର୍ଦ୍ଦିଷ୍ଟ ବୈଧଗ୍ରନ୍ଥ ପ୍ରଚଳିତ । ଏଥି ମଧ୍ୟରୁ ଛ' ଉପବେଦ, ଷଡ଼ଦର୍ଶନ ଅନ୍ୟାନ୍ୟ ଅସଂଖ୍ୟ ଗ୍ରନ୍ଥ ଓ ଟୀକା କେତେ ଉଲ୍ଲେଖଯୋଗ୍ୟ ନୁହେ । ଅତଏବ ସେହି ସବୁ ଶାସ୍ତ୍ରର ଆଲୋଚନା ବର୍ତ୍ତମାନ ନିଷ୍ପ୍ରୟୋଜନ । କାରଣ, ସେହି ସମସ୍ତ, ପ୍ରାଗୁକ୍ତ ୪୬ ଖଣ୍ଡ ଗ୍ରନ୍ଥପରି ଗୁରୁତ୍ୱ-ବିଶିଷ୍ଟ ବା ପ୍ରାମାଣ୍ୟ-ସଂପନ୍ନ ( authoritative ) ନୁହେ । ଷଡ଼ଦର୍ଶନରେ ଅନେକଗୁଡ଼ିଏ ସୂତ୍ର ସଂକ୍ଷିପ୍ତ ବାକ୍ୟ ସନ୍ନିବେଶିତ । ଜଗତର ଅନ୍ୟ କୌଣସି ଜାତି ଆଜି ଯାଏଁ ଏହିପରି ସୂତ୍ର ପ୍ରଣୟନ କରିପାରିନାହିଁ ।

ଉପରୋକ୍ତ ସ୍ମୃତି-ସାହିତ୍ୟ ପ୍ରକୃତି ଓ ବହୁଳତାର ଦୃଷ୍ଟାନ୍ତ ସ୍ୱରୂପ, ଜଗତର ସର୍ବଶ୍ରେଷ୍ଠ ସର୍ବାଙ୍ଗସୁନ୍ଦର ଇତିହାସ ଶାସ୍ତ୍ର ବି ଧର୍ମ-ଗ୍ରନ୍ଥ—'ମହାଭାରତ'ର ଉଲ୍ଲେଖ କରାଯାଇପାରେ । ପାଶ୍ଚାତ୍ୟ ଜଗତର ସର୍ବ-ବୃହତ୍ ବୀରରସାତ୍ମକ କାବ୍ୟ, ହୋମର-ରଚିତ 'ଇଲିଅଡ୍' ସୁଦ୍ଧା 'ମହାଭାରତ' ସହିତ ( ପ୍ରକୃତି ଓ ବହୁଳତାରେ ) ତୁଳନାଯୋଗ୍ୟ ନୁହେ । ଭାରତର ଆର୍ଯ୍ୟସମାଜ ଶ୍ରୁତିକୁହିଁ ମାନି ଚଳିଥାନ୍ତି—ପୁରାଣରେ ସେମାନଙ୍କର ମୋଟେ ଆସ୍ଥା, ବିଶ୍ୱାସ ନାହିଁ, କିନ୍ତୁ ଭାରତର ପ୍ରାଚୀନ ଟୀକାକାରଗଣ ମୁକ୍ତ କଣ୍ଠରେ ସ୍ମୃତିର ପ୍ରମାଣ ପ୍ରତିପାଦିତ କରିଅଛନ୍ତି । ଏହା ସେମାନଙ୍କ ଲେଖାରୁ ସ୍ପଷ୍ଟ ଧରାଯାଏ । ଦକ୍ଷିଣ ଭାରତର ଶ୍ରୀ ଶଙ୍କରାଚାର୍ଯ୍ୟ, ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀ ମାଧବାଚାର୍ଯ୍ୟ ପ୍ରମୁଖ ଦର୍ଶନ-ପ୍ରଚାରକଗଣ 'ସ୍ମୃତି'କୁ ସମର୍ଥନ କରିଯାଇଛନ୍ତି । ଆଧୁନିକ ଯୁଗର ଟୀକାକାରମାନଙ୍କ ମଧ୍ୟରୁ ଅଧିକାଂଶ ସ୍ମୃତିକୁ ପ୍ରାଧାନ୍ୟ ଦେଇଛନ୍ତି ।

ସ୍ମୃତି ମଧ୍ୟରେ କେବଳ ପୁରାଣ ପ୍ରତି ଅଧିକ ଦୋଷାରୋପ, କାରଣ—ସେ ସବୁ ଅସଂଖ୍ୟ ଅଶ୍ଳୀଳ ଓ ସ୍ପଷ୍ଟତଃ ଅସଙ୍ଗତ ଗଳ୍ପରେ ପୂର୍ଣ୍ଣ ଥିବାର ଅନୁମିତ । ଏପରି କେତେ ଲୋକ ଦେଖାଯା'ନ୍ତି, ଯେଉଁମାନେ କେତେଗୋଟି ପୁରାଣର ଯୁକ୍ତିସଙ୍ଗତ ବ୍ୟାଖ୍ୟା କରିନପାରି ସେ ସବୁ ଏକାବେଳକେ ଅଗ୍ରାହ୍ୟକରି ବସନ୍ତି । ସେମାନେ ବୁଝିପାରନ୍ତି ନାହିଁ ବୋଲି ଯେ ସେ ସବୁ ଅସଙ୍ଗତ ଓ ଅବିଶ୍ୱାସ୍ୟ,


Digitized by srujanika@gmail.com

ଏହା ମନେକରିବା ଏକାନ୍ତ ଅନୁଚିତ ଓ ଅନ୍ୟାୟ । ଯାହା ନିତାନ୍ତ ଅସଙ୍ଗତପରି ଦେଖାଯାଏ, ତାହା କମାରୁ ନବୁଝି ପୁରାଣ ପ୍ରତି ଗଭୀର ବିଶ୍ୱାସ ଢାଳିଦିଅନ୍ତି—ଅନ୍ୟ ଏକଶ୍ରେଣୀର ଲୋକେ । Madam Blavatsky ତାଙ୍କର The secret Doctrines ଶୀର୍ଷକ ଗ୍ରନ୍ଥରେ ହିନ୍ଦୁପୁରାଣର ଯଥେଷ୍ଟ ଆଲୋଚନା କରିଅଛନ୍ତି । ସେଥିରେ, ପୁରାଣ-ନିହିତ ସକଳ ନୀତି ଓ ଉପଦେଶର ଗୋଟିଏ ଯୁକ୍ତିସମ୍ମତ ବ୍ୟାଖ୍ୟା ଦିଆଯାଇଛି । ଆବଶ୍ୟକ ସ୍ଥଳରେ Blavatsky ସୁନ୍ଦର ବୁଝାଇ ସକଳ ସନ୍ଦେହ ଦୂରକରି ଦେଇଛନ୍ତି ।

ପୁରାଣ ପଢ଼ିବା ସମୟରେ ଅଥବା ସେହି ପ୍ରସଙ୍ଗ ଆଲୋଚନା କରିବା ବେଳେ, ବିଶ୍ୱାସ ଓ ବିବେକ ସହିତ ସମସ୍ତ ବିଷୟ ବୁଝିବାପାଇଁ ଚେଷ୍ଟାକରିବା ଦରକାର । ଯେଉଁ ପୁରାଣ ପ୍ରଥମରେ ଅସଙ୍ଗତ ପ୍ରତୀତ ହୁଏ, ତାହା ଟୀକା ଟିପ୍ପଣୀ ସାହାଯ୍ୟରେ ଯୁକ୍ତିପ୍ରୟୋଗରେ ବୁଝିନେବା ଉଚିତ । କିନ୍ତୁ ନବୁଝି ନସୁଝି ହଠାତ୍ କୌଣସି ଏକ ସିଦ୍ଧାନ୍ତରେ ଉପନୀତ ହେବା, ଅଥବା ନିଜର ଭ୍ରମ ନବୁଝିବାଯାଏ ପୁରାଣ-ମାହାତ୍ମ୍ୟକୁ ଏକାବେଳକେ ଅବଜ୍ଞା ବା ହାସ୍ୟରେ ଉଡ଼ାଇଦେବା ପ୍ରକୃତ ବିବେକ-ସଂପନ୍ନ ପୁରାଣପାଠକର ଧର୍ମ ନୁହେ । ଯାହା ବୁଝି ହୁଏ ନାହିଁ, ତାହା ପ୍ରତି ଅନାସ୍ଥା ଦେଖାଇବା; କିମ୍ବା କିଛି ନବୁଝି ହଠାତ୍ ଗ୍ରହଣ କରିନେବା ସମୀଚୀନ ନୁହେ ।

ବିବେକପ୍ରୟୋଗରେହିଁ ଯେ କୌଣସି ବିଷୟର ସାର ମିଳେ । The secret Doctrine. ନାମକ ଗ୍ରନ୍ଥରେ ପ୍ରଧାନତଃ 'ବିଷ୍ଣୁପୁରାଣ'ର ଅଧିକ ଉଲ୍ଲେଖ ଦେଖିବାକୁ ପାଉଁ । ସମ୍ଭବତଃ ସେଥିପ୍ରତି ଅଧିକ ହସ୍ତ-କ୍ଷେପ କରିପାରି ନଥିବାଯୋଗୁଁ । କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ପିତା, ଋଷି ପରାଶର ବିଷ୍ଣୁପୁରାଣର ନୀତି ଓ ଉପଦେଶ ସକଳ ଋଷି ମୈତ୍ରେୟଙ୍କୁ ବୁଝାଇ କହିଥିଲେ । କଥିତଅଛି—ମୈତ୍ରେୟ ଶ୍ରୀ କୃଷ୍ଣଙ୍କଦ୍ୱାରା ଅନୁପ୍ରାଣିତ, ଦୀକ୍ଷିତ ହୋଇଥିଲେ । ସେ ମାନବ ଓ ଦେବତାଗଣଙ୍କ ଗୁରୁରୂପେ ପରିଚିତ । ସେ ପରାଶରଙ୍କ ନିକଟରୁ ଶିକ୍ଷା ପାଇବାର ଅନେକ ଦିନପରେ ହରିଦ୍ୱାରରେ ଯାଇ ଅବସ୍ଥାନ କଲେ ଏବଂ ଭାଗବତ ୩ୟ ସ୍କନ୍ଧରୁ ପ୍ରକାଶ—ସେ ସେଠାରେ ରହି ବିଦୁରଙ୍କୁ ଶିକ୍ଷା ଦାନ କରିଥିଲେ ।

Digitized by srujanika@gmail.com




ନବଘନ ଚଉତିଶା—ଭକ୍ତ କବି ଶ୍ରୀ ଦୀନକୃଷ୍ଣ ଦାସଙ୍କ ରଚିତ ଉକ୍ତ ଚଉତିଶା ଟି ଖଣ୍ଡିଏ ପାଣ୍ଡୁଲିପି କେଉଁଠିକ ଧନଟଳେ ହସ୍ତଗତ ହୁଏ । ପୁସ୍ତକାକାରରେ ପ୍ରକାଶିତ ହେବା ପୂର୍ବରୁ ବାରୁଣୀରେ ଧାରାବାହିକ ଭାବରେ ପ୍ରକାଶକରି ସମାଲୋଚକଙ୍କର ବିଶେଷରେ ଯେଉଁମାନେ ଓଡ଼ିଶାର ପ୍ରାଚୀନ-ସାହିତ୍ୟ ବିଷୟରେ ନାନା ପ୍ରୟାସ ଏବଂ ଗବେଷଣା କରୁଅଛନ୍ତି—ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଅର୍ଥରେ ଏହା ସନ୍ନିବେଶ ହେଲା । ଏହି ଚଉତିଶା ବିଷୟକ ଆଲୋଚନା ବାରୁଣୀରେ ସାଦରେ ଗୃହୀତ ହେବ ।

ସଂ, ବାରୁଣୀ—

## ଶ୍ରୀ ନବଘନ ଚଉତିଶା

ରାଗ—କାମୋଦୀ

କୃଷ୍ଣ କଂସନଗରେ ଜଳଦ ସମୟରେ
କଜ୍ୱଳକାନ୍ତ ମେଘ ଦେଖି
କହନ୍ତି ଚିନ୍ତା ମନେ କେମନ୍ତେ ମୋ ବହୁନେ
ବଞ୍ଚିବ କଳାକରମୁଖୀ ସେ
କଞ୍ଜନେତ୍ରୀ
କହନ୍ତି ନବଘନ ଶୁଣି
କିମ୍ପା ଅଇଲ ମୋତେ ଦହି
କାମକେଳି-କୁଶଳା କଣ୍ଠରତନ-ମାଳା
କୋଳା-ପ୍ରତିମା ମୋର ନାହିଁ ହେ
ନବଘନ । ୧ ।

ଖଞ୍ଜନ-ବିଲୋଚନା ମଞ୍ଜୁ-ପିଙ୍କବଚନା
ଥାଆନ୍ତା ଯେବେ ମୋର କୋଳେ
ଖଣକାନ୍ତିକ ଯେନ ଘନରସରେ ଦାନ
ହୋଇ ଆସନ୍ତି ତେତେବେଳେ ହେ
ନବଘନ
ଖେଦ ମୋ ହୃଦୟ ନୁହନ୍ତା
ଖଣକ ସୁଖ କେ କହନ୍ତା
ଖର କାମ ବଇରୀ ଶର ପ୍ରହାର କରି
କମ୍ପାଁ ମୋ ଶରୀର ଦହନ୍ତା ହେ
ନବଘନ । ୨ ।

Digitized by srujanika@gmail.com

ଗଜଗମନୀ ଗୋରୀ　　ମୋ ପଞ୍ଚ ପ୍ରାଣେଶ୍ୱରୀ
ପାଶରେ ନାହାଁ ମୋର ଯେଣୁ
ଗଜରାଜ ପରାୟେ　　ତୁମ୍ଭଙ୍କୁ ଦେଖି ଭୟେ
ଜାତ ହେଉଛି ମୋର ତେଣୁ ହେ
ନବଘନ
ଗର୍ଜନ ବୃଷ୍ଟିତ ସମାନ,
ଗଳୁଛି ଜଳଧାରମାନ
ଗଣୁଅଛି ମନରେ　　ବକପନ୍ତି ଛଳରେ
ପ୍ରକାଶ ହେଉଛି ବଦନ ହେ
ନବଘନ । ୩ ।
ଘେନବାକୁ ଜୀବନ　　ଅଇଲ ଘନ ଘନ-
କାଳସ୍ୱରୂପ ଧରି କରି
ଘନତଳ୍ଳିରସନା　　କରୁଛ ଯେତେ ଅନା
ଏତକେ ଗଲିନି ମୁଁ ସରି ହେ
ନବଘନ
ଘଡଘଡ ଗର୍ଜନ ଶୁଣ
ଘଡକେ ଜୀବନ ମୋ ଉଡ
ଘେନିଅଛି ମୋ ପ୍ରାଣ　　ପାପିଷ୍ଠ ପଞ୍ଚବାଣ
ତୁମ୍ଭର ସଙ୍ଗତରେ ପଡ ହେ
ନବଘନ । ୪ ।
ନାଗ ନାଗ ପରାଏ　　ମନେତ ପ୍ରତେ ହୁଏ
ବିଷ ବିଷ ଛାଡ଼ୁଛ ଯେଣୁ
ନିରନ୍ତରେ ବିଜୁଳି　　ଛଳେ ରସନା ଝୁଲି
ଭୟତ କରାଉଛ ତେଣୁ ହେ
ନବଘନ
ନାଶିବ ମୋ ପ୍ରାଣ-ସମୀର
କଣ୍ଠସ୍ଥ ହୋଇଛି ତୁମ୍ଭର
ନଷ୍ଟେ ତୁମ୍ଭଙ୍କୁ ପାଇ　　ମହା ପ୍ରବଳ ହୋଇ
ଅଛି କାମ-ଜାଙ୍ଗଳକର ହେ
ନବଘନ । ୫ ।
ଚେତିଲି ଏବେ ରହୁ —　　ପରାୟେ ଗ୍ରହୁଁ ଗ୍ରହୁଁ
ପୃଷ୍ଠଦନ୍ତକୁ ଗିଳିଦେଲ
ଚନ୍ଦ୍ରା-ଜଳରେ ସ୍ନାନ　　କରାଇ ପ୍ରାଣ ଦାନ
କାମବନ୍ଧି ଦେବାକୁ କଲ ହେ
ନବଘନ
ଚଉ-ତୁମ୍ଭର କ କୁଟିଳ
ଚିହ୍ନିତ ନାହିଁ ମିତ୍ରକୁଳ
ଚଢ଼କ ଘାତେ ଗିରି—　　ବରକୁ ଚୂର୍ଣ୍ଣକରି
ଦେଖୁଁ ଦେଖୁଁ ମସ୍ତକ ଗଲ ହେ
ନବଘନ । ୬ ।
ଛାଡ ପ୍ରାଣବନ୍ଧୁକୁ　　କହୁଅଛି ତୁମ୍ଭଙ୍କୁ
ଏତେକ ନପାଅ ବିକଳ
ଷମା କରୁଣା ନାହିଁ　　ଯମସ୍ୱରୂପ ବହି
ଜୀବନ ଘେନିବାର ମୂଳ ହେ
ନବଘନ
ଷଣକେ କର ଯେହ୍ନେ ଦୋଷ
ଛାଡ଼ି ତା ପ୍ରାଣ ପ୍ରତିଆଶ
ଛଇଳୀ ଶିରୋମଣି　　କର୍ଣ୍ଣରେ ମୁହାଁ ଶୁଣି
କେମନ୍ତେ ନୋହିବ ବିନାଶ ହେ
ନବଘନ । ୭ ।
ଯେବେ ତୁମ୍ଭକାଳରେ　　ଥାଉଁ ଏକ ମେଳରେ
ହେଉଁ ତୁମ୍ଭସମସ୍ତ ପ୍ରାୟେ
ଜୀମୂତ ମୋତେ କରି　　ବିଜୁଳି ହୋଇ ଗୋରୀ
ବରଷେ ଘନରସମୟେ ହେ
ନବଘନ
ଯାବତ ତାପ ତୋୟେ ଲୋପ,
ଜାତହୁଏ ପୁଲକ-ଦୀପ
ଯେଉଁରୂପେ ବଢ଼ିଇ　　ପରମ ପ୍ରେମ ନଈ
କହି ନୁହଇ ସେ ଅମାପ ହେ
ନବଘନ । ୮
ଝୀନବସନୀ ଶ୍ୱାସ　　ଗନ୍ଧବହ ସଦୃଶ
ପ୍ରଖରେ ବହଇ ସେ କାଳେ
ଝଷକେତନ ତଟ—　　ତରୁ ହୋଇ ଉତ୍ପାଟ
ନାହିଁ ଭୂଷଇ ଅବହେଳେ ହେ
ନବଘନ
ଝୀଙ୍କାର ଶବଦକୁ ଶୁଣି
ଝଲ ଗୋରୀ ମଞ୍ଜନ ବାଣୀ
ଝିମିଟେ ନରହଇ　　ଦାଢ୍ୟହପରା ହୋଇ
ଡାକଇ କନକ-କଙ୍କିଣୀ ହେ
ନବଘନ । ୯ ।

Digitized by srujanika@gmail.com

ନଜାଣଇଁ ତରଷା    ମୋତେ କର ଭରଷା
ମୁଁ ତାହା ଘେନ ସେହିମତ
ନିଶା ସମସ୍ତ ଚନ୍ଦ୍ର—    ଦଶା ହେବାରୁ ଶଙ୍କ-
ବାହନ ହୋଇ ଲକ୍ଷ୍ମୀପତି ହେ
ନବଘନ

ନାହିଁ ତୁମ୍ଭର କିଛି ଦୋଷ
ନାହିଁ ମୋ କର୍ମେ ଭଲ ଲେଶ
ନିଶାକର ଚନ୍ଦ୍ରମା    ଚନ୍ଦନ ସୁଖ ସୀମା
ହେଲେ ବିରହେ ହୋଏ ବିଷ ହେ
ନବଘନ ।୧୦।

ଟେକ ସମ୍ପତ୍ତିକାଳେ    ଯେଉଁ ଲୋକ ବନ୍ଧୁଲେ
ଘେନଇ ଲୋକର ବେଦନା
ଟେକଧର ଆଦ୍ୟରୁ    ବ୍ରହ୍ମାଣ୍ଡକର୍ତ୍ତା ଠାରୁ
ବଡ଼ ବୋଲିବା ତାକୁ ସିନା ହେ
ନବଘନ

ଟଳିତ ଯିବ ତୁମ୍ଭପଣ—
ଟିକାଏ ଘେନ ମୋ କଥଣ
ଟେକ ଗର୍ଜନ କର—    ପ୍ରାଣ ମୋର ନ ହର
କହ ଅଭିଶସ୍ତ ଦାରୁଣ ହେ
ନବଘନ ।୧୧।

ଠାଟିକି ତୁମ୍ଭ ଚୋରି    ଦଶେ ମୋହର ସରି
ସହଜେ ଶ୍ୟାମ କଳେବର
ଠିକେ କେକୀ କଳାପ—    ସଙ୍ଗେ ଇନ୍ଦ୍ର ଧନୁ-
ସମ ବିଜୁଳି ପୀତାମ୍ବର ହେ
ନବଘନ

ଠିକେ ଗୁଣ ତୁମ୍ଭର ଯେତେ
ଠାବ ସେ ହୋଇଛି ଜଗତେ
ଠାକୁରାଣୀ ପାଶକୁ    ତୁମ୍ଭଙ୍କୁ ପେଷିବାକୁ
ବିଶ୍ୱାସ ହେଉଛି ମୋ ଚିତ୍ତେ ହେ
ନବଘନ ।୧୨।

ଡୋଳା-ପ୍ରତିମା ଏକା    ହେଲେ କହିବ ଦକା
ତୁମ୍ଭଙ୍କୁ ଦେଖି ନୟନରେ
ଡୋଳାରେ ଦେଖି ୨    ବନ୍ଧୁ ମୋ ରଖି ୨
ଛାଡ଼ିଅଇଲି ନନ୍ଦଦ୍ୱାରେ ହେ
ନବଘନ

ଡକା ଉପରେ ହେଲି ଡକା
ଡକାଇତ କାମ ଫଣ୍ଡିକା
ଡରେ ପ୍ରାଣଟି ଯିବ    କର୍ଣ୍ଣେ ଯେବେ ଶୁଣିବ
ଡାହୁକ ଡାକ କେକୀ କେକା ହେ
ନବଘନ ।୧୩।

ଡାଳେ ଭାସିଲୁ ଦୁହେଁ    କାମନଦୀ ପ୍ରବାହେ
ଦୁହେଁ ଦୁହିଁଙ୍କ ସିନା ଭେଳା
ଢଳ ଜୀବନ ଯିବା    ଏଥିରେ କେତେ ଅବା
ଯହିଁ ଦଇବ ଏତେକଲା ହୋ
ନବଘନ

ଢାଳେ ମୋ ବୋଲ ଏବେ କର
ଢମ ପଣକୁ ପରିହର
ଢାଳେ ନେଇ ଧାମରେ    ବାରତା କହିବାରେ
ବହୁତ ଯଶକୁ ବିସ୍ତାର ହେ
ନବଘନ ।୧୪।

ଏବେ ଯେ ତୁମ୍ଭରୁ—    ପ୍ରାଏ ମକରକେତୁ
ହେତୁରୁ ହୋଇଥିବ ବାଳା
ଉଚ୍ଚ କୁଚ-ଗିରିରେ    ଅମ୍ବୁଧର ଉପରେ
ପଡ଼ିଥିବ ଚିକୁର ମାଳା ହେ
ନବଘନ

ଅଶ୍ରୁଜଳ ବରଷୁଥିବ
ଅନଙ୍ଗ କୃଷକ ଜୀଇବ
ଅଙ୍ଗ ଭୂମିରେ ଶର    ଶରରେ ଦେଇ ଗାର
ଅନେକ କୃଷି ସେ କରିବ ହେ
ନବଘନ ।୧୫।

ତାପ-ତଟିନୀ ବଢ଼ି    ଧଇର୍ଯ୍ୟ ତଟ ଉଡ଼ି
ବିବେକ ବିଟପୀ ତାଡ଼ିବ
ତରଳ ହୋଇ ଜ୍ଞାନ—    ହଂସ ଉଡ଼ି ବହନ
ହୃଦୟ ସରସୀ ଛାଡ଼ିବ ହେ
ନବଘନ

ତୃଷ୍ଣା ହେବ ବଚନ ପିକ
ଚୋରି ହେବ କାନ୍ତି କେତକ
ତାଣ୍ଡବ କରୁଥିବ    ବିରହ ବ୍ୟାଧି ଶିବ-
ଭୂଷଣ ବଇରି ଅନେକ ହେ
ନବଘନ ।୧୬।

Digitized by srujanika@gmail.com

ଥରେ ୨ ପ୍ରଖର    ବହେ ଶ୍ୱାସ ସମୀର
ଥର ଥରକେ ହୋଏ ଲୀନ
ଥିଲା କର୍ମରେ ଏହା    ଏକାଳେ ଯାଇ ସାହା
ନୋହିଲ ଧିକ ଏ ଜୀବନ ହେ
ନବଘନ
ଥିର ମଣ୍ତ୍ରିନୀ ହୀରଦନ୍ତୀ
ସ୍ଥୂଳ ନିତମ୍ବ ଦନ୍ତପତି
ଥାପିଲି ସୁଖପାଇଁ    ପ୍ରେମ ପ୍ରୀତି ମୋଠାଇଁ
ପାଇଲି ଅନେକ ବିପତ୍ତି ହେ
ନବଘନ ।୧୭।

ଦୟାଳୁ ଶିରୋମଣି    ଦୟାରେ ମୋତେ କିଣି
ଦେଇଛ ଯେତେ ଯେତେ ସୁଖ
ଦରହାସିନୀ ହେରୁ    ବସନ୍ତ ଆଦି ଋତୁ-
ଯାକ ମୁଁ ପାଇନାହିଁ ଦୁଃଖ ହେ
ନବଘନ
ଦଇବ ଏବେ ଏହା କଲା
ଦାସବତ୍ସଳା ଦୂରହେଲା
ଦଗଧପଞ୍ଚ ପ୍ରାୟେ    ହୋଇ କେବଳ କାୟେ
ଆକାର ମାତ୍ରକ ରହିଲି ହେ
ନବଘନ ।୧୮।

ଧୃତି ଧୂସିଂମା ହେମ—    ଜାଳେ ଅଗୁରୁ ଧୂମ-
ପୁରେ ଯେ ଯେହ ବସିଥାଇ
ଧାତା ରଚନା ମୋତେ    ସମସ୍ତ ସୁଖ ଯେତେ
ଲଭଇ ପଶ୍ୱାଏ ଦଶଇ ହେ
ନବଘନ
ଧନ୍ୟ ସେ କୋମଳ ଶରୀର,
ଧୀରେ ଲଗନ୍ତେ ଅଙ୍ଗେ ମୋର
ଧିକାର କରୁଥାଇ    ନହାର କାହିଁ ପାଇଁ
ଅଙ୍ଗରେ ଦେଉଥାନ୍ତ ନର ହେ
ନବଘନ ।୧୯।

ନାହିଁ ନୋହିବ ନନ୍ଦ—    ପଞ୍ଚ ଭୁବନେ ଭାବ-
ବତୀ-ସମାନ ସୁଖକାରୀ
ନୋହିବ କାହିଁ ପାଇଁ    ଝୁରୁଛି ତାହାପାଇଁ
ନଶିଦବସ ନପିକର ହେ ନବଘନ
ନିରୁପମା ନାଗରୀମଣି
ନାହିଁ ତା ଦେହ ଟୁଣଟଣି
ନାକ ନାଗ ତରୁଣୀ    ତାହାର କଥା ଶୁଣି
ଲାଜେ ନ ଦେଖନ୍ତି ଧରଣୀ ହେ
ନବଘନ ।୨୦।

ପୂର୍ଣ୍ଣ ଚନ୍ଦ୍ରବଦନା    ମତ୍ତ ପଙ୍କବଚନା
ପଲ୍ଲବ ବସନା ରସନା
ପୁଷ୍ପବେଶ ହୋଇ ଯେ    ଆସେ ମକରଧ୍ୱଜେ
ପୀଡ଼ିତ ହୋଇ ପୀନସ୍ତନା ହେ
ନବଘନ
ପଛ ହୋଏ ପଲକ ଗତି
ପୁଲକେ ପୂରଇ ମୋ ଛାତି
ପୀତବସନା ସଙ୍ଗେ    ରତି ପ୍ରୀତି ସଙ୍ଗେ
ପାହୁଥାଏ ବସନ୍ତ-ରାତି ହେ
ନବଘନ ।୨୧।

ଫାଟି ନ ଯାଇ ଛାତି    ରହିଛି ତାହା ଚେତି
ଫୁଟେ ଜାଣିବ ବଜ୍ର ଏହି
ଫୁଲ୍ଲାରବିନ୍ଦମୁଖୀ    ମୁଖ ଯାର ନ ଦେଖି
ତରଳି ନଯାଉଛି ଦେହି ହେ
ନବଘନ
ଫାନ୍ଦେ ପଡ଼ିଲା ମୃଗପ୍ରାୟେ
ପାଇ ବିକଳ ହୋଏ କାୟେ
ଫନ୍ଦାଇ ଅଛି ଯେତେ    ଚନ୍ଦ୍ରିକା କନ୍ଦାଟରେ
ନଅଇ ପ୍ରାଣବନ୍ଧୁ ଯାଏ ହେ
ନବଘନ ।୨୨।

ବଉକର ଅଙ୍ଗରେ    ହେନୁ ଯେ ଥାନ୍ତି ନରେ
ଗ୍ରୀଷ୍ମେ କର୍ପୂର ଚନ୍ଦନ
ବିଶାଳନେତ୍ରୀ ପର—    ସାଦେ ରହିଁକି ମୋର
ଲେଶେହେଁ ନ ବଳଇ ମନ ହେ
ନବଘନ
ବିଧାତା କଲା ଅବିଚାର
ବୁଡ଼ିଲା ସବୁସୁଖ ମୋର
ବସନ୍ତ ଗୈରସମ    ସମସ୍ତ ଋତୁ ଯମ—
ସମାନ ବିଇଧ ମୋହର ହେ
ନବଘନ ।୨୩।

Digitized by srujanika@gmail.com

ଖେଞ୍ଜନ ବନ୍ ଭେଖି— ମନ ଯେମନ୍ତ ସୁଖୀ
ନହଇ ଭୂଷଣ ଭୂଷଣେ
ଭାବନା ବନ ଭାବ ସେହିମତ ଅଭାବ
ହୁଅଇ ଦଇବ କଷଣେ ହେ
ନବଘନ

ଭୂପତି ବନ୍ଧୁନେ ସମ୍ପତ୍ତି
ଭଗାରି ପରାଏ ଦଶନ୍ତ
ଭୁରୁଶୋଭନା ଭବ- ବଣି ବନ୍ଧୁନେ ଜୀବ
ଥିବା କଥାତ ସେହିମତ ହେ
ନବଘନ । ୨୪ ।

ମନ୍ଦ ମନ୍ଦ ଗୁହିଁବା ମନେ ହର୍ଷ କହିବା
ମନ୍ଦକଳ କୋକିଳ ବାଣୀ
ମୋଚେତ ଦଶୁନାହିଁ ଉପମା ଅଛୁ କାହିଁ
ସେ ଅପେ ରସିକ ସିହାଣୀ ହେ
ନବଘନ

ମକର-ଧ୍ୱଜ କଳ୍ପଲତା
ମହତ କାମ ଫଳଦାତା
ମହୀମଣ୍ଡନ ମନ- ମୋହନା ଜୀବଧନ
ମୋ ସୁଖ-ମନ୍ଦର-ଦେବତା ହେ
ନବଘନ ।୨୫।

ଜମ୍ବୁନଦ-ଗୋରାଙ୍ଗ ନବୀନ କଶୋରୀକ
ଦେଖିବାଯାଏ ସୁଚେ ନାହିଁ
ଜପୁଥିବ ତାହାର ନାମତ ନରନ୍ତର
ଯାବତ ଯାତନାକୁ ସହ ହେ
ନବଘନ

ଜଳଜନେତ୍ରୀକ କହିବ
ଯେମନ୍ତେ ଜୀବନ ରହିବ
ଜୀବନ ମୂଷ୍ଟ ନାମ ଯଥାର୍ଥ କର ବାମ—
ନେତ୍ରୀକ ବାମତା ନୋହିବ ହେ
ନବଘନ । ୨୬ ।

ରହିଏ ଯେ ଯାହାକୁ ନ ଛଡେ ସେ ତାହାକୁ
ରଖଇ ଅନେକ ଦୂରରେ
କରଇ ଧାତା ସବୁ କାଳେହେଁ ଗତାଗତ
ଲଙ୍ଘି କରଇ ତହିଁରେ ହେ
ନବଘନ

ରାଜୀବ ସୁତର ଏ ରୀତ
ରତିପତିର ଏ ଅମାତ
ରୋଲମ୍ବ ପ୍ରାଣ ନେଇ ଫୁଲ ଧନୁରେ ଦେଇ
ଫଳକାଣ୍ଡେ ମନ୍ତ୍ରଇ ମତ ହେ
ନବଘନ । ୨୭ ।

ଲୋଚନ କର୍ଣ୍ଣଧାର ଲୋଚନେ ଅଙ୍ଗ ଛାର
ବଲୋକି ଅବଲେପ ଏତେ
ଲୋକ ଦୁଃଖ ନ ଜାଣି ବନ୍ଧଇ ପ୍ରାଣ ପୁଣି
ବାଲୀଶ ଅବବେକ ଚିତ୍ତେ ହେ
ନବଘନ

ଲୋଭିତ ତହିଁରୁ ସରଇ
ଲେଶ ବଗ୍ଭର ନ କରଇ
ଲଭ ହାନ ବଶେଷ ନ ଜାଣି ଆଶ୍ରୟ'ସ-
ପରାଏ ଆପଣେ ମରଇ ହେ
ନବଘନ ।୨୮।

ବସ୍ତୁରୁଅଛୁ ଏବେ ତୁମ୍ଭ ସଙ୍ଗତେ ଯେବେ
ଜୀବ ଏ ବଲ୍ଲଭୀ ପାଶକୁ
ବଧୂବଦନା ବାଳା କୋମଳା ପ୍ରେମଶୀଳା
ଅବଶ୍ୟ ଭଜିବ ନାଶକୁ ହେ
ନବଘନ

ବଷଧର ପିଇଲେ ପୟ
ବୃଦ୍ଧି କରଇ ବଷଚୟ
ବଣ୍ଟକେରୁ ଆଶ୍ରୟ ପାଇଲେ କଟେର ଜୟ
ଏହି ପେନ ହେଉଛୁ ଭୟ ହେ
ନବଘନ ।୨୯।

ସହକେଟି ଶୀତଳ କର୍ପୂର ନାରକେଳ
ଲେମ୍ବୁ ସଂଯୋଗେ ହୋଏ ବଷ
ସୁଜନ ସଙ୍ଗେ ଯେବେ ଦୁର୍ଜନ ସଙ୍ଗ ହୋଏ
ଅବଶ୍ୟ ହୋଏ ଅପଯଶ ହେ
ନବଘନ

ସଉଦାମିନୀ ସଙ୍ଗେ ଥିବ
ସହକେତ ସମୀର ଜୀବ
ସାକ୍ଷୀ ବକ ଡାହୁକ ମଣ୍ଡୂକ ମହାଡାକ
କାହାକୁ କେତେ ନବାରିବ ହେ
ନବଘନ ।୩୦।

Digitized by srujanika@gmail.com

ସତେ ତୃଷ୍ଣ ଜମକ          ଶୁଣି ଲଭେ ଚମକ
ଝଷକେତୁରୁ ଝମକ ତେଣେ
ଶିତିକଣ୍ଠ ବିକଟେ          ଡାକିବାରେ ଚହଟେ
ବନ୍ଧୁକୁ ନ ରକ୍ଷିବ ପ୍ରାଣେ ହେ
ନବଘନ
ସବୁ ସମ୍ପଦ ସରିଯିବ
ସଂସାରେ ଲୋକ କି ବୋଲିବ
ଶୁଭେ ଜୀବନ ଥିଲେ          ଧାତା ସମ୍ମୁଖେ ହେଲେ
ସମସ୍ତ ସୁଖହିଁ ହୋଇବ ହେ
ନବଘନ । ୩୧

ସଲିଳଧର ଯାଅ          ଅପଯଶ ନ ପାଅ
ସବୁ ବୃଷ୍ଟିମାନଙ୍କୁ ଘେନ
ସମସ୍ତ ଉପକାର          କଲ ଯେଉଁ ମୋହର
ଜୀବଧନ ନ କଲ ଦାନ ହେ
ନବଘନ
ସହଜେ ବୋଲିବି ମୁଁ ଯାହା
ସେ କ୍ରୋଧେ ନ ଘେନିବ ତାହା
ସ୍ନେହ ଥାଇଁ ଯହିଁରେ          ମାନକର ତହିଁରେ
ହୃଦରେ ବିସ୍ମରିବ ଏହା ହେ
ନବଘନ ।୩୨।

ହଂସଗମନୀ ଧନ—          ବିଚ୍ଛେଦ ଦୁଃଖ ଘେନି
ମୋ ମନ ମୋହର ନୁହଇ
ହୃଦୟ ନୋହେ ଥୟେ          କଥା ପ୍ରସଙ୍ଗ ପ୍ରାୟେ
କେତେବେଳରେ କି କହଇ ହେ
ନବଘନ
ହର-ବଇରୀ ଶରେ କ୍ଷୀଣ
ହୁଅଇ ଥରେ ଥରେ ଆନ
ହରଷ ହୋଇ ଘନ          କର ଏବେ ଗମନ
ନ ଘେନ କିଛି ଅଭିମାନ ହେ
ନବଘନ ।୩୩

ଷମାସାଗର ବର          ରସିକ ଗିରିଧର—
ବୋଲେ ଜଳଦ ବାହୁଡିଲା
ଷପାକର ବଦନୀ          କ୍ଷୋଭ କରିବା ଘେନି
ଗୋକୁଳ ମାଡ ନ ମାଡିଲା ହେ
ନବଘନ
ଷମେ ଏ ଚଉତିଶା ଶୁଣ
ଛାଡ ମନରୁ ଅବଗୁଣ
ଷମାସାଗର ଲୋକ—          ମାଥା ଚରଣେ ଲୋକ
ଦୀନକୃଷ୍ଣ ଦାସ ଶରଣ ହେ
ନବଘନ ।୩୪।

---

# ଦାକ୍ଷିଣାତ୍ୟରେ ଓଡ଼ିଆ-ଶକ୍ତିର ଉତ୍ଥାନ ପତନ

ଶ୍ରୀ ବ୍ରଜବନ୍ଧୁ ଦାସ

ଦକ୍ଷିଣ ଭାରତରେ ଓଡ଼ିଆ-ଶକ୍ତି ବିଷୟରେ ଲେଖିବାକୁ ଗଲେ ପ୍ରଥମେ ଦେଖିବା ଉଚିତ—ଓଡ଼ିଆ-ଶକ୍ତି ସୁଦୂର ଦାକ୍ଷିଣାତ୍ୟରେ କେତେଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏ ସମ୍ବନ୍ଧରେ ପ୍ରାଚୀନତମ ଐତିହାସିକ ବିବରଣ ମଧ୍ୟରେ ପ୍ରବେଶ ନକରି କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଖାରବେଳଐର ଯଦ୍ୟପି ସୁଦୂର ପାଣ୍ଡ୍ୟଦେଶ (ଆଧୁନିକ ମଦୁରା ଅଞ୍ଚଳ) ପର୍ଯ୍ୟନ୍ତ ଦିଗ୍ବିଜୟ କରି-ଥିଲେ, ତଥାପି ସେ ବିଜୟ ବେଶିଦିନ ସ୍ଥାୟୀ ହୋଇ-ପାରିନଥିଲା । ତା'ର ପରବର୍ତ୍ତୀ ସାତ ଆଠଶତ ବର୍ଷର ଇତିହାସରୁ ସ୍ପଷ୍ଟ ଜଣାପଡେ ଯେ କଳିଙ୍ଗ ରାଜ୍ୟ ସେହି ସମୟମାନଙ୍କରେ ଭିନ୍ନ ଭିନ୍ନ ରାଜ୍ୟଖଣ୍ଡମାନଙ୍କରେ ବିଭକ୍ତ ହୋଇପଡିଲା ଓ ଦକ୍ଷିଣ କଳିଙ୍ଗରେ ଗଙ୍ଗାବଂଶୀୟ ରାଜା-



Digitized by srujanika@gmail.com

ମାନେ ଅନେକକାଳ ପର୍ଯ୍ୟନ୍ତ ଆଧୁନିକ ବିଶାଖାପତ୍ତନ ଓ ଗଞ୍ଜାମ ଜିଲ୍ଲାଦ୍ୱୟକୁ ପାରଳାଖେମଣ୍ଡିର ମୁଖଲିଙ୍ଗ ଓ ନଗରୀକଟକରୁ ଶାସନ କରୁଥିଲେ । ଅନନ୍ତବର୍ମନ୍ ଚୋଡ଼ଗଙ୍ଗଦେବଙ୍କ ଉକ୍ତିକ ଉତ୍ତର କଳିଙ୍ଗ ବିଜୟ ପର୍ଯ୍ୟନ୍ତ ଗଙ୍ଗାବଂଶୀୟମାନେ ଯେଉଁ ରାଜ୍ୟ ଶାସନ କରୁଥିଲେ ତାହାର ସୀମା ବିଶାଖାପତ୍ତନ ଜିଲ୍ଲାସ୍ଥ ସିଂହାଚଳ ପାରହୋଇ ଦକ୍ଷିଣକୁ ବ୍ୟାପିଥିଲା ପରି ବୋଧହୁଏ ନାହିଁ । (Vide the Epigraphic Records of Madras ) ସିଂହାଚଳର ଦକ୍ଷିଣବର୍ତ୍ତୀ ଅଞ୍ଚଳମାନ ବେଙ୍ଗୀର ଦକ୍ଷିଣ-ଚାଲୁକ୍ୟ ତେଲଗୁ ରାଜାମାନଙ୍କ ଅଧୀନସ୍ଥ ଥିଲା । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଗୋଦାବରୀ ନଦୀ ତେଲଗୁ ରାଜ୍ୟ ମଧ୍ୟରେ ପ୍ରବାହିତ ଓ ସିଂହାଚଳହିଁ ଓଡ଼ିଆ ଓ ତେଲଗୁ ରାଜ୍ୟର ସୀମାଚଳ ଅଟେ । ଅଦ୍ୟାବଧି ମଧ୍ୟ ମୁସଲମାନ ଓ ବ୍ରିଟିଶ ରାଜନୈତିକ ପ୍ରଭାବସତ୍ତ୍ୱେ ଓ ତଜ୍ଜନିତ ସାମାଜିକ ଓ ଭାଷାଗତ ପରିବର୍ତ୍ତନ ମଧ୍ୟରେ ସୁଦ୍ଧା ସିଂହାଚଳ ପର୍ଯ୍ୟନ୍ତ ଓଡ଼ିଆ ଜାତିର ସତ୍ତା ପରିଦୃଷ୍ଟ ହୁଏ । ଅତଏବ ସିଂହାଚଳ ପାରହୋଇ ଓଡ଼ିଆରାଜାମାନେ ଯେଉଁ ଦକ୍ଷିଣାଞ୍ଚଳମାନ ଅଧିକାର କରିଥିଲେ ସେ ଗୁଡ଼ିକ ବାସ୍ତବିକ ତେଲଗୁ, ତାମିଲ ବା କର୍ଣ୍ଣାଟକର ଜାତୀୟ ରାଜ୍ୟ । ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଓ ତାଙ୍କ ପରବର୍ତ୍ତୀ ଗଙ୍ଗାବଂଶୀୟ ରାଜାମାନେ ଉତ୍ତର ଦିଗରେ ଅର୍ଥାତ୍ ଆଧୁନିକ ଓଡ଼ିଶାରେ ସୁଦୃଢ଼ ଶାସନ ଚଳାଇଥିଲେ । ସେମାନେ ଦକ୍ଷିଣ ଦିଗପ୍ରତି ବେଶି ଦୃଷ୍ଟି ପାତ କରିନଥିଲେ । ଯେତେବେଳେ ଦାକ୍ଷିଣାତ୍ୟରେ ଚୋଳ ଓ ଚାଲୁକ୍ୟମାନେ ଅଧିକ ବଳଶାଳୀ ହୋଇଥିଲେ ସେତେବେଳେ ଗଙ୍ଗାବଂଶୀୟ ରାଜାମାନଙ୍କ ପ୍ରଭାବ ଦାକ୍ଷିଣାତ୍ୟକୁ ସ୍ପର୍ଶକରି ପାରିନଥିଲା । କିନ୍ତୁ ଚୋଳ ଚାଲୁକ୍ୟଙ୍କର ପତନପରେ ଯେତେବେଳେ ଦାକ୍ଷିଣାତ୍ୟରେ ଅନ୍ତର୍ବିବାଦ, ଅରାଜକତା ଆଦି ବିପର୍ଯ୍ୟୟମାନ ଘଟିଲା ଓ ବାହମନୀ ସୁଲତାନମାନେ ବିଦର, ଗୁଲବର୍ଗା ଓ ଗୋଲକୁଣ୍ଡା ପ୍ରଭୃତି କ୍ରମେ ହସ୍ତକ୍ଷେପ କଲେ ସେହି ସମୟରେ ଗଙ୍ଗାବଂଶୀୟ ଶେଷରାଜା ସୂର୍ଯ୍ୟବଂଶୀୟ ରାଜାମାନେ ଅର୍ଥାତ୍ କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ଦକ୍ଷିଣବିଜୟପ୍ରତି ମନ ବଳାଇଲେ । ଏହି ସୂର୍ଯ୍ୟବଂଶୀୟ ତିନିଜଣ ରାଜାଙ୍କ ରାଜତ୍ୱକାଳରେ ଓଡ଼ିଆ-ଶକ୍ତି ଦାକ୍ଷିଣାତ୍ୟରେ ଅତ୍ୟଧିକ ବଳଶାଳୀ ହୋଇପଡ଼ିଲା । କର୍ଣ୍ଣାଟର ବିଜୟନଗର ରାଜବଂଶ ଓ ବାହାମନୀ ସୁଲତାନ ରାଜାମାନଙ୍କ ମଧ୍ୟରେ ଦାକ୍ଷିଣାତ୍ୟରେ ରାଜ୍ୟାଧିକାର ପାଇଁ ଯେଉଁ ଅନବରତ ଯୁଦ୍ଧ ଲାଗିରହିଥିଲା ସେହି ସୁବିଧା ଦେଖି ସୂର୍ଯ୍ୟବଂଶୀୟ ରାଜାମାନେ କରମଣ୍ଡଳ ଉପକୂଳରେ ଶକ୍ତି ବିସ୍ତାରକଲେ ଓ ବାହାମନୀ ରାଜାମାନଙ୍କୁ ସେମାନେ ମଧ୍ୟ ଯଥେଷ୍ଟ ସହାୟତା ପ୍ରଦାନ କରିଥିଲେ ।

ସୂର୍ଯ୍ୟବଂଶୀୟ ପ୍ରଥମରାଜା କପିଳେନ୍ଦ୍ର ଦେବ ସର୍ବପ୍ରଥମେ ଓଡ଼ିଆ ରାଜ୍ୟର ଅଧୀନସ୍ଥ ତେଲିଙ୍ଗ ରାଜ୍ୟର ଶାସନକର୍ତ୍ତା ନିଯୁକ୍ତ ହୋଇଥିଲେ ! ସେ ତାଞ୍ଜୋର ଜିଲ୍ଲା ଶାସନ କରୁଥିବାର ପ୍ରମାଣ ମିଳୁଅଛି( Vide Epigraphic Records of Madras P. 106 of 1919) ତନ୍ନିଲିଖିତ ତାମ୍ରଶାସନରୁ ଜଣାଯାଏ " It establishes also that the earlier conquest by ଗଜପତି was not a passing in road only but almost an occupation of the Southern country right up to Turu Varur in Tanjore District and Trichinpoly କପିଳେଶ୍ୱରକୁମାର ମହାପାତ୍ର as the chief is called was the son of ଅମ୍ବୀର ଦେବ and is stated to be the ପରିଛା ( Viceroy ) of କୋଣ୍ଡାବିଡ଼ୁ and ଦଣ୍ଡପାଟ and afterwards he was in the position of ପରିଛା of କୋଣ୍ଡାବିଡ଼ୁ, କୋଣ୍ଡାପଲ୍ଲି, ଅଦ୍ଦଙ୍କି, ବିନୁକୋଣ୍ଡା, ଦଣ୍ଡପାଟ ଓ ପଡ଼ାଇବିଡ଼, ତିରୁବାରୁର, ତିରୁଚିନାପଲ୍ଲୀ and ଚନ୍ଦ୍ରଗିରି Kapileswar is evidently the son of Ambar Ray mentioned by Feristha "ଦକ୍ଷିଣ ଆର୍କଟ ଜିଲ୍ଲାର ମନ୍ନୂର ନାମ ସ୍ଥାନରେ ମଧ୍ୟ କପିଳେଶ୍ୱର କୁମାର ମହାପାତ୍ରଙ୍କର ଏକ ଦାନଶାସନ ଖୋଦିତ ହୋଇଅଛି । ୧୩୮୬ ଶକାବ୍ଦର ଅନ୍ୟ ଏକ ଶାସନପତ୍ରରୁ ଜଣାଯାଏ ଯେ କପିଳେନ୍ଦ୍ର ଦେବ ଗଜପତି ହେବା ସମୟରେ ତାଙ୍କ ଶାସିତ ଦକ୍ଷିଣ ରାଜ୍ୟମାନଙ୍କ ଶାସନାର୍ଥ ସେ ଗଣଦେବ ରାଉତରାୟ ନାମକ ଜଣେ ଓଡ଼ିଆ ଶାସନକର୍ତ୍ତାଙ୍କୁ ପଠାଇଥିଲେ ଏହି ଲିପିଟି ଗୁଣ୍ଟୁର ଜିଲାର ଚନ୍ଦ୍ରାପଲ୍ଲୀ ନାମକ ଗ୍ରାମରୁ ପ୍ରାପ୍ତ ( E. R. of Madras 1917 )କପିଳେନ୍ଦ୍ର ଦେବ କର୍ଣ୍ଣାଟ, କଲବର୍ଗ, ମାଳବ, ଗୌଡ଼ ଓ ଡିଲ୍ଲୀର ରାଜାମାନଙ୍କୁ

Digitized by srujanika@gmail.com

ପର୍ଯ୍ୟୁଦସ୍ତ କରିଥିଲେ—ତାହାର ମଧ୍ୟ ଅନେକ ପ୍ରମାଣ-ଅଛି ।

"କର୍ଣ୍ଣାଟେ ଝୁମ୍ପଝମ୍ପ କଲବର୍ଗଜୟୀ
ମାଲବଧ୍ୱଂସଲୀଳା ଜଙ୍ଘାଲୋ
ଗୌଡ଼ମର୍ଦ୍ଦୀ ଭ୍ରମରବରନୃପେ
ଧ୍ୱସ୍ତଭିଲ୍ଲିନ୍ଦ୍ରଗର୍ବାଃ ସଂଗ୍ରାମେ"

( vide Journal of Asiatic Society of Bengal 1900) ସେହି ସମୟରେ କଲବର୍ଗ (ହାଇଦ୍ରାବାଦର ଗୁଲବର୍ଗା ) ରେ ଅହମ୍ମଦସାହ ବାହାମନୀ ରାଜତ୍ୱ କରୁଥିଲେ । କପିଳେନ୍ଦ୍ରଙ୍କ ଅନ୍ତେ ପୁରୁଷୋତ୍ତମ ଦେବ କିପରି ରାଜ୍ୟ ପାଇଲେ ସେ ବିଷୟରେ ମାଦଳାପାଞ୍ଜିରେ ଯଥେଷ୍ଟ ବିବରଣ ଅଛି । ଫେରିସ୍ତାଙ୍କ ଇତିହାସରୁ ଜଣାଯାଏ ଯେ କପିଳେନ୍ଦ୍ରଙ୍କ ପୁତ୍ରମାନଙ୍କ ମଧ୍ୟରେ କଳହ ଲାଗିବାରୁ ପୁରୁଷୋତ୍ତମ ଦେବ ବାହାମନୀ ସୁଲତାନ ଅହମ୍ମଦ ସାହ ( ଦ୍ୱିତୀୟ ) ଙ୍କ ସାହାଯ୍ୟରେ ତାଙ୍କର ଅନ୍ୟାନ୍ୟ ଭାଇମାନଙ୍କୁ ବେଦଖଲକରି ପକାଇଥିଲେ ଓ ବାହାମନୀଙ୍କୁ, ତାହାଙ୍କର ସାହାଯ୍ୟର ପ୍ରତିଦାନାର୍ଥ କୋଣ୍ଡାପଲ୍ଲୀ ଓ ରାଜମହେନ୍ଦ୍ରୀ ( ଆଧୁନିକ ଗୋଦାବରୀ ଓ କୃଷ୍ଣା ) ଜିଲ୍ଲାଦ୍ୱୟ ଅର୍ପଣ କରିଥିଲେ । ପରେ ଏହି ଜିଲ୍ଲାଦ୍ୱୟ ବାହାମନୀଙ୍କଠାରୁ ଛଡ଼ାଇ ଆଣିବାକୁ ଚେଷ୍ଟାକରିବାରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଘଟିଲା ଓ ବାହାମନୀ ୧୪୭୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣରେ ବ୍ରତୀ ହେଲେ, କିନ୍ତୁ ବାହାମନୀ ସେଥିରେ ଅକୃତକାର୍ଯ୍ୟ ହେଲେ ଓ ଉକ୍ତ ଜିଲ୍ଲାଦ୍ୱୟ ଓଡ଼ିଆ ରାଜାଙ୍କ ଅଧୀନକୁ ପୁନର୍ବାର ଆସିଲା । ବାହାମନୀ ରାଜା ମହମ୍ମଦସାହ ୧୪୭୮ ଖ୍ରୀଷ୍ଟାବ୍ଦରେ କାଞ୍ଚୀ ଆକ୍ରମଣ କରିବାକୁ ଯାଇଥିଲେ ଓ ବିଜୟନଗର ରାଜାଙ୍କୁ ପରାସ୍ତ କରିଥିଲେ । ପୁରୁଷୋତ୍ତମ ଦେବ ସମ୍ଭବତଃ ସେହି ଅଭିଯାନରେ ବାହାମନୀ ରାଜାଙ୍କ ପକ୍ଷ ଗ୍ରହଣ କରିଥିଲେ । ସେତେବେଳେ କର୍ଣ୍ଣାଟ କହିଲେ ଆଧୁନିକ କାନାଡ଼ା ଓ ତାମିଲଭାଷୀ ପ୍ରଦେଶକୁ ବୁଝାଉଥିଲା ଓ ତୁଙ୍ଗଭଦ୍ରା ନଦୀ କୂଳସ୍ଥ ବିଜୟନଗର ବା ବିଦ୍ୟାନଗର ଉକ୍ତ କର୍ଣ୍ଣାଟର ରାଜଧାନୀ ଥିଲା ଓ କାଞ୍ଚୀ ( ଆଧୁନିକ କଞ୍ଜେଭେରମ ) ଉକ୍ତ ରାଜ୍ୟର ପୂର୍ବାଞ୍ଚଳ ଅର୍ଥାତ୍ ତାମିଲଭାଷୀ ପ୍ରଦେଶର ପ୍ରଧାନ ନଗରୀ ଓ ତୀର୍ଥ-ଥିଲା । ପୁରୁଷୋତ୍ତମ ଦେବ ସର୍ବପ୍ରଥମେ ଗୁଲବର୍ଗା ( କଲବର୍ଗ ) ର ବାହାମନୀ ରାଜାଙ୍କୁ ପରାସ୍ତ କରିଥିଲେ ଓ ତତ୍ପରେ ତାଙ୍କ ସାହାଯ୍ୟରେ କର୍ଣ୍ଣାଟ ରାଜ୍ୟର କାଞ୍ଚୀ ଅଭିମୁଖରେ ଅଭିଯାନକରି କୃତକାର୍ଯ୍ୟ ହୋଇଥିବାରୁ ସେ କର୍ଣ୍ଣାଟ କଲବର୍ଗେଶ୍ୱର ଉପାଧିଧାରଣ କରିଥିଲେ । କିନ୍ତୁ ପ୍ରକୃତରେ ତାଙ୍କର ରାଜ୍ୟ ଗୋଦାବରୀ ପାରହୋଇ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତଥିଲା । ଆଧୁନିକ ଗୁଣ୍ଟୁରଜିଲ୍ଲାରୁ ପୁରୁଷୋତ୍ତମଦେବଙ୍କର ଅନେକ ଦାନ ଶାସନ ମିଳିଛି । ( Vide E. R. Madras 1916 PP136 ) କପିଳେନ୍ଦ୍ର ଦେବ ଯେତେଦୂର ଓଡ଼ିଆରାଜ୍ୟ ବିସ୍ତାର କରିଥିଲେ ପୁରୁଷୋତ୍ତମ ଦେବ ସେଥିରୁ ଦକ୍ଷିଣତମ କେତେକଜିଲ୍ଲା ସ୍ୱଶାସନାଧୀନରେ ରଖିପାରିନଥିଲେ । ତାଙ୍କର ନିଜର ଭ୍ରାତୃମାନଙ୍କ ସଙ୍ଗେ ବିବାଦ ଏବଂ ବାହାମନୀ ଓ ବିଦ୍ୟାନଗର ରାଜ୍ୟମାନଙ୍କ ପ୍ରଭାବହେତୁରୁ ତାଙ୍କୁ ସେଥିରୁ ବଞ୍ଚିତ ହେବାକୁ ପଡ଼ିଥିଲା । ତାଙ୍କପରେ ଯେତେବେଳେ ପ୍ରତାପରୁଦ୍ରଦେବ ଗଜପତି ସିଂହାସନାରୂଢ଼ ହୁଅନ୍ତି ସେତେବେଳେ ବିଜୟ ନଗରରେ ନରସିଂହରାୟ ଅତ୍ୟଧିକ ବଳଶାଳୀ ହୋଇପଡ଼ିଲେ ଓ ବାହାମନୀ ରାଜାଙ୍କର ସେନାପତି କୁତବସାହ ଗୋଲକୁଣ୍ଡାରେ ଅନ୍ୟଏକ ବାହାମନୀ ରାଜ୍ୟ ସ୍ଥାପନ କଲେ । ଗୋଲକୁଣ୍ଡା ଶକ୍ତି ଓଡ଼ିଆ ରାଜ୍ୟର ସୀମାର ଅତି ନିକଟବର୍ତ୍ତୀ ହୋଇପଡ଼ିଲା, ଏଣୁ ଓଡ଼ିଆ ରାଜ୍ୟପ୍ରତି ବିପଦର ଆଶଙ୍କା ବଢ଼ିଲା । ପ୍ରତାପରୁଦ୍ର ଦେବଙ୍କୁ ବିଜୟନଗରର ନରସିଂହ ରାୟ ଓ ଗୋଲକୁଣ୍ଡାର ବାହାମନୀ ରାଜାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପଡ଼ିଲା । ସେତେବେଳେ ରାମାନନ୍ଦ ରାୟ ରାଜମହେନ୍ଦ୍ରୀରେ ଶାସନକର୍ତ୍ତା ଥିଲେ । ତାହା ମଧ୍ୟ ବୈଷ୍ଣବଧର୍ମର ଅଭ୍ୟୁଦୟ ସମୟ । ନେଲ୍ଲୋର ଓ ଚିଙ୍ଗଲପଟ ଜିଲ୍ଲାରେ ପ୍ରତାପରୁଦ୍ର ଦେବଙ୍କର ଅନୁଶାସନମାନ ଅଛି; ସେଥିରୁ ଜଣାଯାଏ ଯେ ତାଙ୍କର ଶକ୍ତି ୧୫୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉକ୍ତ ଜିଲ୍ଲାମାନଙ୍କ ପର୍ଯ୍ୟନ୍ତ ବ୍ୟାପିଥିଲା । (Vide Sewell's sketch of the SouthernPP 48 dynasties and Chingleput District manual Madras ) ୧୫୧୪ ଖ୍ରୀଷ୍ଟାବ୍ଦରେ ବିଜୟନଗରର ରାଜା କୃଷ୍ଣରାୟ ଗଜପତି ରାଜ୍ୟ ଆକ୍ରମଣକରି ପ୍ରତାପରୁଦ୍ରଙ୍କର ପୁତ୍ର, ବୀର-

Digitized by srujanika@gmail.com

ଭଦ୍ରଙ୍କୁ ପରାଜୟ କଲେ ଓ ତାଙ୍କ ଖୁଡ଼ୁତା ବିମଲପରାଯୁଙ୍କୁ ବନ୍ଦୀକଲେ ଓ ସେହି ଆକ୍ରମଣରେ ଗୋଦାବରୀନଦୀର ଦକ୍ଷିଣବର୍ତ୍ତୀ ରାଜ୍ୟମାନ ଗଜପତି ରାଜ୍ୟଚ୍ୟୁତ ହେଲା । ୧୫୨୨ ଖ୍ରୀଷ୍ଟାବ୍ଦରେ ଗୋଲକୁଣ୍ଡାର ବାହାମନ ରାଜା ମଧ୍ୟ ଓଡ଼ିଆ ଆକ୍ରମଣ କଲେ । ସେ ବୋଧହୁଏ ଜୟପୁର ଅଞ୍ଚଳଉପରେ ପ୍ରଭାବ ବିସ୍ତାରକଲେ ।

ଗୋଦାବରୀ ନଦୀର ପାର୍ଶ୍ୱସ୍ଥ ରାଜ୍ୟମାନ କିପରି ବିଦ୍ୟାନଗର ରାଜା କୃଷ୍ଣରାୟ ଅଧିକାର କଲେ ସେ ସମ୍ବନ୍ଧରେ ପୋର୍ତ୍ତୁଗୀଜ ଐତିହାସିକ Domingos Paes ଓ Fernas Nuniz ଙ୍କ ବିବରଣରୁ ଯଥେଷ୍ଟ ଜଣାଯାଏ । ପ୍ରତାପରୁଦ୍ରଙ୍କ ଶାସନ ସମୟରେ ଦକ୍ଷିଣପଶ୍ଚିମ ଭାରତରେ ପୋର୍ତ୍ତୁଗୀଜ ଶକ୍ତିର ଉଦୟ ହୋଇଥିଲା । ଉକ୍ତ ଐତିହାସିକ ଦ୍ୱୟ ସେ କାଳର ଦାକ୍ଷିଣାତ୍ୟର ଧିବିଶେଷ ବିବରଣମାନ ପୋର୍ତ୍ତୁଗୀଜ ଭାଷାରେ ଲେଖିଯାଇଅଛନ୍ତି (Vide Sewel's A forgetten Empire) ଉକ୍ତପ୍ରଥମ ଐତିହାସିକ ଲେଖିଅଛନ୍ତି " The Kingdom of Oriya is said to be much larger than the Kingdom Narsingh Ray of Vijaynagar. They say there is no greater ruler than the king of Oriya Mabaraja Krishna Ray who was constantly at war with the king of Oriya entered his Kingdom taking and destroying many cities ଦ୍ୱିତୀୟ ଐତିହାସିକ କହନ୍ତି " Krishna Ray was first determined to go against Udaygiri ( Nellore District ) which belonged to the king of Oriya in capturing the city he had to lay seige for one year and half. After Udaygiri he captured Kondarid ( Guntur District )

ଆମ୍ଭେମାନେ ଦେଖିପାରୁଅଛୁଁ ଯେ ପ୍ରତାପରୁଦ୍ରଙ୍କ ସମୟରୁ ଗୋଦାବରୀ ନଦୀର ଦକ୍ଷିଣ ପାର୍ଶ୍ୱସ୍ଥ ରାଜ୍ୟମାନ ଓଡ଼ିଆରାଜ୍ୟରୁ ବିଚ୍ୟୁତ ହୋଇଅଛି । କପିଳେନ୍ଦ୍ରଙ୍କ ସମୟରେ ଯେଉଁ ରାଜ୍ୟ ତାଞ୍ଜୋର ବିଚନପଲ୍ଲୀ ଜିଲ୍ଲାପର୍ଯ୍ୟନ୍ତ ବ୍ୟାପିଥିଲା ତାହା ପୁରୁଷୋତ୍ତମଙ୍କ ଅମଳରେ କଞ୍ଜେଭରେମ୍ (କାଞ୍ଚିପୁରଂ) ଜିଲାପର୍ଯ୍ୟନ୍ତ ଘୁଞ୍ଚିଆସିଲା ଓ ପ୍ରତାପରୁଦ୍ରଙ୍କ ଅମଳରେ ଯଦ୍ୟପି ପ୍ରଥମେ କୃଷ୍ଣା, ଗୁଣ୍ଟୁର ଓ ନେଲ୍ଲୋର ଜିଲ୍ଲାମାନ ତାଙ୍କ ଅଧୀନରେ ଥିଲା—ତାଙ୍କ ଶେଷ ରାଜତ୍ୱକୁ ସେତକ ବିଜୟନଗର ରାଜ୍ୟ ଭୁକ୍ତ-ହେଲା । ଗୋବିନ୍ଦ ବିଦ୍ୟାଧରଙ୍କ ଠାରୁ ଆରମ୍ଭକରି ମୁକୁନ୍ଦ-ଦେବଙ୍କ ପର୍ଯ୍ୟନ୍ତ ଦକ୍ଷିଣରେ ଗୋଦାବରୀ ଉତ୍ତର ପାର୍ଶ୍ୱସ୍ଥ ଅଞ୍ଚଳ ଅର୍ଥାତ୍ ଆଧୁନିକ ବିଶାଖାପଟ୍ଟନ ଜିଲ୍ଲାଟି ମଧ୍ୟ ଗୋଲକୁଣ୍ଡାର ବାହାମନୀଙ୍କ ଅଧିନସ୍ଥ ହେଲା । ପରବର୍ତ୍ତୀ ପରିଚ୍ଛେଦ ମାନଙ୍କରେ ଏହି ଗୋଦାବରୀ ଠାରୁ ନାଗବଲ୍ଲୀ ନଦୀପର୍ଯ୍ୟନ୍ତ ଅଞ୍ଚଳର ବିଚ୍ୟୁତି ବିଷୟ ବିବୃତହେବ । ଏ ସମ୍ବନ୍ଧରେ Orme ତାଙ୍କର ଦକ୍ଷିଣ ଭାରତର ଇତିହାସରେ ମଧ୍ୟ ଲେଖିଅଛନ୍ତି During the time of Mukund Deo the possession of Raj Mahendri and other places near and north of the Godavery was much disputed between the Oriya Princes and Musalman King of Golkonda "

ୱାରେନ୍‌ହେଷ୍ଟିଂସ ଗବର୍ଣ୍ଣର ଜେନେରେଲ ଥିବା ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ତରଫରୁ ଗ୍ରାଣ୍ଟସାହେବ ପାର୍ଲିୟାମେଣ୍ଟଙ୍କୁ ବ୍ରିଟିଶ ଅଧିକୃତ ରାଜ୍ୟବିଷୟରେ କେତେକ ରିପୋର୍ଟ ଲେଖିଥିଲେ । ସେଥିରୁ ଗୋଦାବରୀ ନଦୀର ଉତ୍ତରପାର୍ଶ୍ୱବର୍ତ୍ତୀ ଜିଲ୍ଲାମାନଙ୍କ ଶାସନସମ୍ବନ୍ଧରେ କେତେକ ଐତିହାସିକ ବିବରଣ ମିଳେ । ଉକ୍ତ ଅଞ୍ଚଳ ବ୍ରିଟିଶଙ୍କ ଉତ୍ତର ସରକାର ଭୁକ୍ତ ହୋଇଥିଲା । ସେଥିରେ ବିବୃତ ଅଛି ଯେ " Wistna Deo Gajpati a powerful prince of Orissa having united under his shelter all the ancient domains from the confines of Bengal to those of Telingana, no impression could be made on Rajmahendri or the more northerly province, formerly tributary to Mahomdens while yet possessed by the descendant of Oriya Raja until 1571 A. D. Then a new participation of this Indian principality lessened the power of defence and facilitated the reduction of the proprietory chiefs of the race of Gajpatis to whose lot the Sourhern division

Digitized by srujanika@gmail.com

son along the bank of the Godavery descended as an inheritance ” ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଓଡ଼ିଶା ମୋଗଲ ଅଧିକାରକୁ ଆସିଥିଲା । ତେଲେଙ୍ଗା ମୁକୁନ୍ଦଦେବଙ୍କ ମୃତ୍ୟୁପର୍ଯ୍ୟନ୍ତ ଗୋଦାବରୀ ନଦୀ ଓଡ଼ିଆ ରାଜ୍ୟର ପ୍ରାୟ ଦକ୍ଷିଣ ସୀମା ଥିଲା । ତାଙ୍କ-ପରେ ଯେତେବେଳେ ଭୋଇବଂଶୀୟ ରାଜାମାନେ ଖୋର୍ଦ୍ଧାରେ ଶାସନ ଚଳାଇଲେ, ସେତେବେଳେ ସେମାନଙ୍କ ଅଧୀନରେ ଆଧୁନିକ ଗଞ୍ଜାମଜିଲ୍ଲାର ଅଧିକାଂଶ ଥିଲା ଓ ୧୬୩୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚିକିଲି ରଘୁନାଥପୁର ପର୍ଯ୍ୟନ୍ତ ଭୋଇଙ୍କ ପ୍ରତାପ ବିସ୍ତୃତଥିଲା । ୧୫୭୧ ଖ୍ରୀଷ୍ଟା-ବ୍ଦରୁ ମୁସଲମାନଶାସନ ସୁଦୃଢ଼ଭାବରେ ଚଳିବାପର୍ଯ୍ୟନ୍ତ ବିଶାଖାପତ୍ତନଜିଲ୍ଲାରେ ଓଡ଼ିଆରାଜା ଶାସନ କରୁଥିଲେ । ସେତେବେଳେ ବିଶାଖାପତ୍ତନର ଉପକୂଳ ( plain ) ଅଂଶ କାଶିମକୋଠା ରାଜାଙ୍କ ଅଧୀନସ୍ଥ ଥିଲା ଓ ପାର୍ବତ୍ୟ ଅଞ୍ଚଳ ଅର୍ଥାତ୍ ଜୟପୁରରେ ସ୍ୱାଧୀନ ଓଡ଼ିୟା ରାଜାଥିଲେ । ବସ୍ତରରେ ମଧ୍ୟ ସ୍ୱାଧୀନ ଓଡ଼ିଆ ରାଜା ଥିଲେ । ଓଡ଼ିଆ ଶକ୍ତି କିପରି କ୍ରମେ କ୍ରମେ ଦକ୍ଷିଣଦିଗରେ ହ୍ରାସହୋଇ ଆସିଲା ତାହା ଆମ୍ଭେମାନେ ଆଗରୁ ଦେଖିଅଛୁଁ । ବର୍ତ୍ତମାନ କିପରି ରାଜମହେନ୍ଦ୍ରୀ ଓ କାଶିମ କୋଠା ( ବିଶାଖାପତ୍ତନଜିଲ୍ଲା ଓ ଗୋଦାବରୀ ନଦୀର ଉତ୍ତର ପାର୍ଶ୍ୱସ୍ଥ ଅଞ୍ଚଳ) ରୁ ଓଡ଼ିଆ ଶକ୍ତି ଲୋପ ହେଲା ତାହାର ବିବରଣ ଦିଆଯିବ ।

ରାଜମହେନ୍ଦ୍ରୀ ଓ କାସିମକୋଠା ( ବିଶାଖା-ପତ୍ତନ ) ଜିଲ୍ଲା କିପରି ଓଡ଼ିଆରାଜାଙ୍କ ହାତରୁ ମୁସଲମାନ-ମାନେ ନେଲେ ତାର ଏକ ସବିଶେଷ ବିବରଣ ମୁସଲ-ମାନ ଐତିହାସିକ ଫେରିସ୍ତା ଲେଖିଅଛନ୍ତି । Briggs ନାମକ ଜଣେ ଇଂରାଜ ଐତିହାସିକ Rise of Mahomedan Power in South India ନାମକ ପୁସ୍ତକରେ ତାହା ବିବୃତ କରିଯାଇଅଛନ୍ତି । ପରବର୍ତ୍ତୀ ବିଷୟମାନ ଯଥାସମ୍ଭବ ସେହି ବିବରଣ ଉପରେ ପ୍ରତି-ଷ୍ଠିତ । ଏହି ପରବର୍ତ୍ତୀ ପରିଚ୍ଛେଦ ମାନଙ୍କରେ କେତେକ ପୁନରାବୃତ୍ତି ହୋଇଅଛି, ଉକ୍ତ ପୁନରାବୃତ୍ତି ହେତୁ ପରବର୍ତ୍ତୀ ପରିଚ୍ଛେଦମାନ ସହଜରେ ବୋଧଗମ୍ୟ ହୋଇ-ପାରିବ । ସେଥିରେ ବିଶାଖାପତ୍ତନ ଜିଲ୍ଲାର କେତେକ ସ୍ଥାନର ନାମ ଦିଆ ହୋଇଅଛି । ସେ ସ୍ଥାନ-ଗୁଡ଼ିକ ସାଧାରଣ ପାଠକମାନଙ୍କର ଅପରିଚିତ ଥିବା ସତ୍ତ୍ୱେ ସେଥିପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ । ଦକ୍ଷିଣ ଉପକୂଳ ଅଞ୍ଚଳର ଓଡ଼ିଆ ସାମନ୍ତ ରାଜାମାନେ କିପରି ଶେଷପର୍ଯ୍ୟନ୍ତ ସ୍ୱାଧୀନତା ଅକ୍ଷୁଣ୍ଣ ରଖିଥିଲେ ସେଥିର ବିବରଣ ନିମ୍ନରୁ ମିଳିବ ।

୧୩୪୦ ଖ୍ରୀଷ୍ଟାବ୍ଦରେ ଓରାଙ୍ଗଲର କାକତୀୟ ରାଜାମାନେ ମୁସଲମାନମାନଙ୍କ ଦ୍ୱାରା ପରାଜିତ ହେବା ପରେ ଆଧୁନିକ ହାଇଦ୍ରାବାଦର ଉତ୍ତରାଂଶ ବାହାମନୀ ରାଜାଙ୍କ ଅଧୀନକୁ ଗଲା । ବାହାମନୀ ରାଜାମାନେ ଗୁଲବର୍ଗାଠାରେ ୧୫୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ ଓ ସେମାନଙ୍କର ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରାଦେଶିକ ଶାସନକର୍ତ୍ତାମାନେ ରହୁଥିଲେ । ମହମ୍ମଦ ସାହ ବାହାମନୀଙ୍କ ମୃତ୍ୟୁପରେ ତେଲିଙ୍ଗାନାର ଶାସନକର୍ତ୍ତା ସ୍ୱାଧୀନ ହୋଇପଡ଼ି ତାଙ୍କରାଜ୍ୟ ଗୋଲକୁଣ୍ଡାରୁ ଶାସନ କଲେ ଓ ସେ ସୁଲତାନକୁଲୀ କୁତବ ସାହ ନାମ ଧାରଣ କଲେ । ଗୋଲକୁଣ୍ଡାରେ କୁତବସାହୀ ରାଜ୍ୟ ସ୍ଥାପନ ହେଲାଦିନୁ ଗଜପତିଙ୍କର ପଶ୍ଚିମ ଦିଗରେ ଏକ ପ୍ରଧାନ ଶତ୍ରୁର ଅଭ୍ୟୁତ୍ଥାନ ହେଲା । ଏହି ସମୟରେ କର୍ଣ୍ଣାଟର ବିଦ୍ୟାନଗରରେ କୃଷ୍ଣରାୟ ଓ ଓଡ଼ିଆରାଜ୍ୟ ସମୃଦ୍ଧିରେ ଗଜପତି ପ୍ରତାପରୁଦ୍ର ଦେବ ରାଜତ୍ୱ କରୁଥିଲେ । ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ ଓଡ଼ିଆ ରାଜ୍ୟର ସୀମା କୃଷ୍ଣାନଦୀ ପାରହୋଇ ମାନ୍ଦ୍ରାଜନଗରୀ ପର୍ଯ୍ୟନ୍ତ ବ୍ୟାପିଥିଲା ଓ ଓଡ଼ିଆ ରାଜାଙ୍କ ଦକ୍ଷିଣବର୍ତ୍ତୀ ରାଜ୍ୟମାନ କାଶିମକୋଠା ( ବିଶାଖାପତ୍ତନ ) ରାଜମହେନ୍ଦ୍ରୀ ଗୋଦାବରୀ, କୋଣ୍ଡାପଲୀ ( କୃଷ୍ଣା ) କୋଣ୍ଡାବିଡୁ ( ଗୁଣ୍ଟୁର ) ଓ ଉଦୟଗିରି ( ନେଲ୍ଲୋର ) ପ୍ରଭୃତି ବିଭାଗ ମାନଙ୍କରେ ବିଭକ୍ତଥିଲା । ଏହି ପ୍ରତ୍ୟେକଥିରେ ଏକ ଏକ ଜଣ ସାମନ୍ତ ରାଜା ଶାସନ କରୁଥିଲେ । କିମ୍ବା ସମୟ ସମୟରେ ଜଣେ ଲେଖାଏଁ ପ୍ରାଦେଶିକ ଶାସନକର୍ତ୍ତା ପ୍ରେରିତ ହେଉଥିଲେ । ଏହି ସମୟରେ ମଧ୍ୟ ହାଇଦ୍ରା-ବାଦର ତେଲିଙ୍ଗାନା ବିଭାଗରେ କୁମାକେଠ ସୀତାପତି ନାମକ ଜଣେ ରାଜାଥିଲେ । ତାଙ୍କ ରାଜ୍ୟକୁ ବାହାମନୀ ମାନେ ଆକ୍ରମଣ କରିବାରୁ ସେ କୋଣ୍ଡାପିଲ୍ଲୀ ରାଜାଙ୍କ

Digitized by srujanika@gmail.com

ସାହାଯ୍ୟ ଲୋଡ଼ିଥିଲେ । ଏହି ସମୟରେ କୋଣ୍ଡାପଲ୍ଲୀରେ ଓଡ଼ିଶା ଗଜପତିଙ୍କ ପୁତ୍ର ରାମଚନ୍ଦ୍ରଦେବ ଶାସନ କରୁଥିଲେ । ଏ ଗଜପତି ଓ ରାମଚନ୍ଦ୍ରଙ୍କ ସମ୍ବନ୍ଧରେ ଗବେଷଣା ଓ ଆଲୋଚନା କରିବା ଆବଶ୍ୟକ ହୋଇପାରେ । କୁମାକେଟର ତେଲିଙ୍ଗ ରାଜା ସୀତାପତିଙ୍କ ପ୍ରବର୍ତ୍ତନାରେ ପଡ଼ି ଗଜପତି ରାମଚନ୍ଦ୍ର ଦେବ ଯୁଦ୍ଧର ଆୟୋଜନ କଲେ ଓ ଛଅଲକ୍ଷ ପଦାତିକ ଓ ବଂଶପତ୍ରସ୍ତ ବର୍ଚ୍ଛାଧାରୀ ଅଶ୍ୱାରୋହୀ ସୈନ୍ୟ କୋଣ୍ଡାପଲ୍ଲୀ ଅଭିମୁଖରେ ପ୍ରେରଣ କଲେ । ବିଦ୍ୟାଧର ଓ ହରିଚନ୍ଦନ ନାମଧାରୀ ଦୁଇଜଣ ଓଡ଼ିଆ ରାଜାମଧ୍ୟ ସେମାନଙ୍କ ସଙ୍ଗେ ଯୋଗ ଦେଇ ଥିଲେ, କୋଣ୍ଡାପିଲ୍ଲିଠାରେ ଯେଉଁ ଯୁଦ୍ଧ ହେଲା ସେଥିରେ ଓଡ଼ିଆ ମାନେ ପରାଜିତ ହେଲେ । ରାଜା ରାମଚନ୍ଦ୍ର ବନ୍ଦୀ ହେଲେ ଓ ତାଙ୍କ ଭ୍ରାତୃଷ୍ପୁତ୍ର ବିଦ୍ୟାଧର ନିହତହେଲେ । କୋଣ୍ଡାପଲ୍ଲୀ ଅଧିକାର କରି ମୁସଲମାନମାନେ ଏଲୋର ଓ ରାଜମହେନ୍ଦ୍ରୀ ଦିଗରେ ପ୍ରସ୍ଥାନ କଲେ । ରାଜମହେନ୍ଦ୍ରୀ ଠାରେ ମଧ୍ୟ ହିନ୍ଦୁରାଜା ପରାଜିତ ହେଲେ । ବୈଜନାଥ ଦେବ (Vusnad Veij Nat Deo) ଗଜପତି ଏହି ସମୟରେ ବଙ୍ଗ ସୀମାଠାରୁ ଆରମ୍ଭକରି ସମସ୍ତ ଉପକୂଳ ଅଞ୍ଚଳର ଅଧିପତି ଥିଲେ । ବୈଜନାଥ ଦେବ କିଏ ସେ ସମ୍ବନ୍ଧରେ ବିଶେଷ ଗବେଷଣାକରି ସ୍ୱତନ୍ତ୍ର ପ୍ରବନ୍ଧ ଲେଖାଯିବ । ସେ ରାମଚନ୍ଦ୍ରଙ୍କର ଅବସ୍ଥା ଶୁଣିପାରି ସୁଲତାନ କୁଲିଙ୍କ ନିକଟକୁ ଦୂତପଠାଇ ସନ୍ଧିକଲେ— ସେହି ସନ୍ଧିରେ ଏହା ସ୍ଥିରହେଲା ଯେ ତେଲିଙ୍ଗର ମୁସଲମାନ ରାଜ୍ୟ ଓ ଓଡ଼ିଶାର ହିନ୍ଦୁରାଜ୍ୟର ମଧ୍ୟବର୍ତ୍ତୀ ସୀମା ଗୋଦାବରୀ ନଦୀଠାରେ ରହିବ । ଏହି ସନ୍ଧି ପତ୍ରରେ କୁଲି ଓ ଗଜପତି ଉଭୟଙ୍କ ସ୍ୱାକ୍ଷର ଓ ମୋହର ରହିଲା । ଓ ରାଜମହେନ୍ଦ୍ରୀ ଓଡ଼ିଆରାଜ୍ୟର ଓ ଏଲୋର ତେଲିଙ୍ଗ ବାହାମନୀ ରାଜ୍ୟର ଅଧୀନସ୍ଥ ହୋଇରହିଲା । Briggs Vol. III P 364 ଇତିପୂର୍ବରୁ କର୍ଣ୍ଣାଟର କୃଷ୍ଣରାୟ ପ୍ରତାପରୁଦ୍ରଦେବଙ୍କଠାରୁ କୋଣ୍ଡାବିଦୁ ଓ ଉଦୟଗିରି ଅଧିକାର କରିନେଇଥିଲେ । ଗୋଲକୁଣ୍ଡା ସୁଲତାନ ରାଜମହେନ୍ଦ୍ରୀଠାରେ ଯୁଦ୍ଧରେ ବ୍ୟାପୃତ ଥିବା ସମୟରେ କୃଷ୍ଣରାୟ ତେଲଙ୍ଗିନାର ଦକ୍ଷିଣବର୍ତ୍ତୀ ଅଞ୍ଚଳମାନ ଆକ୍ରମଣ କରୁଥିଲେ । ସୁଲତାନ ଏହା ଶୁଣିପାରି ରାଜମହେନ୍ଦ୍ରୀଠାରୁ କୋଣ୍ଡାବିନ୍ଦୁ ଅଭିମୁଖରେ ଯାତ୍ରାକଲେ ୧୫୩୧ ଖ୍ରୀଷ୍ଟାବ୍ଦରେ ବାହାମନୀ ମଧ୍ୟ କୃଷ୍ଣରାୟଙ୍କଠାରୁ କୋଣ୍ଡାବିନ୍ଦୁ ଅଧିକାର କଲେ ।

ଏହି ସମୟରେ ନଲଗୋଣ୍ଡାରେ ହରିଚନ୍ଦନ ନାମଧାରୀ ଓଡ଼ିଆରାଜା ରାଜତ୍ୱ କରୁଥିଲେ । ସେ ବାହାମନୀ ରାଜ୍ୟ ମଧ୍ୟରେ ପ୍ରବେଶ କରିବାପାଇଁ ଚେଷ୍ଟା କରୁଥିଲେ ଏହି ହେତୁ ସୁଲତାନ ହରିଚନ୍ଦନଙ୍କ ଉଦ୍ଦେଶରେ ସୈନ୍ୟ ପ୍ରେରଣକଲେ । ଉଭୟଙ୍କ ମଧ୍ୟରେ ଭୀଷଣଯୁଦ୍ଧ ହେଲା, ସୁଲତାନ କହି ପଠାଇଲେ ଯେ ଯେବେ ହରିଚନ୍ଦନ ପ୍ରତିଜ୍ଞା କରିବେ ଯେ ସେ ଆଉ ବାହାମନୀ ରାଜ୍ୟ ଆକ୍ରମଣ କରିବେନାହିଁ ଓ ଏଣିକି ଗୋଲକୁଣ୍ଡାର ସାମନ୍ତ ରାଜାରୂପେ ରହିବେ ତେବେ ସେ ଯୁଦ୍ଧ ବନ୍ଦ କରିବେ, ହରିଚନ୍ଦନ ଏଥିରେ ସମ୍ମତ ହେଲେ ଏଥିପରେ ସୁଲତାନ ନଲଗୋଣ୍ଡା ଦେଖିବାର ଇଚ୍ଛା ପ୍ରକାଶ କରିଥିଲେ । ଏହି ସମୟରେ ଉଭୟ ପକ୍ଷରେ ଷଡ଼ଯନ୍ତ୍ର ଚାଲିଥିଲା, ଶେଷକୁ ହରିଚନ୍ଦନ ବନ୍ଦୀହେଲେ ।

କେତେକ ବର୍ଷପରେ ରାଜମହେନ୍ଦ୍ରୀର ରାଜା ବିଦ୍ୟାଧର ଏଲୋର ଆକ୍ରମଣକଲେ ସୁବାଦାର ଦିଲବାର ଖାଁ ଶତ୍ରୁଦମନ କରିବାରେ ବିଶେଷ ପାରଦର୍ଶିତା ଦେଖାଇଥିଲେ ଓ ଏଲୋର ରକ୍ଷାକରି ମୁସଲମାନମାନେ ରାଜମହେନ୍ଦ୍ରୀ ଆକ୍ରମଣରେ ଉଦ୍ୟତ ହେଲେ । ଏହି କଥା ଶୁଣି ବିଦ୍ୟାଧର, କାଶିମକୋଟା, ରାଜାଙ୍କର ସାହାଯ୍ୟ ଲୋଡ଼ିଲେ—ଏକଲକ୍ଷ ପଦାତିକ ଦୁଇହଜାର ଅଶ୍ୱାରୋହୀ ଓ ଦୁଇହଜାର ବର୍ଚ୍ଛାଧାରୀ ସୈନ୍ୟ ନେଇ ସେମାନେ ମୁସଲମାନମାନଙ୍କ ବିପକ୍ଷରେ ଯୁଦ୍ଧଯାତ୍ରାକଲେ । ଏହି ଯୁଦ୍ଧରେ କୋରକୁଣ୍ଡା ନାମକସ୍ଥାନର ରାଜା ନିହତ ହେଲେ ଓ ବିଦ୍ୟାଧର ରାଜମହେନ୍ଦ୍ରୀ ଦିଗରେ ପଳାୟନକଲେ । ଏଥିପରେ ୧୫୬୪ ଖ୍ରୀଷ୍ଟାବ୍ଦରେ ବିଜୟନଗର ରାମରାଜାଙ୍କସଙ୍ଗେ ସମ୍ମିଳିତ ମୁସଲମାନ ସୈନ୍ୟଙ୍କର ତାଳିକୋଟଠାରେ ଯୁଦ୍ଧହେଲା । ସେହି ଯୁଦ୍ଧରେ ଦାକ୍ଷିଣାତ୍ୟର ହିନ୍ଦୁରାଜ୍ୟ ଏକାବେଳକେ ବିନାଶ ସାଧନ ହେଲା । ଏଣିକି ଗୋଲକୁଣ୍ଡାର ବାହାମନୀ ସୁଲତାନ ଉତ୍ତର ଦିଗକୁ (ଓଡ଼ିଆରାଜ୍ୟକୁ) ସେମାନଙ୍କ ଦୃଷ୍ଟିପାତ କଲେ । ଏଲୋର ଶାସନକର୍ତ୍ତା ରୁସ୍ତମ ଖାଁ ରାଜମହେନ୍ଦ୍ରୀ ନିକଟସ୍ଥ ଧବଳେଶ୍ୱର

Digitized by srujanika@gmail.com

ପେନ୍ନାପୁର ଓ ରାଜପୁଣ୍ଡ୍ରୀ ଅଧିକାର କଲେ । କୁମାକୋଣ୍ଡାର ତେଲିଙ୍ଗ ରାଜା ସୀତାପତି ମଧ୍ୟ ହଟଦା ଯୁଦ୍ଧରେ ବ୍ୟାପୃତ ଥିଲେ । ସେ ରାଜମହେନ୍ଦ୍ରୀର ରାଜା ବିଦ୍ୟାଧରଙ୍କ ସଙ୍ଗେ ଯୋଗ ଦେଇ ରାଜମହେନ୍ଦ୍ରୀ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଉଭୟେ ପରାସ୍ତ ହୋଇ ପଳାଇଲେ, ସୀତାପତି ଦକ୍ଷିଣ କର୍ଣ୍ଣାଟର ବିଦ୍ୟା-ନଗରକୁ ଓ ବିଦ୍ୟାଧର ଉତ୍ତରସ୍ଥ କାଶିମକୋଟାର ରାଜାଙ୍କର ଆଶ୍ରୟ ନେଲେ ।

୧୫୬୭ଖ୍ରୀଷ୍ଟାବ୍ଦରେ ରାଜମହେନ୍ଦ୍ରୀ ସୁଲତାନ ରାଜ୍ୟଭୁକ୍ତ ହେବାପରେ କାଶିମକୋଟା ଅଧିକାର କରିବାପାଇଁ ବାହାମନୀ ଇବ୍ରାହିମ କୁତବ ସାହ ରୁଫତ ଖାଁଙ୍କୁ ଆଦେଶ ଦେଲେ । ତଦନୁସାରେ ସୈନ୍ୟଗଣ ଓଡ଼ିଶା ଅଭିମୁଖରେ ଯାତ୍ରାକଲେ (Accordingly the army moved towards Orissa Page 423)କିନ୍ତୁ ସେହି ରାଜ୍ୟ ନିବିଡ଼ ଜଙ୍ଗଲମୟ ଥିବାରୁ ସେ ସ୍ଥାନର ଅରଣ୍ୟକୁ କାଟି ପୋଡି ଜାଳି ଦେବାପାଇଁ ମଧ୍ୟ ଆଦେଶ ଦେଲେ । ସେହିଠାରେ ବେଙ୍କଟରାଜ ନାମକ ଏକ ବିଦ୍ରୋହୀ ମୁସଲମାନମାନଙ୍କୁ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିଲା । ତାର ପରବର୍ତ୍ତୀ ଯୁଦ୍ଧରେ ବିଶାଖାପତ୍ତନର ଗୋପାଳ ପଲ୍ଲୀ ଓ ଖୀରଗୋଡା ନାମକ ସ୍ଥାନମାନ ମୁସଲମାନ କରଗତ ହେଲା ଓ ସେହି ସ୍ଥାନ-ମାନଙ୍କରୁ ମୁସଲମାନ ସୈନ୍ୟମାନେ କାଶୀମକୋଟା ଅଭିମୁଖରେ ଗଲେ । ସର୍ବରାଜ ଓ ବାହୁବଳୀନ୍ଦ୍ର ନାମକ ଦୁଇଭାଇ ଏ ଅଞ୍ଚଳର ପ୍ରଧାନ ରାଜାଥିଲେ । ସେମାନେ ପ୍ରତିବେଶୀ ହିନ୍ଦୁରାଜାମାନଙ୍କର ଅବସ୍ଥା ଆଗରୁ ଦେଖି ରୁଫତ ଖାଁଙ୍କ ନିକଟକୁ ଦୂତ ପଠାଇଲେ ଏଥିରେ ଯେଉଁ ସନ୍ଧିପତ୍ର ସ୍ୱାକ୍ଷରିତ ହେଲା ସେଥିରେ ଏହା ସ୍ଥିର ହେଲା ଯେ ଜ୍ୟେଷ୍ଠଭ୍ରାତା ବାହୁବଳୀନ୍ଦ୍ର ଗୋଲକୁଣ୍ଡାର ସାମନ୍ତ ରାଜାରୂପେ କାଶିମକୋଟା ଶାସନ କରିବେ ଓ ସର୍ବରାଜ ଗୋଲକୁଣ୍ଡାରେ ରହିବେ । ତତ୍ପରେ ମୁସଲମାନ ସୈନ୍ୟ ଗୋପାଳ ଓଡ଼ିଆଙ୍କ ରାଜ୍ୟକୁ ପ୍ରବେଶକଲେ । ସେ ଇତିପୂର୍ବରୁ ବଙ୍ଗଦେଶକୁ ପଳାୟନ କରିଥିଲେ Proceeded to the country of Gopal Ooriar or Wooreea who fled to Bengal 424 । ଏହି ହେତୁରୁ ସେହି ରାଜ୍ୟ ଅକ୍ଳେଶରେ ମୁସଲମାନଙ୍କ ଅଧୀନସ୍ଥ ହେଲା । ତତ୍ପରେ ରୁଫତ୍ ଖାଁ ବିଦ୍ୟାଧରଙ୍କ ରାଜ୍ୟକୁ ଗଲେ । ଯେତେବେଳେ ସେ ରାଜ୍ୟକୁ ବଳପରାଜ ଶାସନ କରୁଥିଲେ । ଏ ସ୍ଥାନଟି ସମୁଦ୍ରକୂଳରେ ଅବସ୍ଥିତ ଥିଲା, କିନ୍ତୁ ନିବିଡ଼ ଅରଣ୍ୟହେତୁ ଅତିକ୍ରମ କରି ହୋଇ ନ ଥିଲା । ମୁସଲମାନମାନେ ହିନ୍ଦୁ ସୈନ୍ୟଙ୍କ ଦ୍ୱାରା ପ୍ରଥମେ ଆକ୍ରାନ୍ତ ହୋଇଥିଲେ, କିନ୍ତୁ ଶେଷକୁ ବଳାପରାଜ ସୁଲତାନଙ୍କ କରଦରାଜା ହେବାକୁ ସ୍ୱୀକାର କଲେ ଓ ବିଦ୍ୟାଧରଙ୍କ ରାଜ୍ୟ ହସ୍ତାନ୍ତର କରିଦେଲେ । ତତ୍ପରେ ରୁଫତ୍ ଖାଁ ଚନ୍ଦରବାର ଅଭିମୁଖରେ ଯାତ୍ରା କରି ତାକୁ ମଧ୍ୟ ଅଧିକାର କଲେ ।

ରୁଫତ୍ ଖାଁ ଦୁଇ ବର୍ଷ ମଧ୍ୟରେ ରାଜମହେନ୍ଦ୍ରୀ ଓ କାଶିମକୋଟାର ଦୁର୍ଗ ଓ ଜିଲ୍ଲା ଅଧିକାର କରି ସେ ଅଞ୍ଚଳର ପରାକ୍ରମଶାଳୀ ରାଜା ବୈଜନାଥ ଦେବଙ୍କ ଆକ୍ରମଣ କରିବାକୁ ମନ ବଳାଇଲେ । ସେ ପ୍ରଥମେ ପୋଟ୍ନୁରର ଗିରିଦୁର୍ଗ ଅଧିକାର କରି ରାଜାଙ୍କ କନିଷ୍ଠ ଭ୍ରାତାଙ୍କୁ ବନ୍ଦୀ କଲେ । ତତ୍ପରେ ସେ ପ୍ରଧାନ ରାଜଧାନୀ କୁଣ୍ଡଦେବ ପଲ୍ଲୀକୁ ଗଲେ । ତାକୁ ମଧ୍ୟ ଅଧିକାର କଲେ । ଏହି ସମୟମଧ୍ୟରେ ବୈଜନାଥ ଦେବ ୫୦୦ ଗଜାରୋହୀ ୧୫୦୦୦ ଅଶ୍ୱାରୋହୀ ଓ ୫୦,୦୦୦ ପଦାତିକସୈନ୍ୟ ନେଇ ରୁଫତ୍ ଖାଁଙ୍କ ସଙ୍ଗେ ଯୁଦ୍ଧ କଲେ । ଏହି ଯୁଦ୍ଧରେ ବୈଜନାଥ ଦେବ ସନ୍ଧି କଲେ ଓ ୩୦୦୦୦ ହୁନ କର ଦେବା ପାଇଁ ଅଙ୍ଗୀକାର କଲେ । ମୁସଲମାନ ରାଜ୍ୟ ରାଜମୁନ୍ଦ୍ରା ପର୍ଯ୍ୟନ୍ତ ବିସ୍ତୃତ ହେଲା ।

ଏହାପରେ କେତେକ ବର୍ଷ ଯିବା ପରେ କାଶିମକୋଟାର ବାହୁବଳୀନ୍ଦ୍ର ପ୍ରାଣତ୍ୟାଗ କଲେ, ଓ ତାଙ୍କର ଦ୍ୱାଦଶ ବର୍ଷ ବୟସ୍କ ପୁତ୍ର ମୁକୁନ୍ଦ ରାଜ, ବାହୁବଳୀନ୍ଦ୍ରନାମ ଧାରଣ କରି ରାଜା ହେଲେ । କିନ୍ତୁ ସେ ତାଙ୍କର ସମ୍ପର୍କୀୟ ( relative ) ବିଦ୍ୟାଧରଙ୍କ ପ୍ରରୋଚନାରେ ପଡି ଗୋଲକୁଣ୍ଡାକୁ କରପ୍ରଦାନ ରହିତ କଲେ । ତାଙ୍କର ଭ୍ରାତା ଦେବରାଜଙ୍କୁ ହତ୍ୟାକଲେ ଏହି ହେତୁରୁ ଗୋଲ-କୁଣ୍ଡା ରାଜା ମହମ୍ମଦ କୁଲୀ କୁତବସାହ ତାଙ୍କର ସୁଦକ୍ଷ-ଦାର ଅମୀନୁଲମଲ୍କଙ୍କୁ କାଶିମକୋଟାକୁ ପଠାଇଲେ ।

Digitized by srujanika@gmail.com

ଯକ୍ଷରାଜାଙ୍କ ପୁଏ ମୁକୁନ୍ଦରାଜ ମଧ ତାଙ୍କ ସଙ୍ଗେ ସଙ୍ଗେ ଗୋଲକୁଣ୍ଡାରୁ ଅସିଥିଲେ । ( ValvRai ବଲ୍ଲଭରାଜ) ଏଥର ମଧ ଉଭୟ ପକ୍ଷମଧ୍ୟରେ ଏକ ଯୁଦ୍ଧର ଆୟୋଜନ ହେବାକୁ ଲାଗିଲ, ଏବଂ ମୁକୁନ୍ଦରାଜ ମଧ ବିଦ୍ୟାନଗର ରାଜା ବେଙ୍କଟପତିଙ୍କ ନିକଟକୁ ଏକ ପଏ ଲେଖିଲେ ଯେ ସେ ବର୍ତ୍ତମାନ କୋଣ୍ଡାବିନ୍ଦୁ ଆକ୍ରମଣ କରିପାରିବେ, ଅନ୍ୟାନ୍ୟ ରାଜାମାନଙ୍କ ସାହାଯ୍ୟ ମାଗିଲେ ଓ ମୁକୁନ୍ଦରାଜ ନିଜେ ମଧ୍ୟ ସସୈନ୍ୟରେ ରାଜମହେନ୍ଦ୍ରୀ ଦିଗରୁ ଯାଇଥିଲେ । କାଶିମକୋଟାରେ ଏକ ଭୀଷଣ ଯୁଦ୍ଧ ହେଲ । ସେଥିରେ ସର୍ବରାଜ ନିହତ ହେଲେ । ମୁକୁନ୍ଦରାଜ ମଧ ପଳାଇ ଆସି କାସିମକୋଟାରେ ଆଶ୍ରୟ ନେଲେ ଓ ସେଠାରେ ସେ ଗଭର୍ଣ୍ଣର ବର୍ଲାସଖାଁ ଓ ଅନ୍ୟାନ୍ୟମାନଙ୍କୁ ହତ୍ୟା କଲେ !

ପ୍ରବଳ ମୁସଲମାନ ସୈନ୍ୟ ଦକ୍ଷିଣ ଦିଗରୁ ଆସିବାରୁ ମୁକୁନ୍ଦରାଜ Mudwara ମୁଦ୍ୱାର ଓ ଚିକାକୋଲ ଆଡ଼କୁ ପଳାଇଲେ । ସେ ମୁକୁନ୍ଦରାଜଙ୍କୁ ଅନୁଧାବନକଲେ ତହୁଁ ସେ ଗଞ୍ଜାମ ଓ ଉତ୍ତରାଞ୍ଚଳକୁ ପଳାଇଲେ ଓ ଜଙ୍ଗଲ ଗ୍ରାମ ମଧ୍ୟରେ ଲୁଚି ହେଲେ । ଅବଶେଷରେ ସେ ସେ ଅଞ୍ଚଳର ପ୍ରଧାନ ପ୍ରତାପଶାଳୀ ରାଜା ରାମଚନ୍ଦ୍ର ରାଜଙ୍କ ଆଶ୍ରୟ ନେଲେ । ଏହି ରାମଚନ୍ଦ ଦେବ ଖୋର୍ଦ୍ଧାରେ ଭୋଇବଂଶୀୟ ପ୍ରଥମରାଜା ଅଟନ୍ତି । ରାମଚନ୍ଦ୍ର ଏହି ଆକ୍ରମଣକାରୀମାନଙ୍କୁ ଦମନ କରିବାପାଇଁ ବଙ୍ଗଦେଶର ପ୍ରତିବେଶୀ ରାଜା ମଧୁସିଂହ ମାନସିଂହଙ୍କୁ ପଏଲେଖିଲେ । ମାନସିଂହ ରାଜପୁତସୈନ୍ୟ ନେଇ ଆକବର ବାଦସାହଙ୍କ ସେନାପତି ଥିଲେ । ରାମଚନ୍ଦ୍ରଙ୍କ ଅନୁରୋଧରେ ମାନସିଂହ ତାଙ୍କୁ ସାହାଯ୍ୟ କରିବାକୁ ଆସିଲେ, ଏହି ଯୁଦ୍ଧରେ କିଛିଲାଭ ହେବାର ନଦେଖି ମାନସିଂହ ବଙ୍ଗଦେଶକୁ ଫେରିଗଲେ । ମୁକୁନ୍ଦରାଜ ମଧ୍ୟ ରାମଚନ୍ଦ୍ରଙ୍କ ରାଜ୍ୟରୁ ଯାଇ ବଙ୍ଗଦେଶର ଆଶ୍ରୟ ନେଉଥିଲେ, ବାହାମନୀ ସେନାପତି ଅମୀନୁଲ ମଲ୍କ ଇଚ୍ଛାନୁଯାୟୀ କାର୍ଯ୍ୟକର ଅଲମଖାଁ ଅଶିରାଓ ଓ ଦୁଇଜଣ ରେଡ୍ଡୀଙ୍କୁ କର୍ମଚାରୀ ସୀମାନ୍ତ ପ୍ରଦେଶ ନିମିତ୍ତ ନିଯୁକ୍ତକରି କାଶିମକୋଟା ଫେରିଗଲେ ।

ଏହି ସମୟରେ ରାଉତରାୟ ନାମକ ଜଣେ ଶ୍ରେଷ୍ଠରଜା ଅମୀନୁଲମଲ୍କଙ୍କ ସଙ୍ଗେ ଯୋଗଦେଇ ସୁଲତାନଙ୍କ ସୈନ୍ୟ ବିଭାଗରେ ପ୍ରଧାନ କର୍ମଚାରୀଥିଲେ ଓ ସେ ଖିଦ୍‌ମତ୍‌ ଧାହସୀଥିଲେ । ସେ ପୂର୍ବରାଜା ବାହୁବଳୀନ୍ଦ୍ରଙ୍କ ଭାଇ ହରିଚନ୍ଦନ ( ଯେ କି ଗୋଲଗଣ୍ଡାରେଥିଲେ ) ତାଙ୍କୁ ଶିଖାଇ ଉଭୟେ ଏକ ଷଡ଼ଯନ୍ତ୍ର କଲେ ଓ କାଶିମକୋଟାରେ କପରି ହରିଚନ୍ଦନ ରାଜା ହେବେ ସେ ଉଦ୍ଦେଶ୍ୟରେ ସୈନ୍ୟସଂଗ୍ରହକଲେ । ଏକଥା ମୁସଲମାନମାନେ ଜାଣିପାରି ଚଢ଼ାଉକଲେ । ସେଥିରେ ରାଉତରାୟ ନିହତ ହେଲେ ଓ ହରିଚନ୍ଦନ ବୈଜନାଥଦେବଙ୍କ ନିକଟକୁ ପଳାଇଲେ । ସେହି ସମୟରେ ମଧ୍ୟ ହରିଚନ୍ଦନ ମୁକୁନ୍ଦରାଜ ବାହୁବଳୀନ୍ଦ୍ରଙ୍କ ନିକଟକୁ ଲେଖିଲେ ଯେ ସେ ଅଧୀନ ରାଜାମାନଙ୍କୁ ସଂଗ୍ରହକରି ମୁସଲମାନମାନଙ୍କ କବଳରୁ Joorjoora ( Ieigowla) ଯୁଦ୍ଧଯୁରା ଦୁର୍ଗ ଛଡ଼ାଇ ପାରନ୍ତି । ଏଥିରେ ହିନ୍ଦୁମାନେ ମଧ ପରାସ୍ତ ହେଲେ । ବୈଜନାଥ ଦେବ ବୀରକୋଠାକୁ ପଳାଇଲେ, ମୁସଲମାନମାନେ ନରାୟଣପଟ୍ଟନମରେ ତମ୍ବୁ ପୋତିଲେ; ଏହି ସମୟରେ ମଧ୍ୟ ଜଲମୁର (Julmur) ମୁକୁନ୍ଦରାଜ ମଧ୍ୟ ମହମ୍ମଦକୁଲୀଙ୍କ କୁତବ ସାହାବାଦ ଦୁର୍ଗ ଅବରୋଧ କରୁଥିଲେ । ବୈଜନାଥଦେବଙ୍କ ପରାଜୟ ଶୁଣି ଅରଣ୍ୟବେଷ୍ଟିତ ପର୍ବତ ଉପରସ୍ଥ ତାଙ୍କ ଦୁର୍ଗକୁ ପଳାଇଲେ । ତାଙ୍କୁ ମୁସଲମାନମାନେ ଅନୁଧାବନ କରିବାରୁ ସେ ବୈଜନାଥଦେବଙ୍କ ନିକଟକୁ ପଏ ଲେଖିଲେ ସେ ତାଙ୍କୁ ଭ୍ରାତୃପୁତ୍ର Nowlapa Nurswandy ଙ୍କୁ ପଠାଇଲେ ଓ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ଅନେକ ସୈନ୍ୟ ମଧ୍ୟ ପଠାଇଲେ । ଏଥିରେ ମଧ୍ୟ ହିନ୍ଦୁମାନେ ପରାଜିତ ହେଲେ । ବୈଜନାଥ ଦେବ ମଧ୍ୟ ସନ୍ଧି ପ୍ରାର୍ଥନା କଲେ ।

ଏହାପରେ ମୁସଲମାନ ସୈନ୍ୟମାନେ ପୁନର୍ବାର ମୁକୁନ୍ଦରାଜ ବାହୁବଳୀନ୍ଦ୍ରଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ, ମୁକୁନ୍ଦରାଜ ଜଲମୁର ଅଧିକାରରେ ରଖି ଚିକାକୋଲ ନିକଟସ୍ଥ ଭିରୁଲ Verool ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ । ଏହି ସ୍ଥାନଟି ପର୍ବତଉପରେ ଅବସ୍ଥିତ । ମୁକୁନ୍ଦରାଜ ପ୍ରଥମେ ଜଲମୁର ଓ ଶେଷରେ ବଙ୍ଗଦେଶକୁ ପଳାୟନକଲେ । ତତ୍ପରେ ଜଲମୁର ମୁସଲମାନମାନଙ୍କ ଅଧିକାରକୁ ଆସିଲା ଓ କାଶିମକୋଟା ପ୍ରଦେଶକୁ ମଧ

Digitized by srujanika@gmail.com

ଯୁଦ୍ଧର ବ୍ୟୟ ବହନ କରିବାକୁ ପଡ଼ିଲା । ହଠାତ୍ ଦିନେ ରାଉତରାୟଙ୍କ ପୁତ୍ର କୃଷ୍ଣରାଜ ଏକ ସୈନ୍ୟଦଳ ସଂଗ୍ରହକରି ବଙ୍ଗଦେଶରେ ଥିବା ମୁକୁନ୍ଦରାଜ ବାହୁବଲୀନ୍ଦ୍ରଙ୍କ ନିକଟକୁ ଫେରିଆସି ପିତୃରାଜ୍ୟ ଅଧିକାର କରିବା ମର୍ମରେ ପତ୍ର ଲେଖିଲେ ଓ ନିଜେ ମଧ୍ୟ ପୋଠନୁର ଓ ମଦଓ୍ୟାରା ଦୁର୍ଗଦ୍ୱୟ ଆକ୍ରମଣ କଲେ । ମୁସଲମାନମାନେ ଧର୍ମରାଓ ଓ ବଜିରାଓଙ୍କୁ ଏ ଯୁଦ୍ଧକୁ ପ୍ରେରଣକଲେ । ମଦୋଓ୍ୟାରାକୁ ମୁସଲମାନେ ଆକ୍ରମଣ କରି ପାରିଲେନାହିଁ କିନ୍ତୁ ଶେଷକୁ ଯେଉଁ ସନ୍ଧି ହେଲା ସେଥିରେ ପଦ୍ଧତି ଶିରସଂକଃରେ ମୁସ୍ତାଫାବାଦ, କୁବେସାବାଦ; ମହମ୍ମଦାବାଦ ନାମଧାରୀ ଦୁର୍ଗମାନ ମୁସଲମାନମାନେ ନିର୍ମାଣ କରିବାର ସ୍ଥିରହେଲା । କୃଷ୍ଣରାଜ ମୁକୁନ୍ଦରାଜଙ୍କୁ ସାହାଯ୍ୟ କରିବାକୁ ଯାଇ ମୃତ୍ୟୁମୁଖରେ ପତିତହେଲେ । ତାପରେ ସଦାଶିବ ନାମକ ଜଣେ ସେନାପତିଙ୍କୁ ଯୁଦ୍ଧକୁ ପଠାଇଲେ ସେ ମଧ୍ୟ ସେହି ଦଶା ଭୋଗକଲେ ଓ ପରେ ୨ ଅଗ୍ନିରାଜ ଓ ବୁସୁନରାଜ ( Agny Raj &Boochun Raj)ମଧ୍ୟ ଗଲେ ଅବଶେଷରେ ମୁକୁନ୍ଦରାଜ ଓ କାଶୀମକୋଠାର ଅନ୍ୟାନ୍ୟ ସମସ୍ତ ରାଜାମାନେ ପରାଜିତ ଓ ବିତାଡ଼ିତ ହେଲେ ଓ ସୂର୍ଯ୍ୟ-ରାଓ ନାମକ ଜଣେ ବ୍ୟକ୍ତି ଗୋଲକୁଣ୍ଡାରୁ ଆସି ସେହି ପ୍ରଦେଶକୁ ଜାଗିର ଦାରମାନଙ୍କ ଭିତରେ ବାଣ୍ଟିଦେଲେ ଓ ଶାସନ କାର୍ଯ୍ୟ ବୁଝିଲେ ।

ଏଥିପରେ ସୟଦ ହୁସେନ ଆଠବର୍ଷ ଶାସନକର୍ତ୍ତା ହୋଇ ରହିଲେ ଓ ଜାହାଙ୍ଗୀର ବାଦଶାହାଙ୍କ ପୁତ୍ର Purveez ଦକ୍ଷିଣାତ୍ୟକୁ ଯୁଦ୍ଧନିମିତ୍ତ ଆସିବାବେଳେ ଦକ୍ଷିଣର ରାଜା-ମାନେ ବିଦ୍ରୋହୀ ହୋଇଥିଲେ । ବୈଜନାଥଦେବ ଏହି ସୁବିଧା ଦେଖି କାଶୀମକୋଠାକୁ ସୈନ୍ୟ ପ୍ରେରଣ କଲେ, କିନ୍ତୁ ବୈଜନାଥଙ୍କ ଭ୍ରାତୁଷ୍ପୁତ୍ର କୃଷ୍ଣରାଜ ଅନେକ ସୈନ୍ୟ-ସାମନ୍ତ ଧରି ସୁଲତାନଙ୍କ ସୈନ୍ୟସଙ୍ଗେ ଯୋଗଦେଲେ । ବୈଜନାଥ ବୃଦ୍ଧହୋଇଥିଲେ ଓ ପୀଡ଼ାଗ୍ରସ୍ତ ହୋଇ ପ୍ରାଣ ତ୍ୟାଗକଲେ ଓ କୃଷ୍ଣରାଜ ମୁସଲମାନଙ୍କ ଅଧୀନତା ସ୍ୱୀକାରକରି ସାମନ୍ତ ରାଜାରୂପେ ରହିଲେ ।

ପୂର୍ବରେ ଯେଉଁ ବିବରଣମାନ ଦିଆଗଲା ସେଥିରେ ବୈଜନାଥଦେବଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳୁନାହିଁ । ମୁସଲମାନ ଐତିହାସିକ ଏହି ଗଜପତିଙ୍କର ଭିନ୍ନ ନାମଦେଇ-ଅଛନ୍ତି । ବୋଧହୁଏ ବୈଜନାଥ ଗଞ୍ଜାମଜିଲ୍ଲାର ଖେମଣ୍ଡି ଅଞ୍ଚଳର ଗଜପତି ଥାଇପାରନ୍ତି । ସେ ବିଷୟରେ ସମ୍ପୂର୍ଣ୍ଣ ଗବେଷଣା ନକରି କିଛି ମନ୍ତବ୍ୟ ପ୍ରକାଶ କରିବା କଠିନ । ଯେତେଦୂର ସମ୍ଭବ ସେ ଖେମଣ୍ଡି ଅଞ୍ଚଳର ଗଜପତି ଥିଲେ ଓ ଖୋର୍ଦ୍ଧା ରାଜା ରାମଚନ୍ଦ୍ରଦେବଙ୍କର ସମସାମୟିକ ଥିଲେ । ଖୋର୍ଦ୍ଧାରାଜା ରାମଚନ୍ଦ୍ରଙ୍କର ରାଜ୍ୟ ଚିକାଲିପର୍ଯ୍ୟନ୍ତ ବିସ୍ତୃତ ଥିଲା, କିନ୍ତୁ ଖେମଣ୍ଡି ଅଞ୍ଚଳ ଅନ୍ୟ ସ୍ୱାଧୀନ ରାଜାଙ୍କ ଅଧୀନସ୍ଥ ଥିଲା । ସେ ବୈଜନାଥ ଯେ ହେଉନ୍ତୁ ପଛକେ ବିଶାଖାପତ୍ତନ ଜିଲ୍ଲାର କାଶିମକୋଠାର ସ୍ୱାଧୀନ ଓଡ଼ିଆ-ରାଜା ବାହୁବଲୀନ୍ଦ୍ରଙ୍କ ସଙ୍ଗେ ୨ କିପରି ସେଜିଲ୍ଲାର ସମତଳ ଅଂଶରୁ ଓଡ଼ିଆ-ଶକ୍ତିର ଲୋପ ହେଲା ତାହାର ସମ୍ୟକ୍ ବିବରଣ ଆମ୍ଭେମାନେ ପାଇଲୁଁ । ଯେପରି ଯାଜପୁର ଯୁଦ୍ଧରେ ତେଲଙ୍ଗା ମୁକୁନ୍ଦ ଦେବଙ୍କ ପରାଜୟ ସଙ୍ଗେ ୨ ଓଡ଼ିଶାର ସ୍ୱାଧୀନତା ଲୋପହେଲା, ସେହିପରି କାଶିମ-କୋଠାର ବାହୁବଲୀନ୍ଦ୍ର ବଂଶର ପତନ ସଙ୍ଗେ ୨ ଦକ୍ଷିଣ ଓଡ଼ିଶା ବା ବିଶାଖାପତ୍ତନ ଅଞ୍ଚଳରେ ଓଡ଼ିଆ ଶକ୍ତି ସେଠାରୁ ଲୋପହେଲା । କାଳକ୍ରମେ ବିଶାଖାପତ୍ତନ ଜିଲ୍ଲା ଫରାସୀ ଓ ଇଂରେଜମାନଙ୍କ ହସ୍ତଗତ ହୋଇ କିପରି ତେଲଙ୍ଗ ପ୍ରଭାବରେ ପ୍ରଭାବିତ ହେଲା ତାହା ପରବର୍ତ୍ତୀ ଐତିହାସିକ ବିବରଣର ବିଷୟ । ଗଞ୍ଜାମଜିଲ୍ଲା ଓ ଜୟପୁର ମାଳ ଅଞ୍ଚଳ କିପରି ମୁସଲମାନ ଅଧିକାରକୁ ଆସିଲା, ତାହା ଏପ୍ରବନ୍ଧର ଆଲୋଚ୍ୟ ବିଷୟ ନୁହେଁ । ସେ ଗୁଡ଼ିକ ଓଡ଼ିଆ ଅଞ୍ଚଳ ଓ ବର୍ତ୍ତମାନ ସେଠାରେ ଓଡ଼ିଆ-ଜାତି ପ୍ରବଳଅଛନ୍ତି । କେବଳ ଯେଉଁ ତାମିଲ ଓ ତେଲିଙ୍ଗି ରାଜ୍ୟ ଉପରେ ଓଡ଼ିଆ ଗଜପତି ସ୍ୱାଧୀନ ବା ସାମନ୍ତ ରାଜାମାନଙ୍କର ପ୍ରଭାବ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟ ଯୁଗରେ ବ୍ୟାପିଥିଲା; ସେହି ଓଡ଼ିଆ ଶକ୍ତିର କିପରି ସେଠାରେ ପତନ ହେଲା ତାହାହିଁ ବିଶିଷ୍ଟଭାବରେ ବର୍ଣ୍ଣିତ ହେଲା । ଓଡ଼ିଆ ଶକ୍ତିର ଦାକ୍ଷିଣାତ୍ୟରେ ଉତ୍ଥାନପାଇଁ ଓଡ଼ିଆର ଗର୍ବକରିବାର ଯଥେଷ୍ଟ କାରଣ ଅଛି । କାଳ-କ୍ରମେ ସମସ୍ତ ଭାରତ ମୁସଲମାନ ଅଧିକାରକୁ ଆସିଲା, ଓଡ଼ିଆରାଜାଙ୍କର ଦାକ୍ଷିଣାତ୍ୟସ୍ଥିତ ରାଜ୍ୟର ଅବସ୍ଥାରେ ବିପର୍ଯ୍ୟୟ ନଘଟନ୍ତା ବା କିପରି ?



Digitized by srujanika@gmail.com

# ବଡ ସାନ

( ଉପନ୍ୟାସ )

ଶ୍ରୀ ବୈଷ୍ଣବଚରଣ ଦାସ

( ୧ )

"ତମ ଦାରଣୀ ଦଣିଅଁ ୯ବେ ସଇଲା— ନଅ, ଏବେ ପୁଅଟ ଗୋଟିଏ ମେମ ସିଆଡୁ ବାହାହେଇକରି ଆସିଲାଣି—ତମ ଶାଶୁପଣିଆଁ ଏଥର ବାହାରିଯିବ ଯେ—"

"ହ, ଯା, ଯା—ମଲା, ସବୁବେଳେ ଖାଲି ଏଇର ସେହିକଥା ! ବୁଢ଼ାକାଳକୁ କେତେ ରଙ୍ଗ ବାହାରୁଚ ଲୋ ମା—"

"ମଲା, ତେମେ କଣ ମିଛମାନୁଚ କି—ଏଇପରି ଚିଠି ଦେଖ୍ ନା—ପୁଅ ବୋହୂ ଆସି ବମ୍ବେଇରେ ପହଞ୍ଚିଲେଣିଟି !

"ହ, ହ—ତେମେ ଆଉ ମୋ ସାଙ୍ଗେ ଠାଉଲି କର ନା—ଯା ! ଚିଠିଟା ମୋତେ ଦେଲେ କ'ଣ ହବ—ମୁଁ ପଢିଜାଣେଁ ନାହିଁ, କଣ କିଏ ଜାଣେଁନାଇଁ କି ! ହୋଃ ! ମୋ ପୁଅ କାଲେ ମେମାଣୀ ବାହା ହବ, ଗଲାବେଳେ ମୋ ଗୋଡ଼ ଛୁଇଁକରି ଯାଇଚ କଣ ଗେଲ !"

"ହଉ—ହେଲା—ମୁଁ ଯଦି ମିଛ କହିଲି ତ କହିଲି ଆଉ କଣ—

ଏତିକି କହି ସାରଦାବାବୁ ଗୃହିଣୀ ଯଉଁଠି ଗୋଟାଏ କୋଣରେ ବସି ପାନକୁଟାଟିରେ ପାନ ଛେଚୁଥିଲେ ସେଠାରୁ ଗମ୍ଭୀରଭାବରେ ବୁଲିପଡି ଅବସନ୍ନ ହେଲାପରି ଯାଇ ପଲଙ୍କଉପରେ ଲଥକରି ପଡିଲେ ଓ ଆଖିରେ ଚସମାଦେଇ ହାତରେ ଥିବା ଚିଠି ଖଣ୍ଡିକ ମନୋଯୋଗ ଦେଇ ପଢ଼ିବାକୁ ଲାଗିଲେ । ଗୃହିଣୀ କିଛିକ୍ଷଣ ଚୁପ୍ ରହି ଛେଚାପାନତକ ପାଟିରେ ଦେଇ ଟିକିଏ ବିସ୍ମିତଭାବରେ ବାବୁଙ୍କ ଗମ୍ଭୀର ମୁହଁ ଆଡକୁ ଚାହିଁରହିଲେ ! ତଥାପି ବାବୁ କିଛି-ନ କହିବାରୁ ହଠାତ ତାଙ୍କ ଦୃଢ଼ତା କୁଆଡ଼େ ଭାସିଗଲା—ବିଚଳିତ ମନରେ ଭାବିଲେ ସତେ କ'ଣ ଆଉ ମୋ କର୍ତ୍ତିକ—

ଧଡ୍ ପଡ୍ ହୋଇ ଉଠିଆସି କହିଲେ—

"ହଇହେ—ସତକଥା କ'ଣ ଭଲା ମୋତେ କହ—ଜାଣିଶୁଣି ମତେ ଏମିତି କଳବଲ କାହିଁକି କରୁଛ ଭଲା ! କ'ଣ ଶୁଣୁନାହିଁ ନା କ'ଣ ମ !" ସାରଦାବାବୁ ସେହିପରି ଚିଠି ଉପରେ ଦୃଷ୍ଟି ରଖି ନିଜ ମନରେ ଅନୁଚ୍ଚ ସ୍ୱରରେ କହିଲେ " ଠିକ୍ କଥା— ତା କିପରି ହବ—ନହେଲେ ମୋ ପୁଅର ବାରିଷ୍ଟରୀ ବୁଝି ! ବାହ୍ ମେମ୍, ଆଉ ଶାଶୁଟା ଭୁଚ୍ଛା ଓଡିଆଣୀ ଏଥିରେ କିପରି ଚଳିବ ! ନାଇଁରେ ପୁଅ—ତୋ ବୋଉଟାକୁ ବଦଳେଇ ନବା—ବୁଢ଼ୀ ହାଡ଼ୀ ଦେଖିକରି ଗୋଟିଏ ମେମ ବୋଉ ଆଣିବା— ହଁ ସେଇ-ଠିକ୍ ହବ—"

ବୁଢ଼ୀ ଆଉ ସହ୍ୟ କରିପାରିଲେ ନାହିଁ । ଏତେ-ବେଳେ ତାଙ୍କ ମନରେ ଦମ୍ଭ ଆସିଲା— ଆଶ୍ୱସ୍ତ ହୋଇ ମନେ ମନେ କହିଲେ—ଯାଃ—ବାବୁଙ୍କୁ ଉଦ୍ଦେଶ୍ୟ କରି କହିଲେ—"ବୁଢ଼ା ମଣିଷଙ୍କୁ ବି ଏତେ ରଙ୍ଗ ଆସେ କି ? ଗୋଟାଏ ଷୋଳବରଷର ଟୋକା ଦେଖିକରି ବା ହଉନା—କଅଁଳ ଆଙ୍ଗୁଠିରେ ପାଚିଲାବାଳ ଓପାଡିବ ! ଅଃ—ଯାଅ ଯାଅ ମୋତେ ଏଗୁଡ଼ା ଦବୁ ଭଲ ଲାଗେନାହିଁ ଯାଅ— " ଏତିକି କହି ହାସ୍ୟମୟୀ ସାରଦାବାବୁଙ୍କ ଆଲିଙ୍ଗନରୁ କପଟ-କ୍ରୋଧରେ ନିଜକୁ ମୁକ୍ତ କରିନେଇ ଅନ୍ୟ ଆଡକୁ ମୁହଁ ଫେରାଇ ଅଧୋମୁଖରେ ଛିଡ଼ାହୋଇ ରହିଲେ । ସାରଦାବାବୁ ଏପରି ଅପ୍ରତ୍ୟାଶିତ ଭାବରେ ବିଧ୍ୱସ୍ତ ହୋଇ-ଯାଇ ସେହିଠାରୁ ଛିଡ଼ାହୋଇ ବୁଢ଼ୀଙ୍କ ଯୁବତୀସୁଲଭ

Digitized by srujanika@gmail.com

ଭଙ୍ଗୀ ଓ ଅଙ୍ଗସ୍ୱାଣୀ କତ୍‌କ୍ଷଣ ଲକ୍ଷ୍ୟକଲେ । ପରେ ହୋ ହୋ କରି ହସିଉଠି କହିଲେ "ବୁଢ଼ୀ ମାଈପଙ୍କ କିଛି ଢ଼ଙ୍ଗ ଆସେନାହିଁ ପରି ! ବୁଢ଼ୀକାଳେ ବି ଏତେ ଛକ୍‌କା ଲୁଅଡ଼ୁ ଆସେ ଏ ମାଈକିନାଙ୍କଠେଇଁ !" ପ୍ରଶଂସମାନ ନେତ୍ରରେ କତ୍‌କ୍ଷଣ ତାଙ୍କଆଡ଼କୁ ଅନାଇ ସାରଦା ବାବୁ ହଠାତ୍ ବୁଢ଼ୀଙ୍କୁ କୋଳକରି ଧରିଆଣି ବିଛଣାରେ ବସାଇ କହିଲେ "ନାଇଁ ହେ ଆମ କାର୍ତ୍ତିକ-କଣ ସେମିତି ପିଲା—ମୁଁ ଖାଲି ଗେଲ ହଉଥିଲି ନା !" "ହାଇଲୋ ମୋର ଗେଲ ! ଯା ହଉ ଏତେବେଳକୁ ଏଙ୍କ ପୁଅ !" ବୋଲି କହି ବୁଢ଼ୀ ଆଡୁରି ମୁହଁ ମୋଡ଼ି-ଦେଇ ବସିଲେ । ସାରଦା ବାବୁ ତାଙ୍କୁ ପ୍ରସନ୍ନ କରିବା ଅଭିପ୍ରାୟରେ ପ୍ରକୃତ କଥାସବୁ କେଁ କେଁ କହିଗଲେ ।

କାର୍ତ୍ତିକ ଅଜକୁ ମାସେ ହେବ ବିଲାତରୁ ବାହାରିଛି— ଯେଉଁ ଜାହାଜରେ ସେ ଅସୁଚି ତା ଅଗ ଜାହାଜରେ ଏ ଚଠି ଆସିଚି—ସେ ଏଇ ଦିନେ ଦି'ଦିନଭିତରେ ବୋମ୍ବେରେ ପହଞ୍ଚିବ—ପହଞ୍ଚିଲାମାତ୍ରକେ ତାର କରିବ— ସାରଦାବାବୁ କଲିକତାପର୍ଯ୍ୟନ୍ତ ଗଲେ ସାଙ୍ଗହୋଇ ଆଗେ ପୁରୀଯିବାକୁ ହବ, ମୁକ୍ତିମଣ୍ଡପରୁ ପ୍ରାୟଶ୍ଚିତ୍ତବିଧାନ ଆଣିବାକୁ ହେବ—ତା ପରେ ଯଉଁକଥା; ଏ ସବୁକଥା ମୌନଭାବରେ ଶୁଣୁଁ ଶୁଣୁଁ ବୁଢ଼ୀ ଆନନ୍ଦରେ ଅଧୀର ହୋଇ ଉଠିଲେ, ତଥାପି ବାବୁଙ୍କ ଆଡ଼କୁ ଚାହିଁଲେ ନାହିଁ କି କିଛି କହିଲେନାହିଁ । ସାରଦାବାବୁ ଗପିବାକୁ ଲାଗିଲେ— ଏଥର କହାକୁ କପରି ଡାକିବାକୁ ହବ, ସମାଜ କଥା— ଇତ୍ୟାଦି ଆଉ କିଛି ନୁହେଁ—ପୁଅ ଅସି ଯେଉଁଦିନ କଟକରେ ପହଞ୍ଚିବ ସେହିଦିନ ଘରେ ଗୋଟାଏ ସଭା କରିବାକୁ ହବ—ଯାବତ ମୁଖିଆ ମୁଖିଆ କରଣମାନେ ସମସ୍ତେ ଅସିବେ – ଖିଆ ପିଆ, ହବ ଇତ୍ୟାଦି ଇତ୍ୟାଦି । ଇତିମଧ୍ୟରେ ବୁଢ଼ୀ କିଛି ନ ଶୁଣିଲାପରି ହଠାତ୍ ଉଠିପଡ଼ି ସେଠାରୁ ବାହାରିଯିବାକୁ ଅଗ୍ରସର ହେଲେ । ସାରଦାବାବୁ ତାଙ୍କ ହାତଧରି ପକାଇବାରୁ ଉଦାସୀନ ଭାବରେ କହିଲେ "ଛାଡ଼ ଛାଡ଼—ମୁଁ ମୋର ଯାଏଁ—ମୋ ପୁଅପାଇଁ କ'ଣ କରିବି ହେଉନା—ଏଠି ବସି କ'ଣ ହବ !" ସାରଦାବାବୁ ହସି ହସି କହିଲେ "ତେବେ ମାନ ଯାଇନାହିଁ, ନାଇଁମ—ତେମେ କ'ଣ ବୁଢ଼ୀ ମୁଁ ଖାଲି ତମକୁ ଚିଡ଼ଉଥିଲି ନା – ତେମେତ

ଅସଲ ଠୋକା-" ଆଉ କହିବାକୁ ହେଲାନାହିଁ, ବୁଢ଼ୀ ଅସମ୍ଭାଳ ହୋଇ ହସିଉଠିଲେ—ଛେଚାପାନର ବୋଲ ବସିଯାଇ ଥିବାରୁ ଯେଉଁ ଦୁଇପାଟି ଦାନ୍ତ ନାଲିକଳା ହୋଇ ଦେଖାଗଲା ସେଥିରେ ପ୍ରକୃତ ଦାନ୍ତ କେତୋଟି ମୋତେ ଠିକ୍ ଜଣାପଡ଼ିଲା ନାହିଁ—ପାଠକେ, ଆପଣ ଟିକିଏ ନିରୀ-କ୍ଷଣ କରି ଦେଖିବେ କି ?

ହଇହେ—ଗୋଟାଏ କଥା !" "କଣ ? ଭାଙ୍ଗ ତ ସୁଆଗ ଅଛି !" "ନାଇଁ—ଗେଲ ନୁହେଁ ତେମେ ଯଉଁଦିନ ପୁଅକୁ ଆଣିବାକୁ କଲିକତା ଯିବ—ମୁଁ ଏକା ତମ ସାଙ୍ଗରେ ଯିବି । ସାଙ୍ଗ ହୋଇକରି କଟକଯାକେ ଆସିବା—ସେଇଠୁଁ ଦିହେଁ ତେମେ ବାପପୁଅ ଦୁହେଁ ପୁରୀ ଯିବ—ମୋତେ ଏଇଠି ଓହ୍ଲାଇଦବ ପଛକେ !" "ଆରେ ଯାମ, ଏତେ-ଅଡ଼ୁଆକୁ ମୁଁ ଯାଇପାରିବି ନାହିଁ—କଲିକତାରେ ଦିନେ ଓଳିଏ ରହିବାକୁ ହବ କି କଣହବ ଠିକଣା ନାହିଁ— ତମକୁ ନେଇ କଉଁଠି ରଖିବି—କ'ଣ କରିବି—ନାଃ ନାଃ ପୁଅ କ'ଣ ଲୁଅଟେଇ ପଳେଇଚି—ସେଇଦିନ କି ତହିଁ-ଆରଦିନ ତ ଅସିବ ଏଠିକି—ଏତେ ବେସ୍ତ କାହିଁକି-ହଉଚ—" "ନାଇଁ ନାଇଁ—ମୁଁ ତ ନିଶ୍ଚେ ଯିବି ! ମୋତେ ପଛକେ ଷ୍ଟେସନଠେଇଁ କଲିକତାରେ ଛାଡ଼ି ଦେଇ ଯିବ—ପୁଅକୁ ନେଇକରି ଆସିଲେ ପୁଣି ସାଙ୍ଗ-ହୋଇ ଅସିବା—" "ଆଉ କଣ ? ତୋଙ୍କୁ ଷ୍ଟେସନଠେଇଁ ଛାଡ଼ିଯିବି ନାହିଁ ଆଉ କଣ ! 'ହାବୁଡ଼ା ଷ୍ଟେସନ' କଟକ ଷ୍ଟେସନ ହେଇଚି ପରି—ହାଃ-ହାଃ ତୋଙ୍କୁ ମୁଁ ଷ୍ଟେସନ-ଠେଇଁ ଛାଡ଼ିଦେଇ ଯିବି ହା—ହା—" "ଅ, ଏ ବୁଢ଼ାଟା କେତେ ହସୁଚି ମ ! ମ ଏବେ ଏତେକଥା ଜାଣିଚି ! ହ ତେମେ ନ ନେଲେ ମୁଁ ଆଉ ଯାଇପାରିବି କି ! ନହେଲେ ଜଣକୁ ସାଙ୍ଗରେ ନେଇ ବାହାରିଯିବି ଯାଃ ! ତୋଙ୍କୁ ଏଇଥିପାଇଁ ଏତେ ଖୋସାମତ ! କି !" "ହଉ-ହଉ—କେମିତି ଯିବ ଯା—କଉଁଦିନ ଯାଉଚ ?" "ତମର ସେଥିରେ କ'ଣ ଅଛି ? ତେମେ କେଉଁଦିନ ଯାଉଚ ଭଲା ?" "ମୁଁ ଏଇ ଖାଇପିଇ ସାରି ବାହାରିବି—" "ଏଁ, ଏଁ—ପୁଅ କଣ କିଛି ତାର କରିଚି କି ?" "ହା, ହା—ଏଇ କାଲେ କଲିକତା ଯିବେ ପୁଅକୁ ଆଣି ! ଅସଲ ଖବରଟ

Digitized by srujanika@gmail.com

ମାଲୁମ ନାହିଁ—ସ୍ନେହଙ୍କୁ ନ ନେଇଗଲେ ଇସ୍ନେହ କାଳେ ଯିବେ ! ଅଚ୍ଛା—କହୁଚ ଯଦି ଶୁଣ—କିନ୍ତୁ ତମ ଯିବାଟା ମୋ ମନକୁ ଆସୁନାହିଁ—"

"କି ମନ ଇସ୍ନେହ ! କି ମନକୁ ଆସିବା ଇସ୍ନେହ—ଅ ଅ ! "ନମ୍ବରରେ ଏହାକହି ସାରଦାବାବୁଙ୍କ ଗୃହିଣୀ ସଙ୍ଗେ ସଙ୍ଗେ ବକ୍ଷାଛନ୍ଦାରେ ଲାଗିଗଲେ । ସାରଦାବାବୁ ଚିଠି ଲେଖି ଲେଖି ତାଙ୍କୁ ଦେଖୁଥାନ୍ତି ଓ ବେଳେ ବେଳେ ମୃଦୁ ହସଇ କହୁଥାନ୍ତି—ତେମେ ଯାଉନ ହିଁ—ସେଇଟା ଏକା ମୋ ମନକୁ ଆସୁନାହିଁ !

× × ×

'ଇଏ କିଏ ରମାନାଥ ?" "ନମସ୍କାର ସାରଦା ଭାଇ ! ଆଉ ତାହାଙ୍କ ଚିହ୍ନିପାରିବ—ପୁଅ ବାରିଷ୍ଟର ହେଲା—ଆଉ କାହିଁକି ପଚାରିବ କାହାକୁ !" "ଆରେ ନାଇଁ ମ ରମାନାଥ—ଏଡ଼େ କଥାଟାଏ ! ଅଜିତ କାହିଁକି Good morning ନ କହି ନମସ୍କାର କହୁଚି !" "ଆରେ ଭାଇ, ଆମେ ଯେତେହେଲେ native ନା ଆଉ କ'ଣ ! ତମ ପୁଅ ବିଲାତ ଫେରନ୍ତା ଆଉ ତମେ ବି—' "ଆରେ—ମୋ ଉପରେ ସତରେ ଏତେ ରାଗ ନା ଖାଲି ସେମିତି କହୁଚ ମ ! ମୁଁ ଏଇ କେତେଦିନ ଏ ଅଜ୍ଞାଆରେ ପଡି ସାଣ୍ଟି ହଉଚି—ମରିବାକୁ ବି ଫୁରସତ ନାହିଁ । ତମ ଆଡ଼କୁ ଯାଇ ପାରିନାହିଁ ବୋଲି ସ୍ଥା କହୁଚ ପରା ! ମୋ ମା' ମାନେ କେମିତି ଅଛନ୍ତି ? ସଖି ମା ମୋର ମୋ ଉପରେ କେତେ ରାଗି ସାରିବଣି—" "ନାଇଁ ମ—କାର୍ତ୍ତିକ କାଲି ସଞ୍ଜକୁ ଆମ ଆଡ଼େ ଯାଇଥିଲା—ବୋଉତ ଏତେବେଳଯାଏ ତାହାରି କଥା କହୁଚି—ବିଲାତ ଯାଇକରି ସେତ ଟିକିଏ କି ବଦଳି ନାହିଁ—ସଖି ବି ସେଇକଥା କହୁଚି । ସଖି କାଲେ ତାକୁ ଜୁହାର ହେବାକୁ ଯାଉଥିଲା—ସେମିତି ସବୁଦିନେ ହୁଏ Good morning ma'am ବୋଲି କହି ଦସ୍ତୁରମତେ ସାହେବୀ ଭାବରେ କାର୍ତ୍ତିକ କପଟ ଗାମ୍ଭୀର୍ଯ୍ୟରେ ହାତ ବଢ଼ାଇଲାରୁ ସଖି ବି ହସ ଚାପି Shake hand ପାଇଁ ଗୋଟିଏ ଅଙ୍ଗୁଳି ବଢ଼ାଇଦେଲା—ସମସ୍ତେ ହସି ହସି ଗଡୁଛନ୍ତି—" "ଆରେ ଭାଇ ଟୋକା ଟୋକୀଙ୍କ କଥା କାହିଁକି କହୁଛ !—" "କାଇଁ ନାଇଁ—ଖାଲି ଗୋଟାଏ ଫର୍ଦ୍ଦି ଆଉ କିଛି ନୁହେଁ ଯେ—ସଖିର କାର୍ତ୍ତିକର ସେମିତି ଖେଳ ପିଲାଦିନୁଁ କେତେ ଖେଳିଛନ୍ତି ଭଲା କହିଲ !" ହିଁ—ପୁଣି ସେଇ ସାଙ୍ଗେ ସାଙ୍ଗେ ବୋଉ ସେଠାକୁ ଆସିବାରୁ ଟୋକାର ସାହେବୀଆଁ କୁଆଡ଼େ ଗଲା ଯେ ! ଧଡ଼୍ ପଡ଼ ହୋଇ ବୁଢ଼ୀ ଗୋଡ଼ତଳେ ମୁଣ୍ତିଆ ନ ମାରିବା ଯାଏଁ ବାଟ ଦିଶିଲାନାହିଁ ! ଟଙ୍କିବ ସେତିକିବେଳେ କାର୍ତ୍ତିକ ଗୋଡ଼ତଳେ ପଡ଼ିଗଲା ! ଏଇସବୁ ଖେଳ କଉତୁକ ଦେଖିବା ପାଇଁ ଏ ପ୍ରାଣ ନା, ଆଉ ଏ ବୁଢ଼ାକାଳେ ଆମର ଅଛି କ'ଣ !—" "ଆରେ ରମୁ—ଏମିତି କଥା ମୋତେ ଚିଡ଼ ଲାଗେ—ମୋ ଆଗରେ ତୁ ଇମିତି କହିବୁ ନାଇଁ—ଅଚ୍ଛା, ଏଡ଼େ ଦୀର୍ଘଶ୍ୱାସଟାଏ ଯେ ପକେଇଲୁ—ଇସ୍ନେହ କ'ଣ ତା ଉପରେ ନ ପଡିବ ଭାବୁଚୁ ! ନିଶ୍ଚେ ପଡ଼ିବ ଜାଣିଥା । ମୁଁ କହୁଛି—ସେ ବଙ୍ଗାଳୁଣୀଗୁଡ଼ାଙ୍କୁ ଛଡ଼ିଲେ ବିଶ୍ୱାସ ନାହିଁ ପରା ! ଧର୍ମ ଛାଡ଼ିଚ ସିଏ—ସେ କାହାକୁ ନ ଗ୍ରୁଡ଼ିବ ହେଁ ।—" "ତାର କଥା ଆଉ ପକା ନାହିଁ, ଭାଇ ! ତାର ଜାଳାରେ ଆଜଯାଏ ପୋଡ଼ି ମରୁଚି ! ଉଷାଟିକୁ ଯା ସେ ନେଇଗଲା—ଏଇ ଦେଖ, ଆଜ ଚିଠି ଆସିଚି—ତାର ବନ୍ଧୁବା ଠିକଣା ନାହିଁ । ମୋତେ ଯିବାକୁ ଲେଖାହୋଇଚି ମୁଁ ତ ଯିବିନାହିଁ—ବୋଉ ଗୋଡ଼କୁଇଁ ନିଯ୍ନମ କରିଚି, କି ତା ମୁହଁ ବି ଦେଖିବିନାହିଁ—ତେବେ ଭାଇ—" "ଆଉ ଦୀର୍ଘଶ୍ୱାସ ପକାନା—ମାଧୁରୀ ତାର ଯୋଗ୍ୟ ନୁହେଁ ! ନା, ନା, ତୁ ମନରେ ଦୁଃଖ ପାଉଚୁ ମୁଁ ଜାଣେ, ତଥାପି ସେ କଥା ଯେତେ ଭାବିବୁ ଦୁଃଖ ସେତିକି ବଢ଼ିବ ସିନା—ମୁଁ କ'ଣ କହୁଥିଲି କି ହେଁ—ମଲା ବେଳକୁ ଥରେ ଯାଇ ତାକୁ ଦେଖିଆସନ୍ତୁ—ବୋଉଙ୍କୁ କହନା—" "ନାଇଁ ଭାଇ ତା ହବାର ନୁହେଁ—ମୁଁ ଆପଣା ମନକୁ ଯଉଁ ନିଯ୍ନମ କରିଚି—ତାକୁ ଭାଙ୍ଗିବି କାପରି ? ବୋଉ କ'ଣ ଭାବିବ ! ବୋଉବି ଲଗାଉନାହିଁ କି ! ମୁଁ ତାକୁ, ସବୁ ହାଲ ଖୋଲିକରି କହୁନାହିଁ—ଦେହ ଟିକିଏ କ'ଣ ହେଇଚି ଏଇସ୍ଥା କହୁଚି । ହିଁ ମୋର ଥରେ ଯାଇ ଶେଷ ଦେଖା ଦେଖି ଆସିବାକୁ ମନ ହଉଚି, ଭାରି ମନ ହଉଚି । ଏ ଦୁର୍ବଳତା କାହିଁକି ହଉଚି କେ ଜାଣି—ହତଭାଗୀ ବୋଧେ ହୁଏ ମଲାବେଳକୁ ଅନୁଶୋଚନାରେ ଦଗ୍ଧ ହୋଇ ପ୍ରାୟଶ୍ଚିତ୍ତ କରୁଚି କି କ'ଣ ! ସେ ଯାହା ହେଉ ମୁଁ କିନ୍ତୁ ଆଉ ଯାଉନାହିଁ । ମଲେ ପଛକେ ଯାଇ ଉଷାକୁ ନେଇ ଆସିବି" । "ହଁ, ଉଷାକୁ ନେଇଆସିବୁ !

Digitized by srujanika@gmail.com

ଉଠିଲା କ'ଣ ଆଉ ଆମର ହୋଇକରି ଅଛି ! ସେ ଏଠୁଁ ଗଲାବେଳୁ ମୁଁ କହୁଚି—ଅଗୁରୁତ ଯାହା ଥିଲା—ଏଥର ମା ଠଉଁ ବଳିଯିବ—" "ହିଂସ୍ରଟା ଏତ ଆମର ହୋଇ ଆଉ କଣ ହବ—ବୟସ ଆସି ୧୮,୧୯ ହେଲା—ଆଉ କେତେ-ଦିନ ସେ । ତାକୁ ତ ଆଣି ରଖିବାକୁ ହବ—ନ ହେଲେ ଅନାୟାସକାରଣେ କଲିକତାରେ ଖରାପ ହୋଇଯିବ ସିନା !—" "ହ ରେ ଭାଇ ଆସିଲେ ହୁଏ—କେଏ ଜାଣି ! ଟଙ୍କାରତ କିଛି ତାର ଅଭାବ ନାହିଁ । ଭଲା ଗୋଟିଏ ପୁଅ ହୋଇଥାନ୍ତା—ଯୋଡ଼କ ଯାକ ହେଲେ ହିଁ ଅ—" "କାହିଁକି ମ ! ସେ ଭାବନା କ'ଣ ମୁଁ କରୁଚି, ଗଣେଶ କାର୍ତ୍ତିକତ ମୋର ଅଛନ୍ତି । ଆଉ ପୁଅ କଣ ହେବ—ହିଁ, ମଉଦା ଭାଇ; କାର୍ତ୍ତିକତ ବିଲାତରୁ ଆସିଲା, ସବୁ ଅଡ଼ୁଆ ତ ଛୁଟିଗଲା—ଏବେ ନିର୍ବନ୍ଧଟା କରିଦବା—ନା କ'ଣ କହୁଚ ?" "ଆରେ ନିର୍ବନ୍ଧ ପାଇଁ କଣ ଅଟକିବ—ମୁଁ କଣ ସେ କଥା ଭାବୁ ନାହିଁ ! ଗଣକୁତ ତୋତେ ଦେଇ ଦେଇଚି ଜାଣିରୁ—ଆଉ ଗୋଟାଏ ନିର୍ବନ୍ଧ କଣ ନା କଥା କଣ—ତେବେ, ହିଁ—ଆଜର ବାରେ ଗୋଟାଏ ବଡ଼ ସଭା କରେଇବ ଏଠି, ଓଡ଼ିଶାର ଯାବତ ମୁଖିଆ କରଣମାନେ ଆସିବେ—କାର୍ତ୍ତିକର ପ୍ରାଣ ପ୍ରତିଷ୍ଠା କରାଇବା, ସେଇ ସଭାରେ ନିର୍ବନ୍ଧବି ହୋଇଗଲେ ମନ୍ଦ ହୁଅନ୍ତା ନାହିଁ—" "ନାଇଁ ଭାଇ ସେଇକଥା ଠିକକର—ମୁଁ ଯାଏଁ ଘରଡେ ଭାଉଜବୋଉଙ୍କୁ ନିଜେ କହିକରି ଆସେଁ—" "ଗଲେ ମୁଁ ବି ଯାଏଁ ! ସେଇ-ଦିନ ନିର୍ବନ୍ଧଟା ହୋଇଗଲେ ଆଉ ଗୋଟାଏ ଚିନ୍ତାବି ମୋର ଯିବ—ହିଁ, ଠିକ ହବ, ଆସନ୍ତା ଫଗୁଣରେ ବିଭାଘର କାମଟା ହୋଇଗଲେଇ ଯାଏ—ଗଣ ଆସି Practice କରିବାର ୩,୪ ବର୍ଷ ହୋଇଗଲା—କାର୍ତ୍ତିକ ବି ଆସିଗଲା—ଆଉ କଣ—" "ହିଁ ତାପଛକୁ ପୁଣି କାର୍ତ୍ତିକର ବିଭାଘର ଅଛି—ସେଟା ତ ପୁଣି ଭାବିବ ! ତାକୁ ଛାଡ଼ିଦେଲେ ସେତ ଗୋଉପର କଉଁଠୁଁ ଗୋଟିଏ ବାହାହବ—ନାଇଁ ସାରଦା ଭାଇ ! ଗଣେଶ ବାହାଘର ଧରୁ ନ ସରୁଣୁ କାର୍ତ୍ତିକର ବି ଗୋଟିଏ ଯାଗ ଦେଖିବାକୁ ହବ—" "ହିଁ, ହିଁ, ତା ନୁହେ କ'ଣ । ସେ ଭାର ତୋର ଉପରେ ଯେ, ମୋତେ କହୁଚୁ କ'ଣ—

କ୍ରମଶଃ—

---

# ପ୍ରାଚୀନ ଭାରତରେ ରସାୟନ-ଚର୍ଚ୍ଚା

ଶ୍ରୀ ପଦାରବିନ୍ଦ ମହାନ୍ତି

ଅଧୁନାତନ ଯୁଗର ଐତିହାସିକମାନେ ପୃଥିବୀର ସମସ୍ତ ପ୍ରାଚୀନ ସଭ୍ୟଜାତିଙ୍କର ଇତିହାସ ଆଲୋଚନା କରି ସ୍ଥିର କରିଅଛନ୍ତି ଯେ—ବିଦ୍ୟା, ରାଜନୀତି, ସମାଜନୀତି ବା ଅନ୍ୟ କୌଣସି ବିଷୟରେ ଭାରତ—ଇଜିପ୍ତ, ଚୀନ, ବ୍ୟାବିଲନ ପ୍ରଭୃତି ସଭ୍ୟଦେଶମାନଙ୍କ ଅପେକ୍ଷା ନିକୃଷ୍ଟ ହୋଇନଥିଲା । ବିଶେଷତଃ ଜ୍ଞାନର ପ୍ରତ୍ୟେକ ବିଭାଗ ସାହିତ୍ୟ, ବିଜ୍ଞାନ, ଗଣିତ, ଦର୍ଶନ ପ୍ରଭୃତିରେ ପ୍ରାଚୀନଭାରତ ଅଭାବନୀୟ ଉନ୍ନତି ଲାଭ କରିଥିଲା । ସହସ୍ର ବର୍ଷ ଅତୀତ ହେଲା ପରେ ମଧ୍ୟ ସଭ୍ୟଜଗତର ଏକତ୍ରୀଭୂତ ଜ୍ଞାନ କେତେକ ବିଷୟରେ ତାହାଠାରୁ ଅଧିକ ଅଗ୍ରସର ହୋଇ ପାରିନାହିଁ । ଗତ ୨।୩ ଶତାବ୍ଦୀ ମଧ୍ୟରେ ବିଜ୍ଞାନର ଅଭୂତପୂର୍ବ ଉନ୍ନତି ହୋଇଅଛି ସତ୍ୟ କିନ୍ତୁ ପ୍ରାଚୀନ ଭାରତର ତପୋବନାର୍ଜିତ ଜ୍ଞାନ ତାହା ତୁଳନାରେ ମଧ୍ୟ ସାମାନ୍ୟ ନୁହେଁ । ବିଜ୍ଞାନର ବିଭିନ୍ନ ଶାଖାମାନଙ୍କ ମଧ୍ୟରେ ରସାୟନ ଶାସ୍ତ୍ରର ଉନ୍ନତି ଅପେକ୍ଷାକୃତ ଆଧୁନିକ ପ୍ରାଚୀନ ଭାରତରେ ଓ ଅନ୍ୟାନ୍ୟ ଦେଶରେ ମଧ୍ୟ ଏହା

---

ପ୍ରାଚୀନ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ 'ରସାୟନ' Tonic ଅର୍ଥରେ ବ୍ୟବହୃତ ହୋଇଅଛି । କିନ୍ତୁ ଏହି ପ୍ରବନ୍ଧରେ ତାହା ଆଧୁନିକ ଅର୍ଥରେ ଇଂରାଜୀ chemistry ର ପ୍ରତିଶବ୍ଦରୂପେ ଲକ୍ଷିତ ହୋଇଅଛି ।

Digitized by srujanika@gmail.com

ଆୟୁର୍ବେଦର ଅଙ୍ଗସ୍ୱରୂପ ବିବେଚିତ ହେଉଥିଲା । ଆର୍ଯ୍ୟ ସଭ୍ୟତାର ପରାକାଷ୍ଠା ସମୟରେ ଆୟୁର୍ବେଦ ଓ ତନ୍ତ୍ର ସଙ୍ଗେ ସଙ୍ଗେ ରସାୟନ ମଧ୍ୟ ଉଚ୍ଚ ସୋପାନ ଆରୋହଣ କରିଥିଲା । ନିମ୍ନୋକ୍ତ ପଂକ୍ତି କତିପୟରେ ତାହାର ସଂକ୍ଷିପ୍ତ ସରଳ ଆଭାସ ପ୍ରଦତ୍ତ ହେବ ।

ହିନ୍ଦୁମାନଙ୍କର ଆଦିଗ୍ରନ୍ଥ ଋଗ୍‌ବେଦରେ ସୋମରସ ଔଷଧରୂପେ ବ୍ୟବହୃତ ହେବାର ଉଲ୍ଲେଖ ଅଛି । ଏହିଠାରୁ ହିନ୍ଦୁ ରସାୟନ ଶାସ୍ତ୍ରର ଉତ୍ପତ୍ତି । ଅନେକ ସ୍ଥଳରେ ସୋମ ଓ ଅନ୍ୟ କେତେକ ଔଷଧର ଗୁଣ କୀର୍ତ୍ତିତ ହୋଇଅଛି । ଯଥା:—

"ଯା ଓଷଧୀଃ ପୂର୍ବାଜାତା ଦେବେଭ୍ୟସ୍ତ୍ରିଯୁଗଂ ପୁରା
ମନୈନ୍ନୁ ବଭ୍ରୂଣାମହଂ ଶତଂ ଧାମାନି ସପ୍ତ ଚ
ଶତଂ ବୋ ଅମ୍ବ ଧାମାନି ସହସ୍ରମୁତ ବୋରୁହଃ,
ଅଧାଶତକ୍ରତ୍ୱୋ ଯୂୟମିମଂ ମେ ଅଗଦଂକୃତ"

ପରବର୍ତ୍ତୀ ବେଦସମୂହରେ ବିଶେଷତଃ ଅଥର୍ବବେଦରେ ଅନେକ ଔଷଧ ଓ ସେ ଗୁଡ଼ିକର ପ୍ରୟୋଗ ମନ୍ତ୍ରର ଉଲ୍ଲେଖ ଅଛି । ମାୟା ଓ ତନ୍ତ୍ର ଅଥର୍ବବେଦର ପ୍ରଧାନ ଅଙ୍ଗ, ସୁତରାଂ ଶେଷୋକ୍ତ ଗ୍ରନ୍ଥର ଲିଖନ କାଳରେ ରସାୟନ ବିଦ୍ୟା ପୂର୍ବଅପେକ୍ଷା ଉଚ୍ଚତର ସୋପାନରେ ଅଧିରୂଢ଼ ହୋଇଥିବାର ଅନୁମିତ ହୁଏ । ପ୍ରାଚୀନ ଗ୍ରୀସ ଓ ମିଶରରେ ମଧ୍ୟ ମାୟା ଓ ତନ୍ତ୍ରର ବହୁଳ ପ୍ରଚଳନ ଥିଲା । ତେଣୁ ସେମାନଙ୍କର Papyrus of Leyden ନାମକ ଗ୍ରନ୍ଥ ସଙ୍ଗରେ ଅଥର୍ବବେଦର ବହୁଳ ସାମଞ୍ଜସ୍ୟ ଲକ୍ଷିତ ହୁଏ । ଅଥର୍ବବେଦରେ ସ୍ୱର୍ଣ୍ଣ ଓ ମୌକ୍ତିକର ବ୍ୟବହାର ମଧ୍ୟ ଲକ୍ଷିତ ଅଛି ।

ବୈଦିକଯୁଗର ଅବ୍ୟବହିତ ପରେ ଆୟୁର୍ବେଦ ଓ ତନ୍ତ୍ର ସହଗାମୀ ରସାୟନ ବିଦ୍ୟା ଶନୈଃ ଶନୈଃ ଉନ୍ନତି ଲାଭକଲା । ଅଗ୍ନିବେଶ, ଭେଳ, ଜାତୁକର୍ଣ୍ଣ, ପରାଶର, ହାରୀତ, କ୍ଷାରପାଣି ପ୍ରଭୃତିଙ୍କର ଆୟୁର୍ବେଦ ଗ୍ରନ୍ଥ ଏହି ସମୟର ରସାୟନ ବିଦ୍ୟା ସମ୍ବନ୍ଧରେ ସାକ୍ଷୀସ୍ୱରୂପ । ତତ୍ପରେ ଚରକ ଓ ସୁଶ୍ରୁତର ରଚନାକାଳ ରସାୟନ-ବିଦ୍ୟାର ଇତିହାସରେ ବିଶେଷ ସ୍ମରଣଯୋଗ୍ୟ । ଏହି ସମୟରେ ହିନ୍ଦୁ ଆୟୁର୍ବେଦ ଓ ରସାୟନ ସୁଶୃଙ୍ଖଳ ଭିତ୍ତିରେ ସ୍ଥାପିତ ହେଲା । ବର୍ତ୍ତମାନ ଚରକର ରଚନାକାଳ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯାଉ ।

ଫରାସି ପ୍ରତ୍ନତତ୍ତ୍ୱବିଦ୍ ଲେଭି ମହୋଦୟ ବୌଦ୍ଧ ତ୍ରିପିଟକରୁ ପ୍ରାପ୍ତ ହୋଇଅଛନ୍ତି ଯେ ଚରକନାମକ ଜନେକ ଚିକିତ୍ସକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ମହାରାଜ କନିଷ୍କଙ୍କର ଚିକିତ୍ସାଗୁରୁ ଥିଲେ, ସୁତରାଂ ତାଙ୍କ ମତରେ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀ ଚରକର ରଚନା କାଳ । କିନ୍ତୁ ପାଣିନିଙ୍କ ସୂତ୍ର 'କଠ ଚରକାତ୍ ଲୁକ୍'ରୁ ପ୍ରମାଣିତ ହୁଏ ଯେ ଚରକ ପାଣିନିଙ୍କର ପୂର୍ବବର୍ତ୍ତୀ; ତେଣୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀପୂର୍ବରୁ ଚରକ ରଚିତ ହୋଇଥିବାର ଅନୁମିତ ହୁଏ । ପୁନଶ୍ଚ ଚରକର ରଚନାପ୍ରଣାଳୀ ସୁଶ୍ରୁତପରି ସୁଶୃଙ୍ଖଳ ନୁହେ । ତାହା କେତେକ ପରିମାଣରେ ବୈଦିକ—ଗ୍ରନ୍ଥମାନଙ୍କ ପରି ଜଟିଳ ଓ ବାହୁଲ୍ୟମୟ । ଚରକରେ ବୈଦିକମନ୍ତ୍ର ଅନେକସ୍ଥଳରେ ଉଦ୍ଧୃତ ହୋଇଅଛି, କିନ୍ତୁ ପୁରାଣ-ବର୍ଣ୍ଣିତ କୌଣସି ବିଷୟର ଉଲ୍ଲେଖ ନାହିଁ । ତେଣୁ ଚରକ ପୁରାଣମାନଙ୍କ ଅପେକ୍ଷା ପ୍ରାଚୀନତର ବୋଲି କାହାର କାହାର ମତ । ଉପର୍ଯ୍ୟୁକ୍ତ ବିଷୟଗୁଡ଼ିକ ବିବେଚନା କଲେ ଚରକ ପ୍ରାଗ୍ ବୌଦ୍ଧ ଯୁଗରେ ଲିଖିତ ବୋଲି ସ୍ଥିର କରାଯାଇ ପାରେ ।

ନିମ୍ନଲିଖିତ ବିଷୟଗୁଡ଼ିକରୁ ସେହି ସମୟରେ ରସାୟନ ଗତ ଜ୍ଞାନର ପରିଚୟ ମିଳିବ ।

( ୧ ) ସେମାନଙ୍କର ଧାରଣା ଥିଲା ଯେ—'କ୍ଷିତ୍ୟପ୍‌ତେଜମରୁଦ୍‌ବ୍ୟୋମ' ଏହି ପଞ୍ଚ ମହାଭୂତମଧ୍ୟରୁ ଭିନ୍ନ ଭିନ୍ନ ମହାଭୂତ ଦ୍ୱୟର ସମବାୟରେ ସମସ୍ତ ସୃଷ୍ଟବସ୍ତୁ ଉତ୍ପନ୍ନ ଓ ତଦନୁସାରେ ସେମାନଙ୍କର ରସଗତ ପାର୍ଥକ୍ୟ ଜାତ ହୁଏ ।

( ୨ ) ସୌବର୍ଚ୍ଚଳ, ସୈନ୍ଧବ, ବିଟ, ଔଦ୍ଭିଦ ଓ ସାମୁଦ୍ର ଏହି ପଞ୍ଚଲବଣ ଔଷଧରୂପେ ବ୍ୟବହୃତ ହେଉଥିଲା ।

( ୩ ) ଦଦ୍ରୁ ପ୍ରଭୃତି ରୋଗରେ ଲେପନ ନିମିତ୍ତ ତୁତିଆ, ହୀରାକସ, ହରତାଳ, ମନଃଶିଳା ଓ ଗନ୍ଧକ ପ୍ରଭୃତି ଯୋଗେ ପ୍ରସ୍ତୁତ ଲେପ ପ୍ରୟୋଗ କରାଯାଉଥିଲା ।

( ୪ ) କେତେକ ବୃକ୍ଷର ଶାଖାକୁ ଶୁଷ୍କ ଓ ଅଗ୍ନିଦଗ୍ଧ କରି ତାହାର ଭସ୍ମକୁ ଜଳରେ ଦ୍ରବୀଭୂତ କରି କ୍ଷାର ପ୍ରସ୍ତୁତ ହେଉଥିଲା ।

Digitized by srujanika@gmail.com

ବର୍ତ୍ତମାନ ଶୁଶ୍ରୁତର ରଚନା କାଳସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯାଉ । ଚରକଙ୍କର ଶୁଶ୍ରୁତରେ ବାହୁଲ୍ୟ ବା ପ୍ରଗଳ୍ଭତା ନାହିଁ । ଏହାର ସଂକ୍ଷିପ୍ତ ବର୍ଣ୍ଣନାରେ ଶୁଶ୍ରୁତର ଅଙ୍ଗ ପୃଷ୍ଟ । ଶୁଶ୍ରୁତର ଆଧୁନିକତାର ଅନ୍ୟଗୋଟିଏ ପ୍ରମାଣ ଏହି ଯେ ତାହାର ଉତ୍ତରତନ୍ତ୍ର ବୌଦ୍ଧ ରସାୟନବିତ୍ ନାଗାର୍ଜ୍ଜୁନଙ୍କ କର୍ତ୍ତୃକ ଲିଖିତ । କେତେକ ରକ୍ଷଣଶୀଳ ବ୍ୟକ୍ତି ବର୍ତ୍ତମାନ ଯୁଗରେ ମଧ୍ୟ ଶୁଶ୍ରୁତକୁ ସ୍ୱର୍ଗଭିଷକ୍ ଅଶ୍ୱିନୀକୁମାରଙ୍କ ପ୍ରଣୀତ ବୋଲି କହିଥା'ନ୍ତି । ମହାଭାରତ ଓ କାତ୍ୟାୟନପ୍ରଣୀତ 'ବର୍ତ୍ତିକା'ରେ(ଖ୍ରୀଃ ପୂଃ ୪ର୍ଥ ଶତାବ୍ଦୀ) ଏହି ନାମରେ ଉଲ୍ଲେଖ ଅଛି । ବାଉଅର ପାଣ୍ଡୁଲିପିରେ (Bower Ms) ଶୁଶ୍ରୁତ ସମ୍ବନ୍ଧରେ ଯାହା ଲିଖିତ ଅଛି ସେଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଶୁଶ୍ରୁତ ତାହାର ବହୁ ଶତାବ୍ଦୀପୂର୍ବରୁ ଲିଖିତ ହୋଇଥିଲା । ବର୍ତ୍ତମାନ ଡାକ୍ତର ହର୍ଣ୍ଣଲେ ଓ ଅଧ୍ୟାପକ ବୁଲର୍ ପ୍ରମାଣ କରିଅଛନ୍ତି ଯେ ବାଉଅର ପାଣ୍ଡୁଲିପି ଖ୍ରୀଷ୍ଟୀୟ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା । ପୁନଶ୍ଚ ବାଗ୍‌ଭଟ୍ଟ ତାଙ୍କର 'ଅଷ୍ଟାଙ୍ଗହୃଦୟରେ' ଚରକ ଓ ଶୁଶ୍ରୁତର ଅନେକ ଅଂଶ ଉଦ୍ଧାର କରିଅଛନ୍ତି; ତେଣୁ ଏହା ଅନ୍ତତଃ ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ପୂର୍ବରୁ ଲିଖିତ ବୋଲି ଅନୁମିତ ହୋଇପାରେ । ଏହି ମତର ଆନୁକୂଲ୍ୟରେ ଅନ୍ୟ ଗୋଟିଏ ପ୍ରମାଣ ମଧ୍ୟ ପ୍ରଦର୍ଶିତ ହୋଇଅଛି । ମାଧବକର ତଦୀୟ 'ନିଦାନ'ରେ ଶୁଶ୍ରୁତର 'ଉତ୍ତରତନ୍ତ୍ରରୁ' ଅନେକ ଅଂଶ ଉଦ୍ଧାର କରିଅଛନ୍ତି । ନିଦାନ ମଧ୍ୟ ବାଗ୍‌ଦାଦର ଖାଲିଫଙ୍କ ଆନୁକୂଲ୍ୟରୁ ଅନୁବାଦିତ ହୋଇଥିଲା, ସୁତରାଂ ତାହା ଅନ୍ତତଃ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ପୂର୍ବରୁ ଲିଖିତବୋଲି ପ୍ରତୀୟମାନ ହେଉଅଛି ।

ଶୁଶ୍ରୁତର ରସାୟନିକ-ତତ୍ତ୍ୱ ମଧ୍ୟରେ ନିମ୍ନଲିଖିତ କେତୋଟି ବିଷୟ ଉଲ୍ଲେଖଯୋଗ୍ୟ । ସେ ସମୟରେ କୁଟଜ, ପଳାଶ, ଅଶ୍ୱକର୍ଣ୍ଣ, ବିଭୀତକ, ଅର୍କ ଓ ପାଟଳ ପ୍ରଭୃତି ବୃକ୍ଷର ଭସ୍ମ ଧାବନ ପୂର୍ବକ କ୍ଷାର ପ୍ରସ୍ତୁତ ହେଉଥିଲା । ଏହି କ୍ଷାରର ଆୟୁର୍ବେଦିକ ବ୍ୟବହାର ଓ ତଦୁପରି ଅମ୍ଳର ପ୍ରତିକ୍ରିୟା ଶୁଶ୍ରୁତରେ ବିଶଦଭାବରେ ବର୍ଣ୍ଣିତ ଅଛି । ଧାତବ ଦ୍ରବ୍ୟ ମଧ୍ୟରେ ଦସ୍ତାଯୁକ୍ତ ବଙ୍ଗ ଓ ସୀସକ କୃମିନାଶକରୂପେ ବ୍ୟବହୃତ ହେଉଥିଲା । କ୍ଷତର ବାହ୍ୟ ପ୍ରଲେପ ନିମିତ୍ତ ଗୈରିକ ତୁତିଆ, ପୀତ ହୀରକସ, ସୈନ୍ଧବ ଓ ହରିତାଳରୁ ପ୍ରସ୍ତୁତ ଗୋଟିଏ ଲେପର ବ୍ୟବହାର ମଧ୍ୟ ଲକ୍ଷିତ ଅଛି । ଧାତୁ ଭସ୍ମ ପ୍ରସ୍ତୁତ କରିବାର ନିମ୍ନଲିଖିତ ପ୍ରଣାଳୀ ଶୁଶ୍ରୁତରେ ବର୍ଣ୍ଣିତ ଅଛି । ଧାତୁଖଣ୍ଡ ଲବଣ ଜଳରେ ସିକ୍ତ କରି ଗୋମୟ-ଅଗ୍ନିରେ ଉତ୍ତାପ ପ୍ରଦାନ ପୂର୍ବକ ହରିତକୀ କ୍ୱାଥରେ ଅଭିଷିକ୍ତ ହେଉଥିଲା । ତତ୍ପରେ ଖଇର କାଷ୍ଠର ଅଗ୍ନିରେ ଦଗ୍ଧ ହୋଇ ଚୂର୍ଣ୍ଣୀକୃତ ହେଲେ ବ୍ୟବହାରର ଉପଯୋଗୀ ହେଉଥିଲା । ଅୟସ୍କୃତି (metallic Salt) ପ୍ରସ୍ତୁତ କରିବା ସମ୍ବନ୍ଧରେ ମଧ୍ୟ ଗୋଟିଏ ଚମତ୍କାର ପ୍ରକ୍ରିୟା ଲିଖିତ ଅଛି । ସେମାନେ ଲବଣ ଯବକ୍ଷାର ଓ magnesia ଏକତ୍ର ମିଶ୍ରିତ କରି ତହିଁରେ ଧାତୁଖଣ୍ଡ ଅଭିଷେକ କରି ଅଗ୍ନିଦଗ୍ଧ କରୁଥିଲେ । ଏହାଦ୍ୱାରା ଧାତୁ Oxide, chloride ବା oxychloride ରେ ପରିଣତ ହେଉଥିଲା । ପାନୀୟ ସ୍ୱର୍ଣ୍ଣ (Potable gold) ମଧ୍ୟ ଏହିରୂପେ ପ୍ରସ୍ତୁତ ହେବାର ଲିଖିତ ଅଛି । ସେ ସମୟରେ ତାମ୍ରିକ ବେଳାଭୂମି ଖନିଜ ପଦାର୍ଥ ନିମିତ୍ତ ପ୍ରସିଦ୍ଧ ଥିଲା । ସେ ସ୍ଥାନରୁ ଆହୃତ ମାକ୍ଷିକ ଓ ବିମଳ iron pyrites ବହୁମୂତ୍ର କୁଷ୍ଠାଦି ରୋଗର ପ୍ରତିଷେଧକରୂପେ ବ୍ୟବହୃତ ହେଉଥିଲା ।

ଚରକ ଓ ଶୁଶ୍ରୁତ ପରେ ବାଗ୍‌ଭଟ୍ଟଙ୍କର 'ଅଷ୍ଟାଙ୍ଗ ହୃଦୟ' ଆୟୁର୍ବେଦ ବିଷୟକ ପ୍ରଧାନ ଗ୍ରନ୍ଥ । ତାହାର ମଙ୍ଗଳାଚରଣରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସେ ବୌଦ୍ଧ-ଧର୍ମରେ ଦୀକ୍ଷିତ ହୋଇ ଥିଲେ କିମ୍ବା ତତ୍ପ୍ରତି ତାଙ୍କର ପ୍ରବଳ ଅନୁରାଗ ଥିଲା । 'ବୈଦ୍ୟକ ଶବ୍ଦସିନ୍ଧୁର' ମୁଖବନ୍ଧରେ ମଧ୍ୟ ଲିଖିତ ଅଛି ଯେ ବାଗ୍‌ଭଟ୍ଟ ପ୍ରଥମେ ବ୍ରାହ୍ମଣ ଥିଲେ, କିନ୍ତୁ ଉତ୍ତରକାଳରେ ଜଣେ ବୌଦ୍ଧଭିକ୍ଷୁଙ୍କ ପ୍ରରୋଚନାରେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ତଦୀୟ ଗ୍ରନ୍ଥର ରଚନାକାଳ ସମ୍ବନ୍ଧରେ ନିମ୍ନଲିଖିତ ପ୍ରମାଣ ମିଳିଅଛି । ତିବ୍ବତୀୟ ଗ୍ରନ୍ଥ ତାଞ୍ଜୁରରେ ଚରକ, ଶୁଶ୍ରୁତ ଓ ବାଗ୍‌ଭଟ୍ଟ ପ୍ରଭୃତିଙ୍କର ଅନୁବାଦ ପ୍ରକାଶିତ ହୋଇଅଛି । ପ୍ରତ୍ନତତ୍ତ୍ୱବିତ୍ George Huth (ହୁଥ୍) ମହୋଦୟ ତାହାର ପୁଙ୍ଖାନୁପୁଙ୍ଖ ସମାଲୋଚନା କରି ସ୍ଥିର କରିଅଛନ୍ତି ଯେ 'ଅଷ୍ଟାଙ୍ଗ ହୃଦୟ' କଦାପି ଖ୍ରୀଷ୍ଟୀୟ ଅଷ୍ଟମ

Digitized by srujanika@gmail.com

ଶତାବ୍ଦୀର ପରବର୍ତ୍ତୀ ନୁହେ । ପୁନଶ୍ଚ ଶୁଶ୍ରୁତ ପ୍ରଭୃତି ଗ୍ରନ୍ଥପର ଏହି ଗ୍ରନ୍ଥ ମଧ୍ୟ ବାଗ୍‌ଦାଦର ଖଲିଫଙ୍କ କର୍ତ୍ତୃକ ଅନୂଦିତ ହୋଇଥିବାରୁ ଏହି ମତର ସତ୍ୟତା ଉପଲବ୍ଧି ହୁଏ । ତଥାପି ଏହାର ଯଥାର୍ଥ ରଚନାକାଳ ସମ୍ବନ୍ଧରେ ବିଶିଷ୍ଟ ପ୍ରମାଣର ଅଭାବ ହେତୁରୁ ଅନେକ ମତଭେଦ ହୋଇଥାଏ । କେହି କେହି ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀକୁ ଏହାର ରଚନାକାଳ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ବାଗ୍‌ଭଟ୍ଟ ଲିଖିତ ସ୍ୱସାୟନିକ ତନ୍ତ୍ର ମଧ୍ୟରେ ନିମ୍ନଲିଖିତ କତିପୟ ବିଷୟ ଉଲ୍ଲେଖଯୋଗ୍ୟ । (୧) ସ୍ୱର୍ଣ୍ଣ ରୌପ୍ୟ, ତାମ୍ର, ଲୌହ ଓ ବଙ୍ଗ ଏହି ପଞ୍ଚଧାତୁ ହରିତକୀ, ସୈନ୍ଧବ ଓ ମଧୁ ସହ ରସାୟନ (Tonic) ରୂପେ ବ୍ୟବହୃତ ହେଉଥିଲା । (୨) ଚତୁର୍ଥାଂଶଭାଗ ସୋତୋଞ୍ଜନ (native antimony sulphide) ଏକଭାଗ ସ୍ୱର୍ଣ୍ଣାଦି ଧାତୁ ସହ ଅନ୍ଧ ମୂଷା (closed crucible) ରେ ପକ୍ୱ ହୋଇ ଏକପ୍ରକାର ଅଗ୍ନିଷ୍ଟୃତ ପ୍ରସ୍ତୁତ ହେଉଥିଲା । (୩) ସମପରିମିତ ପାରଦ, ସୀସକ, ସ୍ରୋତୋଞ୍ଜନ ଓ କର୍ପୂର ମିଶ୍ରଣ ଦ୍ୱାରା ଗୋଟିଏ ଅଞ୍ଜନ ପ୍ରସ୍ତୁତ ହେଉଥିଲା । ଉପଯୁକ୍ତ ବିଷୟମାନଙ୍କ ମଧ୍ୟରେ ଅନ୍ଧ ମୂଷା (crucible with lid) ର ବ୍ୟବହାର ଓ ପାରଦର ଅୟସ୍କର୍ଦ୍ଦିକ ପ୍ରୟୋଗ ବିଶେଷ ଟରଣଯୋଗ୍ୟ ।

## ଚଣ୍ଡୀ ଡ଼ାକ

ଶ୍ରୀ ଜଗଦାନନ୍ଦ ମହାନ୍ତି

କ୍ଷୁଧା ହେଲା ! କ୍ଷୁଧା ବଡ଼ ! ଜଠର ମୋ ଜଳେ
ଜଗତ୍ର ଆରେ ! ଜଗତ୍ର ଆସ ! ତର୍ପ ଏ ଅନଳେ
ଭଗ୍ନୀ ମୋର, କନ୍ୟା ମୋର
ରକ୍ତଲାଗି ଲିପ୍ସା ଘୋର
ଜାଗ୍ରତ ସେ ସର୍ବପ୍ରାଣେ, ପିପାସା ବିକଳେ
ଅସ୍ଥିର କରନ୍ତି ମୋତେ ବିଷମ ଜଞ୍ଜାଳେ;

ମୃତ୍ୟୁ ହେଲା କର୍ମହୀନ, ଭାଗ୍ୟ ହେଲା ଜରା,
ପାପ ତାପେ ଅଗ୍ନିମୟୀ ହେଲା ବସୁନ୍ଧରା
ନ କରେଟି ଅସ୍ଥି ହାର
ଛିଣ୍ଡି ହେଲା ଛାରଖାର
ତେଣୁ ଆଜ ତୃପ୍ତ ମମ ରକ୍ତ ବାଜୀ ପରେ
ସଂହରଣ ସଂକଳପେ ସଂସାର ମୁଁ ଚରେ,


ଅଙ୍ଗବାଡ଼େ ଫେରେ ମୋର ପୀଡ଼ା ମହାମାରୀ
ବିସ୍ଫୋଟକ କଣ୍ଠ ଗାଳ ବୁଣିଛି ବିସ୍ତାରି;
ପ୍ରାଣ ହବ ଅବସନ୍ନ
ଦୈବଶକ୍ତି ହବ ଛିନ୍ନ
ମର୍ଦ୍ଦିବ ଜନତା ମୁହିଁ ତର୍ପଣର ଜାଗେ !
ବଞ୍ଚିବ କେ ହା ! ହା ! ମମ ବ୍ରହ୍ମଶର ଆଗେ !

ଯାଅ ! ଚଣ୍ଡି, ଗ୍ରାମଣ୍ଡୀ ଗୋ କର ରକ୍ତ ପାନ
ତର୍ପ ତବ ଶାନ୍ତ ତୃଷା; ଗାଅ ଧ୍ୱଂସ ଗାନ
ଗାଅ ଗର୍ବ ସଂହରଣେ
ଗାଅ ମୃତ୍ୟୁ ଆମନ୍ତ୍ରଣେ
(ଗାଅ) କ୍ଷୁଣ୍ଣ ନର ଶୀର୍ଣ୍ଣକାୟ ଚର୍ମ ବିଦାରଣେ
(ହା ହା) ଦନ୍ତଘାତେ କଣ୍ଠ ଧରି ପ୍ରାଣ ବିନାଶନେ

ସ୍ତବ୍ଧ ଧରା ଶୁଭ୍ର ହେବ ଅସ୍ଥି ବିମଣ୍ଡନେ
ଶୁଭ୍ର ଯଥା ବସ୍ତ୍ର ନର ପ୍ରେତ ଦରଶନେ !
ଅବା ମୃତ୍ୟୁ ପରଶନେ
ପୁଣି ଦୈବ ନିବନ୍ଧନେ
(ହା ହା) ବ୍ୟର୍ଥ ହେବ ବାରଣର ସକଳ ପ୍ରୟାସ
କେ ରୋଧିବ ମାର୍ଗ ମୋର ଆସ ବେଗେ ଆସ !

ଅଙ୍ଗ ମମ ଯାଏ ଜଳି, ବକ୍ଷ ମମ ପୋଡ଼େ
ଶୀତ(ଳ) ପୂଜା ଦିଅରେ ବେଗେ ପ୍ରାଣ ମମ ଲୋଡ଼େ
ହେଲେ ତୃପ୍ତ ମୋର ମନ
ନୃତ୍ୟ କରିବ ପ୍ରୟାଣ
ହଜାଇବ ଅକାଳର ଶପ୍ତ ବଳାହକେ
ଧ୍ୱଂସ ନୃତ୍ୟ ନାଚଯିବ ବିଜୁଳୀ ଝଟକେ ।

Digitized by srujanika@gmail.com



# ଲାକ୍ଷା

ଶ୍ରୀ ନିକୁଞ୍ଜକିଶୋର ଦାସ

ଲାଖକୁ ଅଜାଣିବାର ଲୋକେ ଗୋଟାଏ ରାସାୟନିକ ଜିନିଷ ବୋଲି ଭାବନ୍ତି । ପ୍ରକୃତରେ ଲାଖ ଯେ ଏକଜାତି ପୋକ ଦେହରୁ ବାହାରେ, ଆଉ ତା'ର ଯେ ଆମଦେଶରେ ରୀତିମତ ଚାଷ କରାହୁଏ, ଏକଥା କେତେ ଲୋକଙ୍କୁ ଜଣା ।

ବ୍ୟବସାୟ ହିସାବରେ ଲାଖର ଚାଷ କେବଳ ଆମର ଭାରତବର୍ଷରେ ହୁଏ କହିଲେ ଚଳେ । ସାଏମ୍ ଏବଂ Indo china ରେ ଯାହା ଉତ୍ପନ୍ନ ହୁଏ, ସେଥିରୁ ଅଧିକାଂଶ Strait settlement ବାଟେ ଆମ-ଦେଶକୁ ଆସେ—ସଫା ଲାଖ ତିଆରି ହେବାପାଇଁ । ଅନ୍ୟ ଦେଶରେ ଲାଖ ହୁଏ ସତ କିନ୍ତୁ ପରିମାଣ ଏତେ କମ ଯେ ତାକୁ ନେଇ ବ୍ୟବସାୟ କରିବା ଚଳିବ ନାହିଁ । ଏ କ୍ଷେତ୍ରରେ ଭାରତବର୍ଷ ଏକାବେଳେକେ ଅପ୍ରତିଦ୍ୱନ୍ଦ୍ୱୀ ବୋଲିଯାଇପାରେ । ଆମ ଦେଶ ବର୍ଷକୁ ପ୍ରାୟ ୬୧ ହଜାର ଟନର ଲାଖ ବିଦେଶକୁ ରପ୍ତାନୀ କରେ, Saim ଓ Indo China ମିଶି ପ୍ରାୟ ଆହୁରି ୧୮ ହଜାର ଟନର ଭାରତବର୍ଷ ବାଟେ ରପ୍ତାନୀ କରନ୍ତି ।

ଲାଖ ଅନେକପ୍ରକାର ବ୍ୟବହାରରେ ଲାଗେ । ବିଶେଷତଃ ଗଲା କେତେବର୍ଷ ହେବ ଲାଖର ବ୍ୟବହାର ଅନେକ ଗୁଣରେ ବଢିଯାଇଛି । ଗ୍ରାମଫୋନ ରେକର୍ଡ଼, ଜଉମୋହର, ବୋତାମ, ଲିଥୋଗ୍ରାଫିକ୍ କାଳି, ଲୁହାଶାଣ କରିବା ଚକ, ନକଲି ହାତୀ-ଦାନ୍ତ, ଅଏଲ୍‌କ୍ଲଥ ଇତ୍ୟାଦି ତିଆରି କରିବାରେ ଲାଖ ଖୁବ୍ ବେଶି ପରି-ମାଣରେ ବ୍ୟବହାର ହୁଏ; ସ୍ପି' ଛଡ଼ା ବାର୍ନିସ୍ ଓ ପାଲିସ ତିଆରି କରିବାରେ, ଟୋପିକୁ ଟାଣ କରିବାରେ, Electric insulator କରିବାରେ ମଧ୍ୟ ଲାଖ ଖୁବ୍ ଦରକାର । ଆଜିକାଲି ବମ୍ ଇତ୍ୟାଦି ଫୁଟିବା ଗୋଳିମାନଙ୍କରେ ଲାଖ ଦିଆହେବାର ନୂଆପ୍ରଥା ବାହାରିଛି, ସେଥିପାଇଁ ଯୁଦ୍ଧ ଇତ୍ୟାଦି ବେଳେ ଗୁଳି ଗୋଳା ତିଆରି କରିବା ବେଳେ ଲାଖ ବହୁତ ଲୋଡ଼ା । ଆମଦେଶରେ ସାଧାରଣ ମଇଳା-ଲାଖର ବ୍ୟବହାର ବେଶି, ଶଙ୍ଖାଚୁଡ଼ି ଓ ଅନେକପ୍ରକାର ଖେଳନା ଲାଖ ସାହାଯ୍ୟରେ ହୁଏ । ଧାତୁ ଜିନିଷ ବା ହାତୀ-ଦାନ୍ତ ଦେହରେ କାମ କରିବାରେ ଖୋଲି ଗହଣା ଗର୍ଭରେ ପୂରାଇବାପାଇଁ ଆଉ କେତେପ୍ରକାର ନିତି-ବେଭାର ଜିନିଷ ତିଆରିରେ ଲାଖ ଲାଗିଯାଏ । ଗୁଳି ଗୋଳାରେ ବ୍ୟବହାର ହେବାର ଆରମ୍ଭ ହେବା ଦିନୁ ଲାଖର ଆଦର ଓ ଦାମ ବହୁତ ବଢିଯାଇଛି ।

ଲାଖରୁ ମଧ୍ୟ ଏକପ୍ରକାର ରଙ୍ଗ ବାହାରେ । ଏ ରଙ୍ଗ ସାଧାରଣ ବଜାର ରଙ୍ଗଠାରୁ ଅଧିକ ଦିନ ଝଲ୍ ରହେ । ଆଗେ କେବଳ ରଙ୍ଗ ତିଆରି କରିବାପାଇଁ ଲାଖ ଆମ-ଦାନୀ କରାହେଉଥିଲା । ଜର୍ମାନୀର Synthetic Dye ଆମ ଦେଶରେ ପଶିବା ଦିନଠାରୁ ଲାଖ-ରଙ୍ଗ ଏକପ୍ରକାର ବୁଡିଗଲାଣି । ଆଉ ମଧ୍ୟ ଦିନକୁଦିନ ଲାଖର ଭଲଭଲକା ବ୍ୟବହାର ବାହାରିଲା—ଲାଖରୁ ରଙ୍ଗ ନ କରି ଅନ୍ୟ



Digitized by srujanika@gmail.com

ଜନୀଷ ଛଆରକର ଲୋକେ ବେଶି ଲାଭ ପାଇଲେ । ଲାଖ-ରଙ୍ଗ ଜର୍ମାନୀର ଶସ୍ତା ରଙ୍ଗ ସାଙ୍ଗରେ ଠିଆହୋଇ ପାରିଲାନାହିଁ, ଲାଖ-ରଙ୍ଗ ତିଆର ଏକପ୍ରକାର ଉଠିଗଲା । ଆଜକାଲି ଆମ ଦେଶରେ ଯାଗାଏ୨ ଗାଲିଚ୍ଛ ଓ ସାଢ଼ୀରଙ୍ଗ କରିବାରେ ଲାଖ ବ୍ୟବହାର ହୋଇଥାଏ । ଲାଖରୁ ରଙ୍ଗ ତିଆର ହୋଇ ସାରିଲେ ଯାହା ମଇଳା ବା ଖଦଡ଼ା ବାକି ରହିଯାଏ, ସେ ସବୁ ଆଗେ ଫିଙ୍ଗି ଦଉଥିଲେ— ଆଜକାଲି ସେ ଖଦଡ଼ାକୁ ଜମିର ସାରରୂପେ ବ୍ୟବହାର କରିବାର ବହୁତ ଚେଷ୍ଟା ଚାଲିଛି, କିନ୍ତୁ କିଛି ନିଷ୍ପତ୍ତି ହୋଇନାହିଁ । ଯେଉଁମାନେ ଏସବୁ ନେଇ ଘଣ୍ଟା ଘଣ୍ଟି କରୁଛନ୍ତି ତାଙ୍କ ମତରେ ଲାଖ-ଖଦଡ଼ା ପାଣିଆ ଥିବାବେଳେ ଯେବେ ଜମିରେ ଢାଳି ଦିଆଯାଇ ସେଇଠି ପଚିଯାଏ, ତେବେ ତା'ର Phosphate ଅଂଶ ଜମିର ଉର୍ବରତା ଖୁବ୍ ବଢ଼ାଇଦିଏ— କିନ୍ତୁ ତାହା ଜମିରେ ଦିଆହେବା ଆଗରୁ ଶୁଖିଗଲେ ତା'ର ସାର ଅଂଶ ନଷ୍ଟ ହୋଇଯାଏ । ଯେ ହେଉ ସେ ବିଷୟରେ ଶେଷ ମୀମାଂସା କିଛି ହୋଇନାହିଁ ।

ଲାଖରୁ କୋଡ଼ା-କାଳି ମଧ୍ୟ ତିଆରହୁଏ—ସାଧାରଣ କୋଡ଼ାକାଳି ଅପେକ୍ଷା ଲାଖ ତିଆରି କାଳି ବେଶୀ ଚକଚକିଆ ହୁଏ—ଆଉ ସେଥିରେ ପାଣି ପଡ଼ିଲେ ମଧ୍ୟ ଭେଦି ଯାଏନାହିଁ । ଆମଦେଶରେ ଲାଖ ଚାଷରେ ଚାରୋଟି ଜାଗା ପ୍ରଧାନ । ୧—ଛତିଶଗଡ଼, ନାଗପୁର, ଛୋଟ ନାଗପୁର ଆଉ ପାଖ ଆଖ ଓଡ଼ିଶା ଓ ବଙ୍ଗଳାର କେତେକ ଜିଲ୍ଲା ଏବଂ ହାଇଦ୍ରାବାଦ—୨—ସିନ୍ଧୁଦେଶ ୩—ମଧ୍ୟ ଆସାମ ୪—ବର୍ମାର ଉତ୍ତରାଂଶ ଓ ସାନ ରାଜ୍ୟ ଦେଶର ଅନ୍ୟ୨ ଜାଗାମାନଙ୍କରେ ଲାଖର ଚାଷ ଥିଲେ ସୁଦ୍ଧା, ଉପରକଥିତ କେତୋଟା ଜାଗାରେ ବହୁତ ପରିମାଣରେ ଆମଦାନୀ ହୁଏ । ଏହି ଚାରିଜାଗା ମଧ୍ୟରୁ ମଧ୍ୟ-ପ୍ରଦେଶ ଆଉ ତାର ପାଖ ଆଖ ଜାଗାମାନଙ୍କରୁ ଅର୍ଦ୍ଧାଂଶ ଲାଖ ଆମଦାନୀ ହୁଏ । ମଇଳା, ଅଠାଳିଆ ଲାଖ ଯୁକ୍ତ-ରାଜ୍ୟ ବଙ୍ଗଳା ଓ ବିହାରର ଅନେକଗୁଡ଼ିଏ କାରଖାନାରେ ସଫା କରି ହୋଇ ପତ୍ର-ଲାଖ ତିଆରି କରି-ହୁଏ । ଏହି ସବୁ କଳ କାରଖାନା ଭିତରୁ ମିରଜାପୁର ବଲରାମପୁର, ଇମାମଗଞ୍ଜ, ଠାକୁର ଏବଂ ଝାଲଦା କାରଖାନାଗୁଡ଼ିକ ନାମଜାଦା ।

ଲାଖ ଗୋଟାଏ-ଜାତି ପୋକରୁ ବାହାରେ ବୋଲି କହିଛୁଁ । ସେ ଜାତୀୟ ପୋକ କେତୋଟା-ଜାତି ଗଛ ଛଡ଼ା ଅନ୍ୟ ଗଛରେ ବଢ଼ନ୍ତି ନାହିଁ—କୁସୁମ, ବରକୋଳି, ପଲାଶ, ସିରସ ଓ ଅଶ୍ୱତ୍ଥ ଗଛରେ ସାଧାରଣତଃ ଲାଖର ଚାଷ କରି ଯାଇଥାଏ—ସେଥିମଧ୍ୟରେ ତା'ରତମ୍ୟ ଅଛି । ଜାଗାର ଜଳବାୟୁ ବେଶି ଖରା ବା ବେଶି ଶୀତ ହେଲେ ଲାଖ ପୋକର ବଢ଼ିବାରେ ତାରତମ୍ୟ ହୁଏ । ତେବେ ସାଧାରଣତଃ କୁସୁମ, ପଲାଶ ଓ ବରୁର ଗଛ ମାନଙ୍କରେ ଲାଖ ଖୁବ୍ ଭଲ ବଢ଼େ, ଆଉ ବେଶି ଆମଦାନୀ ହୁଏ ବୋଲି କହନ୍ତି । ଲାଖ ପୋକର ମଧ୍ୟ କେତେ ଜାତି ଅଛି; ଯୋଉ ଯୋଉ ଲୋକ ଯୋଉ ଯୋଉ ଜାତି ପୋକ ଖୁବ୍ ଭଲ ଫଳ ପାଇଛନ୍ତି—ତାଙ୍କର ନାଁରେ ପୋକ ଜାତିର ମଧ୍ୟ ନାମକରଣ କରାଯାଇଛି । କେତେକଙ୍କର ମତ ଯେ ଲାଖ ଭଲ ମନ୍ଦ ହେବା ବା ବେଶି ଅଳ୍ପ ହେବା ଗଛର ଜାତି ବା ଦେଶର ପାଣି ପବନ ଉପରେ ନିର୍ଭର କରେ ନାହିଁ; ପୋକର ଜାତି ଗୁଣରେ ଲାଖର ଗୁଣ ହୁଏ । ସେ ଯାହା ହେଉ ସେ ବିଷୟରେ ଅନୁସନ୍ଧାନ ଲାଗିଛି—ଫଳାଫଳ ଜଣାଯିବା ଆହୁରି ଡେରି ।

ଜାଗାଏ ଜାଗାଏ କୁସୁମ, ବରକୋଳି ଇତ୍ୟାଦି ବଣମାନଙ୍କରେ ଲାଖ ଅପଣାଛାଏଁ ହୋଇଥିବାର ଦେଖାଯାଏ—ଏଇଥିରୁ ଲାଖ ଚାଷିମାନେ ସେ ଜାଗାର ସ୍ୱାଭାବିକ ଗୁଣ ବାରି ନିଅନ୍ତି । ସେଇ ସବୁ ଜାଗାରେ ମଧ୍ୟ ଲାଖ ଭଲ ହୁଏ ।

ଲାଖ ପୋକ ମୋଟରେ ଦୁଇ ପ୍ରକାର । ପ୍ରକାରେ ଯୋଉ ଗଛରେ ହୁଅନ୍ତି ସେ ଗଛରେ ବଦଳିଆ କରି ଲାଖ ବାନ୍ଧିଦିଅନ୍ତି—ଆଉ ପ୍ରକାରେ ଗଛ ବଦଳରେ ପାଚଲିଆ ହୋଇ ଚରିଥାଅନ୍ତି । ବଦଳିଆ ଲାଖ ଭଲ କାମ ଦିଏ, ଆଉ ଲାଭ-ଜନକ ମଧ୍ୟ ହୁଏ ।

ଗୋଟାଏ ଜାଗାରୁ ଅନ୍ୟ ଜାଗାକୁ ଲାଖ ନେଇ ଯାଇଁ ଲଗାଇବାକୁ ହେଲେ—ଜିଅନ୍ତା-ଲାଖ ଚନ୍ଧି ନେଇ

Digitized by srujanika@gmail.com

ଯିବା ଦରକାର । ମଲ୍ଲ ଲାଖ ଅନ୍ୟ ଗଛରେ ଯେତେ ପରିମାଣରେ ଲଦିଲେ ସୁଦ୍ଧା କିଛି ଲାଭ ନାହିଁ—ସେ ଆଉ ବଢିବ ନାହିଁ । ଯୋଉ ଡାଳରେ ଲାଖ ହୋଇଥାଏ, ସେ ଡାଳକୁ ମୋଡ ଦେଲେ ଯେବେ ନାଲିଆ ରସ ବାହାରିଲା ତେବେ ସେଥିରେ ନିଶ୍ଚୟ ଜୀଅନ୍ତା-ଡିମ୍ବ ଅଛି—ସେମିତିଆ ଲାଖ ମଞ୍ଜି ଭଲ ବ୍ୟବହାର କରାଯାଇପାରେ । ଅନ୍ୟ ଗଛରେ ଥୋଇ ଦେଲେ କ୍ରମେ କ୍ରମେ ଚରିଯାଏ ।

ସାଧାରଣତଃ ଖରା ଶେଷ, ବର୍ଷା ଆରମ୍ଭ ଆଉ ଶୀତ ଦିନେ ଲାଖ ମଞ୍ଜି ଗଛରୁ ଅନ୍ୟ ଗଛକୁ ନେଇ ଲଗାଯାଏ । ଜୁନ୍ ମାସରେ ଗଛରେ ଜୀଅନ୍ତା ଲାଖ ଲଗାଇଲେ ନଭେମ୍ବର ମାସ ସରିକି ଲାଖ ଅମଦାନି ହୁଏ—ଆଉ ନଭେମ୍ବର କି ଡିସେମ୍ବର ମାସରେ ଲାଖ ଲଗାଇଲେ ଜୁନ ବେଳକୁ ଲାଖ ପୋଖତ ହୋଇଥାଏ । ଜୁନ ମାସ ଅପେକ୍ଷା ଶୀତଦିନିଆ ଲାଖ ଲଗାଇବା ପ୍ରତି ଭଲ । ବେଶି ବର୍ଷା ହେଲେ ଲାଖ ଧୋଇ ହୋଇଯାଏ, ନଇଲେ ମରିଯାଏ । ଯୋଉ ଯୋଉ ଦେଶରେ ବର୍ଷା ବେଶି ସେଠି ଶୀତଦିନେ ଲାଖ ଲଗାଇବା—ଆଉ ଯୋଉଠି ଶୀତ ବେଶି ସେଠି ବର୍ଷା ଆରମ୍ଭରେ ଲାଖ ଲଗାଇବା ଉଚିତ । ଖରାର ଅଧିକ ପରାକ୍ରମ ପିଲା-ଲାଖ ପ୍ରତି ବଡ ମାରାତ୍ମକ । ଲାଖ ପୋଖତ ହୋଇଗଲେ ତେଣିକି ପରୁଆ ନାହିଁ । ଦାର୍ଜିଲିଂ ହେଉକି ଭଲିଆ ଜାଗାରେ ଯୋଉଠି ଶୀତ ଯେମିତି ତୀକ୍ଷ୍ଣ ବର୍ଷା ସେମିତି ଅଧିକ, ସେଠି ଲାଖ-ଚାଷ କରିବାର ଚେଷ୍ଟା କରିବା ବୃଥା ! ଲାଖ-ଚାଷ ପାଇଁ ବିଲାସପୁର, ପ୍ରତାପଗଡ଼, ସାନ୍ତାଲପ୍ରଗଣା, ସିଂହଭୂମି, ମୟୂରଭଞ୍ଜ, ଓଡିଶାର ପ୍ରାୟ ସବୁ ଜାଗା, ମାରନ ଓ ମଧ୍ୟ ପ୍ରଦେଶ, ଭାରତର ଅନ୍ୟଜାଗା ଅପେକ୍ଷା ଅନେକ ଗୁଣରେ ଭଲ । ଜାଗାଏ ଜାଗାଏ ଅଧିକ ଗରମ ପଡ଼ିଲେ ଲାଖ ପୋକ ମରିଯାଆନ୍ତି—ସେସବୁ ଜାଗାରେ ହତାଶ ନହୋଇ ଅନ୍ୟପ୍ରକାର ଲାଖପୋକ ଲଗାଇ ଦେଖିବା ଉଚିତ । ଲାଖପୋକ ସାଧାରଣତଃ ଖରାର ପରାକ୍ରମ ସହି ଯାଆନ୍ତି କେବଳ ପିଲାବେଳେ ତାଙ୍କୁ ବଞ୍ଚାଇପାରିଲେ ହେଲା । ଯୋଉ ଗଛରେ ଜୀଅନ୍ତା ଲାଖ ଥାଏ, ସେ ଗଛରୁ ସାନ-ସାନ ଡାଳ ଭାଙ୍ଗି ଆଣିବ, କୁସୁମ, ବବୁର ଇତ୍ୟାଦି ଗଛ-ଡାହା ଲାଖଲଗା ଡାହା ମଝିରେ ଗୋଛାଏ ଘାସ ଦେଇ ଦୁଇ ଡାହାକୁ ବାନ୍ଧି ଦେବ—ଏହାପରେ ଆଠ ଦଶଟା ଡାହାରେ ବାନ୍ଧି ଦେଲେ ହେଲା ।

ଆଉ ପ୍ରକାରରେ ପୁଣି ନେଟ୍ କନା କିମ୍ବା ଅନ୍ୟ ଜାଲି-ବାଲା କନା ଦିହରେ ସନ୍ନ ଲାଖ-ଲଗା ଡାହାପୂରାଇ ଗଛର ଜାଗାକୁ ଜାଗା ଝୁଲାଇଦେଲେ ମଧ୍ୟ ଚଳିବ ।

ଅଳ୍ପସମୟରେ ଭଙ୍ଗା-ଡାହା ଦିହରୁ ନାଲିଆ ଲାଖ ପୋକ ବାହାରି ଗଛ ଦିହରେ ଚରିଯିବେ । ଜାଗାଏ ଜାଗାଏ ବାଛିନେଇ ରହି ଲାଖ ବାହାରକରିବା ଆରମ୍ଭ କରିଦେବେ ।

ମଞ୍ଜି ଲାଖର ପୂର୍ଣ୍ଣିକିଆ ଡାହାରୁ ଅନ୍ୟଗଛର ଦଶ-ଫୁଟିଆ ଡାହା ଚରିହୋଇଯିବ । ଫୁଟିକିଆ ଡାହା ଲାଖ-ଲଗା ଡାହା ପସୁରି ଖଣ୍ଡିକୁ ପ୍ରାୟ ଟ ୧୮ ରୁ ଟ ୧୫ ଦାମ ଲାଗିବ । ବେଳେ ବେଳେ ଅଧିକ ବର୍ଷା ବା ଶୀତରୁ ଲାଖ-ମଞ୍ଜି ନଷ୍ଟ ହୋଇଯାଇଥିଲେ ସେହିପରି ପସୁରି ଖଣ୍ଡିକୁ ପ୍ରାୟ ପାଞ୍ଚଟଙ୍କା ଲାଗିପାରେ । ନୂଆ ଗଛରେ ଲାଖ-ଲଗା ଡାହା ବାନ୍ଧିବା ଦିହଲାଇ ରଖିବାର ପନ୍ଦର ଦିନ ପରେ ମଞ୍ଜି ଡାହାକୁ ଆଣି ତହିଁରୁ ଲାଖ ବାହାର କରିନେଇହେବ । ଯେବେ ସେ ସମୟରେ ବି ସେଥିରୁ ପୋକ ବାହାରନ୍ତି ତେବେ ତାକୁ ନେଇ ଗଛରେ ପୁଣି ବାନ୍ଧି ବା ଟାଙ୍ଗି-ଦେବ । ଯେତେବେଳେ ନୂଆ ଗଛର ସବୁ ଡାହାରେ ଲାଖ-ପୋକ ସମାନ ଭାବରେ ଚରିଯିବେ ସେତେ-ବେଳେ ଜାଣିବାକୁ ହେବ ଯେ ଲାଖଲଗା ଠିକ ହୋଇଛି । ଯେବେ ନୂଆଗଛ ଡାହାରେ ଜାଗାଏ ଜାଗାଏ ପୋକ ଚରିଯାଇ ଅନ୍ୟଜାଗା ଫାଙ୍କ ଥାଏ, ତେବେ ଲାଖ ଅମଦାନି ଭଲ ନହେବାର ଆଶା ।

ଲାଖଚାଷ ପାଇ ଗଛଗୁଡିକର ଯତ୍ନ କରିବା ଦରକାର—ସେଥିରେ ଯେମିତି ଉଇ କି ଅନ୍ୟ କୌଣସି ପୋକ ନ ଲାଗନ୍ତି । ଗଛତଳ ଭୂଇଁ କି ଚଷି ସାବଲଗାଛ ଛାଇତଳ ଫସଲ ହଳଦୀ ବା ଅଦା ଲଗାଇବା ଭଲ । ଫଳରେ ତଳଜମି ଚଷା ହେବାରୁ ଗଛ ବଳୁଆ ହୁଏ, ତହିଁରେ ବେଶି ବଳିଆ ଲାଖ ଚରିଯାଏ—ଆଉ ଏକ ପରିଶ୍ରମରେ ଅଉଗୋଟାଏ ଫସଲ ଅମଦାନୀ ହୁଏ ।

Digitized by srujanika@gmail.com

ଗଛର ଡାଳ ପତଳା ହୋଇ ବଢ଼ିବା ଦରକାର ସେଥିପାଇଁ ଗଛକୁ ଛାଣ୍ଟିବା ଆବଶ୍ୟକ । ଫେବୃୟାରୀ ମାସରେ ଗଛକୁ ଛାଣ୍ଟିଲେ ଜୁନମାସ ସରିକି ଲାଖ ଲଗାଇବା ବେଳକୁ ସେଥିରେ କଅଁଳିଆ ଲମ୍ବ ଲମ୍ବ ଡାଳ ସବୁ କଅଁଳିଥିବ । କଅଁଳିଆ ଡାଳ ପାଇଲେ ଲାଖ ଅଳ୍ପ ସମୟରେ ଚରିଯାଏ । ନଭେମ୍ବର ମାସରେ ଲାଖ ଲଗାଇବାର ହେଲେ, ଜୁନ ମାସକୁ ଗଛ ଛାଣ୍ଟିବା ଦରକାର ।

ଥରେ ଗଛଦେହରେ ଚରିଗଲେ ଲାଖ ପୋକ ଜାଗାଧରି ସ୍ଥିର ହୋଇ ରହନ୍ତି । ଆଉ ସେଇ ଡାଳରୁ ରସ ଶୋଷି ଖାଆନ୍ତି । ତାଙ୍କର ଶରୀରଅଡେ ହାଉଲେ ହାଉଲେ ବହଳିଆ ହୋଇ ଲାଖ ଜମିଯାଏ । ପୋକ ବଢ଼ିବାସଙ୍ଗରେ ଲାଖ କ୍ରମେ ବହଳିଆ ହୋଇଯାଉଥାଏ । ପୁରୁଷ ପୋକ-ଗୁଡ଼ିକ ଦେହରୁ ବେଶିଦିନ ଯାଏ ଲାଖ ବାହାରେ । ସ୍ତ୍ରୀ ପୋକ ଦେହରୁ ଲାଖ ଅଳ୍ପଦିନ ବାହାରେ । ଗୋଟାଏ ଦଳରେ ସାଧାରଣତଃ ବେଶି ସ୍ତ୍ରୀ ପୋକ ଥାଆନ୍ତି— ପୁରୁଷ ଗୋଟିଏ ହେଲେ ସ୍ତ୍ରୀ ପ୍ରାୟ ୫୦୦୦ । ପୁରୁଷ ପୋକ ପୂର୍ଣ୍ଣ ପୁଷ୍ଟ ହେଲେ ପକ୍ଷି ଲାଗିଯାଇ ଉଡ଼ି ଯାଆନ୍ତି । ସ୍ତ୍ରୀ ପୋକ ପୂର୍ଣ୍ଣ ପୁଷ୍ଟ ହେଲେ ଡିମ୍ବ ଦିଅନ୍ତି ଏବଂ ପ୍ରତ୍ୟେକ ଡିମ୍ବ ଶରୀରପାଖରେ ଗୋଟିଏ ଲେଖାଁଏ ଲାଖର ଖୋଳ ତିଆରି କରନ୍ତି । ଡିମ୍ବପ୍ରସବ କରସାରିଲେ ସ୍ତ୍ରୀ ପୋକ ଦେହରେ ଏକପ୍ରକାର ନାଲିଆ ରସର ସୃଷ୍ଟି ହୁଏ—ସେଇରସ ଛୁଆଙ୍କର ଦୁଧପରି କାର୍ଯ୍ୟ-କରେ । ଏହି ସମୟରେ ମଞ୍ଜି ଲାଖ ଆମଦାନୀ କରାଯାଏ । ଡିମ୍ବରୁ ଛୁଆ ଜନ୍ମହୋଇ ମା ଦେହରୁ ସେହିରସ ଶୋଷଣ କରେ କ୍ରମେ ମାଟି ମଇଦାଏ । ଏହି ସମୟରେ ଡାଳ କାଟିକେଇ ଅନ୍ୟ ଗଛରେ ଲଗାଇଲେ ଛୁଆ ପୋକ ନୂଆ ଗଛରେ ଚରିଯାଆନ୍ତି । ମଞ୍ଜି-ଡାଳକୁ ଥଣ୍ଡା ଓ ଅନ୍ଧାରିଆ ଜାଗାରେ ରଖିବା ଦରକାର, ସେଥିରୁ ପୋକ ବାହାରି ଆସିବାର ଦେଖିଲେ ଦିନ୍ତାଏ ଭିତରେ ଦେଇ ନୂଆ ଗଛରେ ଟାଙ୍ଗିବା ବା ବାନ୍ଧି ଦେବା ଦରକାର ।

ଲାଖ, ପୂର୍ବକଥିତ ମତେ ପୋଖତ ହୋଇଗଲେ ତାହି ଭାଙ୍ଗି ଆଣି ତା ଦେହରୁ ଲାଖତକ ଚାଞ୍ଛିବ; ତାପରେ ବଡ଼ ଖଲ ଭଳିଆ ଆଧାରରେ ତାକୁ ଭଲକରି ଗୁଣ୍ଡ କରି ସରୁ ଚାଲୁଣୀରେ ଛଣିନେବ । ଛଣିବା ବେଳେ ବାଛିବା ଦରକାର—ତିଦ୍ୱାରା ଲାଖର ଓଜନିଆ ଗୁଣ୍ଡ ତଳ ଆଧା-ରରେ ପଡ଼େ, ଆଉ ଅସାର ଜିନିଷତକ ଉଡ଼ିଯାଏ । ଏହି ଗୁଣ୍ଡକୁ ଥରକୁଥର ପାଣିଦେଇ ଧୋଇବାକୁ ହେବ । ଥରକୁ ଥର ଧୋଇ ଲାଖ ସଫା ହୋଇଗଲେ ତାକୁ ଶୁଖାଇ ବିକ୍ରି କରିବ । ଧୂଆହୋଇ ଶୁଖି ସାରିଲେ ଲାଖର-ରଙ୍ଗ ସୁନାରଙ୍ଗପରି ଉଜ୍ଜ୍ୱଳ ହେବ । ଏହି ଲାଖ ସଙ୍ଗରେ Resin ମିଶାଇଲେ ତହିଁରୁ ପଦ-ଲାଖ ତିଆରି କରାହୁଏ ।

ଲାଖ ତିଆରିର ଅନ୍ୟାନ୍ୟ ଉପାୟମାନ ବାରାନ୍ତରେ କହିବି ।

ଶେଷରେ ଏତିକି କହିରଖିବା ଦରକାର ଯେ ଲାଖ-ବୃକ୍ଷ, ବିଶେଷତଃ ଓଡ଼ିଶା ଜଙ୍ଗଲମାନଙ୍କରେ ବେଶ୍ ଲାଭଜନକ ବ୍ୟବସାୟ । ଅଧିକ କଷ୍ଟସାଧ୍ୟ ମଧ୍ୟ ନୁହେଁ । ପ୍ରତ୍ୟେକ ଗଛରୁ ପ୍ରାୟ ୧୦ ସେରରୁ ୧ ମହଣ ( କଲିକତା ) ଲାଖ ବାହାରିବ । ଲାଖ ବ୍ୟବସାୟୀମାନେ ଡାଳ ଲଗା-ଲାଖ ଡାଳରୁ ଅଲଗା କରି ଲାଖ କିଣନ୍ତି ।

---

# ଖଜିର ଗୁଡ଼

ଶ୍ରୀ ଜଗନ୍ନାଥ ଦାସ

ଆମ ଦେଶରେ ଖଜୁରିଗଛ ଆଉ କାହାକୁ ଅଜଣା ? ଖଜୁରିଗଛ ରସରୁ ଯେ ଉପାଦେୟ ଗୁଡ଼, ଚିନି ପ୍ରଭୃତି ପ୍ରସ୍ତୁତ ହୁଏ ତା ମଧ୍ୟ ଅନେକେ ଜାଣନ୍ତି । ଆଖୁ ବୃକ୍ଷ ଭଳି ଖଜୁରି ବୃକ୍ଷ ଯେ ଗୋଟିଏ ଲାଭଜନକ ବ୍ୟବସାୟ ତା ବଙ୍ଗଦେଶରେ ଯଶୋର, ପାବନା ପ୍ରଭୃତି ଜିଲ୍ଲାପ୍ରତି ଦୃଷ୍ଟିକଲେ ଜଣାଯିବ । ଆମ ଦେଶରେ ଅନେକ ସ୍ଥାନରେ

Digitized by srujanika@gmail.com

ମଞ୍ଜିପଡ଼ ଆପେ ଆପେ ବହୁତ ଖଜୁରିଗଛ ହୋଇଥାଏ, କିନ୍ତୁ ଏହି ସବୁ ଗଛରୁ ଯେ ପ୍ରକୃତ ଅର୍ଥୋପାର୍ଜ୍ଜନ ହୋଇପାରେ ତାହାପ୍ରତି କାହାରି ଦୃଷ୍ଟି ଆକୃଷ୍ଟହେବାର ଦେଖାଯାଏ ନା । ସାମାନ୍ୟ ଅବସ୍ଥାରେ ଲୋକେ ଖଜୁରିଗୁଡ଼ ବ୍ୟବସାୟକରି ଲାଭବାନ୍ ହୋଇପାରନ୍ତି । ଅବଶ୍ୟ ଚିନି ପ୍ରସ୍ତୁତ କରିବାକୁଗଲେ ଅଧିକ ମୂଳଧନର ପ୍ରୟୋଜନ । ସେତ ପରକଥା । ସାମାନ୍ୟ ଅର୍ଥ ନେଇ ଖାଲି ଗୁଡ଼ର କାରବାର କଲେ କେତେଦୂର ଲାଭବାନ୍ ହେବେ ତାହା ଦେଖାଇବା ବର୍ତ୍ତମାନ ପ୍ରବନ୍ଧର ଉଦ୍ଦେଶ୍ୟ ।

କାର୍ତ୍ତିକମାସରୁ ଚୈତ୍ର ପର୍ଯ୍ୟନ୍ତ ଖଜୁରିଗଛରୁ ରସ ମିଳିବାର ସମୟ । ଏହି ଛମାସରେ ଶହେଟି ଖଜୁରିଗଛରୁ କେତେ ଗୁଡ଼ ଆମଦାନୀ ହେବ ଏହା ବାହିକରି ଖରଚ ବାଦ କିରୂପ ଲାଭହେବାର ସମ୍ଭାବନା ତା'ର ହିସାବ ନିମ୍ନରେ ଦିଆଗଲା ।

ଆଗେ ପ୍ରତ୍ୟେକ ମାସକୁ ପନ୍ଦରଦିନ ଧରିବା—କାରଣ ଗଛ 'ମାତିଲେ' ଅର୍ଥାତ୍ ରସରେ ଫେଣା ହେଲେ କିଛି ଦିନ କାମ ବନ୍ଦ କରିବାକୁ ହେବ । ଏହାକୁ ଗଛ ଶୁଖେଇବା କୁହାଯାଏ—ବଙ୍ଗଦେଶରେ ଏହାକୁ "ଜିରେନ" ଦେବା କହନ୍ତି ।

ଗୋଟିଏ ଗୋଟିଏ ଗଛରୁ ଦିନସାରା କି ସେ ୪।୫ ର ଠାରୁ ପାଞ୍ଚସେରରୁ ଅଧମହଣ ପର୍ଯ୍ୟନ୍ତ ରସ ଉତ୍ପନ୍ନ ହୁଏ, କିନ୍ତୁ ଗଛ ଅନୁସାରେ ଆମଦାନୀର ତାରତମ୍ୟ ମଧ୍ୟ ହୁଏ । ଏଥିପାଇଁ ମଧ୍ୟ ଫଗୁଣ ଚୈତ୍ର ଆଡ଼କୁ ରସ କମିଯାଏ ବୋଲି ପ୍ରତିଗଛକୁ ସେ ୫ ର ରସ ଧରି ନିଆଗଲା ।

ତାହାହେଲେ ୧୦୦ ଟି ଗଛରୁ ମୋଟରେ ଦିନକୁ ମ ୧୨୨ ହିଣ ରସ ଏବଂ ଏହି ରସରୁ ମହଣକରି ସେ ୫ ର ଗୁଡ଼ ହିସାବରେ ମହଣେ ବାଇଶସେର ଗୁଡ଼ ପ୍ରସ୍ତୁତ ହୋଇପାରେ । ଏହି ହିସାବରେ ପ୍ରତିମାସ (ମାସକ ପନ୍ଦରଦିନ ଧଇଲେ) ତେଇଶି ମହଣ ସାଢ଼େ ଶତରସେର ଗୁଡ଼ ଏବଂ କାର୍ତ୍ତିକରୁ ଚୈତ୍ର ଯାଏ ଛମାସରେ ମୋଟ ଏକଶତ ଚାଳିଶ ମହଣ ପଚଶ ସେର ଗୁଡ଼ ମିଳିପାରେ ।

ବଜାରରେ ଖୁଚୁରା ଗୁଡ଼ ସୁରିଅଣାରୁ ପାଞ୍ଚଅଣା ପ୍ରତିସେର ବିକ୍ରୀ ହୁଏ । ଆମେ ମୋଟ ଉପରେ ମହଣ ଟ ୫୲ ଧରି ହିସାବ କଲୁଁ । ଆଖୁ ଗୁଡ଼ ବଦଳରେ ଖଜୁରି ଗୁଡ଼ କରିବାକୁ ହୁଏ ।

## ଆୟ—

ମୋଟ ଗୁଡ଼ ମ ୧୪୦।୨୫ ସେର

| | |
|---|---|
| ଟ ୫ ଙ୍କା ମହଣ ଦରରେ ମୂଲ୍ୟ | ଟ ୭୦୩୵ |
| ବାଦ ଖରଚ | ଟ ୨୨୪୲ |
| ଲାଭ | ଟ ୪୭୯୵ |

## ବ୍ୟୟ—

୬ ମାସକୁ ୩ ଜଣ ମଜୁରିଆଙ୍କ ବେତନ

| | |
|---|---|
| ମାସକୁ ଜଣକୁ ଟ ୮ ଙ୍କା ହିସାବରେ | ଟ ୧୪୪୲ |
| ଜାଲ ଖରଚ ମାସକୁ ଟ ୧୦୲ ହିସାବରେ ୬ ମାସକୁ | ଟ ୬୦୲ |
| ହାଣ୍ଡି, ଠେକି ରସ ଧରିବାପାଇଁ | ଟ ୨୦୲ |
| ମୋଟ | ଟ ୨୨୪୲ |

ମାତ୍ର ଏକଶତ ଖଜୁରିଗଛରୁ ଖରଚ ବାଦ ଟ ୪୭୯୵ ଲାଭ, ଏହା ଅପେକ୍ଷା ଲାଭଜନକ ବ୍ୟବସାୟ କଅଣ ହୋଇପାରେ ! ଅନେକ ଜାଗାରେ ମଜୁରି ଖରଚ ବେଶି ହୋଇପାରେ ଅତଏବ ଆହୁରି ଟ ୧୦୦୲ ବାଦ ଦେଲେବି ଟ ୩୭୯୵ ଲାଭହେବାର ସମ୍ଭାବନା । ତାହାହେଲେ ପ୍ରତି ଗଛରୁ ଟ ୩ ଙ୍କା ଲାଭହେବାର ଆଶା କରାଯାଏ ।

ଆମ ଦେଶ ସବୁରକମ ମାଟିରେ ଖଜୁରିଗଛ ଜନ୍ମିପାରେ । ସାମାନ୍ୟ ଅବସ୍ଥାପନ୍ନ ଲୋକ ଖଜୁରି ବଗିଚାକରି ଏହାର କାରବାର କରିପାରନ୍ତି । ଅବଶ୍ୟ ଗଛଗୁଡ଼ିକ ବଢ଼ିବାଯାଏ କେତେ ବରଷ ଅପେକ୍ଷା କରିବାକୁହେବ । ଯେଉଁସବୁ ଜମିରେ ବର୍ଷାଦିନେ ବଢ଼ିପାଣି ଜମି ନରହେ ସେ ଜମି ଖଜୁରିବଗିଚା ପ୍ରତି ଉପଯୋଗୀ । ଜମିସୀମାପାଖରେ ପଗାରଦେଇ ହାତ ୭।୮ ତ ଅନ୍ତରରେ ଧାଡ଼ିକରି ଗଛ ପୋତିଲେ ଭଲ । କାରଣ ଏଥିରେ ଜମିନଷ୍ଟ ହେବନାହିଁ କିନ୍ତୁ ଗଛଗୁଡ଼ିକ ବେଶ ବଢ଼ିପାରିବ । ହାତ ୭।୮ ତ ଅନ୍ତରରେ ଗାତଖୋଳି ସେଥିରେ ଗୋବର ସାରଦେଇ କିଂବା ପୋଖରୀର ପଙ୍କପଟ୍ଟ ଦେଇ ଗାତ ଭର୍ତ୍ତିକରି ତାଉପରେ ସୁରା ବୁଣିଲେ ଭଲହେବ । ସୁରା ବଢ଼େଇବାର ମାସକ ପୂର୍ବରୁ ଅନ୍ତତଃ ଜମିଠିକ କରିବା ଦରକାର । ଖଜୁରି ମଞ୍ଜି ମଧ୍ୟ ପୋତାଯାଇପାରେ ।

Digitized by srujanika@gmail.com

# ଶିଳ୍ପ ସଂକେତ

୧ । **ହାତୀଦାନ୍ତ କଳାକରିବା**—ପଣାକାଠି ଓ ଅନ୍ୟାନ୍ୟ ଅନେକ ପ୍ରକାର କାମରେ ହାତୀଦାନ୍ତ ଉପରେ ଗୋଟିଏ ସ୍ଥାୟୀ କଳାରଙ୍ଗ କରିବା ଦରକାର ହୋଇଥାଏ କିନ୍ତୁ ଖୁବ୍ କମ ଲୋକେ ଏପରି ସ୍ଥାୟୀ କଳାରଙ୍ଗ କରିବା ଉପାୟ ଜାଣନ୍ତି । ତଳେ ଗୋଟିଏ ସହଜ ଉପାୟ ଲେଖାଗଲା—

ବକମ କାଠ ପାଣିରେ ସିଝାଇ କାଠ ଛାଣିନିଅ । ଏହି ପାଣିରେ ହାତୀଦାନ୍ତ କିଛିକ୍ଷଣ ସିଦ୍ଧକରି ଉଠାଅ । ପରେ ଏସିଟେଟ୍ ଅବ୍ ଆଇରଣ ଜଳରେ ଉକ୍ତ ହାତୀଦାନ୍ତକୁ ବୁଡ଼ାଇଲେ ଅତି ସୁନ୍ଦର କଳାରଙ୍ଗ ହେବ ।

୨ । **କାଚ ଉପରେ ନାଁ ଲେଖା**—ମହମ ଓ ଆଲକାତରା ସମପରିମାଣରେ ମିଶାଇ ଅଗ୍ନି ତାପରେ ତରଳ କର, କାଚର ଗୋଟିଏ ପିଠିରେ ଏହି ଦ୍ରବ୍ୟ ବୋଳି ଶୁଖିଗଲେ ନହୁଣୀ ଦ୍ୱାରା ଯେପରି ଇଚ୍ଛା ହେବ, ଅକ୍ଷର ବା ନକ୍ସା ଲେଖି ହାଇଡ୍ରୋକ୍ଲୋରିକ ଏସିଡ୍ ତାହା ଉପରେ ଢାଳିଦିଅ । କିଛିକ୍ଷଣ ପରେ ଟାର୍ପିନ ବା କିରୋସିନି ତେଲ ଦ୍ୱାରା ମହମ ଓ ଆଲକାତରା ଉଠାଇଦେଲେ ଦେଖିବ କାଚ ଉପରେ ସୁନ୍ଦର ପ୍ରତିଲିପି ଉଠିଛି ।

୩ । **ପଚାତେଲ ନିର୍ଦ୍ଦୋଷକରଣ**—ଘିଅ, ତେଲ ପ୍ରଭୃତି ପଦାର୍ଥ ଦୁର୍ଗନ୍ଧ ହେଲେ ତାହାକୁ ସଦ୍ୟକୁଟଥରେ ଭୁଜା ହୋଇଥିବା ଅଙ୍ଗାର ଚୂର୍ଣ୍ଣ ଭରି ଦେଇ ଛାଣିଦେଲେ ତାହା ପୁନର୍ବାର ନିର୍ଦ୍ଦୋଷ ଓ ବିଶୁଦ୍ଧ ହୁଏ ।

୪ । **ରବର ମୋହର କାଳି**—ଏହି କାଳି ପାଇଁ ଆମ୍ଭମାନଙ୍କୁ ପ୍ରାୟ ବିଦେଶ ଉପରେ ନିର୍ଭର କରିବାକୁ ହୁଏ । କିନ୍ତୁ ଟିକିଏ ଚେଷ୍ଟା କଲେ ଅତି ଅଳ୍ପାୟାସରେ ଏ କାଳି ଘରେ ତିଆରି କରାଯାଇପାରେ ।

| | | |
|---|---|---|
| **ନାଲି**— | ଗେଲେନାର | ୨୦ ଡ୍ରାମ |
| | ରେକ୍ଟିଫାଏଡ୍ ସ୍ପିରିଟ | ୨ ଆଉନ୍ସ |

ଏକତ୍ର ମିଶ୍ରିତକରି ଶିଶିରେ ରଖ ।

| | | |
|---|---|---|
| **ବାଇଗଣୀ**— | ବାଇଗଣୀ ଗେଲେନାର | ୮ ଡ୍ରାମ |
| | ରେକ୍ଟିଫାଇଡ୍ ସ୍ପିରିଟ | ୪ ଆଉନ୍ସ |

ଏକତ୍ର ମିଶ୍ରିତ କର ।

| | | |
|---|---|---|
| **ସବୁଜ**— | ସବୁଜ ଗେଲେନାର | ୧ ଡ୍ରାମ |
| | ଗ୍ଲିସରିଣ | ୧ ଆଉନ୍ସ |


ଏକତ୍ର ମିଶ୍ରିତ କରି ବ୍ୟବହାର କର ।

## ମୂଢ଼

ଶ୍ରୀ ବୈଷ୍ଣବଚରଣ ଦାସ

ଶୂନ୍ୟ ଯଦି କଲ ଘର ଦୀପଟି ଲିଭାଇଦିଅ
ହାଣିବାର ଥିଲେ ବକ୍ଷେ, (ତହିଁ) କି ଭାବେ ଆଲୋକ ଦିଅ । ୦
ଦେଖିବାକୁ ସର୍ବହୀନ
ନାଥ, ଯେବେ ଥାଏ ମନ
ଭାଙ୍ଗି ଚୂର ଦେଇ ସବୁ,
(ଖାଲି) ଆଲ'ଟେ ସଂହାର ଦିଅ । ୧ ।
ଆଖି ଆଗେ ଚଢ଼ା ଜାଲ
ଦେବ ଯଦି ସବୁ ଡ଼ାଲ
କେମନ୍ତେ ବୁଝିବ ମୂଢ଼,
(ଏହି) ଆଲ'ଟି ସବୁଠୁଁ ପ୍ରିୟ ! । ୨ ।

Digitized by srujanika@gmail.com



# ସିଦ୍ଧାର୍ଥ

( ପୂର୍ବାନୁବୃତ୍ତି )

ଶ୍ରୀ ନିକୁଞ୍ଜକିଶୋର ଦାସ

### ପ୍ରଥମଅଙ୍କ—ତୃତୀୟଦୃଶ୍ୟ

ଅତି ରମଣୀୟ ସୁସଜ୍ଜିତ ପରିସର କକ୍ଷ । ଭିତରେ ଉନ୍ନତ ଶଯ୍ୟା ଉପରେ ସିଦ୍ଧାର୍ଥ ବସିଥିଲେ । ମୁଖ ପାଣ୍ଡୁର ବିଷାଦ-ମଳିନ । ପାଖରେ ଛନ୍ଦା ବସି ଗଳ୍ପ କରୁଥିଲେ ।

—ଛନ୍ଦା—

ଗୌତମ, ଆଜି ଏତେ ବିଷଣ୍ଣ ମଳିନ ଦିଶୁଛ କାହିଁକି କହିଲନାହିଁ ?

—ସିଦ୍ଧାର୍ଥ—

ଛନ୍ଦା, ପ୍ରକୃତିର ଏହି ଜଟିଳମୂର୍ତ୍ତି ମୋତେ ବିକଳ କରିଦେଇଛି । କାଲି ଯାହାକୁ ଦେଖୁଥିଲି ଗୋଧୂଳିର ବାରିଦପରି ରଚନ, ରୁଚିର, ମନୋହାରୀ; ଆଜିଦେଖିଲାରୁ ବଡ଼ ଭିନ୍ନ ଉପୁଜୁଛି । ସେ ଯେପରି ଏକ ରକ୍ତାଶ୍ରୁପ୍ଲାବିତ ବିକଟ ଅଟ୍ଟହାସ । ଯେଉଁଆଡ଼େ ଦୃଷ୍ଟି ଫେରାଉଛି—ସବୁଆଡେ ହିଂସା, ଦ୍ୱେଷ, ରକ୍ତପାତର ପ୍ରକଟଛବି । ଦଶଦିଗନ୍ତ ମୁଖରିତକରି ଶୁଭୁଛି ଅନନ୍ତ ମର୍ମ୍ମସ୍ପର୍ଶୀ ବ୍ୟାକୁଳ ହାହାକାର !

ଛନ୍ଦା, ପୃଥିବୀସାରା କ'ଣ ଏହିପରି ଅସତ୍ୟ ଅନ୍ୟାୟ ଅତ୍ୟାଚାରର ଏକ ବିକଟ ତାଣ୍ଡବନୃତ୍ୟ ! ସୁନ୍ଦର ଯାହା, ରମଣୀୟ ଯାହା, ସେ କେବଳ ଜଳବୁଦ୍‌ବୁଦପରି ଅସାର ଅସ୍ଥିର କ୍ଷଣସ୍ଥାୟୀ ! ଚକ୍ଷୁର ପ୍ରତିପଳକରେ କେତେ ନିର୍ଦ୍ଦୋଷ ଜୀବନ ପ୍ରବଳର ପାଦତଳେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ କାହିଁ ଅନନ୍ତ ଆକାଶରେ ମିଶିଯାଉଛି । ଛନ୍ଦା, ପୃଥିବୀର ନିୟମ କିଣ ଏତେ କଠୋର, ନିର୍ମ୍ମମ, ହୃଦୟବିଦାରକ !

—ଛନ୍ଦା—

ବିଧାତାର ଏ ବିଚିତ୍ର ସୃଷ୍ଟି କିଏ ବୁଝିପାରିବ ଗୌତମ, ବାଳକର ଆଗରେ ଦର୍ଶକପରି—ଆମେ କେବଳ ଦେଖିଯିବାର ସାଥି ।

—ସିଦ୍ଧାର୍ଥ—

ଏତେ ପ୍ରଖର ଗ୍ରାହିକା-ଶକ୍ତି ଯେବେ ଏକଣ ସମ୍ଭବ, ଛନ୍ଦା, ମନୁଷ୍ୟପକ୍ଷରେ ? ସବୁଆଡେ ଏ ପ୍ରଚଣ୍ଡ ତାଣ୍ଡବ ଦେଖି ନିଶ୍ଚିନ୍ତ, ନିଶ୍ଚେଷ୍ଟ ହୋଇ ରହିପାରିବା ? ଭାବି-ଦେଖ; ଛନ୍ଦା, ସାମାନ୍ୟ କଣ୍ଟାଟିଏ ପାଦରେ ଫୁଟିଲେ ପ୍ରାଣରେ ଆଘାତ ଲାଗେ, ତାହାର ପ୍ରତିକାର ନହେବା-ଯାଏ ମନରେ ଶାନ୍ତି ନଥାଏ । ଆମରିପରି ଜୀବନ, ପ୍ରାଣ, ଅନୁଭୂତି ଅଛି ପ୍ରାଣୀମାନେ । ତାଙ୍କର ଦୁଃଖ ଦେଖିଲେ ପ୍ରାଣରେ କ'ଣ ଆଘାତ ଉପୁଜେନାହିଁ ଛନ୍ଦା ?

Digitized by srujanika@gmail.com

—ଚନ୍ଦା—

ସାମାନ୍ୟ କୀଟ, ପତଙ୍ଗ, ପଶୁ, ପକ୍ଷୀର ଦୁଃଖ ଦେଖିଲେ ଯେଉଁ ପ୍ରାଣରେ ଏତେ ବ୍ୟଥା ଲାଗୁଛି; କହିଲ ଭଲା ଗୌତମ, କେଉଁ ପ୍ରାଣରେ ସଂସାରର ଅତିଦୁର୍ଲ୍ଲଭ ଜନକ ଜନନୀ ପ୍ରାଣରେ ଜାଣି ଜାଣି ଏତେ ଯାତନା ଦେଉଛ ?

—ସିଦ୍ଧାର୍ଥ—

ମୁଁ ତ ଜାଣି ଜାଣି ସେପରି ଗୁରୁତର ଅପରାଧ କିଛି କରିନାହିଁ ଚନ୍ଦା ।

—ଚନ୍ଦା—

ତରୁଣ ବୟସରେ ତମର ଏ ଉଦାସ ବୈରାଗ୍ୟଭାବ, ରାଜପୁତ୍ର ହୋଇ ସମ୍ପଦ, ବିଳାସ, ବ୍ୟସନ ପ୍ରତି ଏହି ଅସ୍ପୃହା କେବେ କଳନା କରିଛ ଗୌତମ । ତାଙ୍କର ପ୍ରୀତିପୂର୍ଣ୍ଣ ହୃଦୟକୁ କି କଦର୍ଥନ କରୁଛ ? ଜୀବନର ସମସ୍ତ ଶକ୍ତି ସାମର୍ଥ୍ୟ ପ୍ରୀତି ସ୍ନେହ ଅକାତରେ ବଳିଦାନ ଦେଇ ତମର ଏ ସୌଷ୍ଠବମୟ ଶରୀର ପ୍ରତିପାଳନ କରିଛନ୍ତି ସେମାନେ—ବନ ମଧ୍ୟରେ ଲୁହିଁ ଚନ୍ତି କେବଳ ତମର ବ୍ୟକ୍ତିଗତ ସୁଖ, ତମର ଘର ସଂସାର, ପୁତ୍ରପୌତ୍ର ଆଉ ସ୍ୱଚ୍ଛନ୍ଦ ଜୀବନ ନିର୍ବାହ ଦେଖିବାକୁ । ତମର ଏ ଅନନ୍ତ କରୁଣାମୟ ସରସ ହୃଦୟ ଯେବେ ତାଙ୍କୁ କ'ଣ ସେତିକି ପ୍ରତିଦାନ ଦେଇ ପାରିବନାହିଁ ଗୌତମ ।

—ସିଦ୍ଧାର୍ଥ—

ଥାଉ, ଆଉ କହନାହିଁ ଚନ୍ଦା,
ସତ୍ୟକଥା—ପୂଜ୍ୟ ପୂଜା ହୁଏ ବ୍ୟତିକ୍ରମ
ପରିଣାମେ ଅଶ୍ରାନ୍ତ ଅଶାନ୍ତ !
ଫେରାଇବି ଜୀବନର ଗତି
ଆଜଠାରୁ କରିଲି ସଂକଳ୍ପ ।

—ଚନ୍ଦା—

ଏହି ସିନା ତମର ଯୋଗ୍ୟ କଥା ଗୌତମ ।

ଗଙ୍ଗା?, କୁଆଡେ ଯାଉଛୁ ? ଏ ଆଡ଼େ ଆ ବୀଣାଘେନ; ଶୁଣ, ଗୌତମ, ଦେଶ ବିଦେଶରୁ କେତେ ଲାବଣ୍ୟ ପ୍ରତିମା ଆସିଛନ୍ତି ତମକୁ ଥରେ ଆଖି ପୂରାଇ ଦେଖିବାକୁ— ଆଜି ସେ ସରସ ପ୍ରଫୁଲ୍ଲ ବଦନ କୁଆଡ଼େ ଲୁଚାଇଛ ଭଲା କହିଲ ?

ଗଙ୍ଗା ଅସିଲେ ସିଦ୍ଧାର୍ଥ ତାଙ୍କୁ ତାଙ୍କ ପାଖରେ ବସାଇଲେ

—ସିଦ୍ଧାର୍ଥ—

ଗଙ୍ଗା !

—ଗଙ୍ଗା—

ଗୌତମ, ( କିଛିକ୍ଷଣ ରହି ) ଆଜି ଏତେ ଝାଉଁଳାପରି ଦିଶୁଛ !

—ସିଦ୍ଧାର୍ଥ—

ଗଙ୍ଗା, ବୀଣାର ଅମିୟଝଙ୍କାର ସଙ୍ଗେ ତୋର ଘନକଳ କାକଳି ମେଳାଇ ଦେ, ଗଙ୍ଗା, ଏ ପ୍ରାଣଘାତୀ ଉଦାସ ଭାବ ସଂଗୀତର ଗଭୀର ମୂର୍ଚ୍ଛନାରେ ହଜିଯାଉ ।

—ଗଙ୍ଗା—

ମୋତେ କ'ଣ ଗାଇଆସେ ଯେ ଗାଇବି ?

—ଚନ୍ଦା—

ହଉ ଥାଉ, ଭୂମିକା ରଖ, ଗାଅ—

(ଗଙ୍ଗା ବୀଣାବଜାଇ ମଧୁର ଆଶକ୍ତିପୂର୍ଣ୍ଣ ସ୍ୱଚ୍ଛକଣ୍ଠରେ ଗାଇଲେ ସିଦ୍ଧାର୍ଥ ଙ୍କ ଆଡ଼କୁ ନିର୍ନିମେଷ ନେତ୍ରରେ ଚାହିଁ ରହିଲେ )

ଝାଉଁଳ ପଡ଼ଇ ଯେବେ କାନନ ନଅଳୀ
କାକର ଅନକେ ପାରେ ପରଶି କାଉଁରି
ରେଖା ଶଶିର ବରସ
ଝରସାଇ ଦିଏ ସିନ୍ଧୁ ତରଙ୍ଗ ବିଳାସ ।
ଚାହିଁ ଛବି—କର ଲାଗି
ପ୍ରସନ୍ନ ପୂର୍ଣ୍ଣିମା ଚନ୍ଦ୍ର ଉଠଇ ସଜାଗି
ସେ ରଭ ପଶଇଯାଇଁ ଗହନ ଗହ୍ୱରେ
ଚିରନ୍ତନ ଝରସାଥେ ଖେଳଇ ବକ୍ରୋରେ
ହୃମ—ଚରଣ ହିଲ୍ଲୋଳ
ଉଠାଇ ଦିଅଇ ଯେତେ ଜଡ଼ତା ଜଞ୍ଜାଳ ।

—ଚନ୍ଦା—

ଗଙ୍ଗା କେବଳ ସୁଗାୟିକା ନୁହେଁ, କବିମଧ୍ୟ ।

—ସିଦ୍ଧାର୍ଥ—

ସତେ ଗଙ୍ଗା ଅତି ମନୋମୁଗ୍ଧକର ଏ ଗୀତଟି । ଜ୍ୟୋତ୍ସ୍ନାଜଡିତ ମଧୁର ସ୍ୱପ୍ନପରି ଲାଗେ ।

ଗଙ୍ଗା ଅଧୋମୁଖୀହୋଇ ବସି ରହିଲେ କିଛି ଉତ୍ତର କଲେ ନାହିଁ ।

—ଚନ୍ଦା—

ଗଙ୍ଗା ନିଜେ ଗୋଟିଏ ସ୍ୱପ୍ନପରି ନୁହେଁ କି ? ସ୍ପଷ୍ଟଭାବରେ ତାକୁ ଧରିପାରିବାର କ୍ଷମତା କାହାର ନାହିଁ ।

—ଗଙ୍ଗା—

କାହିଁକି, ମୁଁ କ'ଣ ପବନ ?

Digitized by srujanika@gmail.com

ଦେବଦତ୍ତ ଓ ଆନନ୍ଦ ଆସି ପହଞ୍ଚିଲେ

—ଦେବଦତ୍ତ—

ସିଦ୍ଧାର୍ଥ, ଆଜି ଅପୂର୍ବ ଶୋଭା-ବିପଣି ଦେଖିଗଲନାହିଁ ? ସମସ୍ତେ ତୁମକୁ ଖୋଜୁଥିଲେ । ମହାରାଜାଙ୍କର ବିଶେଷ ଆଗ୍ରହ—ଆଶା କରିଥିଲେ ତୁମେ ସେଠାକୁ ଯାଇ ଦେଖି ଆସିଥାଆନ୍ତ । ପ୍ରକୃତରେ ଏତେ ରମଣୀୟ ସେ ସ୍ଥାନ;—ମୋ'ର ତ ଆଦୌ ଇଚ୍ଛା ହେଉ ନ ଥିଲା ସେ ସ୍ଥାନରୁ ବାହାରି ଆସିବାକୁ ।

—ଆନନ୍ଦ—

ସତ୍ୟ ରାଜପୁତ୍ର, ବଡ଼ ଚିତ୍ତାକର୍ଷକ ଦୃଶ୍ୟ । ସେପରି ବିରଳ ଅଦୃଷ୍ଟପୂର୍ବ ଦୃଶ୍ୟ, ତୁମପରି ଧନ, ରୂପ ରୁଚି ମର୍ଯ୍ୟାଦା-ସମ୍ପନ୍ନ ପୂର୍ଣ୍ଣବୟସ୍କ ଯୁବକର ସରସ ଉପଭୋଗ୍ୟ ବସ୍ତୁ । ଏ ଏ ସୁଯୋଗ ଥରେ ହରାଇଲେ ଜୀବନରେ ଆଉ ଦ୍ୱିତୀୟ-ଥର ମିଳେନାହିଁ ।

—ଦେବଦତ୍ତ—

ଠିକ୍ କପରି ଦିଶୁଥିଲା, ଜାଣିଛ ସିଦ୍ଧାର୍ଥ ? ଠିକ୍ ଯେପରି ବସନ୍ତର ପ୍ରଥମ ଆଗମରେ ଲକ୍ଷ ବିଚିତ୍ର ପ୍ରଜାପତି ଏକ ସ୍ଥାନରେ ସମ୍ମିଳିତ ହେଲେ ଯେପରି ଦିଶିବ—ନୀଳ ଆକାଶରେ ଶତ ଇନ୍ଦ୍ରଧନୁ, ଘନ ଗହନରେ ଲକ୍ଷ ମୟୂର ଏକତ୍ରିତ ହେଲେ ଯେପରି ହୃଦ୍ରବମୟ ଦିଶିବ—ସେହିପରି । ତେମେ ଏ ସବୁ ପ୍ରତି ଏତେ ଉଦାସ କାହିଁକି ସିଦ୍ଧାର୍ଥ ? ତୁମର ବାସନା ହୁଏ ନାହିଁ—ଗୋଟାଏ ଉଦ୍ଦାମ ଅଦମ୍ୟ ଇଚ୍ଛା ହୁଏନାହିଁ, ଏପରି ଅପୂର୍ବ ଦୃଶ୍ୟ ଦେଖି ଚକ୍ଷୁର ଲାଲସା ପରିତୃପ୍ତ କରିବାକୁ ?

—ସିଦ୍ଧାର୍ଥ—

ଦେବଦତ୍ତ, ଉଚ୍ଛନ୍ନ ଅଦମ୍ୟ ଅଶ୍ୱକୁ ଶିଥିଳ ବଲ୍ଗା ଦେବା ବଡ ସହଜ—କିନ୍ତୁ ତାକୁ ନିରୋଧ କରି ନିଜର ଆୟତ୍ତରେ ରଖିବାହିଁ ଅଶ୍ୱାରୋହୀର ପଟୁତାର ପରିଚୟ ।

—ଦେବଦତ୍ତ—

ତୁମକଥା ସିଦ୍ଧାର୍ଥ, ମତେ ବଡ ବିଚିତ୍ର ଲାଗେ, ମନୁଷ୍ୟ ଜୀବନର ଚରମ ସାର୍ଥକତା ସୁଖ ଉପଭୋଗରେ । ପୃଥିବୀରେ ଦୁଃଖତ ଯଥେଷ୍ଟ ଅଛି ; ତା'ପରେ ପୁଣି ଅତିବଡ଼ ହୋଇ ସୁଖର ଯେତେକ ସୁଯୋଗ ଅଛି ସମସ୍ତ ଯେବେ ନିରୋଧ



କରାଯାଏ ସ୍ୱଇଚ୍ଛାରେ—ତେବେ ଆଉ ଅନନ୍ତ ଦୁଃଖପୂର୍ଣ୍ଣ ଜୀବନରେ ପ୍ରୟୋଜନ କ'ଣ ?

—ସିଦ୍ଧାର୍ଥ—

ସତ୍ୟ ଦେବଦତ୍ତ, ମାନବ ପ୍ରକୃତିର ପ୍ରେରଣା ସୁଖାନୁଭବ । କିନ୍ତୁ ସେ ସୁଖ ଇନ୍ଦ୍ରିୟଜାତ ନୁହେଁ । ସେ ଅନନ୍ତ ଅଖଣ୍ଡ ନିତ୍ୟସୁଖ । ଲାଲସାର ନିଗ୍ରହ ବା ନିରୋଧହିଁ ଦେବତ୍ୱ । ଲାଲସାର ବଶବର୍ତ୍ତୀ ହେବା ପଶୁର ଅସୁର । ଥରେ ପୃଥିବୀର ଆଦିମତମ ପ୍ରାଣପ୍ରତିଷ୍ଠାତାମାନଙ୍କ ଆଡକୁ ଲକ୍ଷ କରି ଦେଖିଲ ଭାଇ ! ସର୍ବପ୍ରକାର ଲାଲସା ପ୍ରଲୋଭନ ପାର୍ଥିବ ସୁଖ ଆଶାରେ ଜଳାଞ୍ଜଳି ଦେଇ ସେମାନେ ନିରବଧିର ନିର୍ଜନରେ କି କଠୋର ତପସ୍ୟା କରିଥିଲେ ? ସେମାନଙ୍କର ଜ୍ୱଳନ୍ତ ଆଦର୍ଶ, କାଳର ଅସୀମ ଅଙ୍କରେ ତାଙ୍କର ପଦାଙ୍କ କ'ଣ ଆମର ଅନୁକରଣୀୟ ନୁହେ ?

ମନ୍ତ୍ରୀ ଆସି ପହଞ୍ଚିଲେ, ତାଙ୍କ ସଙ୍ଗେ ଦୁଇଟି ଲୋକ ଗୋଟିଏ ସୁନା କଳସ ଧରି ଆସିଥିଲେ । ସିଦ୍ଧାର୍ଥ ଶଯ୍ୟା-ତ୍ୟାଗକରି ତାଙ୍କୁ ନମସ୍କାର କଲେ

—ସିଦ୍ଧାର୍ଥ—

ପିତୃବ୍ୟ, କ୍ଷଣିକ ଦୌର୍ବଲ୍ୟବଶତଃ ଶୋଭା-ବିପଣୀକୁ ଯାଇପାରିଲି ନାହିଁ ବୋଲି ପିତା କ'ଣ ବିଶେଷ କ୍ଷୁଣ୍ଣ ହେଲେ ?

—ମନ୍ତ୍ରୀ—

ଏଃ । କ'ଣ ଅସ୍ୱାଭାବିକ ସିଦ୍ଧାର୍ଥ ! ଦେଶ ବିଦେଶରୁ କାହିଁ ଦୂର ଦୂରାନ୍ତରରୁ କେତେ ଯତ୍ନ କେତେ ଆୟାସରେ ତୁମର ବିନୋଦନ ପାଇଁ, ଆଜି ତୁମର ଶୁଭ ଜନ୍ମ ଉତ୍ସବରେ ଅସଂଖ୍ୟ-ଲାବଣ୍ୟ ପ୍ରତିମା କୁମାରୀମାନଙ୍କର ଶୋଭା-ବିପଣୀର ଉଦ୍‌ଯୋଗ କରାଯାଇଥିଲା । ବଡ ପରି-ତାପର ବିଷୟ ସିଦ୍ଧାର୍ଥ, କେବଳ ତୁମରପାଇଁ ତୁମର ସ୍ନେହମୟ ଜନକ ଏ ବିପୁଳ ଆୟୋଜନ କରିଥିଲେ, ଆଉ ତୁମେ ଗୋଟାଏ ଅଳସ ଔଦାସୀନ୍ୟରେ ମାତ୍ର, ତାଙ୍କର ସେ ଉଦ୍‌ଯୋଗ ବ୍ୟର୍ଥ କରିଦେଲ । ଶେଷରେ ଚିବାର ମନ୍ତ୍ରଣାରେ ତୁମର ସମ୍ମତି ଥିବାର ଜାଣି ମହା-ରାଜ ଏହିପରି ବ୍ୟବସ୍ଥା କରିଅଛନ୍ତି—ଯେ ରୂପ ଗୁଣ ଶୀଳ ଶୌର୍ଯ୍ୟ ଓ କୁଳମର୍ଯ୍ୟାଦାରେ ତାଙ୍କ ବିଚାରରେ ଯେଉଁ ଗୋଟିଏ କୁମାରୀ ଅତୁଳନୀୟା ସେହିମାନେ ଏକେ ଏକେ

Digitized by srujanika@gmail.com

ଆସି ତମ ସ୍ୱହସ୍ତରୁ ଅଶୋକସ୍ତବକସହ ଏହି ସ୍ୱର୍ଣ୍ଣକୁମ୍ଭ ପୁରସ୍କାରସ୍ୱରୂପ ଗ୍ରହଣ କରିବେ ।

—ସିଦ୍ଧାର୍ଥ—

ପିତୃବ୍ୟ—

—ମନ୍ତ୍ରୀ—

କୁମାର ସ୍ନେହମୟ ପିତାଙ୍କର ଏକାନ୍ତ ଇଚ୍ଛା ଯେ କୁମାର ପାଇଁ ଯେଉଁ ବିପୁଳ ଆୟୋଜନ କରାଯାଇଥିଲା ତହିଁରେ ନିରପେକ୍ଷ ବିଚାରକପରି ତୁମ୍ଭେ ପୁରସ୍କାର ବିତରଣ କରିବ । (ଚାକରଙ୍କୁ ଲକ୍ଷ୍ୟକରି) ଯାଅ, ତୁମ୍ଭେମାନେ, ଏହି ଶଯ୍ୟା ପାଖରେ ସ୍ୱର୍ଣ୍ଣ କୁମ୍ଭମାନ ରଖିଦେଇ ଚାଲିଯାଅ । ପିସା-ଦେବୀ ଆସୁଛନ୍ତି—ସେ କୁମାରଙ୍କୁ ଏକେ ଏକେ ଚିହ୍ନାଇ ଦେବେ ମନ୍ତ୍ରୀ ଚାଲିଗଲେ ।

ସିଦ୍ଧାର୍ଥ ଚନ୍ଦ୍ରାଗମ୍ଭୀର ମଣ୍ଡପରେ ସ୍ୱର୍ଣ୍ଣ ଶଯ୍ୟାରେ ଉପବେଶନ କଲେ
ଦେବଦତ୍ତ ଆନନ୍ଦଙ୍କର ହସ୍ତ ଧାରଣକରି କହିଲେ ।

ଆସ ବସି ରହସ୍ୟ ଦେଖିବା

ଦୁହେଁ ସିଦ୍ଧାର୍ଥଙ୍କ ପଛପଟେ ବସିଲେ ।

—ସିଦ୍ଧାର୍ଥ—

ଏ ପୁଣି ଏକ ବିଷମ ସମସ୍ୟା !

—ଛନ୍ନା—

ଗୌତମ, ସ୍ୱଇଚ୍ଛାରେ ସମ୍ମତ ହୋଇ ଏତେ ବେଳକୁ ଦଣ୍ଡ-ଭୂପଦ ହେବା ସୁନ୍ଦର ହେବ କି ?

—ସିଦ୍ଧାର୍ଥ—

ଶୁଣିଛୁ ଚନ୍ନା, ସଂସାର ମାୟା-ଜାଲ ପରି ଚଉଜଟିଳ ।

ପିସା ଆସି ପହଞ୍ଚିଲେ

—ପିସା—

ଚିନ୍ତା ଦୂର କର ସିଦ୍ଧାର୍ଥ, ମୁଁ ଏକେ ଏକେ ଚିହ୍ନାଇ ଦେବି, ସାଧ୍ୟମତ ତମକୁ ସାହାଯ୍ୟ କରିବି ସିଦ୍ଧାର୍ଥ । ଆଜି ତରୁଣ ଜୀବନର ଅରୁଣ ଆଲୋକ ସ୍ପନ୍ଦନରେ ଚିରପ୍ରିୟ, ତମର ସତ୍ୟ ତମର ପଥ ପ୍ରଦର୍ଶକ ହେବ—ଭୟ କ'ଣ ?

—ସିଦ୍ଧାର୍ଥ—

ପିସା—ଅନ୍ତରର ପ୍ରଚ୍ଛନ୍ନ ନିଗୂଢ଼େ
ଉପୁଜଇ ଆଜି
ଅନୁଭୂତି—ଅଜ୍ଞାତ ଏ ବିଷମ ସ୍ପନ୍ଦନ ।
ପ୍ରକାଶଇ ପୁଣି
ବିଷାଦ ଆସକ୍ତିପୂର୍ଣ୍ଣ ଅସମୟ ଭୀତି ।
ସତେ କିବା ଅଚ୍ଛେଦ୍ୟ ବନ୍ଧନେ
ଚାହିଁ କେହି ଥାପୁଅଛି ସୁବର୍ଣ୍ଣ ପିଞ୍ଜରେ—
ମୁକ୍ତି ଯହିଁ ମୁଦା ପ୍ରୀତି ପ୍ରଣୟ ଅର୍ଗଳେ—
ପୁଣି କ୍ଷଣେ ବିରାଜଇ ନୟନ ଅଗ୍ରତେ
ଅନନ୍ତ ଆଲସ୍ୟପୂର୍ଣ୍ଣ ମଧୁର ବିଶ୍ରାନ୍ତି
ଶାନ୍ତି ସୁଖ ସୁଧାଧାର ନିତ୍ୟ ପ୍ରଫୁଲ୍ଲିତ ।

—ପିସା—

ସିଦ୍ଧାର୍ଥ ଏହି ଯେଉଁ ରାଜକୁମାରୀ ବିଳାସ-ବିହ୍ୱଳ ଚଞ୍ଚଳ ଗତିରେ ଆସୁଅଛନ୍ତି, ଶୁଭ୍ର ମରାଳକଣ୍ଠରମ୍ଭୀ ନିମ୍ନ କବରୀରେ ଯାହାଙ୍କର ସୂର୍ଯ୍ୟ ଚନ୍ଦ୍ର ବୈଦୂର୍ଯ୍ୟ ମୌକ୍ତିକ ଏକ ଆରେକର ପ୍ରଭା ନ୍ୟୂନ କରୁଅଛନ୍ତି ସେ ଅଗଙ୍ଗା ଗୋଦାବରୀବିସ୍ତୃତ ଏହି ବିଶାଳ-ଭୂଖଣ୍ଡର ଏକ ଛତ୍ରପତି ପ୍ରଥିତଯଶା ଉତ୍କଳକେଶରୀଙ୍କର ନୟନ-ସମ୍ପତ୍ତି ଅନୁପମା । ରୂପ ଗୁଣ ଶୀଳ ଶୌଚ ମର୍ଯ୍ୟାଦା, ଆଭିଜାତ୍ୟରେ ସେହି କେବଳ ତାଙ୍କର ଉପମା ସ୍ଥଳ, ବିଦୁଷୀ ତର୍କ-ପ୍ରବୀଣା ଗାନ୍ଧର୍ବ-ବିଦ୍ୟା-ନିପୁଣା ଏ ଏକ ହସ୍ତବମୟୀ ଅଳକାପୁରୀ । ଆକାଶରେ ଲକ୍ଷ ତାରାମଧ୍ୟରେ ଉଷା-ପ୍ରଦୋଷର ଉଜ୍ଜ୍ୱଳ ଧ୍ରୁବ ତାରାପରି ଅନୁପମାଙ୍କର ଅଶ୍ରୁତପୂର୍ବ କମନୀୟତା ବହୁ ଦୂର ଦୂରାନ୍ତର ଦୃଷ୍ଟି ଆକର୍ଷଣ କରିଛି । କୌଳିନ୍ୟ ଓ ବିଦ୍ୟାରେ ଏହି ପଞ୍ଚଦଶ ବର୍ଷୀୟା ତରୁଣୀ ସମସ୍ତଙ୍କର ଶୀର୍ଷ ସ୍ଥାନୀୟା । ଯାଙ୍କୁ ତେଣୁ ପ୍ରଥମ ଅଶୋକ-କୁମ୍ଭ ଉପହାର ଦିଅ ?

ସିଦ୍ଧାର୍ଥଙ୍କର ଦାନ, ଅନୁପମା କୁମାରଙ୍କ ପୃଷ୍ଠରେ ଧୀର ହସିହସି ଚାଲିଗଲେ
ସିଦ୍ଧାର୍ଥ ନୀରବ ନିଶ୍ଚଳ ନିସ୍ପନ୍ଦ ଧୀର ଅଧୋଦୃଷ୍ଟି

—ପିସା—

ଏ ଯେଉଁ ଦ୍ୱିତୀୟା ବଳୟିତ-ତନୁ ମରାଳ-ଗମନା ମନ୍ଦମନ୍ଥର ଚରଣରେ ଆସୁଅଛନ୍ତି—ଈଷତ୍ ନମ ମସୃଣ-ଅଂଶଦେଶ କୋମଳ ବାହୁ ବେଣୀଆକାରେ କେଶରାଶି ଯାହାଙ୍କର ଆଗୁଲ୍ଫ ଲମ୍ବିତ ହୋଇପଡୁଛି—ସେ ଉତ୍କଳ-ମଣ୍ଡଳ ତଳେ ଉର୍ବରତମ ଭୂଖଣ୍ଡ ବଙ୍ଗଭୂମିର ବିଳାସ-ଭୂପତିଙ୍କର କଣ୍ଠମଣି ଅନୁରୂପା । କୁଳମର୍ଯ୍ୟାଦାରେ ଅତୁଳନୀୟା, ଏ ତରୁଣୀ ରୂପ ଗୁଣ ରୁଚି ଚରିତ୍ରରେ ଅଦ୍ୱିତୀୟା । ଲଳିତ ଚିତ୍ରକଳା ନୈପୁଣ୍ୟରେ ଅଗ୍ରବର୍ତ୍ତିନୀ, ସମ୍ପଦରେ ଶୀର୍ଷ—ସ୍ଥାନୀୟା, ଲଳିତ-କଳା-ବିଳାସିନୀ

Digitized by srujanika@gmail.com

ତ୍ରୟୋଦଶ ବର୍ଷରେ ଯୌବନର ମଦଭରା-ଭରା ଐଶ୍ୱର୍ଯ୍ୟ-ପୁରୀକୁ ଏହି ନବାଗତା, ଲକ୍ଷ୍ମୀସ୍ୱରୂପା ଏହି ତରୁଣୀ ଲୋକ ଚକ୍ଷୁରେ ଅନୁପମାଙ୍କ ତୁଳନାରେ ଅଦ୍ୱିତୀୟା। ସ୍ୱାଙ୍କୁ ଦ୍ୱିତୀୟ ଅଶୋକକୁମ୍ଭ ଉପହାର ଦିଅ।

ସିଦ୍ଧାର୍ଥଙ୍କର ଦାନ, ଅନୁରୂପା କୃତାଞ୍ଜଳି ପୃଷ୍ଠରେ ସେହି ଗନ୍ଧରାଜ ହସି ହସି ଗ୍ରହଣ କଲେ।
ସିଦ୍ଧାର୍ଥ ନୀରବ ନିଷ୍ଫଳ ଗମ୍ଭୀର।

—ପିସା—

ଏ ପୁଣି ତୃତୀୟା,—ବଳକୁଟୌରଜନ୍, ଶୋଭା-ବୈଭବସମ୍ପନ୍ନା, ସ୍ଥିର ଅସ୍ଥିର ଚରଣରେ ମଣି-ମଞ୍ଜୀର ତାଳେ ତାଳେ ବଜାଇ ଆସୁଅଛନ୍ତି। ପାଦର ନୂପୁରଠାରୁ ମସ୍ତକର ଅଳକାଝରାପର୍ଯ୍ୟନ୍ତ ଯାହାଙ୍କର ବସନ ଭୂଷଣରେ ଆଡ଼ମ୍ବର ନାହିଁ। ସମ୍ପଦ ଓ ରୁଚିର ମଧୁର ସୌହାର୍ଦ୍ଦ୍ୟରେ ଯାହାଙ୍କର ଆପାଦମସ୍ତକ ଭୂଷିତ କାନନର ଅଯତ୍ନବର୍ଦ୍ଧିତ ମାଧବୀ ଫୁଲଫଳ ଯାହାଙ୍କର ସୁରଭିପ୍ରଚ୍ଛନ୍ନ ରୂପରାଶିକୁ ଢାଙ୍କିଦେଉଛି, ସେ ପ୍ରଚଣ୍ଡ ମରୁମଣ୍ଡଳର ବୀରାଗ୍ରଣୀ, ବଳବୀର୍ଯ୍ୟର ଅନନ୍ତ ଆଧାର, ଯଶକୀର୍ତ୍ତି ବିଭୂଷିତ ବୀରପ୍ରସବିନୀ ରାଜପୁତନାଧିପତିଙ୍କର ଶକ୍ତିସ୍ୱରୂପିଣୀ ପ୍ରତିରୂପା! ମର୍ଯ୍ୟାଦାରେ, ବୁଦ୍ଧି କୌଶଳ ଓ ଅସ୍ତ୍ରଚାଳନାରେ କଳନାର ଶେଷସୀମା ସ୍ପର୍ଶ କରିଅଛନ୍ତି ଏହି ଶକ୍ତିରୂପା ତରୁଣୀ ଷୋଡ଼ଶବର୍ଷରେ ପଦାର୍ପଣ କରି ପୃଥିବୀର ଯଶମୁକୁଟର ପ୍ରଷ୍ଫୁଟ ଶଙ୍କଳା ହୋଇଅଛନ୍ତି। ସାହସ ବୁଦ୍ଧି ଓ ବିଚକ୍ଷଣତାର ମଞ୍ଜୁଳମଣ୍ଡନା, ବିଚିତ୍ର ନୃତ୍ୟକୁଶଳା ଏହି ପ୍ରତିରୂପା। ସ୍ୱାଙ୍କୁ ତୃତୀୟ ଅଶୋକ-କୁମ୍ଭ ଉପହାର ଦିଅ।

ପ୍ରତିରୂପ ସିଦ୍ଧାର୍ଥଙ୍କ ହାତରୁ କୃତାଞ୍ଜଳି ପୃଷ୍ଠରେ ଉପହାର ଗ୍ରହଣ କରି କ୍ଷିପ୍ର ଚରଣରେ ଥରେ ପଛକୁ ଚାହିଁ ଚାଲିଗଲେ।
ସିଦ୍ଧାର୍ଥ ତଥାପି ନିଷ୍କମ୍ପ ଦୀପଶିଖାପରି ସ୍ଥିର।

—ପିସା—

ପ୍ରଥମା ଦ୍ୱିତୀୟାକ୍ରମେ ଉଭୟ ଅନ୍ତରାଳେ,
ସବିତା ଆଦରେ ପୂର୍ଣ୍ଣକର ବରବପୁ,
ପୌର୍ଣ୍ଣମାସୀ ପୂର୍ଣ୍ଣ ଶଶୀ
ଉଠେ ଯେବେ ଭାସି
ଅତି ସନ୍ତର୍ପଣେ,
ମେଘ ଅଞ୍ଚଳ ଉହାଡ଼େ,
ତାରକା-ଗ୍ରଥିତ ରୁଚିରୁ ନୀଳ ବ୍ୟୋମ କୋଳେ,
ସେ ଶୋଭା
ତୁଳନା ନୁହେ ଏ ଶୋଭାସହିତେ
ବିକଶିଆସୁଛି ଯାହା ଇନ୍ଦ୍ରାଣୀ ଉଦୟେ।
ସୁଧାଂଶୁ କିରଣ-ଦୀପ୍ତ
ଗଗନ ଅଙ୍ଗନେ
ନୀରବ ମଧ୍ୟାହ୍ନ ମନ୍ଦ ସମୀର ପ୍ରବାହେ
ଭାସି ଯେସନେ ଆସେ
ଧୀରେ ସୁଷମା ବିକାଶି
ଶରତ ସୋହାଗ-ବେଳା ଧଳା ମେଘଖଣ୍ଡ
ଅମଳ କପୋଳେ
ବ୍ରୀଡ଼ାରୁଣ ଉକୁଟାଇ;
ଅନତ-ନୟନା
ବ୍ରୀଡ଼ା-ବିନମ୍ର-ବଦନା ଲାବଣ୍ୟ-ପ୍ରତିମା ବାଳା
ଆସେ ସେହିପରି,
ଶାକ୍ୟ ବଂଶୋଦ୍ଭୂତା ଏହି
ନବକିଶଳୟ
ସଦ୍ୟ ପରଶିଛି ମାତ୍ର କୈଶୋରର ସୀମା।
ଫଗୁଣର ରେଣୁବୋଳା ମଳୟ ସମୀର
ଚୋରାଇ ଚୋରାଇ ଛୁଇଁଯାଏ ବରବପୁ
ରୂପ ଗୁଣ କୁଳ ଶୀଳ ମହତ ମର୍ଯ୍ୟାଦା
ଏକସଙ୍ଗେ ଆନ ହୋଇ
ନିତ୍ୟ ପ୍ରତିଦ୍ୱନ୍ଦୀ
ପ୍ରୟାସ କରନ୍ତି ନିଜ ଉତ୍କର୍ଷ ପ୍ରକାଶେ।
ଭକ୍ତି ପ୍ରୀତି ଦୟା ଧର୍ମ
କ୍ଷମା ପରିବୃତା
ମହାତୀର୍ଥମଣି ଗୋପା ସୁଠାମ ଶରୀର
ତୀରତରେ ସ୍ୱର୍ଗବାସ କରୁଛନ୍ତି ଏଥି।
ରତିସମା ଲାବଣ୍ୟ ନିର୍ଝରୀ
ଲକ୍ଷ୍ମୀସମା କରୁଣା ଜଳଧି।
ମଧୁର ଆକୃତି ଗୋପା ପୀୟୂଷ-ପ୍ରକୃତି
ଭୂଷଣ, ହୋଇଛି ସିନା ଅଙ୍ଗକ୍ତି କେବଳ
ଲୋକଚକ୍ଷୁ ସମ୍ମୁଖରେ ହେଲେହେଁ ଚତୁର୍ଥ
ଗୋପା ସଙ୍ଗେ ସମକକ୍ଷ ନାହିଁ ଏ ମହୀରେ

Digitized by srujanika@gmail.com

ଦିଅ ତେଣୁ ଗୋପାକରେ ଚତୁର୍ଥ କଳସ
କୃତାଞ୍ଜଳି ପୁଟେ ବାଳା ରହିଛି ଅନାଇ ।

—ଗୋପା—

ସିଦ୍ଧାର୍ଥ ଅନିମେଷ ମୁଗ୍ଧ ଦୃଷ୍ଟିରେ ଗୋପାଙ୍କୁ ଚାହିଁରହିଥିଲେ । ତାଙ୍କ ହାତରେ ସ୍ୱର୍ଣ୍ଣକଳସ ସେହିପରି ରହିଲା । ଗୋପା ନମ୍ର କୃତାଞ୍ଜଳି ପୁଟରେ ଅନାଇରହିଥାନ୍ତି ଅପଲକ ହୋଇ, ସମସ୍ତେ ନୀରବ ନିଶ୍ଚଳ ଚିତ୍ରବତରେ ଠିଆ ଛନ୍ତି ।

ହେ ଦେବତା
ନିଜଗୁଣେ ବଳାଇଛ ଚିତ୍ତ ଯେବେ
ଅନୁଗ୍ରହ ଅର୍ଥେ,
ନିଗ୍ରହ କରୁଛ କିପାଁ ଅଭାଗୀର ପ୍ରତି ?
କେଉଁ ଅପରାଧ ଦେବ କରିଛି ଚରଣେ
ଉଣା ହେଲା ଅନୁଗ୍ରହ ଚରଣ-କିଙ୍କରେ ?
ଅବା ମଣୁଛ ଏ ଦାସୀ
ଅଯୋଗ୍ୟା ଅଟଇ ଗୋପା ଏ ଦାନ ଗ୍ରହଣେ ।

—ସିଦ୍ଧାର୍ଥ—

ଯୋଗ୍ୟତର ଯେଣୁ ଗୋ ରୂପରେ
କ୍ଷୁଦ୍ର ସୁବର୍ଣ୍ଣ କଳସ ।
ଅଯୋଗ୍ୟ ମଣଇ
ଦେନ ଗୋପା କଣ୍ଠହାର ପ୍ରିୟତର ଦାନ
ପ୍ରିୟତମା ଯେଣୁ ତୁମ୍ଭେ ପ୍ରାଣଠାରୁ ବଳି ।

ସିଦ୍ଧାର୍ଥ କଣ୍ଠହାର ଖୋଲି ଗୋପାଙ୍କୁ ଦେଲେ

—ଗୋପା—

କରୁଣା କରିଛ ଯେବେ ଦେବତା ଦାସୀକୁ
ଦିଅ ଶରଣ ଚରଣେ
ଚିରଶ୍ରେୟ ଦିଅ ନିଜ ବାହୁ ଛାୟାତଳେ ।
ନାହିଁ ଆକାଙ୍କ୍ଷା ଦେବ ଦେବ ସମକକ୍ଷ
ପୂଜା ଅଧିକାର ମାତ୍ର ଯାଚେ ଉପାସିକା ।

—ସିଦ୍ଧାର୍ଥ—


ପୂର୍ଣ୍ଣ ମନୋରଥ ଆଜି
ଦେନ ଉପାସିକା ଆଜି ସିଦ୍ଧାର୍ଥର ଦାନ
ଜୀବନସର୍ବସ୍ୱ ମୋର ହୃଦୟଭୂତ ସଙ୍ଗେ ।
ଜଗତରେ ଯାହା କିଛି ନିଜସ୍ୱ ମୋହର
ଅକାତରେ କଲି କରପଦେ ସମର୍ପଣ ।

କ୍ରମଶଃ—

Digitized by srujanika@gmail.com




ପୃଥିବୀର ସର୍ବାପେକ୍ଷା ବୃହତ୍ତମ ସୂର୍ଯ୍ୟଘଡ଼ି—ଆମେରିକାର ସାନ୍ ଫ୍ରାନ୍ସିସ୍କୋ ନଗରରେ ସମ୍ପ୍ରତି ଗୋଟିଏ ଅତି ବୃହଦାକାର ସୂର୍ଯ୍ୟଘଡ଼ି ସ୍ଥାପିତ ହୋଇଅଛି । ସହରର ଅଧିବାସୀମାନେ ଏହାକୁ ପୃଥିବୀର ସବୁଠାରୁ ବଡ଼ ସୂର୍ଯ୍ୟଘଡ଼ି ବୋଲି ପ୍ରଚାର କରୁଅଛନ୍ତି । ଘଡ଼ିଟିର ସଂଖ୍ୟାଚକ୍ର (Dial) ... ନ୍ୟୂନ ଦୁଇଶତଫିଟ ପରିଧି ବିଶିଷ୍ଟ ଗୋଟିଏ ବୃତ୍ତ ଉପରେ ସ୍ଥାପିତ, ସେଥି ମଧ୍ୟରେ ଅଙ୍କ ଗୁଡ଼ିକର ଦୈର୍ଘ୍ୟ ଗୋଟିଏ ମନୁଷ୍ୟ ଲୋକର ଦୈର୍ଘ୍ୟଠାରୁ ବେଶି ହେବ । ମଧ୍ୟସ୍ଥଳର ସମଦ୍ବିଭୁଜ ଦଣ୍ଡଟିର ଉଚ୍ଚତା ଫିଟ୍—ଗୋଟିଏ ସାଧାରଣ ଦୋତାଲା କୋଠା ଅପେକ୍ଷା ବେଶି ହେବ




—ପୃଥିବୀର ବୃହତ୍ତମ ସୂର୍ଯ୍ୟଘଡ଼ି—

ଛବିରେ ଯନ୍ତ୍ରର ନିକଟବର୍ତ୍ତୀ ବାଳକ ଦୁଇଟିଙ୍କ ସଙ୍ଗେ ତୁଳନା କଲେ ଏହାର ଆକୃତି ବିଶାଳତା ଜଣାପଡ଼େ ।

**ଅଲୋକ ଚିକିତ୍ସା**—ସୂର୍ଯ୍ୟାଲୋକ ପ୍ରଭାବରେ ଶାରୀରିକ ବ୍ୟାଧି ବିନଷ୍ଟ କରିବା କଥା ଉଚ୍ଚ ବିଜ୍ଞାନ ସମ୍ମତ । ପୂର୍ବକାଳରେ ଭାରତବର୍ଷର ଆର୍ଯ୍ୟ ମହର୍ଷିଗଣ ଏ ଉପାୟ ଜାଣିଥିଲେ ବୋଲି ଉପଯୁକ୍ତ ଚର୍ଚ୍ଚା ଅଭାବରୁ ଏ ଦେଶରେ ଏ ବିଦ୍ୟା ଲୋପ ପାଇଛି । ସଂପ୍ରତି ନିଲସ୍ ଫିନ୍‌ସେନ ନାମରେ ଡେନମାର୍କର ଜଣେ ଶରୀରତତ୍ତ୍ୱବିତ୍ ଏ ପ୍ରକ୍ରିୟାର ପୁନଃଉଦ୍ଧାର ଆରମ୍ଭ କରିଅଛନ୍ତି । ସୂର୍ଯ୍ୟ କିରଣର ସାତୋଟି ବର୍ଣ୍ଣ ଛଡ଼ା ଯେଉଁ ଅଦୃଶ୍ୟ ଆଲୋକ ରଶ୍ମିଗୁଡ଼ିକ ( Ultra Violet rays ) ବିଦ୍ୟମାନ ଅଛି ଫିନ୍‌ସେନ କହନ୍ତି—ସେମାନଙ୍କ ସାହାଯ୍ୟରେ ମାନବଦେହର ସମସ୍ତପ୍ରକାର ବ୍ୟାଧି ନିରାମୟ କରାଯାଇପାରେ । ବିଶେଷତଃ ଚର୍ମରୋଗ ନାଶକରିବା ବିଷୟରେ ଏହି ରଶ୍ମି ପ୍ରୟୋଗ ଅବ୍ୟର୍ଥ । ସ୍ଫଟିକ ମଣି ( Quartz ) ନିର୍ମିତ ଗୋଟିଏ ଶକ୍ତିଶାଳୀ କାଚ୍ ମଧ୍ୟ ଦେଇ ସୂର୍ଯ୍ୟରଶ୍ମି ସଂଗ୍ରହକରି ଏହି ଅଦୃଶ୍ୟ ରଶ୍ମି ଯାବ ରୋଗଯୁକ୍ତ ସ୍ଥାନରେ କିଛିକ୍ଷଣ ପକାଇ ରଖିବାକୁ ହୁଏ । ଏହପରି ଦୁଇଗୋଟି ଦିନରେ ରୋଗର ବୀଜାଣୁ ସମସ୍ତ ବିନଷ୍ଟ ହୁଅନ୍ତି । ଶତ ଶତ ରୋଗୀଙ୍କ ଦେହରେ

Digitized by srujanika@gmail.com


ପରୀକ୍ଷାଙ୍କର ପନ ଏନ ନଦ୍ୱାର ପ୍ରଚଳିତ ହୋଇଅଛନ୍ତି । ତାଙ୍କ ମତରେ ଏହା ଦ୍ୱାରା ସର୍ପଯାଲୋକର କଉଳ ରଶ୍ମି ସଂଗ୍ରହକର



—ମିଃ ଫିନ୍‌ସେନ୍ ଆଲୋକ-ଚିକିତ୍ସା କରୁଅଛନ୍ତି –

ଜନେ ପୃଥିବୀର ଯାବତୀୟ ବ୍ୟାଧି କ୍ଷଣରେ ଓ ବିନା ଅର୍ଥ ବ୍ୟୟରେ ନିରାମୟ କରିବା ସମ୍ଭବ ହେବ । ସେତେବେଳେ ଅଯଥା ଔଷଧ ସେବନକର ରୋଗୀ କଷ୍ଟ ପାଇବାକୁ ପଡ଼ିବ ନାହିଁ ।

**ଆଲୋକଚିତ୍ର ଓ ଧାତବ ଅକ୍ଷରର ବିଲୋପ**—ମୁଦ୍ରା ଯନ୍ତ୍ର ଆବିଷ୍କୃତ ହେବା କାଳରୁ ଧାତବ ଅକ୍ଷରର ପ୍ରଚଳନ ଅପରିହାର୍ଯ୍ୟ



—ଆଲୋକଚିତ୍ର ସାହାଯ୍ୟରେ ମୁଦ୍ରଣକ ଯନ୍ତ୍ର—

ହୋଇ ଉଠୁଛି; କିନ୍ତୁ ମୁଦ୍ରଣ କାର୍ଯ୍ୟରେ ଏହି ଧାତବ ଅକ୍ଷରର ବ୍ୟବହାର ସେ ଦିନେ ଆଉ ପ୍ରୟୋଜନ ହେବନାହିଁ ଏ କଥା କେହି କେବେ ଭାବି ନ ଥିବେ । ଆମେରିକାରେ କିଛିଦିନ ତଳେ ଏକପ୍ରକାର ଆଲୋକ ରଶ୍ମିର ପ୍ରଚାର ଆରମ୍ଭ ହୋଇଛି, ଯହିଁରେ ମୁଦ୍ରଣ କାର୍ଯ୍ୟରେ ଧାତବ ଅକ୍ଷରର ଲୋଡ଼ା ହୁଏନାହିଁ । ବାୟୋସ୍କୋପ ( Biouscope ) ର ଛବିପରି ଗୋଟିଏ ପଦାର୍ଥ ଉପରେ ମୁଦ୍ରଣ ବ୍ୟାପାରରେ ବ୍ୟବହୃତ ସମସ୍ତ ପ୍ରକାର ଅକ୍ଷର, ଅଙ୍କ ଓ ଚିହ୍ନାଦି ଅଙ୍କିତ ହୋଇଥାଏ । ମୁଦ୍ରଣ ଯୋଗ୍ୟ ପୁସ୍ତକର କାଗଜଗୁଡ଼ିକ ଗୋଟିଏ ବିଶେଷ ରସାୟନିକ ପ୍ରକ୍ରିୟାଦ୍ୱାରା ଫଟୋଗ୍ରାଫ କାଗଜ ପରି ସହଜବକାଶ (Sansitize) କରି ସମ୍ମୁଖରେ ରଖାହୁଏ ଏବଂ ବାୟୁଶୂନ୍ୟ କାଚ ନଳପରି ଗୋଟିଏ ଶକ୍ତିଶାଳୀ ଆଲୋକାଧାରରୁ ପୂର୍ବୋକ୍ତ ଅକ୍ଷର ଓ ଅଙ୍କାଦି ଅଙ୍କିତ ବସ୍ତୁମଧ୍ୟ ଦେଇ ସେହି କାଗଜ ଉପରେ ଅକ୍ଷରମାନ ପ୍ରୟୋଜନାନୁସାରେ ପ୍ରତିଫଳିତ କରାହୁଏ । ଯେଉଁ ପୁସ୍ତକଟି ଛପାଇବାକୁ ଏକମାସ ଲାଗନ୍ତା । ଏହି ପ୍ରକ୍ରିୟାରେ ତାହା ମାତ୍ର କେତେକ ସେକେଣ୍ଡ ମଧ୍ୟରେ ସମ୍ପନ୍ନ ହୋଇଯାଏ ।

ଆମେରିକାରେ ଜଣେ ମହିଳା-ବୈଜ୍ଞାନିକ ଏହାର ଆବିଷ୍କାର କରିଛନ୍ତି । ଛବିରେ ଦେଖନ୍ତୁ ସେ, ତାଙ୍କର ଏହି ଅତି ଅଦ୍ଭୁତ ଯନ୍ତ୍ରଟି ନେଇ ପରୀକ୍ଷା କରୁଅଛନ୍ତି । ଏହାଙ୍କର ବିଶ୍ୱାସ ଏହି ଅଭିନବ ଆଲୋକ ରଶ୍ମି ସାହାଯ୍ୟରେ ପୃଥିବୀରୁ ଧାତବ ଅକ୍ଷରର ବ୍ୟବହାର ଦିନେ ଲୋପ ହେବ ଏବଂ ଏଣିକି ବିପୁଳକାୟ ପୁସ୍ତକ ଓ ସମ୍ବାଦପତ୍ର ମାନଙ୍କର ମୁଦ୍ରଣକାର୍ଯ୍ୟ ମାତ୍ର କେତେକ ମୁହୂର୍ତ୍ତ ଭିତରେ ସୁସମ୍ପନ୍ନ ହେବ ।

**ଅଦ୍ଭୁତକାୟ ପୁଷ୍ପ**—ସୁମାତ୍ରା ଦ୍ୱୀପରେ ସଂପ୍ରତି ଗୋଟିଏ ପୁଷ୍ପର ଅସ୍ତିତ୍ୱ ଆବିଷ୍କୃତ ହୋଇଅଛି । ପୂର୍ଣ୍ଣ ବିକଶିତ ହେଲେ ଯାହାର ଉଚ୍ଚତା ଅଠଫିଟ ପର୍ଯ୍ୟନ୍ତ ହୋଇଥାଏ । କମୁଳି ଜାତୀୟ ଏକପ୍ରକାର ଲତା ବିଶେଷରେ ଏହା ପ୍ରସ୍ଫୁଟିତ ହୁଏ ଏବଂ ମୁକୁଳାବସ୍ଥାରୁ ପୂର୍ଣ୍ଣବିକଶିତ ହେବାଲାଗି ସାଧାରଣତଃ ତିନିଦିନ ସମୟ ଲୋଡ଼େ । ପାଶ୍ଚାତ୍ୟର ଉଦ୍ଭିଦ ତାତ୍ତ୍ୱିକଗଣ ଏହାକୁ ପୃଥିବୀର ବୃହତ୍ତମ ପୁଷ୍ପ ବୋଲି ଅଭିହିତ କରିଅଛନ୍ତି । ଛବି ଦେଖିଲେ କଥାଟା ଅବିଶ୍ୱାସ କରିବାକୁ ପ୍ରବୃତ୍ତି ହୁଏନାହିଁ । ଫୁଲଟିର ପରିଧି ପ୍ରାୟ ଚାରିଫିଟରୁ ଅଧିକ ଏବଂ ଏହାର ଆପୀତ ରକ୍ତବର୍ଣ୍ଣ ଦଳଗୁଡ଼ିକର ବିସ୍ତୃତି ଅଢ଼େଇ ଫିଟରୁ କମ୍ ନୁହେଁ । ପୂର୍ଣ୍ଣ ବିକଶିତ ହେବାର ତିନିଦିନ ଭିତରେ ଫୁଲଟି ମଉଳିବାକୁ ଆରମ୍ଭ କରେ । ଶୁଣାଯାଏ ମନୁଷ୍ୟ ପକ୍ଷରେ ଏହାର ଗନ୍ଧ ବିଷାକ୍ତ ଓ ଅଶୁ ଅନିଷ୍ଟକାରୀ ।



—ସୁମାତ୍ରାର ଅଦ୍ଭୁତକାୟ ପୁଷ୍ପ—

Digitized by srujanika@gmail.com

# ଲଘୁ ସାହିତ୍ୟ ଏବଂ ଉପନ୍ୟାସ

ଶ୍ରୀ ଜ୍ଞାନେଶ୍ୱର

ସେ ଦିନ Statesman ର ସମ୍ପାଦକୀୟ ଅନ୍ତର୍ଗତ ଉକ୍ତ ବିଷୟ ସମ୍ବନ୍ଧୀୟ କେତେକ କଥା ପଢ଼ି ଆଶ୍ଚର୍ଯ୍ୟ ହେବାକୁ ହେଲା । ଲେଖକଙ୍କ ( ସମ୍ପାଦକ ? ) ମତରେ ଲଘୁ-ସାହିତ୍ୟ ସାଧାରଣରେ ସାରଶୂନ୍ୟ, ତେଣୁ ଅପାଠ୍ୟ ଲଘୁ-ସାହିତ୍ୟ—ଛୋଟ ଗଳ୍ପ ଇତ୍ୟାଦିରେ ଚିତ୍ରିତ ନାୟକ ବା ନାୟିକାଙ୍କର ଚରିତ୍ର ଅବିକଶିତ ଅପୂର୍ଣ୍ଣ—ସୁତରାଂ ଅନୁକରଣର ଅଯୋଗ୍ୟ । ପଢ଼ିସାରିବା ସଙ୍ଗେ ସଙ୍ଗେ ସବୁ ପାଶୋରିଯାଏ । ଜୀବନର ସୂକ୍ଷ୍ମ ପ୍ରବୃତ୍ତିସମୂହ-ଦେହରେ ତା'ର କୌଣସି ମୁଦ୍ରା ଚିରହୋଇ ରହେ-ନାହିଁ—ତେଣୁ ଅନାବଶ୍ୟକୀୟ । ପୁଣି ସେ କହନ୍ତି ଯେ ଉପନ୍ୟାସର ଆଦର୍ଶ ଇଂଲଣ୍ଡର ଡିକେନ୍ସ ଏବଂ ଥ୍ୟାକର—ତାଙ୍କର ଲେଖାଇ ଲେଖା । ଆଜକାଲିକାର ଉପନ୍ୟାସ ଶାନ୍ତିବିଘ୍ନକ, ସ୍ୱଳ୍ପମୂଲ୍ୟ ଏବଂ ସାଧାରଣରେ ସହଜଲଭ୍ୟ ହେବାରୁ ତା'ର କୌଣସି ମୂଲ୍ୟନାହିଁ ।

ଲେଖକଙ୍କର ଯୁକ୍ତି ଯେ ବହୁପୃଷ୍ଠା-ସମ୍ବଳିତ ଉପନ୍ୟାସ 'ଏକ ନିଃଶ୍ୱାସରେ' ପଢ଼ି ହୁଏନାହିଁ—ଥରକୁଥର Page mark ଦେଇ ବନ୍ଦ କରି, ଦୁଇଟିରୁ କିମ୍ବା ଅଧିକ ଦିନରେ ଶେଷ କରିବାକୁ ହୁଏ—ତେଣୁ ଉପନ୍ୟାସଗତ ଆଦର୍ଶ ବା ଶିକ୍ଷା ପାଠକର ମନରେ ଲାଗି ରହିଯାଏ । ଉକ୍ତପ୍ରକାର ପୁସ୍ତକ ( ଉପନ୍ୟାସ ) ପାଠ ବହୁ ସମୟସାଧ୍ୟ ହେବାରୁ, ଉପନ୍ୟାସର ବିଭିନ୍ନାଂଶ ଓ କ୍ରମବିକାଶ ଅବସରମତେ ପାଠ କରିବାରୁ ପାଠକର ଚିନ୍ତା ବା ଧାରଣା-ସ୍ରୋତ କ୍ରମେ ସ୍ପଷ୍ଟ ଓ ପରିପକ୍ୱ ହୋଇ ମନରେ ଚିରସ୍ଥାୟୀ ହୁଏ । ପକ୍ଷାନ୍ତରେ କ୍ଷୁଦ୍ର ଆୟତନ ଲଘୁ-ସାହିତ୍ୟ 'ଏକ ନିଃଶ୍ୱାସ'ରେ ପଢ଼ା ହୋଇଯାଏ କେତେକ ସମୟପାଇଁ ମନ ଖୁବ୍ ନିବିଷ୍ଟ ରହେ ସତ୍ୟ; କିନ୍ତୁ ପୁସ୍ତକଗତ ଭାବସମୂହ ପରିପାକ ହେବାର ଅବସର ପାଇବାପୂର୍ବରୁ ଧାରାବାହିକ ଘଟଣାବଳୀର ଚୂଡ଼ାନ୍ତ ହୋଇଯାଏ— ଘଟଣାର କ୍ରମରେ ଆବିଷ୍ଟ ମନର ଏକାଗ୍ରତା ତୁଟିଯିବାରୁ; ଅପରିପକ୍ୱ ଭାବ ବା ଆଦର୍ଶମାନ ମନ ଉପରେ କୌଣସି ଚିରସ୍ଥାୟୀ ରେଖାପାତ ବା Impression ନ କରି ଚାଲିଯାଏ । ଲେଖକଙ୍କର ଏପ୍ରକାର ସାଧାରଣ ସମ୍ପୂର୍ଣ୍ଣ ଭ୍ରମାତ୍ମକ ନୋହିପାରେ । ଆଜକାଲି ଇଉରୋପ ମହାଦେଶରେ ସାଧାରଣ ଲୋକେ କାଳାତିପାତ କରିବାପାଇଁ ଯେଉଁ One Penny ସାହିତ୍ୟର ସୃଷ୍ଟି ହୋଇଛି; ଡିଟେକ୍ଟିଭ ଗଳ୍ପ ଓ Intrigue ଯାହାର ସାର ସମ୍ପତ୍ତି, ସେ ସାହିତ୍ୟକୁ ଲକ୍ଷ୍ୟ କରିଥିଲେ ଲେଖକଙ୍କର ମତ ଅଭ୍ରାନ୍ତ—କିନ୍ତୁ ଲେଖକ ନିଜର ଆଲୋଚ୍ୟ ବସ୍ତୁର ଚତୁଃସୀମା ନିରୂପଣ କରି ନପାରି ସାଧାରଣ ଲଘୁ-ସାହିତ୍ୟ ପ୍ରତି ଅଯଥା ଦୋଷାରୋପ କରିଅଛନ୍ତି ।

ଉପନ୍ୟାସ ବିଷୟରେ ଲେଖକଙ୍କର ଯୁକ୍ତିର ଧାରା ଅନୁସରଣ କଲେ ନିମ୍ନଲିଖିତ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ।

ଉପନ୍ୟାସ ସତ୍ୟ ଏବଂ କାଳ୍ପନିକ ଘଟଣାବଳୀ ସାହାଯ୍ୟରେ ପାଠକ ସମ୍ମୁଖରେ ଗୋଟାଏ ଉଚ୍ଚ ଆଦର୍ଶ ଉପସ୍ଥାପିତ କରାଇବ—ସେ ଆଦର୍ଶ ଅଲଭ୍ୟ ହେଉପଛେ କ୍ଷତିନାହିଁ, କିନ୍ତୁ ଘଟଣା ସମାବେଶରେ ଆଦର୍ଶପ୍ରତି ପାଠକର ମନ ଏପରି ସତର୍କ ଭାବରେ ଆକର୍ଷଣ କରିବ ଯେ ପାଠକ ନିଜର ପ୍ରାକୃତ ଜୀବନରେ ସେହି ଆଦର୍ଶ ଲାଭର ପ୍ରୟାସ କରିବ । ଆଦର୍ଶ ଦୁଷ୍ପ୍ରାପ୍ୟ ହେଲେ ମଧ୍ୟ ଏହି ସତ୍ପ୍ରୟାସ ବଳରେ ପାଠକର କେତେକଟା ମାର୍ଜ୍ଜନା-ହେବ ।

ଉପନ୍ୟାସ ଗୋଟାଏ ଉଜ୍ଜ୍ୱଳ ଆଦର୍ଶର ଉପସ୍ଥାପନା କରିବ, ଏହି ଆଦର୍ଶର ପୁଷ୍ଟି ସାଧନ ଏବଂ ପାଠକମନରେ ସ୍ଥାୟିତ୍ୱ ନିମନ୍ତେ; ଉପନ୍ୟାସ ବହୁ ପୃଷ୍ଠା ସମ୍ବଳିତ ହେବା ଆବଶ୍ୟକ । ଗଳ୍ପଟି ସୁସଜ୍ଜିତ ଏବଂ ଚିତ୍ତାକର୍ଷକ ହେବା

Digitized by srujanika@gmail.com

ଆବଶ୍ୟକ—ଆଦର୍ଶକୁ ମୂଳକରି ଅତ୍ୟୁକ୍ତ ଘଟଣାବଳୀର ସମାବେଶ ଦୋଷାବହ ନୁହେ । ସ୍ଥୂଳତଃ ଲେଖକ ଆଦର୍ଶ-ବାଦୀ ହେବାରୁ Idealstic ଉପନ୍ୟାସର ପକ୍ଷପାତୀ । Realism ଆଡେ ଲେଖକଙ୍କର ଲକ୍ଷ ନାହିଁ ।

କିନ୍ତୁ ଆଜିକାଲି ପୃଥିବୀର ବିଭିନ୍ନ ସାହିତ୍ୟ ଆଡ଼କୁ ଦୃଷ୍ଟିପାତ କଲେ—ଏକମାତ୍ର Realism ବା ସାକ୍ଷାତ-ବାଦର ଅମିତ ପ୍ରଭାବ ସହଜରେ ଅନୁଭୂତ ହେବ । ଇଂରେଜ ଔପନ୍ୟାସିକ Hall caine ଆଦର୍ଶବାଦୀ ସତ୍ୟ; ତାଙ୍କର ଉପନ୍ୟାସମାନଙ୍କରେ ମାନବ ଚରିତ୍ରର ଆଦର୍ଶମାନ ସ୍ଥାନେ ସ୍ଥାନେ ଅତ୍ୟୁକ୍ତ ସତ୍ୟ, ଏହାମଧ୍ୟ ସତ୍ୟ ଯେ ସେ ତାଙ୍କ ଉପନ୍ୟାସମାନଙ୍କରେ ଜୀବନର କାଳିମା-ମୟତ୍ୱ ଘୋଡାଇବାର ପ୍ରୟାସ କରିଅଛନ୍ତି । ତଥାପି Hall caine ଘଟଣାକ୍ରମେ Realism ଆଡ଼କୁ ଜ୍ଞାତସାରରେ ବା ଅଜ୍ଞାତସାରରେ ହେଉ, ଆକୃଷ୍ଟ ହୋଇ ଆସିଅଛନ୍ତି—ସାକ୍ଷାତ୍ବାଦର କରୁଣତା ଯେତେବେଳେ ତାଙ୍କୁ ବିକଳ ଅଶ୍ରୁ ଉଚ୍ଛ୍ୱସିତ କରିଦେଇଛି—ସେତେ-ବେଳେ ସେ ଉଚ୍ଛନ୍ନହୋଇ ତାଙ୍କର ବନ୍ଧୁ ଆଦରର ଧନ ତାଙ୍କର ଆଦର୍ଶବାଦଠାରେ ଶରଣ ପଶି; ଜୀବନର କଷ୍ଟଗୁଡ଼ିକୁ ଆଦର୍ଶର ନାମାବଳୀରେ ଘୋଡାଇବାର ପ୍ରୟାସ କରି-ଅଛନ୍ତି । କିନ୍ତୁ ପୃଥିବୀର ଆଧୁନିକ ପ୍ରଥିତଯଶା ଔପ-ନ୍ୟାସିକ ବା ଗଳ୍ପ ଲେଖକମାନଙ୍କର ଉପନ୍ୟାସ ଆଡକୁ ଦୃଷ୍ଟିପାତ କଲେ ବିପରୀତ ଚିତ୍ରଣ ଦିଶିଯାଏ ସାକ୍ଷାତ୍ବାଦର ପ୍ରତ୍ୟକ୍ଷ ପ୍ରେରଣାରେ ଅନୁପ୍ରାଣିତ ହୋଇ, Kunt Hamsun, Johann Bojer MaximGorkly ଇତ୍ୟାଦି ଯାହା ଲେଖି-ଅଛନ୍ତି—ଯେଉଁ ଅପ୍ରିୟ ହେଲେହେଁ ନିର୍ଘାତ ସତ୍ୟର ଦୁନ୍ଦୁଭି-ନାଦ ଶୁଣାଇ ବିଶ୍ୱ-ଚିତ୍ତକୁ ଚମତ୍କୃତ କରିଅଛନ୍ତି ସେହି କଠୋର ଅନଳଂକୃତ ସତ୍ୟ ଜାଗ୍ରତ ଆତ୍ମାକୁ ଚେତାଇ ଦେଇଛି—ନେତ୍ର ଉନ୍ମୀଳନକରି ଉପସ୍ଥିତ କର୍ତ୍ତବ୍ୟରେ ବଳାତ୍କାରରେ ନିୟୋଗ କରା-ଇଛି । ସଂସାରର ଦୁଃଖ ଦୈନ୍ୟ ଅଭାବ ଅଭିଯୋଗକୁ ଉଲଂଗ ଭାବରେ ଜଗତ୍ମାନବର ହସ୍ତ ନେତ୍ର ସମକ୍ଷରେ ଧରି—ତାଙ୍କଠାରୁ ତା'ର ପ୍ରତିକାର ଲୋଡଛନ୍ତି—ଫଳରେ ଜୀବନର ଦାରୁଣ ସମସ୍ୟାପ୍ରତି ଜଗତ୍ ଜାଗ୍ରତ ହୋଇଅଛି—ଦେଶ ଦେଶାନ୍ତରର ଅଳସ, ଶୟନ, ପାନ, ବ୍ୟସନ ସବୁ ତୁଟିଯାଇଛି । ଏହି Realism ର ବୀରମାନେ ଗୋଟାଏ ନୂତନ ସାହିତ୍ୟର ସୃଷ୍ଟି କରି-ଅଛନ୍ତି—ଗୋଟାଏ ନୂତନ ପ୍ରେରଣାର ଉଦ୍ବୋଧନ କରିଅଛନ୍ତି—ଜଗତର ନୀଚ, ପଦାନତ, ଘୃଣିତ ଶ୍ରମଜୀବି-ମାନଙ୍କର କଠୋର ଜୀବନ ବିଶ୍ଳେଷଣକରି ଗୋଟାଏ ଅଭିନବ ଭାବର ଝଙ୍କାର ସୃଷ୍ଟି କରିଅଛନ୍ତି, ସେ ଝଙ୍କାର-ମାନବ ଆତ୍ମାର ସୂକ୍ଷ୍ମତମ ତନ୍ତ୍ରୀରେ ଗଭୀର କରୁଣ ସ୍ପନ୍ଦନ ଜଗାଇ ଦେଉଛି । ଲୋକେ ଯାହା ନିଦାରୁଣ ପ୍ରତ୍ୟକ୍ଷକୁ ଆଖିବୁଜି ଦେଇ ଆଦର୍ଶର ଅନ୍ଧ—ଅନୁଧାବନ କରୁ-ଥିଲେ; ଆଜି ସେମାନଙ୍କୁ ବିଶଦଭାବରେ ଦେଖାଇ ଦେଉଛି ଯେ ଆଦର୍ଶର ଅନୁସରଣକରି ସଫଳକାମ ହେବାକୁ ହେଲେ, ପ୍ରଥମେ ପ୍ରତ୍ୟକ୍ଷକୁ ପ୍ରାଞ୍ଜଳ ଭାବରେ ଚିହ୍ନିବା ଆବଶ୍ୟକ; ପ୍ରତ୍ୟକ୍ଷ ସହିତ ଘନିଷ୍ଠ ବନ୍ଧୁତ୍ୱର ପ୍ରତିଷ୍ଠାକରି ତାହାର ମଧ୍ୟ ଦେଇ ଆଦର୍ଶକୁ ଲୋଡିବାକୁ ହେବ—କେବଳ ସ୍ୱପ୍ନ ଦେଖିଲେ ଚଳିବନାହିଁ । ସ୍ୱାର୍ଥାନ୍ଧ ହୋଇ ନିଜର ଉତ୍କର୍ଷ ସାଧନ କରିବା ନିମନ୍ତେ ଆଦ-ର୍ଶର ଅନୁସରଣ କରିବା ଗୌରବାବହ ନୁହେ—ତୁମ୍ଭର ଆଦର୍ଶଲାଭ ସହଜ ହୋଇପାରେ, ତୁମ୍ଭର ସିଦ୍ଧି ଆଶୁ ଫଳପ୍ରଦ ହୋଇପାରେ, କିନ୍ତୁ ତହିଁରେ ଜଗତର କୌଣସି ଇଷ୍ଟସାଧିତ ହେବନାହିଁ । ତୁମ୍ଭର ଆଦର୍ଶ ସାଧାରଣଙ୍କ ପକ୍ଷରେ ଦୁର୍ବୋଧ, ଦୁରାରୋହ ଓ ଅରୁଚିକର ହେବ—କେହି ଅଗ୍ରହାନ୍ୱିତ ହୋଇ ତୁମ୍ଭର ଆଦର୍ଶର ଅନୁସରଣ କରିବେନାହିଁ । ମାନବଜୀବନର ଉତ୍କର୍ଷ ସ୍ୱାର୍ଥ ସିଦ୍ଧିରେ ନୁହେ—ନିଃସ୍ୱାର୍ଥ ପରସେବା ଓ ନୀଚକୁ ଉତ୍ତୋଳନ, ଉନ୍ନତ କରିବାରେହିଁ ମାନବର ପ୍ରକୃତ ମାନବତ୍ୱ । ନିଜର ଧନ ଓ ପଦମର୍ଯ୍ୟାଦାର ଅଳୀକ ଗୌରବ ପରିହାରକରି ପଦଦଳିତ ଶ୍ରମଜୀବୀ, ବିଧାତାର ଅଭିଶପ୍ତ ଯନ୍ତ୍ରଣାକ୍ଲିଷ୍ଟ ମାନବଜାତି ସହିତ ଘନିଷ୍ଠ ବନ୍ଧୁତ୍ୱ ସ୍ଥାପନାକରି, ସେମାନଙ୍କର ଦୁଃଖ ଦୈନ୍ୟକୁ ହୃଦୟଙ୍ଗମ-କରି, ସେମାନଙ୍କର ଚିନ୍ତାସ୍ରୋତ ବିଶ୍ଳେଷଣକରି, ସେମା-ନଙ୍କ ସଙ୍ଗରେ ଧରି ଉଚ୍ଚ ଆଦର୍ଶର ଅନୁଧାବନ କରି—ନିଜେ ଉନ୍ନତ ହେବ—ଦେଶର ଲୋକେ ସଂସ୍କୃତ ହେବେ—ଦେଶ ସ୍ୱର୍ଗ ପାଲଟିଯିବ । ଜଗତରେ ଯାହା



Digitized by srujanika@gmail.com

ଦୈନ୍ୟଧନ, ଯାହା ଅପରିହାର୍ଯ୍ୟ ତାକୁ ବାଳାତ୍କାରରେ ଦୂରକୁ ହଟାଇଦେଇ ଉଜ୍ଜ୍ୱଳ ସୂର୍ଯ୍ୟରଶ୍ମି ଲୋଡ଼ଲେ ଚଳିବନାହିଁ—ଅସୃଷ୍ଟି ସଂଚିତ ଏହି ଘନୀଭୂତ ତମୋ-ରାଶି ଅପସାରଣ କରିବାକୁ ପ୍ରୟାସକର—ସଂସାରର ଦୁଃଖ ଦୈନ୍ୟ ଲଘୁ ହୋଇଗଲେ ସ୍ୱର୍ଗର ଫୁଲ୍ଲପରି ସରଣୀ କାଳେ କାଳେ ଫୁଟିଦିଶିବ ।

ଆଜିକାଲିକାର ଲବ୍ଧପ୍ରତିଷ୍ଠ ଔପନ୍ୟାସିକ ଓ ଲେଖକ-ମାନଙ୍କର ଲେଖନୀ ଏ ସମସ୍ତ ପ୍ରତ୍ୟକ୍ଷ ନୀରବତା ଭେଦନେ ବ୍ୟସ୍ତ । ସାରା ଜଗତର ଚିନ୍ତା-ସ୍ରୋତ ନ୍ୟୂନାଧିକଭାବେ ଏହି ମାର୍ଗରେ ବହିଚାଲିଛି—ଇଂଲଣ୍ଡର ଲେଖକମାନେ ଯେ ଏଥିରୁ ବହୁଦୂରରେ ଅଛନ୍ତି ଏ ଧାରଣା କରିବା ଅଳୀକ—ଏହି ନବୀନ ଚିନ୍ତାସ୍ରୋତ H. G. Wells ପ୍ରଭୃତି କେତେକ ଚିନ୍ତାଶୀଳ ସୂକ୍ଷ୍ମଦର୍ଶୀ ଲେଖକ ଓ ରାଜନୈତିକ-ମାନଙ୍କୁ ନବ ମନ୍ତ୍ରରେ ଦୀକ୍ଷିତ କରିପାରିଲାଣି । ଅସୁବିଧା ଏତିକି ଯେ ଇଂଲଣ୍ଡ ଅଦ୍ୟମକାଳରୁ ଏକବାଟରେ ଚାଲି ଆସୁଥିବାରୁ; Conservatism ର ବିସ୍ତର ପ୍ରଭାବ ଓ ପ୍ରଚାର ଯୋଗୁ, ଗୋଟାଏ ନବୀନ ଉଦ୍ଦୀପନା ସ୍ରୋତରେ ଅଙ୍ଗ ଢାଳିଦେବାକୁ ସହଜରେ ସମ୍ମତ ନୁହେ । ସେଥିଯୋଗେ ଇଂରାଜୀ-ସାହିତ୍ୟରେ ଏହି ନବଭାବର ବିକାଶ ହୋଇ-ନାହିଁ—ହୋଇଥିଲେ ମଧ୍ୟ ତାହାର ବିଶେଷ ପ୍ରଭାବ ବିସ୍ତାର କରିପାରିନାହିଁ ।

ସେଥିଯୋଗେ ଇଂଲଣ୍ଡରେ ଡିକେନ୍ସ, ଥ୍ୟାକର ଔପନ୍ୟାସିକ ପ୍ରଭୃତିଙ୍କର ଆଦର ଆଜିଯାଏ ଊଣା ହୋଇ-ନାହିଁ, ସେକ୍ସପିୟର ଆଜିଯାଏ ସୁଦ୍ଧା ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାର ବୋଲି ଇଂରାଜମାନଙ୍କର ଦୃଢ଼ଧାରଣା ।

ସାହିତ୍ୟକୁ ସାହିତ୍ୟ ବୋଲି କର୍ମମୟ ଜୀବନରୁ ବିଶ୍ଳିଷ୍ଟ କରିରଖି, କେବଳ ଦେବତା ଜ୍ଞାନରେ ଆରାଧନା କରିବାର ପ୍ରବୃତ୍ତି ଲୋକମାନଙ୍କ ମନରୁ ଅନେକ ଦିନୁ ତିରୋହିତ ହେଲାଣି । କର୍ମମୟ ଜୀବନରେ ପ୍ରତ୍ୟକ୍ଷ ଭାବରେ ତାହାର କାର୍ଯ୍ୟକାରିତା ଉପଲବ୍ଧିକରି ଲେଖକ ଓ ଭାବୁକମାନେ ସାହିତ୍ୟକୁ ଅମୋଘାସ୍ତ୍ରରୂପେ ବ୍ୟବହାର କରିବାରେ ବ୍ୟସ୍ତ । ପୃଥିବୀସାରା ସୁସଭ୍ୟ ଦେଶମାନଙ୍କରେ ଏକାଭିମୁଖ Practical ସାହିତ୍ୟର ମର୍ଯ୍ୟାଦା ଏବଂ ସ୍ଥାନ ବଢ଼ି ଉଠିବ । ଡିକେନ୍ସ, ଥ୍ୟାକର-ଙ୍କର ଯୁଗ ଅତିବାହିତ ହୋଇଗଲାଣି । ସେକ୍ସପିୟର-ଙ୍କର ଯୁଗ ମଧ୍ୟ ବିତିଗଲାଣି । ଆଜିକାଲି ଲେଖାର ଉତ୍-କର୍ଷ ତା'ର କାର୍ଯ୍ୟକାରିତା ଦୃଷ୍ଟିରେ ଜୀବନର ପ୍ରତ୍ୟେକ ସମସ୍ୟାର ଅବତାରଣା ଆଲୋଚନା ବା ମୀମାଂସା ନକଲେ—ବା ମାନବର ସୂକ୍ଷ୍ମତମ ମନୋବୃତ୍ତି ଯେଉଁ-ଗୁଡ଼ିକ ସର୍ବଦା ପର୍ଯ୍ୟବେକ୍ଷଣ ଏଡ଼ାଇବାର ପ୍ରୟାସ କରେ—ଧରିଦେଇ ଧରା ଦିଏନାହିଁ—ସେହିପରି ସୃଷ୍ଟ ଭଲ ମନ୍ଦ ସବୁପ୍ରକାର ମନୋବୃତ୍ତିଗୁଡ଼ିକର ଅନୁଶୀଳନ ବା କାରଣ ନିର୍ଣ୍ଣୟ ନକଲେ, ସାହିତ୍ୟର ଆଦର ହେଉ-ନାହିଁ—ସେ ଜାତୀୟ ସାହିତ୍ୟର ଆଧ୍ୟାତ୍ମିକ ମୂଲ୍ୟ ଥିବ—କିନ୍ତୁ ସାକ୍ଷାତ୍—ମୂଲ୍ୟ କିଛି ନାହିଁ—ତେଣୁ ନ୍ୟୂନାଧିକ୍ୟରେ ସାଧାରଣଙ୍କ ପକ୍ଷରେ ଅନାବଶ୍ୟକ ।

ପାପ ପ୍ରବୃତ୍ତିକୁ ପରାସ୍ତ କରିବାକୁ ହେଲେ ଏକା-ବେଳକେ ସମୂଳେ ନାଶକରଣ କରିବାକୁ ହେଲେ ତାକୁ ଅଜଟିଳ, ଅନଳଂକୃତ ଉଲଗ୍ନ ଭାବରେ ଆଖିକୁ ଆଖି ମିଶାଇ ଚାହିଁ ଚାହିଁବା ଅବଶ୍ୟକ—ତେବେ ହେଲେ ତା'ର ପ୍ରତିକାର କରିହେବ—କେବଳ ପୁଣ୍ୟମୟ ଆଦ-ର୍ଶକୁ ଲକ୍ଷକରି ଧାଇଁଲେ ପାପ ପ୍ରବୃତ୍ତିର ଭସ୍ମାବୃତ ବହ୍ନି ନିର୍ବାପିତ ହେବନାହିଁ—କେତେବେଳେ ଯେ ହଠାତ୍ ଅପ୍ରତ୍ୟାଶିତ ଭାବରେ ଦାଉ ଦାଉ ହୋଇ ଜଳିଉଠି ସୁନାର ଅଟ୍ଟାଳିକା ଜାଳିଦେବ ତାର ସ୍ଥିରତା ନାହିଁ ।

ପୃଥିବୀ ବଡ଼ ଜଟିଳ—ମାନବ ଚରିତ୍ର ଆହୁରି ଅଧିକ—ବିଧାତାର ଅନୁଶାସନ ଦୁର୍ବୋଧ; ଅତଏବ ଅତି ସନ୍ତର୍ପଣରେ ଚକ୍ଷୁ ଫିଟାଇ ବାଟ ଚାଲିବାକୁ ହେବ, ନୋହିଲେ ପତନ ଅବଶ୍ୟମ୍ଭାବୀ ।

ମନୁଷ୍ୟର ମନୋବୃତ୍ତି Culture ସଙ୍ଗେ ସଙ୍ଗେ ମାର୍ଜିତତର ଏବଂ ସୂକ୍ଷ୍ମତର ହେଉଅଛି—ଅତି ଲଘୁ ସ୍ପର୍ଶରେ ମଧ୍ୟ ତନ୍ତ୍ରୀରେ ଝଙ୍କାର ଉପୁଜୁଛି । ମନୁଷ୍ୟ ଚରିତ୍ରର ସଂଶୋଧନ ଓ ସଂପ୍ରସାରଣ ଚାଲିଛି—ମନୁଷ୍ୟ ପ୍ରୟାସ ଲାଗିଛି, ବ୍ୟକ୍ତି ମାତ୍ରକୁହିଁ ତାହାର ଅଧିକାରରେ ସୁପ୍ରତିଷ୍ଠିତ କରିବାରେ—ମୁକ୍ତ ଆକାଶତଳେ ମୁକ୍ତ ହିଲ୍ଲୋଳରେ ସ୍ୱାଧୀନ ଜୀବନ ନିର୍ବାହକରି ବ୍ୟକ୍ତିମାତ୍ରେହିଁ

Digitized by srujanika@gmail.com

ସୃଷ୍ଟିର ଯୋଗ୍ୟତର ଉତ୍ତରାଧିକାରୀ ହୁଅନ୍ତି । ଚଳନ୍ତା ଜଗତର ଗତି ଏହିଅଛି—ବସ୍ତୁତଃ ସାହିତ୍ୟ ମଧ୍ୟ ସେହି ଛାଞ୍ଚରେ ଗଢ଼ା ହେଉଛି । ଆଜକାଲି ସାହିତ୍ୟର ଧରଣ ପଚିଶବର୍ଷ ଆଗର ସାହିତ୍ୟର ଧାରଣଠାରୁ ଅନେକ ବଦଳିଗଲାଣି । ପୃଥିବୀବ୍ୟାପୀ ମହାସମର ଜନସାଧାରଣର ଭାବ ଓ ଭାଷା ଅନେକ ପରିମାଣରେ ପରିବର୍ତ୍ତିତ କରିଦେଲାଣି ।

Deckens, Thackery ଙ୍କ ଲେଖା ଆଜକାଲି Goody Goody shuff ବୋଲି ବିବେଚିତ—ସେଥିରେ କିଛି 'ନୂଆ' ପଦାର୍ଥନାହିଁ—କିଛିନାହିଁ ଯାହାକି ମନକୁ Grid କରିବ ? ସବୁ ଏକାନରେ ପଶି ଆରକାନରେ ବାହାରି ଯାଏ, କର୍ମ୍ମସ୍ରୋତରେ ସବୁ Impression ଲିଭିଯାଏ । ପୁସ୍ତକର ଆକାର ବଡ ହେଲେ କେତେ, ଲେଖକର ଭାଷା ଯେତେ ଅଳଂକୃତ ହେଲେ କେତେ—ସବୁ ନିଷ୍ଫଳ ନିଷ୍ପ୍ରୟୋଜନ ହୋଇଯାଏ ।

ପୁସ୍ତକର ଆକାର ସହିତ ଭାବର ଉତ୍କର୍ଷର କୌଣସି ପ୍ରକାର କାର୍ଯ୍ୟକାରଣ ସଂପର୍କ ଥାଇନପାରେ—ପଠନ କାର୍ଯ୍ୟର ଚରିତ୍ର ସହିତ ଆଦର୍ଶର ଆକର୍ଷଣ ବା ପ୍ରଭାବର କୌଣସି ଅଚ୍ଛେଦ୍ୟ ସଂବନ୍ଧ ଥାଇନପାରେ । ଉପନ୍ୟାସର ଆକାର ବଡହେଲେ ବରଂ ବିପରୀତ ଫଳ ଫଳିବ—ପାଠକର ଧୈର୍ଯ୍ୟ ବା ସ୍ଥିରତା ବିଚଳିତ ହେବ — ଅସ୍ଥିର ମସ୍ତିଷ୍କରେ କୌଣସି ଚିତ୍ର ଗୃହୀତ ହୋଇପାରିବନାହିଁ । ଆଦର୍ଶ ଚରିତ୍ର ଅମାନୁଷୀ ହେଲେ ଅଥବା ଦୁର୍ବୋଧ ବା ଦୁର୍ଗ୍ରାହ୍ୟ ହେଲେ ପାଠକର ପ୍ରତ୍ୟୟ ଭାଙ୍ଗିଯିବ—ପ୍ରତ୍ୟୟ ଟଳିଯିବ—ଫଳରେ ପାଠକ ଯେଉଁ 'ତିମିରେ' ଥିବ ସେହି 'ତିମିରେ' ରହିବ, ସୂକ୍ଷ୍ମତମ ରଶ୍ମିରେଖା ସେ ଅନ୍ଧକାରକୁ ଉଜ୍ଜ୍ୱଳ କରିବନାହିଁ । ଅତଏବ ଉପନ୍ୟାସ ଦ୍ୱାରା ଶିକ୍ଷା-ପ୍ରଦାନ ଚରିତ୍ର-ଉତ୍କର୍ଷ ସାଧନ, ସମାଜ-ସଂସ୍କାର ଇତ୍ୟାଦି ପ୍ରକାର କାର୍ଯ୍ୟସିଦ୍ଧ କରିବାକୁ ହେଲେ ସିଦ୍ଧହସ୍ତ ଲେଖକ ପ୍ରୟୋଜନ । ଯେଉଁମାନେ ପ୍ରତ୍ୟକ୍ଷ ଘଟଣାକୁ ଏପରି ପ୍ରାଞ୍ଜଳ ଭାବରେ ଫୁଟାଇପାରିବେ ଯେ ପାଠକ ଅଜ୍ଞାତଭାବରେ ତହିଁରେ ଆବିଷ୍ଟ ହୋଇଯିବ—ଆବିଷ୍ଟ ହୋଇଗଲେ ତେଣିକି ତା'ର ଅନୁପ୍ରାଣିତ ଚିତ୍ତ ତହିଁରୁ ସାର ବସ୍ତୁ ବାଛିନେଇ ନିଜର ଅଙ୍ଗୀଭୂତ କରିନେବ । ଫଳ ଚିରସ୍ଥାୟୀ ଏବଂ କଲ୍ୟାଣକର ହେବ । Statesman ରେ ଏ ବିଷୟର ଲେଖକଙ୍କ ମତରେ ମାନବହୃଦୟର ସଂକଳ୍ପ ବଡ଼ ଦୁର୍ବଳ, ବଡ ଭୀରୁ—ମନୁଷ୍ୟର ସତ୍ପ୍ରବୃତ୍ତିମାନ ମଧ୍ୟ ସେହିପରି ସାହସ-ରହିତ ଏବଂ ସନ୍ଦିଗ୍ଧ—ଏଣୁ ସେ ଗୁଡିକୁ ଜୀବନରେ ଅଗ୍ରଗାମୀ କରାଇବା ବହୁ ଆୟାସସାଧ୍ୟ ଏବଂ ସମୟ-ସାପେକ୍ଷ । ଅବଶ୍ୟ ସଂସ୍କାର ଅଭିଶପ୍ତ ମାନବ ଜାତିର ଏକାଂଶଙ୍କ ପକ୍ଷରେ ଏ କଥା ସମୀଚୀନ ଓ ପ୍ରଯୁଜ୍ୟ ହୋଇପାରେ, ହୁଏତ ପ୍ରତିକୂଳ ସଂସ୍କାରପ୍ରଭାବ ଓ ପାରିପାର୍ଶ୍ୱିକ-ପ୍ରକ୍ରିୟା ସେମାନଙ୍କର ଚରିତ୍ର ଓ ମନକୁ ଏତେଦୂର କଳଙ୍କିତ କରିଛି ଯେ ସତ୍ପ୍ରବୃତ୍ତି ପ୍ରବେଶର ଦ୍ୱାର ଏକାବେଳେକେ ରୁଦ୍ଧ, କିନ୍ତୁ ଏ ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ସଂସ୍କାରସିଦ୍ଧ କିମ୍ବା ଅଜ୍ଞନ୍ମ ଅପରାଧୀ ନୋହି ସୁଦ୍ଧା ସେମାନଙ୍କର ବୁଦ୍ଧିବୃତ୍ତି ସ୍ଥିତିସ୍ଥାପକ ଅବସ୍ଥାରେ ବର୍ତ୍ତମାନ ଯେ କର୍ମସ୍ରୋତର ଦୁରୂହ ଜଟିଳତା ମଧ୍ୟରେ ଥାଇ ସୁଦ୍ଧା ଅଳ୍ପ କଥାରେ ବୋଧ ହୁଅନ୍ତି—ଯେଉଁମାନଙ୍କୁ ବାଗ୍ବହୁଳତା ଅରୁଚିକର । ଅନଳସ କାର୍ଯ୍ୟକ୍ଷମ ଲୋକ ଅଳ୍ପ କଥା ଲୋଡନ୍ତି ଏବଂ ସେତିକରେ ସନ୍ତୁଷ୍ଟ ହୁଅନ୍ତି । ଲେଖା ସାରବାନ୍ ଏବଂ ହୃଦୟଗ୍ରାହୀ କରିପାରିଲେ ଘଟଣାର ବହୁଳ ସଂଯୋଜନା କିମ୍ବା ଭାଷାର ଅଯଥା ଆଡମ୍ବର ଲୋଡ଼ା ହୁଏନାହିଁ । ପତ୍ର-ସୁନ୍ଦର ଗଛରେ ଫୁଲ ଥାଏନାହିଁ—ବହୁତ କଥା ଭିତରେ ସାର ଅତିଅଳ୍ପ ଥାଏ; ସାର ଟିକକ ବାଛି ରୁଚିକର ଭାବରେ ଲୋକଙ୍କ ପାଖରେ ଉପସ୍ଥାପିତ କରିବାରେହିଁ ଲେଖକର ସମସ୍ତ ନିପୁଣତା । ଫୁଲଟି ଫୁଟାଇ ପାରିବାରେହିଁ ସବୁ ବାହାଦୁରୀ-ସେ କେବଳ ଜନ୍ମ-ସିଦ୍ଧ ଶିଳ୍ପୀ ପକ୍ଷରେ ସମ୍ଭବ ।

ସାହିତ୍ୟରେ ସେ ଜାତୀୟ ଶିଳ୍ପ କ୍ଷୁଦ୍ର-ଗଳ୍ପରେ ଫୁଟିଉଠେ । Tolstoy, Gorky, kpassant,Maw Hamsun, ପ୍ରଭୃତିଙ୍କର ସିଦ୍ଧ, ନିପୁଣ କୁହୁକ-ତୂଳିକା ସ୍ପର୍ଶରେ କ୍ଷୁଦ୍ର-ଗଳ୍ପର ସ୍ଥାନ ସାହିତ୍ୟରେ ଚିରଦିନ ନିମନ୍ତେ ସୁପ୍ରତିଷ୍ଠିତ ହୋଇପଡିଛି । 'ଏକ ନିଃଶ୍ୱାସରେ'

Digitized by srujanika@gmail.com

ପଢି ହୋଇ ସୁଦ୍ଧା ମନକୁ ଆକର୍ଷିକରି ଧରେ—ବିଜୁଳୀର ଲଘ୍ୟ ପରି କ୍ଷଣସ୍ଥାୟୀ ହୋଇ ମଧ୍ୟ ପାଠକର ହୃଦୟରେ ସେ ଯେଉଁ ଆକାଙ୍କ୍ଷା, ଯେଉଁ ଆଶା, ଯେଉଁ ଗଭୀର ଅନୁଶୋଚନା ବା ଦୃଢ଼ ସଂକଳ୍ପର ଅବତାରଣା କରେ ସେହି ଗଭୀର ଅନୁଭୂତି ଜୀବନଯାଏ ପାଶୋର ଯାଏନାହିଁ ।

ଗଳ୍ପର ସାର ବସ୍ତୁ ବା ଶିକ୍ଷା ଆକାରର ବିଶାଳତାର ଅପେକ୍ଷା ରଖେନାହିଁ—ସେ କେବଳ ଅପେକ୍ଷା ରଖେ ଲେଖକର ବୁଦ୍ଧିମତ୍ତା ଓ ନିପୁଣତାକୁ । ନିପୁଣ ଲେଖକ ହାତରେ କ୍ଷୁଦ୍ର ଗଳ୍ପ 'ଛୋଟ ଆଁ-ଦାଉ' ପରି କାର୍ଯ୍ୟକରେ ଦୀର୍ଘାୟିତନ ଉପନ୍ୟାସ ଅପେକ୍ଷା ଏହାର ପ୍ରଭାବ ଅଧିକ ପ୍ରତ୍ୟକ୍ଷ, ଅଧିକ ସ୍ଥାୟୀ କାରଣ—ଉକ୍ତ ପ୍ରକାର କ୍ଷୁଦ୍ରଗଳ୍ପ ସବୁବେଳେ ପ୍ରାଞ୍ଜଳ, to the point ଏବଂ ହୃଦୟଗ୍ରାହୀ ।

ଆଜକାଲି ସବୁଆଡ଼େ ଦେଶ ଦେଶାନ୍ତରକୁ ସ୍ପର୍ଶିଲେ କ୍ଷୁଦ୍ର-ଗଳ୍ପର ଅଧିକ ପ୍ରଚଳନ ଦେଖାଯିବ । Reynolds, Scott, Dickens, Thackery ରେ ଲୋକଙ୍କର ଆଉ ମନବସୁ ନାହିଁ । ଲୋକେ ବୁଝିଲେଣି ଗୁଡ଼ାଏ ଚମ୍ପୁ ଗ୍ରେବାଇବାରେ କିଛି ଫଳନାହିଁ, ଅଳ୍ପ ହେଉ ପଛେ 'ସାରବାନ୍ ଖାଦ୍ୟ ଖାଇଲେ ପ୍ରକୃତ ପୁଷ୍ଟି ହେବ—ପରି-ମାଣ ମଧ୍ୟ ଅଳ୍ପ ହେବା ଉଚିତ—ନୋହିଲେ ପରିପାକରେ ଗୋଳମାଳ ଘଟିବ । ଲେଖକଙ୍କର 'ଗୁଡାଏ ବକିବା' ବାସନା ବା ଅବସର ନାହିଁ; ଫଳରେ statesman ଲେଖକଙ୍କର କପାଳକୁ ଦୀର୍ଘାୟିତନ Dicken,Thacary, ଧରଣର ଉପନ୍ୟାସର ଆଦର ଏବଂ ସଂଖ୍ୟା ନ୍ୟୂନ ହୋଇଯାଉଛି ।

---

# ମନ୍ତ୍ର-ଜନ୍ମ

ଶ୍ରୀ ଉପେନ୍ଦ୍ର କିଶୋର ଦାସ

—ସତ୍ୟଭାମା କଥା—

ବଇଶାଖର ଖଇଫୁଟା-ଖରାଝାଞ୍ଜି ଭିତରେ ଅଦିନ ବଉଦର କୁହୁକ-ପରଶ ଚହଟିଗଲାପରି କିହାରି କିହାରି ମାନଙ୍କ ଜୀବନରେ ବି ଏମିତି ଗୋଟାଏ ଅମୃତ ଘଡ଼ି ଆସି ଦେଖାଯାଏ, ଯାହାଲାଗି ଜୀବନଟା ସାରା କୋଉ ଅଜଣା ଅଲୋକର ବାଟରେ ଯାଇପଡ଼େ ! ଅମୃତଘଡ଼ି ବା କହିବି କାହିଁକି ? ସୁଖ ସୁଅଦିଟିକି ଦଣ୍ଡକ ଭିତରେ ପ୍ରାଣ-ଉଜଡ଼ା କରି ଥରେ ଚଖାଇଦେଇ, ପଛକୁ ଯେ ଏମିତି ରୁକ୍ଷ ନିଚ୍ଛଣା ହୋଇଯାଏ—ସାରା ଜୀବନଟା ଲାଗି, ତାକୁ ଆଉ ଯେ ଯାହା କହୁପଛେ 'ଅମୃତ'ବୋଲି ମୁଁ ତ କହିବି ନାହିଁ କେବେ । ସଂସାର ଭିତରେ କିହାରି ସ୍ତ୍ରୀମାନଙ୍କ ଜୀବନଟାରେ ମୋର ସେହି ଦଣ୍ଡକର ସୁଖ ସୌଭାଗ୍ୟର ଲୋଭ ଏଡାଇ ପାରିଥାନ୍ତି ଯଦି ଅଜ ଅଭ ମହିମନ୍ଦିରେ ଏମିତି ମତେ ବୁଡ ମରିବାକୁ ହୋଇନଥାନ୍ତା ପରି !

ଜୀବନରେ ଏଡ଼େବଡ ଭୁଲ ପୁଣି ଲୋକେ କରନ୍ତି—ଦଣ୍ଡକର ରାଗ ଅଭିମାନରେ ? ମୋ ଜୀବନରେ ସେ କଥାଟା ମୁଁ ହାଡ଼େ ହାଡ଼େ ଅଙ୍ଗେ ନିଭେଇଛି; ସେଥିଲାଗି ପାଞ୍ଚ ପଚଶଙ୍କ ଆଗରେ ମୋର ନିଚ୍ଛଣା ଜୀବନର କାହାଣୀ ଯେତକଥା ଗୁଡିକ ଗାଇଯିବାକୁ ମୋତେ ଟିକିଏ ଡ଼ର ଲାଗୁ-ନାହିଁ । ଆଉ ଡ଼ରିବି ବା କାହାକୁ ? ଯେତେବେଳେ ଡରିବାକଥା ସେତେବେଳେ ତ ଇନ୍ଦ୍ର ଚନ୍ଦ୍ର ଦିଶିନାହାନ୍ତି ମୋ ଆଖିକି ଅଉ ଏଇଥିଣି, ସବୁ ସରିଲାପରେ ଡରି-ଫଳ କଅଣ ?

ଜନ୍ମ ହେଲାବେଳେ ବାପା ବଡ ଶରଧାରେ ମୋ ନାଁ ଦେଇଥିଲେ ସତ୍ୟଭାମା; କିନ୍ତୁ କୋଉଗୁଣ ମୋର

Digitized by srujanika@gmail.com

ଦେଖି ସେ ଏଇନାଁ ଦେଇଥିଲେ କେଜାଣି ! ବାହାର ଭିତର କୋଉଠା ତ ଟିକେ ମୋର ମିଳୁ ନ ଥିଲା ଏଇନାଁ ପାଇଁ ! ଦୁଷ୍ଟ, ଅମାନିଆ ପଣରେ ମୁଁ ତ ସରିଥିଲି ତା-ପାଇଁ ଗୋଟିଏ ଝିଅବୋଲି ବାପ ମାଆଙ୍କର ସ୍ନେହ ଶର-ଧାର ଉହାଡ଼ରେ ରହି ମୋର ରାଗ ଅଭିମାନଟା ପୁଣି ଏତେ ବଢ଼ିଯାଇଥିଲା ଯେ ବେଳେ ବେଳେ ଘରଛଡ଼ା ପାଞ୍ଚଘରେ ମୋର ନାଁ ପଡ଼ିବାରେ ବାକି ନ ଥିଲା । କିନ୍ତୁ ଏତେ ଦୁଷ୍ଟପଣ ଗୋଟିଏ ଝିଅବୋଲି ବାପ ମା ସେ ଅଡ଼କୁ ଏକା-ବେଳକେ ଆଖି ବୁଜିଦେଇଥିଲେ । ଆଉ ସେଇତ ମୋର କାଳ ହେଲା । କେମିତି ହେଲା ସେ କଥା କହୁଛି ଶୁଣ—

ସରଶର ମେଘମଉଳା ଆକାଶପଟରୁ ଦିପହରର ଖରାତେଜ ହଜାଇଦେଇ ସେ ଦିନ ମାଡ଼ି ଆସିଥାଏ ପହିଲି ଅଷାଢ଼ର ବହଳ ଚନ୍ନଣ ବଉଦମାଳ । ଗାଁ ଗହୀରଅଡ଼େ ଆମ ବାଡ଼ିପଟ ଦିନ ଆମ୍ବତୋଟାରେ ପବନ ଭାରି ଜୋରରେ ଗରଜୁଥାଏ । ବେଗି ବେଗି ଖିଆପିଆ କାମ ବଢ଼ାଇଦେଇ ବୋଉ ସେ ଦିନ ଶୋଇବାକୁ ଗଲା । ବର୍ଷା ପବନ ଦେଖି ମୋର କାହିଁକି ସେ ଦିନ ଭାରି ମନହେଲା-ପାଇଆଡେ ଟିକେ ବୁଲି ଆସିବାକୁ । ସଂଖୁଡ଼ିବାସନ ଦିଖଣ୍ଡ ତରତରରେ ପିଛୁଳେଇ ଦେଇ ବାହାରି ପଡ଼ିଲି ବୁଲିବାକୁ । ଦାଣ୍ଡ ପାହାଚଉପରେ ଗୋଡ ଦେଲାବେଳେ ପଛରୁ କିଏ ଡ଼ାକିଲା ସତ—

ଚମକିପଡ଼ି ପଛକୁ ଚାହିଁଦେଲି; ଦାଣ୍ଡ ପାହାଚରେ ବସି ବାପା ଚୋଥି ଲେଖୁଛନ୍ତି ମୁଁ କାଠ ପିତୁଳାପରି ସେଇଠି ଠିଆ ହୋଇ ରହିଲି— ଛାତି ଦୁଲୁ ଦୁଲୁ ପଡ଼ୁଥାଏ ଡରରେ ମୋତେ ଠିଆହେବା ଦେଖିସେ ପଚାରିଲେ, କୁଆଡେ ଯାଉ ହଉଥିଲୁ ଏତେବେଳେ, ଗାଁ ଗନ୍ତରେପରା ? ମଲ୍ଲୀ ଏତେକଥା ଏ କୁଆଡୁ ଜାଣିଲେ ? ମୁଁ କିଛି ନ କହିଲାରୁ ସେ କହିଲେ ତୋ ବୋଉକୁ ଡାକିଲୁ ।

ମୁଁ ଯାଇ ଉଠେଇଦେଲି ବୋଉକୁ । ସେ ଆଖି ମଳି ମଳି ବାହାରକୁ ଆସିଲା । କବାଟ କଣରେ ଠିଆହୋଇ ଶୁଣିଲି ବାପା ପଚାରୁଛନ୍ତି—

ସତକି ବାହାରକୁ ଯିବାକୁ ତମେ କହିଥିଲ ?

ବୋଉ ଆଶ୍ଚର୍ଯ୍ୟହୋଇ କହିଲା ନାହିଁତ କାହିଁକି ?

ବାପା କହିଲେ ସେ ସବୁବେଳେ ଯାଇ ବାହାରେ ବୁଲୁଚି ଏଟା ତମଆଖିକି ସୁନ୍ଦର ଦିଶିଲେ ଗାଁ ଲୋକ-ଙ୍କୁତ ତା ଦିଶୁନାଇଁ । ତାକୁ ବୋଧହୁଏ ଦଶ ଏଗାରବର୍ଷ ହେଲାଣି । କାଲିଛଡ଼ା ପରଦିନ ବାହାହେବ ସେ । ତାକୁ ଏ ସମୟରେ ଏତେ ବାହାରକୁ କାହିଁକି ଛାଡ଼ ଶୁଣେ ?

ବୋଉ କାହାକୁ ଖୋଜିଲାପରି ଚାରିଆଡ଼କୁ ଥରେ ଚାହିଁଗଲା । ଉଦ୍ଦେଶ୍ୟଟା ମତେପାଇଲେ ତାର ଅକ୍ଷମତାର କ୍ରୋଧଟିକ ପୂର୍ଣ୍ଣମାତ୍ରାରେ ମୋ ଉପରେ ସାରିଦିଅନ୍ତା--କିନ୍ତୁ କାହାକୁ ନ ଦେଖି କହିଲା, ଦୋଷଯାକ ସବୁ କଣ ମୋର ଏଇଆ ତମ ବୁଝାମଣାପରି ? ପଚାରିଲ ସେ ଠୋକଟି ଏଇ ବାହାରକୁ ଯିବାକଥା ନେଇ କେତେଥର ମୁଁ ତାକୁ ଗାଳିଦେଲିଣି । ସେ କ'ଣ ଜମା ମାନୁଚି ମୋ କଥା ? ବାପାକହିଲେ—ଘରଝିଅ ପରତଆଉ,ଆସିବେନାହିଁ ଆକଟି ବାକୁ । ସେ କଥା କହିଲେ କିଏଶୁଣିବ ? ମୁଁ ଇଆଡେ ବରଘର ଖୋଜା ଲଗେଇଥାଏଁ ଝିଅ ସିଆଡେ ଘୋଡା-ପରି ଦାଣ୍ଡହାଟରେ ବୁଲୁଥାଆନ୍ତୁ ।

ମୋର ଆଉ ଶୁଣିବା ଦରକାର ହେଲାନାହିଁ । କବାଟକଣରୁ ଗୋଡ଼ ଚପି ଚପି ମୁଁ ତଳଘରକୁ ଚାଲିଗଲି । ସେତେବେଳେ ମୋର ଖାଲି ମନେପଡୁଥାଏ ବାପାଙ୍କ କଥା—ଇଆଡ଼େ ମୁଁ ବରଘର ଖୋଜା ଲଗାଇ-ଥାଏ ।

ଏ ବରଘର ଖୋଜା କାହାପାଇଁ ମୁଁ ଜାଣେ । ଏଇଥିପେଇଁ ତେବେ ବାହାରକୁ ବାହାରିଲେ ବୋଉ ଏତେ ଚିଡେ, ମୁଁ କହେ କାହିଁକି ? ବାହା ହବାଛ କେତେଲୋକଙ୍କୁ ମୁଁ ଦେଖିଚି । ଆମର ସାଇରେ କମଳି ନାନୀ ତ ସେଦି ନ ବାହାହେଇଚି । ଗୋବର୍ଦ୍ଧନ କାନ-ଗୋଇ ଝିଅ ହୀରାତ ବାହାହେଇଚି ଯେ ଆଜିଯାଏ ସହିତେ ଫେରିନାଇଁ ଶାଶୁଘରୁ । ମୁଁ ତେବେ ଏମିତି ବାହାହେବିନି । ଆଉ କେମିତି ? ମୁଁ ତ ଜାଣିନାଇଁ ଏଥିରେ ଆଉ କ'ଣ ଅଛି । ତଥାପି ବାହାହେବା କଥାଟା ସବୁଦିନେ ମତେ ଭାରି ଅପୂର୍ବ ଲାଗେ । ଭାରୁ ମାଇକିନା ଝିଅଙ୍କୁ ବୋଧହୁଏ ଲାଗୁଥିବ ଏମିତି । ଯେମିତି, ଗୋଟାଏ ଅମୃହାଁ ଦେଉଳ ! ଆଖି ଉଢ଼ାଳରେ ସତେକି କେତେ ଅପୂର୍ବ ଦରବ ଥୁଆ ହେଉଚି ତା ଭିତରେ !

Digitized by srujanika@gmail.com

ସେ ଦିନଯାକ ମୋର ଖାଲି ମନେହେଲା ଏଇ ବାହାଘର କଥା । ଉଢ଼ଣା ପକାଇ କନ୍ୟା ହବା, ସମସ୍ତଙ୍କ ଆଗରେ ଲଇଁ ଲଇଁ ଚାଲିବା କଥା । ଭାରି କୌତୁକ ସତେ ଏଣ୍ଟା ! ଏଇ ବାହାହବା ଭିତରେ ପୁଣି କେତେ ପରିବର୍ତ୍ତନ କେତେ ପ୍ରଳୟ କେତେ ସୃଷ୍ଟି ଯେ ଖଞ୍ଜା ହୋଇଛି ଆମ ମାଇକିନା ଜାତିଟା—ଲାଗି ଏକଥା ମୋ ମନକୁ ସେତେବେଳେ ଜମା ଆସିନାଇଁ । ଆସି-ଥିଲେ ଜୀବନଟା ମୋର ବରାବର ଭିନ୍ନବାଟରେ ଯାଇ ପଡିଥାନ୍ତା ! ଆଜ ଛାମରମାନଙ୍କ ଆଗେ କଲମ ଧରି ଏ ନଷ୍ଟଛଣା ଜୀବନର ନାଲିଜ କାହାଣୀଗୁଡାକ କାଗଜ ଉପରେ ଏମିତି ଢାଳିଦେବାକୁ ମତେ ପଡନଥାନ୍ତା ପରା ।

ଆମ ହିନ୍ଦୁଘରେ; ବିଶେଷରେ ବାମ୍ଭଣଘରେ ବାହା-ହେବା ଆଗରୁ ଏକଥା ବୋଧହୁଏ କାହାର ମନକୁ ଆସେନାଇଁ । ଆସୁଥିଲେ ବି କଣ ବେଶୀ ଲାଭଟା ହଉଥାନ୍ତା କେଜାଣି । ପାଞ୍ଚବର୍ଷ ବେଳୁ, ଭଲକରି ଜ୍ଞାନ ହବା ଆଗରୁ ସମସ୍ତେତ ପୁଣି ବାହାହୁଅନ୍ତି, ଏମିତି ମୋରପରି ସ୍ୱାମୀ କ'ଣ ଭଲକରି ବୁଝିବା ଆଗରୁ, ସମସ୍ତେତ ପୁଣି ବଡ଼ହୋଇ ଗୋଟିଏ ଅଜଣା ଅଚିହ୍ନା ଲୋକର ଘର କରିବାକୁ ଯାଆନ୍ତି । କାହିଁ ଦିନେତ ସେଥିପାଇଁ କାହାର ପୃଥିବୀ ପ୍ରଳୟ ହୋଇଯାଏ ନାଇଁ, କାହାରିକୁ ବିଷ ଖାଇବାକୁ ହୁଏ ନାଇଁ ସେଇ ଦୁଃଖରେ— କିନ୍ତୁ ମୋ କଥା—ମୋ କଥା ଯେ ସମସ୍ତଙ୍କ ଠାରୁ ଟିକେ ଅଲଗା; ତା ନୋହିଥିଲେ ଆଜ ଆଉ—କିନ୍ତୁ ଛାଡ଼ ସେ କଥା ।

ସେଇଦିନଠାରୁ ମୁଁ ଜାଣିଲି ମୋ ବାହାଘର ଖୁବ୍ ନିକଟରେ । ବାପା ଆଜ ମୋ ମୁହଁକୁ ଚାହିଁ ଯେଉଁଥିଲାଗି ଏତେ ହସୁଥିଲେ—ଏତେ ଓଲି ମୁଁ ଏ ସହଜ କଥାଟା ସେତେବେଳେ ଯାହା ବୁଝିପାରି ନଥିଲି ।

ଶରତ୍‌ଟଲା । ନଈଘାଟରେ ତଣ୍ଡିଫାଟା ମଞ୍ଜୁରିଡ଼ ବଢ଼ାଇଦେଇ ଢାଲ ପଡିଆର ଶୁଖିଲା ନିଶ୍ଚୁଆ ଭୂଇଁଉପରେ ପାହାନ୍ତାପହରର ଘଞ୍ଚଣିହଲା ଶେଯ ହମେ ପରା ସରି ଆସିଲା ହବୁଦିନ ଲାଗି । ଫୁଲଫୁଟା ବାଡ଼ିପିଗଛରେ ସକାଳୁ ହିଞ୍ଜ-ଯାଏ ମହୁମାଛିଙ୍କ ଭିଡ଼ାଭିଡ଼, ଦୂରପାଟ ଆଡ଼େ ହଟେକ କିଏସେ ଦଣ୍ଡିଘାଗୁଡ ବାଜି ଧାଇଁଛି । ପବ ପାଚି ଆସୁଥିଲା ଗୋଟା ଚୋଟା । ବିଲପଡିଆରେ କିନ୍ତୁ ଆଗଠାଉଁ ଅହରହ-ସାଗୁଆ ରଙ୍ଗ କିଏ ବୋଳି ଦେଇଥିଲା ଗଛପତ୍ରରୁ ଚିପୁଡି । ମେଘ ବରାବର ଛାଡିଯାଇ ଯାଇଁ, କିନ୍ତୁ ଦିଶ-ହରାକୁ ଧାନ ବାହାରିଥିବା ଦିଶକାତ ଦଶହଜାର କଥା-ରରେ । ଗନ୍ଧରବଲର ସୁଆପଞ୍ଚିଆ ବନାତଉପରେ ସଟେକ କିଏସେ ପଶାଗାଲି ବୁଣି ଦେଇଛି ।

ଗାଁର ଉତ୍ତର ଦକ୍ଷିଣରେ ଯୋଡ଼ି ଜୋରଟି ଏ ଆମ ବାଡି ଟିଯାଏ ଲମ୍ବି ଆସିଚି; ଦିନେ ଖରାବେଳେ ଗ୍ରେରଙ୍କ ପରି ଲୁଚି ଲୁଚି ଯାଇ ତା'ର କୂଳରେ ଠିଆ ହେଲି । କ'ଣ ଗୋଟାଏ ପୂଜାଥିଲା ବୋଲି ସେ ଦିନ ବାପା ଘରେ ନଥିଲେ ମତେତ ଭଲଯୋଗ ମିଳିଗଲା ପଦାକୁ ବାହାରି-ବାକୁ । ଅଶିଣ ଶେଷରେ କଇଁଫୁଲ ଫୁଟାଦିନ । ଗରମବି ହଉଥାଏ ଖୁବ୍ । କଇଁଫୁଲ ତୋଳିବାକୁ ପାଣିରେ ପଶିଲି । ଫୁଲ ଆଣୁ ଆଣୁ ଲୁଗା ଭିଜିଗଲା ବେକଯାଏ । ମୋର ସେ ଆଡ଼କୁ ଜମା ନଜର ନାଇଁ । ହଠାତ୍ ବନ୍ଧଉପରେ କାହା ପାଟି ଶୁଣି ଚମକି ଚାହିଁଲି—ନାଥନନା !

ମତେ ଦେଖି ସେ କହିଲେ; ଦେଖୁଚ ଏ ଦୁଷ୍ଟକୁ । କେମିତି ଦିପହରଟାରେ ଗାଧଉଚି ! ନାଥନନାକୁ ଦେଖି ମୋର କିନ୍ତୁ ଭାରି ରାଗହେଲା ମନେ ମନେ । ଏତେ ଦିନଯାଏ କୁଆଡେ ଥିଲେ ଯେ ଦେଖାଟିକେ ମିଳୁନଥିଲା ଆଜ ପୁଣି ତଲମଣିଷ ହୋଇ ଆସିଛି ବସିଲେ ଆଗ ! ମୋର ଗରଜ ପଡ଼ିଚି ଆଙ୍କ କଥା ମାନିବାକୁ ।

ନାଥନନା କହିଲେ; କିଏ ଫୁଲ ତୋଳିଦେଇ ନଥାନ୍ତା—କହିଥିଲେ । ତୁ କାହିଁକି ପାଣିରେ ପଶିବାକୁ ଗଲୁ ଶୁଣେ ?

ସେଇଠି ସେମିତି ପାଣିଭିତରେ ଠିଆହୋଇ ରହିଲି ଫୁଲଧରି—ତାଙ୍କୁ ମୋଟି ଫିଟେଇଲି ନାଇଁ ।

ସେ ହସିଲେ । କହିଲେ, ଓଃ ଅଭିମାନ ହେଇଚି ପରା ମୋ ଉପରେ ! ହଉ ଆମେ ଜାଣୁ ଯେ କାହିଁକି ଏତେ ରାଗ ! ହଁଁ ଆ ସୁନା ଭଉଣୀଟା ପରା ଉପରକୁ ଉଠି, ଗୋଟାଏ ଭାରି ଦରକାରୀ କଥା କହିବି ଶୁଣିଯା । ଯବାବ ଦେଲିନାଇଁ ତାଙ୍କ କଥାରେ ।

ବନ୍ଧଉପରୁ ଓହ୍ଲାଇ ଆସି ସେ କହିଲେ; ତୁ ଆସିବୁ, ନାଁ ଫେର ମୁଁ ଯିବି ତୋ ପାଖକୁ ? କାହିଁକି କେଜାଣି ତାଙ୍କର ଏ ପ୍ରସ୍ତାବଟା ମତେ ଭାରି ଅଡୁଆ ଲାଗିଲା !

Digitized by srujanika@gmail.com

ଯେମିତି କେତେବଡ଼ ଲାଜ କଥାଟାଏ । ଧରଢରରେ ଉପରକୁ ଉଠିଆସିଲାବେଳେ ଦେଖିଲି-ଓଦାଲୁଗାଟା ଦେହରେ ମୋର ଜଡ଼ଯାଇ ଦେହଗୋଟାକ ଫୁଟି ଦିଶୁଚି; ଆଉ ନାଥନନା କେମିତି ଭାବରେ ଗୋଟାଏ ସେ ଆଡ଼କୁ ଚାହିଁଚନ୍ତି । ଲାଜରେ ମୁଁ ଏକାଥରକେ ସରିଗଲି । ମନେହେଲା, ଏଇଠି ମୁଁ ନ ମଲି କାହିଁକି ! ଏଇକ୍ଷିଣା ଭାବେଁ ସେତେବେଳେ ସତରେ ଯଦି ମରିଥାନ୍ତି ତେବେତ ପାଠ ଛୁଟି ଯାଇଥାନ୍ତା । ଜୀବନଭରି ଏ ଦହଗଞ୍ଜ ଏ ହିନସ୍ତା ଆଉ କାହା କପାଳରେ ଘଟି ଥାଆନ୍ତା ?

ଲୁଗାଟା ଯଥାସାଧ୍ୟ ଧଡ଼ାଉଦେଇ, ମୁହଁ ତଳକୁ ପୋତି କୌଣସିମତେ ଉପରକୁ ଉଠିଆସିଲି କିନ୍ତୁ ନାଥନନା ମୁହଁକୁ ଚାହିଁବାକୁ ମତେ ଯେମିତି ହାର୍ଦ୍ଦକୁ ନେଲାପରି ଜଣାଗଲା । କୂଳପାଖରେ ଆଉଦଣ୍ଡେ ଅପେକ୍ଷା ନକରି ଘରଆଡ଼କୁ ଆସିଲି । ନାଥନନା ମୋ ସଙ୍ଗେ ସଙ୍ଗେ ଆସିଲେ । ଛମାସ ହେଲା ସେ ଗାଁରେ ନଥିଲେ । କଟକରେ କୁଆଡ଼େ ପାଠ ପଢ଼ିବାକୁ ଯାଇଥିଲେ । ଦଶହରା ଛୁଟି ହୋଇଚି, ସେ ଘରକୁ ଆସିଚନ୍ତି । ଏଇକ୍ଷିଣା ମାସେ ଅନ୍ଧୁର ରହିବେ । ଆମଘରକୁ ନିତି-ଆସିବେ । ଏମିତି କେତେକଥା ସେ ମତେ କହିଲେ । ମୁଁ କିନ୍ତୁ ପାଟି ଫିଟେଇଲି ନାହିଁ; ଯଦିଚ ଅଭିମାନଟା ମୋର ସେତେବେଳେ ତାଙ୍କ ଉପରେ ଆଉ ନଥିଲା — ଖାଲି ଭାରି ଲାଜ ମାଡ଼ୁଥାଏ କେମିତି ତାଙ୍କୁ ମୁହଁ ଟେକି ଚାହିଁବାକୁ ।

ତାଙ୍କଘର ହେଲାରୁ ସେ ଚାଲିଗଲେ । ମୁଁ ଗଣ୍ଡି ମୁଣ୍ଡ କିଛି ତାଙ୍କ କଥାରୁ ବୁଝିପାରିଲି ନାହିଁ । ଖାଲି ଏତିକି ମନେହେଲା ନାଥନନା ଭାରି ଖରାପ !

ଭିତରଘର ପିଣ୍ଡାରେ ଲୁଗା ଶୁଖାଉଚି ବୋଉ କେତେବେଳେ ଆସି ମୋ ପାଖରେ ହେଲାଣି ମୁଁ ଜାଣେ ନାଁ । ଭାରି ଚିଡ଼ିଲାପରି ସେ ମତେ ଡାକିଲା ସତୀ !

ମୁହଁ ଫେରାଇ ଦେଖିଲି—ରାଗରେ ତା ମୁହଁ ନାଲିପଡ଼ି ଯାଇଚି । ଆଖି କଟମଟ କରି ସେ ମୋ ଆଡ଼କୁ ଚାହିଁ ପଚାରିଲା; ହଇଲୋ କୁଆଡ଼େ ଯାଇଥିଲୁ ? ଉତ୍ତରରେ ପାଟିରୁ ମୋର କଥା ବାହାରିଲା ନାହିଁ, ଖାଲି କହିଲି; ଫୁଲ ଆଣିବାକୁ — ବଡ଼ ଫାଟିକିରି ସେ କହିଲା; ଫୁଲ ଆଣୁଥିଲୁ ମଲୁନାହିଁ ବୁଡ଼ି ସିଆଡ଼େ, ଅଲକ୍ଷଣୀ ଟୋକି ! କେତେଥର ମନାକଲିଣି ତତେ ବାହାରକୁ ସିବାକୁ ଆଁ ଲୋ ?

ସ୍ତ୍ରୀ ଲୋକଙ୍କର ପୁଣି ଆଖିରେ ଏତେ ତେଜ ! ମୁଁ କାନ୍ଦୁଚି ବୋଲି ସେତେଦୂରରୁ ସେ କେମିତି ଜାଣି-ପାରିଲା । ତା ରାଗଯାକ ଦଣ୍ଡକେ କୁଆଡ଼େ ଚାଲିଗଲା । ପାଖକୁ ଆସି ମୋ ମୁଣ୍ଡରେ ହାତବୁଲେଇ ସେ ମତେ ଢେର ବୋଲଯଏଁ ବୁଝେଇଲା—ମତେ କୁଆଡ଼େ ବାର-ବର୍ଷ ହେଲାଣି । କାଲିପୁଣି ପରଦିନ ମୁଁ ବାହାହେବି । ଏ ସମୟରେ ଏମିତି ବାଡ଼ିରେ ବୁଲିଲେ ଲୋକେ ମତେ କଣ କହିବେ—ଏମିତି କେତେ କଥା । ମୁଁ ସବୁ ବୁଝି ପାରିଲି ନାହିଁ । ଖାଲି ଏତିକି ବୁଝିଲି ଏଇଥିପେଇଁ ବୋଧହୁଏ ନାଥନନା ମୋ ଆଡ଼କୁ ଚାହିଁଥିଲେ ବୋଲି ମତେ ଏତେ ଲାଜ ମାଡ଼ିଲା ସେତେବେଳେ । କିନ୍ତୁ କାହିଁକି ? ମତେ କିଏ ବୁଝେଇଦବ ଏକଥା । ?

ଆଜକାଲି ନାଥନନା ନିତି ଆମଘରକୁ ଆସନ୍ତି । ଆସିଲେ ପୁଣି ତାଙ୍କର ଆଗ ମତେ ଖୋଜାପଡ଼େ । ସତେକି ମତେ ନ ଦେଖିଲେ ତାଙ୍କର ଦଣ୍ଡେ ଚଳୁନାହିଁ । ମୁଁ କିନ୍ତୁ ତାଙ୍କ ଆସିବା ଶବ୍ଦ ପାଇଲେ କୋଉ ଛକରେ ଯାଇଲୁଚେ । ସେଇ ଫୁଲ ତୋଳିଲା ଦିନୁ ମତେ କାହିଁକି ଭାରି ଲାଜ ମାଡ଼େ ତାଙ୍କ ଆଗରେ ହେବାକୁ । ଦିନେ ଦିନେ ଖରାବେଳେ ବୋଉପାଖରେ ବସି ରାମାୟଣ ପଢୁଥାଏ ନାଥନନା କୁଆଡ଼ୁ ଆସି ପହଞ୍ଚିଯାନ୍ତି ସେତିକି ବେଳେ । ବୋଉ ଥାଏ ବୋଲି ମୁଁ ଆଉ ପଳେଇ ପାରେନାହିଁ ସେଦିନ । କିନ୍ତୁ ଭିତରେ ଲାଜରେ ଗୋଟେପଣେ ଝାଳରେ ବୁଡ଼ିଯାଏ ।

ଦିନେ, ଭାରି ବର୍ଷା ସେଦିନ । ମାଟିଦୁଆରେ ଆମର ଅଣ୍ଠୁଏ ପାଣି ଜମି ଯାଇଥାଏ ମୁଁ ଆଉ ବଉଳ ମିଶି କାଗଜରେ ଡଙ୍ଗା ତିଆରି କରୁଚୁ—ନାଥନନା କେତେ-ବେଳେ ଆସି ମୋ ପଛରେ ଠିଆ ହେଲେଣି ମତେ

Digitized by srujanika@gmail.com

ଜଣାନାହିଁ । ଗୋଟାଏ ଡଙ୍ଗା ତିଆରି କରିସାରି ମୁଁ ଦେଖିଚି ସେ କହିଲେ; ସେମିତି ଡଙ୍ଗା ହୁଏନା ଜମା ।

ତାଙ୍କ ପାଟି ଶୁଣି ଚମକି ପଡିଲି । ଡଙ୍ଗା ଫଙ୍ଗା ଛାଡିଦେଇ ଠିଆ ହେଲି ଯିବାକୁ, କିନ୍ତୁ ବଉଳ ମୋ କାନଟା ଟାଣିଧରି ଏକା ଜିଦ୍‌କଲା ଡଙ୍ଗା ଭସାଇ ଦବାକୁ । ଲାଜ ମାଡୁଥାଏ । ପିଣ୍ଡା ତଳକୁ ଲଇଁପଡି ଡଙ୍ଗାଟା ଭସାଇ ଦବାକୁ ଯାଉଚି ନାଥନନା କହିଲେ; ସେଟା କଣ ଭାସିବ ଯେ ? ଯା କହି ସେ ମୋ ପିଠିଉପରେ ଏକାପ୍ରକାର ଆଉଜି ପଡି ଡଙ୍ଗାଟା ପାଣିରୁ ଉଠାଇ ନେଲେ ।

ମୋ ହାତ ଜଳିଗଲା ତାଙ୍କ ବ୍ୟବହାର ଦେଖି । ମତେ ହେଲା ଏ ଅନ୍ୟାୟ, ନିହାତି ଅନ୍ୟାୟ ତାଙ୍କ ପକ୍ଷରେ, ଏତେ ହେଲି ମେଳ ହବା ମୋ ସାଙ୍ଗେ । ଅନିଚ୍ଛାରେ ଜୋରକରି ତାଙ୍କ ହାତଟା ମୋ ପିଠି ଉପରୁ ଫୋପାଡି ଦେଇ ଟିକେ ଦୂରକୁ ଘୁଞ୍ଚିଗଲି । ସେ ଟିକେ ଅପ୍ରସ୍ତୁତ ହୋଇ କହିଲେ; ଆଜିକାଲି ତୁ ଏମିତି କ'ଣ ଗୋଟାଏ ହୋଇ ଗଲୁଣି ପରା !

ମୁହଁ ମୋର ଲାଲ ପଡିଗଲା ରାଗରେ । ନିଜକୁ ସମ୍ଭାଳି ନପାରି କହିପକାଇଲି; ମୁଁ ହେଇଗଲିଣି ନା ତମେ ? ସବୁବେଳେ ତମେ ମୋ ସାଙ୍ଗରେ ଏମିତି କାହିଁକି ଲଗେଇଚ କି ନାଥନନା ? ମତେ—

କ'ଣ ମତେ ? ସେ ପଚାରିଲେ

କହିଲି; ମତେ ସେ ଗୁଡା ଭଲଲାଗେ ନା ଆଦୌ !

ମୁଁ ଚାହିଁଛି, ସାଙ୍ଗେ ସାଙ୍ଗେ ତାଙ୍କ ମୁହଁ କାଗଜପରି ସେତା ପଡିଗଲା । ଆଉ କିଛି ନ କହି ସେ ତଳକୁ ମୁହଁ ପୋତି ଆସ୍ତେ ଆସ୍ତେ ସେଠୁଁ ଚାଲିଗଲେ ।

ତାଙ୍କ କଷ୍ଟ ଦେଖି ମତେ ଭାରି ଅଡୁଆ ଲାଗିଲା । ମନକୁ କିନ୍ତୁ ପ୍ରବୋଧ ଦେଲି ଏଇଥିରେ ଯେ ଆଜି ମୁଁ ଯାହା କରିଚି ସେଟା ଦରକାର ଥିଲା କରିବା ।

ସେଇଦିନୁ ନାଥନନା ଆମ ଘରକୁ ଆଉ ଆସନ୍ତି-ନାହିଁ । ଆସିଲେ କେବେ ବାପାଙ୍କ ପାଖେ ଦଣ୍ଡେ ବସି ସେଇ ବାହାରୁ ବାହାରୁ ଚାଲିଯାଆନ୍ତି । କେବେ କେମିତି ବୋଉ ଡକେଇ ପଠେଇଲେ ଘର ଭିତରକୁ ଆସିଲେ ବୋଉ ସାଙ୍ଗେ ଖାଲି ଦି'ପଦ କଥାବାର୍ତ୍ତା ହେଇ ଘରକୁ ବାହୁଡନ୍ତି । ମୁଁ ଯେ ଜଣେ ଲୋକ ଏ ଘରେ ଅଛି, ସେଇଦିନ ପରେ କି ସେ ପାଶୋରି ଯାଇଚନ୍ତି ସେ କଥା । ଭାରି ମନ ଖରାପ ହୁଏ ମୋର, ତାଙ୍କୁ କାହିଁକି ସେ ଦିନ ଏମିତି ଟାଣ ଟାଣ କଥା କହି ପକେଇଲି । ଆଜି କିନ୍ତୁ ଭାବୁଚି ସେଇ ଅଭିମାନଟା ତାଙ୍କର ଯେବେ ମୋ ଉପରେ ସେମିତି ଚିରକାଳ ରହିଯାଇଥାନ୍ତା ତା' ହେଲେ ଭଲ ହୋଇଥାନ୍ତା ପରା ! ଜୀବନଟା ଆଉ ଏମିତି ଦୁଃଖ ଜଞ୍ଜାଳ ଭିତରେ ଛନ୍ଦି ହୋଇପାରିନଥାନ୍ତା ମୋର ସବୁଦିନ ପାଇଁ ।

ଆଉ କିଛିଦିନ ପରେ, ଖରାବେଳେ ଦିନେ ବଉଳ ଆମ ଘରକୁ ଆସିଲା । ବୋଉ ସେତେବେଳକୁ ଖାଇସାରି ଶୋଇ ପଡିଥିଲା । ଦାଣ୍ଡ ପିଣ୍ଡାରେ ବାପା ବସି ସବୁଦିନପରି ପୋଥି ଲେଖୁଥିଲେ । ଘର ଭିତରେ ଆମେ ଦୁଇଜଣ ଆଉ କେହି ନ ଥିଲେ । ସାହସକରି ବଉଳକୁ ପଚାରିଲି;—

ତମ ଭାଇ ଘରେ ନାହାନ୍ତି କି ?

ଆଶ୍ଚର୍ଯ୍ୟହୋଇ ବଉଳ ମୋ ମୁହଁ ଆଡକୁ ଚାହିଁଲା । କହିଲା; ନାହିଁ ଯାଇଚନ୍ତି ଗୋଟା ଠା'କୁ ।

କୋଉଠିକି ? ମୁଁ ପଚାରିଲି ।

ବଉଳ ମୋ ମୁହଁକୁ ଚାହିଁ କାହିଁକି ଭାରି ହସିଲା । କହିଲା, ସେଇଠିକି ।

କୋଉଠିକି ? ତୋ ଶାଶୁ ଘରକୁ ?

ନାଇଁ ଲୋ ମୋ ଶାଶୁ ଘରକୁ ନୁହେଁ—ତୋର । ଯା କହି ବଉଳ ହସି ହସି ଗଡିଗଲା ।

ନାଥନନାଙ୍କ କଥା କୁଆଡେ଼ ଗଲା । ଦିହେଁଯାକ ବସି ଆଲୋଚନା କଲୁଁ ମୋ ବରଟିର ରୂପ ଗୁଣ କଥା । ବଉଳ କହିଲା; ବୋଉ କହୁଥିଲା ତୋ ବରଘର କୁଆଡେ ଭାରି ବଡ଼ଲୋକ, ମସ୍ତ କୋଠାବାଡି; ତୁ ଯାଇ ରାଣୀ-ପରି ରହିବୁ ସେଠି । କୁଟାଖଣ୍ଡକୁ ଦି'ଖଣ୍ଡ କରିବାକୁ ଦେବେନାହିଁ । ବରଘର ସମ୍ପତ୍ତି କଥା ଶୁଣି ମୋ'ଛାତି କୁଣ୍ଢେ ମୋଟ ହୋଇଗଲା । ହବାରି ତ କଥା ! ବାହାହବା କଥାରେ ଧନ ସମ୍ପତ୍ତି ଠିଉଁ ଆଉବେଶି ଅର୍ଥ କ'ଣ ମୁଁ ସେତେବେଳେ ବୁଝିଥିଲି କି ? ଭାବିଲି ନାଥନନା ପରେ

Digitized by srujanika@gmail.com

କେତେ଼ ଭଲ ଲୋକ । ମତେ ଏତେ଼ ବଡ଼ଲୋକ ଘରେ ବାହା କରିଦବାକୁ ଲାଗିପଡ଼ିଛନ୍ତି । କିନ୍ତୁ ମୁଁ ହିଁ ଜାଣିଥାନ୍ତି ଏଇ ବନଠଉଁ ଜୀବନ ଗୋଟିକ ଲାଗି ମୋର ଏଆଡେ ଲୁହାଶିକୁଳୀ ଗଢ଼ାହଉଚି ।

ବରଘର କଥା ଶୁଣି ସେତେବେଳେ କିନ୍ତୁ ହଠାତ୍‌ରେ ମୋ ମନ ଖୁସି ହୋଇଗଲା । ଥଟ୍ଟା କରି ବଉଳକୁ କହିଲି; ଆମର ଦରକାର ନାହିଁ ଧନ ଦୌଲତରେ, ମନ ହେଉଚି ଯଦି ତୁ ବାହା ହ ତାକୁ ।

ବୋଉର ଆଜକାଲି କ'ଣ ହେଉଚି କେଜାଣି ? ସବୁବେଳେ ଖାଲି ସେ ମୁହଁ ଶୁଖେଇ ଗୋଟାଏଠାରେ ବସୁଚି, କ'ଣ ଭାବି ଆପଣାମନକୁ ବେଳେ ବେଳେ ଗୁଡ଼ାଏ କାନ୍ଦୁଚି- ଖାଲି ନାଥନନା ଆସିଲେ ତାଙ୍କସାଙ୍ଗେ ଯାହା ଦଣ୍ଡେ ଅଧେ କଥାବାର୍ତ୍ତା ହଉଚି, ନଇଲେ ନାହିଁ । ଦିନେ, ଏମିତି ସେଦିନ ଦିହେଁ ଯାକ କଥାବାର୍ତ୍ତା ହଉଥିଲେ—ମୁଁ ଯାଇ ଶୁଣିଲି ଲୁଚିକରି ! ବୋଉ କହୁଚି; ମୋ କଥାତ ସେ ଶୁଣିଲେ ନାଇଁ ଯେତେ କହିଲି । ତୁ ଯା ହେଲେ ତାଙ୍କୁ ଟିକେ ବୁଝେଇ କହ ।

ନାଥ ନନା ଭାରି ମାମଲତକାରିଙ୍କ ପରି କହିଲେ; କାହିଁକି ଶୁଣିବେ ନାଇଁ ? ଅମେ କ'ଣ ଅପସନ୍ଦ କଥା- କହୁଚୁ ?

ବୋଉ କରୁଣ ହେଲାପରି କହିଲା; ତାଙ୍କ ଜିଦ୍ କ'ଣ ଜାଣୁନା ତୁ ? ଯାହା ଥରେ ଭଲ ବୁଝିଥିବେ, ଇନ୍ଦ୍ର ଚନ୍ଦ୍ର ହେଲେବି ତାଙ୍କୁ ସେଥିରୁ ଟଳେଇପାରିବେ ନାଇଁ । ସେଥିରେ ଫେର କହୁଚନ୍ତି କ'ଣ ନା ଟିପଣା କୁଆଡ଼େ ଭାରି ଭଲ ମିଳିଚି । ସତରେ ସେଇଠି ବାହାଘର ହବ । ସେ ଯଦି ସତରେ ସେଇଆ କରନ୍ତି ତେବେ କ'ଣହବ ? ମୁଁ ତ ଜୀବନ ଥାଉଁ ଥାଉଁ ଝିଅକୁ ମୋର ସେ ବୁଢ଼ାଟା ସଙ୍ଗେ ବାହା- ଦେଇ ପାରିବିନାଇଁ ।

ଏଥର ବୁଝିଲି ବୋଉ କାହିଁକି ସବୁବେଳେ ଏତେ ମନଦୁଃଖ କରୁଚି ମୋ ଲାଗି ? ମୋ ଲାଗି ତ କ'ଣ ସମସ୍ତିଙ୍କି ଭାବନା ପଡ଼ିଚି, ଆଉ ମୁଁ ତ ବେଶ ନିଶ୍ଚିନ୍ତରେ ଅଛି ! ସଞ୍ଜ ଲାଗି ଆସୁଥାଏ ଅଳପ ଅଳପ । ଦୂର ସରଗ- ଲଗା ଘନଗୁନ୍ଥା ତାଳବଣ ମଥାନ ଉପରେ, ଦଗରୁଡ଼ା କଳାବଉଦ ଦିହରେ ଜରିଧଡ଼ି ବୁଣିଦେଇ ସୂର୍ଯ୍ୟ ବୁଡ଼ି ଯାଉଥାନ୍ତି । ଘରପାଖରେ ଗୋଟିଏ ଘିଅ ବଉଳତା ଜାଳି ଦେଇ ପିଣ୍ଡା ଅନ୍ଧାରରେ ଯାଇଁ ଚୁପ୍ ହୋଇ ବସିଲି । ଖଞ୍ଜା ଗୋଟିକର ବହଳ ଅନ୍ଧାର ଯେମିତି ଏ ଘିଅ ବଳତାର ଛୋଟ ଆଲୁଅଟି ଦୂର କରି ପାରୁ ନ ଥିଲା । ଜୀବନରେ ମୋର ସୀମାବଦ୍ଧ ଜ୍ଞାନ ସେମିତି ଏ ସୀମାହୀନ ଘଟନା ଭିତରେ ପଡ଼ି କୁଆଡେ ବୁଡ଼ି ହଜି ଯାଇଥିଲା । କ'ଣ ଏ ବାହା ହବା ? ସ୍ୱାମୀ ସାଙ୍ଗରେ ବା ସ୍ତ୍ରୀର ସମ୍ବନ୍ଧ କଣ; କିଛି ମୁଁ ଜାଣେ ନା । ଖାଲି ସମସ୍ତିଙ୍କ ବ୍ୟସ୍ତ ହବା ଦେଖି ମୋ ମନଟା କାହିଁକି ଭାରି ଦବି ଗଲା । ଘର ଗୋଟାକ ଶୂନଶାନ୍ । ଯେମିତି ସମସ୍ତଙ୍କୁ ଭାରି କ'ଣ ଗୋଟାଏ ଭାବନା ହୋଇ ଯାଇଚି ! ଚଉରା ପାଖରେ ଏଇଲାଗେ, ଯେଉଁ ସଞ୍ଜ ଦେଇ ଆସିଥିଲି ମିଞ୍ଜି ମିଞ୍ଜି ହୋଇ ଜଳି ସେଟା ଧପ୍ କରି ଲିଭିଗଲା ! ବାହାର ଭିତର ଦିଆଡ଼େ ଏଇକ୍ଷିଣା ଅନ୍ଧପରି ମୁଁ । ମତେ କିଏ କହିଦେବ ବୋଉ ହେଉକି ମୋ ପାଇଁ କାହିଁକି ଏମିତି ବ୍ୟସ୍ତ ହଉଚନ୍ତି ?

ବର ବୁଢ଼ାହେଲେ କ'ଣ ଖରାପ !

ନାଥ ନାନା କ'ଣ ଛାଡ଼ିବା ଲୋକ ? ତହିଁ ଆର ଦିନ ସେ ବାପାଙ୍କୁ ଏ ସମ୍ବନ୍ଧ ଭାଙ୍ଗି ଦବାକୁ ଅନେକ କହିଲେ । କହିଲେ ବରଟା ବୁଢ଼ା, ସେଥିରେ ପୁଣି ଦୋବେଇ । ହେଲା ଏବେ ସେ ଏଗାଁ ଜମିଦାର, ବଡଲୋକ କିନ୍ତୁ ସତ ଗୋଟା ଆମ୍ଭ ଝିଅଟିକି ଯୋଗ୍ୟ ନୁହେଁ ସେ । ଏମିତି ଅନେକ କଥା । ବାବା ଯେମିତି ଏକଜିଦିଆ ଲୋକ ସେ ଏ ସମ୍ବନ୍ଧ ଭାଙ୍ଗିଦବାକୁ ରାଜିହେଲେ ନାହିଁ, ଅଧିକ ନାଥନନାଙ୍କ ଉପରେ ଭାରି ଚିଡ଼ିଗଲେ । ନାଥନନା କ'ଣ ଊଣା ଟିଏ, କି ? ତାଙ୍କ କଥା ନ ରହିଲାରୁ ସେ ବି ଭାରି ରାଗି ଯାଇ ସେଠୁଁ ଉଠିଗଲେ । ପ୍ରତିଜ୍ଞା କଲେ ଜୀଇଥିବା ଯାଏ ପୁଣି ଏ ଘର ମାଡ଼ିବେ ନାଇଁ କେବେ । ବୋଉ ବିଚାରି ଆଉ କ'ଣ କରିବ ! ବାପାଙ୍କ ଜିଦ୍ ଦେଖି ସେ ତୁନି ହୋଇ ରହିଲା । କିନ୍ତୁ ସବୁବେଳେ ଖାଲି କାନ୍ଦିବାକୁ ଲାଗିଲା ।



Digitized by srujanika@gmail.com

ଏମିତି ଗୋଟାଏ ଅଶାନ୍ତ ମନ ଦୁଃଖ ଭିତରେ ବାହାଘର ମୋର ପାଖ ହୋଇ ଆସିଲା । ମଝିରେ ଜମା ଆଉ ଦିଟା ଦିନ ବାକି । ଆମ ଗରିବ ଅବସ୍ଥାକୁ ଚାହିଁ ଯାହା ଯୋଗାଡ଼ ହବା କଥା ବାପା ପ୍ରାୟ ସବୁ କରିଥିଲେ । ଖାଲି ଲୋକ କାହାନ୍ତି କାମରୁ ଲାଗିବାକୁ ? ବାହାଘର କଥା ଠିକ୍ ହେଲା ଦିନୁଁ ବୋଉର ବାତଣା ଘଣ୍ଟ ଟିକେ ଉଠୁନାହିଁ ସହଜରେ । ସେ ଆଉ ପୁଣି କାମ କରିବ ? ଖାଲି ନାଥନନାଙ୍କ ବୋଉ, ବଡ଼ମା ଥିଲେ ବୋଲି କିଛି ଅସୁବିଧା ହେଲା ନାହିଁ କାମରେ । ନଇଲେ ବୋଧହୁଏ କିଛି ହୋଇ ନ ଥାନ୍ତା !

ବାହାଘର ହୋଇଗଲା ! ଯେମିତି ଗୋଟାଏ ବଡ଼ ସ୍ୱପ୍ନ ଦେଖି ଉଠିଲା ପରି ମତେ ସବୁ ଜଣାଯାଉଥାଏ । ସେଦିନ ସକାଳଠୁଁ ମୁଁ ପ୍ରାୟ ଶୋଇଥିଲି ଖାଲି । ରାତି ସେତେବେଳକୁ ଦିପହର ହବ, ହଠାତ୍ ଭାରି ଗୋଳମାଳ ଆଉ ବାଜା ବାଣ ଶବ୍ଦରେ ଶୁଣିକିନା ନିଦ ଭାଙ୍ଗିଗଲା । ଖାଲି ଅଗଣାରେ ଆମର, ଅନେକ ଲୋକଙ୍କ ପାଟି ଶୁଭୁଥିଲା । ମୁଁ ତାରି ଭିତରେ ପୁଣି ଶୋଇ ପଡ଼ିଲି । ତା ପରେ ମତେ କେତେବେଳେ ଉଠେଇ ବେଦୀକି ନେଲେ ମୋର ସେ କଥା ଭଲ ମନେ ନାହିଁ ।

ପାହାନ୍ତାରୁ ଭଲକରି ଅନ୍ଧାର ନ ଛାଡ଼ୁଣୁ ବଡ଼ଦିଦି ଗାଇଜରି ନୂଆ ବୋହୂ ଆସି ସରଗ ଅଗଣାରୁ ବାସିଡ଼ରି ଫୁଲଚିକ ଓଳାଇ ନେଇ ଉଷାର ଗୋଳାପି କୁଆଁକିନା ବୁଲାଇ ଦେଇଥିଲା ଗୃହଆଡ଼େ । ଗଛଡାଳରେ କିନ୍ତୁ ପାହାନ୍ତି ପବନର ନିଦ ସେତେବେଳ ଯାଏ ଭାଙ୍ଗି ନ ଥିବ, ବଡ଼ମା ମତେ ଉଠେଇ ନେଇ ଗାଧୋଇ ଆଣିଲେ । ରାତିର ଘଟନାଯାକ ସବୁ ମତେ ଖାଲି ସପନପରି ଲାଗୁଥାଏ । ସେମିତି ଓଦାଲୁଗା ପିନ୍ଧି ମୁଁ ଘରକୁ ଆସିଲି । ଘରଭିତର ରାତିପରି ଅନ୍ଧାର । ଜଳାକବାଟି ପାଖେ ଲୁଗା ପାଲଟିଲା ବେଳେ ଦେଖିଲି ଆରପାଖ ପିଣ୍ଡାରେ କିଏ ସବୁ ବସିଛନ୍ତି ! ଏମାନେ ସବୁ ବରଯାତ୍ରୀ ହେବେ ପରା ! ଭାରି କୌତୁକ ଲାଗିଲା— ସେଥି ଭିତରୁ ଦେଖିବାକୁ ବର କେଉଁ ଜଣକ ! ମୁଁ ଚାହିଁଛି, ବଉଳ କୁଆଡ଼ୁ ଦୌଡ଼ି ଆସି ହସି ହସି କହିଲା—

ବଉଳ—! ବର !

ଭାରି ଲାଜ ମାଡ଼ୁଥାଏ କିନ୍ତୁ ପାଟିରୁ ମୋର ବଳେବଳେ ବାହାରିଗଲା—କିଏ ? ପିଣ୍ଡାରେ ଯେ ସବୁ ବସିଥିଲେ ତାଙ୍କର ଭିତରୁ ଜଣକୁ ଦେଖାଇ ଦେଇ ବଉଳ ପୁଣି ହସି ହସି ସେ ଘରୁ ଦୌଡ଼ି ପଳେଇଲା ।

ଯାହାକୁ ସେ ଚହ୍ନାଇ ଦେଲା ସେ ଦରବୁଢ଼ା । ଦିଶେ କଳା, ଖୁବ୍ ମୋଟ । ସେଥିରେ ପୁଣି ସୁନାହାର ଆଉ ଖଡ଼ୁ ନାଇ ଅପୂର୍ବ ସୁନ୍ଦର ଦିଶୁଛି ! ଏଇ ମୋ ବର ? ମତେ ଭାରି ଡର ମାଡ଼ିଲା ସେ ଲୋକଟାକୁ ଚାହିଁ । ସେ ପୁଣି ମୋର ବର ! ମତେ ଅଧିକ ଖରାପ ଲାଗିଲା । ଆଉ ଚାହିଁବାକୁ ମନ ହେଲାନାହିଁ । ଝିଡ଼କାଟା ଧଡ଼କରି ବନ୍ଦକରିଦେଇ ସେଠୁଁ ଚାଲି ଆସିଲି !

ଦୁଇଚାରିଦିନ ପରେ ସେମାନେ ସବୁ ଆମଘରୁ ବିଦାହୋଇ ଗଲେ । ମୁଁ ଟିକେ ନିଶ୍ଚିନ୍ତହେଲି । ଏ କେତେଟାଦିନ ମୁଁ ଯେ କେମିତିଭାବରେ କାଟିଛି ତା ମୋ ମନ ଜାଣେ । ବୋଉକୁ ଜମାରୁ ଦେଖିନାହିଁ ସେହିଦିନଠୁଁ । ଖାଲି ବାପାଙ୍କୁ ଏ ପିଣ୍ଡାରୁ ସେ ପିଣ୍ଡାକୁ ଗଲାବେଳେ ଯାହା ଦେଖେଁ, କିନ୍ତୁ ସେବି ମୋ ପାଖକୁ ଜମା ଆସିନାହାନ୍ତି ଏ କେତେଦିନ ଭିତରେ । ମୁଁ ଯେ କିନିଆ ହୋଇଛି । ଗୋଟିଏ ଘରେ ସକାଳଠୁଁ ସଞ୍ଜଯାଏ ରୁନ୍ଧହୋଇ ବସିବା ମୋ କାମ । ପୁରୁଷଲୋକଙ୍କର ମୋ ପାଖକୁ ଆସିବାକୁ ମନା । ଖାଲି ବଉଳ କେତେବେଳେ କେମିତି ମତେ ଚଳେଇବାକୁ ଯେ ଘରକୁ ଆସେ । ସେବି ବେଶି ସମୟ ସେ ଅନ୍ଧାର ଅନ୍ଧାର ଘରଟାରେ ବସିପାରେ ନାଁ, ଦଣ୍ଡେ ବସି ପଳେଇଯାଏ । କିନ୍ତୁ ସବୁଠୁଁ ଆଶ୍ଚର୍ଯ୍ୟ କଥା—ଯାହାଙ୍କର ଏ ବାହାଘରରେ ବେଶି ଆସିବା କଥା ସେ ମୋଟେ ଆମଘର ମାଡ଼ିନାହାନ୍ତି ବାହାଘର ଦିନୁଁ । ଏ ସେଇ ନାଥ ନନା । ସବୁକଥାରେ ତ ଯେ ଆପେ ଆପେ ଆସି ଆଗୁଆପଡ଼ନ୍ତି—ସେ କ'ଣ ସତେ ବାପାଙ୍କ କଥାରେ ରାଗକରି ଆସୁନାହାନ୍ତି ?

ଏହାର କିଛିଦିନ ପରେ ବଡ଼ମା ଦିନେ ଆମଘରକୁ ବୁଲି ଆସିଲେ । ବୋଉ ସାଙ୍ଗେ କଥାବାର୍ତ୍ତା ହେଲା-

Digitized by srujanika@gmail.com

ବେଳେ କହିଲେ; ଆମ ଲୋକନାଥ ତ କଟକ ଯାଇଛି ଚାକିରି କରିବାକୁ !

ବୋଉ ଆଶ୍ଚର୍ଯ୍ୟ ହୋଇଗଲା; ଲୋକନାଥ ପୁଣି ଚାକିରି କରିବାକୁ ଯାଇଛି ? ସେ ପଚାରିଲା—

ବଡ଼ମା କହିଲେ; ହଁ ଲୋ ଭଉଣୀ ! କେତେଦିନ ହେଲାଣି ମୋତେ ତା ମନରେ ସୁଖ ନ ଥିଲା । ଏଇ ଚାକିରି କରିବ ବୋଲି କି କଣ ମୁଁ ସିନା ତାକୁ ଜୋର କରି ଅଟକାଇ ଥିଲି । ସେଦିନ ଏକାଜିଦ୍ କରି ଚାଲିଗଲା ପରା, ତଡ଼ା ବାହାଘର ଦିଦିନ ଆଗରୁ ! ପଚାରିଲାରୁ କହିଲା ସତ ବାପାଙ୍କ ସଙ୍ଗେ କ'ଣ କଳିଆ ଲାଗିଛି ତା'ର—

କିନ୍ତୁ ଏ ମନ ବ୍ୟସ୍ତ କାହିଁକି ନିଥି ନିଜାର ମୁଁ ବୁଝିପାରିଲି । ବାପାଙ୍କ ସଙ୍ଗେ କଳି ଏ ହଜାରଥର ହୋଇଥିଲେ ଘରଛାଡ଼ି ଯିବା ଲୋକ ସେ ନୁହନ୍ତି । ଖାଲି ଯାଇଚନ୍ତି ମୋପାଇଁ ! ସେଦିନ ମୁଁ ତାଙ୍କୁ ଗାଳିଦେଇଥିଲି ବୋଲି ମୋ ଉପରେ ଅଭିମାନ କରି !

ଶୀତଦିନର କଅଁଳ ଖରା ନଇଁ ଆସିଥିଲା ଟିକେ ଟିକେ । ବାଉଁସବୁଦାର କଣ୍ଟା ଅରମା ଭିତରେ ପଶି ଗୋଟାଏ କାପଡ଼ା, ସପନ ଗାଇକ ଛଡ଼ା ତାର ଜୋଡ଼ି ଅଜଣା ସାଥିଟିପାଇଁ ଗୋଟାଏ କଦମଡ଼ା ବାହୁନା ଗୀତ ମେଲିଦେଇଥିଲା ଆପଣା ମନକୁ । ବାଡ଼ପଟ ପିଣ୍ଡାରେ ଥକାହୋଇ ସେ ଗୀତ ଶୁଣୁ ଶୁଣୁ ମୋର ମନେ ହେଲା ନାଥ ନିଜ ସବୁଦିନପାଇଁ ମତେ ଛାଡ଼ିଦେଇ ଚାଲିଗଲେ । ଆଉ ଆସିବେନାହିଁ ପରା !

ସେଦିନଠୁଁ ଦି'ବର୍ଷ ହୋଇଗଲାଣି । ସେ ଗୋଟାଏ ଦିନ ଆଉ ଆଜି ! ଦୁହିଁ ମଧ୍ୟରେ କେତେ ପ୍ରଭେଦ ! ସତେ କି ଗୋଟାଏ ଯୁଗ ବିତିଗଲାଣି ଏଇ ଦି'ଟା ବର୍ଷ ଭିତରେ । ମୋର ଏତେ ବଦଳିଯାଇଛି ବାହାର ଭିତରେ । ସେଥର ପୁନେଇଁ ଥାଇ ଆଗରୁ ଏତେ ଚହଲ ପଡ଼ିଯାଇଥିଲା ବଲି ପଡ଼ିଆରେ କାହିଁକି, ମୁଁ ଜାଣେ । ଜହ୍ନିଫୁଲ ଫୁଟା ମସ ଏଠାନା ? ଓଳିତଳ ରଞ୍ଜାରେ ଜହ୍ନିଗଛ ମାଡ଼ିଥିଲାତ ଅସୁମାର । ସଞ୍ଜନୋହୁଣୁ ତା ଦେହରେ ପୁଣି ଅନ୍ଧାର ଯେମିତି ଲୁଚିବସି ହଜାରେ ଜହ୍ନିଫୁଲ ଆଖିମେଲି ଦେଖୁଥିଲା; କିଏ ଆଉ ଆସିଲା କି ? ତାକୁ କିନ୍ତୁ ଦେଖିଥିଲା ସଞ୍ଜ ପବନ । ବଗୁଲିଆପିଲାଙ୍କପରି ସେଥିପାଇଁ ଥରେ ଥରେ ଦୌଡ଼ିଆସି ଚଞ୍ଚୁକୁ ଠେଲିଦେଇ ପଳାଇଯାଉଥିଲା ଦୂରକୁ ।

ଦିନତ ଆଉ ନାହିଁ । ପୁନେଇ ଆଉ କେତେଟା ଦିନ ରହିଲା କି ? ଚଉସ୍ୱାଗରେ ଜହ୍ନିଫୁଲ କୋଟିକଟା ହବାକୁ ନାହିଁ, ଘରବାହାର ଲିପାପୋଛା ହବାକୁ ନାହିଁ, ବୋଉ କ'ଣ ବିଗୁରିଚି ଏବର୍ଷ କୁଆଁରପୁନେଇ ହବନାଇଁ କି ? ବାଡ଼ପଟ ପିଣ୍ଡାରେ ବସି ଏକଧ୍ୟାନରେ ଚାହିଁଥିଲି ଜହ୍ନକୁ । ସେଇ ଗହଳିଆ ଆମ୍ବତୋଟା ଉହାଡ଼ରେ ବଡ଼ ଜୋରଟା । ଗଛ ଫାଙ୍କଦେଇ ଚାହାଣୀ ତାହାଉପରେ ଝରି ଝରି ଆସି ଠୁଳ ହଉଥିଲା । ଜହ୍ନକୁ ଦେଖି ପୁନେଇକଥା ମୋର ମନେ ପଡ଼ିଗଲା । ସଞ୍ଜ ଗୋଟିକ ଅନ୍ଧାର । ଭିତର ଘରୁ ଦୀପ ଆଲୁଅ ଯୋଉଟି ଅଗଣାଯାଏ ଲମ୍ବି ପଡ଼ିଥିଲା ବୋଉ ମତେ ତା ଭିତରେ ଦେଖିପାରି ଡାକିଲା—ସତ, କଣ କଲୁ ?

ବୋଉ ପାଖରେ ଯାଇଁ ବସିଲି । କେତେବେଳକେ ସେ ମୋତେ ପଚାରିଲା; କୋଉଠି ଥିଲୁକି ଏତେବେଳଯାଏ ? ବାପା ଆସିନାହାନ୍ତି ?

ଦାଣ୍ଡରୁ ଆସିଲିତ ଏଇଲାଗେ । ମୁଁ କହିଲି, ବାପା ଆଉ ଆସିଲେ କେତେବେଳେ ? ସେ ଆଉକିଛି ପଚାରିଲା ନାହିଁ । ଅନେକ ବେଳଯାଏ ଚୁପହୋଇ ରହିଲି । ଅଗଣାଭିତରେ ଯୋଉ ଜହ୍ନ ଆଲୁଅଟିକି ଅଣନୁସିଆରରେ ଚାଲି ମଥାନଉପରୁ ଗଡ଼ପଡ଼ ପିଣ୍ଡାଦାଣ୍ଡରେ ଅଚେତ ହୋଇ ଶୋଇଥିଲା; ବୋଉ ମୁହିଁ ସେ ଆଲୁଅରେ ବାରିହଉଥିଲା ଅଳ୍ପ ଅଳ୍ପ । ମନେକଲି ସବୁଦିନପରି ସେ ଠାକୁରଙ୍କ ନାମ ନେଉଛିପରା । କିନ୍ତୁ ମୋ କଥାଟା ତ ନକହିଲେ ନୁହେଁ । ସାହସ କରି ଡାକିଲି; ବୋଉ ! କିଛି କହିଲନାହିଁ ।

ଆଉଥରେ ଡାକିଲି ବଡ଼ପାଟିକରି; ବୋଉ ବୋଉ ମ ?

ଏଥର ସେ ଜବାବଦେଲା—କ'ଣ କହୁଚୁ ।

ପୁନେଇ ତ ଆଉ ଅଳ୍ପଦିନ ରହିଲା—ଆଜିଯାଏ ଚଉସ-

Digitized by srujanika@gmail.com

ଠେଇଁ ଲୁଘାପୋଛା ହେଲାନାହିଁ । ଜନ୍ଧିଫୁଲ କୋଠି-କଣା ହେଲାନାହିଁ ଚଉରାପାଖରେ । ଆଉ କେଉଁଦିନ ହବ ? ଆହଉଁ କ'ଣ ଲୋ ଓଲ ! ପୁନେଇ ଧନ ଯାଇନା—ବୋଉ ହସିଲା ।

ହଁ ଛୋରଖାଲି ସବୁକଥାରେ ଏମିତି !

ସଜ ବଗୁଚ୍ଛକ ଅଛୁ ଭୋକ ଶୋଷ ନାହିଁପରା, କୁଆଁରପୁନେଇ ବୋଲି ? କିଏ ଜଣେ ଦାଣ୍ଡଆଡୁ କହି ହସିଉଠିଲା—

ଦଣ୍ଡକେ ସେଆଡକୁ ଚାହିଁଦେଲି । ଅଗଣା ପାରି-ହୋଇ ସେ ଆମରଆଡକୁ ଆସୁଛ । ଅନ୍ଧାର ଭିତରେ ତାର ଗୋରାଦେହରେ ଯେମିତି ନିଆଁ ଜଳୁଛ ! ଆଶ୍ଚର୍ଯ୍ୟ-ହୋଇ କହିଲି—ନାଥନନା ! 

ବୋଉ ମୁଣ୍ଡରେ ଲୁଗାଦେଇ ଉଠିବସିଲା । କହିଲା; ସଜ, ସପଟା ଆଣିଲୁ ଘରୁ ।

ନାଥନନା ବୋଉକୁ ଦଣ୍ଡବତହୋଇ ଲଥକିନା ସେଇ ଧୂଳିଠାରେ ବସିପଡି କହିଲେ—ଥାଉ ମାଉସି, ମୁଁ ବସିଲିଣି ।

ବୋଉ ପଚାରିଲା, କଟକରୁ କେଉଁଦିନ ଆସିଲୁ ?

ନାଥନନା କହିଲେ—ଆଜ ମାଉସୀ ।

ତମର ଘଣ ଅଜ ଦଶହରା ଛୁଟିହେଲା ? ବୋଉ-ପଚାରିଲା ।

ଛୁଟିହେଲାଣି ଅନେକଦିନୁ । କାମଥିଲା କଟକରେ ଆସିପାରି ନଥିଲି । କେମିତି ଏକୁଟିଆ ଲାଗିଲା, ଚାଲିଆସିଲି ।

ଆଉ ତୋ ଦେହ ପା ଅଛା ଅଛୁତ ବାପ ? ଘରୁ-ଆସିଲୁ, ବୋଉ ତମର କ'ଣ କରୁଥିଲେ ?

ସେତ ଏଠିକି ଆସିବାକୁ ବସିଥିଲା । ମୁଁ ଆସିଲି, ସେ ଆଉ ଆସିବନାହିଁ ପରା । ନାଥନନା କହିଲେ ।

ମୁଁ କେତେବେଳେ ଏକଧ୍ୟାନରେ ତାଙ୍କ ମୁହଁ-ଆଡକୁ ଚାହିଁଛ ମୋର ସେ କଥା ମନେନାହିଁ । ବୋଉ ଯେତେବେଳେ ମତେ ଠେଲିଦେଇ କହିଲେ, ଗଲୁ ପାନଭିଙ୍ଗି ଆଣିବୁ ନାଥନନାଙ୍କପାଇଁ; ମୋର ଯାଇଁ ସେ ତେବେଳେ ଚେତାହେଲା । ମୁଣ୍ଡରେ ଲୁଗାଦେଇ ଘରଭିତରକୁ ଉଠିଗଲି, ବାହାଙ୍କ କଥାବାର୍ତ୍ତା ଅଳ୍ପ ଅଳ୍ପ କାନକୁ ଆସୁଥାଏ ଘରଭିତରେ । ବିଶେଷରେ ନାଥ-ନନାଙ୍କ କଥା । ପିଲାଦିନୁ ଅଭ୍ୟାସ ହୋଇଯାଇଥିଲା ଯେ ଏ ସ୍ୱର ଶୁଣି ଶୁଣି ! ଦୁ'ବର୍ଷ ହେଲାସିନା ସେ କଟକକୁ ଗଲେ । ନଇଲେ ସେ ତ ରୋଜ ଆମଘରକୁ ଆସନ୍ତି । ମତେ ଏମିତି ପାଖରେ ବସାନ୍ତି । ହସି ହସି କଥା କହନ୍ତି । ଥାଳିଆରେ ପାନ ଦଜାଡି ପଦାକୁ ଆସିଲି । ନାଥନନା ଯୋଉଠି ବସିଥିଲେ ତା'ର ଅତିନିକଟରେ ନଇଁପଡି ଥାଳିଆ ରଖିଦେଲାବେଳେ କାହିଁକି କେଜାଣେ ସେ ମୋ ମୁହଁକୁ ଚାହିଁଥିଲେ ଏକଧ୍ୟାନରେ ! ତଳକୁ ମୁହଁକରି ଖୁଣ୍ଟ ଓହ୍ଲାଲରେ ଆସି ଠିଆହେଲି । କେମିତି ଲାଜ-ମାଡିଲା—ତାଙ୍କଆଗରେ ପୁଣି ଯାଇ ବସିବାକୁ । ବାଡିପଟ ଆମ୍ବତୋଟା ବାଧା ନ ମାନି ସେତେବେଳକୁ ଜୁଆର-ଗୋଟିକ ପୁହିଉଠିଥିଲା ଜହ୍ନ ଆଲୁଅରେ । ଖୁଣ୍ଟ ଓହ୍ଲା-ଲରେ ଠିଆହୋଇ ମୁଁ ଦେଖୁଥାଏଁ ନାଥନନାଙ୍କୁ ଖାଲି । ଏଇ ଯୋଉଁ ଜହ୍ନଆଲୁଅ, ତାଙ୍କ ନିଖୁଣ ଦେହଟିରେ, ଜରିସୁତାର ପରି ଜଡିଯାଇଥିଲା ଯେମିତି ! ଯେମିତି ରୂପେଲି ବଉଦଖଣ୍ଡେ ରୂପ ପାଇଛି ! ଦୁବର୍ଷ ତଳେ ଯାଙ୍କୁ ଯାହା ଦେଖିଥିଲି—ସେଇଦିନ ସେତ ଯାଇ କଟକରେ ! ଯା ଭିତରେ ଏତେ ସୁନ୍ଦର ସେ କେମିତି ହୋଇଗଲେ ?

ଦାଣ୍ଡରେ ବାପାଙ୍କ ପାଟି ଶୁଭିଲା । ବୋଉ ତରତର ହୋଇ ଉଠିଗଲା ସେ ଆଡକୁ । ନାଥନନା ବି ଉଠି-ଯାଉଥିଲେ—କ'ଣ ବିଚାରି ପୁଣି ବସିଲେ । କହିଲେ—କଲୋ ସଜ, ସେଠି ଠିଆହୋଇଛୁ ଯେ ? ଆସୁନାହୁଁ ଏଠିକି ? ଲାଜରେ ଜବାବ ଦେଲିନାହିଁ ।

ଦୁ'ବର୍ଷ ତଳ କଥା ମନେ ଅଛିକି, ଆଜଯାଏ ? ଭୁଲି ଯାଇନାହିଁ ? ସେ ହସିଲେ । ବାଧହୋଇ ପାଖରେ ଆସି ବସିଲି । ମନ ହଉଥାଏ କହିବାକୁ ତମେ କୋଉ ଏବେ କମିକି ?

ଗଳା ଯେତେଦୂର ନରମ ହୋଇପାରେ ବୋଧହୁଏ ସେତେଦୂର କରି ସେ ପୁଣି ଡାକିଲେ—ସଜ !

ଉଁ । ତଣ୍ଟିଯାଏ ବାନ୍ଧି ହୋଇଯାଉଥାଏ ଲାଜରେ ବହୁ କଷ୍ଟରେ ଏତିକି କହିଲି । ଏ ପାନ କାହାକୁ ଦେଲୁ ? ମତେ ? ସେ ପଚାରିଲେ—

Digitized by srujanika@gmail.com

କିନ୍ତୁ କହିଲିନାହିଁ । ଥାଳଟା ଖାଲି ଟିକେ ତାଙ୍କ ଆଡ଼କୁ ଘୁଞ୍ଚାଇ ଦେଲି । ଏଥର ସେ ବଡ଼ପାଟି କରି ହସି ଉଠିଲେ । କହିଲେ, ତା ତ ବେଶ୍ ବୁଝାଯାଉଚି । କିନ୍ତୁ— । ଗଳାଟା ଆହୁରି ନରମ ଆହୁରି ଆସ୍ତେ କହିଲେ ; କିନ୍ତୁ ମୁଁ ତ ଆଉ କୁକୁର ବିଲେଇ ନୁହେଁ ଯେ ଥୋଇଦେଲେ ଖାଇବି । ପାନ ହାତରେ ଦବାକୁ ହୁଏ ।

ସ୍ତ୍ରୀ ଜାତିର ବୋଧହୁଏ ଗୋଟାଏ ପ୍ରକୃତି ଯୋଉଠି ଲାଜ କରିବା କଥା ନୁହେଁ, ଲାଜ କଥା ଟିକେ ଅନୁକୂଳ ହେଲେ ସଂସାରଯାକର ଲାଜ ଆସି ସେଠି ଓଜାଡ଼ହୋଇ ପଡ଼େ । ଅନ୍ୟ ସମୟ ହୋଇଥିଲେ ମୁଁ ହସି ହସି ତାଙ୍କ ହାତକୁ ପାନ ବଢ଼େଇ ଦେଇଥାନ୍ତି କିନ୍ତୁ ଆଜି ? ନାଇଁ, ମରିଗଲେ ବି ମୁଁ ତାଙ୍କ ହାତକୁ ପାନ ଦେଇପାରିବିନାହିଁ । ନାଥ ନନା ମୋ ପାଖକୁ ଆହୁରି ଘୁଞ୍ଚିଆସି ନେହୁରା କଲାପରି କେତେ କହିଲେ ; କିନ୍ତୁ ମୁଁ ସେମିତି ଓଢ଼ଣାପକାଇ କାଠପରି ବସିରହିଲି । ବାହାରପଟରୁ ଆସି ବୋଉ ଭିତରଘରକୁ ଗଲା । ନାଥନନା ଉଠି ଠିଆହେଲେ । କହିଲେ, ଦେଲୁନାଇଁ ତା ହେଲେ ପାନ ? ସେଇଠୁ କଣ ବିଚାରି ଥାଳିଆରୁ ପାନଟିକ ଉଠାଇନେଇ ଦୁଆରକୁ ଫିଙ୍ଗିଦେଇ ସେଠୁ ଚାଲିଗଲେ ।

ଜହ୍ନଆଲୁଅ ମିଞ୍ଜି ମିଞ୍ଜି ହୋଇ ଆସିଥିଲା ; ଖଣ୍ଡେ ଧଳା ବଉଦଭିତରେ ଛପିହୋଇ । ସେଇଠି ସିମିଣ୍ଟ ପଥରପରି ଠିଆହୋଇ ମୁଁ ମନେକଲି ପିଲାଦିନ କଥା । ସେଇଦିନୁ ଏମିତି ଏକଜିଦିଆ ନାଥ ନନା । ଏତେବଡ଼ ହେଲେଣି । ଟିକେ କଥାରେ ଆଗପରି ସିମିତି ରାଗ, ସିମିତି ଅଭିମାନ !

ଭିତରଘରୁ ବୋଉ ପାଟି ଶୁଭିଲା—ସଜି, ଇଆଡ଼େ ଆସିଲୁ ମା ।

ଧଡ଼ପଡ଼ହୋଇ ଉଠିଗଲି ।

ଧୁନେଇ ଆଗଦିନ ରାତିପାହିବାବେଳୁ ମୁଁ ଆଉ ବଉଳ ଦିହେଁଯାକ ମିଶି ଘରଦୁଆର ସବୁ ଲିପାପୋଛା କଲୁଁ । ଚଉରମୂଳେ ଫୁଲକୋଠି ଲେଖିଲୁ ଯେତିକି ! ଲେଖୁ ଲେଖୁ ଅନେକ ରାତି ହୋଇଗଲା । ବୋଉ ଆସି ଗାଳିଦେଲା ; ଝିଅଟା ; ସେଇପହରୁ ଏଇଆ କରୁଚୁ ? ଭୋକଶୋଷ ଆଉ ନାହିଁ ତତେ, ନା ? ଆ'ଲୋ ମାରୁ ଖାଇବୁ । ସେ କ'ଣ କରୁଚି କରୁଥାଉ ।

ବଉଳକୁ ଠାଣି ଠାଣି ନେଇ ବୋଉ ଚାଲିଗଲା । ମଠେଇବ ଭୋକ କରୁଥିଲା ଭାରି । ଗଲିନାଇଁ ଖାଲି ରାଗ ଅଭିମାନରେ । ଗୋଟାଏ ହାତରେ ସିମିତି ଦୀପ ଧରି ଚିତା ଲେଖିବାରେ ଲାଗିଲି । ଆଜି ମୋର ଏଇ ଅଭିମାନରୁ ମନେପଡ଼ିଲା ଆଉଜଣଙ୍କ କଥା । ସେ ଦିନ ସେ ବି ଏମିତି ମୋ ଉପରେ ଅଭିମାନ କରି ଚାଲି ଯାଇଥିଲେ । ପାନ ଖଣ୍ଡେ ହାତକୁ ନଦେଲି ବୋଲି । ସେ ଦିନୁ—ଆଜଯାଏ ଚାରିପାଞ୍ଚଦିନ ହୋଇଗଲାଣି, ସେ ତ ଜମା ଆମ ଘରଛଇ ମାଡ଼ିନାହାନ୍ତି ଏଥି ଭିତରେ । ଆଗେ ରୋଜ ଆମଘରକୁ ନ ଆସିଲେ ଯାହାକୁ ଭାତ ରୁଚୁ ନ ଥିଲା । କ'ଣ ଏତେ ରାଗିଚନ୍ତି ମୋ ଉପରେ ।

ଖାଇସାରି ବଉଳ ଆସିଲା । ତାକୁ ପଚାରିଲି ; ତମ ଭାଇ ଆଜିକାଲି ଘରେ ଅଛନ୍ତି ନାଁ ?

ହଁ, କାହିଁକି? ଆଶ୍ଚର୍ଯ୍ୟ ହୋଇ ସେ ମୋ ମୁହଁଆଡ଼କୁ ଚାହିଁଲା ।

ମୁଁ ମନେକଲି ଅବା କଟକ ଗଲେଣି ।

କାହିଁକି କହନ ?

ଲାଜ ଲାଜ ହଉଥାଏ ମୁହଁଫିଟେଇ ପଚାରିବାକୁ । ଶେଷରେ କହିପକାଇଲି ; ନା, ଆମଘରକୁ ଆଉ ଆସୁନାହାନ୍ତି ଯେ—ସେଇଥିପାଇଁ ।

ବଉଳ ଚିତାଲେଖା ବନ୍ଦକରି ମୋ ମୁହଁକୁ ଚାହିଁଲା । ତା'ପରେ ପୁଣି ଚିତା ଆରମ୍ଭ କରି ମୁହଁ ନଟେକି କହିଲା ; ଆଜି ତ ଆସିବାକୁ କହୁଥିଲେ । ଆସିଲେନାହିଁ କାହିଁକି କେଜାଣି ?

ଆସିବାକୁ କହୁଥିଲେ ? ମୋ ଉପରେ ରାଗିନାହାନ୍ତି ତା ହେଲେ ? ମନେ ମନେ କହିଲି । କିଛି କାମଥିବ ଘରେ ଆସିପାରି ନ ଥିବେ । ମୁଁ ମିଛରେ ଇଆଡ଼େ ଭାବି ଭାବି ମରୁଚି । ଭିତରଘରୁ ବୋଉ ଡାକିଲା—ସଜି, ମୁଁ କଣ ଏମିତି ଅନେଇ ବସିଥିବି ? ତୁ ଆସିବୁନାଇଁ

Digitized by srujanika@gmail.com

ଖାଇବାକୁ ? ବଉଳ ମୋ ହାତରୁ ଅଣ କାଠିଟ ଛଡେଇନେଇ କହିଲା; ଯା ନା ? ଖାଇଆ। ମାଉସୀ ହିଅଡେ ଡେଉଚନ୍ତି ।

ହାତଧୋଇ ଯାଇ ଖାଇବସିଲି । ଦରଖିଆହେଇ ମନେପଡ଼ିଲା; ମଲି ଯା ମୁଁ ପରା ଲୁଅଡେ ଅଭିମାନ କରିଥିଲି ଖାଇବିନାଇଁ ବୋଲି ? ଏ ନାଥ ନନା ଯୋଉଠି ଥିବେ ? ତାଙ୍କର ଯୋଗେତ ମୋର ସବୁ ଗୋଳମାଳ ହେଇଗଲା ।

ସୁନେଇଦିନ ; ସଞ୍ଜଘଣ୍ଟା ବାଜିବା ପହିଡ଼କ ଆଗରୁ ଟୋଟା ଉହାଡରେ ମହିତାପ ମାରି, ରୂପା ପଶତ ପରି କୁଆଁରପୁନେଇ ଜହ୍ନ ଉଇଁଆସିଲା । ଅନ୍ଧାରର ଅନ୍ଥୁହାଁ ଦେଉଳ ଭିତରେ ଯେମିତି କିଏ ଜାଳି ଥୋଇଦେଲା ଅଖଣ୍ଡ ଅଗୁରୁ ବତି । ନଡ଼ିଆଗଛ ମଥାନ ଉପରେ ଲୁଚପେଲି ଫନ୍ଦିକି ତାର ଭଲକରି ନ ଦିଶୁଣୁ ଗାଁଯାକ ହୁଲ୍ଲୁହୁଳରେ ଉଚ୍ଛୁଳିପଡ଼ିଲା—ଏଇ କୁଆଁରପୁନେଇ ଜହ୍ନ । ଯାହାକୁ ଦେଖିବି ବୋଲି ଜହ୍ନଫୁଲ ଏତେ ଦିନ୍ଯାଏ ମଉଳି ନଥାଏ ! ଜହ୍ନ ରାଇଜର ରାଣୀ ଏ ଜହ୍ନଫୁଲ । ସୁନ୍ଦର ଭାରିଯା । ହଳଦିଆ ପାଖୁଡ଼ାରେ ସେଥିପାଇଁ ତାର ଜହ୍ନ ଆଲୁଅ ଦିଶୁଥିଲା ସବୁଠୁଁ ଡୋର, ସବୁଠୁଁ ସୁନ୍ଦର !

ବାଉପଟ ଖଲାରେ ବଉଳ ହେଉକାଙ୍କ ସାଙ୍ଗେ ଖେଳୁଚି, ବୋଉ ଆସି କେତେବେଳୁ ମୋ ପାଖରେ ଠିଆହେଇଚି କେଜାଣି ! ମତେ ଦେଖି କହିଲା; ଧନ୍ୟ ରେ ଝିଅ ! କାନରେ ପଥର ପକାଇ ଖେଳୁ ନା କ'ଣ ଲୋ ? ସେହୁପହରୁ ଡାକି ଡାକି ମୋର ପରା ତଣ୍ଟି ଫାଟିଗଲାଣି, ବଦ ଆ, ଇଆଡେ ।

ବୋଉ ପଛେ ପଛେ ଭିତର ଘରକୁ ଗଲି । ଥାଳରେ କାହାପାଇଁ ଭୋଗ ବାଡି ସେ କହିଲା, ଗଲୁ ପାନଦିଖଣ୍ଡ ଭାଙ୍ଗିଦବୁ ନାଥନନା ପାଇଁ ତୋର, ମୁଁ ତାକୁ ଭୋଗ ଦେଇଆସେଁ ।

ନାଥନନା କେତେବେଳେ ଆସିଲେ ? ମୁଁତ ଜମା ଜାଣି ପାରିନାଇଁ । ମତେ ଆଉ ଦେଖିତ ନଥିବେ ଏମିତି ଫାଙ୍ଗିଲାହେଇ ଖେଳିବାର ? ତେବେ ବାରପଟକୁ କାହିଁକି ଯାଇଥିବେ ? ଛି-ଛି ମୁଁ ନମଲି କାହିଁକି ! ପାନନେଇ ବାହାରକୁ ଆସିଲି । ଖାଇସାରି ନାଥନନା ହସି ହସି ଦେହଲିରେ । ମତେ ଦେଖି ଟେକୁ ଆସିଲେ !

ଜୋରକର ସବୁଲାଜ ପଛକୁ ପକାଇ ଗୁରଖଣ୍ଡ ପାନ ତାଙ୍କ ହାତକୁ ବଢ଼ାଇ ଦେଲି । ଏତେ ଦୁଷ୍ଟ ପୁଣି ସେ, ସବୁ ଦେଖି ନଦେଖିଲା ପରି ରହିଲେ । ପୁଣି ମୁରୁକି ମୁରୁକି ହସୁଥାନ୍ତି ନା ଆହୁରି !

କେତେ କଷ୍ଟରେ କହି ପକାଇଲି—ପାନ !

ମୋ ହାତ ଥରୁଥାଏ; ସେ ହାତବଢ଼ାଇ ପାନ ନେଲେ—ଆଉ ହାତଟାକୁ ମୋର ଜୋରରେ ଟିକେ ଚିପିଦେଇ ପଚାରିଲେ; ମତେ ଖୋଜୁଥିଲୁ କି କାଲି; ଜାଣି କହୁଥିଲା ?

ଏଡ଼େ ଦୁଷ୍ଟ ଏଡେ ଉବାଉବ ଟା ନା ଏ ବଉଳ ! ଯାଇ ମୋ ନାଁରେ ସ୍ବାଙ୍କ ଆଗରେ କ'ଣ ସବୁ କହିଚି ଛି-ଛି । ଲାଜରେ ପାଟିରୁ ମୋର କଥା ବାହାରିଲା ନାହିଁ କହିବାକୁ; ଯେ ଏ କଥା ମିଛ ସବୁ । ବଉଳ ମିଛରେ ଯାଇଁ ମୋ ନାଁରେ ଲଗେଇ କହିଚି ।

ମତେ ଚୁପହେଇ ରହିବା ଦେଖି ସେ କହିଲେ; ଯାହାପେଇଁ ମୋର ଏଠିକି ଆସିବା, ସେତ ଏମିତି ଥିଉହୁଏ, ମତେ କଥା କହେନାଇଁ ଆଉ ଆସିବି କାହାପାଇଁ ? ବଉଳ ଆସି କେତେବେଳେ ମୋ ପାଖରେ ଠିଆହେଇଚି ମୁଁ ଜାଣେ ନା । ନାଥନନା ତାକୁ ପଚାରିଲେ; କାଲେ ଜାଣି; ଯିବୁ ନା ମୋ ସାଙ୍ଗେ, ଆ ? ତା'ପରେ ଖଣ୍ଡେଦୂର ଆଗକୁ ଯାଇ ପୁଣି ଫେରିଲେ । କହିଲେ —ହଉ ଥା ତେବେ ତୋ ବଉଳ ପାଖରେ ଆଜିକା । ସକାଳେ ଯିବୁ ।

ସେ ଚାଲିଗଲେ—ଜ୍ୟୋସ୍ନା ଉତାଳରେ ତାଙ୍କର ଜର ଗୃହର କାନ ଯେଉଁଠି ଲୁଚି ଯାଇଥିଲା ସେଇ ଆଡ଼କୁ ଗୃହିଁ ମୋର ଖାଲି ତାଙ୍କର କଥାପଦକ ମନେ ପଡ଼ୁଥାଏ; ମୋରିପାଇଁ ସେ ଖାଲି ଏଠିକି ଆସନ୍ତି, କ'ଣ ସତେ ?

ଛାତଭିତରେ ମୋର ଦୁଃଖର ଜୁଆର ଉଚ୍ଛୁଳି ଉଠିଲା ଯେମିତି । ମୋରିପାଇଁ ମତେ ଦେଖିବା ଲୋଭରେ ଏ ଆମଘରକୁ ଆସନ୍ତି; ଆଉ କେଉଁଥିପେଇଁ ନୁହେଁ । ଏଇକଥା ପଦକ ଶହେବାର ମୁହଁରେ ଆବୃତ୍ତି କରି ହଜାର ଭଲ ମନ ଭିତରେ ଅନୁଭବ କରି ଯେମିତି ମୋର ତୃପ୍ତି ହେଲାନାଇଁ । ବଉଳ ଉପରେ ସବୁ ରାଗ ଅଭିମାନ ଯାକ ଲୁଅଡେ ଲିଭି ଶୀତଳ ହୋଇଗଲା !

କ୍ରମଶଃ—

Digitized by srujanika@gmail.com

# ସଂସ୍କାର ଓ ଅନୁଶୀଳନ

ଶ୍ରୀ ନୃସିଂହ ମହାନ୍ତି

ଯେଉଁ ସମାଜମଧ୍ୟରେ ଆମ୍ଭେମାନେ ପରିବର୍ଦ୍ଧିତ ହେଉଁ, ଯେଉଁ ଭାବ ଓ ଆଦର୍ଶ ଆମ୍ଭମାନଙ୍କ ଜୀବନ ସଂଗଠନ କରେ; ସେହି ସମାଜ, ସେହି ବେଷ୍ଟନୀ, ସେହି ଭାବ ଓ ଆଦର୍ଶ, ଆମ୍ଭମାନଙ୍କ ଜୀବନର ବିକାଶ ଉପରେ, ଆମ୍ଭମାନଙ୍କ ଅଜ୍ଞାତସାରରେ ଯେଉଁ ଶକ୍ତି ବିସ୍ତାର କରେ, ସେହି ଶକ୍ତିର କାର୍ଯ୍ୟ ସଂସ୍କାରର କାର୍ଯ୍ୟ । ସେ ଶକ୍ତି ଅନୁଶୀଳନଦ୍ୱାରା ପରିବର୍ତ୍ତିତ ବା ସଂଶୋଧିତ ନହେବା ଯାଏ ବ୍ୟକ୍ତିର ମନସ୍ତତ୍ତ୍ୱରେ କାର୍ଯ୍ୟ କରୁଥାଏ, ଏବଂ ସମୁଦାୟ ଗତିବିଧି ନିୟନ୍ତ୍ରିତ କରେ । ସଂସ୍କାରଲବ୍ଧ ଭାବ ଓ ଆଦର୍ଶ ପ୍ରାୟ ସାଧାରଣତଃ ଭ୍ରମଶୀଳ ହୋଇଥାଏ,—କାରଣ ସେଥିରେ ହେତୁଦୃଷ୍ଟି ଖୁବ କମଥାଏ ଏବଂ ତାହା ସମାଜଗତ ଓ ସମାଜର ଅନୁନ୍ନତ ଓ ଅବିକଶିତ ପ୍ରାଣର ଉପଯୋଗୀ । ତାହା ବ୍ୟକ୍ତିର ମନସ୍ତତ୍ତ୍ୱରେ ଅସତ୍ୟ, ଅର୍ଦ୍ଧସତ୍ୟ, ଦୃଷ୍ଟିହୀନତା, ତମସ୍ୱରୂପରେ କାର୍ଯ୍ୟ କରୁଥାଏ ଏବଂ ପ୍ରକୃତ ସହିତ ଏପରି ଜଡ଼ିତ ହୋଇଯାଏ ଯେ ସେଥିରୁ ଅବ୍ୟାହତି ଲାଭ କରିବା ମାନବପକ୍ଷରେ ବଡ଼ ଦୁରୂହ ହୋଇପଡ଼େ । ଯେଉଁ ସମାଜର ଏହି ସଂସ୍କାରଗୁଡ଼ିକ ଯେତେ ଉନ୍ନତ ଧରଣର, ଯେତେ ଭ୍ରମଶୂନ୍ୟ, ଓ ଯେତେ ରସାତ୍ମକ ସେ ସମାଜର ବ୍ୟକ୍ତିଗଣ ସେତେ ସତ୍ୟଲିପ୍ସୁ, ବିକାଶୋନ୍ମୁଖୀ ଓ ଭାବଗ୍ରାହୀ ପୁଣି ଅନ୍ୟପକ୍ଷରେ, ବ୍ୟକ୍ତିବ୍ୟତୀତ ସମାଜର ସତ୍ତା ନାହିଁ, ସେହି ହେତୁ ବ୍ୟକ୍ତି ଓ ସମାଜ ପରସ୍ପର ସହିତ ଏପରି ନିତ୍ୟ ଓ ଅଖଣ୍ଡିତ ଭାବରେ ସଂଯୁକ୍ତ ଯେ ଗୋଟିକର ମଙ୍ଗଳ, ଶାନ୍ତି, ଓ ପରିପୁଷ୍ଟି ବ୍ୟତୀତ ଅନ୍ୟଟିର ବିକାଶ ଅସମ୍ଭବ । ବ୍ୟକ୍ତି ସମାଜଠାରୁ ଶିକ୍ଷା ପାଏ ଏବଂ ସମାଜକୁ ମଧ୍ୟ ଶିକ୍ଷା ଦିଏ । ଦେଖିବା ଆବଶ୍ୟକ କେଉଁ ବ୍ୟକ୍ତି ସମାଜକୁ ଶିକ୍ଷାଦିଏ ଏବଂ କେଉଁ ବ୍ୟକ୍ତି ବା ଶିକ୍ଷା ପାଏ । ସମାଜଟି ପ୍ରଥମ ଅର୍ଥରେ ଜୀବନଶୂନ୍ୟ, ପରିବର୍ତ୍ତନଶୀଳ ଭାବ ଓ ସଂସାରର ସମଷ୍ଟି ଏବଂ ପରିବର୍ତ୍ତନକ୍ଷମ । ୨ୟ ଅର୍ଥରେ ଜୀବନ୍ତ, ଚିନ୍ମୟ, ଭାବ, ସଂସ୍କାର ଓ ଆଦର୍ଶର ଭିତ୍ତି ଏବଂ ଅପରିବର୍ତ୍ତନୀୟ । ଯେଉଁ ବ୍ୟକ୍ତି ସାମାଜିକ ବେଷ୍ଟନୀର ଅପ୍ରଶସ୍ତତା ଉପଲବ୍ଧି କରି ବେଷ୍ଟନୀକୁ ପରିବର୍ଦ୍ଧିତ କରନ୍ତି, ସମାଜକୁ ଜୀବନ୍ତ ଓ ଭାବଗ୍ରାହୀ କରିବସନ୍ତି, ଏବଂ ସମାଜ ସମକ୍ଷରେ ଉଚ୍ଚତର ଏବଂ ଅଭିନବ ଆଦର୍ଶ ସ୍ଥାପନକରି ସାମାଜିକ ମନସ୍ତତ୍ତ୍ୱକୁ ଉକ୍ତ ଆଦର୍ଶଦ୍ୱାରା ଅନୁପ୍ରାଣିତ କରି, ସମାଜରେ ବିପ୍ଳବ ଓ ନୂତନ ସଂସ୍କାର ସ୍ଥାପନ କରନ୍ତି, ସେହିମାନଙ୍କଠାରୁ ସମାଜ ଶିକ୍ଷାକରେ । ସେହିମାନେ ସମାଜର ସ୍ୱାଧୀନଚେତା ଓ ବିଶିଷ୍ଟ ମାନବ ବୋଲି ପରିଚିତ ହୁଅନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଏପରି ଆନ୍ଦୋଳନ ଆମ୍ଭମାନଙ୍କ ଦେଶରେ ଅତି ଅଳ୍ପ—ଆଧୁନିକ କାଳରେ କେବଳ ରାଜା ରାମମୋହନ ଏପରି ଆନ୍ଦୋଳନ ପ୍ରବର୍ତ୍ତିତ କରିଥିଲେ । କିନ୍ତୁ ଯେଉଁମାନେ ସମାଜର ଭାବ, ଅନୁଷ୍ଠାନ ଧର୍ମ ଓ ଆଦର୍ଶରେ ସତ୍ୟର ସନ୍ଧାନ ପାଇ, ଅନ୍ୟପ୍ରକାର ପରିବର୍ତ୍ତନକୁ ଅସତ୍ୟ, ଅଧର୍ମ ଓ ବିପଦସଙ୍କୁଳ ମନେକରି ଉକ୍ତ ପ୍ରାଚୀନ ଓ ଭିତ୍ତିବଦ୍ଧ ଆଦର୍ଶଦ୍ୱାରା ସ୍ୱୀୟ ବ୍ୟକ୍ତିଗତ ଜୀବନକୁ ଅନୁପ୍ରାଣିତ କରନ୍ତି, ସେହିମାନେ ସମାଜଠାରୁ ଶିକ୍ଷା କରନ୍ତି । ଏମାନଙ୍କଠାରୁ ନୀଚତର ଶ୍ରେଣୀ-ଗଣ୍ୟମାନେ ସମାଜର ପ୍ରାଚୀନ ବା ନୂତନ ସମସ୍ତପ୍ରକାର ଆଦର୍ଶକୁ ଅବହେଳା କରି କେବଳ ସାମାଜିକ କୁ-ସଂସ୍କାରଦ୍ୱାରା ଜୀବନ ଅତିବାହିତ କରିଥାଆନ୍ତି । ଏପରି ଶ୍ରେଣୀ-ବଦ୍ଧ ବ୍ୟକ୍ତିଗଣଙ୍କର ସଂଖ୍ୟା ଆମ୍ଭମାନଙ୍କ ଦେଶରେ ବଡ଼ ବେଶୀ । ଆମ୍ଭମାନଙ୍କ ସମାଜରେ ସଂସ୍କାରର ଶକ୍ତି ବଡ଼ ପ୍ରବଳ — ଅନୁଶୀଳନ ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଯାହା ମନୁ-ଅନୁମୋଦିତ; ତାହା ହେତୁ-ଅନୁମୋଦିତ, ଯୁଗାନୁମୋଦିତ ହେଉ ବା ନ ହେଉ, ଜୀବନ ଗଠନର ପ୍ରଧାନ ମନ୍ତ୍ର ହେବ । ଏହା ତ ଆମ୍ଭମାନଙ୍କ ସମାଜର

Digitized by srujanika@gmail.com

ଲକ୍ଷଣ । ୟୁରୋପୀୟ ସମାଜକଗଣ ଯାହା ମହତ୍ତର ଦେଖିଲେ, ଯାହା ଉଚ୍ଚତର ଦେଖିଲେ, ଯାହା ଜୀବନ-ବିକାଶର ସହାୟ ବୋଲି ଦେଖିଲେ, ସେ ସବୁ ଭାବ ଓ ଆଦର୍ଶକୁ ସମାଜର ଆଦର୍ଶ କରିନେଲେ । ସେଠାରେ ଅନୁଶୀଳନର ଶକ୍ତି ବଡ ପ୍ରବଳ । ଆମ୍ଭମାନଙ୍କ ସମାଜରେ ଅନୁଶୀଳନ ଅବଶ୍ୟ ସମୟରେ ପ୍ରଚଳିଥିଲା, କିନ୍ତୁ ଆଜି ସେଦିନ ନାହିଁ, ସେ ଜୀବନୀ-ଶକ୍ତି ନାହିଁ, ଯାହାଦ୍ୱାରା ବ୍ୟକ୍ତି ସୃଷ୍ଟି ଓ ସଂଗଠନ କରିପାରିବ, ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିବ, ଉଚ୍ଚକୁ ଉଚ୍ଚତର ଓ ମହତ୍ତ୍ୱକୁ ମହତ୍ତର କରିପାରିବ । ଆମ୍ଭମାନଙ୍କ ସମାଜରେ ସମାଜ ତୁଳନାରେ ବ୍ୟକ୍ତିର ଶକ୍ତି ଅତିଅଳ୍ପ, ତେଣୁ ହେତୁ ପୁନରୁତ୍ଥାନ ଏତେ କଷ୍ଟକର । ଆମ୍ଭେମାନେ ସୀମାତୀତ ବ୍ୟକ୍ତିବାଦର ପକ୍ଷପାତୀ ନୋହୁଁ । କିନ୍ତୁ ବ୍ୟକ୍ତିର ଶକ୍ତି ଏପରି ନଷ୍ଟ ପ୍ରାୟ ପାଇଲେ, ଆମ୍ଭ-ମାନଙ୍କ ହୃଦୟ କାନ୍ଦି ଉଠେ । ଏ ସବୁ କୁ-ସଂସ୍କାରର ମନ୍ଦଫଳ ଛଡା ଆଉ କ'ଣ ହୋଇପାରେ ।

ବର୍ତ୍ତମାନ ଦେଖାଯାଉ—ଅନୁଶୀଳନ ଏହାର ବିରୁଦ୍ଧରେ କ'ଣ କରିପାରେ । ଯାହା ଅଗ୍ରସରଶୀଳ, ଯାହା ଉନ୍ନତର ଅଭିମୁଖୀ, ଯାହା ଆତ୍ମୋପଲବ୍ଧିର ପ୍ରଚେଷ୍ଟା, ତାହା ଅନୁଶୀଳନଲବ୍ଧ । ଅନୁଶୀଳନ ସଂସ୍କାରକୁ ପରିମାର୍ଜିତ କରେ, ସଂଶୋଧିତ କରେ ଏବଂ ଉନ୍ନତ କରେ । ଅନୁଶୀଳନବ୍ୟତୀତ ମାନବ ଅନ୍ଧ, ତମସାଚ୍ଛନ୍ନ, ପରିପୁଷ୍ଟି ଓ ପରିବର୍ତ୍ତନର ଅପକ୍ଷପାତୀ । ଅନୁଶୀଳନ ସାତ୍ତ୍ୱିକ ଓ ଚିନ୍ମୟ—ଅସତ୍ୟ, ଅଜ୍ଞାନ ଓ ଖଣ୍ଡତା ଦୂରକରିବା ଅନୁଶୀଳନର ଉଦ୍ଦେଶ୍ୟ । ଯାହା ସଂସ୍କାରପ୍ରାପ୍ତ ତାହା ଜ୍ଞାନଶୂନ୍ୟ ଓ ଖଣ୍ଡ । କାରଣ, ବ୍ୟକ୍ତିର ସ୍ୱାଧୀନ, ଚିନ୍ତାଶୀଳ ଓ ହେତୁବାଦୀ ପ୍ରାଣ ସେଠାରେ କାର୍ଯ୍ୟକାରୀ ନୁହେ । ତାହା ସମାଜ-ଚିନ୍ତିତ ଓ ସମାଜୋପଯୋଗୀ । ସମାଜର ଏକତ୍ରୀଭୂତ ହେତୁବାଦିତା ଉନ୍ନତ ବା ଆଲୋକପ୍ରାପ୍ତ ବ୍ୟକ୍ତି ଜୀବନରେ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ ନୁହେ । ସାମାଜିକ ଭାବ ଓ ଆଦର୍ଶଗୁଡିକ ଅନେକପ୍ରକାର ଅର୍ଦ୍ଧସତ୍ୟ, ଅସତ୍ୟ, ଅନ୍ଧବିଶ୍ୱାସ ଅନୁନ୍ନତ ପାଶବିକ ପ୍ରବୃତ୍ତି ଓ ଆତ୍ମପୋଷଣସ୍ପୃହା ଉପରେ ପ୍ରତିଷ୍ଠିତ । ଏହା ହେତୁରାଜ୍ୟର ଅନେକ ଦୂରରେ । ଯାହାସବୁ ଅକାରଣ ପ୍ରବୃତ୍ତି ଓ କୁ-ଅଭ୍ୟାସ, ସେ ସବୁ ସଂସ୍କାରଗତ, ସେ ସବୁ ମାନବକୁ ପଛୁଆଡ଼କୁ ଟାଣି ନିଅନ୍ତି ।

ଅନୁଶୀଳନର କାର୍ଯ୍ୟ କ'ଣ ? ବୁଦ୍ଧି ବା ହେତୁ-ଶୂନ୍ୟକୁ ହେତୁବାନ୍ ବା ବୁଦ୍ଧିମାନ୍ କରାଇବା ଏବଂ ବୁଦ୍ଧିମାନ୍‌କୁ ଉନ୍ନତତର ଅର୍ଥରେ ବୁଦ୍ଧିମାନ୍ କରାଇବା ଅନୁଶୀଳନର କାର୍ଯ୍ୟ । ମାନବ-ଗୋଷ୍ଠୀକୁ ଉନ୍ନତତର କରାଇବା ଅନୁଶୀଳନର ପ୍ରଶସ୍ତତର କାର୍ଯ୍ୟ । କେବଳ ବିଶୁଦ୍ଧ ଜ୍ଞାନ, ହେତୁବାଦିତା ବା ବୁଦ୍ଧିଲାଭ ଅନୁଶୀଳନର କାର୍ଯ୍ୟ ନୁହେ । ମାନବ-ସମାଜକୁ ମଙ୍ଗଳମୟ ସୁଖମୟ ଓ ଶାନ୍ତିମୟ କରିବା ଅନୁଶୀଳନର ଆଦର୍ଶ କାର୍ଯ୍ୟ । ସୃଷ୍ଟିର ଆରମ୍ଭରୁ ଅନୁଶୀଳନ ଏହିପ୍ରକାର କାର୍ଯ୍ୟକରି ଆସୁଅଛି । ଯେଉଁ ସମାଜର ଅବନତି ଆସି ଉପସ୍ଥିତ ହୁଏ, ସେ ସମାଜରେ ଅନୁଶୀଳନ ଥାଏନାହିଁ, ତାହା କେବଳ କୁସଂସ୍କାରଦ୍ୱାରା ପରିଚାଳିତ ହୁଏ । ସମାଜରେ ନୂତନତ୍ୱ ଅଭାବରୁ ଜୀବନ-ସ୍ରୋତ ଶୁଷ୍କହୋଇ ପଡେ । ସମାଜ ବୃଦ୍ଧତ୍ୱ ପ୍ରାପ୍ତ ହୋଇଯାଏ । ତାହାର ଶକ୍ତିଚୟ ହ୍ରାସ ହୋଇଯାଏ । ବ୍ୟକ୍ତିଗଣ ନବ ନବ ସୃଷ୍ଟି ଓ ଆବି-ଷ୍କ୍ରିୟାରେ ଆଉ ପ୍ରବୃତ୍ତ ହୁଅନ୍ତିନାହିଁ । ମୃତ ଅସ୍ଥିର-ପଦ୍ଧତି ଓ ସଂସ୍କାର ବିଷୟରେ କଳହ ଉପସ୍ଥିତ ହୁଏ ଏବଂ ସମାଜର ପତନ ସିଦ୍ଧହୁଏ । ଯାହା ସତ୍ୟ, ଯାହା ଶିବ ଓ ସୁନ୍ଦର, ତାହା ଜଗତରେ ବହୁଧା ପ୍ରକଟିତ,—ମାନବ ଜୀବନରେ, ତଥା ପ୍ରକୃତିରେ ; ବର୍ତ୍ତମାନ ତଥା ଭବିଷ୍ୟତରେ, ତାହା ସର୍ବଥା ପ୍ରକାଶିତ । ତାହା ନିତ୍ୟ ଓ ଚିନ୍ମୟ । ତାହା ସର୍ବବ୍ୟାପୀ ଓ ସେଥିପାଇଁ ଖଣ୍ଡତାର ଉପାସକ, ତାହା ମାନବୀୟ ନୁହେ, ପାଶବିକ । ମାନବ ଯେତେବେଳେ ସତ୍ୟର ସମଗ୍ରତାକୁ ଛାଡିଦେଇ ଆଂଶିକତାକୁ ବଡ ମନେକରେ, ସେ ସେତେବେଳେ ତାହାର ଜୀବନର ଆଲୋକ ହରାଇବସେ,—ସତ୍ୟର ସୌନ୍ଦର୍ଯ୍ୟ ଓ ସମଗ୍ରର ସ୍ୱରୂପକୁ ଦୃଷ୍ଟି ଦିଏନାହିଁ । ଯେଉଁ ପ୍ରାଣ ବିକାଶୋନ୍ମୁଖୀ ତାହା ଆତ୍ମପରାୟଣ ନୁହେ । ତାହା ସୀମାବଦ୍ଧ ନୁହେ । ବିକାଶୋନ୍ମୁଖୀ ସର୍ବଦା ସଚେଷ୍ଟ ପ୍ରବୃତ୍ତ । ସମ୍ପୂର୍ଣ୍ଣତା ଦିଗରେ ମାନବର ଏହି ଚୈତନ୍ୟମୟ ଚେଷ୍ଟାକୁ ଅନୁଶୀଳନ ଆଖ୍ୟା ଦେବା ସ୍ୱାଭାବିକ । ଅନୁଶୀଳନ ମାନବର ସର୍ବତୋମୁଖୀ ଶକ୍ତିକୁ

Digitized by srujanika@gmail.com

ପରିଚାଳିତ କରିବାଦ୍ୱାରା ତାହାକୁ ଉନ୍ନତତର କରେ। ସାହିତ୍ୟ, ଦର୍ଶନ, ବିଜ୍ଞାନ, ଧର୍ମ କଳା ମଧ୍ୟଦେଇ ମାନବ ଅନୁଶୀଳନ ସାହାଯ୍ୟରେ ତାହାର ଜୀବନର ଆଦର୍ଶ ଲାଭକଲେ, ବିଜୟୀ ହୁଏ। ଧର୍ମ-ଧାରଣା ମାନବର ଗଭୀରତମ ଓ ପବିତ୍ରତମ ବହୁଦର୍ଶିତା। ଏହି ବହୁଦର୍ଶିତାର ଆଦର୍ଶ ପୂର୍ଣ୍ଣତା ଲାଭ, ଅସୀମର ସ୍ପର୍ଶରେ ଆସିବା। ଅନୁଶୀଳନ ମଧ୍ୟ ଏକ ବହୁଦର୍ଶିତା – ଯେଉଁ ବହୁଦର୍ଶିତାରେ ସମସ୍ତପ୍ରକାର ମାନବୀୟ ଜ୍ଞାନ ପରିସଂପୃକ୍ତ--ଏବଂ ଉକ୍ତ ବହୁଦର୍ଶିତାର ଆଦର୍ଶ ମଧ୍ୟ ପୂର୍ଣ୍ଣତା ଲାଭ ଓ ସତ୍ୟର ସ୍ୱରୂପ ସଂଦର୍ଶନ। ଅନୁଶୀଳନ ବେଷ୍ଟନୀବଦ୍ଧ ସଂକୀର୍ଣ୍ଣତାକୁ ଘୃଣାକରେ। ତାହା ବ୍ୟକ୍ତିକୁ ସମ୍ପ୍ରଦାୟ ସହିତ, ସମ୍ପ୍ରଦାୟକୁ ସମାଜ ସହିତ ଓ ସମାଜକୁ ନିଖିଳ ମାନବ-ସମାଜ ସହିତ ଓ ନିଖିଳ ମାନବ ସମାଜକୁ ବିଶ୍ୱର ସହିତ ଓ ବିଶ୍ୱକୁ ଅନନ୍ତର ସହିତ ଯୁକ୍ତକରେ। ଶାନ୍ତକୁ ଅନନ୍ତ କରେ ଅନୁଶୀଳନ ମାନବକୁ ଅସୀମ ଅଦ୍ୱୈତର ସ୍ପର୍ଶରେ ଆଣି ଜୀବନର ଏକତ୍ୱବୋଧକରାଏ। ପାଶବିକତାରୁ ମାନବିକତାକୁ ଉତ୍ତୋଳନ କରେ। ମାନବର ସାମାଜିକ ଓ ବ୍ୟକ୍ତିଗତ ଭ୍ରମ ସଂଶୋଧନ କରି ସେମାନଙ୍କୁ ପରିପୂର୍ଣ୍ଣ କରାଏ। ମାନବ ସମାଜ ଏକ ପ୍ରକାଣ୍ଡ ଗୋଷ୍ଠୀ, ଏହାର ଏକାଂଶର ଅତିବର୍ଦ୍ଧନ ଅନ୍ୟାଂଶମାନଙ୍କର କ୍ଷୀଣତା ଅନୁଶୀଳନର ଉଦ୍ଦେଶ୍ୟ ନୁହେ। ଅନୁଶୀଳନର ଉଦ୍ଦେଶ୍ୟ ପୂର୍ଣ୍ଣତମ ସର୍ବାଙ୍ଗୀନ ଉନ୍ନତି। ମାନବ-ସମାଜ ଯେତେବେଳେ ବିଷୟ ତାନ୍ତ୍ରିକ ହୋଇପଡି ଆଧ୍ୟାତ୍ମ ଜଗତ କଥା ଭୁଲିଯାଏ ବା ଅତି-ଆଧ୍ୟାତ୍ମବାଦୀ ହୋଇ ବିଷୟକୁ ଏକେବାରେ ଭୁଲିଯାଏ, ସେତେବେଳେ ସମାଜରେ ଅନୁଶୀଳନର ଅଭାବ ଘଟିଥାଏ। ଅନୁଶୀଳନ ଅଭାବରେ, ସମସ୍ତପ୍ରକାର ବିଶୃଙ୍ଖଳା ଘଟିବାର ସମ୍ଭାବନା।

ଯାହା ସଂସ୍କାରଗତ, ମାନବ ଯେ ସବୁ ଅନ୍ଧଭାବରେ ଅନୁସରଣ କରିବ ଦ୍ୱାରା ଅନୁଶୀଳନ, ତଥା ସତ୍ୟ, ନ୍ୟାୟ ଓ ବିଚାରବୁଦ୍ଧିର ବିରୋଧୀ ହୁଏ। ସମ୍ପ୍ରଦାୟ ସଂସ୍କାରକୁ ସୁପରୀକ୍ଷିତ ଓ ସତ୍ୟଧର୍ମ-ସମ୍ମତ କରିବା ଆବଶ୍ୟକ — ଏହାହିଁ ବାସ୍ତବିକ ଅନୁଶୀଳନ। ବାସ୍ତବିକ ଅନୁଶୀଳନ ଗଭୀର ଓ ଅଭ୍ରାନ୍ତ ଆତ୍ମପରୀକ୍ଷା ଓ ଆତ୍ମୋପଲବ୍ଧି ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ଆତ୍ମ-ପରୀକ୍ଷାବିନା ଅନୁଶୀଳନର ସୂତ୍ରରୁ ପରିଚାଳନା ଅସମ୍ଭବ। ଯେଉଁବ୍ୟକ୍ତି ପ୍ରାଣର ଆତ୍ମ-ସମୀକ୍ଷାକୁ ଯଥେଷ୍ଟ ମନେକରି ଅନୁଶୀଳନର ଆବଶ୍ୟକତାକୁ ଏକେବାରେ ଏଡ଼ାଇଦେବାକୁ ଚାହାନ୍ତି ବା ଯେ ସ୍ୱୀୟ କ୍ଷୀଣ ଜ୍ଞାନାଲୋକଦ୍ୱାରା ଜୀବନର ଗତି ନିର୍ଦ୍ଦେଶ କରି ବସନ୍ତି—ବସ୍ତୁତଃ ଅନୁଶୀଳନକୁ ପରିତ୍ୟାଗ କରନ୍ତି—ତାଙ୍କ ପ୍ରାଣର ଆତ୍ମୋପଲବ୍ଧି, ଶିକ୍ଷା, ଓ ମୁକ୍ତିଲାଭ ଅସମ୍ଭବ। ସେ ବେଷ୍ଟନୀ-ବଦ୍ଧ ଓ ଅପୂର୍ଣ୍ଣ ରହନ୍ତି। ସେ ମୁକ୍ତ ଜୀବନ ଆସ୍ୱାଦନ କରିପାରନ୍ତି ନାହିଁ, ଏବଂ ତାହାର ଆଲୋକ ଉପଭୋଗ କରିପାରନ୍ତି ନାହିଁ। ତେବେ ଅନୁଶୀଳନର ପ୍ରଥମ ଆବଶ୍ୟକ ଏହା ଯେ ଅନୁଶୀଳନକାରୀ ସର୍ବଦା ମୁକ୍ତି ଅଭିମୁଖରେ ଅବସ୍ଥିତ ହେବେ, ସଂସ୍କାର ଜଡିତ ହେବେନାହିଁ। ଯେତେପ୍ରକାର ପରିବର୍ତ୍ତନ, ଯେତେପ୍ରକାର ଭାବର ସ୍ରୋତ ଓ ଆଦର୍ଶର ଛାୟା ଜୀବନ ସମକ୍ଷରେ ଉପସ୍ଥିତ ହେବ ସେ ସବୁପ୍ରତି ଅନ୍ୟାୟ କରିବେନାହିଁ—ଅର୍ଥାତ୍ ସେ ଗୁଡିକ କେବଳ ନୂତନ ବୋଲି ଯେ ଭ୍ରମାତ୍ମକ ବା ବିପଦ୍-ସଙ୍କୁଳ ଏପରି ଧାରଣା ପୋଷଣ କରିବେନାହିଁ ବା ନୂତନ ବୋଲି ଯେ ସେମାନଙ୍କ ଜୀବନର ସୃଜନଶକ୍ତି କମାଇବା ଦୋଷାବହ ବା "ଅଧର୍ମ" ଏବଂ ପ୍ରାଚୀନ ପ୍ରଥା, ଆଚାର ବା ସଂସ୍କାରକୁ ଧରିବସିବା ପୁଣ୍ୟ ଓ "ଧର୍ମ" ଏପରି ଭାବିବେ ନାହିଁ। ଆତ୍ମଜ୍ଞାନ ବା ଆତ୍ମ-ଆଲୋକ ସାହାଯ୍ୟରେ ଅଗ୍ରସରଶୀଳ ବର୍ତ୍ତମାନ ଜୀବନର ଗତିବିଧି ନିୟମବଦ୍ଧ କରି ଭବିଷ୍ୟତର ଉନ୍ନତି ନିମିତ୍ତ ଅଭିନବ ଭାବ ଓ ଆଲୋକ ପ୍ରତୀକ୍ଷାରେ ଜୀବନ ଧାରଣକରିବା ଆବଶ୍ୟକ। ଜ୍ଞାନଲିପ୍ସା ଅନୁଶୀଳନର ପ୍ରଧାନ ଅଙ୍ଗ। ଜ୍ଞାନଲିପ୍ସୁ ଅନୁଶୀଳନ ଚୈତନ୍ୟମୟ, ଏହା ସର୍ବଦା ସଂବର୍ଦ୍ଧନଶୀଳ। ଏହା ବସ୍ତୁର ସତ୍ୟ ସ୍ୱରୂପକୁ ସଂଦର୍ଶନ କରେ।

ଆଜି ଆମ୍ଭମାନଙ୍କ ଦେଶରେ ଜାତୀୟ ଓ ସାମାଜିକ ଆତ୍ମୋପଲବ୍ଧିର ଚେଷ୍ଟା ଓ ଆୟୋଜନ ଚାଲିଅଛି, ତାହା ଅନୁଶୀଳନର କାର୍ଯ୍ୟ। ଏହା ଏକ ଅଭିନବ ଏବଂ ଉଦ୍-ବୋଧକ ଅନୁଶୀଳନ। ଉଦ୍‌ବୋଧକ ଓ ଅଭିନବ ହେଲେ ମଧ୍ୟ ଏହାର କାର୍ଯ୍ୟ କଳାପରେ ଭ୍ରମଥିବା ସ୍ୱାଭାବିକ। ଏହାକୁ ନିର୍ଦ୍ଦୋଷକରି ଏହାଦ୍ୱାରା ଜାତୀୟ



Digitized by srujanika@gmail.com

ଜୀବନ ଗଠନକରିବା ଆମ୍ଭମାନଙ୍କର ଆଦର୍ଶ । ତେବେ ଦେଖାଯାଉ ଏହାର ଅଭାବ କେଉଁ ଅଙ୍ଗରେ ଏବଂ କେଉଁ ଦୋଷର ନିଷ୍କାସନରେ ଏହାର ଉନ୍ନତି ।

ଦେଶରେ କର୍ମ-ପ୍ରୟାସ ଜନ୍ମିଅଛି । ତରୁଣ ଓ ସରସ ପ୍ରାଣରେ ତ୍ୟାଗର ଆଦର୍ଶ ବିଦ୍ୟମାନ ହୋଇଅଛି । ଜାତୀୟତା ବୋଲି ରାଷ୍ଟ୍ରମାତରେ ଏକ ନୂତନ ଧର୍ମ ପ୍ରଚାରିତ ହୋଇଅଛି । ସ୍ୱାଧୀନତାଲାଭ ବୋଲି ଭାରତୀୟର ଆଦର୍ଶ ନିର୍ଦ୍ଦିଷ୍ଟ ହୋଇଅଛି । କିନ୍ତୁ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ଏ ସବୁଥିରେ ଜ୍ଞାନଲିପ୍ସାର ଅଳ୍ପତା । ଜ୍ଞାନଲିପ୍ସାଶୂନ୍ୟ ଅନୁଶୀଳନ ଅନୁଶୀଳନ ନୁହେ—ତାହା ପ୍ରାୟ କୁସଂସ୍କାର ସଙ୍ଗେ ସମାନ । ସେଥିରେ ନିଜତ୍ୱ ଥାଏନାହିଁ, ସ୍ୱାଧୀନତା ଥାଏନାହିଁ, ଆଲୋକ ବା ଆନନ୍ଦ ଥାଏନାହିଁ । ସେଥିପାଇଁ ଉନ୍ନତତର ଅନୁଶୀଳନଦ୍ୱାରା ଜ୍ଞାନବାନ୍ ହେବା ଆବଶ୍ୟକ । କିନ୍ତୁ ଯଦି ଅଭିନବ ସତ୍ୟ ଓ ଆଲୋକର ସନ୍ଧାନ ନ କରି ଅପ୍ରଜ୍ଞାନ ଓ ଅବିକଶିତ ଆତ୍ମ ଶକ୍ତିଦ୍ୱାରା କର୍ମ-ନିଯୁକ୍ତ ହୋଇ ବସୁଁ, ଆମ୍ଭମାନଙ୍କର ଆତ୍ମୋପଲବ୍ଧି ଅସମ୍ଭବ ହୋଇପଡିବ, ଆମ୍ଭେମାନେ ସଂସ୍କାରବଦ୍ଧ ହୋଇଯିବୁ । ମାନବର ଶକ୍ତିରାଶି ଓ ସମ୍ଭାବନାଗୁଡିକ ମୂଳରେ କୁଠାରଘାତ କରିବୁଁ । ବର୍ତ୍ତମାନ ଭାରତର ଚିନ୍ତାରାଜ୍ୟ କୁସଂସ୍କାରଜଡିତ ହୋଇ ପଡିଅଛି, ତାକୁ ଅନୁଶୀଳନଦ୍ୱାରା ବିତାଡିତ କରିବାକୁ ହେବ ।

---

# ମହୁରିଆ

( ଗଳ୍ପ )

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ଗଲା ବାଇଶି ସାଲ କାଳମହୁରଗତେ ଗୋଟିଏ ମରଦ ପିଲା ଆଉ ଗୋଟିଏ ମାଇକିନିଆ ଝିଅ ମାଗି ଖାଉଁ ଖାଉଁ ଶ୍ରୀବତ୍ସପୁର ଗାଁରେ ପହଞ୍ଚିଥିଲେ । ମରଦ ପିଲାଟି ଖଣ୍ଡିଏ ନେଙ୍ଗୁଡ଼ି ବେଢି ହୋଇଥାଏ ଆଉ ଝିଅଟି ଲଙ୍ଗଳା; ଦୁହିଙ୍କ ମୁଣ୍ଡରେ ବୋଝେ ଲେଖାଏ ଅଦୁଆ ବାଳ, ଉକୁଣି ସଲସଲ, ଖାଉରିଆ । ମା' ବାପ ନଥିଲା ଛେଉଣ୍ଡ ପିଲା ବୋଲି ସେ ଗାଁ ଲୋକେ ଦୟାବହି ଭାତ ଗଣ୍ଡାଏ ଗଣ୍ଡାଏ, ତୋରାଣି ବୁନ୍ଦାଏ ବୁନ୍ଦାଏ ବା କେତେବେଳେ କନାକିଟା ଖଣ୍ଡିଏ ଦେବାରୁ ପିଲା ଯୋଡିକ ଆଶ୍ରା ପାଇ ସେହି ଗାଁରେ ରହିଗଲେ । ଯେଉଁ ଗାଁରେ ତାଙ୍କ ଘର ଥିଲା, ସେ ଗାଁଟି ବଢି ପାଣିରେ ଭାସି ଯିବାରୁ ପିଲା ଯୋଡିକ ନିଭରସା ହୋଇ ଯାଇଥିଲେ । ତାହାଙ୍କ ଦୁନିଆଟା ସାରେ ଆପଣାର ବୋଲି କେହି ନ ଥିଲା ।

ସେ ମୌଜାର ଜମିଦାର କଟକେଶ୍ୱର ନାଏବ ବାବୁ କିଛି ଦିନ ଅନ୍ତେ ନଈ କୂଳରେ ଖଣ୍ଡେ ଜାଗା ଦେଲେ; ଗାଁ ଲୋକେ ମିଳି ପଞ୍ଝାଖଣ୍ଡିଏ ମାରିଦେଲେ । ଭାଇ ଭଉଣୀ ଦିଓଟି ସେଥିରେ ରହିଲେ । ଭାଇଟି ବଡ଼, ତା' ନା' ପତଙ୍ଗା; ଭଉଣୀଟି ନା' କ'ଣ କେଜାଣି, ? ପତଙ୍ଗା ତାକୁ 'ଝିନ' ବୋଲି ଡ଼ାକେ ।

ପତଙ୍ଗା ଯେତେବେଳେ ପାର ଉଠିଲା, ଆପେ କାମ ପାଇଟି କଲା, ଗାଁ ଗଣ୍ଡାରେ ଲାଗିଲା । କ୍ରମେ ଘର ଖଣ୍ଡିକ ବାଡେଇଲା, ଓଳି ପାଖରେ ସାଗ ମାରିଷ ସୋରିଷ ଚାଷ ବୁଣିଲା, ପିଢ଼ାକୁ ପୋଇ ଦି ଗଛ ମଡ଼ାଇଲା । ମାଗିଖିଆ ପଣ ଛାଡି ଏବେ ସେ ଲାଗିଖିଆ ହେଲାଣି । ଗାତର ଖଟେଇ ନିତି ଯାଉଁ ମୂଠାକ ଆଣେ, ଭାଇ ଭଉଣୀ

Digitized by srujanika@gmail.com

ଦୁହେଁ ଫୁଟେଇ ସୁସ୍ୱରରେ ଗାଆନ୍ତି । ଥାଇଉଠିବାକୁ କିଛି ବଳେ ନାହିଁ ।

ଘରକଣେ ଭିତରେ ପତଙ୍ଗର ମହୁରି ଖଣ୍ଡିଏ । ଏ ଖଣ୍ଡିକ ତାର ପୈତୃକ ସମ୍ପଦ, ସେ ତାକୁ ଉତ୍ତରାଧି-କାରୀ ସୂତ୍ରେ ପାଇଥିଲା । ତାର ବାପ ଥିଲା ଗାଁରେ ମହୁରିଆ । ପତଙ୍ଗାର ପିଲା ବୟସରେ ବାପଠୁଁ କିଛି ମହୁରି ବଜେଇ ଶିଖିଥିଲା । ଏବେ ସୁବିଧା ଟିକିଏ ଫୁରସତ ପାଇଲେ ମହୁରିଟି କାଢି ପେଁ—ପେଁ କରେ ।

ତା' ଘରଟି ଗାଁ ମୁଣ୍ଡରେ; ବରଂ ବସତିରୁ ଟିକିଏ ଛଡ଼ା । ଦୁଆର ମହଁରେ ବୈତରଣୀ । ତଳହଟି ଧୋଇଯାଏ ମୂଳକ । ଜୁଆରିଆ ନଈ । ନଈ ତଡ଼ରେ ପତଙ୍ଗା ଖଣ୍ଡେ ପିଣ୍ଡି ବାନ୍ଧିଥାଏ । ବୈତରଣୀ ଯେତେବେଳେ ଦୁଇ-କୂଳ ଗାଇ ଜୁଆରରେ ଭରି ଉଠେ, ପତଙ୍ଗା ସେତେ-ବେଳେ ସେହି ପିଣ୍ଡି ଉପରେ ବସି ଦୁଇ ଗୋଡ ଲମ୍ବାଇ ଦେଇ ମହୁରି ବଜାଏ । ନଦୀ ବକ୍ଷ ଯେତିକି ଫୁଲି ଫୁଲି ମାଡୁଥାଏ ପତଙ୍ଗାର ଛାତି ସେତିକି ଫୁଲି ଫୁଲି ଉଠେ; ତାର ମହୁରିର ତେତିକି ୨ ଉଲ୍ଲାସରେ ତାନ ଛାଡ଼ି ଦିଏ । ଜୁଆରର ସୁଅ ତାହା ସାଙ୍ଗରେ ପିଣ୍ଡି ତଳେ ତଳେ ତାଳ ମାରି ଗ୍ଭଲି ଯାଏ । ତାହା ଦେଖି ପତଙ୍ଗା ତାର ସବୁ ଦୁଃଖ ଦରୁ କ୍ଳେଶ ପାସୋରି ଦିଏ । ସେତିକି ତାର ନିରୁଦ୍ଦିଷ୍ଟ ଜୀବନର ଏକମାତ୍ର ଆମୋଦ ! ସେତିକି ତାର କର୍ମକ୍ଲାନ୍ତିର ଏକମାତ୍ର ଆରାମ !!

ଭାଇ ତାର ଯେତେବେଳେ ମହୁରି ବଜାଏ, ବନ ଆସି ତା' ପାଖରେ ବସେ । ମଝିରେ ମଝିରେ ଭାଇ ଭଉଣୀ ଦୁଃଖ ସୁଖ କଥାବାର୍ତ୍ତା ହୁଅନ୍ତି, ପୁଣି ମହୁରି ବାଜେ, ପୁଣି କଥାବାର୍ତ୍ତା । କଥା ଭିତରେ ନିଜ ଗାଁ କଥା, ନୂଆ ଗାଁ କଥା, ନଈ କଥା, କମ୍ପାର କଥା ଇତ୍ୟାଦି । ଏହିପରି କେତେବେଳେ ଗ୍ଭଲିଯାଏ ତାହା ଅଶିକ୍ଷିତ ମଫସଲିଆ ସ୍ୱଭାବର ଶିଶୁ ଦୁଇଟି କିଛି ଜାଣି-ପାରନ୍ତି ନାହିଁ । ବନ ଯେତେବେଳେ ଶୋଇପଡ଼େ, ପତଙ୍ଗା ତାକୁ ଧରି ଘର ଭିତରକୁ ଆସେ ।

ଭାଇଙ୍କ ମହୁରି ବଜେଇଲେ ବନର ଆନନ୍ଦର ସୀମା ରହେ ନାହିଁ । ଭିତ ରଙ୍ଗ ୨ ଜାଲମ କାଠଦେ ତାଳ ଦେଉଥାଏ, ମହଣି ଗୋବରର ଘସି ତାଡ୍ର ୨ ତାଳ ଅନୁସାରେ ଗୁମ୍ଫୁଡ଼ା ମାରୁଥାଏ । ତାର ଭାଇ ମନ ହୁଏ ସେ ଏହିପରି ବଜାନ୍ତା କି ! କିନ୍ତୁ ଭାଇକୁ ଏକଥା କହିବାକୁ ଲାଜମାଡ଼େ । ଭାଇ ତାର ଯେତେବେଳେ ପାଇଟିକୁ ଯାଉ-ଥାଏ ବନ ବେଳେ ବେଳେ ସେହି ପିଣ୍ଡି ଉପରେ ବସି ମହୁରିଟାକୁ ଫୁଙ୍କେ । ପୁଣି ଭାଇ କାଳେ ଜାଣିବ ବୋଲି ତା ଫେରିବା ଆଗରୁ ମହୁରିଟା ଯଥା ସ୍ଥାନରେ କଳା ଗ୍ଭଡ଼େଇ ରଖିଦେଇ ଆପଣା କାମରେ ଲାଗେ; ଏହିରୂପେ ଦୁଇଟି ନିରାଶ୍ରୟ, ସଙ୍ଗହୀନ, ପ୍ରାଣୀ ସୁଖରେ ଦିନ କଟାଉ-ଥାଆନ୍ତି ।

ପୂର୍ବରୁ କହିଅଛୁ ଶ୍ରୀବତ୍ସପୁରରେ ଜମିଦାରଙ୍କ କଚେରୀ । ପାଢ଼ୀଘର ଭାରି ପ୍ରତାପୀ, ବଳିଆର ଜମିଦାର । ତାର ଜୁଲମର ଡାଉରେ ତାଙ୍କ ତାଲୁକ ମୂଳକ ଭିତରେ ବାଘ ବକର ଏକାଘାଟରେ ପାଣି ପିଅନ୍ତି । ଏ ବର୍ଷ ପାଢ଼ୀଙ୍କ ମଝିଆଁ ପୁଅ ଘନବାବୁ ମଫସଲ ଗସ୍ତରେ ଆସି ଶ୍ରୀବତ୍ସପୁର କଚେରୀ ଘରେ ବିରାଜମାନ ହୋଇଛନ୍ତି । ଘନବାବୁ କଟକରେ ଇଂରାଜୀ ପଢ଼ାକରନ୍ତି । ପୂଜାଛୁଟିରେ ଦୁଇ-ଗ୍ଭରିଜଣ ସାଙ୍ଗ ପଢ଼ୁଆଙ୍କୁ ନେଇ ଆସିଛନ୍ତି; ଉଦ୍ଦେଶ୍ୟ ଶିକାର । ତଳମାଳ ଦେଶରେ ବହୁତ ଶିକାର ଉପ-ଯୋଗୀ ପକ୍ଷୀ ମିଳନ୍ତି । କଲେଜ ବାବୁମାନେ ଦୁଇଖଣ୍ଡ ବନ୍ଧୁକ ଧରି ଆସିଛନ୍ତି, ନାହାରେ ନିତି ଶିକାରକରିବେ— ଆଉ ଗ୍ଭରଦିନ ଆଠଦିନ ରହି ମଉଜ, ଫୁର୍ତ୍ତିକରି ଗ୍ଭଲିଯିବେ ।

ଦିନେ ଦି'ପହରବେଳେ ଦୁଇଜଣ ବାବୁ ଶିକାର ଅନ୍ୱେଷଣରେ ନଦୀ କୂଳେ କୂଳେ ଅନେକ ଦୂରକୁ ଗ୍ଭଲି-ଯାଇଛନ୍ତି, ଫେରିଲାବେଳକୁ ବେଳ ରଡ ରଡ ହେଉଛି । ପତଙ୍ଗାର ପଞ୍ଝାପାଖରେ ଦୁହେଁଯାକ ଅମ୍ପକରି ଛିଡ଼ାହୋଇ-ଗଲେ । ପଦେଖିଲେ ପିଣ୍ଡିଉପରେ ଗୋଟିଏ ବାଳିକା ନିଃସଙ୍କୋଚରେ ବସି ମହୁରୀ ବଜାଉଛି, ଆଉ ବୈତରଣୀର ତାର ବକ୍ଷିପ୍ତ ପୂର୍ଣ୍ଣ-ତରଙ୍ଗର ଅସରନ୍ତି ଖେଳକୁ ଏକ ଦୃଷ୍ଟିରେ ଅନାଇରହିଛି । ପିନ୍ଧିଥିବା ଲୁଗା ଖଣ୍ଡିକ ମୁଣ୍ଡରୁ ଘୁଞ୍ଚିନଥିବାରୁ, ନଦୀ ବକ୍ଷର ମୁକ୍ତ ହାଓ୍ୱା ତାର ଅଯତ୍ନ-ନ୍ୟସ୍ତ କେଶରାଶି ସାଙ୍ଗରେ ଲୁଚକାଲି ଖେଳ ଲଗାଇ-ଦେଇଛି । ବାବୁ ଦୁହେଁ ଧୀରେ ଧୀରେ ଆସି ତା'ପଛରେ

Digitized by srujanika@gmail.com

କିଛିକ୍ଷଣ ଛାଡ଼ାହେଲେ । ଜଣକୁ ଆଉଜଣ ଠିକିଏ ଚିମୁଟି ଦେଲା । ସେ ଜଣକ ଦାନ୍ତକାମୁଡ଼ ତା ବାହୁକୁ ଚିପି ଦେଲା । ତା'ପରେ ସେଥିଭିତରୁ ଜଣେ ଗଲାଖଙ୍କାର ମାରିଲା । ଶବ୍ଦଶୁଣି ବିନି ପଛକୁ ଚାହିଁଦେଇ ଚମକିପଡ଼ିଲା । ବାବୁ ଭଦ୍ର୍ୟା ଲୋକ ସେ ଜୀବନରେ କେବେ ଦେଖିନାହିଁ । ଏବେ ନିକଟରେ ଦୁଇଟି ନୂତନପ୍ରକାର ନରମୂର୍ତ୍ତି ଦେଖି ତାର ଛାତି ଦାଉଁ ଦାଉଁ ହୋଇଉଠିଲା । ସେ ଏକାଲମ୍ଫରେ ପିଣ୍ଡି ଉପରୁ ଡେଇଁମାରି ଘରଭିତରେ ପ୍ରବେଶ କରି କବାଟ କିଳି ପକାଇଲା ।

ତେବେ, ଅଛୁବକୁଳରେ ଜନ୍ମ ହୋଇଥିଲେ ସୁଦ୍ଧା, ବିନି ଅସୁନ୍ଦରୀ ନଥିଲା । ଦେହର ବର୍ଣ୍ଣ ଶ୍ୟାମଳ ଥିଲେହେଁ, ତାର ମୁଖମଣ୍ଡଳରେ ଏପରି ଗୋଟାଏ ଲାବଣ୍ୟର ମଧୁର ଆକର୍ଷଣ ଥିଲା ଯାହା ଦେଖିଲେ ଲୋକର ହଠାତ୍ ଭଲପାଇବାକୁ ମନ ବଳାଏ କିମ୍ବା ଆପଣାର କରିନେବାକୁ ଇଚ୍ଛାହୁଏ । ବିଶେଷତଃ ବିନିର ଆଖିଯୋଡ଼ିକ ତାର ବିଶେଷତ୍ୱ । ଆଖିରେ ଯେଉଁ ତରଳଭାବ ଥିଲେ କବିମାନେ ମୃଗନୟନ ବୋଲି କହନ୍ତି ସେହି ସୌନ୍ଦର୍ଯ୍ୟର କଣିକାଟିଏ କିଏ ଯେପରି ବିନିର ଆଖିରେ ଥୋଇଦେଇଥିଲା । ଏହାଛଡ଼ା ନାରୀମାନଙ୍କ ଯୌବନର ପ୍ରାରମ୍ଭରେ ଏପରି ଗୋଟାଏ ମଧୁରତାର ବିକାଶହୁଏ ଯାହାଦ୍ୱାରା ଅତି କୁତ୍ସିତ ଚେହେରା ମଧ୍ୟ ସୁନ୍ଦର ଦିଶେ । ବିନିର ବୟସ ପ୍ରାୟ ଷୋଳ । ପତଙ୍ଗାଠାରୁ ସେ ପାଞ୍ଚବରଷ ସାନ ।

ବାବୁ ଦୁଇଜଣ ଏଣେ ତେଣେ ହୋଇ ଚାଲିଗଲେ । ଯଥାସମୟରେ ପତଙ୍ଗା କାମରୁ ଫେରି ଦେଖିଲା ଘରର କବାଟ କିଳା । ସେ ଆଶ୍ଚର୍ଯ୍ୟ ହୋଇ ଡାକିଲା "ବିନି, ବିନି; ବିନି ଘରଭିତରୁ ଜବାବଦେଲା । ଭାଇର ପାଟି-ବାରି କବାଟ ଫିଟାଇଲା । ବାବୁମାନଙ୍କ କଥା ଆଉ ତାର ଡରିବା କଥା ଭାଇ ଆଗରେ ସବୁ କହିଲା । ବିନିର କଥାଶୁଣି ପତଙ୍ଗା 'ଠୋ ଠୋ' କରି ହସି ଗଡ଼ିଗଲା । ତାପରେ ଭଉଣୀଟିକୁ ଆଶ୍ୱାସନା କରି କହିଲା "ସେମାନେ ସବୁ ହେଉଛନ୍ତି ଭଦରଲୋକ ବାବୁ । ଆମ ସାନ୍ତଘର ମଣିଷ । ତାଙ୍କଠେଇଁ ଡ଼ର କିମ୍ପା ରେ ?" ଯେତେ କହିଲେବି ସେହି ବାବୁ ଦୁଟା ଅଭଦ୍ର ଜନ୍ତୁ ଦୁଇଟାଙ୍କ ପ୍ରତି ବିନିର ମନ ଭଲ ହେଲାନାହିଁ ।

ରାତି ପହରକ ପରେ ଭାଇ ଭଉଣୀ ଦୁହେଁ ଏକା-କଂସାରେ ତପତ ଖାଇ ବସିଛନ୍ତି—କଚେରିର ଛଟିଆ ଡାକିଲା "ପତଙ୍ଗା, ପତଙ୍ଗା ଅଛୁ ନା ରେ ଘରେ ।" ପତଙ୍ଗା ଭାତଗୁଣ୍ଡାଟା ପାଟିରେ ପୂରାଇ ଜବାବ ଦେଲା । ଛଟିଆ କହିଲା "ଝଟ୍ ବାହାରି ଆ, ଜରୁର କାମ ଅଛି ।" ପତଙ୍ଗା ଅଇଁଠାହାତରେ ଉଠିଆସିଲା । ଛଟିଆ ଓ ସେ ଦୁହେଁ ନଈକୂଳକୁ ଯାଇ ଅନ୍ଧାରରେ କ'ଣ କଥାବାର୍ତ୍ତା ହେଲେ । ତାପରେ ଛଟିଆ ଚାଲିଗଲା । ପତଙ୍ଗା ପଛରୁ ଡାକି କହିଦେଲା "ଯା, ଯା, କହିଦେବୁ ତାଙ୍କର କେହି ଭଉଣୀ ଥିଲେ ମୋ ଠେଇଁକି ପଠେଇଦେବେ ।" ଛଟିଆ ଆସିଲାବେଳରୁ କାହିଁକି କେଜାଣି ବିନିର ଗୋଡ଼ ହାତ ଥରିଲାଣି । ପତଙ୍ଗା ଯେତେବେଳେ ଘରଭିତରକୁ ପଶିଗଲା, ଆଲୁଅରେ ତା ମୁହଁଦେଖି ବିନିର ହାଲକ ଶୁଖି-ଗଲା । ସେ ସେତେବେଳକୁ ଗୋଟାଯାକ ଥରୁଚି, କପାଳରେ ବିନ୍ଦୁ ବିନ୍ଦୁ ଝାଳ ମୁହଁ ଥମ ଥମ, ଆଖିଯୋଡ଼ାକ ଲାଲ ଗୁଲାଲ । ପତଙ୍ଗା ଏକାବେଳକେ ଯାଇ ଭାତବେଲାଟା ଦ'ଗ୍ରସର ଗୁଣ୍ଡାରେ ଶେଷ କରିଦେଲା । ବିନି ବଲବଲ କରି ଚାହିଁ ରହିଥାଏ । ଭାଇ ଭଉଣୀ କେତେ ଗପ ସପ ହୁଅନ୍ତି—ସେ ରାତିରେ କେହି କାହା-ରିକୁ କିଛି କହିଲେନାହିଁ ।

ତହିଁ ଆରଦିନ କାମକୁ ବାହାରିଲା ବେଳେ ପତଙ୍ଗା ବିନିକୁ ଡାକି କହିଲା "ବିନି ଏଠି ଆମେ ଆଉ ରହିବା ନାହିଁ । ସେ ସ୍ୱର ଶୁଣି ବିନିକୁ ଡର ମାଡ଼ିଲା । ସେ ଭାଇ ଆଡ଼କୁ କାତରରେ ଥରେ ଚାହିଁଲା । କିନ୍ତୁ ତାହାର ମୁହଁ ଦେଖି କିଛି କହିବାକୁ ଭରସିଲା ନାହିଁ, ତଳକୁ ମୁହଁ ପୋତି ଦେଲା । ପୁଣି ଚାହିଁଲାବେଳକୁ ସେ ଖଣ୍ଡେ ବାଟ ବାହାରିଗଲାଣି । ବିନି ନିତି ଯାହା କରେ ତାହା କରି-ଗଲା । କିନ୍ତୁ ଭାଇର ସେ ଚାହାଣିଟା ସବୁବେଳେ ତା ଆଖି ଆଗରେ ଦିଶି ଯାଉଥାଏ, ତାର ସେ ସ୍ୱରଟା କାନ ପାଖରେ ବାଜି ଉଠୁଥାଏ । "ଆମେ ଏଠି ଆଉ ରହିବା ନାହିଁ" କଥାଟା ଭିତରେ କିପରି ଗୋଟାଏ ବଜ୍ର ପ୍ରତିଜ୍ଞା, କିପରି ଗୋଟାଏ ଛାତି ଫଟା ବେଦନା ଭରି ରହିଥିଲା—

Digitized by srujanika@gmail.com

ତାହା ସରଳା ବାଳିକାଟି ପକ୍ଷରେ କେଡ଼େ ଦାରୁଣ ! ସେ ତାର ଜନ୍ମ ସ୍ଥାନ କଥା ଏକାବେଳେ ପାଶୋରି ଯାଇ ଥିଲା, ଏହି ଗାଁକୁ ଆପଣାର କରି ମଣିଥିଲା । ଏଇ ସାହି ଏଇ ପଡ଼ିଶା, ଏଇ ନଈ, ଏଇ ବିଲ ତାର କେତେ ପ୍ରିୟ, କେତେ ନିଜର, ଆପଣା ହାତରେ ସେ ପଞ୍ଝା ଖଣ୍ଡିକ ଲିପି ପୋଛି ରଖିଛି, ନିତ ନିତ କେତେ ଯତ୍ନ କରି ଗଛ ପତର ଗୁଡ଼ିକ ବଢ଼େଇଛି । ସେ ଗୁଡ଼ିକ ତାର ପ୍ରାଣଠାରୁ ପ୍ରିୟତର । "ଏଠି ଆମେ ଆଉ ରହିବା ନାହିଁ" ଏକଥା ଭାବିଲା ବେଳକୁ ଯେ ତାର ବୁକୁ ଫାଟିଯାଉଛି । 'ଏଠି ରହିବା ନାହିଁ । ଆଉ କେଉଁଠିକି ଯିବା ?" "ଆଉ କେଉଁ ଗାଁରେ ଏହିପରି ନଈ, ଆକାଶ ପବନ, ଗଛ, ପତର ଅଛି" ? ବିନର କଅଁଳ କଲିଜା ବାଟି ହୋଇଗଲା ।

ପତଙ୍ଗା ନିତି ଉଠାଣି ବେଳେ କାମରୁ ଲେଉଟି ପଖାଳ ଖାଇ ଘଡ଼ିଏ ବିଶ୍ରାମ କରେ । ପୁଣି ଉପର ଓଳି କାମକୁ ଯାଏ, ସଞ୍ଜବେଳକୁ ଫେରେ । ଆଜି ବେଳ ଦି'ପହର ହେଲା, ତିନି ପହର ହେଲା, ଖରା ଗଡ଼ି ପଡ଼ିଲା, ତେବେ ବି ସେ ଆସିଲାନାହିଁ । ବିନ ପଖାଳ ବାଢ଼ି ବସି ବସି ପୁଣି ହାଣ୍ଡିରେ ଅଜାଡ଼ି ଦେଲା । ଭୟ ଓ ବିସ୍ମୟରେ ସେ ଏକାବେଳେ ସରି ପଡ଼ିଲାଣି । ଘାଇତା ଏପରି କେବେ କରେ ନାହିଁ । ଆପଣାର ଘର ପାଇଁ ସବୁ ସେହି ନଈକୂଳ ପିଣ୍ଡି ଉପରେ ବସିଲା । ପିଣ୍ଡି ଉପରୁ ଗୃହ ଆଡ଼କୁ ଦିଶେ । ଥରେ ଏଆଡ଼କୁ, ଥରେ ସେ ଆଡ଼କୁ ଏହିପରି ଚାହୁଁଥାଏ । କେଉଁଆଡ଼େ ହେଲେ ଭାଇ ଗଲା ଅସୁ-ଥିବ ପରା ! ନାଉରିଆମାନେ ନଈ ମଝିରେ ପଟଲ ବାହି ଯାଉଥାଆନ୍ତି । ଗୋରୁ ମହିଷ ଗୋବାଳ ଗୋଠରୁ ଲେଉଟୁଥାଆନ୍ତି । ନାନା ପ୍ରକାରର ପକ୍ଷୀ ଚିତ୍କାର କରି ଯେ ଯାହା ବସାକୁ ଫେରୁଥାଆନ୍ତି । ତେବେ ବି ଭାଇ ତାର ଫେରିଲାନାହିଁ ।

ସଞ୍ଜ ହେଲା, ଗାଁ ଭିତରୁ ଶଙ୍ଖ ହୁଳହୁଳି ଶୁଭିଲା, ମହାଜନ ଘର ଠାକୁର ବାଡ଼ରେ ଆରତିର ଘଣ୍ଟା ବାଜିଲା, ତଥାପି ପତଙ୍ଗାର ଦେଖା ନାହିଁ । ଚିନ୍ତା କ'ଣ, ବିପଦ କ'ଣ, ଆଜଯାଏ ବିନ କେବେ ଅନୁଭବ କରି ନ ଥିଲା । ଆଜି ଏକାବେଳେ ସେ ଅଭିଭୂତା ହୋଇପଡ଼ିଲା । ନିସ୍ତବ୍ଧ ସନ୍ଧ୍ୟାରେ ସେ ଏକୁଟିଆ ରହିବ ବୋଲି ପତଙ୍ଗା ଦିନେ ହେଲେ ସଞ୍ଜବେଳଯାଏ କେଉଁଆଡ଼େ ରହି ନାହିଁ । ଆଜି କିନ୍ତୁ ବିନ ଡରିଲା ନାହିଁ—ଅନ୍ୟ ପ୍ରକାର ଡର ତା'ର ହୃଦୟରେ ଏପରି ପ୍ରଭାବ ବିସ୍ତାର କରି ସାରି-ଥିଲା ଯେ ସେଠି ସାମାନ୍ୟ ଭୂତ, ପ୍ରେତ, ଡାହାଣୀ, ଚିରକୁଣୀର ସ୍ଥାନ ନ ଥିଲା । ଭାବିବା ଚିନ୍ତିବାର ଶକ୍ତି ତାର ଲୋପ ପାଇଥିଲା । ଅତିଘୋର ବିପଦ ଅକସ୍ମାତ୍ ପଡ଼ିଗଲେ, ଲୋକ ଯେପରି ହତବୁଦ୍ଧି ହୋଇଯାଏ, ବିନ ସେହିପରି ହତବୁଦ୍ଧି ହୋଇ ପିଣ୍ଡି ଉପରେ ଶୂନ୍ୟ ମନରେ ଛିଡ଼ା ହୋଇଥିଲା । ଏହିପରି ଛିଡ଼ା ହୋଇ ହୋଇ କେତେ ରାତି ହେଲା ତାହା ସେ ଜାଣିପାରିଲାନାହିଁ । ପଡ଼ିଶାଘରକିଆ ବାଲୁଆମାନେ କେତେଥର ଡାକିଲେ ତାହା ଲକ୍ଷ କରିବାକୁ ତାର ସାମର୍ଥ୍ୟ ନ ଥିଲା ।

ଆଗଦିନ ରାତିଟାଯାକ ପତଙ୍ଗାକୁ ନିଦ ହୋଇ ନାହିଁ । ସେ ଖାଲି ଭାବୁଚି ସେ ଛଟିଆର କଥା, ଆଉ ରାଗରେ ତା ଦେହଟାଯାକ ଜଳି ଉଠୁଛି । ବେଳେ ବେଳେ ଦୁଃଖ ହେଉଛି କି ସେ ଛଟିଆଟାର ତଣ୍ଟି ଧରି ନଈକୁ ଫୋପାଡ଼ି ନ ଦେଲା କାହିଁକି ! ଶେଷରେ ଠିକ କଲା "ନାହିଁ ଏ ଥାନରେ ଆଉ ରହିବନାହିଁ ।" ସକାଳୁ ଉଠି ସେ ଭଉଣୀଟିର ହାତଧରି ଗ୍ରାମଛାଡ଼ିଯାଇଥାଆନ୍ତା । ପୁଣି ଭାବିଲା ଯେଉଁ ମୁନିବର ଲାଗି ମୂଲିଆ ହୋଇଛି ତାକୁ ପଦେ ନ କହି ଯିବ କିମିତି । ହଠାତ୍ ଯାଇ କେଉଁଠିତ ମୂଠାଏ ଖାଇବାକୁ ତାକୁ ମିଳିବନାହିଁ । ଆଜି ବର୍ଷକର ମୂଲ ହିସାବକରି ଆଣି ଗଣ୍ଡାଗଣ୍ଡ ବାହାରିଯିବ, କେହି ଜାଣିବ ନାହିଁ । ଏହିକଥା ପାଇଁ ସେ ଆଜି କାମକୁ ଗଲା । ହାୟ, ସେ ଯଦି ଆଗରୁ ଜାଣିପାରିଥାଆନ୍ତା ଆଜି କ'ଣ ହେବ ବୋଲି ! ଈଶ୍ୱର ଏତିକିବାଗ ଆପଣା ହାତରେ ରଖି ମଣିଷକୁ ବଡ଼ ଜବଦ କରିଛନ୍ତି ।

ପତଙ୍ଗା ଯେଉଁଠି କାମ କରୁଛି, କଚେରୀର ଦୁଇ-ଜଣ ପିଆଦା ଯାଇ ତାକୁ ଜୋର ତଲବ କରି ଧରି ନେଇଗଲେ । କଚେରୀ ଭିତରେ ପଶିଲାବେଳେ ପହିଲୁ ନାଏବ ବାବୁଙ୍କ ଭେଟ ହେଲା । ସେ ଦଣ୍ଡବତଟାଏ କରି ହାତଯୋଡ଼ି ଛିଡ଼ା ହେଲା । ନାଏବ ପତଙ୍ଗା ଆଡ଼କୁ

Digitized by srujanika@gmail.com

ଅନାଇଦେଇ ତଳକୁ ମୁହଁ ପୋତିଲେ । ପଛଆଡ଼ୁ ସଦର ବରକନ୍ଦାଜ "ଇହାଁପର ନେହିଁ—ଚଲ୍‌ବେ" କହି ଧକ୍କାଟାଏ ପକାଇଲା । ନାଏବ ବାବୁ ଦୀର୍ଘ ନିଶ୍ୱାସଟାଏ ପକାଇ ଭୁନ ଭୁନ କହିଲେ "ଯୁଗ ଲେଉଟିଲା—ଧର୍ମ୍ମ ଛାଡିଲା ଆସି"।

ଘନବାବୁ ଓ ସଙ୍ଗୀମାନେ ବସି ତାସ ଖେଳୁଛନ୍ତି, ହାସ୍ୟ କଳରବ ଓ ସିଗାରେଟ୍‌ ଧୂଆଁରେ ଘରଟା ଉତ୍କୁଳ ପଡ଼ୁଛି, ଏପରି ସମୟରେ ପଡଙ୍ଗା ଉପସ୍ଥିତ ହୋଇ ଲମ୍ବ ଖମ୍ବ ହୋଇ ଗୋଡ଼ତଳେ ପଡି ଓଲଗି ହେଲା । ପୁଣି ଉଠି ହାତ ଯୋଡି ଛିଡ଼ା ହେଲା । ଘନବାବୁ ମୁହଁ-ଦେଇ ପଚାରିଲେ "ଇସ୍ୟାର ନା ପଡଙ୍ଗା ?" ବର-କନ୍ଦାଜ ଉତ୍ତର କଲା "ଜି, ହଜୁର"। ଘନବାବୁ ପଚା-ରିଲେ "ହଁରେ, ପଡଙ୍ଗା, ତୁ ଏ ମଉଜାରେ କେତେ ଦିନ ହେଲା ରହୁଛୁ ?"

ପଡଙ୍ଗା ଦୁଇ ତିନଥର ଅଜ୍ଞା ଅଜ୍ଞା କହି ଢୋକ ଗିଳିଲା—ସେଥିଠୁ ଜଣେ ବାବୁ ହସି କହିଲେ "ଅତି ଭକ୍ତି ଚୋରର ଲକ୍ଷଣ"

ଘନବାବୁ—କହ, କେତେ ଦିନ ହେଲା ?

ପଡଙ୍ଗା—ଅଜ୍ଞା ବରଷ ପାଞ୍ଚ ସାତ ହବ ।

ଘନ—ରହିଲା ଠଉଁ ଖଜଣା ଦେଉଛୁ ?

ପ—ଅଜ୍ଞା—ନାହିଁ । ନାଏବ ବାବୁ ଖଜଣା ଛାଡ଼ି ଦେଇଛନ୍ତି । କିଏତ ଅଶ୍ରା ଦେଇ ରଖେଇଥିଲେ ।

ଘନ—ଚୁପ୍‌ରହ ବଦଜାତ୍‌, ହାରାମଜାଦା । ନାଏବ ବାବୁ ତୋ ବାବା ? ତତେ ଏଇକ୍ଷିଣି ବିଲକୁଲ ଖଜଣା ଦେବାକୁ ହେବ ।

ପ—ହଜୁର ମା ବାପ । କେତେ ପଡିଆ ରଜାଙ୍କର ପଡିରହିଛି । ସେଥିରୁ ଚକଟେ ମୁଁ ନେଇ ପଞ୍ଝା ଖଣ୍ଡେ ମାରିଛି । ହଜୁର ଛାଡିଲେ ଛାଡିବେ, ନେଇଲେ ନେବେ ।

ଘ—ତୁ ତ ବଡ ପାଜି । ବଡ ହେମାକରେ କଥା କହୁଛୁ । ଏହିକ୍ଷଣି ଉଠିଯା ଆମ ଚକ୍କାକାରୁ ।

ପ—ଉଠାଇ ଦେଲେ ଉଠିଯିବ ଏହିକ୍ଷଣି । ଦୁଃଖି-ଲୋକ ଯଉଁଠି ଦୁଃଖକରିବ ପେଟ ପୋଷିବ ।

ଏହାକହି ପଡଙ୍ଗା ଯିବାକୁ ବାହାରିଲା । ଘନବାବୁ ଗର୍ଜ୍ଜନକରି କହିଲେ "ଯାଉଛୁ କୁଆଡ଼େ ?" ପଡଙ୍ଗା କହିଲା "ପଞ୍ଝା ଖଣ୍ଡ ଭାଙ୍ଗିଦେଇ ଠାକୁରେ ଯଉଁଆଡ଼କୁ ବାଟ ଦେଖେଇବେ ସେହି ଆଡ଼କୁ ଚାଲିଯିବ ।

ବାବୁ ଦ୍ୱିଗୁଣ ଗର୍ଜ୍ଜନକରି ପଡଙ୍ଗାକୁ ବାନ୍ଧିପକାଇ-ବାକୁ ହୁକୁମ ଦେଲେ । ଜମେଷମାନଙ୍କେ ହୁକୁମ ତାମିଲ ହୋଇଗଲା । କଚେରି ବଙ୍ଗଳାର ମଝିଖୁଣ୍ଟରେ ବନ୍ଧାହୋଇ ବିଚାରୀ ପଡିଥାଏ, ଏଣେ ବାବୁମାନଙ୍କର ସ୍ନାନାହାର ଚାଲିଲା । କେତେବେଳକେ ସଙ୍ଗୀ ବାବୁ-ମାନଙ୍କ ଭିତରୁ ଜଣେ ପଡଙ୍ଗା ନିକଟକୁ ଯାଇ ଅତି ଧୀର ନମ୍ର କୋମଳ ସ୍ୱରରେ କହିଲେ "ଦେଖ ପଡଙ୍ଗା, ବାବୁ ଯାହା କହୁଛନ୍ତି ସେଥିରେ ମଙ୍ଗିଯା । ସେଥିରେ ତୋର ତେରେ ଭଲହବ । ସୁଖ କ'ଣ ତତେ ପିତା ଲାଗୁଛି ?" ଏକଥା ଶୁଣି ପଡଙ୍ଗା ରାଗରେ ଜରଜର ହୋଇ ଫୁଲିବାକୁ ଲାଗିଲା । ତା ନାକରୁ କ୍ରୁଦ୍ଧଗୋକ୍ଷୁର-ସାପପରି ଫଁ—ଫଁ ନିଶ୍ୱାସ ବାହାରିଲା, ଆଖି ଯୋଡାକ ଆହତ ସିଂହପରି ଅଗ୍ନି ବର୍ଷଣକଲା । ସେ ମୂର୍ତ୍ତି, ସେ ଚାହାଣି ଦେଖି ବାବୁଟି ଦୁଇପାଦ ପଛକୁ ହଟି ଆସିଲେ । ସେଠୁଁ ଫେରିଯାଇ ଘରଭିତରେ କିଛି କ୍ଷଣ ରହି ଆଉଜଣେ ବାବୁଙ୍କ ସାଙ୍ଗରେ ଯେଉଁ ପୁଣି ପଡଙ୍ଗା ନିକଟରେ ଉପସ୍ଥିତ ହେଲେ । ନୂଆ ବାବୁଟିର ହାତରେ ଖଣ୍ଡେ ବନ୍ଧୁକ । ସେ ବନ୍ଧୁକର ଅଗ୍ରଭାଗ ତା ଛାତିରେ ଲଗାଇ ଦେଇ କହିଲେ "ଦେଖ, ଏ କଣ ଜାଣିଛୁ ? ଟିପିଦେବି ତ ଏହିକ୍ଷଣି ଉଡିଯିବୁ । ଭଲରେ ନ ମାନିବୁ ବଳରେ ମନାଇନେବି ।" ପଡଙ୍ଗା ଅଟଳ ହୋଇ ରହିଲା । ପୁଣି ବାବୁ କହିଲେ ତୋପରି ଗୋଟାଏ କଣ ଦଶଟା ମାରିଦେଲେ ବି ଆମର କ'ଣ ହୋଇଯିବ, ଆଉ ତୋତେ ମାରିଦେଲେ ଆମ କାମ ସହଜ ହୋଇଯିବ । ମାନ, ମାନ୍‌ କହୁଛି—ଜଲଦି ମାନ୍‌, ନୋହିଲେ ହେଇ ଦାଗିଲି ।" ତଥାପି ପଡଙ୍ଗା ତିଳେମାତ୍ର ବିଚଳିତ ହେଲାନାହିଁ । ଶେଷ କମ୍ପିତ ଚକ୍ଷୁରେ ଉତ୍ତର ଦେଲା "ମୋ ହାତ ଗୋଡ଼ ବନ୍ଧା ହୋଇଛି ମୁଁ ଆଉ କଣ କହିବି ।" ଟିକିଏ ରହି ପୁଣି କହିଲା "ମୋର ଜୀବନକୁ ଡରନାହିଁ, ମାରି-ବାର ଅଛି ତ ମୋତେ ମାରିଦିଅ, ତା ପରେ ଯାହା

Digitized by srujanika@gmail.com

ଇଚ୍ଛା ତାହାଙ୍କର ନଛିକେ । କିନ୍ତୁ ପତଙ୍ଗା ଜୀଇ ଥାଉଁ ଥାଉଁ ନୁହେ ।” ଏହାକହି ହାନ୍ତ ହଗନ୍ତ ହେଲା । ବାବୁମାନେ ପୁଣି ହସିଲେ । ଆଉ କେହି ପତଙ୍ଗାଆଗକୁ ଅଗ୍ରସର ହେବାକୁ ସାହସ କଲେନାହିଁ । ଯେତେପ୍ରକାର କଳ କୌଶଳ ସବୁ ବ୍ୟର୍ଥ ହୋଇଗଲା; ବାକି ଥିଲା ଗୋଟିଏ । ଏଉଟି ଅତି ସହଜ ଆଉ ନିର୍ବିଘ୍ନ ଉପାୟ । ପ୍ରସ୍ତାବ ହେଲାକ୍ଷଣି ସମସ୍ତିଙ୍କ ମନକୁ ମାନିଗଲା । ସମସ୍ତେ ଚୁପ୍ ଚୁପ୍ ହୋଇ ଅପେକ୍ଷା କରିବାକୁ ଲାଗିଲେ । କେବଳ ଦୁଇଜଣ ତିନିଜଣ ଲେଖାଏଁ ଏପାଖ ସେପାଖ ଫୁସୁର ଫାସର ହେଉଥାଆନ୍ତି, ପତଙ୍ଗା ଏଣେ ବନ୍ଧାହୋଇ ପଡିଥାଏ । ସନ୍ଧ୍ୟାହେଲା, ରାତି ଘଡିଏ, ଦୁଇଘଡି, ପହରେ, ବିତିଗଲା; ତଥାପି ପତଙ୍ଗାର ଦଶା ପାଲଟିଲାନାହିଁ । କ୍ଷୁଧାରେ, ଯନ୍ତ୍ରଣାରେ, ମନୋକଷ୍ଟରେ ସେ ଏକାବେଳକେ କାତର ହୋଇପଡିଲା । କିନ୍ତୁ ନିଜର ନିତାନ୍ତ ନିରୁପାୟ ଅବସ୍ଥା ଜାଣି କରମ ଆଦର ପଡିରହିଲା ।

କେତେବେଳକେ ସେ ଦେଖିଲା ଚାରିଜଣ ଲୋକ ଅତି ସନ୍ତର୍ପଣରେ ଅନ୍ଧକାର ମଧ ଦେଇ ବାହାର ଯାଉଛନ୍ତି । ଧୀରେ ଧୀରେ କଥାବାର୍ତ୍ତା ତା କାନକୁ ଗଲାନାହିଁ, ଜଣେ କହିଲା “ନାଏବ ବାବୁ ଶୋଇଲେଣି କି ଦେଖିଆ ।” ଆଉ ଜଣେ କହିଲା– “ଗାଁରେ କେହି ଚେଇଁ ନଥିବେ ଯେ ।” ଏହାର ଉତ୍ତରଟା ସେ ଶୁଣି ପାରିଲାନାହିଁ । କେବଳ ଶୁଣିଲା “ଚୁପ୍ ଚୁପ୍” ସେମାନେ ବାହାରିଗଲେ । ପତଙ୍ଗା ଭାବିଲା ମୋର ସେଥିରେ କ’ଣଅଛି । ଏହା ଭାବି ସେ ଆପଣା କଥା ଭାବିବାକୁ ଲାଗିଲା । କିନ୍ତୁ ମନ ତ ବୁଝିଲାନାହିଁ । ପୁଣି ତା ମନେହେଲା “ସେମାନେ କୁଆଡ଼େ ଗଲେ ?” ଏହିପରି ଯେତେଥର ସେ ସେକଥା ଆଡେଇ ଦେବାକୁ ବସିଲା କଥାଟା ସେତିକି ତା ମନ ଭିତରେ ଗୋଳେଇ-ଘାଣ୍ଟି ହେଲା । ହଠାତ୍ ତା ମୁଣ୍ଡଭିତରେ ବିଜୁଳି ମାରି-ଦେଲାପରି ଲାଗିଲା । ମୁଣ୍ଡଟା ଯେପରି ଟୋ’କର ଫାଟି ଚୂନାଚୂନା ହୋଇଗଲା । “ଆଁ, ବନ ତ ଏକୁଟିଆ ଥିବ ଗାଁଲୋକେ ସବୁ ଶୋଇଲେଣି । ଯଦାଯେଗାଡ଼େ ତା’ର କିଛି ବିପଦହେଲେ କିଏ ତାକୁ ରକ୍ଷାକରିବ !” ପତଙ୍ଗା ଉପରକୁ ଚାହିଁଲା କଚେରିଘରର ଚାଳଟା ତା ଆଖିରେ ଘର୍ ଘର୍ ହୋଇ ଘୂରିବାକୁ ଲାଗିଲା । ସେ ଆଖିବୁଜି ପକେଇଲା । ତାକୁ ମାଲୁମ ହେଲା ଯେପରି ବସିଥିବା ଭୂଇଁଟା ମଧ ଚରକିପରି ଘୂରୁଚି । ସେ ଅସ୍ଥିର ହୋଇପଡିଲା । ଶୁଣି ଦେଖିଲା ତାର ଜଗୁଆଳ ପିଆଦାଟି ଅଦୂରରେ ବସି ଘୁମାଉଚି । ସେ ତାର ସମସ୍ତ ଶକ୍ତି ପୁଞ୍ଜୀଭୂତକରି ପ୍ରାଣର ସମସ୍ତ ଦୃଢ଼ତା ଠୁଳାଇନେଇ ଏକ ଝିଙ୍କାମାରିଲା । ତାର ସ୍ନାୟୁପେଶି ଓ ଚିତ୍ତର ଏକାଗ୍ରତା ଆଗରେ ସାମାନ୍ୟ ଦଉଡ଼ିର ବନ୍ଧନ ତିଷ୍ଠିପାରିଲାନାହିଁ । ପଟ ପଟ ହୋଇ ଛିଣ୍ଡି ଶତଖଣ୍ଡ ହୋଇଗଲା । ଆରାମରେ ଅର୍ଦ୍ଧ ନିଦ୍ରିତ ପିଆଦା ବିସ୍ମୟ ଚମକି ଗଡିପଡିଲା । ପତଙ୍ଗା କାହାରିକୁ ଭ୍ରୂକ୍ଷେପ ନ କରି ଏକ ନିଶ୍ୱାସରେ ଦୌଡ଼ିଲା । ଅମା-ବାସ୍ୟାର ନିବିଡ ଅନ୍ଧକାର ତାକୁ ବାଧାଦେଇ ପାରିଲାନାହିଁ, ମୁହୂର୍ତ୍ତମଧ୍ୟରେ ସେ ଯାଇ ତାର କୁଟୀରର ନିକଟବର୍ତ୍ତୀ ହୋଇଗଲା । ଅମାବାସ୍ୟାର ଜୁଆର ଛଳଛଳ ବେଗରେ ପିଣ୍ଡିତଳ ଧୋଇ ଚାଲିଚି । ଅନ୍ଧାରର ଢେଉଗୁଡାକ ଜକ୍ ଜକ୍ ଦିଶୁଛି । ସେହି ତୀବ୍ର ନଦୀଗର୍ଭକୁ ଅନାଇ ସେତେ-ବେଳେ ସୁନ୍ଦରୀ ବନ ସେହି ପିଣ୍ଡି ଉପରେ ସେହିପରି ଛିଡାହୋଇ ରହିଛି । ବନର ପଛଆଡୁ ଚାରିଜଣ ଲୋକ ଧୀରେ ଧୀରେ ବାହୁବିସ୍ତାର କରି ଧରିବାକୁ ଯାଉଛନ୍ତି, ବାଳିକାଟି କିଛି ଜାଣିପାରିନାହିଁ, ଆଉ ନିମେଷ ମଧ୍ୟରେ ସେମାନେ ବନାର ଅଙ୍ଗ ସ୍ପର୍ଶକରିବେ—ହଠାତ୍ ପଛଆଡୁ କିଏ ସିଂହନାଦରେ କହିଲା “ଖବରଦାର !” ଚାରିଜଣ-ଯାକ ଚମକି ପେଛିପଡିଲେ । ତୀର ବେଗରେ ଜଣେ ପୁରୁଷ ଆସି ବନାର ପଛଆଡୁ ଏପରି ଧକ୍କାଏ ମାରିଲା ଯେ ଅତର୍କିତା ବାଳିକା ନଦୀଗର୍ଭରେ ଚାରିହାତ ଦୂରକୁ ନିକ୍ଷିପ୍ତ ହେଲା । ତାହା ପଛେ ପଛେ ସେହି ବ୍ୟକ୍ତି ପୁଣି ନଦୀଗର୍ଭକୁ ଡେଇଁପଡ଼ିଲା । ଉପର୍ଯ୍ୟୁପରି ଦୁଇଟି ପତନ ଶବ୍ଦ ଝପ୍—ଝପ୍—ତେଣିକି ଆଉ ଶୁଭୁନାହିଁ—ସବୁ ଚୁପ୍ । ଜୁଆରର ଉଜାଣିସ୍ରୋତ ପୂର୍ବବତ୍ କଳକଳ ନାଦରେ ବହିଗଲା । ଲୋକ ଚାରିହେଁ କିଂକର୍ତ୍ତବ୍ୟ-ବିମୂଢ ହୋଇ ଛିଡ଼ାହୋଇ ରହିଲେ । ଭାଇ ଭଉଣୀ ଦୁଇଟି ପ୍ରାଣୀ ଯେଉଁ ଅଜଣା ରାଇଜରୁ ଭାସିଆସିଥିଲେ ସେହି ଅଜଣା ରାଇଜକୁ ଭାସି ଚାଲିଗଲେ ।

*

ସେ ଗାଁଲୋକେ କହନ୍ତି ଆଜିଯାଏଁ ଅମାବାସ୍ୟା ରାତିରେ ସେହିଆଡୁ ମଧୁର ସ୍ୱରେ, ଆଉ ବେଳେ ବେଳେ ଝପଝପ୍ ଶବ୍ଦ ହୁଏ ।

Digitized by srujanika@gmail.com



## ଜିଜ୍ଞାସା

—୧୭—

"ମଣ୍ଡର ତାଳ ଉତ୍ପତ୍ତି କାହିଁକି ? ଉପ୍ତତ୍ତି ଯିବାର କୌଣସି ଭଲ ଔଷଧ ଅଛି କି ? ଯଦି ଥାଏ ତାହା ଦେଲେ ତାହା କ'ଣ ଓ ତାହାର ଠିକଣା କେଉଁଠି ? ଏଥିକି କେହି ଅନୁଗ୍ରହ କରି ପ୍ରକାଶ କରି ପାରିବେ କି ?"

**ଜଣେ ପଲ୍ଲୀ ରମଣୀ**

—୧୮—

ତାଳ

ତାଳମାନଙ୍କର, ବିଶେଷତଃ ସମମାତ୍ରିକ ତାଳମାନଙ୍କର, ପାର୍ଥକ୍ୟ କେଉଁଠାରେ ଓ ତାହା କିପରି ବୁଝାଯାଏ ? ଯୁଗ୍ମମାତ୍ରା ବା ଯୁଗ୍ମମାତ୍ରା ଅଂଶ ବିଶିଷ୍ଟ ଅନେକପ୍ରକାର ତାଳ ଅଛି—ଯଥା, କାହାରୁ ବା, ରୂପକ୍, ଠୁଂରୀ, କାଓ୍ୱାଲି, ତିମା ତେତାଲା, ମଧ୍ୟମାନ ଇତ୍ୟାଦି । ସେମାନଙ୍କର ପ୍ରତ୍ୟେକଙ୍କର ବିଶିଷ୍ଟ ବିଶିଷ୍ଟ ଗତି କ'ଣ ? ସେହିପରି ଅୟୁଗ୍ମମାତ୍ରା ବା ଭିନ୍ନମାତ୍ରା ଅଂଶ ବିଶିଷ୍ଟ ଯେପରି ଦାଦରା ଖେମଟା, ଏକତାଲ, ଏମାନଙ୍କର ଅକୃତ ଓ ପ୍ରକୃତ (ଛନ୍ଦଃ ଓ ପ୍ରଧ୍ୱନି—accent) ଗତି ପାର୍ଥକ୍ୟ କେଉଁଠି ? ଏ ବିଷୟରେ କେହି ଆଲୋଚନା କରିବେ କି ? ଓ ଏ ପ୍ରସଙ୍ଗରେ କୌଣସି ଭଲ ପୁସ୍ତକର ନାମ ବା ତା'ର ଠିକଣା ଜଣାଇ ପାରିବେ କି ?

"Metronome."

—୧୯—

ବନ୍ଧୁକ ସମ୍ବନ୍ଧରେ ବ୍ୟବହୃତ Bore" କଥାଟିର ଅର୍ଥ କ'ଣ ? ୧୦ ବୋର୍ ବା ୧୨ ବୋର କହିଲେ ସାଧାରଣତଃ ସେଥିରୁ ବନ୍ଧୁକ ନଳର ଛିଦ୍ର ମାପ ବୁଝାଏ । କିନ୍ତୁ ଏହି 'ବୋର୍' ଗୋଟିକର ପରିମାଣ କେତେ ? ରାଇଫଲ୍ 'ବୋର୍'ର ପରିମାଣ କ'ଣ ଓ ତାହା କିପରି ଠିକ୍ କରାଯାଏ

**ଗୋଲୋକନାଥ**

—୨୦—

ଜୀବନରେ ଯେଉଁମାନେ ଗୋଟିଏ ମାତ୍ର ସନ୍ତାନ ପ୍ରସବ କରନ୍ତି ତାଙ୍କୁ "କାକବନ୍ଧ୍ୟା" ବୋଲାଯାଏ, କିନ୍ତୁ କାକପକ୍ଷୀ ତା'ର ଜୀବନ କାଳରେ ଅନେକାଧିକ ବାର ଶାବକ ପ୍ରସବ କରେ ପ୍ରଥମରେ ସମ୍ଭବତଃ ଏକଠାରୁ ବେଶୀ ସଂଖ୍ୟକ ଡିମ୍ବ ମଧ୍ୟ ଦିଏ । ତେବେ ଏକ ସନ୍ତାନବତୀ ସ୍ତ୍ରୀମାନଙ୍କୁ କାକବନ୍ଧ୍ୟା ବୋଲିବା ତାତ୍ପର୍ଯ୍ୟ କ'ଣ ?

**ଶ୍ରୀ ନିରଞ୍ଜନ ଦାସ ।**

—୨୧—

କଟକର ୭୨ ମଣ୍ଡଳ ସଙ୍କୀର୍ତ୍ତନ ସମ୍ପ୍ରଦାୟମାନେ ଅନ୍ତ୍ୟଜ ଜାତିମାନଙ୍କୁ କାହିଁକି ଗୋଷ୍ଠୀଭୁକ୍ତ ନକରନ୍ତି ? ଗୌଡ଼ୀୟ ଧର୍ମର ଅନ୍ୟାନ୍ୟ ସମ୍ପ୍ରଦାୟରେ ତ ଏପରି ଜାତି ବିଗ୍ରହ ନାହିଁ ।

**ଶ୍ରୀ ରାଜୀବବନ୍ଧୁ ବେହେରା**

—୨୨—

ଗୋଟାଏ କିମ୍ବଦନ୍ତୀ ଅଛି, ନଡ଼ିଆର ଆଖି ଅଛି ବୋଲି ସେ କାହାଉପରେ ପଡ଼େନାହିଁ । ଏହା ସତ୍ୟ କି ? ଯଦି ହୋଇଥାଏ ଏହାର କୌଣସି ବୈଜ୍ଞାନିକ କାରଣ ଅଛି କି ?

**ଶ୍ରୀ ରାଧାମୋହନ ଶାସ୍ତ୍ରୀ**

Digitized by srujanika@gmail.com

—୯—

ସୂର୍ଯ୍ୟଙ୍କ ଆଡ଼କୁ ଚାହିଁଲେ ଆଖି ଆଗରେ କଳାରଙ୍ଗ ଦାଗ କାହିଁକି? ଆଖି ଭିତରେ ଏପରି ଗୋଟିଏ ଜୈବପଦାର୍ଥ ( Organic fluid ) ଅଛି ଯାହା ଚକ୍ଷୁର Lense ମାନଙ୍କୁ ଦୃଷ୍ଟିକ୍ଷମ କରାଏ । ଏହି ତରଳ ବସ୍ତୁଟି ଦେହ ଭିତରେ ଆବଶ୍ୟକ ପରିମାଣରେ ଉତ୍ପନ୍ନ ହୋଇଥାଏ । ସୂର୍ଯ୍ୟଙ୍କ ଆଡ଼କୁ କିଛିକ୍ଷଣ ଚାହିଁଲେ ସେହି ପ୍ରଚଣ୍ଡ ଆଲୋକଦ୍ୱାରା ଚକ୍ଷୁ ଲେନ୍‌ସର ସେହି ଅଂଶରୁ ଉକ୍ତ ତରଳ ପଦାର୍ଥଟି ହଠାତ୍ ସରିଯାଏ । ଫଳତଃ ସେ ଅଂଶଟି କିଛିକାଳପାଇଁ ଅନ୍ଧହୋଇ ରହେ । ପୁନଶ୍ଚ ସେ ସ୍ଥାନରେ ତରଳ ବସ୍ତୁଟିର କ୍ଷରଣ ନୋହିବାଯାଏ ଚକ୍ଷୁର ସେହି ଅଂଶ ଆଗରେ ଥିବା ସବୁ ବସ୍ତୁ ଅଦୃଶ୍ୟ ବା କଳା ହୋଇ ଦିଶେ ।

—୧୦—

ନୀଳଗଛ ଉତ୍କଳ ଜଳବାୟୁପକ୍ଷେ ଉପଯୋଗୀ କି ନା ଏବଂ ତାର ଚାଷ ପ୍ରଣାଳୀ ଓ ମଞ୍ଜିମିଳିବାର ଠିକଣା କଣ—ବିଦେଶୀ Anilene dieର ପ୍ରାଦୁର୍ଭାବରୁ ନୀଳଗଛ ଏକପ୍ରକାର ଲୋପ ପାଇଥିଲେ ସୁଦ୍ଧା ଉତ୍କଳରେ ତାହା ଯେ ବହୁକାଳ ପୂର୍ବେ ଉତ୍ପନ୍ନ ହେଉଥିଲା ଏ ପ୍ରମାଣ ଅପ୍ରଚୁର ନୁହେଁ ।

ନଦୀପଠା ଓ ଅନତି ଉନ୍ନତ ଦୋରସା ବଳକାନ୍ କ୍ଷେତ୍ରରେ ନୀଳ ଗଛ ଭଲ ଜନ୍ମେ । ଜ୍ୟେଷ୍ଠ ଆଷାଢ଼ ମାସରେ ଏହାର ବୀଜ ବୁଣାଯାଏ । କେହି କେହି ପୁଣି ଭାଦ୍ରଠାରୁ କାର୍ତ୍ତିକ ମଧ୍ୟରେ ଏହାର ଚାଷ କରନ୍ତି । ନଳିତା ବା ଧଣ୍ଡିଆ ଚାଷ ପ୍ରଣାଳୀ ସଙ୍ଗେ ଏହାର ଯଥେଷ୍ଟ ସୌସାଦୃଶ୍ୟ ଅଛି । ଗଛ ବଡ଼ ହୋଇ ଫୁଲ ଧରିବା ସମୟ ପର୍ଯ୍ୟନ୍ତ ୧୫ ଦିନରେ ଥରେ ଲେଖାଏଁ ପାଣି ଦେବ । ଓ ଘାସ ବାଛିବା ଛଡ଼ା ଏହାର ବିଶେଷ କିଛି ପରିଚର୍ଯ୍ୟା ନାହିଁ । ପାଚିଲା ହୋଇଗଲେ ତାହାକୁ କାଟିନେଇ ବଡ଼ ବଡ଼ କୁଣ୍ଡରେ ପାଣିପୂରାଇ ପଚାଯାଏ ଓ ତହିଁରୁ ନୀଳ ବାହାର କରାହୁଏ ।

ପୁସା ଓ ସାବୁର କୃଷି-କଲେଜମାନଙ୍କରେ ଏହାର ମଞ୍ଜି ମିଳେ । ନ ମିଳିଲେ ମଧ୍ୟ କର୍ତ୍ତୃପକ୍ଷଗଣ ତାହା ମଗାଇ ଦିଅନ୍ତି ।

—୧୧—

ବ୍ୟାଘ୍ରାଦିମାନେ କାହିଁକି ଅନ୍ଧକାରରେ ଦେଖିପାରନ୍ତି । ଜୀବ ସୃଷ୍ଟି ଭିତରେ ମନୁଷ୍ୟର ଆଖି ପ୍ରଥମ ଶ୍ରେଣୀର କୁହାଯାଇ ନପାରେ, କାରଣ—ମନୁଷ୍ୟର ଆଖି ଆଗରେ ଯାହା ଅନ୍ଧକାର, ବ୍ୟାଘ୍ର ବା ମାର୍ଜାର ଜାତୀୟ ପ୍ରାଣୀମାନଙ୍କର ଦେଖିପାରିବା ପାଇଁ ତା ଭିତରେ ଯଥେଷ୍ଟ ଆଲୋକ ଥାଏ । ତେଣୁ ଆମ ଆଖି ପକ୍ଷରେ ଯେଉଁ ଅନ୍ଧକାର ଭିତରୁ ଆଲୋକର ସତ୍ତା ଉପଲବ୍ଧ କରିହୁଏନାହିଁ ସେମାନଙ୍କ ଆଖିରେ ତାହା ସହଜରେ ଧରାପଡେ ଓ ତାହାର ସାହାଯ୍ୟରେ ସେମାନେ ଅନାୟାସରେ ଅନ୍ଧକାର ଭିତରେ ଗତାଗତ ହୋଇପାରନ୍ତି ।

—୧୨—

## ଜୟଦେବଙ୍କ ଜନ୍ମସ୍ଥାନ ।

ପୁରୀଜିଲ୍ଲାର ବାଲିପାଟଣା ଥାନା ଅନ୍ତର୍ଗତ ପ୍ରାୟ କୋଠଦେଶ ପ୍ରଖ୍ୟାତ କୁନ୍ଦ୍ରପୁର ଶାସନ ନିକଟବର୍ତ୍ତୀ ଏବଂ ପ୍ରାଚୀ ( ପୁରାତନ ନାମ ଗଙ୍ଗା ) ନଦୀ ତଟବର୍ତ୍ତୀ ବର୍ତ୍ତମାନ ମୌଃ ଦେଉଳୀ ସାମୀପ କେନ୍ଦୁଲୀ ଶାସନ ଗ୍ରାମରେ, ଓଡ଼ିଶାର ଗଙ୍ଗା ବଂଶୀୟ ନରପତି ମହାରାଜା ଦ୍ରୁତପରୁଦ୍ର ଦେବଙ୍କ ସମୟରେ ଶ୍ରୀକବି ଜୟଦେବ ଜନ୍ମଗ୍ରହଣ କରିଥିଲେ ।

ଏ ଜଣେ ବିଶୁଦ୍ଧ ଓଡ଼ିଆ ବ୍ରାହ୍ମଣଥିଲେ ତାଙ୍କର ବର୍ତ୍ତମାନ ଘରଦ୍ୱାର ଏବଂ ସେଠାକାର ସେହି ସମୟର ପ୍ରାଚୀନପୁଷ୍କରିଣୀ ବନ୍ଧସବୁ ବିଦ୍ୟମାନ ରହିଅଛି । ବର୍ତ୍ତମାନ ଅଶିକ୍ଷିତ ଲୋକେ ତାଙ୍କୁ ଜୟଦେବ କବି ଯେ କି ଗୀତଗୋବିନ୍ଦ ରଚନା କରିଥିଲେ ବୋଲି କହନ୍ତି, ସେ ପ୍ରତିଦିନ ପ୍ରାଚୀ ( ଅନ୍ୟତମ ନାମ ଗଙ୍ଗା ) ରେ ସ୍ନାନ କରୁଥିବାର କହନ୍ତି ।

ଶ୍ରୀ ଯଦୁମଣି ପାବ—କଟକ

—୧୩—

ଶୀତଦିନେ କାଠ ଅପେକ୍ଷା ଧାତୁ ପଦାର୍ଥ କାହିଁକି ଅଧିକ ଶୀତଳ ଲାଗେ ପୃଥିବୀରେ ପ୍ରତ୍ୟେକ ଜଡ଼ ବସ୍ତୁ ଭିତରେ "ପରିଚାଳକ" ଗୁଣ Coductivity ର ତାରତମ୍ୟ ଅଛି । ଯେଉଁ ପଦାର୍ଥ ଯେତେ ଶୀଘ୍ର ତଦନ୍ତର୍ଗତ ଶୈତ୍ୟ ବା ଉତ୍ତାପ ଅନ୍ୟବସ୍ତୁ ମଧ୍ୟକୁ ପରିଚାଳିତ କରେ ସେ ସେତେ ବେଶୀ ପରିଚାଳକ ଗୁଣସମ୍ପନ୍ନ ବୋଲି ବୁଝିବାକୁ ହେବ । କାଠ ଅପେକ୍ଷା ଧାତୁ ଦ୍ରବ୍ୟରେ ଏଗୁଣ ଅତ୍ୟଧିକ ପରିମାଣରେ ବିଦ୍ୟମାନ, ତେଣୁ ଶୀତକାଳରେ ଛୁଇଁବା ମାତ୍ରେ କାଠଅପେକ୍ଷା ଧାତୁଦ୍ରବ୍ୟ ଓ ତଦନ୍ତର୍ଗତ ଶୈତ୍ୟ ଅତ୍ୟଧିକ କ୍ଷିପ୍ରତା ସହକାରେ ହସ୍ତକୁ ପରିଚାଳିତ କରିଥାଏ । କିନ୍ତୁ କାଠ ସେ ଶୈତ୍ୟକୁ ଅତି ଧୀରେ ଧୀରେ ପରିଚାଳିତ କରେ । ଏହି କାରଣରୁ ଶୀତକାଳରେ କାଠ ଅପେକ୍ଷା ଧାତୁଦ୍ରବ୍ୟ ହାତକୁ ଅଧିକ ଶୀତଳ ବୋଧହୁଏ ।

—୧୪—



Digitized by srujanika@gmail.com

## ଭାରତୀୟ ସଙ୍ଗୀତରେ 'ମିଡ୍' ଓ 'ଗମକ'

'ଗମକ' ମାନେ ସଙ୍ଗୀତର ଶୋଭାବର୍ଦ୍ଧକ ଯେ କୌଣସି ଅଳଂକାର । 'ମିଡ୍' ମଧ୍ୟ 'ଗମକ'ର ଗୋଟିଏ ଅଂଶ । ପାଶ୍ଚାତ୍ୟ ସଙ୍ଗୀତରେ ଗମକ ନାହିଁ କହିବା ଭୁଲ, କାରଣ ଯେ କୌଣସି ଅଲଙ୍କାର ବ୍ୟବହାର ହେଲେହିଁ ଗମକ ହେଲା । ଏକଥା ସତ୍ୟ ଯେ ସେ ସଙ୍ଗୀତ ଆମ ସଙ୍ଗୀତ ପରି ଅଲଙ୍କାରବହୁଳ ନୁହେଁ । କିନ୍ତୁ 'ମିଡ୍' ଜିନିଷଟାର ପାଶ୍ଚାତ୍ୟ ସଙ୍ଗୀତରେ ଆଦୌ ବ୍ୟବହାର ନାହିଁ । ତାହାର ପ୍ରମାଣ ଅଧି-କାଂଶ ବିଶିଷ୍ଟ ଓ ବହୁ ବ୍ୟବହୃତ ପାଶ୍ଚାତ୍ୟ ସଙ୍ଗୀତ ଯନ୍ତ୍ରମାନଙ୍କରେ 'ମିଡ୍' ବାହାରିପାରିବାର ଉପାୟ ପର୍ଯ୍ୟନ୍ତ ନାହିଁ ।

**ଗୋଲୋକ ନାଥ ।**

—୧୪—

ଭାରତରେ ଦିଆସିଲି କୁଟୀର ଶିଳ୍ପ ହିସାବରେ ଲାଭଜନକ ନୁହେଁ କାହିଁକି ?

୧ । ଭାରତରେ ଦିଆସିଲି ଉପଯୋଗୀ ସୁବିଧା କାଠମିଳେନାହିଁ ।

୨ । ଯେଉଁ ସବୁ ଭାରତୀୟ ଦିଆସିଲି କଳରେ କାଠି ଓ ବାକ୍ସର veneers କଟାହୁଏ ସେଥିରେ ଭଲକାଠି ଓ ବାକ୍ସ ତିଆର ହୋଇ ପାରେନାହିଁ ଓ ସେଥିରେ ପ୍ରଚୁର ପରିମାଣରେ କାଠି ଓ ବାକ୍ସ କଟାଯାଇ ପାରେନାହିଁ । ତେଣୁ ଭାରତୀୟ ଦିଆସିଲି କଳହିଁ ଏ ବ୍ୟବସାୟର ପ୍ରଥମ ଓ ପ୍ରଧାନ ଅନ୍ତରାୟ ।

୩ । ଭାରତୀୟ କାଠରେ ଯେଉଁ ସବୁ ଦିଆସିଲି ତିଆର ହୁଏ ତାହା ଦେଖିବାକୁ ସୁନ୍ଦର ହୁଏନାହିଁ, ତେଣୁ ତାହା ଖରିଦ୍‌ଦାର ମାନଙ୍କର ମନ ଆକର୍ଷଣ କରିପାରେ ନାହିଁ ।

୪ । ଦିଆସିଲିର ଉନ୍ନତ ସନ୍ତୋଷଜନକ Formula ରେ ତିଆର ହେଉନଥିବା ହେତୁ ଓ ବର୍ଷାଦିନେ ଓଦା ହୋଇଯିବାରୁ ଭଲରୂପେ ନ ଜଳିବାରୁ ଖରିଦଦାର ଆଗ୍ରହ କରନ୍ତି ନାହିଁ । ତେଣୁ ବିକ୍ରୀର ଅଭାବ ଘଟେ ଓ କ୍ଷତି ହୁଏ ।

ଯଦି ଭଲକଳ ବ୍ୟବହାର କରାଯାଇ ଓ ଭଲ କାରିଗର ରଖି ଦିଆସିଲିର ସର୍ବାଙ୍ଗ ସୁନ୍ଦର ଓ Chemical ଭଲ ଓ Damp proof କରାଯାଏ-ଓ ବ୍ୟବସାୟ କରାଗଲେ ଏହି Industry ଟି ଆରମ୍ଭ କରାଯାଏ ତାହାହେଲେ ଏହା ଲାଭଜନକ ନ ହେବ କାହିଁକି ?

କଟକ ମଙ୍ଗଳାବାଗରେ ଶ୍ରୀଯୁକ୍ତ ବାବୁ ଲୋକନାଥ ଦେ ଗତ ୨।୩ ବର୍ଷ ତଳେ ଏହି ବ୍ୟବସାୟ ଆରମ୍ଭ କରି ଏହା Cottage Industry ଭାବରେ ଏ ପର୍ଯ୍ୟନ୍ତ ଚଳାଇ ରଖିଛନ୍ତି । ତାଙ୍କର ଦିଆସିଲି ଖୁବ୍ ସୁନ୍ଦର ହେଉଅଛି ଓ ଲୋକଙ୍କର ବେଶ ଆଦର ହେଉଅଛି । ତାଙ୍କୁ ଲେଖିଲେ ଏ ବିଷୟରେ ବିଶେଷ ଖବର ପାଇପାରିବେ ।



# ସମାଲୋଚନା—ପଦ୍ଧତି

ଶ୍ରୀ ଶଶିଭୂଷଣ ରାୟ

ଉତ୍କଳ ସାହିତ୍ୟସମାଜର ୨।୩।୧୯୨୨ର ସାଧାରଣ ଅଧିବେଶନରେ ପଠିତ

## ସମାଲୋଚନା କଅଣ ?

ସମ୍—ଆଲୋଚନା=ସମାଲୋଚନା; ନାମରେହିଁ ଉଦ୍ଦେଶ୍ୟ ସୂଚିତ । ପକ୍ଷପାତିତା ଶୂନ୍ୟ ଅନୁଶୀଳନ ଏବଂ ସମାଲୋଚନା ଉଭୟହିଁ ଏକାର୍ଥବାଚକ । ଏ ହିସାବରେ କି ରାଜନୈତିକ କି ଦାର୍ଶନିକ କି ଐତିହାସିକ ଏବଂ କି ବୈଜ୍ଞାନିକ ସମସ୍ତଙ୍କୁ ସମାଲୋଚକ ବୋଲିଯିବ । କିନ୍ତୁ ଉପସ୍ଥିତ କ୍ଷେତ୍ରରେ ଯେଉଁମାନେ ସାହିତ୍ୟର ସମ୍ୟକ୍ ଅନୁଶୀଳନ କରନ୍ତି ସେମାନଙ୍କୁ ଆମ୍ଭେମାନେ ସମାଲୋଚକ ବୋଲି ସ୍ୱୀକାର କରୁଅଛୁଁ ।

ବକ୍ତବ୍ୟ ସହଜ କରିବା ସକାଶେ ସମାଲୋଚନାକୁ ଚାରିଭାଗରେ ବିଭକ୍ତ କରିବାକୁ ହେବ । ଏହି ଚାରିଭାଗର ସମାଲୋଚ୍ୟ :—

(କ) ସାଧାରଣ ସାହିତ୍ୟ ( General literature )

(ଖ) କାବ୍ୟ ( Poetry )

(ଗ) କଥା-ଗ୍ରନ୍ଥ ( Novel )

(ଘ) ଦୃଶ୍ୟ କାବ୍ୟ ( Drama )

ସାଧାରଣ ସାହିତ୍ୟ ସମାଲୋଚନାରେ କାବ୍ୟ, ଦୃଶ୍ୟ-କାବ୍ୟ ଏବଂ କଥାଗ୍ରନ୍ଥର ଅନୁଶୀଳନ ତ ରହିଥାଏ, ଅଧିକ ପରିମାଣରେ ତାହା ଦର୍ଶନ ବିଜ୍ଞାନ, ଇତିହାସ ପ୍ରଭୃତି ବିବିଧ ବିଷୟର ସମାହାର । କିନ୍ତୁ ଏ ବିଭାଗରେ ସମ୍ୟକ୍ ଆଲୋଚନା—ଯହିଁରେ କୌଣସି ସୂକ୍ଷ୍ମାତିସୂକ୍ଷ୍ମ ବିଷୟ ବାଦ୍ ଯାଇ ନ ପାରେ—ତାହା ଦୁର୍ଲ୍ଲଭ । ଏ ବିଭାଗର କାର୍ଯ୍ୟ ମଧ୍ୟ ସହଜସାଧ୍ୟ ।

କାବ୍ୟ, ଦୃଶ୍ୟକାବ୍ୟ ଏବଂ କଥାଗ୍ରନ୍ଥ ଏହି ତିନୋଟିର ସମ୍ୟକ୍ ଆଲୋଚନାରେହିଁ ସମାଲୋଚକର କୃତିତ୍ୱ ସ୍ପଷ୍ଟ ହୋଇଥାଏ ।

### କାବ୍ୟର ଅନୁଶୀଳନ

କାବ୍ୟ ସମାଲୋଚନାର ଉଦ୍ଦେଶ୍ୟ, କବି ଯେଉଁ ଗୀତ ଗାଇଅଛନ୍ତି ତାହାର ଯଥାର୍ଥ ରାଗିଣୀ ଓ ତାଳ ପାଠକମାନଙ୍କୁ ବୁଝାଇଦେବା, ତାହାଙ୍କୁ ପ୍ରଥମରୁ ଜାଣିବାକୁ ହେବ କବିଙ୍କର ପ୍ରକୃତ ବକ୍ତବ୍ୟ କଅଣ ? ସେ କେଉଁ-ରସର ଘଣ୍ଟାଚକଟା କରିଅଛନ୍ତି ? ଅଥବା

Digitized by srujanika@gmail.com

ମାନସୀର କେଉଁ ଧ୍ୟାନରୂପ ମୂର୍ତ୍ତିରେ ଆଲୋଚନା କରିଅଛନ୍ତି ? ସାଧାରଣ ପାଠକ ବୁଝିବାକୁ ଅକ୍ଷମ, ସୁତରାଂ ସମାଲୋଚକ ତାହା ବୁଝାଇଦେବେ, ଅନ୍ତତଃ ବୁଝାଇବାର ଚେଷ୍ଟା କରିବେ । କାର୍ଯ୍ୟଟି କେବଳ ଭଲିବାକୁ ସହଜ, ମାତ୍ର ଏତେ ସହଜ ନୁହେ ।

## କଥାଗ୍ରନ୍ଥର ଅନୁଶୀଳନ

କଥାଗ୍ରନ୍ଥର ଅନୁଶୀଳନ ଅତ୍ୟନ୍ତ କଠିଣ । କାବ୍ୟ,— କବିର ମନର ଦର୍ପଣ । କବି ସର୍ବଦା ଆତ୍ମପ୍ରକାଶ କରିବାକୁ ନିଜର କଥା କହିବାକୁ ଭଲ ପାଆନ୍ତି । କାବ୍ୟ-ରୂପ ମାନସ-ଦର୍ପଣରେ କବିଙ୍କର ଲୁକ୍କାୟିତ ପ୍ରାଣର ଛାୟା ସ୍ୱତଃ ପ୍ରତିବିମ୍ବିତ ହୋଇଥାଏ । ସୁତରାଂ ତାହାକୁ ଧରିବା ସମାଲୋଚକ ପକ୍ଷରେ କଠିଣ ନୁହେ, ମାତ୍ର କଥାଗ୍ରନ୍ଥରେ ତାହା ନୁହେ । ଏଠାରେ ଲେଖକ ନିଜର କଥା କହନ୍ତିନାହିଁ—ତେବେ ପାଠକମାନଙ୍କ ସହିତ କଥାବାର୍ତ୍ତା କହିଥାଆନ୍ତି । କିନ୍ତୁ, ସେ ଆତ୍ମପ୍ରକାଶ କେବଳ ନାୟକ ନାୟିକାମାନଙ୍କ ସଙ୍ଗରେ ପାଠକ ସାଧାରଣଙ୍କର ପରିଚୟ ସାଧନ କରିଦେବା ସକାଶେ ।

ମହାକାବ୍ୟ କିମ୍ବା କଥାଗ୍ରନ୍ଥ ଉଭୟର ଉଦ୍ଦେଶ୍ୟହିଁ ଚରିତ୍ର ସୃଷ୍ଟି, କିନ୍ତୁ ଉଭୟର ଉଦ୍ଦେଶ୍ୟକ୍ଷେତ୍ର ମଧ୍ୟରେ ବିଭେଦର ସୀମାରେଖା ଅବସ୍ଥିତ । ମହାକାବ୍ୟର ଉଦ୍ଦେଶ୍ୟ-ଚରିତ୍ର ସୃଷ୍ଟି ହେଲେହେଁ, ତହିଁରେ କଳ୍ପନାର ତୁଳିକା ଦେଇ ପ୍ରତି ଚରିତ୍ର ଉପରେ କବିମାନେ ଏ ଭଳି ରଙ୍ଗ ବୁଲାଇଦିଅନ୍ତି ଯେ ପୃଥିବୀର ତଥ୍ୟ ପରିଦୃଶ୍ୟମାନ୍ ମାନବ ଚରିତ୍ର ସଙ୍ଗରେ ସେମାନେ ପ୍ରାୟ ମିଶି ନ ଥାନ୍ତି । ଏଥିରେ ଅସ୍ୱାଭାବିକତା ଘଟିଲେହେଁ କବିମାନଙ୍କର ସହସ୍ର ଦୋଷ ମଧ୍ୟ କ୍ଷମଣୀୟ ।

କିନ୍ତୁ କଥାଗ୍ରନ୍ଥର କାରବାର—ଏହି ବିରାଟ ବିଚିତ୍ର ମାନବ ଚରିତ୍ରର ସ୍ୱାଭାବିକ ଭାବାଭିବ୍ୟକ୍ତି ଘେନି କଥାଗ୍ରନ୍ଥର ଚରିତ୍ରରେ ମଧ୍ୟ କଳ୍ପନା ( Fiction ) ଏବଂ ବାସ୍ତବତା ରହିଅଛି । କିନ୍ତୁ ସେଗୁଡ଼ିକର ଉଦ୍ଦେଶ୍ୟ ଏକ । ତାହା, ଜୀବନସଂଗ୍ରାମ ନିୟୁକ୍ତ ମାନବଚରିତ୍ରର ସ୍ୱାଭାବିକ ପରିଣତି ।

ଏହିହେତୁରୁ ଏଠାରେ ସମାଲୋଚକକୁ ମଧ୍ୟ ନର ଚରିତ୍ର ମର୍ମଜ୍ଞ ହେବାକୁ ପଡ଼ିଥାଏ । କିନ୍ତୁ ମହାକାବ୍ୟର କଳ୍ପନାଗଢ଼ା ଚରିତ୍ରର ପରିଣତି କିମ୍ବା ଅପରିଣତି ବିଷୟର ବିଚାରିବାକୁ ବସିଲେ ସେ ପରିମାଣରେ ସୂକ୍ଷ୍ମାନୁଭୂତି ନ ଥିଲେ ମଧ୍ୟ ଚଳେ । କାରଣ କାଳ୍ପନିକ ଜଗତର ସ୍ୱଭାବରେ ସେମାନଙ୍କର ବିଗ୍ରହ ହୋଇଥାଏ ।

ଖଣ୍ଡକାବ୍ୟ କିମ୍ବା ଗୀତିକାବ୍ୟର ଭାବ ଖଣ୍ଡ ଖଣ୍ଡ । ସେଠାରେ ସମାଲୋଚକମାନେ ଅନେକସମୟରେ ଗୁଞ୍ଜା-ଗୁଞ୍ଜି କରିଦେଇ ତ୍ରାଣ ପାଇଯାଆନ୍ତି । କିନ୍ତୁ କଥାଗ୍ରନ୍ଥର ଆଲୋଚନାରେ ଏହା ହେବାର ଉପାୟ ନାହିଁ ।

## ଦୃଶ୍ୟକାବ୍ୟର ଅନୁଶୀଳନ

ଏହା ଛଡ଼ାରୁ ଦୃଶ୍ୟକାବ୍ୟ । ସମାଲୋଚନାର ପରମ ପରିଣତି ଏହିଠାରେ । ମୂଳରୁ କଥାଟିକୁ ଧରିବାକୁ ହେବ । କାବ୍ୟରେ କବିଙ୍କର ଆତ୍ମପ୍ରକାଶ ସମୟସମୟରେ ଘଟିଥାଏ । କଥାଗ୍ରନ୍ଥରେ ତାହା ଅତ୍ୟନ୍ତ କମ୍ । ଆଉ ଦୃଶ୍ୟକାବ୍ୟରେ, ତାହା ଏକାବେଳକେ ନାହିଁ । ସୁତରାଂ ବାହାରରୁ ସମାଲୋଚକ କୌଣସି ସାହାଯ୍ୟ ପାଆନ୍ତିନାହିଁ । ଏ କ୍ଷେତ୍ରରେ ତାହାଙ୍କୁ ସ୍ୱଶକ୍ତି-ନିର୍ଭର ହେବାକୁ ହେବ ।

ଦୃଶ୍ୟକାବ୍ୟର ଅନୁଶୀଳନରେ ଯୋଡ଼ିଏ ବିଷୟ ଦ୍ରଷ୍ଟବ୍ୟ :—

(କ) ଚରିତ୍ର ( Character )

(ଖ) ମନୋବୃତ୍ତି ( Passion )

ଚରିତ୍ର ବିଶ୍ଳେଷଣ କଠିଣ,—ମାତ୍ର ସେହିସଙ୍ଗରେ ମନୋବୃତ୍ତିର ସ୍ତରୁପାଖ୍ୟାନ ଅତ୍ୟନ୍ତ କଠିଣ । ଦୃଶ୍ୟ-କାବ୍ୟର ପ୍ରତି ଭୂମିକାର ପ୍ରତି କଥା ହୃଦୟଙ୍ଗମ କରି ତାହାର ନାଟକୀୟ କ୍ରିୟା ( Dramatic action ) କାର୍ଯ୍ୟ କାରଣ ସମ୍ବନ୍ଧ ଏବଂ ସେମାନଙ୍କର କେନ୍ଦ୍ରାକ-ର୍ଷଣ ( Centripetal force ) ଯଥାର୍ଥ ଭାବରେ ଅନୁଭବ ନକରି ପାରିଲେ ସମାଲୋଚକର ସମସ୍ତ ଶକ୍ତି ନିଷ୍ଫଳ ହେବ ! କଥାଗ୍ରନ୍ଥର ଚରିତ୍ରରେ ମଧ୍ୟ ମନୋବୃତ୍ତିର ବୈଚିତ୍ର୍ୟ ରହିଥାଏ, କିନ୍ତୁ ସେଠାରେ ସ୍ୱୟଂ ଗ୍ରନ୍ଥକାରହିଁ ବିଶ୍ଳେଷକ । ଆଖ୍ୟାନ ବସ୍ତୁର ଅବ-

Digitized by srujanika@gmail.com

କାଶରେ, ଯେ ନିଜର ସୃଷ୍ଟ ନାୟକ ନାୟିକାମାନଙ୍କ କୃତ କାର୍ଯ୍ୟର ଗୋଟିଏ କାରଣୋତ୍ତର ଦିଅନ୍ତି । ଏଥିରେ ଚରିତ୍ର ଏବଂ ମନୋବୃତ୍ତିର ଜଟିଳତା ଦୂର ହୋଇ-ଥାଏ ।

କାବ୍ୟ କିମ୍ବା କଥାଗ୍ରନ୍ଥର ଚରିତ୍ରେ ମାନବ-ହୃଦୟର ପ୍ରତିଚ୍ଛବି ଯେତେ ନ ପଡ଼େ,—ଦୃଶ୍ୟକାବ୍ୟରେ ତତୋଧିକ ଦେଖିଥାଉଁ । କାରଣ, କାବ୍ୟ ଅବା କଥା-ଗ୍ରନ୍ଥରେ ଚରିତ୍ର ମୂର୍ତ୍ତି ଅଶରୀରିଣୀ ଏବଂ ଦୃଶ୍ୟକାବ୍ୟରେ ଅଭିନୟ କାଳରେ ତାହା ଶରୀରିଣୀ । ସୁତରାଂ ଏକରେ ଯାହା ମୌନବ୍ରତ ଅପରରେ ତାହା କଥନଶୀଳ । ଅତ-ଏବ ଦୃଶ୍ୟକାବ୍ୟର କ୍ଷେତ୍ର ଅଧିକ ବିସ୍ତୃତ । ଏହି ହେତୁରୁ ସମାଲୋଚକର କାର୍ଯ୍ୟକେନ୍ଦ୍ର ମଧ୍ୟ ଗୁରୁତର । ନାଟ୍ୟ-କୀୟ ସମାଲୋଚକ-ବିଜ୍ଞାନର କ୍ରମପ୍ରକାଶର ତିନୋଟି ସ୍ତର ରହିଅଛି ।

ପ୍ରଥମ—ଆଲୋଚ୍ୟ ବିଷୟ ପ୍ରତି ଆପାତ ଦୃଷ୍ଟି ।

ଦ୍ୱିତୀୟ—ନିଜର ବକ୍ତବ୍ୟସମୂହ ବହୁଭାଗରେ ବିଯୁକ୍ତକରି ମୂଳ ପ୍ରତିପାଦ୍ୟସମୂହ କ୍ରମାନ୍ୱୟରେ ପ୍ରଦର୍ଶନ ।

ତୃତୀୟ—ବିଜ୍ଞାନ ଧାରାମତରେ (Systematic) ନିଜର ତାବତ୍ ବକ୍ତବ୍ୟ ଏକାବେଳକେ ଶୃଙ୍ଖଳମଧ୍ୟଗତ କରି ସମସ୍ତଙ୍କର ସଂଶୟ ନିରସ ଏବଂ ଆଗ୍ରହ-ନିବାରଣ କରିବା ( Moulton's Sakespeare,page 318 Survey of Dramatic criticism )

### ଆଧୁନିକ ସମାଲୋଚନାର ପ୍ରକୃତି

ଆମ୍ଭମାନଙ୍କ ସାହିତ୍ୟର ଆଧୁନିକ ସମାଲୋଚନାରେ ପ୍ରଧାନତଃ ଉଭୟରୂପ ମତାମତ ଦୃଷ୍ଟ ହୁଏ । ସମାଲୋଚକ କୌଣସି ପୁସ୍ତକ ହସ୍ତଗତ ହେବା ମାତ୍ରେ କହନ୍ତି "ଭଲ" ନତୁବା "ମନ୍ଦ" । ଲେଖକ ହୁଏ ସ୍ୱର୍ଗକୁ ଉଠନ୍ତି, ନତୁବା ରସାତଳକୁ ଖସନ୍ତି । କିନ୍ତୁ ଏତେ ସଂକ୍ଷେପରେ ମଧ୍ୟ ମତ ପ୍ରକାଶକର ସମାଲୋଚକ କଦାଚିତ୍ ନୁହନ୍ତି । ପ୍ରତି ପୃଷ୍ଠା ଓଲଟାଇ ସେମାନେ ପ୍ରତିପନ୍ନ କରିଥାଆନ୍ତି ଯେ ଲେଖକ "ଆଉଟିକିଏ ଅଗ୍ରସର ହୋଇଥିଲେ କାଳିଦାସ ସ୍ୱରୂପ ହୋଇଥାଆନ୍ତେ" ଅଥବା "ଦସ୍ୟୁ ରତ୍ନାକର" ଭଳି । ଉଭୟ ଆଡ଼ରେ ଅତିବାଦର ପ୍ରଭାବ ।

ଅନ୍ୟ ଏକ ପ୍ରକାର ସମାଲୋଚକ ଅଛନ୍ତି ସେମାନେ ମଧ୍ୟ-ପଥାବଲମ୍ବୀ । ସେମାନେ ପ୍ରଶଂସା କରନ୍ତି ଏବଂ ନିନ୍ଦା ମଧ୍ୟ କରିଥାଆନ୍ତି । ସମସ୍ତେ ଭାଳନ୍ତି ସେ ନିର-ପେକ୍ଷ ସମାଲୋଚକ ।

ଅପର ସମାଲୋଚକ ବାଚନିକ ସମାଲୋଚକ ପଦବାଚ୍ୟ ( Verbal critic ) ଏମାନେ କୌଣସି ପଦରୁ ଗୋଟିଏ ଶବ୍ଦ କିମ୍ବା ଖଣ୍ଡିଏ ପୁସ୍ତକରୁ ଗୋଟିଏ ପଦ ଦେଖି କହିଦିଅନ୍ତି ବହିଖଣ୍ଡିକ କିଛିନୁହେଁ ।

ମାସିକ ସାହିତ୍ୟରେ ଯେଉଁ ସଂକ୍ଷିପ୍ତ ସମାଲୋଚନା ରହିଥାଏ ତାହାକୁ "ଧୀମନ୍ତ ବିଭାବନା" ( Intelligent appreciation ) କହିବାହିଁ ସଙ୍ଗତ । ଇଂଲଣ୍ଡୀୟ ପତ୍ରିକା ସମୂହରେ ଏହା ସୁଲଭ ହେଲେହେଁ ବଙ୍ଗୀୟ ପତ୍ରିକାସମୂହରେ ଏହା ନିତାନ୍ତ ସୁଲଭ ନୁହେଁ । ଖଣ୍ଡିଏ ଖଣ୍ଡିଏ ବଙ୍ଗୀୟ ପତ୍ରିକାରେ ଦେଖିଅଛୁ ଅଜସ୍ର ବୃଷ୍ଟ ବ୍ୟଙ୍ଗ—ବିଦ୍ରୂପହିଁ ସମାଲୋଚନାର ସ୍ଥାନ ଅଧିକାର କରି ରହିଅଛି । ମାତ୍ର ସେମାନଙ୍କର ବୁଝିବା ଉଚିତ ସାହିତ୍ୟସେବୀଗଣ ଭଦ୍ର ସନ୍ତାନ । କାହାର ମଧ୍ୟରେ ହୁଏତ ପ୍ରତିଭା ନାହିଁ; ମାତ୍ର ଏ କଥା ଭଲ ଭାବରେ ବୁଝାଇ ଦେଲେ କଅଣ ଚଳନ୍ତା ନାହିଁ ? ନ ବୁଝାଇ ଦେଲେ ମଧ୍ୟ ସାହିତ୍ୟର ରହସିକ୍ତ କି ଖାଲି ହୋଇ ପଡ଼ିବନାହିଁ କାରଣ Mathew Arnold ଙ୍କର "Essay on Criticism ରେ ଦେଖିଅଛୁ Wordsworth କହିଅଛନ୍ତି A stupid Invention either in prose or verse is quite harmless" ମାତ୍ର ଏଥିରେ ଅବଶ୍ୟ ସମସ୍ତେ ଏକମତ ହୋଇ ପାରିବେନାହିଁ । କିନ୍ତୁ ତାହା ବୋଲି ଜଣେ ଭଦ୍ର ସନ୍ତାନଙ୍କୁ ଦଶଜଣଙ୍କ ସମ୍ମୁଖରେ ସ୍ୱୈରଠାରୁ ଅଧିକ ଅପମାନ କରିବା ଏବଂ ନୀଚ ଭଳି ତାହାଙ୍କୁ ଗାଳିଦେବା ଉଚିତ କି ? ସାହିତ୍ୟ-ସୁନ୍ଦର ଏବଂ ଏହି ସୌନ୍ଦର୍ଯ୍ୟରୁ ସର୍ବଦା ସୁରୁଚିର ଉଦ୍ଭବ ହୋଇଥାଏ । ସମୟ ବିଶେଷରେ ତୀବ୍ର ସମାଲୋଚନା ଔଷଧ ଭଳି ଉପକାରିଣୀ ଏହା ସ୍ୱୀକାର କରିବାକୁ ସମସ୍ତେ ବାଧ୍ୟ । କିନ୍ତୁ ଗାଳିଦେଲେ ସମାଲୋଚନା ଭଲ ହେବଟିକି ? ଯେ ଗାଳି ଦିଅନ୍ତି ସେ ସାହିତ୍ୟର ସୁରୁଚିକୁ ପଦଦଳିତ କରିଥାଆନ୍ତି ଏବଂ ଏହି ହେତୁରୁ ସେ ପାପାର୍ଜନ କରି

Digitized by srujanika@gmail.com

ଥାଆନ୍ତି ସିନା ? ଅଉ ଏକ ଶ୍ରେଣୀର ସମାଲୋଚକ ଅଛନ୍ତି ସେମାନେ ଲେଖକଙ୍କର ବନ୍ଧୁ । "ଅତଭକ୍ତି" ସେମାନଙ୍କ ସମାଲୋଚନାରେ ପ୍ରବୃତ୍ତ କରଥାଏ । ଏମାନେ ଲେଖକଙ୍କ ନାମରେ ଉଣ୍ଡିମ ବାଦ୍ୟରେ ଅଭ୍ୟସ୍ତ, ମାତ୍ର ବାଦ୍ୟ ସ୍ଥିର ହୋଇଗଲେ ସମସ୍ତେ ଲେଖକଙ୍କୁ ପାଶୋରି ପକାନ୍ତି ।

କୌଣସି୨ ସମାଲୋଚନାରେ ଦଳଗତ ଅକ୍ଷେପ ଏବଂ ଅନ୍ବେଷଣ ବେଶି ମାତ୍ରାରେ ରହିଥାଏ । ସାହିତ୍ୟର ଛାମୁଣ୍ଡିଅରେ ଦଳଗତ ଆଖଡ଼ା ବସିବା ସଙ୍ଗତ ଠିକ ? ଏମାନଙ୍କୁ ଲକ୍ଷ କରି କୌଣସି ଇଂରାଜୀ ଲେଖକ କହି ଅଛନ୍ତି "Unhappy those, who hunt and purvey for a party, and scrape together out of every auther all those things and those only which favour their own tenets while they despise and neglect all the rest" [ The Improvement of the mind, page 51 ]

କୌଣସି୨ ସମାଲୋଚକ ଲେଖକମାନଙ୍କର ବକ୍ତବ୍ୟ ପ୍ରତି ଲକ୍ଷ ନ ରଖି ସେମାନଙ୍କର ବ୍ୟାକରଣ ପ୍ରମାଦ ପ୍ରତି ଖର ଦୃଷ୍ଟି ଦେଇଥାଆନ୍ତି । କେତେ ଗୋଟା ବ୍ୟାକରଣ ଭ୍ରମ ଦେଖିଲାକ୍ଷଣି ସେମାନେ କୌଣସି ସୁଚନ୍ତିତ ପ୍ରବନ୍ଧକୁ ଅଳିଆ ଗଦାରେ ପକାଇ ଦେବାକୁ ଉପଦେଶ ଦେଇ ଥାଆନ୍ତି । ଏମାନେ ପ୍ରକୃତସମାଲୋଚକ ନୁହନ୍ତି । କେବଳ ପାଣିନ କାଖରେ ଗୁଞ୍ଜି ଦିଗ୍ବିଜୟ କଲେ ସଙ୍ଗତ ହେବ କି ?

### ସମାଲୋଚନାର ଅଦର୍ଶ

ସମାଲୋଚନା ନୋହିଲେ କୌଣସି ସାହିତ୍ୟ ଉନ୍ନତ ହୋଇ ନ ପାରେ । ଶାରୀର ବିଜ୍ଞାନ ( Anatomy ) ଯେପରି ଚିକିତ୍ସା ବିଦ୍ୟାର ସାହାଯ୍ୟ କରଥାଏ, ସମାଲୋଚନା ସେହିଭଳି ସାହିତ୍ୟର ସାହାଯ୍ୟକାରଣୀ । ନିଜ ନିଜ କ୍ଷେତ୍ରରେ ଶାରୀର ବିଜ୍ଞାନ ଏବଂ ସମାଲୋଚନା ଉଭୟରହିଁ ଏକ କାର୍ଯ୍ୟ । ଏ ଯୁଗରେ ସମାଲୋଚନା ବ୍ୟତୀତ କୌଣସି ସାହିତ୍ୟ ଛିଡ଼ା ହୋଇ ନ ପାରେ । ସାହିତ୍ୟ ପ୍ରକୃତ ସୃଷ୍ଟ, ଅବା ସ୍ୱୟଂ ସୃଷ୍ଟ ନୁହେ, ତାହା ମାନବ ସୃଷ୍ଟ । ସୁତରାଂ ଅପୂର୍ଣ୍ଣତାର ଆଧାର । ସମାଲୋଚନା ସେହି ଅପୂର୍ଣ୍ଣତାକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରଥାଏ ଏବଂ ତାହାର ଲୁପ୍ତ ଅଙ୍ଗକୁ ସୁସ୍ପଷ୍ଟ କରେ ଓ ବିଶୃଙ୍ଖଳାକୁ ଶୃଙ୍ଖଳିତ କରିଦିଏ ।

ରଚନାର ଯାହା ପ୍ରାଣ ପଦାର୍ଥ, ସମାଲୋଚକ ତାହା ଦେଖାଇ ଦେଇଥିବେ । ବହୁଦର୍ଶିତା ଫଳରୁ ସମାଲୋଚନାର ଅଦର୍ଶ ପ୍ରତିଯୁଗରେ ବଦଳି ଯାଉଅଛି, ଏବଂ ସେହି ପରିବର୍ତ୍ତନ ଯେଉଁ ପ୍ରତୀଚ୍ୟରେ ବର୍ତ୍ତମାନ ଅଲୋଚନା ଚାଲିଅଛି । ଏହି ଆନ୍ଦୋଳନରେ ଆମ୍ଭେମାନେ ନିମ୍ନପ୍ରକାରରେ ବୁଝିବାକୁ ସମର୍ଥ ହୋଇଥାଉଁ ।

ସମାଲୋଚନା ଦୁଇ ପ୍ରକାର—

( ୧ ) ବିଗ୍ଭର ପଦ୍ଧତି (Judicial criticism)

( ୨ ) ଅନ୍ବେଷଣ ପଦ୍ଧତି (Inductive criticism)

ସମାଲୋଚକର ଦୁଇ ମୂର୍ତ୍ତି—

ପ୍ରଥମ ଶ୍ରେଣୀର ସମାଲୋଚକ କୌଣସି ପୁସ୍ତକ ହସ୍ତଗତ ହେଲେ ଅନୁସନ୍ଧାନ କରିବେ ପୁସ୍ତକ ଖଣ୍ଡିକ କିରୂପ ହେବାର ଆବଶ୍ୟକ । ଦ୍ୱିତୀୟ ଶ୍ରେଣୀର ସମାଲୋଚକ ଦେଖନ୍ତି ପୁସ୍ତକ ଖଣ୍ଡିକ କିପରି ହୋଇଅଛି ? ପ୍ରଥମ ଦେଖିବେ ଲେଖକ ପ୍ରଚଳିତ ବିଧି ଓଲଟାଇ ଦେଇ ଅଛନ୍ତି କି ନାହିଁ, ଦ୍ୱିତୀୟ ଦେଖିବେ ସାହିତ୍ୟ ପୁଷ୍ପୋଦ୍ୟାନରୁ କିଛି ନୂତନ ପୁଷ୍ପ ଆହରିତ ହେଲା କି ? ପ୍ରଥମ — ବିଗ୍ଭରକ, ଦ୍ୱିତୀୟ ତଥ୍ୟ ସନ୍ଧାନୀ । Investigator

ରାଧାନାଥ ମହାଯାତ୍ରା ରଚନା କଲେ । ପ୍ରଥମ ସମାଲୋଚକ କହିଲେ ରାଧାନାଥ ଉତ୍କଳକାବ୍ୟର ସୁଗଠନ ରୂପ ନଷ୍ଟ କରିଅଛନ୍ତି । ଏହି ନଷ୍ଟ ଶବ୍ଦରେହିଁ ଦ୍ୱିତୀୟର ଆପତ୍ତି । ସେ କହିବେ, "ନାହିଁ, ରାଧାନାଥ ଉତ୍କଳକାବ୍ୟରେ ଗୋଟିଏ ନବଯୁଗର ପ୍ରବର୍ତ୍ତନ କରିଅଛନ୍ତି ।

ପ୍ରଥମ କହିବେ—ମହାଯାତ୍ରାର ଛନ୍ଦ ସମସ୍ତ ଭୁଲ, ତହିଁରେ କୌଣସି ମେଳନାହିଁ । ଦ୍ୱିତୀୟ କହିବେ—ମହାଯାତ୍ରାର ଛନ୍ଦରେ ମେଳନାହିଁ ସତ୍ୟ, ମାତ୍ର ତାହା କବିଙ୍କର ଭ୍ରମ ହେତୁରୁ ନୁହେଁ । ମହାଯାତ୍ରାର ଛନ୍ଦଃ ନୂତନ, ଅସଂଲଗ୍ନହିଁ ଏହାର ନିୟମ ।

Digitized by srujanika@gmail.com

ଯୁଗ କିନ୍ତୁ ଅଭିଜ୍ଞତାରେ ଦୃଷ୍ଟ ହୋଇଥାଏ—ପ୍ରଥମ ଶ୍ରେଣୀର ସମାଲୋଚନାରେ ଲେଖକ ଓ ପାଠକ ଉଭୟେହିଁ ଉପକୃତ ହୁଅନ୍ତି ନାହିଁ । ତାହାର ଦୃଷ୍ଟି ଅନ୍ତର୍ମୁଖୀ ନୁହେଁ, ବହିର୍ମୁଖୀ । ତାହାର ବିଶ୍ଳେଷଣପ୍ରଣାଳୀ ଅସମ୍ପୂର୍ଣ୍ଣ । ଶକ୍ତିଧରଙ୍କୁ ପ୍ରଭୁଭଳି ଶାସନ କରିବାକୁ ଯାଇ ଆତ୍ମମହିମ-ପ୍ରଦୀପ୍ତ ପ୍ରତିଭାର ପଦତଳରେ ଦାସତ୍ୱ ସ୍ୱୀକାରରେ ତାହାର ପରିଣାମ । ସେକ୍ସପିଅର, ବାଇରଣ ପ୍ରଭୃତି ଉପରେ ବହୁ ସମାଲୋଚନା ତାହାର ପ୍ରମାଣ ।

ଦ୍ୱିତୀୟ ଶ୍ରେଣୀର ସମାଲୋଚନା—ହୃଦୟ ସହକାରେ ଅନୁଶୀଳନ । ତାହା ରୂପ-ପିପାସୀର ରୂପଦର୍ଶନ ଏବଂ ତାହା ନାଶ-ଚିକୀର୍ଷା Iconoclasm ବର୍ଜ୍ଜିତ । ପ୍ରତୀଚ୍ୟର ବର୍ତ୍ତମାନ ଦ୍ୱିତୀୟ ଶ୍ରେଣୀର ସମାଲୋଚନାରହିଁ ପ୍ରକୃତ ଆଦର ।

ସମାଲୋଚନାରେ ଅନେକ ଦେଖିବାର ବିଷୟ ରହିଅଛି ଏବଂ ତାହାର ଆଦର୍ଶ ବିଷୟରେ ମତଭେଦ ମଧ୍ୟ ସାମାନ୍ୟ ନୁହେ, ମାତ୍ର ତାହାର ସାଧାରଣ ଧର୍ମ୍ମ ଏକପନ୍ଥାନୁସାରୀ ।

### ଅନୁଶୀଳନର ସାଧାରଣ ଧର୍ମ୍ମ

ସମାଲୋଚକର ହାତ ଗୋଡ ଯୁକ୍ତିରେ ଆବଦ୍ଧ । ବ୍ୟାକରଣ ନୋହିଲେ ଯେପରି ଭାଷା-ଶିକ୍ଷା ଅସମ୍ଭବ, ଯୁକ୍ତି ନଥିଲେ ସମାଲୋଚନା ତତୋଽଧିକ ଅସମ୍ଭବ । ସମାଲୋଚକଙ୍କୁ ଗଣି ଗଣି ଗୋଡ ପକାଇବାକୁ ହେଉଥିବ । ତାହାଙ୍କର ପ୍ରତି କଥା ଯୁକ୍ତିର ତରାଜୁରେ ଓଜନ କରିବାକୁ ହେଉଥିବ । ଯୁକ୍ତି ସହ ବିଶ୍ଳେଷଣ ଯେତେବେଳେ ଏକୀକୃତ ହୋଇଥାଏ, ସେତେବେଳେ ସମାଲୋଚନା ସୁନ୍ଦର । ଯୁକ୍ତିଶୂନ୍ୟ ଅପ୍ରାସଙ୍ଗିକତା ସୁସମାଲୋଚନାର ପରିପନ୍ଥୀ ।

ସମାଲୋଚକଙ୍କୁ ସ୍ୱଦେଶୀ ସାହିତ୍ୟର ଇତିହାସ ଉତ୍ତମରୂପେ ଶିକ୍ଷା କରିବାକୁ ହେବ—ନତୁବା ସେ କୌଣସି ପ୍ରଥମ ଶ୍ରେଣୀର ଲେଖକଙ୍କର ରଚନା ମାହାତ୍ମ୍ୟ ଏବଂ ସେମାନଙ୍କ ପ୍ରତିଭାର ଗୁପ୍ତକଥା ବୁଝିବାକୁ ସମର୍ଥ ହେବେନାହିଁ ।

"ବିଦଗ୍ଧ ଚିନ୍ତାମଣି" ପୁସ୍ତକ ଅନେକଲୋକ ପାଠକର ମୁଗ୍ଧ ହେଲେହେଁ ଏହାର ପ୍ରକୃତ ରସାସ୍ୱାଦନ ଅତି କଠିଣ । କବିତିଲକ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରକୃତ ଭାବରେ ଚିହ୍ନି ତାହାଙ୍କର ରଚନା ଉତ୍ତମରୂପେ ହୃଦୟଙ୍ଗମ କରିବା ବଡ କଠିଣ କଥା । ଏ କ୍ଷେତ୍ରରେ ପୂର୍ବେ ଦେଖିବାକୁ ହେବ ସାମନ୍ତ ସିଂହାରଙ୍କର ପୂର୍ବ ଯୁଗର ଉତ୍କଳସାହିତ୍ୟର ଅବସ୍ଥା କପରି ଥିଲା, ସାହିତ୍ୟର କେଉଁ ଅଂଶ ଅପୂର୍ଣ୍ଣଥିଲା, ଅଥବା କେଉଁ ଅଙ୍ଗ ତାହାର ଅଭାବଥିଲା । ଏହା ଉତ୍ତାରୁ ଦେଖିବାକୁ ହେବ ସେହି ଅପୂର୍ଣ୍ଣତା ଏବଂ ଅଭାବ ସାମନ୍ତ ସିଂହାରଙ୍କର ପ୍ରତିଭା ପ୍ରଭାବରେ ପୂର୍ଣ୍ଣ ଏବଂ ଦୂର ହୋଇଅଛି କି ନାହିଁ ? ଯେବେ ହୋଇଥାଏ ତେବେ ବୁଝିବାକୁ ହେବ ସାମନ୍ତ ସିଂହାରଙ୍କର ପ୍ରତିଭା କେଉଁ ଗୁଣରୁ ବରଣୀୟ । ଆହୁରି ଅନେକ ବିଷୟ ଦେଖିବାକୁ ହେବ—ସାହିତ୍ୟର କେଉଁ ବାୟୁ ମଧ୍ୟରେ ସେ ଲାଳିତ ଏବଂ କେଉଁ ବିଷୟରେ ସେ ଅତୀତ ଯୁଗର ମନୀଷୀ ନିକଟରେ ଋଣୀ ପ୍ରଭୃତି । ଏ ସ୍ଥଳରେ ସମସ୍ତ କଥା କହିବାର ଅନାବଶ୍ୟକ, କେବଳ ଆଭାସ ମାତ୍ର ପ୍ରଦତ୍ତ ହେଲା ।

ସମାଲୋଚକ କୌଣସି ବିଷୟର ମନ-ଗଢ଼ା ବ୍ୟାଖ୍ୟା କରିବାହିଁ ଦୂଷଣୀୟ । ଅନେକ ପ୍ରସିଦ୍ଧ ସମାଲୋଚକଙ୍କର ଏହି ଦୋଷ ରହିଥାଏ । କୌଣସି କାବ୍ୟାନୁଶୀଳନ କାଳରେ ସେମାନେ କବିତାର ଏ ଭଳି ଅଶ୍ଳୀଳ ବ୍ୟାଖ୍ୟା ଏବଂ ସୌନ୍ଦର୍ଯ୍ୟ ବାହାର କରନ୍ତି ଯେ ପ୍ରକୃତପକ୍ଷରେ କବି ମଧ୍ୟ ତାହା ଭଳି ଦେଖି ନାହାନ୍ତି । ଏହା ଆଧୁନିକ ସମାଲୋଚନା-ବିଜ୍ଞାନର ବିରୋଧୀ । ପ୍ରତୀଚ୍ୟ ସମାଲୋଚକ ମତରେ ଏହା Gossip applied to art and called criticism କବି ଯାହା ଦେଇଅଛନ୍ତି ତାହାହିଁ ସମାଲୋଚକର ଆଲୋଚ୍ୟ । କବି ସୃଷ୍ଟ ରସ ରୂପକୁ ସେ ବିଶ୍ଳେଷଣ କରିବେ । କିନ୍ତୁ ତହିଁରେ ନବ ସୌନ୍ଦର୍ଯ୍ୟର ଆରୋପ କରିବାର ଅଧିକାର ତାହାଙ୍କର ନାହିଁ । ଆମ୍ଭମାନଙ୍କ ସାହିତ୍ୟର ବିଶେଷତଃ ବଙ୍ଗୀୟ ବୈଷ୍ଣବ ସାହିତ୍ୟର ଆଧ୍ୟାତ୍ମିକ ବ୍ୟାଖ୍ୟା ଏହି ଦୋଷରେ ଦୁଷ୍ଟ ବୋଲି ଅଧିକାଂଶ ସ୍ଥଳରେ ପ୍ରତୀୟମାନ ହୋଇଥାଏ ।

ଅନେକ ସମାଲୋଚନାରେ ଏକଶ୍ରେଣୀର କାବ୍ୟ ସ୍ଥଳର ଅସ୍ପଷ୍ଟତା ଏବଂ ସ୍ୱପ୍ନମୟ ଭାବ ଦୃଷ୍ଟ ହୋଇଥାଏ । ଭାବ-ପ୍ରବଣ ସମାଲୋଚକ ଯୁକ୍ତିପାଶରୁ ମୁକ୍ତିକୁ ଲାଭକରି

Digitized by srujanika@gmail.com

ପାରନ୍ତି ସତ୍ୟ; କିନ୍ତୁ ତାହା ଅନୁଶୀଳନ ଧର୍ମ୍ମ ନୁହେ । ପରନ୍ତୁ ଯେଉଁଠାରେ ସେମାନେ ଯୁକ୍ତିର ତଉଲକୁ ଧରିବାକୁ ଯାଆନ୍ତି ସେଠାରେ ନିଜର ଅଜ୍ଞାତସାରରେ ଅସଙ୍ଗତି-ଦୋଷ ଦୁଷ୍ଟ ହୋଇଥାଆନ୍ତି ।

ଅନୁଶୀଳନର ଭାଷା ସରଳ ହେବ । ଏହାହେଲେ ତାହା ଅଶିକ୍ଷିତ ସମାଜରେ ସୁପ୍ରଚୁରିତ ଏବଂ ସାର୍ବଜନିକ ହୋଇପାରିବ । ତାହାର ରଚନା-ପ୍ରଣାଳୀରେ କୃତ୍ରିମତାର ଗନ୍ଧଥିଲେ କେବେହେଁ ତାହା ପାଠକର ପ୍ରାଣ ସ୍ପର୍ଶକରି ପାରିବନାହିଁ ।

ତୁଳନାମୂଳକ ସମାଲୋଚନା

ଅନେକ ଲୋକେ ଯଥା ତଥା ତୁଳନାମୂଳକ ସମାଲୋଚନା କରିଥାଆନ୍ତି । କିନ୍ତୁ ଏହି ଅସମ ସାହସିକ କାର୍ଯ୍ୟରେ ହାତ ଦେବା ପୂର୍ବେ ଦୁଇଟି ବିଷୟ ଭାବିବା ଆବଶ୍ୟକ । (୧) ଶ୍ରେଷ୍ଠ ପ୍ରତିଭାର ଲକ୍ଷଣ, ନୂତନତ୍ୱ । ଏହି ହେତୁରୁ ସାଧାରଣତଃ ପ୍ରତି ପ୍ରତିଭା ଅପର ପ୍ରତିଭାଠାରୁ ସମ୍ବନ୍ଧଶୂନ୍ୟ । (୨) ଯେଉଁଠାରେ କବିମାନଙ୍କର ଉଦ୍ଦେଶ୍ୟ-ସାମ୍ୟଥାଏ, ସାଧାରଣତଃ ସେଠାରେ ସେମାନଙ୍କ ମଧ୍ୟରେ ଭାବ ସାରୂପ୍ୟ ଦୃଷ୍ଟହେବ । ଯେଉଁଠାରେ ଏକାଧିକ ଚିନ୍ତ ଚରିତ୍ର ଏବଂ ଭାବର ତୁଲ୍ୟାନୁତୁଲ୍ୟ ଦୃଷ୍ଟ ହେବ ସେଠାରେ ତୁଳନାମୂଳକ ସମାଲୋଚନା ହୋଇ ପାରିବ ।

ସମାଲୋଚକ ସ୍ରଷ୍ଟା ନୁହନ୍ତି । ଆବିଷ୍କାରକ୍ଷମ ପ୍ରତିଭାଠାରୁ ସମାଲୋଚନୀ ପ୍ରତିଭା ନିମ୍ନଶ୍ରେଣୀର, ଯେ ସୃଷ୍ଟି କରନ୍ତି—ତାହାଙ୍କ ଅପେକ୍ଷା ଯେ ସେହି ସୃଷ୍ଟ ପଦାର୍ଥ ଗ୍ରହଣ କରନ୍ତି, ସେ ଆହୁରି ବେଶି ପରିମାଣରେ ଅଗ୍ରସର ହୋଇ ଯାଇଥାଆନ୍ତି । ଏଠାରେ ସମାଲୋଚକ ଗ୍ରାହକ ହେଲେହେଁ ସ୍ରଷ୍ଟାଙ୍କ ନିମ୍ନରେ ତାହାଙ୍କର ସ୍ଥାନ । ସାହିତ୍ୟ-କ୍ଷେତ୍ର ରସ-ବଣ୍ଟର ଗୋଟିଏ ପାଠଶାଳା ମାତ୍ର । ପ୍ରତିଭାବାନ୍‌ର ରଚନା ସେହି ପାଠଶାଳାର ପାଠ୍ୟ ପୋଥି । ସାହିତ୍ୟରସିକମାନେ ସେହି ପାଠଶାଳାର ଛାତ୍ର ଏବଂ ସମାଲୋଚକ ତାହାର ଅଧ୍ୟାପକ । ଏହାହିଁ ସମାଲୋଚକର ସ୍ୱରୂପ ।

ଉଲ୍ଲିଖିତ ଆଲୋଚନାର ସାରାଂଶ ଏହିରୂପ । ସମାଲୋଚନା ତିନିଭାଗରେ ବିଭକ୍ତ । ସାଧାରଣ ସାହିତ୍ୟ, କାବ୍ୟ, କଥା-ଗ୍ରନ୍ଥ ଓ ଦୃଶ୍ୟ କାବ୍ୟ । କାବ୍ୟ ଅପେକ୍ଷା ଦୃଶ୍ୟ କାବ୍ୟର ଅନୁଶୀଳନ କଠିଣ । କାବ୍ୟରେ କବିଙ୍କର ଆତ୍ମକଥା ରହିଥାଏ । କଥାଗ୍ରନ୍ଥରେ ଲେଖକଙ୍କର ଇଙ୍ଗିତ ରହିଥିବ । ଦୃଶ୍ୟ କାବ୍ୟରେ ଲେଖକ କେହି ନୁହନ୍ତି । ଦୃଶ୍ୟ କାବ୍ୟାନୁଶୀଳନର ବିଭାଗ—ପତ୍ତନ, ଗଠନ ଓ ପରିଣତି । ଆମ୍ଭମାନଙ୍କର ଆଧୁନିକ ସମାଲୋଚନା ପ୍ରକୃତ ପଦ୍ଧତିର ବିରୋଧାବଲମ୍ବୀ । ସାଧାରଣତଃ ନିନ୍ଦା କିମ୍ବା ପ୍ରଶଂସାହିଁ ସମାଲୋଚକର ଅବଲମ୍ବନୀୟ । କେହି କେହି ମଧ୍ୟ ପନ୍ଥୀ । କେହି ନ ପଢି ସମାଲୋଚନା କରନ୍ତି, କେହି ଗାଳି ବ୍ୟବସାୟୀ, କେହି ଅବା ଗୁରୁଭକ୍ତି ଏବଂ ବନ୍ଧୁପ୍ରୀତିର ପରିଚୟ ଦେଇଥାଆନ୍ତି । ପ୍ରକୃତ ସମାଲୋଚନା ସାହିତ୍ୟର ଉନ୍ନତି-ସୋପାନ ! ଯୁକ୍ତି ଓ ବିଶ୍ଳେଷଣୀ ଶକ୍ତି ସମାଲୋଚନାର ପ୍ରଧାନ ଗୁଣ । ସମାଲୋଚକର ଦୁଇ ମୂର୍ତ୍ତି—ଜଣେ ବିଚାରକ, ଅପର ତଥ୍ୟାନୁସନ୍ଧାନୀ । ସ୍ୱଦେଶୀ ସାହିତ୍ୟ ସମାଲୋଚକର ପ୍ରଥମ ପାଠ୍ୟ । ମନଗଢ଼ା ବ୍ୟାଖ୍ୟା ସମାଲୋଚନାର ପରିପନ୍ଥୀ । ଅସ୍ପଷ୍ଟତା ସମାଲୋଚନାର ହିତକାରୀ ନୁହେ । ଯେଉଁଠାରେ କବିଙ୍କର ଉଦ୍ଦେଶ୍ୟ ଏବଂ ଭାବ ସମତା ଥାଏ, ସେଠାରେ ତୁଳନାମୂଳକ ସମାଲୋଚନା ଚଳିପାରେ । ସମାଲୋଚକ ସ୍ରଷ୍ଟାଙ୍କ ଠାରୁ ନିମ୍ନଶ୍ରେଣୀର ।

Digitized by srujanika@gmail.com

# ପୁସ୍ତକ ପରିଚୟ

**ନର୍ମଦା—କାବ୍ୟ, ଲେଖକ—ଚଉଧୁରୀ ଶ୍ରୀ ଜାନକୀନାଥ ରାଉତରାୟ ମହାପାତ୍ର, ପୃ ୪୧ ପୃଷ୍ଠା । ମୂଲ୍ୟ ଟ ୦ ୵**

ନୃସିଂହ ପୁରାଣର ଗୋଟିଏ ଆଖ୍ୟାୟିକା ଅବଲମ୍ବନରେ ଲିଖିତ। ଆଖ୍ୟାୟିକାଟି ହୃଦୟଗ୍ରାହୀ ସନ୍ଦେହ ନାହିଁ; କିନ୍ତୁ ପ୍ରଣେତାଙ୍କର ଲେଖଣୀ Lyric Poetry ଲେଖିବାରେ ଏକାନ୍ତ ଅନଭ୍ୟସ୍ତ ଓ ଅକ୍ଷମ ବୋଲି ମନେହେଲା।

ପ୍ରଣେତା ସାହିତ୍ୟ ଆଡେ ମନ ବଳାଇଥିଲେ ଏଥିରୁ ଅପରିପକ୍ୱ ଅବସ୍ଥାରେ ପଦାକୁ ବାହାରିବାଟା ସମୀଚୀନ ମନେ ହୁଏନାହିଁ।

**ବିଦେଶୀ—ଗଳ୍ପ ସଂଗ୍ରହ, ଲେଖିକା—ଶ୍ରୀମତୀ ପ୍ରଭାବତୀ ଦେବୀ, ପୃ ୨୧୭ ପୃଷ୍ଠା । ମୂଲ୍ୟ ଟ ୦ ୴୵**

ବିଦେଶୀ ନାମକ ଦା ଗଳ୍ପ ଲେଖକମାନଙ୍କର ଗଳ୍ପ ଅନୁବାଦ କରିବାରେ ମୂଳ ଗଳ୍ପର ଅନ୍ତର୍ନିହିତ ଭାବ (Spirit) ଠିକ ଅକ୍ଷୁଣ୍ଣ ରଖିବା ଅନୁବାଦକର ବାହାଦୁରି। ବିଦେଶୀରେ ସନ୍ନିବେଶ ଗଳ୍ପଗୁଡ଼ିକରେ ମୂଳ ଗଳ୍ପର ଆସ୍ୱାଦ ସୁରକ୍ଷିତ ହୋଇଥିବାରୁ ସେଗୁଡ଼ିକ ହୃଦୟ—ଗ୍ରାହୀ ଏବଂ ସରସ ହୋଇଅଛି। ଭାଷା ସୁବୋଧ ହୋଇଅଛି ସତ୍ୟ—କିନ୍ତୁ ସ୍ୱଜନ-ବୋଧ ହେବାକୁ ଅକ୍ଷର ସରଳ ହୋଇଥିଲେ ଭଲ ହୋଇଥାଆନ୍ତା।

ଶ୍ରୀମତୀ ପ୍ରଭାବତୀ ଦେବୀଙ୍କର ଏ ଦିଗରେ ଯତ୍ନ, ପ୍ରୟାସ ଏବଂ କୃତିତ୍ୱ ସତରେ ପ୍ରଶଂସନୀୟ।

'ଗଳ୍ପ ଓ ଉପନ୍ୟାସ ପଢ଼ିଲେ ମନ ବିଗିଡ଼ିଯାଏ' ଏ ଧାରଣା ଲୋକଙ୍କ ମନରୁ କ୍ରମେ ପାଶୋରି ଯାଉଛି ବୋଲି ବିଶ୍ୱାସ ହୁଏ। 'ବିଦେଶୀ' ପରି ଗଳ୍ପ ପୁସ୍ତକର ବହୁଳ—ପ୍ରଚାର ଓ ବହୁଳ—ପ୍ରକାଶ ବାଞ୍ଛନୀୟ।

**ଶ୍ରୀ ଶ୍ରୀ ରାୟ ରାମାନନ୍ଦ ଜୀବନୀ, ଲେଖକ—ଶ୍ରୀ ପଦ୍ମଚରଣ ଦାସ, ପୃ ୨୩୯ ପୃଷ୍ଠା । ମୂଲ୍ୟ ଟ ୧ ୲**

ଶ୍ରୀ ଚୈତନ୍ୟ ଦେବଙ୍କର ପ୍ରିୟତମ ଅନୁଗତ ଶିଷ୍ୟ ଏବଂ ଚୈତନ୍ୟ ଧର୍ମର ସର୍ବପ୍ରଧାନ ପ୍ରଚାରକ ଶ୍ରୀ ଶ୍ରୀ ରାୟ ରାମାନନ୍ଦଙ୍କର ସରସ ଜୀବନ ଇତିହାସ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି। ଶ୍ରୀ ଶ୍ରୀ ରାୟ ରାମାନନ୍ଦ ଚୈତନ୍ୟ-ଚରିତାମୃତ ସହିତ ଘନିଷ୍ଠ ଭାବରେ ସମ୍ବନ୍ଧ—ତେଣୁ ତାଙ୍କର ଜୀବନ ଇତିବୃତ୍ତ ଅନୁସରଣ କରିବେଲେ ଲେଖକ ଚୈତନ୍ୟଙ୍କ ଗୁଣାବଳୀ, ଏବଂ ତାଙ୍କର ଭକ୍ତିପୂର୍ଣ୍ଣ ସରସ ଉପଦେଶମାନ ଅବତାରଣା କରି ଲେଖାଟିକୁ ଭକ୍ତମାନଙ୍କର ପ୍ରାଣ—ସ୍ପର୍ଶୀ କରିଅଛନ୍ତି। ରାୟ ରାମାନନ୍ଦଙ୍କୁ ଜଣେ ଉତ୍କଳ ଦେଶୀୟ କରଣ ବୋଲି ପ୍ରତିପନ୍ନ କରି ଲେଖକ କରଣ ଜାତିର ଗର୍ବ କରିବାର ଧନ ସେମାନଙ୍କ ହାତରେ ଦେଇପାଇଅଛନ୍ତି।

**କମଳ କୁମାରୀ—ଉପନ୍ୟାସ, ଲେଖକ—ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ, ପୃ ୩୧୮ ପୃଷ୍ଠା । ମୂଲ୍ୟ ଟ ୧୳**

ଔରଙ୍ଗଜେବଙ୍କର ରାଜତ୍ୱ କାଳରେ ହିନ୍ଦୁ ଓ ହିନ୍ଦୁ ରାଜ୍ୟର ଦଳାଦଳି ଭିତରେ କମଳ କୁମାରୀ ଓ ରାଜା ରାଜ ସିଂହଙ୍କର ପ୍ରଣୟ—କାହାଣୀ ବଡ଼ ସରସ ଭାବରେ ଫୁଟି ଉଠିଛି।

କମଳ କୁମାରୀଙ୍କର ବୁଦ୍ଧି, ବିକ୍ରମ ଓ ସାହସ ମଧୁର ଭାବରେ ଚିତ୍ରିତ ହୋଇଅଛି। କମଳ କୁମାରୀଙ୍କର ଉଜ୍ଜ୍ୱଳ ଚରିତ୍ରର କ୍ରମ-ବିକାଶ ସୁସମ୍ପନ୍ନ ହୋଇଅଛି। ରାଜ ସିଂହଙ୍କର ଶରଣ—ରକ୍ଷା, ତାଙ୍କର ଅଦ୍ଭୁତ ପରାକ୍ରମ ଏବଂ ସାହସ ନିପୁଣ ଭାବରେ ପରିଦର୍ଶିତ ହୋଇଅଛି। ମୋଟରେ ବହି ଖଣ୍ଡିକ ସର୍ବାଙ୍ଗ ସୁନ୍ଦର ହୋଇଅଛି—କେବଳ ସ୍ଥାନେ ସ୍ଥାନେ ଲେଖାରେ ବଙ୍ଗଳା ଲେଖାର ସାଦୃଶ୍ୟ ରହିଯାଇଛି। ରାମଚନ୍ଦ୍ର ବାବୁ ଜଣେ ନିଷ୍ଠାପର ସାହିତ୍ୟ ସେବୀ, ବିଶେଷରେ ଗଞ୍ଜାମ ଦେଶୀୟ—ତାଙ୍କଠାରୁ ଅଧିକ ଅମିଶ୍ରିତ ବିଶୁଦ୍ଧ ଭାଷା ଓ ଲେଖା ଆଶା କରାଯାଏ।

—ଲେଖନୀ—

Digitized by srujanika@gmail.com

## ଉତ୍କଳ-ସାହିତ୍ୟ । ବୈଶାଖ—୧୩୩୩

**ଯୁଗବାଣୀ—**

ସଭ୍ୟତାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ମାନବନୈତିକତାର ମଧ୍ୟ ପରିବର୍ତ୍ତନ ଘଟୁଅଛି । ମାନବ ଆଦିମ-ଅବସ୍ଥାଗତ ବିଦ୍ୱେଷ ପରିହାର କରି ସାର୍ବଜନୀନ ହିତୈଷୀତାରେ ଅନୁପ୍ରାଣିତ । ପ୍ରତ୍ୟେକ ସମାଜରେ ନ୍ୟୂନାଧିକ ଦାରିଦ୍ର୍ୟ ଏବଂ ବଳହୀନତା ଅବଶ୍ୟମ୍ଭାବୀ । ସମାଜର ପ୍ରକୃତ ପୁଷ୍ଟି-ସାଧନ କରିବାକୁ ହେଲେ ଏହି ପଶ୍ଚାଦ୍‌ପଦ ଲୋକମାନଙ୍କୁ ଉନ୍ନତ କରିବା ବିଧେୟ । ସେମାନେ ଏକାସନ ହୋଇ ପ୍ରତିଯୋଗିତା କ୍ଷେତ୍ରରେ ପ୍ରବେଶ ହେଲେ—ତାଙ୍କର ଉପଯୋଗିତା ବଢିବ । ତେଣୁ ଦସ୍ୟା ସମାଜର ସ୍ଥିତି ଓ ଉନ୍ନତି ନିମନ୍ତେ ଅତ୍ୟାବଶ୍ୟକ ।

**ଭାରତରେ ଇଂରାଜୀ ଶିକ୍ଷା—**

ଇଂରାଜୀ ଶିକ୍ଷାଦେଇ ଭାରତବାସିରୁ କେତେକଙ୍କୁ ରକ୍ତ ଓ ବର୍ଣ୍ଣ ବ୍ୟତୀତ ଭାବ, ଭଙ୍ଗୀ କାର୍ଯ୍ୟ, ଚିନ୍ତା, ରୁଚି ଓ ମତରେ ଇଂରାଜଙ୍କ ପରି କରି ନିଜର କାର୍ଯ୍ୟ ସମାଧାନ କରିବା ଉଦ୍ଦେଶ୍ୟରେ ପ୍ରଥମେ ଏ ଦେଶରେ ଇଂରାଜୀ ଶିକ୍ଷାର ପ୍ରଚାର । କିନ୍ତୁ କାର୍ଯ୍ୟରେ ଏହି ଉଦ୍ଦେଶ୍ୟକୁ କାର୍ଯ୍ୟର ଫଳ ଢୋଙ୍କାଇ ପକାଇଛି । ଇଂରାଜୀ ଶିକ୍ଷାଦ୍ୱାରା କ୍ଷତି ହୋଇଛି ସନ୍ଦେହନାହିଁ; ଉପକାର ହୋଇଛି ମଧ୍ୟ ସ୍ୱୀକାର୍ଯ୍ୟ ।

ଇଂରାଜୀ ଶିକ୍ଷା ବିଷୟରେ ଦେଶରେ ମତଦ୍ୱୈଧ ଲକ୍ଷିତହୁଏ । ଥୋକେ କହନ୍ତି ଏହା ସର୍ବତୋଭାବରେ ଜାତୀୟ କଲ୍ୟାଣକର ନୁହେ—ଅନ୍ୟମାନଙ୍କର ଧାରଣା ଭାରତର ନବୀନ ଜାଗରଣ ପାଶ୍ଚାତ୍ୟ ଶିକ୍ଷାର ଫଳ । ଦୁଇମତ ଅସାର ନୋହିଲେ ମଧ୍ୟ ଅପ୍ରମାଦ ନୁହେ । ଏ ଦୁଇ ଚରମ ପନ୍ଥୀ ମତର ମଧ୍ୟଭାଗରେ ପ୍ରକୃତ ତଥ୍ୟ ଖୋଜିନେବାକୁ ହେବ ।

## ମୁକୁର—ମାଘ ଓ ଫାଲ୍‌ଗୁନ ୧୩୩୩

କଳିଙ୍ଗର ପୌରାଣିକ ରାଜାଗଣ—ପୌରାଣିକ ଯୁଗରୁ ଅର୍ଥାତ୍ ବୁଦ୍ଧ ଓ ଅଶୋକଙ୍କ ପୂର୍ବରୁ ଏ ଦେଶର ବିଦେଶ ଇତିହାସ ଧାରାବାହିକ ରୂପେ ବର୍ଣ୍ଣିତ ହୋଇଅଛି । ମହାଭାରତ, ମତ୍ସ୍ୟପୁରାଣ, ବାୟୁପୁରାଣ ଇତ୍ୟାଦିରୁ ପ୍ରମାଣ ପ୍ରଦର୍ଶାଇ ଲେଖକ କଳିଙ୍ଗକୁ ଆର୍ଯ୍ୟ-ଭୂମୀ ବୋଲି ପ୍ରତିପନ୍ନ କରିଅଛନ୍ତି ।

## ପଞ୍ଚାମୃତ—କୋମଳମତି ବାଳକ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ ମାସିକ ସାହିତ୍ୟ ପତ୍ର ।

କେତେଦିନ ଆଗରେ ପଞ୍ଚାମୃତ ଦ୍ୱୈମାସିକ ଭାବରେ ବାହାରୁଥିଲା । ‘ଅନେକ’ କାରଣରୁ ପଞ୍ଚାମୃତ ମଝିରେ ପ୍ରାୟ ବର୍ଷେ ବନ୍ଦହୋଇ ଯାଇଥିଲା । ପୁଣି ସାହସ ବାନ୍ଧି ଆଗଭର ହୋଇଛନ୍ତି । ଆମଦେଶରେ ପିଲାଙ୍କ ପାଇଁ ଲଘୁ-ସାହିତ୍ୟ କିଛିନାହିଁ । ପିଲାଙ୍କର ପ୍ରକୃତ ଶିକ୍ଷା ପାଇଁ ଏ ସବୁ ଯେ ଆବଶ୍ୟକ ଏକଥା କେତେଲୋକ ବୁଝନ୍ତି ବା ବୁଝିବାର ଚେଷ୍ଟାକରନ୍ତି ? ଆମ୍ଭେମାନେ ପଞ୍ଚାମୃତର ସୁଦୀର୍ଘ ଜୀବନ ଏବଂ ବହୁଳ ପ୍ରସାର କାମନା କରୁଅଛୁଁ । ସଂ: ବା:

## ସଂସ୍କାର – ସଂପାଦକ—ଶ୍ରୀବିପ୍ରପଣ୍ଡା, ଆକାର-ଡିମେଇ ଆଠପେଜି—ବତିଶପୃଷ୍ଠା ।

ଧର୍ମ ଓ ସମାଜ ସଂସ୍କାର ବିଷୟରେ ଏହା ଖଣ୍ଡେ ମାସିକପତ୍ର । ସଂସ୍କାର ଓ ସଂକଳ୍ପ ସମ୍ବନ୍ଧରେ ସଂପାଦକ ମୂଳରେ ଅନେକ କଥା ଲେଖିଛନ୍ତି । ତହିଁରୁ ପତ୍ରିକାର ପ୍ରଚାର ଉଦ୍ଦେଶ୍ୟ ସ୍ପଷ୍ଟ ଜଣାଯାଏ । ଏ ଧରଣର ଖଣ୍ଡେ ପତ୍ରିକା ଯେ ଆମଦେଶରେ ଏତେଶୀଘ୍ର ଲୋଡ଼ାଥିଲା ଏକଥା ସାହସକରି କହି ହେଉନାହିଁ । ସମାଜକୁ କଟାକ୍ଷ କରିବାକୁ ଯାଇ ସଂପାଦକ ମହାଶୟ ଟିକଏ ବେଶିଦୂର ଅଗ୍ରସର ହୋଇ ପଡ଼ିଛନ୍ତି । ଭୟହୁଏ ସମସ୍ତେ ତାଙ୍କ ମତକୁ-ସମାନ ଭାବରେ ଗ୍ରହଣ କରିବେ ନାହିଁ । ତଥାପି ଏହାର ଯଥେଷ୍ଟ ମୂଲ୍ୟ ଅଛି । ସମାଜ ଓ ଧର୍ମଗତ କୁନୀତି ଓ ବ୍ୟଭିଚାରକୁ ତୀବ୍ର ନିର୍ଭୀକ ଭାବରେ ସମାଲୋଚନା କରିବା ଭଳି ଏପର୍ଯ୍ୟନ୍ତ ଖଣ୍ଡେ କିଛି ନ ଥିଲା ‘ସଂସ୍କାର’କୁ ଦେଖି ଭରସାହୁଏ ଏହା ସେ ଦିଗରେ ଯଥେଷ୍ଟ କାମ କରିବ ।

ଆମ୍ଭେମାନେ ଏହାର ଦୀର୍ଘଜୀବନ କାମନା କରୁଅଛୁଁ ।

—ଛପମା—

# ଶେଷ ସାଥି *

(ଚ. ଗଳ୍ପ)

ଶ୍ରୀ —

ଶରତ ଶେଷରେ ପଦ୍ମ-ଦଶ୍ମ-ମହୋତ୍ସବ ଦିନେ, ନଈ-ପାରିର ସେଇ ଫୁଲଫୁଟା ଗୋଡି ବାଲି ଚଢ଼ିଲେ କୁଣିଆଁ ସେଦିନ ମେଲାଣି ନେଲେ । ଗଲାବେଳର ଶେଷ ଗୃହାଁ-ଗୃହାଁଟିକ ମଉଳଲା, ନାଉରି କାତ ଭିଡନ୍ତ ଯିବାକୁ ଥିର ଧୀର ହୋଇ—ଶଙ୍ଖଟାଏ ମହୁରି ଗୋଟାଏ ବି କେହି ଫୁଙ୍କିଲେ ନାହିଁ ବଦାବଦି ବେଳେ । ଖାଲି ପଦେ କଥା, ଯିବାବେଳର ଟିକେ ହସ ଦୁହିଁଙ୍କ ଓଠ ତଳେ ତଳେ ଜ୍ୟୋତ୍ସ୍ନା-ଧୁଆ ନଈପାଣିର ମୃଦୁଳ ଲହଡ଼ିପରି ଦେଇ ପହଁରି ଗଲା ନଈ ଆରପାରିରେ ସେତିକି-ବେଳେ କାହାର ବୀଣା ବାଜି ଉଠିଲା ! କୁଣିଆ ଯିବାକଥା ପାଶୋରିଲେ, ଚରବାଲି ରହିଗଲେ—ଅଚମ୍ଭିତ ହୋଇ ସମସ୍ତେ ସେଇଆଡ଼କୁ ଚାହିଁ ରହିଲେ

ଦଣ୍ଡେ ଗଲା ।

ଆରପାରିରୁ ଶବ୍ଦେ ନାଆ ଆସି କୂଳ ଭିଡିଲା ବଜନ୍ତ୍ରୀ କ ସମସ୍ତେ ଆସି ପାଖେଇଁ ନେଲେଗଲେ ଦୀପ ଦହୁଡ ପୁଣି ଜଳିଉଠିଲା, ଘରଦୁଆର ପୁଣି ଥରେ ସଜାହେଲା ଫୁଲମାଳ ଫୁଲତୋଡ଼ାରେ ।

କେତେ ନେହୁରା ନିମନ୍ତ୍ର ଚାଲିଗଲା । ବୀଣା ପଛେ ମୁହଁଲୁଚା ବୀଣାବାଦିନୀ ପାଖରେ ଆସି ବସିଲା କେତେ କଷ୍ଟରେ ।

ବାଜା ଅନୁକୂଳ ହେଲା କେତେ ଥର କେତେ କଅଁଳ କର, ମଣ୍ଡ ତାଳକୁ ଯୋଡି, କୋଉ ଅଜଣା ଭିତରେ ବୁଡିଗଲାପରି—ସେ ଆପଣା ମନକୁ ବଜାଇଗଲା । ବୀଣା ତାରରୁ ପଛେକ କେତେ ବେଦନା କେତେ ସାଥି-ହଜା-ପ୍ରାଣର ବିକଳ କାହାଣୀ ଝରି ଠୁଳ ହୋଇଗଲା ସେ ଅଙ୍ଗୁଳି ବାଜି !

କେତେ ଧୀର କେତେ ଉଷ୍ଣାସହୋଇ 'ନଷ୍ଟି' ତା'ର ବୀଣା ତାର ଉପରେ ପହଁରିଗଲା ; ଅଷାଢରେ ମେଘଧାରାପରି କେବେ ଟାଣ କେବେ ଧିର ଫଗୁଣ ଦିନର ଅଳସ ପବନ ପରି । ବଉଳ ମେଳରେ ଫୁଲଝୁରିଙ୍କ ଗୀତପରି କେବେ ପୁଣି ତରଳ ହୋଇଯାଉଥିଲା ସେ ସ୍ୱର । ଝର ପାଣିପରି ଥର ଥର କେବେ ଅବା କୋଉ ସ୍ୱର ପାଶୋରା ଲୋକରେ ମିଶି ହଜି ଯାଉଥିଲା ସେ ତାନ, ପୁଣି ଦଣ୍ଡକେ ମାତ୍ର ଉଠିଥିଲା ଆଗପରି ଟାଣରେ ।

ଗୃହଆଡ଼ ନିଶବଦ । ପଡରଟିଏ ବି ହଲୁନଥିଲା ଗଛରେ ସେତେବେଳେ । ସେ ବାଜା ବନ୍ଦକରି ତାର-ହାଦରେ 'ନଷ୍ଟି' ଟି ଉଲୁଗ୍ରଇ ଦେଇ ମେଲାଣି ମାଗିଲା । ନଈପାଣି ଉପରେ ସେତେବେଳକୁ ଜ୍ୟୋତ୍ସ୍ନାର ମୂରୁଜ-ଚିତା ପଡ଼ୁଥିଲା ।

ଦୂର ପରବତ ପାରିର ସେଇ ବଡ଼ ସହରଟା ଭିତରେ ପିଲାଦିନୁ ମୁଁ ବଢିଥିଲି; ସେ କହିଲା । ତେର ବର୍ଷ ତଳେ ବୀଣା ବଜାଇ ଶିଖିଲି । ସହରର ସବୁ ମୁଖିଆ ଲୋକେ ମତେ ମଣ୍ଡରେ ବସାଇଲେ ସେଇ ଗୁଣ ଦେଖି । ସେ ସହରଟାରେ ମାଇପିଙ୍କ ଭିତରେ କେହିତ ଜଣେ ହୋଲେ ନଥିଲେ ରୂପଗୁଣରେ ମୋ ସାଙ୍ଗେ ସରି ! ଆଖପାଖରେ ଯେତେ ଟୋକା, କେତେଥର ତାଙ୍କ ଭିତରେ ମୋରଲାଗି କଳିଲାଗେ । ମତେ ଗୀତରେ କେତେ ଅମୂଲ୍ୟ ଅପୂର୍ବ ଦରବ, ଗାଡ଼ ଗାଡ଼ ହୋଇ ଆସି ମୋ ଘରେ ଠୁଳ ହଉଥିଲା ସେତେବେଳେ । ଖାଲି ପଦେ ଗୀତ ଲାଗି, କେତେ ସୁନାଗୁଣ୍ଡୀ ଗୋଡ଼ତଳେ ମୋର ଚୂର୍ଣ୍ଣହୋଇ ଯାଉଥିଲା ଧୂଳିରେ । ବର୍ଷ ପଛେ ବର୍ଷ ଏମିତି କେତେକେତ ପାଣିପରି ବୋହିଗଲା ମୋର;

---

* ଚୈନିକ ଲେଖକ ବିଖ୍ୟାତ PO.—CHU-YI ଙ୍କର THE LUTE GIRL'S LAMENT ଗଳ୍ପର ଛାୟାବଲମ୍ବନରେ ଏହାର ରଚନା କାଳ ଖ୍ରୀଃ ୭୭୨ ଅବ୍ଦରେ ବୋଲି ପ୍ରକାଶ ।

Digitized by srujanika@gmail.com

ବସନ୍ତର ବାସ-ପବନ ଆଉ ଶରତର ରୁପିଲି ଜ୍ୟୋସ୍ନା ତଳେ ହସି ହସି ।

ତା'ପରେ ଦିନେ ମୋ ଭାଇ ଯୁଝିବାକୁ ଚାଲିଗଲେ ଦୂର ଦେଶକୁ । ସେ ମରିଗଲା । ଗୃହ ସଂସାର ଯାହାଥିଲା ଫୁଟିଲା, ଆଉ ତା' ସାଥିରେ ମୋର ରୂପ ବେଶ ମଉଳି ଗଲା ! ଅତୀତ ଦିନର ଯେତେ ଗହଳ ଚହଳ ମିଶିପଡ଼ିଲେ, ସବୁ କମି ଆସିଲା କ୍ରମେ କ୍ରମେ । ମୁଁ ଆଉ କ'ଣ କରନ୍ତି ? ଶେଷରେ ବାହାହୋଇ ଘର ବାନ୍ଧିବ ବୋଲି ବସ୍ତିରହିଲି ।

ସେ ଜଣେ ବଡ଼ ବେପାରି କୁଆଡ଼େ, ଠିକ୍ କା ଦେଖିଲେ, ମୋ କଥା ଯାହାଙ୍କର ପସନ୍ଦ ଯାଏ ଏମିତି ଲୋକ ସେ ମୁଁ ଯାହାଙ୍କ ହାତ ଧରିଲି । ଗଲା ମାସରେ ସେ ବଣିଜ ଲାଗି ବାହାରିଗଲେ ଦୂର ଦେଶକୁ, ମତେ ଛାଡ଼ି । ସେଇ ଦିନୁ ନଇନାଳର ଏ ଗନ୍ଧର ପାଣି ଉପରେ ଛୋଟ ନାଆଟି ମୋର ବାହି ଜ୍ୟୋସ୍ନାରାତିରେ ଏମିତି ଏକା ବୁଲୁଥାଏ, ସୁଖ-ସ୍ୱପ୍ନ ପକାଳା ଅତୀତ ଦିନର ବିଚ୍ଛେଦ ପରଶ ଉପରେ ଲୁହ-ବସନ୍ତରୀ ମେଲିଦେଇ ।

ବୀଣାର କଙ୍କଣ ରାଗିଣୀ ଯାହାଙ୍କ ଏଇ ବୁକୁ-ଫଟା କାହାଣୀ, ମନ ଟାଣଟିକ ମୋର ହଜି ଉଜୁଡ଼ି ଯାଉଥିଲା ଶୁଣି ଶୁଣି । କହିଲି-ଆଗୋ, ଦୁଃଖଆଣି ଆମ ବୁଢ଼ିଙ୍କି ଏକାଠି ଦେଖାଇଛ ! ଗଲା ବର୍ଷ ଠିକ୍ ମୁଁ ଏକୁଟିଆ ଏଠିଆସି ରହିଲିଣି, ଏଇ ଅପନ୍ତରା ବନସ୍ତ ମଝିରେ । ଜନ୍ମଭରି, ପଦେ ଗୀତ ଗୋଟିଏ ବଇଁଶୀର ବାଜନାଇଁ ଏ କାନ୍ତାର ଛାତିରେ ଥରେ ହେଲେ । ତଣ୍ଡି—ଅରମା ସେଇ ଏଇ ଝଙ୍କା ବାଉଁଶ ବୁଦାପାଟେ, ନଈକୂଳେ ମୋ ଘର । ସକାଳୁ ସଞ୍ଜଯାଏ ଖାଲି ଛିଆଣର ରକତ-ଶୋଷା ଡାକ ଆଉ ବିଲୁଆର ବାହୁନା ଗୀତ ସୁରଅଟେ ଶୁଭୁଥାଏ । କେବେ କୋଉଠି ଅବା ଗାଁ ମହୁରିଆର ବେସୁରା ମହୁରି ଗୀତ ଥରେ ଅଧେ କାନକୁ ଆସେ ଯାହା ସେତିକି । ଆଜି ତମର ଏଇ ଅପୂର୍ବ ବୀଣାସ୍ୱର କାନରେ ବାଜୁଛି ପହିଲୁଥର । ମନେ ହଉଛି, ମେଘ-ପାଚିରି ସେଇ କୋଉ ସରଗ-ପୁରୀର ଏ ଗୀତ । ଏତେ କଷ୍ଟ କରି ଆସିଲ ଯେବେ ଆଉ ଦଣ୍ଡେ ବସ । ତମର କୁହୁକ-ଲଗା ଆଙ୍ଗୁଳିରେ ବୀଣାତାରରୁ ଆଉ ଥରେ ଅମୃତ ଝରିଯାଉ, ଆଉ ମୁଁ ବସି ତମର ବୁକୁଫଟା କାହାଣୀଟି ଲେଖିରଖେଁ ।

ମୋ କଥା ଶୁଣି ସେ ବୀଣାରେ ଆଗପରି ସେମିତି କଙ୍କଣ-କଅଁଳ ରାଗିଣୀଟିଏ ବଜେଇଲା, ସେଠି ଯେ ଥିଲେ ସଭିଙ୍କ ଆଖିରୁ ଲୁହଧାର ବୁହାଇ; ଆଉ ମୋର ଏଇ ଆଖିଦିଟାରୁ ବୋହିଗଲା ସବୁଠୁଁ ବେଶୀ, ଶେଷରେ ଛାତି ଲୁଗା ମୋର ବତୁରି ଗଲା ସେ ଲୁହରେ ।

## ଚିତ୍ର ପରିଚୟ

ପୁରଣ୍ଡିବ—( ଷୀବନ୍ତ ) ଶିବପୂଜା—ଚିତ୍ରକର ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର କାନୁନଗୋଙ୍କର କେତେଗୁଣ୍ଡି ଏକବର୍ଣ୍ଣ ଓ ବହୁବର୍ଣ୍ଣ ଚିତ୍ର ଏଥିପୂର୍ବେ ଉତ୍କଳସାହିତ୍ୟ ଓ Ravenshavian ରେ ପ୍ରକାଶିତ ହୋଇଥିଲା ।

ଚିତ୍ରକର ଚିତ୍ରବ୍ୟାପାରରେ ନବୀନ କହୁ ହୋଇଥିଲେ ତାଙ୍କର ଗଭୀର ଅଭିନିବେଶ ଓ ଯତ୍ନଥିବାର ଜଣାଯାଏ । ବର୍ତ୍ତମାନ ଚିତ୍ର ସମ୍ପୂର୍ଣ୍ଣରୂପେ ଦୋଷବର୍ଜିତ ନହେଲେ ମଧ୍ୟ ପୂର୍ବ ପ୍ରକାଶିତ ଚିତ୍ରମାନଙ୍କଠାରୁ ଯେ ଯଥେଷ୍ଟ ମାର୍ଜିତ ଏକଥା ନିଃସଂଶୟରେ ବୋଲଯାଇ ପାରେ ।

ଗୋଟିଏ ତନ୍ୱଙ୍ଗୀ ତରୁଣୀ ଶଙ୍ଖହସ୍ତରେ ଶିବପୂଜା ରତା । ମୁଖମଣ୍ଡଳରେ ପୂଜା-କାଳୀନ ଅଚଳା ଭକ୍ତି ଓ ଗଭୀର ଅଭିନିବେଶ ପରିସ୍ଫୁଟ ।

ଖଡ଼ିଆଳର ବନ୍ଦ୍ୟୋପାଧ୍ୟାୟ ରାଜା ଶ୍ରୀ ଆର୍ତ୍ତତ୍ରାଣ ଦେବ ସୁଧିସମାଜରେ ସୁପରିଚିତ । ଅତି ପ୍ରାଚୀନକାଳରୁ ଏ ବଂଶ ଉତ୍କଳ ସାହିତ୍ୟର ପ୍ରଧାନ ପୃଷ୍ଠପୋଷକରୂପେ ନାନା-ଭାବରେ କାର୍ଯ୍ୟକରି ଆସୁଅଛନ୍ତି । ରାଜସାହେବଙ୍କର ସ୍ୱର୍ଗତ ପିତା ଶ୍ରୀଶ୍ରୀ ବୀରବିକ୍ରମ ଦେବ କବି ରାଧାନାଥଙ୍କର ଜଣେ ସର୍ବ ପ୍ରଧାନ ଉତ୍ସାହଦାତା ଥିଲେ । ଆଜି ବାରୁଣୀର ଜଣେ ବିଶିଷ୍ଟ ପୃଷ୍ଠପୋଷକ ରୂପେ ଶ୍ରୀ ଯୁକ୍ତ ରାଜାସାହେବ ସ୍ୱତଃ ପ୍ରଣୋଦିତ ହୋଇ ଅଗ୍ରଣୀ ହୋଇ ଅଛନ୍ତି । ଶିଶୁ ବାରୁଣୀ ତାହାଙ୍କୁ ସର୍ବାନ୍ତଃକରଣରେ ଅଭିନନ୍ଦନ କରୁଅଛି ।

ଏହିହେତୁବାର ସମସ୍ତ ବ୍ୟୟ ଶ୍ରୀଯୁକ୍ତ ରାଜା ସାହେବ ଦୟାକରି ବହନ କରି ଅଛନ୍ତି ।

Digitized by srujanika@gmail.com

କାଠମୂଲ୍ୟରେ କାଞ୍ଚନ ବିକ୍ରୟ !

ଅପୂର୍ବ ସୁଯୋଗ ! ( ଅଳ୍ପଦିନ ପାଇଁ ) ଅପୂର୍ବ ସୁଯୋଗ ! !

ରାଜା ୰ କୃଷ୍ଣସିଂହଙ୍କ କୃତ

# ମହାଭାରତ ।

| | | | |
|---|---|---|---|
| ଆଦିପର୍ବ | ଟ ୩ ( | ଦ୍ରୋଣପର୍ବ | ଟ ୨ ( |
| ସଭାପର୍ବ | ଟ ୦ ୟ | କର୍ଣ୍ଣପର୍ବ | ଟ ୦ ୟ |
| ବନପର୍ବ | ଟ ୧ ୳ | ଶଲ୍ୟାଦି ପର୍ବତ୍ରୟ | ଟ ୧ ( |
| ବିରାଟପର୍ବ | ଟ ୦ ୳ | ଶାନ୍ତିପର୍ବ | ଟ ୨ ( |
| ଉଦ୍ୟୋଗ ପର୍ବ | ଟ ୧ । | ଅନୁଶାସନ ପର୍ବ | ଟ ୧ ( |
| ଭୀଷ୍ମପର୍ବ | ଟ ୧ ( | ଅଶ୍ୱମେଧାଦିପଞ୍ଚପର୍ବ | ଟ ୦ ୟ |

ଡାଃ ଟ ୧୭୳

ବହୁଳ ପ୍ରଚାରାର୍ଥେ ଆମ୍ଭେମାନେ ଏହି ମହାଗ୍ରନ୍ଥକୁ ଫେବୃୟାରୀ ତା ୨୬ ରିଖ ପର୍ଯ୍ୟନ୍ତ ଟ ୧୭୳ ସ୍ଥଳେ ଟ ୧୦୳ ରେ ଦେଉଥିଲୁଁ । ଏଣିକି ଆଉ ସେପରି ନ ଦେଇ ଗ୍ରାହକମାନଙ୍କୁ ଆଉ ଏକ ବିଶେଷ ସୁବିଧା ଓ ସୁଯୋଗ ଦେଉଅଛୁଁ । ଯେଉଁମାନେ ଏହି ମହାଭାରତରୁ ୧ ସେଟ୍ ମଗାଇବେ, ସେମାନେ ତାହାସହିତ ନିମ୍ନରେ ଦିଆଯାଉଥିବା ପୁରସ୍କାରମାନଙ୍କ ମଧ୍ୟରୁ ଯେ କୌଣସି ପୁରସ୍କାର ଇଚ୍ଛାକରିବେ ତାହା ପାଇପାରିବେ ।

୧ମ ପୁରସ୍କାର—(୧) ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ । ସଚିତ୍ର ସପ୍ତକାଣ୍ଡ ରାମାୟଣ— ଟ ୨ୟ, ଏଥିରେ ସାତଖଣ୍ଡି ବିରଙ୍ଗ ଓ ଏକରଙ୍ଗ ଚିତ୍ର ଅଛି । ଭାଷା ଅତି ପ୍ରାଞ୍ଜଳ ଓ ମଧୁର । (୨) ଅମରକୋଷ (ସଟୀକ) ଟ ୧( (୩) ବତିଶ ସିଂହାସନ ଟ ॰ ୳

୨ୟ ପୁରସ୍କାର—(୧) ଉତ୍କଳ ପ୍ରକୃତି ଟ ୧( (୨) ଦାକ୍ଷିଣାତ୍ୟ ଭ୍ରମଣ ଟ ୧। (୩) ମହାତ୍ମା-ଗାନ୍ଧୀଙ୍କ ଜୀବନୀ ଟ ୦ ୳୵ (୪) ରୂପାରୂଢ଼ୀ (ଉପନ୍ୟାସ) ଟ ୧(

୩ୟ ପୁରସ୍କାର—(୧)ସେ ୧ ଟ ଭାଗବତ ଟ ୫( (୨) ଖାଂଶ୍ରୁ ଓଡ଼ିଆ ପକେଟ ଅଭିଧାନ ଟ ୧।

୪ର୍ଥ ପୁରସ୍କାର—ସେ ୧ ଟ ନୃସିଂହପୁରାଣ ଟ ୭(

କେଉଁ ଗ୍ରାହକଙ୍କର କେଉଁ ପୁରସ୍କାର ଲୋଡ଼ା, ସ୍ପଷ୍ଟ ଲେଖିବେ । ଯେଉଁମାନେ ପୁରସ୍କାର ସହିତ ପୁସ୍ତକ ନେବେ ସେମାନେ ଅଗ୍ରୀମ ଟ ୩( ପଠାଇବେ । ଅଥବା ଯେଉଁମାନେ କେବଳ ମହାଭାରତ ମଗାଇବେ, ପୁରସ୍କାର ନେବାକୁ ଇଚ୍ଛୁକ ହେବେନାହିଁ ସେମାନେ ପ୍ରତି ଟଙ୍କାରେ ଟ ୦ ୵ ଲେଖାଏ କମିଶନ ପାଇବେ । ଇତି ।

ପ୍ରାପ୍ତିସ୍ଥାନ

ପଣ୍ଡିତ ଶ୍ରୀ ଅକୁଳ ମିଶ୍ର କାବ୍ୟତୀର୍ଥ, ମେନେଜର କଟକ ଟ୍ରେଡିଂକୋମ୍ପାନୀ,

ବାଲୁବଜାର ପୋଃ ଅଃ ଚୁଡ଼ଙ୍ଗାଚୌକ କଟକ ।


Digitized by srujanika@gmail.com

# THE SAHAKAR.

Editor—Annapurna Devi monthly, in Oriya Illustrated. Its Subjects are new every month.

It has passed its fifth year and is now in its sixth. Do you read Sahakar ? Get a copy from *Manager, Sahakar, Idigaparia Cuttack.*

## ସହକାର

### ସଚିତ୍ର ଓଡ଼ିଆ ମାସିକ-ପତ୍ରିକା

ସମ୍ପାଦିକା—ଶ୍ରୀ ଅନ୍ନପୂର୍ଣ୍ଣା ଦେବୀ । ସହକାରର ବିଷୟମାନ ସର୍ବଦା ନୂତନ । ଏହା ପଞ୍ଚମ ବର୍ଷ ଅତିକ୍ରମ କରି ୬ଷ୍ଠ ବର୍ଷରେ ପଦାର୍ପଣ କରୁଅଛି । ଆପଣ ସହକାର ପଢ଼ନ୍ତୁ ! ନିମ୍ନ ଠିକଣାକୁ ଲେଖନ୍ତୁ—ମ୍ୟାନେଜର, ସହକାର, ଇଦ୍‌ଗାପଡ଼ିଆ, କଟକ ।

# VAITARANI.

*An English Monthly.*

The First and the Newest of Venture If you are a patriot you ought to help the cause by immediately subscribing to it. Remove the shame that Orissa should at this day of the year be without an English Monthly. *Write to Manager, Vaitarani, Idigaparia. Cuttack.*

# HINDUSTHAN.

Co-Operative Insurance Society: Ltd.
Head Office:—Hindusthan Buildings, CALCUTTA.
Bonus Declared Rs. 75/- per Rs. 1000/- insured
Enables you to insure your life with all bright prospects.
Write to-day for Prospectus.
For a descent earning influential gentlemen are invited for Agency,
*Please Apply to :—*
Mr. S. E. Biswas; Inspector of Agents
*Balu Baxar, Cuttack.*

# Orissa Gold, Silver and Jewllery Works

Estd. 1921

*Proprietor:-Radha govind Ray.*
*Firm:-Chandni chauk.*
*Cuttack.*

AGRICULTURAL & INDUSTRIAL EXHIBITION-BALASORE 1911—
This Certificate and a gold medal is awarded to Babu Radhagovinda Ray, Cuttack in recognition of the excellence of his filgree works

*S. K. Augus*
*Magistrate of Presidents*

Bihar & Orissa Exhibition, Patna, 1919.—
Special prize of silver medal has been awarded to Babu Radha gobinda Ray of Cuttack for exhibitting gold and silver work

P. K. Singha.
Secretary.

THE BHAGALPUR EXHIBITION, 1922:-
Gold medal has been Awarded to Babu Radhagovinda Ray of Cuttack for exhibiting gold and Jewellery works.

J. Sen
President.

IMPORTANT ANNOUNCEMENT
We buy back, old and used gold and silver Ornaments at our manufacture at full current Value of gold and silver. without deducting soldering(ପାନ)depreciation

Right Quality and true value of our things are the causes at our prosperity

**A TRIAL ORDER IS MUCH SSLICITAED.**

Digitized by srujanika@gmail.com

# S A, QUDDOOS.

## Photographic Artist

BUXI BAZAR, CUTTACK.

Oldest and Cheapest House in Orissa.

*Photograph at Night can also be taken.*

# Developing and Printing for Amteurs

## CAREFULLY DO: E

Potraits of Children by instantaneous exposure.
ILFORD ROLL FILM
&
High Class Picture Framing are always kept ready.

# Life-Like Permanent Bromide,

## ENLARGEMENT.

*Highly finished with Cut-out Mount*

*Ever ready at*

Always immitated but never equalled.

LOWEST RATE. PRE ABSOLUTE SECURITY

# NATIONAL.

## INSURANCE Co., Ld

HEAD OFFICE—7, Church Lane, *CALCUTTA.*

PROGRESIVE INDIAN INSURANE OMPANY

(Established—1906)

## NEW LIFE BUSINESS

| | | |
|---|---|---|
| 1922 | Rs. | 57, 31, 000/- |
| 1923 | Rs. | 59, 04, 000/- |
| 1924 | Rs. | 62, 93, 500/- |

*FOR ORISSA:--CHIEF AGENT Mr. J. C SEN, CUTTACK.*

*Please apply for Prospectus & Forms*


Digitized by srujanika@gmail.com



ଅଳ୍ପ ବୟସରେ ନାରୀର ମସ୍ତକର କେଶ ଉପୁଡିଗଲେ

ତାହା କେଡେ ଅସୁନ୍ଦର କଥା ତାହା

ସେହିମାନେ ଜାଣନ୍ତି

କିନ୍ତୁ

# କ୍ୟାନ୍ଥାରାଇଡିନ୍ ହେୟାର ଅୟେଲ

ଲଗାଇଲେ କେଶମୂଳ ସବଳ ହୁଏ, କେଶ ପୁଷ୍ଟ, କୃଷ୍ଣ, ଘନ ଓ ସତେଜ ହୁଏ; ତାହାଛଡା ମୁଣ୍ଡବ୍ୟଥା, ଅଧାକପାଳି, ଅକାଳପକ୍ୱତା ଆଦି ଯାବତୀୟ କେଶ ଓ ଶିରରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । କେଶବର୍ଦ୍ଧନର ଉପଯୋଗୀ ଏପରି ସୁଗନ୍ଧ ତୈଲ ଅନ୍ୟ ନାହିଁ ।

ମୂଲ୍ୟ ଚାରିଆଉନ୍ସ ଶିଶି ଟ ୧ ୲

କେଶପାଇଁ ଯାହାଙ୍କ ଔଷଧ ବ୍ୟବହାରର ପ୍ରୟୋଜନ ନାହିଁ ସେମାନେ

# ସୁରଭିତ ନାରିକେଳ ତୈଳ

ବ୍ୟବହାର କରନ୍ତୁ

ତିଳତେଲ ଶୀଘ୍ର ବିକୃତହୋଇ **ଦୁର୍ଗନ୍ଧ** ଜାତ କରଥାଏ । ଜଡାତେଲ ସ୍ୱଭାବତଃ ଘନ —ଏଣୁ ମୁଣ୍ଡରେ ଧୂଳିଜମି ମୁଣ୍ଡ ଅପରିଷ୍କାର କରେ କିନ୍ତୁ ନଡିଆତେଲ **ସର୍ବାପେକ୍ଷା**—

ଲଘୁ ! ସ୍ନିଗ୍ଧ !! ଅବିକାରୀ !!!

ଯନ୍ତ୍ରଙ୍କ ପରିଶୁଦ୍ଧ ନାରିକେଳ **ତୈଳରୁ** ଏହି ତେଲ ପ୍ରସ୍ତୁତହୋଇଛି ।

ରୋଜ୍, ଲ୍ୟାଭେଣ୍ଡର, ବେ, କଲୋନ, ପ୍ରତ୍ୟେକ ଶିଶି ଟ ୧ ୲

**ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫର୍ମାସିଉଟିକ୍ୟାଲ ଓ୍ୱାର୍କସ ଲିମିଟେଡ଼**

କଲେଜ ସ୍କୋୟାର **କଲିକତା** ।


Digitized by srujanika@gmail.com

ଦେଶୀ ଓ ବିଲାତୀ ବସ୍ତ୍ରମାନଙ୍କ ପ୍ରସିଦ୍ଧ ଓ ବହୁ ପୁରାତନ ବ୍ୟବସାୟୀ

ଟେଲିଗ୍ରାମ ଭଗବତୀ

# ମେସର୍ସ ରାଧାକୃଷ୍ଣ ଗିରିଧାରୀ ଲାଲ

ଟେଲିଫୋନ ୪୪

ନୟାସଡ଼କ— କଟକ

ବଲାତି, ମାନ୍ଦ୍ରାଜୀ, ସିଲମ, ଉପାଡ୍ଡ୍ ଚନ୍ଦ୍ରକଣା, ଗୋଦାବରୀ, ବନାରସୀ, ମୁର୍ଶିଦାବାଦୀ ଓ ଅନ୍ୟାନ୍ୟ ଦେଶମାନଙ୍କର ସମସ୍ତପ୍ରକାର ଲୁଗା, ଶାଢ଼ୀ, ଚଦର, ପୋଷାକକନା ଇତ୍ୟାଦି ବିକ୍ରୟପାଇଁ ବହୁଳ ପରିମାଣ ଓ ବହୁଳ ପ୍ରକାରରେ ସର୍ବଦା ଗଚ୍ଛିତ ଥାଏ ।

## କାନପୁର ଉଲ ମିଲର୍ କଟକରେ ଆମ୍ଭେମାନେ ଏକମାତ୍ର ଏଜେଣ୍ଟ

ବିବାହ ମଙ୍ଗଳକୃତ୍ୟ ଓ ସାଧାରଣ ଉତ୍ସବ ପାଇଁ ଲୁଗା କିଣିବାକୁ ହେଲେ ଥରେ ଆମ୍ଭ ଦୋକାନରେ ଆସି ପରୀକ୍ଷା କରନ୍ତୁ ।

## ଜିନିଷ ଭଲ ଓ ଦାମ ଶସ୍ତାରେ ପାଇବେ ।

---

ଉତ୍କଳର ଭଦ୍ରମଣ୍ଡଳ ଓ ସଜ୍ଜନବର୍ଗଙ୍କର ସୁପରିଚିତ

## ଆୟୁର୍ବେଦୀୟ ଆରୋଗ୍ୟ ନିକେତନ

ବିଖ୍ୟାତନାମା

# ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ

ଭିଷକ୍‌ରତ୍ନ

ଆଲମଚାନ୍ଦ ବଜାର, କଟକ ।

ବର୍ତ୍ତମାନ ଉତ୍କଳ କଂଗ୍ରେସ କର୍ମୀ ଶ୍ରୀ ଗୋପବନ୍ଧୁ ଦାସ ବି, ଏଲ୍ କହନ୍ତି ଚିକିତ୍ସା ତାଙ୍କର କେବଳ ଜୀବନୋପାୟ ବ୍ୟବସାୟ ନୁହେ । ଏହାଦ୍ୱାରା ଯେ ମାନବର ଅଶେଷ ହିତ କରାଯାଇପାରେ ଏହି ଜ୍ଞାନରେ ସେ ରୋଗୀମାନଙ୍କର ଚିକିତ୍ସା କରିଥାନ୍ତି । ଯେଉଁମାନେ ତାଙ୍କର ଚିକିତ୍ସାର ସୁଯୋଗ ଥରେ ପାଇଛନ୍ତି ତାଙ୍କୁ କେବେ ଛାଡ଼ି ପାରିବେନାହିଁ । ଇତି । ୧୦—୭—୧୯

ଶ୍ରୀଯୁକ୍ତ ରାଜକିଶୋର ଦାସ, ରାଏବାହାଦୂର କହନ୍ତି—ସେ ରୋଗ ନିର୍ଣ୍ଣୟ କରିବା ବିଷୟରେ ସାବଧାନ ଓ ଯତ୍ନବାନ୍ ଏବଂ ବାସ୍ତବରେ ଜଣେ ବିଶ୍ୱାସୀ ଲୋକ * * * ଅନ୍ୟାନ୍ୟ ବହୁ ଚିକିତ୍ସକଙ୍କର ପରିତ୍ୟକ୍ତ ଗୋଟିଏ ବହୁଦିନର ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି * * * ।

## ରୋଗ ବିବରଣ ଲେଖିଲେ ମଫସଲକୁ ମଧ୍ୟ ଔଷଧ ପଠାଇଥାଉଁ,
## ଔଷଧ ତାଲିକା ପାଇଁ ପତ୍ରଲେଖନ୍ତୁ ।


Digitized by srujanika@gmail.com

# FASHON-HOUSE.

BANKA BAZAR, CUTTACK.

NO MORE TO CALCUTTA, NO MORE TO EUROPEAN FIRMS

*to beg Fashion.*

We have succeeded in the Art to Challenge the foreign market

*orders are pouring forth every day.*

Young-men of education are invited to take their training in the art from our *L. Mohanty*-who after passing the art in the College of Calcutta Tailoring took his training in the renowned firms there for years to-gether.

*Trial Orders will Support Own Statement.*

---

# ଲକ୍ଷ୍ମୀଭଣ୍ଡାର ।

କେ, ମହାପାତ୍ର ଓ ଡି, କେ, ଦାସ ପ୍ରୋପାଇଟର୍‌ସ୍

ନୟାସଡ଼କ—କଟକ

# ରେସମୀ ଓ ସୂତାଲୁଗା ।

ବିଶୁଦ୍ଧ ଅରଣ୍ଡକଣ୍ଠା ସୂତାର ସବୁ ରକମ ଖଦଡ଼ ବିକ୍ରୟହୁଏ ।

ଗୋଦାବରୀ, ଉପାଡା, ସେଲମ, ବନାରସୀ ଓ ମୁର୍ଶିଦାବାଦୀ ଶାଢ଼ୀ ।

ବଙ୍ଗଲକ୍ଷ୍ମୀ, କାନପୁର, ମୋହିନୀ ଓ ଶ୍ରୀରାମପୁର ମିଲ୍‌ଲୁଗା ।

ଆମ୍ଭମାନଙ୍କର ସହିତ କାର୍‌ବାର୍‌କଲେ ଆମ୍ଭମାନଙ୍କର ମୂଲ୍ୟାଦି କେତେ
ସସ୍ତା ଓ ସୁବିଧା ବୁଝିପାରିବେ

ପତ୍ର ଲେଖିଲେ ଜିନିଷ ପାର୍ଶେଲ ଦ୍ୱାରା ପଠାଇଦେଉଁ ।

ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com

## —ବିଧାନ—

ପ୍ରଚ୍ଛୁର—ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକପାଇଁ ଗ୍ରାହକ ନୋହିଲେ ଖୁଚୁରା ସଂଖ୍ୟା ଦିଆ ଯାଏନାହିଁ ।

ଏବର୍ଷପାଇଁ ବାରୁଣୀ ପ୍ରତିଋତୁରେ ଖଣ୍ଡେ ଲେଖାଏଁ ବାହାରିବ । ପ୍ରତି ସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସପ୍ତାହରେ ବାହାରିବା କଥା ।

ଗ୍ରାହକ—ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ମୂଲ୍ୟ ତିନିଟଙ୍କା, ଅନ୍ୟଥା ତିନିଟଙ୍କା ବାରଣା ଓ ଭିଃ ପିଃ ରେ ନେଲେ ସୁବିଟଙ୍କା ।

ବାରୁଣୀ ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ । ଗ୍ରନ୍ଥ ବା ପାଠାଗାର ନିମନ୍ତେ ଅଲଗା ମୂଲ୍ୟ ନାହିଁ ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡ଼ାକଘର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ ।

ଡ଼ାକଘର ଗୋଳମାଳରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବରାବର ଗୋଳମାଳ ଘଟେ ସେମାନଙ୍କର ରେଜେଷ୍ଟ୍ରୀ ଡ଼ାକରେ ନେବା ଉଚିତ ।

ପତ୍ରିକା ପଠାଯିବାର ଦି ୨୦ ନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟାପାଇଁ ଆବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେ ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ-ସଚିବ—ବାରୁଣୀମନ୍ଦିର, ବାଙ୍କାବଜାର, କଟକ" ଏହି ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକ ନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତିସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ । ଏକମାସ-ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ । ତଦୂର୍ଦ୍ଧ୍ୱ ସମୟପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ ।

### ବିଜ୍ଞାପନ—

| | |
|---|---|
| ସାଧାରଣ ଏକ ପୃଷ୍ଠା | ଆଠଟଙ୍କା |
| „ ଅର୍ଦ୍ଧ | ପାଞ୍ଚଟଙ୍କା |
| ଚତୁର୍ଥ „ | ତିନିଟଙ୍କା |
| ଟାଇଟଲ ସମ୍ମୁଖ ଓ ପାଠ୍ୟ ଶେଷରେ ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| „ ଅର୍ଦ୍ଧ „ | ଛଅଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡ଼ିଏଟଙ୍କା |
| „ „ ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| „ „ ଅର୍ଦ୍ଧପୃଷ୍ଠା | ଆଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସାରାବର୍ଷପାଇଁ ପ୍ରତ୍ୟେକର ସୁବିଗୁଣ ଦେବାକୁ ପଡ଼େ ।

ଅନ୍ୟାନ୍ୟ ବିଶେଷ ପୃଷ୍ଠା ପତ୍ରେ ଜ୍ଞାତବ୍ୟ ।

ସାଧାରଣ ମୂଲ୍ୟରେ ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବୀ କଲେ ତାହା ଗ୍ରାହ୍ୟ ହେବନାହିଁ ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିନ ଆଗରୁ ଜଣାଇବା ପ୍ରୟୋଜନ । ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏନାହିଁ ।

ସ୍ଥୂଳପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏନାହିଁ ।

ବିଜ୍ଞାପନ-ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକମାନ ଅତି ସାବଧାନରେ ଛପାଯାଏ । ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷ ହେବା ୧ମାସ ପରେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ ।

ବିଜ୍ଞାପନ ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ ।

ବିଜ୍ଞାପନରେ ଆମ୍ଭର 'ମୂଲଚାଲ' ନାହିଁ । ଏହାହିଁ ନିର୍ଦ୍ଦିଷ୍ଟ ନିୟମ ।

କର୍ମ-ସଚିବ
ବାରୁଣୀମନ୍ଦିର, ବାଙ୍କାବଜାର—କଟକ ।

Digitized by srujanika@gmail.com

## ସଂପାଦକୀୟ—

ଲେଖକମାନେ ପ୍ରବନ୍ଧାଦି ଓ ତତ୍‌ସମ୍ପର୍କିତ ସମ୍ବାଦ 'ସଂପାଦକ ବାରୁଣୀ'ଙ୍କ ନାମରେ ପଠାଇବେ ଓ ସର୍ବଦା ପ୍ରେରିତ ପ୍ରବନ୍ଧର ନକଲ ରଖିବେ—କାରଣ, ଅମନୋନୀତ ପ୍ରବନ୍ଧ ପ୍ରାୟ ଫେରାଇଦେବା ସମ୍ଭବ ହୁଏନା ।

ସମଗ୍ର ପାଣ୍ଡୁଲିପି ହସ୍ତଗତ ନ ହେଲେ କ୍ରମଶଃ ପ୍ରକାଶ୍ୟ ପ୍ରବନ୍ଧ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ ।

ଲେଖକମାନଙ୍କର ପ୍ରବନ୍ଧ କାହିଁକି ପ୍ରକାଶିତ ନ ହେଲା, ସମ୍ପାଦକ ସେ କୈଫିୟତ ଦେବାକୁ ଅକ୍ଷମ ।

ସଚିତ୍ର ପ୍ରବନ୍ଧାଦି ପ୍ରୟୋଜନୀୟ ଚିତ୍ରାଦି ସହ ପତ୍ରିକା ପ୍ରକାଶର ଅନ୍ତତଃ ଦେଢ଼ମାସ ପୂର୍ବରୁ ହସ୍ତଗତ ହେବା ଉଚିତ ।

ତ୍ରିବର୍ଣ୍ଣ ଚିତ୍ର ଏକବର୍ଣ୍ଣଚିତ୍ର ଓ ରେଖା-ଚିତ୍ରାଦି ବିଷୟରେ ମଧ୍ୟ ଏହି ବ୍ୟବସ୍ଥା ।

ସଂପାଦକ—ବାରୁଣୀ ମନ୍ଦିର
ବାଙ୍କାବଜାର—କଟକ ।

---

ଉତ୍କଳ

ପତ୍ରିକାମାନଙ୍କ ଦ୍ୱାରା ପ୍ରଶଂସିତ

ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ବି, ଏଙ୍କ କୃତ

# କୁମାରୀ

ବାଳିକାମାନଙ୍କର ଉପଯୋଗୀ ମନୋହର ଗୀତ ବହି ।

ସରଳ ଭାଷା ! ସୁନ୍ଦର ଭାବ !! ମଧୁର ରାଗ !!!

ଆପଣଙ୍କ ଝିଅ, ଝିଆରୀ, ଭଉଣୀଙ୍କ ସକାଶେ ଖଣ୍ଡିଏ କିଣନ୍ତୁ । ବାଳିକାମାନେ ଏ ପୁସ୍ତିକା ଖଣ୍ଡି ହାତରେ ପାଇଲେ ଧରୁ ନ ଶିଖି ଛାଡିବେନାହିଁ ।

ଉତ୍କଳ ମିଲ କାଗଜରେ ଛପା ଠ ୦/୬ ମାତ୍ର ।

କଟକର ବହି ଦୋକାନରେ ମିଳେ ।

# TO ADVERTISERS

## OF

# BARUNEE.

We have engaged agents all through Orissa and Calcutta Town to gather advertisements for Barunee. These who intend advertising in Barunee may consult with them or directly to our office.

We strictly discourage the habit of paying for Advertisements to our agents. Every payment regarding advertisements must be made directly to the office.

**No payment will be recognised unless it is made to the office and a receipt obtained for it.**

This rule cancells all previous ones.

Digitized by srujanika@gmail.com

# ବିଦଗ୍ଧା ଦମୟନ୍ତୀ ହଂସକୁ ଦୂତ କରି ପଠାଇଥିଲେ

ଏକଥା ତ ପୁରାଣରେ ଶୁଣାଯାଏ

କିନ୍ତୁ

କେତେଜଣ ଲୋକ ତାହା ପ୍ରକୃତରେ ବିଶ୍ୱାସ କରନ୍ତି ?

—ସେହିପରି—

ଏକସ୍ଥାନରେ ବସି ଓଡ଼ିଆ, ଇଂରାଜୀ, ବଙ୍ଗଳା ଆଦି ସମସ୍ତ ଭାଷାର ସବୁଧରଣର ପୁରୁଣା, ନୂଆ ବହି ଯେ ଏକାଠି ମିଳିପାରେ—



—ଥରେ ନକେ ଆସି—

## ପ୍ରାଚୀ ଭଣ୍ଡାର—

ପୋଃ ଅଃ ବାଲୁବଜାର ଗୁନ୍ଦମାଗୋଲି କଟକରେ ପହଞ୍ଚି

## ଆଖିରେ ନ ଦେଖିଲେ

ଆପଣ ବିଶ୍ୱାସ କରିବେ ନାହିଁ ।

ଖାଲି ବହି ନୁହେଁ, ଲେଖାପଢ଼ାର ସମସ୍ତ ସରଞ୍ଜାମ ଓ ଷ୍ଟେସନାରୀ ଦ୍ରବ୍ୟ ମାନ ମଧ୍ୟ ପାଞ୍ଚ ପଚିଶ ରକମର ଏଠି ଦେଖିପାରିବେ ଓ କିଣିପାରିବେ ।

ମଫସଲର ଅର୍ଡ଼ରମାନ ସୁବିଧାରେ ପଠାଉଥାଉଁ ।


Digitized by srujanika@gmail.com

# ସାମାନ୍ୟ ବ୍ଲକଟି ଲାଗି

ଆଉ କଲିକତା ଲେଖି ହଇରାଣ ଓ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ ।

ଲାଇନ, ହାଫଟୋନ ଓ ଇଲେକ୍‌ଟ୍ରୋର ସମସ୍ତ ପ୍ରକାର ବ୍ଲକ ଆମ୍ଭେମାନେ

# କଲିକତାଠାରୁ ସୁଲଭରେ ହାତପାଖରେ ତିଆର କରି ଦେବୁଁ ।

——ଏଣିକି

[illegible] ଓ ଅନ୍ୟ [illegible] ଲାଗି [illegible] କଲିକତାକୁ ଲେଖି ସମୟ
ଅପଚୟ କରିବାକୁ ପଡିବ ନାହିଁ ।
ଯଦି ଥରେ

# ବାରୁଣୀ କଳା-ଭବନ

ଚାନ୍ଦିବଜାର     କଟକ

ରେ

ଆପଣ ବ୍ଲକପାଇଁ ଅର୍ଡର ଦିଅନ୍ତୁ

## ମୂଲ୍ୟ ତାଲିକା ।

| | | | |
|---|---|---|---|
| ଲାଇନବ୍ଲକ | | ବର୍ଗ ଇଞ୍ଚ | [illegible] |
| [illegible] | [illegible] | | [illegible] |
| ହାଫଟୋନ | [illegible] | | [illegible] |
| ଏକକ | [illegible] | | [illegible] |
| ତିନିରଙ୍ଗା | [illegible] ହାଫଟୋନ | | [illegible] |
| ଇଲେକ୍ଟ୍ରୋ | [illegible] | | [illegible] |

ବିସ୍ତାରିତ ମୂଲ୍ୟ ତାଲିକା ପାଇଁ ଆଜି ପତ୍ର ଲେଖନ୍ତୁ ।


Digitized by srujanika@gmail.com